


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-22 WEDNESDAY 16 JULY 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୨୨ ବୁଧବାର ୧୬ ଜୁଲାଇ ୨୦୨୫ ପୃଷ୍ଠା-୧୨ ଟ.୬.୦୦

# ନିର୍ଯାତନା ନିଆଁ
# କ୍ରୋଧରେ ଜଳୁଛି ଓଡ଼ିଶା

## ଆଜି ବିଜେଡିର ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ

■ ଭୁବନେଶ୍ୱର, ୧୫।୭ (ସମିସ): ସାରା ଓଡ଼ିଶା ସ୍ତବ୍ଧ। ବିଫଳ ସରକାରୀ ବ୍ୟବସ୍ଥା, ଶାସନ ଗାଦିରେ ବସିଥିବା ନେତାଙ୍କ ଚରମ ଦାୟିତ୍ୱହୀନତା ଜଣେ ଛାତ୍ରୀର ଜୀବନ ନେଇଗଲା। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଥିବା ସୌମ୍ୟାଶ୍ରୀ ଜୀବନଯୁଦ୍ଧରେ ହାରିଗଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସରକାର, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ନିଜ ଦଳର ନେତାଙ୍କ ଉପରୁ ଆସ୍ଥା ହରାଇ ନିଜ ଦେହରେ ନିଆଁ ଲଗାଇ ଦେଲା। ଶେଷରେ ବ୍ୟବସ୍ଥାକୁ ବିଦ୍ରୂପ କରି ଆଖି ବୁଜିଦେଲା। ରାତାରାତି ସୌମ୍ୟାଶ୍ରୀର ଶବକୁ ସରକାର ପୁଲିସ ଲଗାଇ ତା'ର ଗାଁକୁ ପଠାଇଦେଲେ। ବାଲେଶ୍ୱରର ସୁଦୂର ପଳାଶିଆ ଗାଁ ମାଟିରେ ସୌମ୍ୟାଶ୍ରୀଙ୍କ ଚିତା ଜଳିଛି ଓ ଏହି ଚିତାରେ ମଧ୍ୟ ଜଳିଛି ସରକାରଙ୍କ

### ଜନ୍ମମାଟି ପଳାସିଆରେ ସୌମ୍ୟାଶ୍ରୀଙ୍କ ଅନ୍ତିମ ସଂସ୍କାର

ବାହାସ୍ଫୋଟ, ଦମ୍ଭ, ବେପରୁଆ ମାନସିକତା। ଯାହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି କ୍ଷୋଭ, କ୍ରୋଧ। ମାଲକାନଗିରିରୁ ମୟୂରଭଞ୍ଜ ଯାଏ ଉଠିଛି ପ୍ରତିବାଦର ସ୍ୱର। ସରକାର କ'ଣ ଏମିତି ଚାଲେ ବୋଲି ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି। ସୌମ୍ୟାଶ୍ରୀର ଅକାଳ ମୃତ୍ୟୁ ପାଇଁ ଉତ୍ତରଦାୟୀ କିଏ ? ଶାସନ ଓ ବ୍ୟବସ୍ଥାର ଦୋଛକିରେ ଚାଲିଗଲା ନୀରିହ ଛାତ୍ରୀର ଜୀବନ। ଏକ ପକ୍ଷରେ ବିଜେଡି ଏହାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ଦଳମତ ନିର୍ବିଶେଷରେ ସାଧାରଣରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ସୁଦୂର ▸ପୃଷ୍ଠା-୭

## କଂଗ୍ରେସର ଓଡ଼ିଶା ବନ୍ଦ ୧୭ରେ



## ଏକ ସଂଗଠିତ ହତ୍ୟା: ରାହୁଲ



■ ଭୁବନେଶ୍ୱର, ୧୫।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ନେଇ ଡବଲ ଇଂଜିନ ସରକାରକୁ ଭର୍ତ୍ସନା କରିଛନ୍ତି ଲୋକସଭାର ବିରୋଧୀଦଳ ନେତା

### ନ୍ୟାୟ ପାଇଁ ଲଢ଼ି ଆତ୍ମାହୁତି: ପ୍ରିୟଙ୍କା

ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପିର ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା। ସାହସୀ ଛାତ୍ରୀ ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ; କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ଚାଲିଥିଲେ। ପ୍ରତ୍ୟେକ ଥର ପରି ଏଥର ମଧ୍ୟ ବିଜେପିର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଫଳରେ ଏକ ନିର୍ଦ୍ଦୋଷ ଝିଅ ନିଜକୁ ଜାଳି ଦେବାକୁ ବାଧ ହୋଇଥିଲା। ଓଡ଼ିଶା ହେଉ କି ମଣିପୁର, ଦେଶର ଝିଅମାନେ ଜଳୁଛନ୍ତି, ଭାଙ୍ଗି ପଡୁଛନ୍ତି, ମରୁଛନ୍ତି; କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ବସିଛନ୍ତି। ଦେଶ ପ୍ରଧାନମନ୍ତ୍ରୀଙ୍କ ନୀରବତା ଚାହେଁ ନାହିଁ, ▸ପୃଷ୍ଠା-୭

## ଯୋଜନାବଦ୍ଧ ଅନ୍ୟାୟ: ନବୀନ

### ବିଫଳ ବ୍ୟବସ୍ଥା, ଆନୁଷ୍ଠାନିକ ବିଶ୍ୱାସଘାତକତା

### ମୃତ୍ୟୁର ଉତ୍ତରଦାୟୀ ରୁହନ୍ତୁ କ୍ଷମତାସୀନ ବ୍ୟକ୍ତି



■ ଭୁବନେଶ୍ୱର, ୧୫।୭ (ସମିସ): ଏମ୍ସରେ ଚିକିତ୍ସିତ ଥିବା ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ଅନ୍ୟାୟ ଏବଂ ଏଥିପାଇଁ ବିଫଳ ସରକାରୀ ବ୍ୟବସ୍ଥା ଦାୟୀ ବୋଲି ଉଲ୍ଲେଖ କରି ଏହା ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ ବୋଲି କହିଛନ୍ତି। କେହି ଜଣେ ଉତ୍ତରଦାୟିତ୍ୱ ନେଇ ଘଟଣାର ହସ୍ତକ୍ଷେପ କରିଥିଲେ, ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ତେଣୁ କେବଳ କଲେଜ କର୍ତ୍ତୃପକ୍ଷ ନୁହନ୍ତି; କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ହୁଅନ୍ତୁ। ରାଜ୍ୟପାଳ ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ▸ପୃଷ୍ଠା-୭

## ବଢ଼ିବ ତଦନ୍ତ ପରିସର: ରାଜସ୍ୱ ମନ୍ତ୍ରୀ

■ ଭୁବନେଶ୍ୱର, ୧୫।୭ (ସମିସ): ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାରେ ପୂର୍ବରୁ ଲାଗିଥିବା ଦଫା ବଦଳିବା ସହ ତଦନ୍ତ ପରିସର ଆହୁରି ବଢ଼ିବ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଘଟଣାରେ ସାମଗ୍ରିକ ବିଷୟ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରୁଛୁ। ଗୁଡ଼ିଏ ତଥ୍ୟ ହାସଲ ହୋଇଥିବା ବେଳେ କିଛି ତଥ୍ୟ ହସ୍ତଗତ ହେବା ବାକି ରହିଛି। ସମ୍ପୂର୍ଣ୍ଣ ତଥ୍ୟ ହାସଲ ପାଇଁ କିଛି ସମୟ ଲାଗିବ। ଆମେ ଏପରି ଏକ ବ୍ୟବସ୍ଥା ତିଆରି କରିବା, ଯେପରି ଆଉ କେହି ଏପରି ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେବେ ନାହିଁ। ଏଥିପାଇଁ ଟିକେ ସମୟ ଆବଶ୍ୟକ ହେବ ବୋଲି ସେ କହିଛନ୍ତି। ▸ପୃଷ୍ଠା-୭

## ଦୋଷୀଙ୍କୁ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

### ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା

■ ଭୁବନେଶ୍ୱର, ୧୫।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ମୁଖ୍ୟମନ୍ତ୍ରୀ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଅଧ୍ୟକ୍ଷଙ୍କ ବିରୋଧରେ ଲାଗିଲା ସଙ୍ଗୀନ ଦଫା

■ ବାଲେଶ୍ୱର, ୧୫।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗତକାଲି ଗିରଫ ହୋଇଥିବା ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଅଧ୍ୟକ୍ଷଙ୍କ ନାମରେ ୭ଟି ସଙ୍ଗୀନ ଦଫା ଲଗାଯାଇଛି। ଏହା ଭିତରେ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇବା (ବିଏନ୍‌ଏସ୍-୧୦୮) ଭଳି ସଂଗିନ୍ ଦଫା ରହିଛି। ସେହିପରି ଅନ୍ୟ ଦଫାଗୁଡ଼ିକ ହେଲା, ଶାରୀରିକ ନିର୍ଯାତନା ଦେବା ବିଏନ୍‌ଏସ୍-୭୫(୨), ଶାରୀରିକ ସମ୍ପର୍କ ରଖିବା ପାଇଁ ଇଛା ପ୍ରକାଶ କରିବା ବିଏନ୍‌ଏସ୍-୭୮(୨), କଥାରେ କିମ୍ବା ଇଙ୍ଗିତରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରିବା ବିଏନ୍‌ଏସ୍-୭୯, ଧମକ ଦେବା ବିଏନ୍‌ଏସ୍-୩୫୧(୨), ଜାଣିଶୁଣି ପ୍ରମାଣ ଲୁଚାଇବା ବିଏନ୍‌ଏସ୍-୨୩୮ ଏବଂ ମିଳିତ ଭାବେ ଷଡ଼ଯନ୍ତ୍ର କରିବା ବିଏନ୍‌ଏସ୍-୬୧(୨) ଇତ୍ୟାଦି।

## ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କଲା ୟୁଜିସି

■ ଭୁବନେଶ୍ୱର, ୧୫।୭ (ସମିସ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ପକ୍ଷରୁ ମଙ୍ଗଳବାର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ନୂଆଦିଲ୍ଲୀସ୍ଥିତ ଗୁରୁଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ସମେତ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିରଜା ଗୁପ୍ତା ଏବଂ ସଂଯୋଜକ ଭାବେ ଡଃ ଅସୀମା ମଙ୍ଗଳା(ୟୁଜିସି ଯୁଗ୍ମ ସଚିବ) ରହିଛନ୍ତି। ଏହି କମିଟି ବାଲେଶ୍ୱରରେ ସରଜମିନ୍ ତଦନ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଶିକ୍ଷାନୁଷ୍ଠାନ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଥିଲା ତାହା ▸ପୃଷ୍ଠା-୭

# ମହାକାଶରୁ ଫେରିଲେ ଶୁଭାଂଶୁ

## କାଲିଫର୍ଣ୍ଣିଆ ଉପକୂଳରେ ସୁରକ୍ଷିତ ଅବତରଣ



### ୧୨.୨ ନିୟୁତ କିମି ଯାତ୍ରା କରି ପ୍ରତ୍ୟାବର୍ତ୍ତନ

■ କାଲିଫର୍ଣ୍ଣିଆ, ୧୫।୭ (ଏଜେନ୍ସି): ଭାରତର ଗଗନଯାନ ଯାତ୍ରୀ ତଥା ଗ୍ରୁପ୍ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ପୃଥିବୀକୁ ଫେରିଛନ୍ତି। ପ୍ରଥମ ଭାରତୀୟ ମହାକାଶ ଯାତ୍ରୀ ଭାବେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିଲେ। ଆଇଏସଏସରେ ଦୀର୍ଘ ୧୮ ଦିନ ରହିବା ପରେ ଦୀର୍ଘ ୨୨.୫ ଘଣ୍ଟାର ଯାତ୍ରା କରି ଶୁଭାଂଶୁ ମଙ୍ଗଳବାର ଅପରାହ୍ଣ ୩ଟା୨ରେ ସାନ୍ ଡିଏଗୋ ନିକଟସ୍ଥ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛନ୍ତି। ସ୍ପେସ୍‌ଏକ୍ସର 'କ୍ରୁ କ୍ୟାପ୍‌ସୁଲ ଗ୍ରେସ' ଶୁଭାଂଶୁଙ୍କ ସହିତ ଅନ୍ୟ ତିନି ମହାକାଶ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ମହାସାଗରରେ ପଡ଼ିଛି। ଏହାର ୫୦ ମିନିଟ ପରେ ଏହି ମହାକାଶଯାନରୁ ଶୁଭାଂଶୁଙ୍କୁ ବାହାରକୁ ବାହାର କରାଯାଇଥିଲା। ସେ ଅଗଷ୍ଟ ୧୭ରେ ଭାରତ ଫେରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଐତିହାସିକ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଜଣାଇଛନ୍ତି। ଶୁଭାଂଶୁ ନିଜ ସମର୍ପଣ, ସାହସ ଦ୍ୱାରା ଅନେକ ସ୍ୱପ୍ନକୁ ପ୍ରେରଣା ଯୋଗାଇଛନ୍ତି। ଏହା ଭାରତର ନିଜସ୍ୱ ମହାକାଶ ଅଭିଯାନ ଗଗନଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୋଦୀ କହିଛନ୍ତି। ପୁଅ ଫେରିବାକୁ ନେଇ ଶୁଭାଂଶୁଙ୍କ ▸ପୃଷ୍ଠା-୭

# ଆଜି ପ୍ରବଳ ବର୍ଷା ଆଶଙ୍କା

■ ଭୁବନେଶ୍ୱର, ୧୫।୭ (ସମିସ): ଦକ୍ଷିଣ-ପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା, ବାଂଲାଦେଶ ଉପକୂଳ ଅଞ୍ଚଳରେ ସକ୍ରିୟ ଥିବା ଅବପାତ ସାମାନ୍ୟ ଦୁର୍ବଳ ହୋଇ ସଦୃଶ ଲଘୁଚାପର ରୂପ ନେଇଛି। ବର୍ତ୍ତମାନ ଏହା ଉତ୍ତର ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳ ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡ, ଦକ୍ଷିଣ ବିହାର ଓ ଉତ୍ତରପ୍ରଦେଶ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳେ ଆଉ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି କିଛି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।



ବିଶେଷକରି ଉତ୍ତର-ପଶ୍ଚିମ ଓଡ଼ିଶାରେ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପ୍ରଭାବରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ଆଶଙ୍କା ରହିଛି। ଫଳରେ ଏହି ସବୁ ନଦୀରେ ବନ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆସନ୍ତା ୨୪ଘଣ୍ଟା ପାଇଁ ବିଶେଷ କରି ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲା ପାଇଁ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଜଳ ପ୍ରବାହ ସ୍ଥିତି ଯୋଗୁଁ ସାମ୍ଭାବ୍ୟ ଅଚାନକ ବନ୍ୟା ପରିସ୍ଥିତି ବା ଫ୍ଲାସଫ୍ଲଡ ହେବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ସତର୍କ ରହିବା ପାଇଁ ସୂଚୀତ କରାଯାଇଛି। ବନ୍ୟା ଦ୍ୱାରା ପନିପରିବା ଫସଲ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଜଳବନ୍ଦୀ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୧୮ କିମ୍ବା ୧୯ ବେଳକୁ ଆନ୍ଧ୍ର ନିକଟସ୍ଥ ସମୁଦ୍ର ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉତ୍ତର ବଙ୍ଗୋପସାଗରରେ ମିଆଁମାର ଦେଇ ଆସୁଥିବା ଏକ ଲଘୁଚାପ ସହ ୨୪-୨୫ ବେଳକୁ ମିଶିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପ କିମ୍ବା ସୁଦୃଶ ଲଘୁଚାପ ରୂପେ ଓଡ଼ିଶା/ପଶ୍ଚିମବଙ୍ଗ ଦେଇ ଗତି କରିବାର ସମ୍ଭାବନା ରହିଛି।

# ୨୦ ଲକ୍ଷ ଲୋକଙ୍କ ପେଟକୁ ଦାନା ବନ୍ଦ

■ ଭୁବନେଶ୍ୱର, ୧୫।୭ (ସମିସ): ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି। ସେଥିପାଇଁ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଇ-କେୱାଇସି କରିବା ପରେ ସରକାର ଚାଉଳ ଦେବେ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ସେ କହିଛନ୍ତି ଯେ ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରାଯିବ ଓ କାର୍ଡଗୁଡ଼ିକୁ ସେହି ସମୟରେ ଅଚଳ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନ କରିବେ, କାର୍ଡଗୁଡ଼ିକୁ କାଟି ଦିଆଯିବ।

ରାସନ କାର୍ଡରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଯେଉଁମାନେ ଏହି ପ୍ରକ୍ରିୟାରେ କୌଣସି କାରଣବଶତଃ ସାମିଲ ହୋଇପାରିବେନି, ସେମାନଙ୍କ ଘରକୁ ଯାଇ ଯୋଗାଣ ବିଭାଗର ଅଧିକାରୀମାନେ ତାଙ୍କର ସ୍ଥିତବସ୍ଥା ଯାଞ୍ଚ କରିବେ। ସେମାନେ ରାଜ୍ୟ ବାହାରେ ଥିଲେ ଅବା କୌଣସି କାରଣବଶତଃ ଇ-କେୱାଇସି କରିପାରିନଥିବେ, ଯାଞ୍ଚ କରି ସେହି ଅନୁସାରେ ପଦକ୍ଷେପ ନେବେ। ବାସ୍ତବରେ କେତେ ଯୋଗ୍ୟ ହିତାଧିକାରୀ

### ଚିନ୍ତାରେ ପ୍ରବାସୀ ଶ୍ରମିକ ଓ ବରିଷ୍ଠ ନାଗରିକ

ରାସନ ପାଉଛନ୍ତି, ଚିହ୍ନଟ ପାଇଁ ଯୋଗାଣ ବିଭାଗ ଏଭଳି ବ୍ୟବସ୍ଥା ଆପଣାଇଛି ବୋଲି ଯୋଗାଣ ମନ୍ତ୍ରୀ ସେତେବେଳେ କହିଥିଲେ; ମାତ୍ର ଏବେ ଇ-କେୱାଇସି କରିନଥିବା ଲୋକଙ୍କୁ ରାସନ ମିଳିବନି ବୋଲି ମନ୍ତ୍ରୀ କହିବା ଅନେକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଏହାପରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କର ଭାଳେଣି ପଡ଼ିଛି। ସେମାନେ ବାହାରେ ରହୁଥିବାରୁ ଇ-କେୱାଇସି କରିପାରୁନାହାନ୍ତି। ଏପରିସ୍ଥଳେ ଚାଉଳ ନ ମିଳିଲେ ଗରିବ ଲୋକ କେମିତି ଗୁଜୁରାଣ ମେଣ୍ଟାଇବେ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି।

ବର୍ଷକ ତଳେ ରାଜ୍ୟରେ ଇ-କେୱାଇସି ଆରମ୍ଭ ହୋଇଥିଲା। ରାସନ ଡିଲର୍‌ମାନେ ପରିବାର ସମସ୍ତଙ୍କର ଆଧାରକାର୍ଡ ଅନୁସାରେ ଇ-କେୱାଇସି କରୁଥିଲେ। ବାହାରେ ରହୁଥିବା ଲୋକମାନେ ଅସୁବିଧାରେ ପଡ଼ିଲେ। ସରକାର କହିଲେ, ଜନସେବା କେନ୍ଦ୍ର ସାହାଯ୍ୟରେ ବି ଲୋକମାନେ ନିଜର ଇ-କେୱାଇସି ଅପ୍‌ଡେଟ୍ କରିବେ। ହେଲେ ଏହି ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ତେଣୁ ଲୋକମାନେ ବାହାରେ ରହୁଥିବାରୁ ଏହି ପ୍ରକ୍ରିୟାରେ ସାମିଲ ▸ପୃଷ୍ଠା-୭

# ଓଡ଼ିଶାର ଗାଁ ନେଇଯିବ ଆନ୍ଧ୍ର !

■ ପାରଳାଖେମୁଣ୍ଡି/ ରାୟଗଡ଼, ୧୫।୭ (ସମିସ): ଗଜପତି ଜିଲ୍ଲା ସୀମାନ୍ତରେ ପୁଣି ଆନ୍ଧ୍ର ଦାଦାଗିରି କରିଛି। କିଛି ଦିନ ହେଲା ରାୟଗଡ଼ ବ୍ଲକ୍ ଗଙ୍ଗାବାଡ଼ ପଞ୍ଚାୟତର ଅମରିଙ୍ଗି, ମାଣିକପାଟଣା, ବୁରୁସିଂ ଆଦି ଗ୍ରାମାଞ୍ଚଳକୁ ଆନ୍ଧ୍ରର ତହସିଲଦାର, ଆର୍‌ଆଇ ଏବଂ କିଛି ଅଜଣା ବ୍ୟକ୍ତି ବିଶେଷ ଆସି ଗ୍ରାମବାସୀଙ୍କୁ ଆନ୍ଧ୍ରରେ ମିଶିବାକୁ ପ୍ରବର୍ତ୍ତାଉଛନ୍ତି। ଏପରିକି, ଏଠାରେ ଥିବା ସମସ୍ତ ଭିତ୍ତିଭୂମଗୁଡ଼ିକ ଆନ୍ଧ୍ର ସରକାରଙ୍କ ବୋଲି ଦାବି କରି ପ୍ରଚାରପ୍ରସାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଅଧିକାରୀ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ପୁଲିସ୍ ସଦଳବଳେ ପହଞ୍ଚି ତଦନ୍ତ କରିଛନ୍ତି। ବିବାଦୀୟ ଗ୍ରାମାଞ୍ଚଳକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି।



ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗତ କିଛିଦିନ ହେଲା ଆନ୍ଧ୍ରର ଅଧିକାରୀ ଓ ବ୍ୟକ୍ତି ବିଶେଷ ଆସି ଓଡ଼ିଶାର ଗ୍ରାମାଞ୍ଚଳରେ ପଶି ଧମକ ଚମକ ଦେବା ସହ ଏହି ଗ୍ରାମଗୁଡ଼ିକ ନିଜର ବୋଲି ଦାବି କରିଥିଲେ। ସେମାନେ ଯେଉଁ ଗ୍ରାମକୁ ଯାଇଛନ୍ତି, ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ରହିଛି। ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ସମସ୍ତ ଭିତ୍ତିଭୂମି କରାଯାଇଛି। କୋଠଘରଠାରୁ ଆରମ୍ଭ କରି ସିସିରୋଡ୍, ଫରେଷ୍ଟ ଅଫିସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପଲବ୍ଧ କରାଯାଇଛି। ଏପରିକି, ଏହି ଗ୍ରାମଗୁଡ଼ିକ ରାଜସ୍ୱ ସର୍କଲରେ ରହିଥିବାର ସମସ୍ତ ଦସ୍ତାବିଜ୍ ଅଛି। ସେମାନେ ଆସି ଏଠାକୁ ଅଯଥାରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆନ୍ଧ୍ରରୁ କେହି ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ଆସି ଅପପ୍ରଚାର କଲେ, ସେମାନଙ୍କୁ ଅଟକ ରଖି ପୁଲିସ କିମ୍ବା ପ୍ରଶାସନକୁ ଜଣାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ▸ପୃଷ୍ଠା-୭

## ସବୁଠି ପ୍ରତିବାଦର ସ୍ୱର

# କିଏ ଫେରାଇବ ସୌମ୍ୟାଶ୍ରୀଙ୍କ ଜୀବନ

ବରଗଡ଼,୧୫।୭ (ସମିସ)

ବହୁ ଚର୍ଚ୍ଚିତ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ମାମଲା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରଛି। ସେପଟେ ଆମ୍ ଘୋଷିତ ଲୋକଙ୍କ ସରକାର ବୋଲାଉଥିବା ରାଜ୍ୟ ବିଜେପି ସରକାର ସାଧାରଣ ଜନତାଙ୍କୁ କିପରି ସୁରକ୍ଷା ଦେଉଛନ୍ତି ତାର ନଗ୍ନ ଚିତ୍ର ଆଜି ସାରା ଭାରତ ବର୍ଷରେ ଓଡ଼ିଶାକୁ ଲଜ୍ଜିତ କରିଛି। ଏହି ଘଟଣା ରାଜ୍ୟ ସରକାରଙ୍କ ଅପାରଗ ପଣିଆକୁ ପଦାରେ ପକାଇ ଦେଇଛି। ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଥିବା ବେଳେ ଦିନକୁ ଦିନ ରାଜ୍ୟରେ ମହିଳାଙ୍କ ଜୀବନ ବିପନ୍ନ ହେବାରେ ଲାଗିଛି। ସ୍ଥାନୀୟ ବିଜେପି ବିଧାୟକ, ସାଂସଦ ପ୍ରତାପ ଷଡଙ୍ଗୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,




କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭଳି ପ୍ରମୁଖ ବିଜେପି ନେତାଙ୍କୁ ଏଫ୍‌ଏମ୍ କଲେଜର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ଜଣେ ଅଧ୍ୟାପକଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହେଉଥିବା ଉଲ୍ଲେଖ କରି ନ୍ୟାୟ ଭିକ୍ଷା କରିଥିଲେ। କିନ୍ତୁ ତାଙ୍କ ଆକୁଳ ନିବେଦନ ପ୍ରତି ରାଜ୍ୟ ସରକାର ନିଦାବିଷ୍ଟୁ ସାଜି ଅଣଦେଖା କରିଥିଲା। ଶେଷରେ ସେ ଆତ୍ମାହୁତି ଦେବା ଘଟଣା ସମଗ୍ର ରାଜ୍ୟ ଓ ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି ବୋଲି ବରଗଡ଼ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଗାନ୍ଧୀ ଛକ ଠାରେ ବିଜେଡି ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସମୟରେ ଅପାରଗ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ

### ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାରଙ୍କୁ ଜବାବ ମାଗିଲା ବିଜେଡି

ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ କଳ୍ପନା ମାଝୀ, ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ୍ ବିଜେଡି ସଭାପତି ପ୍ରଫୁଲ୍ଲ ନାଏକ, ଛାତ୍ର ନେତା କରନ ସିକନ୍ଦର, ଉମା ଚରଣରାଉତ, ପିଙ୍କୁନ ମହାନ୍ତି, ଅକ୍ଷୁର ବାରିକ, ସୁନିତି ପଣ୍ଡା, ଜ୍ୟୋତ୍ସ୍ନା ପାଇକ, ରାଜୁ ଦାଶ, ରୋଷନ୍ ପ୍ରଧାନ, ବେଦମତି ସେଟ୍, ତୁଷାର ସ୍ୱାଇଁ, ଅନିଲ ଦଳାଇ, ରବି ସାହୁ, ରୋହିତ ବାରିକ ଅବିନାଶ ମଲ୍ଲିକ, ଅନୁପ ଶତପଥୀ, କବିତା ବେହେରା, ବେଲାର ମେହେର, ସୁରୁ ପ୍ରଧାନ ଅବିନାଶ ମଲ୍ଲିକ, ଅଶ୍ୱିନୀ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ବିଜେପି ସରକାରର ଶାସନ ବ୍ୟବସ୍ଥାକୁ କଟୁ ସମାଲୋଚନା କରିବା ସହ ସାଧାରଣ ଜନତାଙ୍କୁ ଏ ସରକାର ସୁରକ୍ଷା ଦେବାରେ ବିଫଳ ହୋଇଥିବାରୁ ଶାସନରେ ରହିବାର ନୈତିକ ଅଧିକାର ନାହିଁ ବୋଲି ଉଲ୍ଲେଖ କରିଥିଲେ। ଯେଉଁ ଶାସନ ବ୍ୟବସ୍ଥାର ଉଦାସୀନତା ଓ ଅପାରଗତା ପାଇଁ ଛାତ୍ରୀଟ ଜଣକର ଜୀବନ ଚାଲିଗଲା; ସେହି ବ୍ୟବସ୍ଥାରେ ମୃତ ସୌମ୍ୟାଶ୍ରୀର ଜୀବନ ଫେରାଇବ କିଏ ବୋଲି ରାଜ୍ୟ ବିଜେପି ସରକାରଙ୍କୁ ବିଜେଡି ନେତୃ ମଣ୍ଡଳୀ ପ୍ରଶ୍ନ କରିଛି।

## ବିଜେଡି ତରଫରୁ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଭେଁଡରିଆ ଛକରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁର ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରିଛି। ସୌମ୍ୟାଶ୍ରୀଙ୍କ ପାଇଁ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ଶୋଭାଯାତ୍ରାରେ ବାହାରି ଯୁବନେତା ଭୋଜରାଜ ସିଂ ବରିହାଙ୍କ ନେତୃତ୍ୱରେ ବରିଷ୍ଠ ନେତା ପ୍ରଶାନ୍ତ ମହାନ୍ତି, ଟାଉନ ସଭାପତି ନବ କିଶୋର ସାହୁ, ଭରତ ପଣ୍ଡା, ସରଜୁ ପଟ୍ଟନାୟକ, ସୌମ୍ୟ ହୋତା, ନବୁ ଅଗ୍ରୱାଲ, ଅଚ୍ୟୁତାନନ୍ଦ ସେଠ୍, ଠାକୁର ପଣ୍ଡା, ବୀର୍ ଶର୍ମା ପ୍ରମୁଖଙ୍କ ସହ ଛାତ୍ରମାନେ ଓ ବିଜେଡି କର୍ମୀ ରାଜ୍ୟରେ ନାରୀ ଅସୁରକ୍ଷା ସମ୍ପର୍କରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ଇସ୍ତଫା ଦାବି କରିଥିଲେ।

## ଛାତ୍ରୀ ମୃତ୍ୟୁକୁ ନେଇ ଗର୍ଜିଲା ଛାତ୍ର କଂଗ୍ରେସ

ବରଗଡ଼,୧୫।୭ (ସମିସ): ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଗାନ୍ଧୀଛକରେ ବିଜେପି ବିରୋଧରେ ବରଗଡ଼ ଛାତ୍ର କଂଗ୍ରେସ ଗର୍ଜିଛି। ମଙ୍ଗଳବାର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ କଂଗ୍ରେସ ପକ୍ଷରୁ ସମ୍ପୃକ୍ତ ଦୋଷୀକୁ ଫାଶୀ ଦଣ୍ଡ ସହ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାହୋଇଛି। ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ



ଓ ସ୍ଥାନୀୟ ପ୍ରତିନିଧି ମାନଙ୍କୁ ନିଜ ସମସ୍ୟା ଜଣାଇଥିଲେ ମଧ୍ୟ କେହି ସମସ୍ୟା ପ୍ରତି ଧ୍ୟାନ ଦେଇ ନ ଥିଲେ। ତାଙ୍କ ଅବହେଳା ଯୋଗୁଁ ଆଜି ଜଣେ ନିରୀହ ଛାତ୍ରୀଙ୍କ ଜୀବନ ଯାଇଥିବା ବେଳେ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ରାଜ୍ୟ ଛାତ୍ର କଂଗ୍ରେସର ଉପସଭାପତି ଗୌରବ ପତି ଆଜାଦଙ୍କ ସହ ବହୁ ସଂଖ୍ୟାରେ ଛାତ୍ର କଂଗ୍ରେସର ସଦସ୍ୟ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଭୟାଭୟ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି

ବରଗଡ଼,୧୫।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଏକ ହତ୍ୟା ପର୍ଯ୍ୟାୟ ଜଘନ୍ୟ ଘଟଣା ଏବଂ ହାଇକୋର୍ଟର ସିଟିଂ ଜର୍ଜଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ବରଗଡ଼ ମହିଳା ସମିତି ସରକାରଙ୍କ ଠାରେ ଦାବି ଜଣାଇଛି। ଆଜି ସମିତିର ସଦସ୍ୟା ଗୀତା ମିଶ୍ରଙ୍କ ସଭାପତିତ୍ୱ ଏବଂ ସମ୍ପାଦିକା ଶୁଧାଂଶୁବାଲା ଦାଶଙ୍କ ପରିଚାଳନାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୌମ୍ୟାଶ୍ରୀ ବିଶି ଏବଂ ସାମ୍ବାଦିକା ସୀମନ୍ତିକା ନନ୍ଦଙ୍କ ବିୟୋଗରେ ସମିତି ସଭ୍ୟା ମମତା ମିଶ୍ର ଓ ବିନୋଦିନୀ ପଧାନ ଶୋକ ପ୍ରସ୍ତାବ ଆଗତ କରିଥିଲେ। ନିଜ ଅଧ୍ୟାପକ ଗୁରୁଙ୍କ ଦ୍ୱାରା ଯୌନ ଉତ୍ପୀଡ଼ନର ଶିକାର ସୌମ୍ୟାଶ୍ରୀ ନ୍ୟାୟ ଆଶାରେ ଦୀର୍ଘ ୬ ମାସ ଧରି ଲଢ଼େଇ କରି, ସୁରକ୍ଷା ଆଶାରେ ବାର ଦୁଆର ହେବାପରେ ହତାଶ ହୋଇପଡିଥିଲେ। ଶେଷରେ ଆତ୍ମାହୁତି ଦେବା ପାଇଁ ଚରମ




ପଦକ୍ଷେପ ନେଲେ। ତାଙ୍କ ଗୁହାରୀ କେହି ଜଣେ ହେଲେ ଶୁଣିଥିଲେ, ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ମୃତ୍ୟୁକୁ ଶ୍ରେୟମଣି ନଥାନ୍ତେ। ଶୋକସଭାରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ଏକ ଜଘନ୍ୟ ହତ୍ୟା ଭାବେ ସମିତି ବିଚାର କରେ ବୋଲି କୁହାଯାଇଥିଲା। ଏହାସହ ଘଟଣାର ତଦନ୍ତ ହାଇକୋର୍ଟର ସିଟିଂ ଜର୍ଜଙ୍କ ଦ୍ୱାରା କରାଯାଇ ଏଥିପାଇଁ ଦାୟୀ ସମସ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କ ଠାରେ ସମିତି ଦୃଢ଼ ଦାବି ଜଣାଇଛି। ଏହା ସାଙ୍ଗକୁ ସୌମ୍ୟାଶ୍ରୀଙ୍କ ପରିବାର ବର୍ଗଙ୍କୁ ସମିତି ପକ୍ଷରୁ ଗଭୀର ସମବେଦନା ଜ୍ଞାପନ କରାଯାଇଛି। ଅନ୍ୟ ଏକ ଶୋକ ପ୍ରସ୍ତାବରେ ଦୈନିକ ସମ୍ବାଦପତ୍ରର ପୂର୍ବତନ ବରଗଡ଼ ଜିଲ୍ଲା ପ୍ରତିନିଧି ସୀମନ୍ତିକା ନନ୍ଦଙ୍କ ଆକାଳ ବିୟୋଗ ଯୋଗୁଁ ସମିତି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଥିଲା। ସଦସ୍ୟା ଗଣ ଡ.କମଳିନୀ ଶତପଥୀ, କନକ ପଧାନ, ସୁନିତା କର, ସ୍ୱାଧିନୀ ଦାଶ, ମାମୀ ମିଶ୍ର, ବାସନ୍ତୀ ଗଡତିଆ, ପ୍ରଣତି ପଣ୍ଡା, ଜୟଗୀତା ପଣ୍ଡା, ଜୟନ୍ତୀ ପ୍ରଧାନ, ଅନିମା ଚକ୍ରବର୍ତ୍ତୀ, ଭାଗ୍ୟଲକ୍ଷ୍ମୀ ଦୋରା, ଭାରତୀ ମିଶ୍ର, ତନିମା ଦାଶ, ସୁଜାତା ପଣ୍ଡା, ପଦ୍ମିନୀ ସାହୁ, ରାଧାରାଣୀ ପଟ୍ଟନାୟକ, ମୀନା ପଣ୍ଡା, ଦିବ୍ୟକାନ୍ତି ଭୋଇ, ପ୍ରତିମା ପାତ୍ର, ସୌଭାଗ୍ୟଲକ୍ଷ୍ମୀ ମିଶ୍ର, ସଂଘମିତ୍ରା ପଟେଲ, ମଞ୍ଜୁଳା ସାହୁ, ସୁଷମା ପଣ୍ଡା ପ୍ରମୁଖ ଉଭୟ ଦିବଙ୍ଗତଙ୍କ ଫଟୋ ଚିତ୍ରରେ ପୁଷ୍ପ ଦେଇ, ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ନୂଆଁଖାଇ ପାଇଁ ଜର୍ଣ୍ଣାଲିଷ୍ଟ ଆସୋସିଏସନର ପ୍ରସ୍ତୁତି

ବରଗଡ଼,୧୫।୭ (ସମିସ): ଝାରବନ୍ଧ ଜର୍ଣ୍ଣାଲିଷ୍ଟ ଆସୋସିଏସନର ନୂଆଁଖାଇ ଭେଟଘାଟ ତଥା ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ପାଇଁ ଝାରବନ୍ଧ ବନଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ଆସୋସିଏସନର ସଭାପତି ସାମ୍ବାଦିକ ମୋତିଲାଲ ବାଗଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ନିଆରା ଢଙ୍ଗରେ ନୂଆଁଖାଇ ଭେଟଘାଟ ପାଳନ ଏବଂ ଅଞ୍ଚଳର କଳା ସଂସ୍କୃତି ଭାଷା ସାହିତ୍ୟ ପରମ୍ପରାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ମତ ପ୍ରକାଶ ପାଇଥିଲା। ଗତବର୍ଷ ପରି ପ୍ରତ୍ୟେକ କ୍ଷେତ୍ରରେ ବ୍ଲକ୍‌ର ଗର୍ବ ଓ ଗୌରବକୁ



ଆଗକୁ ନେଇ ସଫଳତା ହାସଲ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରିବା, କାର୍ଯ୍ୟକ୍ରମରେ ଯୋଗଦାନ ପାଇଁ ଅତିଥିଙ୍କୁ ନିମନ୍ତ୍ରଣ କରିବା ଏବଂ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ସେପ୍ଟେମ୍ବର ମାସ ପ୍ରଥମ ସପ୍ତାହରେ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଥିଲା। ବୈଠକରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସମ୍ପାଦକ ସୋମନାଥ ବାଗ ଗତ ବର୍ଷର ଆୟୋଜନର ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ସୌଦାଗର ବରିହା, ମିଡିଆ ପ୍ରଭାରୀ ନାରାୟଣ ଶତନାମୀ, ସଦସ୍ୟ ବାସନ୍ତୀ ପାଇକ ପ୍ରମୁଖ ପ୍ରସ୍ତୁତି ବୈଠକରେ ସାମିଲ ଥିଲେ।

## ସର୍ଗିଜୁରୀରୁ ସାପଲହର ରାସ୍ତା ଶୋଚନୀୟ

ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଉପଖଣ୍ଡ ସର୍ଗୀଜୁରୀ, ଲୋହାରପାଲି ଚାରିଛକ ଠାରୁ ସାପଲହର ପର୍ଯ୍ୟନ୍ତ ରାସ୍ତାର ଶୋଚନୀୟ ଅବସ୍ଥା ହୋଇଛି। ଛାତ୍ରଛାତ୍ରୀ ପାଠପଢ଼ି ଯାଉଥିବା ବେଳେ ଦୁର୍ଘଟଣା ଶିକାର ହେଉଛନ୍ତି। ପଥିକ, ମହିଳା, ରୋଗୀ, ବୃଦ୍ଧବୃଦ୍ଧାଙ୍କ ପାଇଁ ଯାତାୟାତ କରିବା ଜଟିଳ ହୋଇଛି। ଏ ସମ୍ପର୍କରେ ଅନେକ ଥର ପ୍ରଶାସନର ନଜରକୁ ଆଣିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଅଧିକାରୀ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ରାସ୍ତାର ମରାମତି କରିବାକୁ ମତ ପ୍ରକାଶ ପାଇଛି।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ



ବରଗଡ଼,୧୫।୭ (ସମିସ): ବରଗଡ଼ ବରପାଲି ଫାର୍ମାସିଷ୍ଟ କଲେଜର ପରିଚାଳନା କମିଟି କର୍ତ୍ତୃପକ୍ଷ ଏବଂ ସଦସ୍ୟଙ୍କ ଦ୍ୱାରା କଲେଜ କର୍ମଚାରୀ ଓ ଛାତ୍ରୀମାନଙ୍କ ଉପରେ ଯୌନ ଉତ୍ପୀଡ଼ନ, ଅନ୍ୟାୟ, ଅତ୍ୟାଚାର, ମାନସିକ ନିର୍ଯାତନା ଏବଂ ଦୁର୍ନୀତି ହେଉଥିବା ଅଭିଯୋଗ କରାଯାଇଛି। ଏହା ବିରୋଧରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ବରଗଡ଼ ନିଶାମଣି ହାଇସ୍କୁଲ ପଡିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏଦିଗରେ ଜିଲ୍ଲା ପ୍ରଶାସନ ଚୁପ ଥିବା ବେଳେ ପୀଡିତାଙ୍କ ପାଇଁ ନ୍ୟାୟ ଦାବି କରାଯାଇଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଜିଲ୍ଲାପାଳ ଓ ଏସପିଙ୍କ କାର୍ଯ୍ୟାଳୟରେ ତାଲା ମରାଯିବ ବୋଲି ଲବ ସୁନା ଚେତାବନୀ ଦେଇଛନ୍ତି।

## ରାଧାକୃଷ୍ଣ ମୂର୍ତ୍ତି ଚୋରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଅମ୍ବାଭୋନା,୧୫।୭ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ବିର୍ଜୁପାଲି ଗାଁର ବଲ୍ଲଭ ଭୁଏ ମଙ୍ଗଳବାର ଏସଡିଜେଏମ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛି। ୨୦୨୨ ମସିହାରେ ବିର୍ଜୁପାଲି ଗାଁର ମନ୍ଦିରରେ ପୂଜା ପାଉଥିବା ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରୀ ହୋଇଥିଲା। ଏ ବାବଦରେ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହୋଇଥିଲା। ମୂର୍ତ୍ତି ଚୋରି କରିଥିବା କାଶୀପାଲି ଗାଁର ବଲ୍ଲଭ ଭୁଏକୁ ଅମ୍ବାଭୋନା ପୁଲିସ ଗିରଫ କରିଥିଲା। ଚୋରି ହୋଇଥିବା ରାଧାକୃଷ୍ଣ ମୂର୍ତ୍ତି ସମ୍ବଲପୁର ଜିଲ୍ଲା ବରେଇପାଲି ଥାନା ନୂଆପଡା ସ୍ଥିତ ଲକ୍ଷ୍ମୀ ଓରାମଙ୍କ ପାଖରୁ ପୁଲିସ ଜବତ କରିଥିଲା। ଏସଡିଜେଏମ କୋର୍ଟରେ ମକଦ୍ଦମାର ବିଚାର ଚାଲିଥିଲା। କୋର୍ଟ ମାମଲାର ଶୁଣାଣି କରି ଅଭିଯୁକ୍ତ ବଲ୍ଲଭ ଭୁଏକୁ ଦୋଷୀ ସାବ୍ୟସ୍ତ କରି ଦୁଇ ବର୍ଷ ଛଅ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତା ସହିତ



୮୦୦୦ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଟଙ୍କା ନ ଦେଲେ ଅଭିଯୁକ୍ତକୁ ଆହୁରି ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ଶୁଣାଇଛନ୍ତି।

## ବୃକ୍ଷ ବିନା ସୃଷ୍ଟି ଅସମ୍ଭବ

### ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ

ବରଗଡ଼,୧୫।୭ (ସମିସ)

ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ପୃଥିବୀର ଜୀବନରେଖା ଅଧୁରା ଅଟେ। ବର୍ତ୍ତମାନ ସାରା ରାଜ୍ୟରେ ସୁସ୍ଥ ପରିବେଶ ଗଠନ ପାଇଁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବଲିଢ଼ିପା ଝାରବନ୍ଧ ପରିସରରେ ଇକୋ କ୍ଲବ୍ ଆନୁକୂଲ୍ୟରେ 'ବୃକ୍ଷ ଅଟେ ବଳ, ବୃକ୍ଷ ଦିଏ ଫଳ, ବୃକ୍ଷ ଦିଏ ଅମ୍ଳଜାନ, ବୃକ୍ଷ ବିନା ପରା ସୃଷ୍ଟି ଅସମ୍ଭବ ଗଢ଼ିଛନ୍ତି ଭଗବାନ' ଉକ୍ତି




ଆଧାରରେ ଅଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ବିପିନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାମାଜିକ ବିଜ୍ଞାନ ଶିକ୍ଷକ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରାଯାଇ ଥିଲା।

### ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ପଦ୍ମପୁର: ପଦ୍ମପୁର ଉପଖଣ୍ଡ ଲଖମରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁବ ରେଡକ୍ରସ



ଆନୁକୂଲ୍ୟରେ ବନ ମହୋତ୍ସବ ପାଳନ ହୋଇଛି। ଅଧ୍ୟକ୍ଷ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ପରିବେଶ, ଜଙ୍ଗଲ ସୁରକ୍ଷା ସମ୍ପର୍କିତ ସଚେତନ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଶାସନ ଅଧିକାରୀ ତଥା ପରିବେଶ ପ୍ରେମୀ ଲିଙ୍ଗରାଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ବୃନ୍ଦ, ଛାତ୍ରଛାତ୍ରୀ ବୃକ୍ଷରୋପଣ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କରାଯାଇଥିଲା।

### ବାଜେନମୁଣ୍ଡା ବିଦ୍ୟାଳୟ



ଦହିତା: ପଦ୍ମପୁର ଉପଖଣ୍ଡ ବାଜେନମୁଣ୍ଡା ଗାଁର ସରକାରୀ ୟୁପି ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ପ୍ରଦୀପ ସାହୁ ସଭାପତିତ୍ୱ କରି 'ମାଁ ପାଇଁ ଗଛଟିଏ'ର ତାତ୍ପର୍ଯ୍ୟ କହିଥିଲେ। ଶିକ୍ଷକ ମନୋଜ ପଣ୍ଡା ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି କେଆରପି ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରସନ୍ନ ମେହେର ଓ ସମ୍ମାନିତ ଅତିଥି ଭାବେ କଳା ଶିକ୍ଷକ ଚନ୍ଦ୍ର ଶେଖର ବାରିକ ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ସାହା, ଲକ୍ଷ୍ମଣ ମେହେର, ମହେନ୍ଦ୍ରୀ ସେଠ, ଅଶୋକ ସାହୁ, ନଳିନୀକାନ୍ତ ବିଶ୍ୱାଳ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରସନ୍ନ ମେହେର ୧୦୦ଟି ଚାରାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଣ୍ଟନ କରିଥିଲେ।

### ଅତାବିରା ବରିଷ୍ଠ ନାଗରିକ ସଂଘ

ଅତାବିରା: ଅତାବିରା ବ୍ଲକ୍ ବରିଷ୍ଠ ନାଗରିକ ସଂଘ ପକ୍ଷରୁ 'ଗ୍ରୀନ ଅତାବିରା ବ୍ଲକ୍, କ୍ଲିନ ଅତାବିରା ବ୍ଲକ୍' ଅଭିଯାନରେ ଅତାବିରା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସଂଘର ବହୁ ସଦସ୍ୟ, ବିଦ୍ୟାଳୟର ଇକୋ କ୍ଲବ୍ ଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଭାରତ ଚନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ରଘୁନାଥ ବିଶ୍ୱାଳ, ନବୀନ ଦାଶ, ମଙ୍ଗୁଲୁ ବିଶ୍ୱାଳ, ବେଣୁଧର ମିଶ୍ର, ସୁବୋଧ ବାରିକ, ଲବ ସାହୁ, ବଳିରାଜ ଭୋଇ, ଗୁଣନିଧି ପ୍ରଧାନ, ପ୍ରଫୁଲ୍ଲ ଦର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।



## ୧୬ରେ ସହଯୋଗର ଦ୍ୱିତୀୟ ବାର୍ଷିକ ଉତ୍ସବ

ପଦ୍ମପୁର,୧୫।୭ (ସମିସ): ପଦ୍ମପୁର ଉପଖଣ୍ଡର ଅଗ୍ରଣୀ ଅନୁଷ୍ଠାନ 'ସହଯୋଗ' ଦ୍ୱିତୀୟ ବର୍ଷରେ ପାଦ ଥାପିବାକୁ ଯାଉଛି। ଏ ନେଇ ସୋମବାର ଏକ ବୈଠକ ହୋଇଯାଇଛି। ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଝାଙ୍କରପାଲି ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଆସନ୍ତା ୧୬ ତାରିଖ ପଦ୍ମପୁର କଲେଜ ରୋଡ ସ୍ଥିତ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପରେ ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ ପାଳନ କରାଯିବ। ଏହି ଅବସରରେ ପଦ୍ମପୁର ହସ୍ପିଟାଲରେ ଦେଖା ଦେଉଥିବା ରକ୍ତ ଅଭାବ ସମସ୍ୟାକୁ ନେଇ ରକ୍ତଦାନ ଶିବିର ଆୟୋଜିତ କରାଯିବ। ଶିବିରରେ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସମ୍ପାଦକ ତାପସ ନାୟକ ଅନୁରୋଧ କରିଛନ୍ତି। ବାର୍ଷିକ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ କୁନାଲ ମୋତିରାମ ଚଭନ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଓ ଉପଖଣ୍ଡ ଚିକିତ୍ସାଧିକାରୀ ଡ.ଆଶୁତୋଷ ହୋତା ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି। ବୈଠକରେ ସଭାପତି ମୌସମ ପାଗଡା, କୋଷାଧ୍ୟକ୍ଷ ପ୍ରଭୁ ଦତ୍ତ ପଣ୍ଡାଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ସାର ସଙ୍କଟ ଓ କଳାବଜାର ରୋକିବାକୁ କୃଷକ ସଙ୍ଗଠନର ଦାବିପତ୍ର

ବରଗଡ଼,୧୫।୭ (ସମିସ): ସାର ସଙ୍କଟ ଓ କଳାବଜାରୀ ରୋକିବାକୁ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଯୁକ୍ତ କୃଷକ ସଙ୍ଗଠନ ବରଗଡ଼ ଜିଲ୍ଲାର ୧୨ଟି ବ୍ଲକ୍‌ର ୧୫ଟି ପ୍ରଗତିଶୀଳ ସଂଗଠନର ସମନ୍ୱୟ ଅଟେ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି ହୋଇଥିବାରୁ କୃଷି ଏବଂ କୃଷକଙ୍କ ସମସ୍ୟା ପ୍ରାୟତଃ ଲାଗି ରହିଥାଏ। ଏଣୁ ଅତି ସମ୍ବେଦନଶୀଳ ହୋଇ ଚାଷୀଙ୍କର ସମସ୍ୟା ବୁଝି ସମାଧାନ କରିବା ଅଧିକାରୀ ମାନଙ୍କ ପ୍ରଥମ କର୍ତ୍ତବ୍ୟ ଅଟେ।



ଜିଲ୍ଲାରେ ଧାନ ଚାଷ ୨ ଲକ୍ଷ ୩୦ ହଜାର ହେକ୍ଟର ଏବଂ ଅନ୍ୟ ଚାଷ ୧ ଲକ୍ଷ ୨୦ ହଜାର ହେକ୍ଟର ଅର୍ଥ ୨ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଚାଷ ହୋଇଥାଏ। ଏଣୁ ରାସାୟନିକ ସାରର ବହୁଳ ପରିମାଣରେ ଆବଶ୍ୟକ ଥିବା ବେଳେ ସାମାନ୍ୟ ଅଭାବରେ କଳାବଜାରୀ ଆରମ୍ଭ ହୋଇଯାଏ। ଚଳିତ ଖରିଫ ଋତୁରେ ଆବଶ୍ୟକ ଦାନାଦାର ସାର ଅର୍ଥାତ ଗ୍ରୋମର ଏବଂ ଡିଏପି ବଜାରରେ ସଙ୍କଟ ଦେଖାଦେଇଛି। ସୋସାଇଟି ମାନଙ୍କରେ ମଧ୍ୟ ଡିଏପି ସାର ନାହିଁ। ଯେଉଁ ଡିଲରଙ୍କ ପାଖରେ ଦାନାଦାର ସାର ଅଛି ସେଠାରେ ସାର ସହିତ ଆଉ ଗୋଟିଏ ଭିଟାମିନ ବା ନାନୋ ସାର ନେବା ପାଇଁ ଚାଷୀଙ୍କୁ ବାଧ୍ୟ କରାଯାଉଛି। ଚାଷୀ ତାହାକୁ ମନାକଲେ ସାର ମିଳୁନାହିଁ। ଡିଏପିର ମୂଲ୍ୟ ୧୩୫୦/- ଥିବା ବେଳେ ୧୬ ରୁ ୧୭ଶହ ଟଙ୍କାରେ ବିକ୍ରି କରୁଛନ୍ତି। ଚାଷ ଆରମ୍ଭରୁ ହିଁ ଏପରି ଅବସ୍ଥା ହୋଇଥିବାରୁ ତୁରନ୍ତ ତଦନ୍ତ କମିଟି ଗଠନ କରି କଳାବଜାରୀ ବନ୍ଦ କରାଯାଉ ଏବଂ ଡିଲର ମାନଙ୍କ ଦୋକାନ ସମ୍ମୁଖରେ ଷ୍ଟକ ଏବଂ ମୂଲ୍ୟ ତାଲିକା ସାର୍ବଜନୀନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି କରାଯାଇଛି। କୌଣସି ଡିଲର କଳାବଜାରୀ କଲେ ବା ଅନ୍ୟ ସାମଗ୍ରୀ ନେବା ପାଇଁ ବାଧ୍ୟ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବିପତ୍ର ମାଧ୍ୟମରେ ସଂଗଠନ ଅନୁରୋଧ କରିଛି।

## ନାଳରେ ବୁଡ଼ି ଯୁବକ ମୃତ

କେନ୍ଦୁଝର,୧୫।୭(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ବରଦପାଳ ପଞ୍ଚାୟତ ତଳକମ୍ପଡିହି ଗାଁ ନିକଟ ବେତଝରୀ ନାଳରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗାଁର ଚଷା ଦେହୁରୀ(୪୩)। ସେ ଗତକାଲିଠାରୁ ନାଳକୁ ଗାଧୋଇବାକୁ ଯାଇ ଆଉଫେରି ନଥିଲେ। ମଙ୍ଗଳବାର ତାଙ୍କ ଶବ ପାଣିରେ ଭାସୁଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ। ଏସଆଇ ପ୍ରବୋଧଚନ୍ଦ୍ର ମହାନ୍ତି ଘଟଣାସ୍ଥଳରେ ଶବ ଜବତ କରି ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ହତ୍ୟା ମାମଲାରେ ଅଭିଯୁକ୍ତ ସ୍ୱାମୀ ଗିରଫ



ବଡବିଲ,୧୫।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ରୁଙ୍ଗଟା କଲୋନୀର ଇ-୩/୬ଇ ନଂ ଘର ମାଲିକ ନୀଳପ୍ରସାଦ ଶର୍ମାଙ୍କୁ ପତ୍ନୀ ହତ୍ୟା ଅଭିଯୋଗରେ ପୁଲିସ ଏକ ମାମଲା ରୁଜୁକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ପତ୍ନୀ ନିର୍ମଳା ଶର୍ମା (୪୧ ବର୍ଷ)ଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପାରିପାର୍ଶ୍ୱିକ ସ୍ଥିତି ଏବଂ ମୃତକଙ୍କ ଦେହରେ ଚିମୁଟା ଚିହ୍ନ ମାନ ଆଧାରରେ ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି। ନୀଳପ୍ରସାଦ ହିଁ ହତ୍ୟାକାରୀ ବୋଲି ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହେବା ପରେ ତାକୁ ପୁଲିସ କୋର୍ଟ ଚାଲାଣ କରିଛି। ସ୍ଥାନୀୟ ଅଦାଲତରେ ଅଭିଯୁକ୍ତର ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାକୁ ଜେଲ୍ ହାଜତକୁ ପଠା ଯାଇଛି। ଅଭିଯୁକ୍ତ ବଡବିଲ ସହର ୮ ନମ୍ବର ୱାର୍ଡ, ପିଏଚଡି କଲୋନୀର ମୂଳ ବାସିନ୍ଦା।

## ଫାଶୀ ଦେଇ ନାବାଳିକାଙ୍କ ଆତ୍ମହତ୍ୟା

ମୋରଡ଼ା,୧୫।୭(ସମିସ): ଚିତ୍ରଡା ଫାଣ୍ଡି ଅଧୀନ ସମାଇଡ଼ିହି ପାରିଆଉଡା ଗ୍ରାମର ଜଣେ ନାବାଳିକା ମଙ୍ଗଳବାର ଆତ୍ମହତ୍ୟ କରିଥିବା ଅଭିଯୋଗ ହୋଇଛି। ଗ୍ରାମର ସୁବୋଧବେହେରାଙ୍କ ଝିଅମିଲିବେହେରା(୧୬) ପରିବାରଲୋକଙ୍କଅନୁପସ୍ଥିତିରେ ବେକରେ ଫାଶୀ ହୋଇ ଝୁଲିପଡିଥିଲେ। ପରେ ପରିବାର ତୁରନ୍ତ ଡାକ୍ତରଖାନା ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୁଲିସ କହିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ବିଶୋଇ,୧୫।୭ (ସମିସ): ବିଶୋଇ ପଞ୍ଚାୟତ ବଡ଼ସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ବାସ୍କେ (୭୧)ଙ୍କପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ନେଫ୍ରଟିକ ସିମଡ୍ରମ ରୋଗରେ ପୀଡିତ ଥିଲେ। ଗତକାଲି ସନ୍ଧ୍ୟା ସମୟରେ ବଡ଼ସାହି ସ୍ଥିତ ନିଜ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ୱାର୍ଡସଭ୍ୟ ଦିଲ୍ଲୀପ ମୁର୍ମୁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ଶ୍ରୀ ବାସ୍କେ ୧୯୭୪ ମସିହାରେ କୋରାପୁଟ ଜିଲ୍ଲାରେ ନିଜର ଶିକ୍ଷକତା ଜୀବନୀ ଆରମ୍ଭ କରି ୨୦୧୨ ମସିହାରେ ବିଶୋଇ ବ୍ଲକ ଧାନା ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବିଶୋଇ ଗୁରୁକୁଳ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବା ସହିତ ବିଶୋଇ ଦିଶମ ଜାହେରରେ ମାଝୀ ବାବା ଥିଲେ। ସେ ଜଣେ ମିଷ୍ଟଭାଷୀ, ଛାତ୍ରବତ୍ସଳ, ପରୋପକାରୀ ଭାବେ ବେଶ ପରିଚିତ ଥିଲେ।

## ସିଆର୍‌ସିସି ନିଯୁକ୍ତିରେ ବିଳମ୍ବ ନେଇ ଅସନ୍ତୋଷ

ଆନନ୍ଦପୁର, ୧୫।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସିଆରସିସି ନିଯୁକ୍ତିରେ ଅହେତୁକ ବିଳମ୍ବକୁ ନେଇ କାର୍ଯ୍ୟରତ ସିଆରସିସିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସିଆରସିସି ନିଯୁକ୍ତି ପ୍ରକ୍ରିୟା ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଚାଲିଛି ମାତ୍ର ତାହା ବିଳମ୍ବ ହେଉଥିବାରୁ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟ ସୃଷ୍ଟି ହୋଇଛି। ଯେଉଁ ସିଆରସିସିଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଇଛି ସେମାନେ ଦାୟିତ୍ୱ ହସ୍ତାନ୍ତର ପାଇଁ ବିଆରସିସିଙ୍କୁ ବାରମ୍ବାର ଅନୁରୋଧ କରିଆସୁଥିଲେ ମଧ୍ୟ ପରବର୍ତ୍ତୀ ସିଆରସିସି ନିଯୁକ୍ତି ପର୍ଯ୍ୟନ୍ତ ଦାୟିତ୍ୱରେ ରହିବାକୁ ଉପରିସ୍ଥ ଅଧିକାରୀ ନିର୍ଦ୍ଦେଶ ଦେଉଥିବା ଚିନ୍ତାର କାରଣ ହୋଇଛି। ସରକାରୀ କାର୍ଯ୍ୟରେ ଅବହେଳା ନକରି ବିଭିନ୍ନ ସର୍ଭେ, ପ୍ରଶିକ୍ଷଣ ନିମନ୍ତେ କେନ୍ଦୁଝର ଗସ୍ତ, ପୁସ୍ତକ ବଣ୍ଟନ, ବିଦ୍ୟାଳୟର ପଞ୍ଜୀ ପ୍ରସ୍ତୁତି, ବିଦ୍ୟାଳୟ ସର୍ବେକ୍ଷଣ ଆଦି ଗୁରତ୍ୱପୂର୍ଣ୍ଣ କାର୍ଯ୍ୟକୁ କରିଆସୁଛନ୍ତି। ସେହିପରି ସିଆରସିସିଙ୍କୁ ଏକାଧିକ କ୍ଲଷ୍ଟର ଦାୟିତ୍ୱ ଦିଆଯାଇଥିବା ଯୋଗୁଁ ସିଆରସିସିମାନେ ମଧ୍ୟ ଅଧିକ ଚାପଗ୍ରସ୍ତ ହୋଇ କାର୍ଯ୍ୟ କରୁ କରୁଛନ୍ତି। ଜିଲ୍ଲା ଶିକ୍ଷାଧିକାରୀ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଛି।

## ଗଳିତ ହାତୀର ହେଲା ବ୍ୟବଚ୍ଛେଦ

ତେଲକୋଇ, ୧୫।୭(ସମିସ): କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବାରହା ଦେବତା ଫରେଷ୍ଟ ବିଟ ସକେଇକେନା ସଂରକ୍ଷିତ ଜଙ୍ଗଲରୁ ଗତ ସୋମବାର ଏକ ହାତୀର ଗଳିତ ମୃତଦେହ ଉଦ୍ଧାର ପରେ ଆଜି ବନ ବିଭାଗ ପକ୍ଷରୁ ହାତୀର ବ୍ୟବଚ୍ଛେଦ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମୃତ ହାତୀଟି ଦନ୍ତା ହାତୀ ହୋଇଥିବା ବେଳେ ବୟସ ପାଖାପାଖି ୧୦ ହେବ। ହାତୀ ଦାନ୍ତକୁ କେହି ଗାଏବ କରି ନେଇଥିବା ବନ ବିଭାଗ ସ୍ୱୀକାର କରିଛି। ଅନ୍ୟପଟେ ସ୍ଥାନୀୟ ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ଏହି ଘଟଣା ଘଟିଥିବା ବନଖଣ୍ଡ ଅଧିକାରୀ ସ୍ୱୀକାର କରିଛନ୍ତି। ଦୁଇ ଦିନ ମଧ୍ୟରେ ଏହାର କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସୂଚନା ଦେଇଛନ୍ତି। ଜନବସତିଠାରୁ ମାତ୍ର ୮ ଶହ ମିଟର ଦୂରରେ ହାତୀ ମୃତ୍ୟୁବରଣ କରି ଶଡି ଯାଇଛି।

### ବାରିପଦା ସହର ୩ଟି ମହାନାଳର ହେବ ପୁନରୁଦ୍ଧାର

# ନଗରପାଳ, ଅଧିକାରୀ ଓ କାଉନସିଲରଙ୍କ ସ୍ଥିତି ଅନୁଧ୍ୟାନ

ବାରିପଦା, ୧୫।୭(ସମିସ)



ବାରିପଦା ସହରର କୃତ୍ରିମ ବନ୍ୟା ପରିସ୍ଥିତିକୁ ଏଡାଇବା ପାଇଁ ବାରିପଦା ପୌରପାଳିକା ଅଣ୍ଟା ଭିଡିଛି। ସହର ମଧ୍ୟରେ ପ୍ରବାହିତ ୩ଟି ମହାନାଳକୁ ଜବରଦଖଲ ମୁକ୍ତ କରି ପୁନରୁଦ୍ଧାର କରିବା ପାଇଁ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ସହ ଅଧିକାରୀ ଓ କାଉନସିଲରଙ୍କ ଏକ ଟିମ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜରାଳି, ସରାଳି ଓ ଶୁକଯୋଡ଼ା ମହାନାଳରେ ଗତ କିଛି ବର୍ଷ ହେବ ବର୍ଷା ଦିନେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିବାରେ ଲାଗିଛି। ପ୍ରବଳ ବର୍ଷା ହେଲେ ଉକ୍ତ ମହାନାଳର ପାଣି ଫୁଲିବା ସହ ବାରିପଦା ସହର ବିଭିନ୍ନ ୱାର୍ଡ ମଧ୍ୟକୁ ପ୍ରବେଶ କରୁଛି; ଯାହାକି ଲୋକଙ୍କ ଅନେକ ସମସ୍ୟାର କାରଣ ସାଜିଛି। ଉକ୍ତ ୩ଟି ମହାନାଳ ଶଯ୍ୟା କ୍ରମାଗତ ଭାବେ ଜବରଦଖଲକାରୀଙ୍କ କବଜାରେ ରହିଛି। ଗତ ୨୦୧୩ମସିହା ଫାଇଲିନ ପରଠାରୁ ଉକ୍ତ ନଦୀଗୁଡିକର ପୁନରୁଦ୍ଧାର ହୋଇନାହିଁ। ପୁନରୁଦ୍ଧାର ଅଭାବରୁ ଗଛ, ମାଟି, ଅଳିଆ ଆବର୍ଜନାରେ ପୋତି ହୋଇ ସଙ୍କୁଚିତ ହୋଇଗଲାଣି। ମହାନାଳ ଉପରେ ଥିବା ପୋଲ କଲଭର୍ଟଗୁଡିକ ଅବରୋଧ ଯୋଗୁଁ ସହର ବନ୍ୟା ଜଳ ଠିକଭାବେ ନିଷ୍କାସନ ନ ହୋଇ ସହରବାସୀଙ୍କୁ ଜଳବନ୍ଦୀ ଭଳି ସମସ୍ୟାର କାରଣ ସାଜିଛି। ଅନବନା ଗଛ ଲଟା କଟା, ଅଳିଆ ଆବର୍ଜନା, ଦଳ ସଫେଇ ଓ ପଙ୍କ ଉଦ୍ଧାର ନହେବା ଏବଂ ଜବରଦଖଲ ଉଚ୍ଛେଦ ନହେବା ଫଳରେ ବର୍ତ୍ତମାନ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି। ଏହି ମହାନାଳଗୁଡିକର ଧୀରେ ଧୀରେ ଜଳ ସ୍ରୋତକୁ ସଂକୁଚିତ କରି ଜବରଦଖଲ କରି ନିଜ ଆୟତ୍ତକୁ ନେଇ ସାରିଲେଣି। ବାରିପଦା ସହରବାସୀ ସମସ୍ୟାକୁ ଆଖି ଆଗରେ ରଖି ଏ ଦିଗରେ ତୁରନ୍ତ ପ୍ରତିକାର ବ୍ୟବସ୍ଥା ପାଇଁ ବାରିପଦା ପୌରପାଳିକା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ୩ଟି ମହାନାଳରେ ବନ୍ୟ ଜଳ ନିଷ୍କାସନ କରିବା ପାଇଁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ବାରିପଦା ପୌରପାଳିକା ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବାରିପଦା ପୌର ନିର୍ବାହୀ ଅଧିକାରୀ ତଥା ବାରିପଦା ତହସିଲଦାର ସପନ କୁମାର ସାହୁ, ମୟୂରଭଞ୍ଜ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ମନୋରଞ୍ଜନ ହାଁସଦା, କାଉନସିଲର ରାଜ ଗୁପ୍ତା, ତ୍ରୈଲକେଶ ପଣ୍ଡା, କୁମାର ମୁଖୀ ପ୍ରମୁଖ ମହାନାଳ ପରିଦର୍ଶନ କରିଛନ୍ତି। ଜନସାଧାରଣଙ୍କ ସମସ୍ୟାକୁ ଦୂର କରିବା ନିମନ୍ତେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଛାତ୍ରୀ ଅସଦାଚରଣ ମାମଲାରେ କାର୍ଯ୍ୟାନୁଷ୍ଠାନ ଶୂନ

ହାଟଡ଼ିହୀ, ୧୫।୭(ସମିସ): ହାଟଡ଼ିହୀ ବ୍ଲକ ବ୍ରାହ୍ମଣୀକଳା ଠାକୁରାଣୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ କରାଇଦେବି ବୋଲି କହି ଦୁଷ୍କର୍ମ ଉଦ୍ୟମ କରିବା ଘଟଣା ଦେଢ଼ ମାସ ବିତିଯାଇଥିଲେ ବି ଅଭିଯୁକ୍ତ ପ୍ରଧାନଶିକ୍ଷକ ଗିରଫ ହୋଇ ନାହାନ୍ତି। ଶିକ୍ଷାବିଭାଗ ମଧ୍ୟ ଏନେଇ କୌଣସି ତଦନ୍ତ କରିନି। ତେଣୁ ଘଟଣାକୁ ଚାପିଦେବାକୁ କେଉଁଠି ନା କେଉଁଠି ଉଦ୍ୟମ ଚାଲିଥିବା ଆଲୋଚନା ହେଉଛି। ଛାତ୍ରୀ ଜଣକ ଅନେକ ଦିନ ପରେ ଗତ ୬-୭ଦିନ ହେଲା ସ୍କୁଲକୁ ଯାଉଛନ୍ତି। ଥାନାରେ ଅଭିଯୋଗ ହେବା ଦିନଠାରୁ ଅଭିଯୁକ୍ତ ପ୍ରଧାନଶିକ୍ଷକ ଜଣକ ଫେରାର ହୋଇଯାଇଥିବା ପୁଲିସ କହୁଛି। ଏହା ଏକ ସମ୍ବେଦନଶୀଳ ଘଟଣା ହେଇଥିଲେ ବି ପୁଲିସ ଗୁରୁତର ସହ ନେଇ ନଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ଜୁନ ମାସରେ ଜିଲ୍ଲା ଶିକ୍ଷାଧିକାରୀ ସ୍କୁଲ ଛୁଟି ଖୋଲିବା ପରେ କମିଟି ଗଠନ କରାଯାଇ ତଦନ୍ତ କରାଯିବ ବୋଲି କହିଥିବା ବେଳେ ଆଜି ପର୍ଯ୍ୟନ୍ତ ତଦନ୍ତ ହେଲାନି। ଆଜି ଏସମ୍ପର୍କରେ ପଚାରିବାରୁ ଆସନ୍ତାକାଲି ତଦନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ନନ୍ଦିପଦା ଥାନା ବ୍ରାହ୍ମଣୀକଳାସ୍ଥିତ ଉକ୍ତ ବିଦ୍ୟାଳୟ ପରିସରରେ ୨ଜଣ ଶିକ୍ଷକ ଛୁଟିଦିନରେ କିଛି ଛାତ୍ରଛାତ୍ରୀଙ୍କୁ କୋଚିଂ ଦେଉଥିଲେ। ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଗତ ମେ ମାସ ୨୪ ତାରିଖ କୋଚିଂ ପାଇଁ ଯାଇଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାଗିରଥୀ କବି ଛାତ୍ରୀ ଜଣକୁ ପାଣି ଆଣିବାକୁ ଡାକିଥିଲେ। ଛାତ୍ରୀ ଜଣକ ଅଫିସ୍ ରୁମକୁ ପାଣି ନେଇଯିବା ପରେ ପ୍ରଧାନଶିକ୍ଷକ ଜଣକ ତାକୁ ଅସଦାଚରଣ କରିଥିଲେ। ଛାତ୍ରୀ ଜଣକ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲା। ପରେ ଏନେଇ ନନ୍ଦିପଦା ଥାନାରେ ଅଭିଯୋଗ ଆଧାରରେ ୧୪୬/୨୦୨୫ରେ ମାମଲା ରୁଜୁ ହୋଇଛି। ଏହାପରେ ବି ନା ଶିକ୍ଷା ବିଭାଗ ନା ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇଥିବାରୁ ଉକ୍ତ ପରିବାର ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

## ଜାତୀୟ ରଗ୍‌ବୀ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଖେଳାଳିଙ୍କ ସଫଳତା




ବାରିପଦା,୧୫।୭(ସମିସ): ଉତ୍ତରାଖଣ୍ଡର ଡେରାଡୁନରେ ଆୟୋଜିତ ଜୁନିୟର ନ୍ୟାସନାଲ ରଗବୀ ୭ସ୍ ଚାମ୍ପିଅନସିପ ୨୦୨୫ରେ ଓଡ଼ିଶାର ଜୁନିୟର ବାଳକ ଦଳ ରୌପ୍ୟ ପଦକ ହାସଲ କରିଛି। ଏହି ଜାତୀୟ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଜିଲ୍ଲାରୁ ୩ ଖେଳାଳି ଓଡ଼ିଶା ଦଳରୁ ଖେଳିଥିଲେ। ଖେଳାଳିମାନେ ହେଲେ ରାଇରଙ୍ଗପୁର ବ୍ଲକର ସୁବାସ ହାଁସଦା, ଶାମାଖୁଣ୍ଟା ବ୍ଲକର ଶିବା ସୋରେନ ଏବଂ ଖୁଣ୍ଟା ବ୍ଲକର ମଣ୍ଟୁ ଟୁଡୁ। ବାଳକ ଦଳ ୧୫-୧୭ ସ୍କୋରରେ ବିହାରଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ (ଏମଡିଆରଏଫଏ)ର ଆମ୍ବାସଡର୍ ସାନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ଉପସଭାପତି ଦିଲ୍ଲୀପ କୁମାର ମୁର୍ମୁ, ସମ୍ପାଦକ ଜେ. ସୁଶୀଲ ହେମ୍ବ୍ରମ ଏବଂ ମୁଖ୍ୟ ପରାମର୍ଶଦାତା ବାବା ଧଳାରାମ ହାଁସଦା ସମେତ ସମସ୍ତ ଏମଡିଆରଏଫଏ ସଦସ୍ୟ ଓ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡିଶା ରାଜ୍ୟ ଜୁନିୟର ଟିମକୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ଏମଡିଆରଏଫଏର ସଭାପତି ସୁନାରାମ କିସ୍କୁ କହିଛନ୍ତି, ଯେ, ଆମର ଖେଳାଳିମାନେ ଅତ୍ୟନ୍ତ ନିଷ୍ଠା ଓ ପରିଶ୍ରମ ସହ ଏହି ସଫଳତା ହାସଲ କରିଛନ୍ତି। ଏହା ମୟୂରଭଞ୍ଜ ଜିଲ୍ଲାରେ ରଗବୀର ଭବିଷ୍ୟତକୁ ଆହୁରି ଉଜ୍ଜ୍ୱଳ କରିବ। ଏହି ସଫଳତା ଜିଲ୍ଲାରେ ରଗବୀ ଖେଳକୁ ଆହୁରି ପ୍ରୋତ୍ସାହନ ଦେବ ଏବଂ ଆଗାମୀ ଦିନରେ ଅଧିକ ପ୍ରତିଭାବାନ ଖେଳାଳି ସୃଷ୍ଟି କରିବ ବୋଲି ଆସୋସିଏସନ ଆଶା ରଖିଛି।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିକଲା ଶରତ ବିକାଶ ମଞ୍ଚ

ଶରତ, ୧୫।୭(ସମିସ): ମୟୂରଭଞ୍ଜ ଜିଲ୍ଲା ଶରତ ଅଞ୍ଚଳ ସବୁଠାରୁ ଆଦିବାସୀ ଅଧ୍ୟୁଷିତ ଓ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ଏଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ ମଙ୍ଗଳବାର ଶରତ ବିକାଶ ମଞ୍ଚର ସଦସ୍ୟମାନେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ୨୦୧୯ ମସିହାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶରତ ଅଞ୍ଚଳର ଦେୱାନବାହାଳୀ ଗ୍ରାମରେ ଏକ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ସ୍ଥାପନ କରିବା ନିମନ୍ତେ ଚିଠି କରିଥିଲେ। କପ୍ତିପଦା ବ୍ଲକ ନିମନ୍ତେ ୨ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ ନିମନ୍ତେ ଚିଠି କରାଯାଇଥିଲା। ସେଥିରୁ ଗୋଟିଏ କପ୍ତିପଦାରେ ସ୍ଥାପନ ହୋଇଛି। ତେବେ ଶରତ (ଦେୱାନବାହାଳୀ) ନିମନ୍ତେ ଅନୁମୋଦିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ତତ୍କାଳୀନ କେନ୍ଦ୍ରୀୟ ଆଦିବାସୀ ବ୍ୟାପାର ବିଭାଗ ମନ୍ତ୍ରୀ ବିଶେଶ୍ୱର ଟୁଡୁ ଉଦ୍ଦେଶ୍ୟମୂଳକ ଭାବେ ଉକ୍ତ ବିଦ୍ୟାଳୟକୁ ଗୋପବନ୍ଧୁନଗର-୨ ବ୍ଲକକୁ ସ୍ଥାନାନ୍ତର କରି ନେଇଥିଲେ। ଏବେ ସେଠାରେ ନିର୍ମାଣ ଚାଲିଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ନିର୍ଦ୍ଦିଷ୍ଟ ଭାବେ ଶରତ (ଦେୱାନବାହାଳୀ) ନିମନ୍ତେ ଅନୁମୋଦିତ ହୋଇଥିବା ପ୍ରକଳ୍ପକୁ କେଉଁ ଉଦ୍ଦେଶ୍ୟରେ ତତ୍କାଳୀନ କେନ୍ଦ୍ର ଆଦିବାସୀ ବ୍ୟାପାର ବିଭାଗ ମନ୍ତ୍ରୀ ଶ୍ରୀ ଟୁଡୁ ସ୍ଥାନାନ୍ତର କଲେ ସେ ନେଇ ଅଞ୍ଚଳବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି। ଶରତ ଅଞ୍ଚଳର ଆଦିବାସୀଙ୍କ ସାମାଜିକ ଏବଂ ଶିକ୍ଷାଗତ ଜୀବନରେ ଉନ୍ନତି ଆଣିବା ନିମନ୍ତେ ଏକ ସିବିଏସଇ ସରକାରୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିମ୍ବା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନିମନ୍ତେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ମଞ୍ଚର ସଦସ୍ୟମାନେ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ଯାଇଥିବା ବେଳେ ସେଠାରେ ଉଦଳା ବିଧାୟକ ଭାସ୍କର ମଢେଇ ମଧ୍ୟ ଉପସ୍ଥିତ ଥିଲେ। ତେଣୁ ସେମାନେ ତାଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଛନ୍ତି। ଉଦଳା ବାର ଆସୋସିଏସନର ଆଇନଜୀବୀ କମଳାକାନ୍ତ ମହାନ୍ତି, ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ସମାଜସେବୀ ବାଗୁନ ବାନାରା, ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।

## ହତ୍ୟା ମାମଲାରେ ଜଣେ ଗିରଫ, ବାଇକ୍ ଜବତ



ରାମଚନ୍ଦ୍ରପୁର,୧୫।୭(ସମିସ): ଆନନ୍ଦପୁର ଥାନା ଗୟଳମୁଣ୍ଡା ପଞ୍ଚାୟତ କନ୍ତଲା ଗାଁର ନାରାୟଣ ମୁର୍ମୁଙ୍କ ହତ୍ୟା ଘଟଣାରେ ପୁଲିସ ଖାଲିଆମେଣ୍ଟା ପଞ୍ଚାୟତ ଗୋପାଳପୁରଗ୍ରାମରଧନମୁର୍ମୁ(୨୨)ଙ୍କୁ ଗିରଫ କରିବା ସହ ଏକ ବାଇକକୁ ଜବତ କରିଛି। ଗିରଫ ଯୁବକଙ୍କୁ ଅଧିକ ପଚରାଉଚରା କରିବା ପରେ ନାରାୟଣ ବାଇକ ପଛରୁ ଖସି ପଡିଥିଲେ ବୋଲି ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ସେପଟେ ବାଇକ ଚାଳକ ଧନକୁ ଗତ କାଲି କୋର୍ଟ ଚାଲାଣ କରାଯାଇଛି। ୨ ଜଣ ଯୁବକ ତାଙ୍କୁ ଘସିପୁରାରେ ଛାଡ଼ିଦେବେ କହି ବାଇକରେ ଯାଜପୁରରୁ ଆଣିଥିଲେ। ସନ୍ଧ୍ୟା ସାଢେ ୭ଟା ସମୟରେ ରାମଚନ୍ଦ୍ରପୁର ଥାନା ଜରଦା ଓଭରବ୍ରିଜ ନିକଟରୁ ରକ୍ତାକ୍ତ ମୃତଦେହକୁ ଉଦ୍ଧାର କରିଥିଲେ ସ୍ଥାନୀୟ ଲୋକେ। ୨ ଯୁବକଙ୍କ ନାଁରେ ହତ୍ୟା ଅଭିଯୋଗ ଆଣି ଥାନାର ଦ୍ୱାରସ୍ଥ ହୋଇଥିଲେ ମୃତ ଯୁବକଙ୍କ ପରିବାର ଲୋକେ।

## କୁସେଇ ନଦୀରେ ଜଣେ ନିଖୋଜ

ରାମଚନ୍ଦ୍ରପୁର,୧୫।୭(ସମିସ): ରେମାଳ ଡ୍ୟାମର ଦ୍ୱିତୀୟ ସ୍ଲୁଇସ ଗେଟ୍ ଖୋଲିବା ପରେ ଅଚାନକ କୁସେଇ ନଦୀରେ ବନ୍ୟା ପାଣି ଆସିଯିବାରୁ ରାମଚନ୍ଦ୍ରପୁର ଥାନା ସିଆପଡା ଗାଁ ନିକଟରେ ଭାସିଗଲେ ଜଣେ ଘୁସୁରୀ ଚରାଳି। ଖବର ପାଇ ଘସିପୁରା ଦମକଳ ବାହିନୀ କର୍ମଚାରୀ ଅନେକ ଖୋଜାଖୋଜି ପରେ ମଧ୍ୟ ଘୁସୁରୀ ଚରାଳିଙ୍କ କୌଣସି ଖୋଜ ଖବର ପାଇପାରି ନାହାନ୍ତି। ସ୍ଥାନୀୟ ବାମ୍ପିଡି ଗୋଡିସାହୀର ଘୁସୁରୀ ଚରାଳି ଅନାମୀ ନାଇକ(୫୦) କୁସେଇ ନଦୀ କୂଳରେ ଘୁଷୁରୀ ଚରାଉଥିବା ବେଳେ ଅଚାନକ ରେମାଳ ଡ୍ୟାମର ପାଣି କୁସେଇ ନଦୀରେ ଆସିବାରୁ ମହିଳା ଜଣଙ୍କ ନଦୀର ପ୍ରଖର ସୁଅରେ ଭାସି ଯାଇଥିବା ସୂଚନା ମିଳିଛି।

## ପ୍ରଧାନ ଶିକ୍ଷକଙ୍କ ବିଦାୟୀ ସମ୍ବର୍ଦ୍ଧନା ସଭା



ବେତନଟୀ,୧୫।୭(ସମିସ): ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଗନ୍ତାୟତଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଆଲୁମିନୀ ସଭାପତି ଡ. ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଭୀମଚରଣ ମହାନ୍ତ ଏବଂ ମୁଖ୍ୟବକ୍ତା ଭାବରେ ଉଗ୍ରେସନ ମଇ ବିଦ୍ୟାଳୟ ମହୁଲିଆର ଭାରପ୍ରାପ୍ତ ଶିକ୍ଷକ ଶ୍ୟାମପ୍ରସାଦ ମଧୁଆଳ ଯୋଗଦେଇ ବିଦାୟୀ ଶିକ୍ଷକ ଶ୍ରୀ ଗନ୍ତାୟତଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋଚନା କରିଥିଲେ। ସେ ଜଣେ ସମୟାନୁବର୍ତ୍ତି, କର୍ତ୍ତବ୍ୟ ନିଷ୍ଠ, ମିଷ୍ଟଭାଷୀ, ଛାତ୍ରବାଳ ଶିକ୍ଷକ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

# ନ୍ୟାୟ ଦାବିରେ ଯୁବ-ଛାତ୍ର କଂଗ୍ରେସର ବିକ୍ଷୋଭ

କେନ୍ଦୁଝର, ୧୫।୭(ସମିସ)




ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ପରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ରାତାରାତି ଶବ ବ୍ୟବଚ୍ଛେଦ କରି ବିଜେପି ନେତାଙ୍କ ଉପସ୍ଥିତିରେ ମେଡିକାଲ ପଛ ଗେଟରେ ପୁଲିସ ସୁରକ୍ଷାରେ ଶବକୁ ବାହାର କରିଥିଲେ। ଗୋଟେ ନିରୀହ ଝିଅର ଜୀବନ ଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜଣେ ସଦସ୍ୟ ଥିଲେ ମଧ୍ୟ ନିଜ ଉପରେ ଉକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ଅଧିକାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ସୁଦ୍ଧା ବିଫଳ ହୋଇଥିଲେ। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ସୁଦ୍ଧା ହୋଇ ନଥିବାରୁ ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଥିଲେ। ପରିବାରକୁ ୨୫ ଲକ୍ଷ କ୍ଷତିପୂରଣ ସହାୟତା ଦେବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି। ରାଜ୍ୟ କଂଗ୍ରେସ ଆଦିବାସୀ ସେଲ ଅଧକ୍ଷ ତଥା ପୂର୍ବତନ ସାଂସଦ ଯଶବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା କଂଗ୍ରେସ ସଂଯୋଜକ ସଂଗୀତା ସିଂହ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ● ବନ୍ୟା ତତ୍ପରତା

# ଆନନ୍ଦପୁରରେ ପହଞ୍ଚିଲେ ଦୁଇ ଓଡ୍ରାଫ୍ ଟିମ୍

ଆନନ୍ଦପୁର, ୧୫।୭ (ସମିସ): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଗତ ଜୁନ ୨୮ ତାରିଖରୁ ଝିପି ଝିପି ବର୍ଷା ଯୋଗୁଁ ଆନନ୍ଦପୁରଠାରେ ବୈତରଣୀ ନଦୀର ଜଳପତ୍ତନ ବୃଦ୍ଧି ପାଇଛି। ନଦୀ ଫୁଲି ରହୁଥିବାରୁ ବନ୍ୟା ଆଶଙ୍କା ଅନୁମାନ ହୋଇଛି। ଏହାକୁ ମୁକାବିଲା କରିବା ପାଇଁ ଆନନ୍ଦପୁର ପ୍ରଶାସନ ପକ୍ଷରୁ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଆଜି ହାଟଡିହି ବ୍ଲକର ହାବଳେଶ୍ୱର ଆମ୍ବୋ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁଇଟି ଓଡ୍ରାଫ ଟିମ ପହଞ୍ଚିବା ପରେ ଆନନ୍ଦପୁର ଓ ହାଟଡିହିଠାରେ ଅବସ୍ଥାପିତ କରାଯାଇଛ। ଜଳଧାରଣର ଆନୁପାତିକ ହାରକୁ କଳନା କରାଯାଇ ଆନନ୍ଦପୁର ବ୍ୟାରେଜ ଗେଟ ଖୋଲାଯିବା ପରେ ବୈତରଣୀ ନଦୀରେ




ଜଳପତ୍ତନ ବୃଦ୍ଧି ପାଇଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ବନ୍ୟା ଜଳ ଆସିବା ପରେ ନଦୀକୂଳବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ପଞ୍ଚୁପଲି ନିକଟରେ ନଦୀବନ୍ଧରେ ନିର୍ମାଣାଧୀନ ସ୍ଲୁଇସ ଅଧପନ୍ତରିଆ ଭାବେ ପଡିରହିଥିବାରୁ ବନ୍ୟା ଜଳ ପ୍ରତିବର୍ଷ ବ୍ୟାପକ କ୍ଷୟକ୍ଷତି ଓ ଫସଲ ହାନି କରୁଛି। ଜଳସମ୍ପଦ ବିଭାଗ ଏହି ସମସ୍ୟା ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନିରବ ଦ୍ରଷ୍ଟା ସାଜିଛି।

# ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ବିଜେଡିର ବିକ୍ଷୋଭ













**ନିମାପଡ଼ା,୧୫।୭ (ସମିସ):** ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମହତ୍ୟା ଘଟଣାରେ ମଙ୍ଗଳବାର ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ରାସ୍ତାରୋକ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିମାପଡ଼ା ନେତା ଦିଲ୍ଲୀପ ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଦୋଳବେଦୀ ଛକରେ ମୃତ ଛାତ୍ରୀଙ୍କ ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ ସହ ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ନାରା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ସମୟରେ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ଭାଗ୍ୟଧର ଖଟୋଇ, ଯୁବ ସଂଗଠକ ମାନସ ପ୍ରଧାନ, କାଉନ୍‌ସିଲର ଧନୁର୍ଦ୍ଧର ଦାଶ, ବରିଷ୍ଠ କର୍ମୀ ପୂର୍ଣ୍ଣଚନ୍ଦ୍ର ସାହୁ, ଦ୍ୱିଜବର ପ୍ରଧାନ, ପୂର୍ବତନ ସରପଞ୍ଚ ଅକ୍ଷୟ ପଢ଼ିଆରୀ, ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ମଲ୍ଲିକ, ସସ୍ମିତା ନାୟକ, ବିଜୟ ପଟ୍ଟନାୟକ, ଯୁବ ନେତା ଚିନ୍ତାମଣୀ ବରାଳ, ରବୀନ୍ଦ୍ର ଦାଶ, ରଶ୍ମିରଞ୍ଜନ ପଣ୍ଡା, ପ୍ରକାଶ ତ୍ରିପାଠୀ, ପଦ୍ମନାଭ ବାରିକ, ମିହିର କଲିମ ଅଲ୍ଲି, ନାରୀନେତ୍ରୀ ସରିତା ମହାପାତ୍ରଙ୍କ ସମେତ ହଜାର ହଜାର କର୍ମୀ ଯୋଗଦେଇଥିଲେ।

**ନିମାପଡ଼ା କଲେଜ ସମ୍ମୁଖ :** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ମଙ୍ଗଳବାର ନିମାପଡ଼ା ମହାବିଦ୍ୟାଳୟ ସମ୍ମୁଖରେ ଏଆଇଏସ୍‌ଏଫ୍ ଛାତ୍ର ସଂଗଠନ ପକ୍ଷରୁ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଏଆଇଏସ୍‌ଏଫ୍ ସଂଗଠନର ସୋନାଲି ପ୍ରଧାନଙ୍କ ନେତୃତ୍ୱରେ ମୃତକଙ୍କ ପରିବାରକୁ ଉଚିତ୍ ନ୍ୟାୟ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହୋହଲ୍ଲା କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଛାତ୍ରଛାତ୍ରୀମାନେ ସେହି କଲେଜର ପ୍ରଶାସନିକ ଅଧିକାରୀ, ପୁଲିସ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ନେଇ ତୀବ୍ର ନିନ୍ଦା କରିଛନ୍ତି।

**ବ୍ରହ୍ମଗିରି :** ମଙ୍ଗଳବାର ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାୟର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ନ୍ୟାୟ ଓ ଉପଯୁକ୍ତ ତଦନ୍ତ ପାଇଁ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବ୍ରହ୍ମଗିରି ଅଲାରନାଥ ମହାବିଦ୍ୟାଳୟ ଗେଟ୍ ସମ୍ମୁଖରେ ଶତାଧିକ ବିଜୁ ଯୁବ ଛାତ୍ର ଜନତା ଦଳ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୁରୀ-ସାତପଡ଼ା ୩୧୬ ନମ୍ବର ଜାତୀୟ ରାଜପଥକୁ କଲେଜ ଛକଠାରେ ଟାୟାର ଜାଳି ଅବରୋଧ କରିଥିଲେ। ବିଜୁ ଯୁବ ଛାତ୍ର ଜନତା ଦଳ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ରାସ୍ତା ଅବରୋଧ କରିବା ସହିତ ବିଜେପି ସରକାରଙ୍କ ବିରୋଧରେ ନାରାବାଜୀ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିବା ସହ କୁଶପୁତ୍ତଳିକା ଦାହ କରିଥିଲେ। ଅନୁରୂପ ଭାବେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ରାଜରାସ୍ତା ୧ ଘଣ୍ଟା ଧରି ଅଚଳ କରିଥିଲେ।

**ପିପିଲି :** ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି। ରାଜ୍ୟ ସରକାରଙ୍କ ବିରୋଧରେ ସବୁଠି ବିକ୍ଷୋଭ ପ୍ରଦର୍ଶନ ଚାଲିଥିବାବେଳେ ପିପିଲିରେ ମଧ ସମାନ ସ୍ଥିତି ଦେଖିବାକୁ ମିଳିଛି। ମୃତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ପାଇଁ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛି ପିପିଲି ବିଜେଡି। ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ପିପିଲି ହାଟ ଛକଠାରେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରୀଙ୍କ ଜୀବନ ବଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ବ୍ଲକ୍ ବିଜେଡି ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି ଅଭିଯୋଗ କରିଛନ୍ତି। ଏହି ଅବସରରେ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜୁ ଯୁବ ଜନତା ଦଳ ସମ୍ପାଦକ ବିଶ୍ୱଜିତ୍ ଦାଶ, ବ୍ଲକ୍ ଅଧ୍ୟକ୍ଷା ପ୍ରତିନିଧି ଦେବାଶିଷ ନନ୍ଦ, ବରିଷ୍ଠ ନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ବିରଜା ପ୍ରସାଦ ପଟ୍ଟନାୟକ, ସତ୍ୟନାରାୟଣ ବସ୍ତିଆ, ଜୟନ୍ତ ଦାସ, ସୌମ୍ୟରଞ୍ଜନ ବେହେରା, ପର୍ଶୁରାମ ମହାପାତ୍ର, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଆଶିଷ ବରାଳ, ଲିପିକା ମହାପାତ୍ର, ଝୁନା ମଲ୍ଲିକ, ବିଜୟ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

**ଗୋପ:** ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୋପ ବ୍ଲକ୍ ବିଜେଡି ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଇସ୍ତଫା ଦାବି କରି ଗୋପ ବଜାରଠାରେ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଗୋପ ବ୍ଲକ୍ ଅଧ୍ୟକ୍ଷା ଝୁନୁ ମଲ୍ଲିକ, ମହେଶ୍ୱର ସ୍ୱାଇଁ, କୁନା ଦାସ, ରମେଶ ବାରିକଙ୍କ ସମେତ ଶତାଧିକ ବିଜେଡି କର୍ମୀ ସାମିଲ୍ ହୋଇ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ।

**ଡେଲାଙ୍ଗ:** ଡେଲାଙ୍ଗ ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ୍ ପକ୍ଷରୁଏଫ୍‌ଏମ୍ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶୋକସଭା ଓ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବ୍‌ର ସଭାପତି ସନ୍ତୋଷ ମହାନ୍ତି, ମୁଖ୍ୟ ପରିଚାଳନା କମିଟି ସଦସ୍ୟ ଗନ୍ଧର୍ବ ପ୍ରଧାନ, କୋଷାଧ୍ୟକ୍ଷ ସ୍ୱାଗତ ବରାଳ, ସଦସ୍ୟ ପ୍ରବୋଧ ନାୟକ, ଲିଙ୍ଗରାଜ ସ୍ୱାଇଁ, ସୁକାନ୍ତ ସାହୁ, ସୁମନ୍ତ ପ୍ରଧାନ, ଅଜୟ ମଲ୍ଲିକ, ସରୋଜ ବିଶ୍ୱାଳ, ସିପିଆଇଏମ୍‌ଏଲ୍ ନେତା ଅଶୋକ ପ୍ରଧାନ, କଂଗ୍ରେସ ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଯୁବନେତା ନିର୍ମଳ ପରିଡ଼ା, ଅଶ୍ରୁମୋଚନ ପ୍ରଧାନ, ରାମଚନ୍ଦ୍ର ମହାରଣା, କିଷାନ ପଟ୍ଟନାୟକଙ୍କ ସମେତ ଶତାଧିକ ଜନସାଧାରଣ ସାମିଲ୍ ହୋଇଥିଲେ। ପରିବାରକୁ ୨ କୋଟି କ୍ଷତିପୂରଣ, ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ନାୟିକ ତଦନ୍ତ ପାଇଁ ଦାବି କରିଥିଲେ। ଏହା ସହିତ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

**ସାକ୍ଷୀଗୋପାଳ :** ସୌମ୍ୟାଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସତ୍ୟବାଦୀ ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଓଡ଼ିଆ ବିଶ୍ୱବିଦ୍ୟାଳୟ ଫାଟକ ସମ୍ମୁଖରେ ମଙ୍ଗଳବାର ରାତି ୯ଟା ସମୟରେ ଏକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ୟବାଦୀ ବ୍ଲକ୍ କଂଗ୍ରେସ କମିଟି ସଭାପତି ସୁବାସ ଚନ୍ଦ୍ର ମହାପାତ୍ର, ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ବିଦ୍ୟୁତ୍ ତାର ଚୋରିକରି ଧରାପଡ଼ିଲେ ୪

**ନିମାପଡ଼ା,୧୫।୭ (ସମିସ):** ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ନିମାପଡ଼ା ପୁଲିସ ୪ଜଣ ଚୋରଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲଣ କରିଛି। ନିମାପଡ଼ାସ୍ଥିତ ରିଲାଏନ୍ସ ପେଟ୍ରୋଲ୍ ପମ୍ପ୍ ପଛପଟ ଗହୀରରେ ୩୩ କେଭି ଲାଇନ୍ ନୂଆ କାମ ଚାଲିଥିବାବେଳେ ଦୁର୍ବୃତ୍ତମାନେ ଗତ ରବିବାର ବିଳମ୍ବିତ ରାତିରେ ଖୁଣ୍ଟିରେ ଟଣାଯାଇଥିବା ତାରକୁ କାଟୁଥିବା ସମୟରେ ବିଦ୍ୟୁତ୍ ବିଭାଗର ପାଟ୍ରୋଲିଂ ସ୍କ୍ୱାଡ୍ ହାତରେ ଧରାପଡ଼ିଥିଲେ। ଏ ସମ୍ପର୍କରେ କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଇଂ. ରାକେଶ କୁମାର ସାହୁ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏସ୍.କେ. ଜାହିର, ଏସ୍.କେ. ବାବୁ, ମାଧବ ଦାସ ଓ ମୃତ୍ୟୁଞ୍ଜୟ ଭୋଇଙ୍କ ନାମରେ ଏକ ମାମଲା ରୁଜୁକରି କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି।



## ଧରାହେଲେ ୨ ବାଇକ୍ ରେସର୍

**ଗମ୍ଭାରୀପଦା,୧୫।୭ (ସମିସ):** ଗତ ୧୧ ତାରିଖରେ 'ସକାଳ'ରେ ଅମାନିଆ ବାଇକ୍ ଚାଳକଙ୍କ ତାଣ୍ଡବ ଖବର ପ୍ରକାଶ ପାଇବା ପରେ କାକଟପୁର ପୁଲିସ ଏବେ ଆକ୍ସନ ମୋଡ୍‌ରେ ଅଛି। ମଙ୍ଗଳବାର କାକଟପୁର ପୁଲିସ ଏଭଳି ଏକ ବାଇକ୍ ରେସରକୁ ଧରିବାରେ ସଫଳ ହୋଇଛି। ଏକ କଳା ପଲ୍‌ସର ବାଇକ୍ ଦ୍ରୁତଗତିରେ ବିସ୍ଫୋରକ ଶବ୍ଦ ପ୍ରଦୂଷଣ କରି କାକଟପୁରରେ ପଇଁତରା ମାରୁଥିବା ସମୟରେ କାକଟପୁର ପୁଲିସ ଉକ୍ତ ୨ ରେସରଙ୍କୁ ଧରିବାରେ ସଫଳ ହୋଇଛି। ସମ୍ପୃକ୍ତ ରେସରଙ୍କ ନାମ ଏସ୍.କେ ତୁସିଫ, କାକଟପୁର ଥାନା ଅନ୍ତର୍ଗତ ଆଜମପୁର ଗ୍ରାମର ମୌଲାନା ଲିଆକ୍‌ୱାତ। ଉକ୍ତ ପଲ୍‌ସରର ସାଇଲେନ୍ସର କଟାଯିବା ସହିତ ଉକ୍ତ ଯୁବକଙ୍କ ନିକଟରୁ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ନେଇ କାକଟପୁର ଥାନା ଅଧିକାରୀ ଉମେଶ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

କାକଟପୁର-ଅସ୍ତରଙ୍ଗ ରାସ୍ତାରେ କିଛି ଅମାନିଆ ବାଇକ୍ ରେସର୍ ଦ୍ରୁତଗତିରେ ଗାଡ଼ି ଚାଳନା କରୁଛନ୍ତି। ଏହାକୁ ଯିଏ ଦେଖିବ ଛାତି ଥରିଉଠିବ। ଏମାନେ ରାସ୍ତାରେ କ୍ଷିପ୍ର ଗତିରେ ଗାଡ଼ି ଚଳାଇ ଆତଙ୍କ ସୃଷ୍ଟି କରୁଛନ୍ତି। ବିଶେଷ କରି ବିଦ୍ୟାଳୟ ଓ କଲେଜ ଛୁଟି ସମୟରେ ଏହି ରୋଡ୍ ରୋମିଓଙ୍କ ବାଇକ୍ ଚାଳନା ଦେଖିବାକୁ ମିଳୁଛି। ବାଟରେ ଯାଉଥିବା ଅନ୍ୟ ପଥଚାରୀ, ସାଇକଲ ଆରୋହୀ, ଅନ୍ୟ ଚଳନ୍ତା ଗାଡ଼ିଗୁଡ଼ିକ ବି ଏମାନଙ୍କ ଭୟରେ ଦିଗହରା ହୋଇଯାଆନ୍ତି। କମ୍ପାନୀରୁ ଏମାନେ ଲକ୍ଷ ଲକ୍ଷ ଟଙ୍କା ଦେଇ ବାଇକ୍ କିଣି ପରେ ଭୟଙ୍କର ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ଲଗାଇ ବାଇକ୍ ରେସ୍ କରନ୍ତି। ଅନେକ ସମୟରେ କିଛି ରେସର ନିଶା ସେବନ କରି ଏଭଳି ବେପରୁଆ ଗାଡ଼ି ଚଳାଇ ଅନ୍ୟମାନଙ୍କୁ ମଧ୍ୟ ଦୁର୍ଘଟଣାରେ ପକାଇବା ଦୃଶ୍ୟ ବହୁଥର ସାମ୍ନାକୁ ଆସିଛି। ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଥାନା ଅଧିକାରୀ ଉମେଶ ସାହୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

**● ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରିରେ ଆକ୍ରମଣ ଘଟଣା**

## ଏସ୍‌ପିଙ୍କ ହସ୍ତକ୍ଷେପ ପରେ ଅଭିଯୁକ୍ତ ମାନସ ଗିରଫ

**ଡେଲାଙ୍ଗ,୧୫।୭ (ସମିସ):** ଡେଲାଙ୍ଗ ଥାନା ଅଧୀନ ସାଦପଡ଼ା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କଟୁରିରେ ଆକ୍ରମଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତ ମାନସ ପ୍ରଧାନ(୩୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଘଟଣା ଅନୁଯାୟୀ, ଜେନାପୁର ପଞ୍ଚାୟତ ସାଦପଡ଼ା ଗ୍ରାମର ସୁମନ୍ତ ପ୍ରଧାନ(୩୦) ଓ ମାନସ ପ୍ରଧାନଙ୍କ ପରିବାର ମଧ୍ୟରେ ଅନେକ ଦିନ ହେଲା ଜମିବାଡ଼ିକୁ ନେଇ ବିବାଦ ଲାଗିରହିଥିଲା। ଏହି ବିବାଦ ଉଗ୍ରରୂପ ନେବାରୁ ମାନସ ଓ ତାଙ୍କର କିଛି ସହଯୋଗୀ କଟୁରିରେ ପୁଅ ସୁମନ୍ତକୁ ଆକ୍ରମଣ କରିଥିବା ନେଇ ସୁମନ୍ତଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। କଟୁରି ଚୋଟରେ ସୁମନ୍ତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୯ ତାରିଖ ଦିନ ଏହି ଘଟଣା ଘଟିଥିବାବେଳେ ମାନସ ପୁଲିସକୁ ଦୀର୍ଘ ଦିନ ଧରି ଚକ୍‌ମା ଦେଇ ଅସୁଥିବା ଓ ପୁଲିସ ତଦନ୍ତରେ କୋହଳ କରୁଥିବା ନେଇ ପରିବାର ଲୋକେ ପୁରୀ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କ ହସ୍ତକ୍ଷେପ ପରେ ଡେଲାଙ୍ଗ ପୁଲିସ ତତ୍ପରତା ଦେଖିବାକୁ ମିଳିଥିଲା। ୬ ଦିନ ହେବ ଫେରାର୍ ଥିବା ମାନସକୁ ମଙ୍ଗଳବାର ଡେଲାଙ୍ଗ-ପିପିଲି ରାସ୍ତାରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ୟାମଘନ ବାରିକ ସୂଚନା ଦେଇଛନ୍ତି।

କେନାଲ ଖନନ ଅନିୟମିତତା ପ୍ରସଙ୍ଗ

## ଚାଷୀଙ୍କ ଅଭିଯୋଗକୁ ଅଧିକାରୀଙ୍କ ଫୁ



**ଅସ୍ତରଙ୍ଗ,୧୫।୭ (ସମିସ):** କାକଟପୁର ଜଳସେଚନ ବିଭାଗ ଦ୍ୱାରା ଅସ୍ତରଙ୍ଗରେ କେନାଲ ସଫେଇରେ ହୋଇଥିବା ବ୍ୟାପକ ଅନିୟମିତତା ପ୍ରସଙ୍ଗକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଘଟଣାସ୍ଥଳରେ ପହଞ୍ଚିଥିଲେ ବିଭାଗୀୟ ଅଧିକାରୀ। କିନ୍ତୁ ଦୁଃଖର କଥା ଉକ୍ତ କେନାଲ ସଫେଇ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଘଣ୍ଟ ଘୋଡ଼ାଇ ଚାଷୀଙ୍କ ଅଭିଯୋଗକୁ ଫୁ କରିଦେଇଛନ୍ତି ବିଭାଗୀୟ ଅଧିକାରୀ। କେନାଲ ଖନନର ଅନିୟମିତତା ଆଡ଼କୁ ଦୃଷ୍ଟି ନିକ୍ଷେପ କରିବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ ସମ୍ପୃକ୍ତ ସହକାରୀ ଇଞ୍ଜିନିୟର ଓ ଜୁନିୟର ଇଞ୍ଜିନିୟର। ଘଟଣାସ୍ଥଳରେ ଜଣେ ଚାଷୀ ଦେଇଥିବା ଭିଡିଓ ବୟାନକୁ ଅଧିକାରୀଙ୍କ ଗୋଚରକୁ ଅଣାଯାଇଥିଲେ ହେଁ ଏହି ଭିଡିଓ ସଫେଇ ପୂର୍ବର କହି ଅଭିଯୋଗକୁ ଏଡ଼ାଇ ଦେଇଛନ୍ତି। ସମ୍ପୃକ୍ତ ଠିକାଦାରଙ୍କୁ ଘଣ୍ଟ ଘୋଡ଼ାଇବାକୁ ଯାଇ ଉକ୍ତ କାର୍ଯ୍ୟ ସୂଚାରୁ ରୂପେ ଚାଲୁଛି ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷରେ ମେସିନ ଦ୍ୱାରା ହେଉଥିବା କାମ ସମ୍ପର୍କିତ ପ୍ରଶ୍ନକୁ ମଧ୍ୟ ଏଡ଼ାଇ ଯାଇଛନ୍ତି। ବର୍ଷ ଉପର ମୁଣ୍ଡରୁ ପାଣି ନ ଆସିଲେ କେମିତି କେନାଲରେ ପାଣି ଆସିବ ବୋଲି ଯୁକ୍ତି ବାଢ଼ିଛନ୍ତି ଜଳସମ୍ପଦ ଅଧିକାରୀ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଅଧିକାରୀଙ୍କ ଏଭଳି ତଦନ୍ତ ଓ ଯୁକ୍ତିକୁ ନେଇ କ୍ଷୋଭ ପ୍ରକାଶ କରିଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି।

**● କଣାସରେ ଲାଗିରହିଛି ଝାଡ଼ାବାନ୍ତି**

## ୧୫ ଦିନ ହେଲା ଥମୁନି; ପୁଣି ୨୦ ଆକ୍ରାନ୍ତ



**କଣାସ,୧୫।୭ (ସମିସ):** କଣାସ ବ୍ଲକ୍‌ରେ ୧୫ଦିନ ହେଲା ଝାଡ଼ାବାନ୍ତି ଲାଗିରହିଥିବା ବେଳେ ମଙ୍ଗଳବାର କରମଳା ଗ୍ରାମରୁ ଗୋଟିଏ ପରିବାରର ୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି ହୋଇଛନ୍ତି। ଏଥିସହ ଅନ୍ୟ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ୧୬ଜଣ ଝାଡ଼ାବାନ୍ତି ରୋଗୀ ଚିକିତ୍ସିତ ହେଉଛନ୍ତି। ଦୀର୍ଘ ୧୫ ଦିନ ହେଲା ଏଠାରେ ଝାଡ଼ାବାନ୍ତି ଲାଗିରହିଛି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷମାନିଧି ସେଠୀଙ୍କୁ ପଚାରିବାରୁ, ସେ କୁହନ୍ତି ଜନସାଧାରଣଙ୍କ ସଚେତନତା ଅଭାବରୁ ଝାଡ଼ାବାନ୍ତି ଲାଗିରହିଛି। ବିଶେଷକରି ଗ୍ରାମବାସୀମାନେ ପାଇଖାନା ବ୍ୟବହାର ନ କରି ବାହାରେ ମଳତ୍ୟାଗ କରୁଥିବା ଏବଂ ନଦୀନାଳର ବିଶୁଦ୍ଧ ପାଣିକୁ ବ୍ୟବହାର କରୁଥିବାରୁ ଝାଡ଼ାବାନ୍ତି ଲାଗିରହିଛି। ପ୍ରକାଶ ଥାଉକି, ୩ ମାସ ତଳେ ଗଡ଼ିଶାଗୋଦା ଅଞ୍ଚଳରେ ନୂଆଗାଁ, ନଈକୂଳପାଟଣା, ଗଡ଼ିଶାଗୋଦା, ଯାମଳଗୋଦା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୀର୍ଘ ୧ ମାସ ଧରି ଝାଡ଼ାବାନ୍ତି ଲାଗିରହିବା ଏବଂ ୬ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହେବାରୁ ବ୍ଲକ୍ ପ୍ରଶାସନ, ଜିଲ୍ଲା ପ୍ରଶାସନ, ରାଜ୍ୟ ପ୍ରଶାସନର ମୁଣ୍ଡବ୍ୟଥାର କାରଣ ହୋଇପଡ଼ିଥିଲା।

ରାସନ ବଣ୍ଟନ କେନ୍ଦ୍ରରେ ଡିଲର ପରିବର୍ତ୍ତନକୁ ନେଇ ଅସନ୍ତୋଷ

## ବିଡିଓଙ୍କ ଦ୍ୱାରସ୍ଥ ହେଲେ ନନ୍ଦିଗୋଦା ଗ୍ରାମବାସୀ

**କଣାସ,୧୫।୭ (ସମିସ):** କଣାସ ବ୍ଲକ୍ ବିଜିପୁର ପଞ୍ଚାୟତ ନନ୍ଦିଗୋଦା ଗ୍ରାମରେ ରାସନ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ଅସନ୍ତୋଷ ଉପୁଜିଛି। ଏଠାରେ ନିଯୁକ୍ତ ଥିବା ଡିଲରଙ୍କୁ ବଦଳାଇ ଅନ୍ୟଜଣେ ନୂତନ ଡିଲରଙ୍କୁ ନିଯୁକ୍ତ କରିଛନ୍ତି ବ୍ଲକ୍ ପ୍ରଶାସନିକ ଅଧିକାରୀ। ଏନେଇ ୧୧୮ ଜଣ ମହିଳା ମଙ୍ଗଳବାର କଣାସ ବ୍ଲକ୍ ବିଡିଓଙ୍କ ନିକଟରେ ପହଞ୍ଚି ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ତତ୍ ସହିତ ବ୍ଲକ୍ ଯୋଗାଣ ଅଧିକାରୀଙ୍କ ନିକଟରେ ମଧ ଦାବିପତ୍ର ପ୍ରଦାନ କରିଛନ୍ତି।

ଖବର ନେବାରେ ଜଣାପଡ଼ିଛି, ନନ୍ଦିଗୋଦା ଗ୍ରାମବାସୀମାନେ ପୂର୍ବରୁ ଯେଉଁ ଡଲରଙ୍କଠାରୁ ରାସନ ଚାଉଳ ନେଉଥିଲେ ପ୍ରଶାସନିକ ଅଧିକାରୀ ତାଙ୍କୁ ବଦଳାଇ ନୂତନ ଡିଲରଙ୍କଠାରୁ ଚାଉଳ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ମଙ୍ଗଳବାର ୧୧୮ ଜଣ ମହିଳା କଣାସ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଏବଂ ଯୋଗାଣ ଅଧିକାରିଣୀ କବିତା ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।



**ସାକ୍ଷୀଗୋପାଳ ରେଳ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ମାପଚୁପ ଆରମ୍ଭ**

## ବ୍ୟବସାୟୀଙ୍କ ପକ୍ଷରୁ ବଜାର ରାସ୍ତା ଅବରୋଧ

**ସାକ୍ଷୀଗୋପାଳ,୧୫।୭ (ସମିସ):** ଚିନ୍ତାରେ ସାକ୍ଷୀଗୋପାଳ ବଜାରରେ ବ୍ୟବସାୟ କରୁଥିବା ବ୍ୟବସାୟୀ। ଥଇଥାନ ଓ ସହାୟତାକୁ ଗୁରୁତ୍ୱ ନ ଦେଇ ସାକ୍ଷୀଗୋପାଳ-ଅଲଗୁମ ରାସ୍ତାରେ ସାକ୍ଷୀଗୋପାଳ ବଜାର ମୁଖ୍ୟ ରାସ୍ତାରେ ରହିଥିବା ରେଳ ଫାଟକ ଉପରେ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ମଙ୍ଗଳବାର ପୂର୍ବାହ୍ଣ ୧୦ଟାରୁ ଭୂମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ କରାଯିବାକୁ ଥିବା ଜୟପୁର ପଞ୍ଚାୟତ ଓ ପେଣ୍ଠପଡ଼ା ପଞ୍ଚାୟତରେ ବ୍ୟକ୍ତିଗତ ଜମି ୨.୫୩୫ ଏକର। ସରକାରୀ ଜମି ୨.୬୬ ଏକର ହୋଇଥିବାବେଳେ ଦେବୋତ୍ତର ଜମି ହେଉଛି ୧.୮୪୦ ଏକର। ମଙ୍ଗଳବାର ଆରମ୍ଭ ହୋଇଥିବା ଭୂମି ଚିହ୍ନଟ ପ୍ରକ୍ରିୟାକୁ ସାକ୍ଷୀଗୋପାଳ ବଜାରରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଓ ବ୍ୟାବସାୟିକ ପ୍ରତିନିଧି ବଜାର କମିଟିର ବରିଷ୍ଠ ସଦସ୍ୟ ବିଷ୍ଣୁପ୍ରସାଦ ମିଶ୍ର, ସଞ୍ଜୀବ ଦାଶ, ଅମିୟ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶଙ୍କର୍ଷଣ ପ୍ରଧାନଙ୍କ ସମେତ ଅନ୍ୟମାନେ ଏହି ଚିହ୍ନଟ ପ୍ରକ୍ରିୟା ବନ୍ଦ କରିବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ। ଏହା ସହିତ ବ୍ୟବସାୟୀମାନେ ସାକ୍ଷୀଗୋପାଳ ବଜାର ରାସ୍ତାକୁ ଅବରୋଧ କରି ରାସ୍ତା ଉପରେ ବସି ରହି ସତ୍ୟବାଦୀ ବିଧାୟକ ଘଟଣାସ୍ଥଳକୁ ଆସି ଏହି ସମସ୍ୟା ସମାଧାନ ଉପରେ ସହଯୋଗ କରିବା ପାଇଁ ଦାବି କରିଥିଲେ। ତେଣୁ ଚିହ୍ନଟ ପ୍ରକ୍ରିୟା ବନ୍ଦ କରାଯାଇଥିଲା। ପରେ ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ ଓ ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ାଙ୍କ ହସ୍ତକ୍ଷେପ ପରେ ବ୍ୟବସାୟୀମାନେ ରାସ୍ତାରୁ ଅବରୋଧ ଉଠାଇବା ସହ ଆଉ ଗୋଟିଏ ଦିନ ଅର୍ଥାତ ବୁଧବାର ପର୍ଯ୍ୟନ୍ତ ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବାକୁ ଅନୁରୋଧ କରିଥିଲେ। ଏହି ସର୍ତ୍ତରେ ରାଜି ହୋଇ

**ବ୍ୟବସାୟୀଙ୍କ ଥଇଥାନକୁ ଗୁରୁତ୍ୱ ଦିଆଯାଉନି: ସଂଘ**

ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ ମଙ୍ଗଳବାର ଅପରାହ୍ଣ ୧ଟାରୁ ବୁଧବାର ପୂର୍ବାହ୍ଣ ୧୦ଟା ପର୍ଯ୍ୟନ୍ତ ଚିହ୍ନଟ ପ୍ରକ୍ରିୟା ବନ୍ଦ ରଖିବା ପାଇଁ ରାଜି ହୋଇଥିଲେ। ସତ୍ୟବାଦୀ ଅତିରିକ୍ତ ତହସିଲ୍‌ଦାର ଶ୍ରୀ ପରିଡ଼ା ଓ ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେଙ୍କ ଦ୍ୱାରା ଗଠିତ ଦୁଇଟି କମିଟି ଦ୍ୱାରା ଏହି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କମିଟିରେ ପେଣ୍ଠପଡ଼ା ପଞ୍ଚାୟତ ଭୂମି ଅଧିଗ୍ରହଣ ନିମନ୍ତେ ସତ୍ୟବାଦୀ ଅତିରିକ୍ତ ତହସିଲ୍‌ଦାର ଶ୍ରୀ ପରିଡ଼ା ମୁଖ୍ୟ ରହିଥିବାବେଳେ ତାଙ୍କ ଟିମ୍‌ରେ (ଆର୍ ଆଣ୍ଡ ବି) ଡିଭିଜନ ପୁରୀର ଯନ୍ତ୍ରୀ ଜିତେନ୍ଦ୍ର ବେହେରା, ଆର୍‌ଆଇ ପ୍ରଶାନ୍ତ ଜେନା, ଅମିନ ଶିଖର ଜେନା, ଶକ୍ତି ପ୍ରସାଦ ଶତପଥୀ ଓ ସହାୟକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ରହିଛନ୍ତି। ଅନ୍ୟ କମିଟି ପେଣ୍ଠପଡ଼ା ଓରଫ ଗୋପାଳପୁର ପାଟଣା ନିମନ୍ତେ ସହକାରୀ ଜିଲ୍ଲାପାଳ ଆଶୁତୋଷ ଦେ, ପୁରୀ (ଆର୍ ଆଣ୍ଡ ବି) ଯନ୍ତ୍ରୀ ସ୍ମୃତିରଞ୍ଜନ ଦଳାଇ, ଆର୍‌ଆଇ ଅଙ୍ଗଦ କୁମାର ଭୋଇ, ରଶ୍ମି ରଞ୍ଜନ ସିଂ, ଅମିନ ମୃତ୍ୟୁଞ୍ଜୟ ସିଂ, ଅକ୍ଷୟ ସାହୁ ରହିଛନ୍ତି। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ ପାଣିଗ୍ରାହୀ ଉପସ୍ଥିତ ରହି ଏହି କାର୍ଯ୍ୟ ସମ୍ପାଦନା କରୁଛନ୍ତି।

ପ୍ରକାଶ ଥାଉକି, ନିର୍ମାଣ ହେବାକୁ ଥିବା ଏହି ଓଭରବ୍ରିଜ୍‌ର ଲମ୍ବ ହେଉଛି ୬୨୨ ମିଟର। ଓଭରବ୍ରିଜ୍ ସହ ଉଭୟ ପଟେ ଆପ୍ରୋଚ୍ ରୋଡ୍‌କୁ ମିଶାଇ ସମୁଦାୟ ୮୬ ଫୁଟ୍ ପ୍ରକଳ୍ପ ନିମନ୍ତେ ରହିବ। ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡଠାରୁ ଅଲଗୁମ ଯାଇଥିବା ରାସ୍ତାର ମଧ୍ୟ ଭାଗରୁ ଉଭୟ ପାଶ୍ୱର୍ରେ ୪୩ ଫୁଟ୍ ଲେଖାଏଁ ଚିହ୍ନଟ କରାଯାଉଛି। ବୁଧବାର ଏହି ପ୍ରକଳ୍ପ ନିମନ୍ତେ ହେବାକୁ ଥିବା ମାପଚୁପ ନିମନ୍ତେ ବ୍ୟାପକ ପୁଲିସ ମୁତୟନ କରାଯିବ ବୋଲି ଜଣାପଡ଼ିଛି।

ଏହାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଙ୍ଘ ତରଫରୁ କ୍ଷତିପୂରଣ ଓ ଥଇଥାନ ନିମନ୍ତେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କ ସହିତ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ବିଧାୟକ ଶ୍ରୀ ମିଶ୍ର କହିଥିଲେ, ବ୍ୟବସାୟୀମାନଙ୍କ ଥଇଥାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ। ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକ ବୃହତ୍ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯିବ। ଏହି ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ବିସ୍ଥାପିତ ହେବାକୁ ଥିବା ବ୍ୟବସାୟୀମାନଙ୍କୁ ଥଇଥାନ କରାଯିବ। ଅଧିଗ୍ରହଣ ହେବାକୁ ଥିବା ଜମି ଓ ରାସ୍ତାର ଓସାର କମାଇବା ନିମନ୍ତେ ରେଳ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ। ବର୍ତ୍ତମାନ ନିମନ୍ତେ ପ୍ରସ୍ତାବିତ ରେଳ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ହେଉଥିବା ସର୍ଭେ କାର୍ଯ୍ୟକୁ ସହଯୋଗ କରିବା ନିମନ୍ତେ ବିଧାୟକ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ସତ୍ୟବାଦୀ ତହସିଲ୍‌ଦାର ଶ୍ରୀ ପାଣିଗ୍ରାହୀ ଓ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ପୁରୁଷୋତ୍ତମ ନାୟକଙ୍କ ସମେତ ସାକ୍ଷୀଗୋପାଳ ବଜାର ବ୍ୟବସାୟୀ ସଙ୍ଘର କର୍ମକର୍ତ୍ତା ଓ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

ସକାଳ THE SAKALA



## ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ନେଇ ବିଜେଡିର ରାସ୍ତା ଅବରୋଧ

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ପୁତ୍ତଳିକା ଦାହ; ଇସ୍ତଫା ଦାବି



- ଡବଲ ଇଞ୍ଜିନ ସରକାରରେ ଡବଲ ନାରୀ ନିର୍ଯାତନା: ବିଜେଡି
- ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୁଲିସ

**ବାରିପଦା, ୧୫ ।୭ (ସମିସ)**

ବାଲେଶ୍ୱର ଏଫଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସୋମବାର ରାତିରେ ଏମ୍ସରେ ମୃତ୍ୟୁ ହେବା ପରେ ସମଗ୍ର ରାଜ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବାରିପଦାରେ ବିଜେଡି ପକ୍ଷରୁ ମଙ୍ଗଳବାର ଜାତୀୟ ରାଜପଥ ଅବରୋଧ କରାଯାଇଛି । ମୃତ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ମୁର୍ଗାବାଡି ନିକଟ ଜୁବୁଲି ପେଟ୍ରୋଲ ପମ୍ପ ଛକ ସମ୍ମୁଖରେ ୧୮ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ ବିଜେଡି କର୍ମୀ । ଛାତ୍ରୀ ଜଣକ ନିଜର ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଥିବା ବେଳେ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିଲେ । ଫଳରେ ଛାତ୍ରୀ ଜଣକ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଦେବା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଦାୟୀ । ଡବଲ ଇଞ୍ଜିନ ସରକାରରେ ନାରୀ ନିର୍ଯାତନାର ମାତ୍ରା ବୃଦ୍ଧି ପାଇଥିବା ବେଳେ ତାହାକୁ ରୋକିବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଛାତ୍ରୀ ଜଣକ ୬ ମାସ ହେବ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ ଜଣାଇବା ପରେ ବି ସରକାର ତାଙ୍କ କଥା ଶୁଣିନଥିଲେ । ଏପରିକି ଛାତ୍ରୀ ଜଣକ ଏକ୍ସ ମାଧ୍ୟମରେ ସୂଚନା ଦେଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଗଲାନାହିଁ । ଡବଲ ଇଞ୍ଜିନ ସରକାର ତାଙ୍କୁ ନ୍ୟାୟ ଦେଇ ନପାରିବାରୁ ସେ କଠୋର ପଦକ୍ଷେପ ନେଲେ ବୋଲି ବିଜେଡି ଅଭିଯୋଗ କରିଛି । ଏଣୁ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଦାବି କରିଛନ୍ତି ନେତୃବୃନ୍ଦ । ଅବରୋଧସ୍ଥଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶ ପତ୍ତଳିକା ଦାହ କରାଯାଇଥିଲା । ଅତିରିକ୍ତ ଏସପି, ବାରିପଦା ସଦର ଏସଡିପିଓ ଏବଂ ଥାନା ଅଧିକାରୀ ପହଞ୍ଚି ଅବରୋଧକାରୀଙ୍କ ସହ ଆଲୋଚନା କରିଥିଲେ; ହେଲେ ସେମାନେ ଜିଦରେ ଅଟଳ ରହିବାରୁ ବଳପୂର୍ବକ ଭାବେ ପୁଲିସ ତାଙ୍କୁ ଉଠାଇ ଭ୍ୟାନରେ ଦୂରକୁ ନେଇଥିଲେ । ଉକ୍ତ ସମୟରେ ବିଜେଡି କର୍ମୀ ଓ ପୁଲିସ ମଧ୍ୟରେ କଥା କଟାକଟି ହୋଇଥିଲା । ପ୍ରାୟ ୩୦ ମିନିଟ ଧରି ରାସ୍ତା ଅବରୋଧ ଫଳରେ ବହୁ ଯାନବାହନ ଅଟକି ରହିଥିଲା । ବିଜେଡିର ଦୁଇଜଣ ସାଙ୍ଗଠନିକ ଜିଲ୍ଲା ସଭାପତି ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓ ଡା ଦେବାଶିଷ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପ୍ରୀତିନନ୍ଦା କାନୁନଗୋ, ଜିତେନ୍ଦ୍ର ମହାନ୍ତି, ପ୍ରଭାତ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ନରେନ୍ଦ୍ର ହାଁସଦା, ସୁଜିତ ମହାନ୍ତି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ଶ୍ରବଣ ଗୋପ, ମଳୟ ଜେନା, ଶ୍ରାବଣୀ ଦାସ, ଜିତ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ଆଭାସ ଦେ, ଅନନ୍ତ ଦାସ, ମହେଶ ଭଞ୍ଜଦେଓ, ସୁଧୀର ବାରିକ, ପ୍ରଶାନ୍ତ ବେହେରା, ତ୍ରୈଲକେଶ ପଣ୍ଡା, ରାଜ ଗୁପ୍ତା, ଦିଗବିଜୟ ହାଁସଦା, ରଜନୀକାନ୍ତ ମହାନ୍ତ, ଶିବଶଙ୍କର ପାତ୍ର, ବିବେକାନନ୍ଦ ନାୟକ, ଶିରିଷ ହେମ୍ବ୍ରମ, କାମିନୀକାନ୍ତ ପରିଡ଼ା, ଭବାନି ଧଡା, ମିଳିଣ୍ଡ ସ୍ୱାଇଁ, ଗୋବିନ୍ଦ ବେହେରା, ପ୍ରସନଜିତ ମହାନ୍ତି, ଲିଟନ ମହାପାତ୍ର, କମଲ ଧଳ, ସେକ ଅମନଉଲ୍ଲାଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଅବରୋଧସ୍ଥଳରେ ଉପସ୍ଥିତ ଥିଲେ ।

## ଛାତ୍ର ନେତାଙ୍କ ଗିରଫକୁ ଏଆଇଡିଏସ୍‌ଓର ନିନ୍ଦା




**ବାରିପଦା:** ଏଆଇଡିଏସ୍‌ଓ ଜିଲ୍ଲା କମିଟି ପକ୍ଷରୁ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରିବାକୁ ରାଜ୍ୟ ସରକାର ଚକ୍ରାନ୍ତ କରୁଥିବା ଅଭିଯୋଗ କରିଛନ୍ତି । ରେଭେନ୍ସା ସମାବର୍ତ୍ତନ ସଭା ଆଳରେ ଏଆଇଡିଏସ୍‌ଓର କଟକ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକଙ୍କୁ ପୁଲିସ ଜିଲ୍ଲା କାର୍ଯ୍ୟାଳୟରୁ ଗିରଫ କରିବା ସହ ଅନ୍ୟ ଛାତ୍ରନେତାଙ୍କୁ ଗିରଫ ପାଇଁ ତନାଘନା ଆରମ୍ଭ କରିଛନ୍ତି । ଏହି ଗିରଫଦାରୀକୁ ଏଆଇଡିଏସ୍‌ଓର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ତୀବ୍ର ନିନ୍ଦା କରିଛନ୍ତି । ସଙ୍ଗଠନ ତରଫରୁ କୁହାଯାଇଛି ଯେ ଦୀର୍ଘ ୮ ମାସ ଧରି ଏଫଏମ୍ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ଲଢେଇ କରି ଆସୁଥିଲେ । ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ପୁଲିସ, ରାଜ୍ୟ ସରକାର ତଥା ବାଲେଶ୍ୱର ସାଂସଦ, ବିଧାୟକଙ୍କ ମଧ୍ୟ ସେ ଜଣାଇଥିଲେ ମଧ୍ୟ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲେ । ଫଳରେ ସେ ଗତ ୧୨ତାରିଖରେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ । ଏହି ଘଟଣାର ଉଚ୍ଚସ୍ତରୀୟ ବିଚାର ବିଭାଗୀୟ ତଦନ୍ତ କରି ସମ୍ପୃକ୍ତ ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଦାବିରେ ଏଆଇଡିଏସ୍‌ଓ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଜାରି ରହିଛି । ସୋମବାର ରାତିରେ ପୀଡ଼ିତଙ୍କ ମୃତ୍ୟୁ ପରେ ଏହି ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ରାଜ୍ୟ ସରକାର ଆଶଙ୍କା କରି ରେଭେନ୍ସା ସମାବର୍ତ୍ତନ ସଭା ଆଳରେ ଛାତ୍ରନେତାଙ୍କୁ ଗିରଫ କରିବା ଆରମ୍ଭ କରିଛନ୍ତି । ଯାହାକି ଅତି ନିନ୍ଦନୀୟ । ସୂଚନା ଯୋଗ୍ୟ ଯେ, ଏଭଳି ଏକ ବେଦନାଦାୟକ ଓ ସମ୍ବେଦନଶୀଳ ପରିସ୍ଥିତିରେ ସମାବର୍ତ୍ତନ ସଭା ବାତିଲ ନ କରି ଛାତ୍ରନେତାଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ । ଏହାକୁ ସଙ୍ଗଠନ ତରଫରୁ ତୀବ୍ର ନିନ୍ଦା କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ସଦସ୍ୟ ମାଣିକ ମୁଣ୍ଡା, ବାପୁନ୍ ବାନରା, ସଦସ୍ୟା ବୁଦୁନି ବାନରା, ପୂଜା ସିଂ, ବୀଜ ହେମ୍ବ୍ରମ, ଦୁଲାରି ଟୁଡୁ, କାଜଲ ହେମ୍ବ୍ରମ, ଦେଉଲା ମାର୍ଣ୍ଡି, ସାବିତ୍ରୀ ମାର୍ଣ୍ଡୀ ଓ ବାସନ୍ତୀ ସିଙ୍କୁ ପ୍ରମୁଖ ଉପସ୍ଥିତ ଥିଲେ ।



## ଏମ୍‌ପିସି କଲେଜ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ବାରିପଦା:** ବାଲେଶ୍ୱର ଏଫଏମ୍ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏମପିସି କଲେଜ ସମ୍ମୁଖରେ ଜିଲ୍ଲା ସଂଗଠନ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ଦୀର୍ଘ ୬ ମାସ ହେବ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କୁ ଛାତ୍ରୀ ଜଣକ ଅଭିଯୋଗ ଜଣାଇଥିଲେ; କିନ୍ତୁ ତାଙ୍କ କଥା କେହି ଶୁଣି ନ ଥିଲେ । ଫଳରେ ସେ ଆତ୍ମହତ୍ୟା ଭଳି ସଙ୍ଗୀନ ପନ୍ଥାକୁ ଆପଣେଇଥିଲେ । ଏହିପରି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ ଏମପିସି କଲେଜ ସମ୍ମୁଖରେ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଇସ୍ତଫା ଦାବି କରି କୁଶପତ୍ତଳିକା ଦାହ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାଣିଜ୍ୟ ଓ ବେପାର ସଭାପତି ଯୋଗେଶ ଅଗ୍ରୱାଲ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ମୋତିପ୍ରକାଶ ଦାସ, ଜିଲ୍ଲା ସଭାନେତ୍ରୀ ସୁସ୍ମିତା ଘୋଷାଲ, ଜିଲ୍ଲା ପଞ୍ଚାୟତ ପରିଷଦ ଅଧ୍ୟକ୍ଷ ଶିବାନନ୍ଦ ଦାସ, ଜିଲ୍ଲା କୃଷକ ସେଲ ଅଧ୍ୟକ୍ଷ ଦୀପକ ଦାସ, ମାଧବୀ ସେନାପତି, ଶୁଭସ୍ମିତା ଦାସ, ଫରିଦା ତବସୁମ ଓ ସେକ ଇକବାଲ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ ।

## ସମ୍ବର ମାଂସ ଜବତ; ୨ ଶିକାରୀ ଗିରଫ

**ମହୁଲଡିହା, ୧୫।୭ (ସମିସ):** ଠାକୁରମୁଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ନୂଆ କେଶଡିହା ନିକଟରେ ବନ କର୍ମଚାରୀ ସମ୍ବର ମାଂସ ଜବତ କରିବା ସହିତ ୨ ଜଣ ଶିକାରୀଙ୍କୁ ଗିରଫ କରିଛନ୍ତି । ଅଭିଯୁକ୍ତଙ୍କୁ ବାରିପଦା ସିଜେଏମ କୋର୍ଟରେ ହାଜର କରିବା ପରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଉଲ୍ଲଂଘନ ଅଭିଯୋଗରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଘଟଣାରୁ ପ୍ରକାଶ ଯେ, ଠାକୁରମୁଣ୍ଡା ବନାଞ୍ଚଳ କର୍ମଚାରୀ ନୂଆ କେଶଡିହା ନିକଟରେ ୧୩ ତାରିଖରେ ଛକି ରହିଥିଲେ । ଉଭୟ ଶକାରୀ ମାଂସ ଧରି ପାହାଡ଼ରୁ ଓହ୍ଲାଇବା ପରେ ବନ କର୍ମଚାରୀମାନେ ସେମାନଙ୍କୁ କାବୁ କରିଥିଲେ । ଗିରଫ ଶିକାରୀମାନେ ହେଲେ ଚମ୍ପାଝର ଗ୍ରାମପଞ୍ଚାୟତର ପତ୍ରପଡ଼ା ଗ୍ରାମର ତ୍ରିବନ ହୋ (୩୫) ଏବଂ ଶରତ ଥାନା ନୋଟ ଗ୍ରାମପଞ୍ଚାୟତ ପ୍ରଶ୍ନଚନ୍ଦ୍ରପୁର ଗ୍ରାମର ଚାର୍ଲସ ବୈପାଇ (୪୭) ।

## ଏମ୍‌ପିସି କଲେଜରେ କର୍ମଶାଳା

**ବାରିପଦା, ୧୫ ।୭ (ସମିସ):** ଏମପିସି ସ୍ୱୟଂଶାସିତ କଲେଜରେ ମହିଳା କର୍ମଜୀବୀ ଓ ଛାତ୍ରୀ ଯୌନ ନିର୍ଯାତନା ଆଇନ ସମ୍ବନ୍ଧୀୟ ସଚେତନତା ଓ ନିବାରଣ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷା ଡ. ଆଲବର୍ଟିନା ତିର୍କୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ୟୁଜିସି ପକ୍ଷରୁ ଜାରି ନିୟମକୁ କଡ଼ାକଡ଼ି ପାଳନ କରିବା ଓ ଅନ୍ତରୀଣ ତଦନ୍ତ କମିଟିର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ । କର୍ମଶାଳାରେ କଲେଜର ଅନ୍ତରୀଣ ତଦନ୍ତ କମିଟିର ସଦସ୍ୟ ଡ. ସୋନାଲି ମହାନ୍ତ, ରଞ୍ଜନା ସିଂ, ରଶ୍ମିତା ନାଏକ, ଭୀମ ଚରଣ ମୁର୍ମୁ ଓ ଜ୍ଞାନରଞ୍ଜନ ନାଏକ ଉପସ୍ଥିତ ରହି କଲେଜରେ ଯୌନ ଶୋଷଣ, ହିଂସା ବା ନିର୍ଯାତନାର ଅଭିଯୋଗ ଆସିଲେ ତାର ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ । ଗତକାଲି କଲେଜର ଛାତ୍ରଛାତ୍ରୀଙ୍କୁ ନେଇ ଛାତ୍ରୀ ଆତ୍ମାହୁତି ଘଟଣା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଏକ ମହମବତୀ ଶୋଭାଯାତ୍ରା ବାହାରିଥିଲା ।

## ଓଏଭିରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଉଦ୍‌ଘାଟିତ



**ବାରିପଦା, ୧୫ ।୭ (ସମିସ):** ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ସାନଶୋଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ ଯୋଗଦେଇ ଛାତ୍ରୀ ନିବାସକୁ ଉଦଘାଟନ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବ୍ଲକ ଉନ୍ନୟନ ଅଧିକାରୀ ମୁନା ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ଦିପ୍ତୀମୟୀ ସିଂ, ଜିଲ୍ଲା ପରିଷଦ ମଧୁସୂଦନ ସିଂ, ବ୍ଲକ ଚେୟାରମ୍ୟାନ ଚନ୍ଦ୍ରମୋହନ ସିଂ ତଥା ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ସପ୍ତାହ ପାଳନ ଅବସରରେ ଛାତ୍ରାବାସ ପରିସରରେ ଅତିଥିମାନେ ଚାରାରୋପଣ କରିଥିଲେ । ଉଦ୍‌ଘାଟନ ଉତ୍ସବରେ ବିଦ୍ୟାଳୟ ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ପାଣିଙ୍କ ଅଧ୍ୟକ୍ଷତାରେ କରିଥିଲେ ।

## ଧର୍ଷଣ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଲା ପୁଲିସ

**କରଞ୍ଜିଆ, ୧୫।୭ (ସମିସ):** କିଛିଦିନ ତଳେ କରଞ୍ଜିଆ ଥାନା ଅନ୍ତର୍ଗତ ହଳଦିଆପୋଷି ନିକଟ ନଧାଗାଡ଼ିଆ କାଜୁ ଜଙ୍ଗଲରୁ ଜଣେ ଯୁବତୀଙ୍କୁ ଅପହରଣ କରାଯାଇ କୁଇତା ଢ଼ାବା ନିକଟରେ ଗଣ ଦୁଷ୍କର୍ମ କରିଥିଲେ । ଏଥିରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ମଙ୍ଗଳବାର କରଞ୍ଜିଆ ପୁଲିସ ଜେଲରୁ ରିମାଣ୍ଡରେ ଦିନକ ପାଇଁ ଆଣିଛି । କରଞ୍ଜିଆ ଥାନା ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ ଉକ୍ତ ଘଟଣାରେ ଅଧିକ ତଦନ୍ତ କରିବା ପାଇ ବିଚାର ବିଭାଗ କୋର୍ଟରେ ନିବେଦନ କରିଥିଲେ । ଅଦାଲତ ଆଜି ସମ୍ପୃକ୍ତ ଥିବା ୭ଜଣ ଆସାମୀଙ୍କୁ କରଞ୍ଜିଆ ଜେଲରୁ ଆଣିବା ପାଇ ଅନୁମତି ପ୍ରଦାନ କରିଥିଲେ । ଥାନା ଅଧିକାରୀ ଶରତ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସେମାନଙ୍କ ଡାକ୍ତରୀ ପରୀକ୍ଷା ପରେ ସେମାନଙ୍କୁ ତଦନ୍ତ ପରିସର କରାଯାଇଛି । ଆସନ୍ତା କାଲି ପୁଣି ଜେଲକୁ ପଠାଇ ଦିଆଯିବ ।

## ଭଞ୍ଜସେନାର ଯୁବଛାତ୍ର ମିଶ୍ରଣ ପର୍ବ; ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାରିପଦା, ୧୫ ।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାର ଏକ ମାତ୍ର ଅଗ୍ରଣୀ ତଥା ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ମଙ୍ଗଳବାର ଏକ ବିଶାଳ ଯୁବଛାତ୍ର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ମାଟି ଓ ଜିଲ୍ଲାବାସୀଙ୍କ ସ୍ୱାର୍ଥ ପାଇଁ ଭଞ୍ଜସେନା ଦୀର୍ଘ ୨୭ ବର୍ଷ ନିରବଚ୍ଛିନ୍ନ ଆନ୍ଦୋଳନ ପାଇଁ ଅନୁପ୍ରାଣିତ ହୋଇ ଶ୍ୟାମାଖୁଣ୍ଟା, ବାଙ୍ଗିରିପୋଷି ଓ ବାରିପଦା ବ୍ଲକ ଅଞ୍ଚଳ ତଥା ବାରିପଦା ପୌର ପରିଷଦର ବିଭିନ୍ନ ୱାର୍ଡର ଶତାଧିକ ଯୁବ ଓ ଛାତ୍ର ମିଶ୍ରଣ ଦିବସରେ ଭଞ୍ଜ ସେନା ସହ ଜଡ଼ିତ ହୋଇଛନ୍ତି । ଆଗକୁ ଭଞ୍ଜସେନା ଆହୁରି ସଶକ୍ତ କରିବା ପାଇଁ ବଦ୍ଧପରିକର ହୋଇଛନ୍ତି । ମିଶ୍ରଣ ପର୍ବରେ ସର୍ବ ପ୍ରଥମେ ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସଙ୍ଗଠନର ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଅଧ୍ୟକ୍ଷ ସଞ୍ଜୀବ ରାଉତ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ଆବାହକ ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ସାଧାରଣ



ସମ୍ପାଦକ ଓ ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଉପ ସଭାପତି ବିଜୁ ସିଂ, ସହର ସଭାପତି ରାକେଶ ମହାନ୍ତି, ଯୁବ ସଭାପତି ଏସ୍. କେ ରାଜା ଖାଁ ଯୋଗ ଦେଇଥିବା ୩୦୦ରୁ ଊର୍ଦ୍ଧ୍ୱ ଯୁବ ଛାତ୍ରଙ୍କୁ ସଂଗଠନ ପକ୍ଷରୁ ସ୍ୱାଗତ କରାଯାଇ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି ।

## ସାହାଣୀ କପ୍ ପାଇଁ ୨୫ ଜଣିଆ ଦଳ ଘୋଷିତ




**ବାରିପଦା, ୧୫ ।୭ (ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଆନୁକୂଲ୍ୟରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବାକୁଥିବା ୬୪ତମ ରାଜ୍ୟସ୍ତରୀୟ ବରିଷ୍ଠ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ୨୫ ଜଣିଆ ଦଳ ଘୋଷିତ ହୋଇଯାଇଛି । ରାଇସେନ ଟୁଡୁ (ଅଧିନାୟକ), ମାନଚିତ୍ର ମାର୍ଣ୍ଡି (ଉପ ଅଧିନାୟକ)ଙ୍କ ସମେତ ଜୀବନ ବାସ୍କେ, ନାରଣ ମୁଣ୍ଡା, ବିଶାଲ ଟୋପୋ, ରାମଚନ୍ଦ୍ର ହେମ୍ବ୍ରମ, ସିପୁନ ହାଁସଦା, ଜିତମଲ ଟୁଡୁ, ମାଙ୍ଗତ ମାର୍ଣ୍ଡି, ରାମଚନ୍ଦ୍ର ବେଶ୍ରା, ମାନସିଂ ମାଝୀ, ଭରତ ଚନ୍ଦ୍ର ମାଝୀ, ସାଲାହୀ ଟୁଡୁ, ସୁକୁଲ ହେମ୍ବ୍ରମ, ଠାକୁର ହେମ୍ବ୍ରମ, ଗଣେଶ ସୋରେନ, ରଘୁନାଥ ସୋରେନ, ବାବୁଲି ନାଏକ, ନୀଲେଶ ତିଗା, ବୀରସିଂ ନାଏକ, ଲକ୍ଷ୍ମଣ ମାଝୀ, ଠାକୁରା ମୁର୍ମୁ, ମାଟୁ ଟୁଡୁ, ସୁମିତ କୁମାର ଓ ସିଲୁ ମୁର୍ମୁ ଦଳରେ ସାମିଲ ଅଛନ୍ତି । ଦଳ ସହିତ କୋଚ ଅବନୀ ମୋହନ ମହାନ୍ତି ଓ ମ୍ୟାନେଜର ଭାବେ ଶ୍ରୀନିବାସ ହେମ୍ବ୍ରମ ଗସ୍ତ କରିଛନ୍ତି । ଆସନ୍ତା ୧୭ ତାରିଖରେ ମୟୂରଭଞ୍ଜ ପ୍ରଥମ ମ୍ୟାଚ କୋରାପୁଟ ସହିତ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ସୂଚନା ଦେଇଛନ୍ତି । ଦଳ ଗସ୍ତ କରିବା ପୂର୍ବରୁ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ସ୍ପୋର୍ଟସ ହଷ୍ଟେଲର ଫୁଟବଲ କୋଚ ଅବନୀ ମୋହନ ମହାନ୍ତି, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ଉପ ସଭାପତି ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ହରପ୍ରସାଦ ପାତ୍ର, ଅମ୍ବିକା ରାଉତ ଓ ବରିଷ୍ଠ ସଦସ୍ୟ ରାଜୀବ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

## ରାଜ୍ୟସ୍ତରୀୟ ଯୋଗାସନ ସ୍ପୋର୍ଟସ ଚାମ୍ପିଅନ୍‌ସିପ୍ | ୨୧ ପ୍ରତିଯୋଗୀ ପୁରସ୍କୃତ

**ବାରିପଦା, ୧୫ ।୭ (ସମିସ)**




କଟକ କଳିଙ୍ଗ ବ୍ୟାୟାମଶାଳାରେ ଓଡ଼ିଶା ଯୋଗ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୩୧ତମ ରାଜ୍ୟସ୍ତରୀୟ ଯୋଗାସନ ସ୍ପୋର୍ଟସ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ୨୧ ଜଣ ପୁରସ୍କୃତ ହୋଇଛନ୍ତି । ଏହି ଚାମ୍ପିଅନସିପ୍‌ରେ ୮ ରୁ ୧୦ ବର୍ଷ ବାଳକ ବିଭାଗରେ ପ୍ରସାଦ ବାରିକ ୧ମ, ନିହାର ରଞ୍ଜନ ସାହୁ ୩ୟ ଏବଂ ବାଳିକା ବିଭାଗରେ ଜିଜ୍ଞାସା ମହାନ୍ତ ୩ୟ, ୧୦ ରୁ ୧୨ ବର୍ଷ ବାଳିକା ବିଭାଗରେ ତନୁଶ୍ରୀ ରାଉତ ୨ୟ, ୧୨ ରୁ ୧୪ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ଦାସ ୧ମ, ୧୪ ରୁ ୧୬ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ନାୟକ ୧ମ, ଗୋପାଳ ସିଂହ ୬ଷ୍ଠ, ୧୮ ରୁ ୨୧ ବର୍ଷ ବାଳକ ବିଭାଗରେ ପ୍ରକାଶ ବେହେରା ୧ମ, ଦେବାଶିଷ ବାରିକ ୨ୟ ଏବଂ ବାଳିକା ବିଭାଗରେ ସୁମିତ୍ରା ବାସ୍କେ ୬ଷ୍ଠ, ୨୧ ରୁ ୨୫ ମହିଳା ବିଭାଗରେ ଆରତୀ ସିଂହ, ସୀତାଦେବୀ ହେମ୍ବ୍ରମ ୨ୟ, ୨୫ ରୁ ୩୦ ବର୍ଷ ମହିଳା ବିଭାଗରେ ରେଖା ବେହେରା ୧ମ ତଥା ନୃତ୍ୟ ସହ ଯୋଗ ପ୍ରତିଯୋଗିତାରେ ୧୨ ରୁ ୧୪ ବର୍ଷ ବାଳକ ବିଭାଗରେ କ୍ରିଷ୍ଣା ଦାସ ୧ମ, ରୁଦ୍ରନାରାୟଣ ଦାସ ୨ୟ, ୧୪ ରୁ ୧୬ ବର୍ଷ ବାଳକ ବିଭାଗରେ ଗୋପାଳ ସିଂହ ୨ୟ, କ୍ରିଷ୍ଣା ନାୟକ ୩ୟ, ୧୮ ରୁ ୨୧ ବର୍ଷ ବାଳକ ବିଭାଗରେ ପ୍ରକାଶ ବେହେରା ୨ୟ ଏବଂ ୨୧ରୁ ୨୫ ବର୍ଷ ମହିଳା ବିଭାଗରେ ସୀତାଦେବୀ ହେମ୍ବ୍ରମ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏଥିସହିତ ଯୋଗ କୁମାର ଭାବେ ୧ମ ରନର୍ସ ଅପ ଭାବେ କ୍ରିଷ୍ଣା ନାୟକ ଓ ୨ୟ ରନର୍ସ ଅପ ଭାବେ କ୍ରିଷ୍ଣା ଦାସ ୨ୟ ଏବଂ ଯୋଗଶ୍ରୀ ଭାବେ ଦେବାଶିଷ ବାରିକ ପୁରସ୍କୃତ ହୋଇଛନ୍ତି । ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଏସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଯୋଗଗୁରୁ ଜ୍ୟୋତି ରଞ୍ଜନ ଦାସ, ମୋନା ଦାସ, ହିମାନୀ ପାତ୍ର ସମେତ ବହୁ ପ୍ରଶଂସକ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## କଲେଜରୁ ଫେରୁଥିବା ବେଳେ ଛାତ୍ରୀ ଅସୁସ୍ଥ

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ସ୍ଥିତ ମା' ତାରିଣୀ ମହାବିଦ୍ୟାଳୟରେଯୁକ୍ତ୩ରଦ୍ୱିତୀୟବର୍ଷର ଅଧ୍ୟୟନରତ ଛାତ୍ରୀ ଆଜି ମହାବିଦ୍ୟାଳୟରୁ କ୍ଲାସ ସାରି ଘରକୁ ଫେରୁଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ପ୍ରକାଶଯେ ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ନିର୍ମଳ ମଲିକଙ୍କ ସ୍ତ୍ରୀ ବିଦୁସ୍ମିତା ମଲିକ (୨୪) ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ଆଜି କ୍ଲାସ ସାରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ମହିନ୍ଦ୍ରା ସୋ'ରୁମ ନିକଟରେ ଅସୁସ୍ଥ ଅନୁଭବ କରି ସାଇକଲରୁ ପଡ଼ିଯାଇଥିଲେ। ତାଙ୍କ ସଙ୍ଗରେ ଥିବା ସହଯୋଗୀ ଛାତ୍ରୀ ତାଙ୍କୁ ଉଠାଇଥିଲେ। ଖବରପାଇ 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ' ଗ୍ରୁପର ସଦସ୍ୟମାନେ ପହଞ୍ଚି ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ।

### ନଗଡ଼ାରେ ମନରେଗା ବାଟବଣା

# କାର୍ଯ୍ୟ ନ ପାଇ ଭୋକ ଉପାସରେ ୧୭ ପରିବାର



**କାଳିଆପାଣି, ୧୫।୭(ସମିସ)**

ପ୍ରତ୍ୟେକ ପରିବାରକୁ ୧୦୦ ଦିନର ନିଶ୍ଚିତ ରୋଜଗାର ପ୍ରଦାନ ଲକ୍ଷ୍ୟରେ ଆରମ୍ଭ ହୋଇଥିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତ ଯୋଜନା। ଗ୍ରାମୀଣ ପରିବାରର ଜୀବିକାକୁ ସୁରକ୍ଷିତ କରିବାକୁ ଥିବା ଏହି ଯୋଜନା ବହୁ ଚର୍ଚ୍ଚିତ ନଗଡ଼ାରେ ବାଟବଣା ହୋଇଯାଇଛି। ଫଳରେ କାମ ନ ପାଇ ଭୋଗଉପାସରେ କାଳତିପାତ କରୁଛନ୍ତି ୧୭ଟି ପରିବାର। କାମ ନ ପାଇବାରୁ ବଣଜଙ୍ଗଲରୁ କନ୍ଦା ସଂଗ୍ରହ କରି କଷ୍ଟେମଷ୍ଟେ ଜୀଇଁଛନ୍ତି ଏହି ପରିବାରର ସଦସ୍ୟ।

ଅଭିଯୋଗ ଅନୁସାରେ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର ବହୁ ଚର୍ଚ୍ଚିତ ପାହାଡ଼, ଜଙ୍ଗଲ ଘେରା ଭିତରେ ଥିବା ନଗଡ଼ା (ତୁମୁଣୀ) ଗ୍ରାମରେ ମନରେଗା ଯୋଜନା ବାଟବଣା ହୋଇଛି। ଦୀର୍ଘ ଦିନ ହେବ ୧୭ ପରିବାର କ୍ଷେତ୍ର ପ୍ରଧାନ, ମଧୁସୂଦନ ପ୍ରଧାନ, ଜଗୁନି ପ୍ରଧାନ, ଓଡ଼ିଆ ପ୍ରଧାନ, ସାମଲ ପ୍ରଧାନ, ବିଟୁ ପ୍ରଧାନ, ବାବୁନୀ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସୁବନ୍ ପ୍ରଧାନ, ଚେମ ପ୍ରଧାନ, ରାଜୀବ ପ୍ରଧାନ, ଗୁରୁବାରି ପ୍ରଧାନ, ଏଲୁଡ଼ାଏ ପ୍ରଧାନ, ରାମ ପ୍ରଧାନ, ଦେଶମନ୍ତି ପ୍ରଧାନ, ଟାଙ୍ଗିରି ପ୍ରଧାନ, ସମ୍ବାରି ପ୍ରଧାନ ପ୍ରମୁଖ କୌଣସି କାର୍ଯ୍ୟ ନପାଇ ଭୋକ ଉପାସରେ ଦିନ ଅତିବାହିତ କରୁଛନ୍ତି। ପେଟକୁ ଭୋକ ଲାଗୁଥିଲେ ମଧ୍ୟ କାହାକୁ ଅଭିଯୋଗ କରିବେ ସେମାନେ ଜାଣିନାହାନ୍ତି। କିଛି ସାମାଜିକ କର୍ମୀ ଏମାନଙ୍କ କ'ଣ ରୋଜଗାର ବୋଲି ପଚାରି ବୁଝିଥିଲେ। ଜାଣିବାକୁ ମିଳିଥିଲା 'ଜବ୍ କାର୍ଡ'ରେ ଆଉ କାମ ମିଳୁନାହିଁ। ଆଗରୁ ମିଳୁଥିଲା। କେଉଁଠି ଗଛ ଲଗେଇବା ତ କେଉଁଠି ମାଟିକାମ କରିବା। କିନ୍ତୁ ଦୀର୍ଘଦିନ ହେବ ସବୁକାମ ବନ୍ଦ୍ ହୋଇଯାଇଛି। ରୋଜଗାର ନ ମିଳୁଥିବାରୁ ଏହି ପରିବାର ଜଙ୍ଗଲରୁ ବିଭିନ୍ନ କନ୍ଦ ଓ ଛତୁ ସଂଗ୍ରହ କରି ବହୁ କଷ୍ଟରେ ଜୀବନ ଜୀଇଁଛନ୍ତି। ଏହି ଗରିବ ଲୋକମାନଙ୍କୁ ରୋଜଗାର ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛନ୍ତି।

## ଏଟିଏମ୍ କାର୍ଡ ଲୁଟି ଆକାଉଣ୍ଟ ଖାଲି କଲେ ଦୁର୍ବୃତ୍ତ



**ଧର୍ମଶାଳା, ୧୫।୭(ସମିସ):** ଧର୍ମଶାଳା ଥାନା ଜାରକା ଏସ୍‌ବିଆଇ ଏଟିଏମ କାଉଣ୍ଟରରୁ ଅଭିନବ ଉପାୟରେ ଏଟିଏମ୍ କାର୍ଡ ଲୁଟି ନେଇ ଆକାଣ୍ଟକୁ ଖାଲି କରିଦେଲେ ଦୁର୍ବୃତ୍ତ। ଧର୍ମଶାଳା ଥାନାରେ ଆଜି ଏଭଳି ଏକ ସଙ୍ଗୀନ ଠକେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତପୁର ଅଞ୍ଚଳର ବନମାଳୀ ଜେନା ନାମକ ଜଣେ ବ୍ୟକ୍ତି ଗତ ୨୭ ତାରିଖରେ ଭବାନୀପୁରସ୍ଥିତ ନିଜର ବନ୍ଧୁ ଘରକୁ ଆସିଥିଲେ। ତାଙ୍କର ଟଙ୍କା ଆବଶ୍ୟକ ପଡ଼ିବାରୁ ଜାରକାଗେଟ ବାଙ୍କ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରୁ ସେ ଏକ ହଜାର ଟଙ୍କା ଉଠାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ଅଜଣା ଯୁବକ ଏଟିଏମ୍ ମେସିନ କ୍ୟାନସଲ କରି ନାହଁ ବୋଲି କହିଥିଲେ। ପରେ ସେ ବନମାଳୀଙ୍କ ହାତରୁ ଏଟିଏମ୍ କାର୍ଡ ନେଇ କ୍ୟାନସଲ ମାରିଥିଲେ। ହେଲେ ଏହି ସମୟରେ ଉକ୍ତ ଯୁବକ ଏଟିଏମ୍ କାର୍ଡ ବଦଳାଇ ଚତୁରତାର ସହ ବନମାଳୀଙ୍କୁ ଅନ୍ୟଏକ ଏକ ଏଟିଏମ୍ କାର୍ଡ ଦେଇଦେଇଥିଲେ। ବନମାଳୀ ନିଜର ଏଟିଏମ୍ କାର୍ଡ ଭାବି ସେଠାରୁ ନିଜ ଘରକୁ ଫେରିଯାଇଥିଲେ। ତେବେ କେନ୍ଦ୍ରପଡ଼ାରେ ସେ ଏକ ଏଟିଏମ୍ କାଉଣ୍ଟରରୁ ଆଜି ସକାଳେ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଏଟିଏମ୍ କାର୍ଡର ପାସୱାର୍ଡ ଭୁଲ ବୋଲି ଲେଖିଥିଲା। ପରେ ଏସମ୍ପର୍କରେ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ ତରଫରୁ ଏଟିଏମ ଯାଞ୍ଚ କରିବା ପରେ ଏହା ଅନ୍ୟ କାହାର ବୋଲି ଜଣାପଡ଼ିଥିଲା। ପରେ ବନମାଳୀଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କାକୁ ଦୁର୍ବୃତ୍ତ ଖାଲି କରିଦେଇଥିବା ଜଣାପଡ଼ିଥିଲା। ତେବେ ବନମାଳୀ ଜାରକାରେ ଏଟିଏମ୍ କାର୍ଡ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସେ ଆଜି ଧର୍ମଶାଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧର୍ମଶାଳା ଥାନା ପୁଲିସ ୪୨୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଗୁରୁତର ଚାଷୀଙ୍କ ମୃତ୍ୟୁ

**ସୁକିନ୍ଦା, ୧୫।୭(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ସଂସାଇଲୋ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧୀନ ଥିବା ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ରବିବାର ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତ ଅଧୀନ ଅଭୟପୁର୍ ଗ୍ରାମର ପ୍ରାଣକୃଷ୍ଣ ଦାସ(୫୫) ରାଜପଥ କଡ଼ରେ ଥିବା ଚାଷ ଜମିରେ ଚାଷକାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ୧୪ ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣକୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରାନକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ପ୍ରାଣକୃଷ୍ଣଙ୍କ ମୃତଦେହ ଗାଁକୁ ଆଣିଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୃତ ଚାଷୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ସୁକିନ୍ଦା ପୁଲିସ ସମ୍ପୃକ୍ତ ଟ୍ରକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଆହତ

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଂଗଡ଼ା ବ୍ରିଜ ନିକଟରେ ଆଜି ସକାଳୁ ଏକ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡର ଉପରେ ପିଟିହୋଇ ଦୁର୍ଘଟଣାର ଶିକାର ହେବା ସହ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ କଟକ ଟାଙ୍ଗିରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ (ଓଡି୨୩ଜି ୭୬୯୯) କେନ୍ଦୁଝର ଜିଲ୍ଲା ଛେନାପଦି ଅଭିମୁଖେ ଆସୁଥିବା ବେଳେ ଜାତୀୟ ରାଜପଥର ସଂଗଡ଼ା ବ୍ରିଜ୍ ନିକଟରେ ତାର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଫଳରେ ଚାଳକ ଛତିଆ ସୋଲର ଗ୍ରାମର ମହେଶ ପାଲ ଆହତ ହେବା ସହ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ଚାଳକକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ।

## ରାସ୍ତାପାର ବେଳେ ଟ୍ରକ୍ ଦୁର୍ଘଟଣା

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭରସନରେ ଆଜି ସକାଳ ସାଢେ ୫ଟା ବେଳେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଥିବା ଓ ଖଲାସି ମଧ୍ୟ ଆହତ ହୋଇଛନ୍ତି। ପ୍ରକାଶଯେ ବେଙ୍ଗାଲୋରକୁ କୋଲକତା ଅଭିମୁଖେ ଅଦା ବୋଝେଇ କରି ଏକ ଟ୍ରକ୍ (ଡବ୍ଲୁ ୪୧ଏଚ ୧୧୮୬)



ଆସୁଥିବା ବେଳେ ଶର୍ମା ଡାଇଭରସନ ନିକଟରେ ରାସ୍ତା ପାର କରିବାକୁ ପଶି ଆସିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଟ୍ରକ୍ (ଓଡି୩୪ଡବ୍ଲ୍ୟୁ ୭୫୬୫) ପଛରେ ପିଟି ହୋଇଥିଲା। ଫଳରେ ଟ୍ରକଟି କ୍ଷତିଗ୍ରସ୍ତ ହୋଇ ଚାଳକ ଗାଡ଼ି ମଧ୍ୟରେ ଚାପି ହୋଇ ରହିଥିଲା। ଘଟଣାସ୍ଥଳେ ସ୍ଥାନୀୟ ଲୋକ ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଗାଡ଼ି ଡୋର ଭାଙ୍ଗି ଚାଳକ ସେକ୍ ସାହାଜାନ ଓ ଖଲାସି ମୁଜାଫରକୁ ଉଦ୍ଧାର କରି ଚିକତ୍ସା ନିମନ୍ତେ ପଠାଇଥିଲେ। ଦୁର୍ଘଟଣା ଗ୍ରସ୍ତ ଟ୍ରକଟିକୁ ହାଇଡ୍ରା ସାହାଯ୍ୟରେ ରାସ୍ତା କଡକୁ ଅଣାଯାଇଥିବା ବେଳେ ଯେଉଁ ଟ୍ରକ ପଛରେ ଦୁର୍ଘଟଣା ହୋଇଥିଲା ସେ ଟ୍ରକ୍‌ଟି ଫେରାର ହୋଇଯାଇଛି।

## ଦିନରେ ବାଲି ଚଢ଼ଉ; ରାତିରେ ମେସିନ ଜବତ



**ଯାଖପୁରା, ୧୫।୭(ସମିସ):** ଦାନଗଦି ତହସିଲ ଅଧୀନସ୍ଥ ମାଣତୀରା ଆରଆଇ ସର୍କଲର ମନୋହରପୁର, ନୀଳମଣିଦେଇପୁର ଶାସନ, ପଙ୍କପାଳ, ନୂଆସାହି ଆଦି ଗାଁ ମାନଙ୍କରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ଉପରେ ଲଘୁ ଖଣିଜ ଅଧିକାରୀ, ମାଣତୀରା ଆରଆଇ ଏବଂ ଯଖପୁରା ପୁଲିସ ମିଳିତ ଭାବରେ ଚଢ଼ଉ କରିଛନ୍ତି। ପଙ୍କପାଳ ପଞ୍ଚାୟତର ଅନେକ ଗାଁ ମାନଙ୍କରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ଉପରେ ଚଢ଼ଉ କରି ତାକୁ ଜବତ କରିଛନ୍ତି। ଦିଗାମ୍ବରପୁର ମୌଜାରୁ ୨ଟି ସ୍ଥାନ, ପଙ୍କପାଳ ମୌଜାରୁ ୩ଟି ସ୍ଥାନ ଓ ଗୋଲା ଗାଁ ମୌଜାରୁ ୨ଟି ସ୍ଥାନରେ ଠୁଳ ହୋଇଥିବା ମୋଟ ୩୭୦୦ କ୍ୟୁବି ମିଟର ପ୍ରାୟ ୩୦୦ରୁ ୫୦୦ ଟ୍ରିପ ବାଲିକୁ ଲଘୁ ଖଣିଜ ଅଧିକାରୀ ଜବତ କରି ଯଖପୁରା ପୁଲିସ ଜିମାରେ ଦିଆଯାଇଛି। ଆଜି ଦିନରେ ଦିଗାମ୍ବରପୁରରେ ଜବତ ହୋଇଥିବା ବାଲିକୁ ସନ୍ଧ୍ୟା ସମୟରେ କିଛି ବାଲି ମାଫିଆ ଉଠାଇ ନେବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ଖବର ପାଇ ଯଖପୁରା ଆଇଆଇସି ବାଲିରେ ବ୍ୟବହୃତ ଗୋଟେ ଜେସିବି ମେସିନ ଓ ଗୋଟିଏ ହାଇୱା (ଓଡ଼ି ୨୩ସି ୮୩୧୬) ଗାଡ଼ିକୁ ଜବତ କରି ଥାନାକୁ ଆଣି ଥିବାର ଜଣାପଡ଼ିଛି। ଖବର ମୁତାବକ ସ୍ଥାନୀୟ ପଙ୍କପାଳ ମୌଜା, ମନୋହରପୁର ମୌଜା ଓ ଗୋଲା ଗାଁ ମୌଜାରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ସବୁକୁ ବାରଗାଡ଼ିଆ ଅଞ୍ଚଳର ବାଲି ମାଫିଆଙ୍କ ହାତ ରହିଥିବାର ଜଣାପଡ଼ିଛି।

## ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧର୍ମଶାଳା, ୧୫।୭(ସମିସ):** ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ ଚଣ୍ଡିଖୋଲ ନିକଟରେ ଭଡ଼ା ଘରେ ରହୁଥିବା ଜଣେ ଫାଇନାନ୍ସ କମ୍ପାନୀର କର୍ମଚାରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ କଟକ ଜିଲ୍ଲା ଗୋବିନ୍ଦପୁର ଥାନା କନ୍ଦଳ ଗ୍ରାମର ମହେଶ୍ୱର ମହାରଣାଙ୍କ ପୁଅ ରାକେଶ ମହାରଣା (୩୧) ଚଣ୍ଡିଖୋଲସ୍ଥିତ ଏକ ମାଇକ୍ରୋ ଫାଇନାସ କମ୍ପାନୀରେ କ୍ରେଡିଟ ଫାଇନାନ୍ସ ମ୍ୟାନେଜର ଭାବେ ଦେଢ଼ ବର୍ଷ ହେବ କାମ କରୁଥିଲେ। ଚଣ୍ଡିଖୋଲ ନିକଟ ଏକ ଭଡ଼ା ଘର ନେଇ ଅନ୍ୟ ଦୁଇ ଜଣ କର୍ମଚାରୀଙ୍କ ସହ ରହୁଥିଲେ। ସେଠାରେ ରହୁଥିବା ଅନ୍ୟ ଦୁଇ ଜଣ କର୍ମଚାରୀ ଗତକାଲି ରାତି ୯ଟା ସମୟରେ ବସା ଘରକୁ ଫେରି ଭିତର ପଟୁ ବନ୍ଦଥିବା କବାଟ ଖୋଲିବା ପାଇଁ ଡାକିଲା ପରେ କବାଟ ନ ଖୋଲିଲାରୁ ତାଙ୍କର ସନ୍ଦେହ ହୋଇଥିଲା। ସେମାନେ ତୁରନ୍ତ ଧର୍ମଶାଳା ପୁଲିସକୁ ଏସମ୍ପର୍କରେ ଅବଗତ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଆସି ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରିବା ବେଳେ ରାକେଶ ଫ୍ୟାନରେ ରାଶି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ରସି କାଟି ତାଙ୍କୁ ତଳକୁ ଓହ୍ଲାଇ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାକେଶ ଗତ ଦେଢ଼ ବର୍ଷ ହେଲା ଚଣ୍ଡିଖୋଲସ୍ଥିତ ଫାଇନାନ୍ସ କମ୍ପାନୀରେ କାମ କରିଆସୁଥିବା ବେଳେ ସହ କର୍ମୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହିଥିଲା ବୋଲି କମ୍ପାନୀର ମ୍ୟାନେଜର ସୂଚନା ଦେଇଥିଲେ। ଘରେ ତାଙ୍କର ସମସ୍ତଙ୍କ ସହିତ ଭଲ ସମ୍ପର୍କ ରହିଥିଲା। ତେବେ ସେ କ'ଣ ପାଇଁ ଏଭଳି ଚରମ ନିଷ୍ପତି ନେଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଖବର ପାଇ ପରିବାର ଲୋକେ ଏସମ୍ପର୍କରେ ଥାନାରେ ଜଣାଇବା ପରେ ପୁଲିସ ୨୪/୨୫ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇ କହିଛନ୍ତି।

## ବୈତରଣୀରେ କୁମ୍ଭୀର; ଟାଣି ନେଲା ଗାଈ



**ଦଶରଥପୁର/କୟାଁଗୋଲା, ୧୫।୭(ସମିସ):** ଦଶରଥପୁର ବ୍ଲକ କଁୟା ପଞ୍ଚାୟତ ଗୁଣ୍ଠୁଣିପଡ଼ା, ବଳରାମପୁର, ଇଚ୍ଛାପୁର, ଧରମପୁର ଗ୍ରାମବାସୀଙ୍କ ମଧ୍ୟରେ କୁମ୍ଭୀର ଆତଙ୍କ ଦେଖାଦେଇଇଛି। ବୈତରଣୀ ବନ୍ୟା ଆସିଥିବାରୁ ୨ ଦିନ ପୂର୍ବେ ନଦୀକୂଳ ବଳରାମପୁର ଗ୍ରାମ ନଦୀବନ୍ଧ କଡରେ ଏକ ୫ ଫୁଟରୁ ଅଧିକ ଲମ୍ବ କୁମ୍ଭୀରକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ଲୋକେ କୁମ୍ଭୀରକୁ ଆଉ ଦେଖିବାକୁ ପାଇ ନଥିଲେ। ମାତ୍ର ଆଜି ଦିନ ଅପରାହ୍ନରେ ବୈତରଣୀ ନଦୀ ଗୁଣ୍ଠୁଣିପଡ଼ା ଠାରେ ଘାସ ଚରୁଥିବା ଗୋଟିଏ ଗାଈକୁ କୁମ୍ଭୀର ନଦୀ ଭିତରକୁ ଟାଣି ନେଇଥିଲା। ଭୂଟଭୁଟି ଲଗାଇ ଗାଈଟିକୁ ଖୋଜାଖୋଜି କରାଯାଇଥିଲା। କୁମ୍ଭୀର ଝାମ୍ପି ନେଇଥିବା ଗାଈଟି ଗୁଣ୍ଠୁଣିପଡ଼ା ଗ୍ରାମର ରାଧାଶ୍ୟାମ ଦାସଙ୍କର ବୋଲି ଜଣାପଡ଼ିଥିଲା। ୨ଦିନ ଅନ୍ତରରେ ବୈତରଣୀ ନଦୀରେ ଲୋକେ କୁମ୍ଭୀରକୁ ୨ ଥର ଦେଖିବା ପରେ ନଦୀକୂଳ ବର୍ତ୍ତି ଉପରୋକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁମ୍ଭୀର ଦେଖିବା ପରେ ସ୍ଥାନୀୟ ଲୋକେ ବନବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। କିଛିଦିନ ହେବ କେବଳ ଗୋଟିଏ ନୁହେଁ କେନ୍ଦ୍ରାପଡ଼ା ଅଞ୍ଚଳରୁ ଏକାଧିକ କୁମ୍ଭୀର ଏବେ ବୈତରଣୀ ନଦୀରେ ପହଞ୍ଚିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁଣ୍ଠୁଣିପଡ଼ା ଗ୍ରାମର ମହିଳା ଚଞ୍ଚଳା ଦାସ କୁମ୍ଭୀର ଗାଈଟିକୁ ବୈତରଣୀ ନଦୀ ଟାଣି ନେବା ଦେଖି ଜୋରରେ ପାଟି କରିଥିଲେ। ସେହିପରି ସେହି ଗ୍ରାମର ଦିଗାମ୍ବର ଦାସଙ୍କ ଗୋଟେ ଗାଈ ୨ ଦିନ ହେବ ନିଖୋଜ ଅଛି ବୋଲି ଗ୍ରାମବାସୀ କହୁଛନ୍ତି। ତୁରନ୍ତ ପ୍ରଶାସନ ନଦୀରୁ କୁମ୍ଭୀରକୁ କାବୁକରି ଅନ୍ୟତ୍ର ଛାଡିବାକୁ କୟାଁ ପଞ୍ଚାୟତବାସୀ ଦାବି କରିଛନ୍ତି।

### ଭୂମିପୁତ୍ରଙ୍କ ଜମି ହଡ଼ପ କରିବାକୁ ଓଏମ୍‌ସିର ମସୁଧା

## ପ୍ରତିବାଦ କରିବେ ଶବର ସମାଜ

**କାଳିଆପାଣି, ୧୫।୭(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳରେ ଏକ ହଜାର ବର୍ଷରୁ ଆଦିବାସୀ ଶବର ସମାଜ ବସବାସ କରିଆସୁଛନ୍ତି। ସରକାର ହେବା ପୂର୍ବରୁ ରାଜାରାଜୁଡ଼ା ଅମଳରୁ ଜମି ପଟ୍ଟା ପାଇଥିଲେ। ସମୟକ୍ରମେ ସରକାରଙ୍କ ତରଫରୁ ମଧ୍ୟ ଜମି ପଟ୍ଟା ମିଳିଛି। ଏହି ଅଞ୍ଚଳ ସୌରିକ ଅଞ୍ଚଳ ଭାବରେ ମଧ୍ୟ ବେଶ ପରିଚିତ। ଖଣି ଖାଦାନ ହେଲା ପରଠାରୁ ଭୂମିପୁତ୍ରମାନଙ୍କୁ ବେସାହାରା କରିଦିଆ ଯାଉଛି। କମ୍ପାନୀମାନେ ବିନା ମୂଲ୍ୟରେ ଜମି ହଡ଼ପ କରୁଥିବା ଅନେକ ସମୟରେ ଅଭିଯୋଗ ହେଉଛି। ପୂର୍ବରୁ ଗୋଟିଏ ପ୍ରତିଶ୍ରୁତି ଜମି, ବାଡ଼ି ନେଇଗଲା ପରେ ପୁଲିସ ଧମକ ଏମିତି ଅନେକ ଥର ଘଟିଥିବା କୁହନ୍ତି ଗାଁ ଲୋକେ। ଗାଁ ଗହଳିର ଲୋକମାନେ ଶୌଚ କରିବା ପାଇଁ ଜାଗାଟିଏ ନାହିଁ। ବିଭିନ୍ନ ସମୟରେ ଜନଶୁଣାଣି ହୋଇଛି। ଯଥେଷ୍ଟ ସମର୍ଥନ ମଧ୍ୟ ଦିଆଯାଇଛି; କିନ୍ତୁ କମ୍ପାନୀମାନଙ୍କରୁ କୌଣସି ଉତ୍ତମ ବନ୍ଦୋବସ୍ତ କରାଯାଇନାହିଁ ସମାଜରେ ଚଳିବା ପାଇଁ। ସେମାନେ ଭଲରେ ଥିଲେ। ଖଣି ଖାଦାନ ହେଲା ପରଠୁ ସମସ୍ୟାରେ ଦିନ କାଟୁଛନ୍ତି ବୋଲି ଅନେକ ଶବର ଅଧିବାସୀ କୁହନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶା ମାଇନିଂ କର୍ପୋରେସନ ଆଉ ୧୨ ଏକର ପଟା ଜମି ଓ ୭୦ ଏକର ଜଙ୍ଗଲ ଅଧିଗ୍ରହଣ ଚାଷ ଜମିକୁ ବିନା ମୂଲ୍ୟରେ ନେବାକୁ ବସିଛି। ଯାହାକି ସରୁଆବିଲ ଓ ସୁକୁରୁଙ୍ଗି ଗାଁ ଲୋକଙ୍କ ଭାତ ହାଣ୍ଡି ଭାବରେ ବ୍ୟବହାର କରୁଛନ୍ତି। ଉତ୍ତର ଦିଗରେ ଟାଟା ଖଣି, ପଶ୍ଚିମ ଦିଗରେ ଆଇଡିସି ଖଣି ଓ ମଝି କେନ୍ଦ୍ରବିନ୍ଦୁରେ ଓଡ଼ିଶା ମାଇନିଂ କର୍ପୋରେସନର ଖଣି ହଜାର ହଜାର ହେକ୍ଟର ଜମିକୁ ନିଜ ଅକ୍ତିଆରକୁ ନେଇସରିଛନ୍ତି। ଯାହା ନେଇଛନ୍ତି ଆଉ ଇଞ୍ଚଟିଏ ଭୂମି ଦିଆଯିବନାହିଁ ବୋଲି ସୁକୁରିଙ୍ଗି ଗ୍ରାମର ପତିତ ପ୍ରଜା ବୃନ୍ଦ ଜିଦିରେ ଅଟଳ ଅଛନ୍ତି। ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଭୂମିହରାମାନଙ୍କୁ ଆଇନଗତ ଭାବେ ଉପଯୁକ୍ତ କ୍ଷତିପୂରଣ ଦେବାକୁ ପଡ଼ିବ। କଟକ, ଭୁବନେଶ୍ୱର ଭଳି ଅନ୍ୟ ସହର ମାନଙ୍କରେ ଯେଉଁଠି ମୂଲ୍ୟହୀନ ଜମି ଡେସିମିଲ ୫/୭ ଲକ୍ଷ ଟଙ୍କା ଊର୍ଦ୍ଧ୍ୱରେ ବିକ୍ରି ହେଉଛି ଆମ ଅଞ୍ଚଳର ବହୁମୂଲ୍ୟ ଜମି ଏକ କୋଟି ହିସାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଉ। ପ୍ରତ୍ୟେକ ଦଖଲକାରି ଜମି ଉପରେ ୫୦ ଲକ୍ଷ କ୍ଷତିପୂରଣ ଏବଂ ୨୦୦୬-୨୦୧୩ର ଆର୍‌ଆର୍ ପଲିସି ଓ ଉଚ୍ଚତମ ନ୍ୟାୟାଳୟ ଆଦେଶ ଆଧାରରେ ପ୍ରତ୍ୟେକ ପରିବାରର ୨ ଜଣ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି କରିଛନ୍ତି। ଆଦିବାସୀ ଭୂମିପୁତ୍ରମାନଙ୍କର ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ ହୋଇଥାନ୍ତି। ସରକାର୍ ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ୍‌ମୁତାବକ ପ୍ରତ୍ୟେକ ଜମିହରା ପରିବାରକୁ ୨ ଏକର ଚାଷ ଜମି ଯୋଗାଇଦେବାକୁ ଧାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର



**ଯାଜପୁର, ୧୫।୭(ସମିସ):** ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାଙ୍କୁ ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଦେଶର ଅନ୍ୟ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରାଯାଉଥିବା ସ୍ଥଳେ ଆମ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ଆସନ୍ତା ୨୦୨୬ ଜାନୁଆରୀ ଠାରୁ ପେନ୍‌ସନ୍‌ଭୋଗୀ ମାନଙ୍କୁ ପ୍ରସ୍ତାବିତ ଅଷ୍ଟମ ବେତନ କମିଶନର ଆର୍ଥିକ ସୁବିଧା ନ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏପରି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଅନ୍ୟାୟ ନିଷ୍ପତ୍ତିକୁ ଦେଶର ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ବିରୋଧ କରୁଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ଟ୍ରେନ୍ ଟିକେଟ୍‌ରେ ରିହାତିକୁ ପୁନଶ୍ଚ ପ୍ରଚଳନ କରିବା, ପେନ୍‌ସନଭୋଗୀମାନଙ୍କ ପାଇଁ ରାଜ୍ୟ ସରକାର ପୂର୍ବପରି ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଆଦି ମୁଖ୍ୟ ୮ଟି ଦାବିକୁ ସମାଧାନ କରିବା ଉଦ୍ଦେଶ୍ୟରେ ସଂଘର ସଭାପତି ରବି ଶତପଥୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ଅଭିମନ୍ୟୁ ରାଉତ, ସମ୍ପାଦକ ବିବେକାନନ୍ଦ ନାୟକ, ଧର୍ମଶାଳା ବ୍ଲକର ସଭାପତି ଆଶାତରୁ ନାୟକ ପ୍ରଭୃତି ନେତୃମଣ୍ଡଳୀର ଏକ ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୨ଟି ଦାବିପତ୍ର ପ୍ରଦାନ କରିଛନ୍ତି।

## କୁଆଁରସାହିରେ ବୈତରଣୀ ନଦୀବନ୍ଧ ୫୦ ଫୁଟ ଧସିଲା

**ମଙ୍ଗଳପୁର, ୧୫।୭(ସମିସ)**



ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଦେଇ ଯାଇଥିବା ବୈତରଣୀ ନଦୀ କୁଆଁରସାହିଠାରେ ୫୦ଫୁଟରୁ ଊର୍ଦ୍ଧ୍ୱ ନଦୀବନ୍ଧ ଧସିଯାଇଥିବା ଦେଖିବାକୁ ମିଳିଛି। ବୈତରଣୀ ନଦୀରେ ବନ୍ୟା ଜଳ ବଢୁଥିବା ବେଳେ ନଦୀ ବନ୍ଧ ଦବିବା ଅଞ୍ଚଳବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଅଗଣି ପାତ୍ରଙ୍କ ଘର ନିକଟରେ ଦବିଥିବା ବନ୍ଧର ଦକ୍ଷିଣ ପାର୍ଶ୍ୱ ମଧ୍ୟ ଖାଇ ସାରିଛି। ଗୋଟିଏ ସ୍ଥାନରେ ଉଭୟ ପାର୍ଶ୍ୱରେ ନଦୀ ବନ୍ଧ ଦବିବା ଘାଇ ସୃଷ୍ଟି ହେବା ବିପଦକୁ ଏଡାଇ ନଦିଆଯାଇପାରେ। ତେବେ ଠିକାଦାର ବନ୍ଧ କାମ କରିବା ବେଳେ ୨୦ ମିଟର ଉଚ୍ଚତା ବିଶିଷ୍ଟ ବନ୍ଧ କାମ ହେବାବେଳେ ରୋଲିଂ ନକରିବା ଏବଂ ପୁନଶ୍ଚ ବନ୍ଧ ଚଉଡ଼ା କରିବା ସମୟରେ ବନ୍ଧ ଅଧା କାଟି କାମ ଛାଡ଼ିଦେବା ସହ ପଥର ପ୍ୟାକିଂ କରୁଥିବା ଠିକାଦାର ଉକ୍ତ ସ୍ଥାନରେ ପଥର ପ୍ୟାକିଂ ନକରି ଉକ୍ତ ସ୍ଥାନରୁ ପଥର ଅନ୍ୟତ୍ର ନେଇଯିବା ଫଳରେ ଜୀବନ ବିପଦ ଅବସ୍ଥାରେ ପହଞ୍ଚିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଏହି ସ୍ଥାନରେ ଘାଇ ସୃଷ୍ଟି ହୁଏ ତେବେ କୁଆଁରସାହି, ଗୁଡ଼ିଆ ପାଟଣା, ଅର୍ଦ୍ଧାଉଳିଆ, ମହାନ୍ତିପଟଣା, ବୈଷପାନ ସମେତ ୨୦ଟି ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହେବେ। ତେବେ ଏମିତି ଦୁର୍ବଳ କାମ ହେବା ସମୟରେ ବିଭାଗୀୟ ଅଧିକାରୀ କେବେ କାର୍ଯ୍ୟ ତଦାରଖ କରିବା ପାଇଁ ଆସନ୍ତି ନାହିଁ ଯାହା ଫଳ ଆମକୁ ଭୋଗିବାକୁ ପଡ଼ବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଆମ୍ବେଦକର ଉନ୍ନୟନ ପରିଷଦର ପ୍ରତିବାଦ

**ବିଞ୍ଝାରପୁର, ୧୫।୭(ସମିସ):** ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ସମେତ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ନିର୍ଯାତନା ପ୍ରତିବାଦରେ ଆଜି ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଆଦିବାସୀଙ୍କ ଜମି ହଡ଼ପ, ଗୋ ସୁରକ୍ଷା ନାଁରେ ସାଧାରଣ ଲୋକଙ୍କୁ ଆକ୍ରମଣ, ନାରୀ ନିର୍ଯାତନା ରୋକିବାରେ ସରକାରଙ୍କ ବିଫଳତାକୁ ଦାୟୀ କରି ନାରାବାଜି କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ପ୍ରତିନିଧି ଦଳ ବିଡିଓଙ୍କୁ ପ୍ରାଦନ କରିଥିଲା। ରମେଶ ଯେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବହୁ କର୍ମୀ ଯୋଗ ଦେଇଥିଲେ।

# ରାସ୍ତା ମରାମତି ଦାବିରେ ରାସ୍ତାରୋକ





**ଝାରସୁଗୁଡ଼ା/କିର୍ମିରା, ୧୫।୭ (ସମିସ)**

ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଅଧୀନ ଧୂତୁରା-ଅର୍ଡା ରାସ୍ତା ନିର୍ମାଣ ଦାବିରେ ଲୋକେ ରାସ୍ତାରୋକ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଆଇଓସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ଦିନେ ଏହି ରାସ୍ତା ଆହୁରି ବିପଦଜନକ ହୋଇପଡୁଛି। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଖରାପ ରାସ୍ତା ଯୋଗୁଁ ବହୁ ସମସ୍ୟା ଭୋଗୁଛନ୍ତି ଲୋକେ।

ଆଇଓସିସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ବହୁ ଦିନରୁ ଖରାପ ଥିବାରୁ ଅର୍ଡା ଧୂତୁରା ଏବଂ ଆଖପାଖ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ୧୯୯୬ ମସିହାରେ ନିର୍ମିତ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ଜର୍ଜରିତ। ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ରାସ୍ତାଟି କିର୍ମିରା ବ୍ଲକରୁ ଝାରସୁଗୁଡ଼ା ଜିଲ୍ଲା ହେଡକ୍ୱାର୍ଟରକୁ ସଂଯୋଗ କରିଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏବଂ ଜନସାଧାରଣ ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଏହି ରାସ୍ତା ଦେଇ ଯାଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ମଧ୍ୟ ହେଉଛି। ଏଣୁ ଗତ ୨ ତାରିଖରେ ପ୍ରବଳ ବର୍ଷା ସତ୍ତ୍ୱେ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅଞ୍ଚଳବାସୀ କାଦୁଅରେ ବସି ରାସ୍ତାରୋକ କରିଥିଲେ। ପରେ ମରାମତିର ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରି ଯାଇଥିଲେ। ଏହାପରେ ରାସ୍ତାର ଅବସ୍ଥା ନେଇ ୭ ତାରିଖ ଜିଲ୍ଲା କାର୍ଯ୍ୟାଳୟର ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରି ମଧ୍ୟ ନିରାଶ ହୋଇଥିଲେ। ଜିଲ୍ଲା ପ୍ରଶାସନ, ବିଧାୟକଙ୍କୁ ବାରମ୍ବାର ଗୁହାରି କରି ବିଫଳ ହେବା ପରେ ଶେଷରେ ଅନୋନ୍ୟପାୟ ହୋଇ ଆଜି ଅଞ୍ଚଳବାସୀ ରାସ୍ତାରୋକ କରଛନ୍ତି। ଅନ୍ୟପଟେ ବିଭାଗୀୟ ଅଧିକାରୀ ଏସଡିଓ ଆଶିଷ ଲେଙ୍କା ରାସ୍ତାର ଅସ୍ଥାୟୀ ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ସହ ଆଗାମୀ ଦିନରେ ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ଲଖନପୁରରେ ଜନ ଅଭିଯୋଗ ଶୁଣାଣି



**ଝାରସୁଗୁଡ଼ା, ୧୫।୭ (ସମିସ):** ଲଖନପୁରର ବ୍ଲକ ଅଧୀନ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂହ, ଅତାବିରା ସରପଞ୍ଚ ସଞ୍ଜୀବ ପ୍ରଧାନଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୫ଟି ସାମୂହିକ ଓ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ରେଙ୍ଗୁଲିରେ ବୃହତ ଉଠା ଜଳସେଚନ ପ୍ରକଳ୍ପର ସମସ୍ୟାର ସମାଧାନ, ତେଲିପଡ଼ା ରାସ୍ତା ମରାମତି, ସୁନାଖାଏନ ମୌଜାରେ ଆଦିବାସୀଙ୍କ ଚାଷଜମିକୁ ସୁରକ୍ଷା ସହ ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ଅଟକ ଥିବା ଧାନ ରିଲିଜ କରାଯିବା, ପଞ୍ଚ ଗ୍ରାମ ବସଷ୍ଟାଣ୍ଡରୁ ରେଙ୍ଗାଲି ଥାନା ପର୍ଯ୍ୟନ୍ତ ୧୧କେଭି ଇଲେକ୍ଟ୍ରି ତାର ସ୍ଥାନାନ୍ତର, ହୀରାକୁଦ ଜମି ବିସ୍ଥାପିତଙ୍କୁ ଜମି ଚିହ୍ନଟ, ଡୁମେରଡ଼ିପାକୁ ରାଜସ୍ୱ ଗ୍ରାମ ଭାବରେ ଗ୍ରହଣ କରାଯିବା ସମ୍ପର୍କିତ ସଂଶୋଧନ, ଅତାବିରା ପଞ୍ଚାୟତ ଅଧୀନ ପଡ଼ାକୁ ବିଦ୍ୟୁତ୍ ସଂଯୋଗ ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

### କଂଗ୍ରେସ ପକ୍ଷରୁ ସୋମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଫୋଟୋଚିତ୍ର ଦାହ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ସୋମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଭାରେ କଂଗ୍ରେସ ସହ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସଂଗଠନ ଯୋଗ ଦେଇଥିଲେ। ଏଥିରେ ସମସ୍ତେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରା ହୋଇଥିଲା। ଏହାସହ ତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ସୋମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ବିଜେପିକୁ ଦାୟୀ କରିବା ସହ ବିଜେପି ବିରୋଧରେ କଂଗ୍ରେସ ପକ୍ଷରୁ ନାରାବାଜି କରାଯାଇଥିଲା। ସରକାର ଏନେଇ ଉଚିତ ସମୟରେ ଠିକ୍ ପଦକ୍ଷେପ ନେଇଥିଲେ ଆଜି ସୋମ୍ୟାଶ୍ରୀ ଜୀବନ ହାରି ନଥାନ୍ତେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଫଟୋ ଚିତ୍ର ଜଳାଯାଇଥିଲା।

# ମନରେଗା ପାଇଁ ସାମାଜିକ ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ନିକ୍ତିମାଲ ପଞ୍ଚାୟତରେ ମନରେଗା ଯୋଜନା ଉପରେ ମଙ୍ଗଳବାର ସାମାଜିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକ୍ତିମାଲ୍ ପଞ୍ଚାୟତରେ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଜନ ଜାଗରଣ ସଚେତନତା ଅଭିଯାନ ମଧ୍ୟ କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ମଧୁସୂଦନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସାମାଜିକ ସମୀକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିବା ପେର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶ୍ରମିକଙ୍କ ଅଧିକାର ଦାବି ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଅଭିଯାନରେ ନିକ୍ତିମାଲ ସରପଞ୍ଚ ସାବିତ୍ରୀ ସିଂ ବରିହା, ନାଏବ ସରପଞ୍ଚ ଅକ୍ଷୟ ଖର୍ସେଲ, ଏଡିଇଓ ଶିବରାମ ପ୍ରଧାନ, ଯୋଗାଣ ସହାୟିକା ସୁନିତା ବେହେରା, ଜିଲ୍ଲା ସାମାଜିକ ସମୀକ୍ଷକ ତୋଫାନ ନାଏକ, ଲଇକେରା ବ୍ଲକ ସମସ୍ତ ଭିଆରପିଏସ, ମନରେଗା ହିତାଧିକାରୀ, ମେଟ୍, ୱାର୍ଡ ସଭ୍ୟସଭ୍ୟା, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା




**ଝାରସୁଗୁଡ଼ା, ୧୫।୭ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ, ପିଲାମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଦି ନେଇ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଅର୍ଡା କାର୍ଯ୍ୟକ୍ରମ ହୋଇଥିଲା। ଏଥିର ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସଂଯୁକ୍ତା ମହାପାତ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, ଆଇୟୁସିଏଡବ୍ଲୁ ଝାରସୁଗୁଡ଼ାର ଇନ୍ସପେକ୍ଟର ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବର ୧୫୧୦୦, ମାଗଣା ଆଇନ୍ ସେବା ଓ ପରାମର୍ଶ, ମାଗଣା ଓକିଲ ଯୋଗାଇବା ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ପାରା ଲେଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଓକିଲ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ଡମପଡ଼ାବାସୀଙ୍କ ବିକ୍ଷୋଭ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଛୁଆଲିବେର୍ଣ୍ଣା ସ୍ଥିତ ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ମଙ୍ଗଳବାର ଛୁଆଲିବେର୍ଣ୍ଣା ଡମପଡ଼ାବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଏଏଲ୍‌ପିଏସ୍ କୋଲ ୱାସରୀରୁ ପାଣି ମାଡ଼ି ଆସି ଡମପଡ଼ାରେ ଘରଦ୍ୱାର ଭାଙ୍ଗିବା ସହ ସେମାନେ ବ୍ୟବହାର କରୁଥିବା କୂଅରେ କୋଇଲା ପାଣି ମିଶି ଯାଇଥିଲା। ତେଣୁ କ୍ଷତିପୂରଣ ଏବଂ କୂଅର ମରାମତି ଦାବି କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କୋଲ ୱାସରୀ ଯୋଗୁଁ ସେମାନେ ପୂର୍ବରୁ ମଧ୍ୟ ଅନେକ ସମସ୍ୟା ଭୋଗି ଆସୁଛନ୍ତି। କିଛି ଦିନ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ କୋଲ ୱାସରୀର କୋଇଲା ପାଣି ସେମାନଙ୍କ ଘରଦ୍ୱାରା, ପାନୀୟ ଜଳ ପାଇଁ ବ୍ୟବହାର କରୁଥିବା କୂଅ ଏବଂ ଚାଷ ଜମିରେ ମାଡିଯାଇ ବ୍ୟାପକ କ୍ଷୟକ୍ଷତି କରିଥିବା ଡମପଡ଼ାବାସୀ ପ୍ରକାଶ କରିଛନ୍ତି। ସେମାନଙ୍କ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। କୋଲ ୱାସରୀ କର୍ତ୍ତୃପକ୍ଷ ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଇବ ଭ୍ୟାଲି ଜିଏମ୍ ଅଫିସ ରବୀନ୍ଦ୍ର ଭବନ ଠାରେ ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ବିଶାଳ ମୋଟର ସାଇକେଲ ରାଲି କରି ଇବ୍ ଭ୍ୟାଲି ଗେଷ୍ଟ ହାଉସ୍‌ରୁ ରବୀନ୍ଦ୍ର ଭବନକୁ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ବିଏମ୍‌ଏମ୍‌ର କୋଲ ଇଣ୍ଡିଆ ପ୍ରଭାରୀ ଓ ଏପକ୍ସ ଜେସିସି ମେମ୍ବର୍ କେ ଲକ୍ଷ୍ମାରେଡ୍ଡୀ ମଞ୍ଚାସୀନ ଥିଲେ। ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ଭାରତୀୟ ଖାଦାନ ମଜଦୂର ସଂଘର ସମ୍ପାଦିକା ସସ୍ମିତା ପଟେଲ, ତାଳଚେର କୋଇଲା ଖଣି ସଂଘର ସାଧାରଣ ସମ୍ପାଦକ ବୀରେନ ଖିଲାର୍, ବ୍ରଜରାଜନଗର ଇବ୍ ଖାଦାନ ସଂଘ ସଭାପତି ଗୋବିନ୍ଦ ସିଂ ମଞ୍ଚାସୀନ ଥିଲେ। ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ। କାର୍ଯ୍ୟକ୍ରମରେ ସୁଜିତ ଝା, ସଞ୍ଜୀବ ସିଂହ, କେସି ପ୍ରଧାନ, ସଞ୍ଜିତ ବଢ଼୍ଠୋର୍, ଅବନୀ ଦାସ, ପ୍ରଦୀପ ମିତ୍ର, ମିଥିଲେଶ ସିଂ, ପ୍ରଭାକର ସିଂ, ଋଷଭ ଖାରେ, ରବି ରୋହିଦାସ, ପ୍ରଫୁଲ୍ଲ ସାହୁ, ଶିବରାମ ପ୍ରଧାନ, କିରଣ ରାୟକର୍, ଅଂଶୁମାନ ସାହୁ, ଅରିନ୍ଦମ୍ ମଲ୍ଲିକ, ଏକଲବ୍ୟ ସାହୁ, ମନୋଜ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ମାସିକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲିଟି, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ଅନ୍ୟାନ କର ଆଦାୟ କରିବା ନେଇ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ, ଏସିଏଫ ଅରୁଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ମୋହନ ମିଶ୍ର, ସହକାରୀ ଜିଲ୍ଲାପାଳ ସୁଶ୍ରୀରେଖା ମହନ୍ତ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ବାରକୋଟ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ନାୟକ, ରିଆମାଳ ଭାରପ୍ରାପ୍ତ ତହସିଲଦାର ପ୍ରେମ ପ୍ରକାଶ ହରୋ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କୁ ୟୁନିଫର୍ମ ବଣ୍ଟନ କାର୍ଯ୍ୟାଦେଶରେ ପକ୍ଷପାତିତା ଅଭିଯୋଗ

**ରିଆମାଳ, ୧୫।୭ (ସମିସ):** ରିଆମାଳ ସିଡିପିଓ ଅଫିସ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା କାର୍ଯ୍ୟାଦେଶରେ ପକ୍ଷପାତିତା କରାଯାଇ ଥିବା ନେଇ ରିଆମାଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି। ଦୀର୍ଘ ବର୍ଷ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ରିଆମାଳ ବ୍ଲକରେ ଥିବା ୨୬ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇ ପରିବାର ଭରଣ ପୋଷଣ କରି ଆସୁଥିଲେ। ମାତ୍ର ଚଳିତ ବର୍ଷ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ କରାଯାଇ ଥିବା ବିଜ୍ଞାପନରେ ପକ୍ଷପାତିତା କରାଯାଇ ଥିବା ଅଭିଯୋଗ କରାଯାଇଛି। ବ୍ଲକର ୨୬ ପଞ୍ଚାୟତର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇବା ପାଇଁ ୮ ଟି ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ବାକି ୧୮ ଟି ପଞ୍ଚାୟତ ପାଇଁ ବ୍ଲକ ବାହାରର ଏକ ସଂସ୍ଥା କଳାମାଟି ଗୁଗୁଲି ଏଣ୍ଟରପ୍ରାଇଜେସ୍‌କୁ କେଉଁ ଆଧାରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରାଯାଇଛି। ସରକାର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ରିଆମାଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି। ଫଳରେ ସେମାନେ ହାତ ବାନ୍ଧି ବସିବାକୁ ବାଧ୍ୟ ହେବା କଥା ଅତ୍ୟନ୍ତ ଦୁଃଖ ପ୍ରକାଶ କରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିୟୋଜନ ଅଧିକାରୀ କେ. ରୋଜାଡୋରାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିସି ମିଶନ ଶକ୍ତି ଶିଶିର ଷଡ଼ଙ୍ଗୀ, ପଲିଟେକନିକ ଅଧ୍ୟକ୍ଷ ବସନ୍ତ ସନ୍ୟାସୀ ଯୋଗ ଦେଇଥିଲେ। ଅଧିକାରୀ କେ.ରୋଜାଦୋରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଭବିଷ୍ୟତ ଯୁବପିଢ଼ି ପାଇଁ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କ୍ୱିଭାନ ସ୍କିଲ୍ ଏମ୍ପାୱରମେଣ୍ଟ ଦ୍ୱାରା ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟ ଏବଂ ସ୍ୱୋର୍ଡ ସଂସ୍ଥା ଦ୍ୱାରା ୱେର ହାଉସ୍ ପ୍ୟାକର ତାଲିମ୍ ପାଇଥିବା ଦିବ୍ୟାଙ୍ଗ ଯୁବତୀ, ଯୁବକ ସାମିଲ ହୋଇଥିଲେ। ସେମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ୩୨ଟି ପ୍ରମାଣପତ୍ର ଏବଂ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ଅବିନାଶ ପୁରୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ମୃତ୍ୟୁଞ୍ଜୟ ବେହେରା, ବିକାଶ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାର ପାଇଁ ଚାଷୀ କଳବଳ

# ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ପାଦକଙ୍କୁ ଦାବିପତ୍ର

**ଦେବଗଡ଼/କୁଣ୍ଢେଇଗୋଲା, ୧୫।୭ (ସମିସ)**



ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ସାର ପାଇଁ କଳବଳ ହେବା ପରେ ମଙ୍ଗଳବାର ସେବା ସମବାୟ କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିଥିବା ଜଣାପଡ଼ିଛି। ଆଜି ଧାନ ଚାଷ ପାଇଁ ସାର ନମିଳିବାରୁ ବହୁ ଚାଷୀ ସମିତି କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ସାତ ଦିନ ମଧ୍ୟରେ ଚାଷୀଙ୍କୁ ସାର ନମିଳିଲେ କାର୍ଯ୍ୟାଳୟକୁ ତାଲା ପକାଇ ଦିଆଯିବ ବୋଲି ସମବାୟ ସମିତି ସମ୍ପାଦକ ତ୍ରିଭୁବନ ପ୍ରଧାନଙ୍କୁ ଲିଖିତ ଚେତାବନୀ ଦେଇଥିବା ଜଣାପଡ଼ିଛି। ଅଞ୍ଚଳରେ ଧାନ ଚାଷର ବେଉଷଣ ଓ ଧାନରୋପଣ ଜାରି ରହିଥିବା ବେଳେ ସାରର ଆବଶ୍ୟକତା ପଡୁଛି। କିନ୍ତୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସାର ମିଳୁ ନଥିବାରୁ କୁଣ୍ଢେଇଗୋଲା, କୁରଡ଼ପଶି, କମାରପାଲ, ପଞ୍ଚମହଲା, ରତନପୁର, ଖଣ୍ଡାଧୁଆଁ, ଅରଖପାଲ, ଢୋଲପଥର ଆଦି ଗ୍ରାମର ଚାଷୀ ସମ୍ପାଦକଙ୍କ ଆଗରେ ନିଜର ଅସନ୍ତୋଷ ଜାହିର କରିଥିଲେ। ସମିତି ସଭ୍ୟ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଶ୍ରୀକର ସାହୁ, ହେମନ୍ତ ସାହୁ, ବୈକୁଣ୍ଠ ପାଇକରାୟ, ରମେଶ ସାହୁ, ସମେତ ଶତାଧିକ ଚାଷୀ ତୁରନ୍ତ ସାର ଯୋଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଦେବଗଡ଼, ୧୫।୭ (ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନ୍ମର ବ୍ୟବଧାନ, ପରିବାର ନିୟନ୍ତ୍ରଣ କରିବା ପାଇଁ ଆଲୋକପାତ କରିଥିଲେ। ପରିବାର ନିୟୋଜନ ଓ ବିଭିନ୍ନ ପଦ୍ଧତି, ପୁରୁଷ ଓ ନାରୀ ସ୍ଥାୟୀ ବନ୍ଧ୍ୟାକରଣ, ଅସ୍ଥାୟୀ ଗର୍ଭ ନିରୋଧକ, ଅନ୍ତରା ସେବା ଗୁଡିକ ମାଗଣାରେ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ କରାଯାଉଛି ବୋଲି କହିଥିଲେ। ମହିଳା ବନ୍ଧ୍ୟାକରଣ ଅପରେସନ କରାଇଥିବାରୁ ଆଶା ଗୀତାଞ୍ଜଳି ନାଏକ ଓ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୁଷ ବନ୍ଧ୍ୟାକରଣ ଅପରେସନ ପାଇଁ ବାରକୋଟ, ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅନ୍ତରାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଦପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାହୋଇଥିଲା। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଡ.ବଂଶୀଧର ପାତ୍ର, ଡ.ବାବୁ ସିଂ, ଡିପିଏମ ସୁଶାନ୍ତ ପ୍ରହରାଜ, ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଆଶା, ଏଏନ୍‌ଏମ୍, ଷ୍ଟାଫ୍ ନର୍ସଉପସ୍ଥିତ ଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାସ୍ତା ମରାମତି ଦାବିରେ ରାସ୍ତାରୋକ




**ଝାରସୁଗୁଡ଼ା/କିର୍ମିରା, ୧୫।୭ (ସମିସ)**

ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଅଧୀନ ଧୂତୁରା-ଅର୍ଡା ରାସ୍ତା ନିର୍ମାଣ ଦାବିରେ ଲୋକେ ରାସ୍ତାରୋକ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ଆଇଓସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ବର୍ଷା ଦିନେ ଏହି ରାସ୍ତା ଆହୁରି ବିପଦଜନକ ହୋଇପଡୁଛି। ଶିଳ୍ପ ସମୃଦ୍ଧ ଝାରସୁଗୁଡ଼ା ଜିଲ୍ଲାରେ ଖରାପ ରାସ୍ତା ଯୋଗୁଁ ବହୁ ସମସ୍ୟା ଭୋଗୁଛନ୍ତି ଲୋକେ।

ଆଇଓସିସିଏଲ ଛକରୁ ଧୂତୁରା ପର୍ଯ୍ୟନ୍ତ ରାସ୍ତା ବହୁ ଦିନରୁ ଖରାପ ଥିବାରୁ ଅର୍ଡା ଧୂତୁରା ଏବଂ ଆଖପାଖ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ୧୯୯୬ ମସିହାରେ ନିର୍ମିତ ଏହି ରାସ୍ତା ଏବେ ସମ୍ପୂର୍ଣ୍ଣ ଜର୍ଜରିତ। ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ରାସ୍ତାଟି କିର୍ମିରା ବ୍ଲକରୁ ଝାରସୁଗୁଡ଼ା ଜିଲ୍ଲା ହେଡକ୍ୱାର୍ଟରକୁ ସଂଯୋଗ କରିଛି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଲୋକ ଯାତାୟାତ କରୁଛନ୍ତି। ଛାତ୍ରଛାତ୍ରୀ ସ୍କୁଲ, କଲେଜ ଯାଉଥିବା ବେଳେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏବଂ ଜନସାଧାରଣ ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ଏହି ରାସ୍ତା ଦେଇ ଯାଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ମଧ୍ୟ ହେଉଛି। ଏଣୁ ଗତ ୨ ତାରିଖରେ ପ୍ରବଳ ବର୍ଷା ସତ୍ତ୍ୱେ ସ୍ଥାନୀୟ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଅଞ୍ଚଳବାସୀ କାଦୁଅରେ ବସି ରାସ୍ତାରୋକ କରିଥିଲେ। ପରେ ମରାମତିର ପ୍ରତିଶ୍ରୁତି ପାଇ ଆନ୍ଦୋଳନରୁ ଓହରି ଯାଇଥିଲେ। ଏହାପରେ ରାସ୍ତାର ଅବସ୍ଥା ନେଇ ୭ ତାରିଖ ଜିଲ୍ଲା କାର୍ଯ୍ୟାଳୟର ଜନ ଅଭିଯୋଗ ଶୁଣାଣିରେ ଗ୍ରାମବାସୀ ଅଭିଯୋଗ କରି ମଧ୍ୟ ନିରାଶ ହୋଇଥିଲେ। ଜିଲ୍ଲା ପ୍ରଶାସନ, ବିଧାୟକଙ୍କୁ ବାରମ୍ବାର ଗୁହାରୀ କରି ବିଫଳ ହେବା ପରେ ଶେଷରେ ଅନୋନ୍ୟପାୟ ହୋଇ ଆଜି ଅଞ୍ଚଳବାସୀ ରାସ୍ତାରୋକ କରଛନ୍ତି। ଅନ୍ୟପଟେ ବିଭାଗୀୟ ଅଧିକାରୀ ଏସଡିଓ ଆଶିଷ ଲେଙ୍କା ରାସ୍ତାର ଅସ୍ଥାୟୀ ମରାମତି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ସହ ଆଗାମୀ ଦିନରେ ଜମି ଅଧିଗ୍ରହଣ କରି ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ଲଖନପୁରରେ ଜନ ଅଭିଯୋଗ ଶୁଣାଣି



**ଝାରସୁଗୁଡ଼ା, ୧୫।୭ (ସମିସ):** ଲଖନପୁରର ବ୍ଲକ ଅଧୀନ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି.ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାଏକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନୟ ପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ, ଜିଲ୍ଲା ପରିଷଦ ସଦସ୍ୟ ସନତ ସିଂହ, ଅତାବିରା ସରପଞ୍ଚ ସଞ୍ଜୀବ ପ୍ରଧାନଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ମୋଟ ୪୫ଟି ଅଭିଯୋଗ ଆଗତ ହୋଇଥିବା ବେଳେ ତନ୍ମଧ୍ୟରୁ ୧୫ଟି ସାମୂହିକ ଓ ୩୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ରେଙ୍ଗାଲିରେ ବୃହତ ଉଠା ଜଳସେଚନ ପ୍ରକଳ୍ପର ସମସ୍ୟାର ସମାଧାନ, ତେଲିପଡ଼ା ରାସ୍ତା ମରାମତି, ସୁନାଖାଏନ ମୌଜାରେ ଆଦିବାସୀଙ୍କ ଚାଷଜମିକୁ ସୁରକ୍ଷା ସହ ସ୍ଥାୟୀ ଜମି ପଟ୍ଟା ପ୍ରଦାନ, ଆରଏମ୍‌ସି କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ଅଟକ ଥିବା ଧାନ ରିଲିଜ କରାଯିବା, ପଞ୍ଚ ଗ୍ରାମ ବସଷ୍ଟାଣ୍ଡରୁ ରେଙ୍ଗାଲି ଥାନା ପର୍ଯ୍ୟନ୍ତ ୧୧କେଭି ଇଲେକ୍ଟ୍ରି ତାର ସ୍ଥାନାନ୍ତର, ହୀରାକୁଦ ଜମି ବିସ୍ଥାପିତଙ୍କୁ ଜମି ଚିହ୍ନଟ, ଡୁମେରଡ଼ିପାକୁ ରାଜସ୍ୱ ଗ୍ରାମ ଭାବରେ ଗ୍ରହଣ କରାଯିବା ସମ୍ପର୍କିତ ସଂଶୋଧନ, ଅତାବିରା ପଞ୍ଚାୟତ ଅଧୀନ ପଡ଼ାକୁ ବିଦ୍ୟୁତ୍ ସଂଯୋଗ ଆଦି ବିଭିନ୍ନ ସାମୂହିକ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ସମ୍ପୃକ୍ତ ଅଧିକାରୀମାନଙ୍କୁ ତର୍ଜମା ପୂର୍ବକ ଅଭିଯୋଗ ସମାଧାନ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

### କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

# ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଫୋଟୋଚିତ୍ର ଦାହ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟ ଗାନ୍ଧୀ ପ୍ରତିମୂର୍ତ୍ତି ସମ୍ମୁଖରେ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସଭାରେ କଂଗ୍ରେସ ସହ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସଂଗଠନ ଯୋଗ ଦେଇଥିଲେ। ଏଥିରେ ସମସ୍ତେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରା ହୋଇଥିଲା। ଏହାସହ ତାଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଥିଲା। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ବିଜେପିକୁ ଦାୟୀ କରିବା ସହ ବିଜେପି ବିରୋଧରେ କଂଗ୍ରେସ ପକ୍ଷରୁ ନାରାବାଜି କରାଯାଇଥିଲା। ସରକାର ଏନେଇ ଉଚିତ ସମୟରେ ଠିକ୍ ପଦକ୍ଷେପ ନେଇଥିଲେ ଆଜି ସୌ ମ୍ୟାଶ୍ରୀଜୀବନ ହାରି ନଥାନ୍ତେ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ଫଟୋ ଚିତ୍ର ଜଳାଯାଇଥିଲା।

# ମନରେଗା ପାଇଁ ସାମାଜିକ ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗଡ଼ା ଜିଲ୍ଲା ଲଇକେରା ବ୍ଲକ ଅଧୀନ ନିକ୍ତିମାଲ ପଞ୍ଚାୟତରେ ମନରେଗା ଯୋଜନା ଉପରେ ମଙ୍ଗଳବାର ସାମାଜିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିକ୍ତିମାଲ୍ ପଞ୍ଚାୟତରେ ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଜନ ଜାଗରଣ ସଚେତନତା ଅଭିଯାନ ମଧ୍ୟ କରାଯାଇଥିଲା। ବ୍ଲକ ସାମାଜିକ ସମୀକ୍ଷକ ମଧୁସୂଦନ ପଟ୍ଟନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରତ୍ୟେକ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସାମାଜିକ ସମୀକ୍ଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିବା ପେର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶ୍ରମିକଙ୍କ ଅଧିକାର ଦାବି ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି ସଚେତନତା ଅଭିଯାନରେ ନିକ୍ତିମାଲ ସରପଞ୍ଚ ସାବିତ୍ରୀ ସିଂ ବରିହା, ନାଏବ ସରପଞ୍ଚ ଅକ୍ଷୟ ଖର୍ସେଲ, ଏଡିଇଓ ଶିବରାମ ପ୍ରଧାନ, ଯୋଗାଣ ସହାୟିକା ସୁନିତା ବେହେରା, ଜିଲ୍ଲା ସାମାଜିକ ସମୀକ୍ଷକ ତୋଫାନ ନାଏକ, ଲଇକେରା ବ୍ଲକ ସମସ୍ତ ଭିଆରପିଏସ, ମନରେଗା ହିତାଧିକାରୀ, ମେଟ୍, ୱାର୍ଡ ସଭ୍ୟସଭ୍ୟା, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା




**ଝାରସୁଗୁଡ଼ା, ୧୫।୭ (ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ନିୟମ, ପିଲାମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ଆଦି ନେଇ ଆଇନ୍ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଅର୍ଡା କାର୍ଯ୍ୟକ୍ରମ ହୋଇଥିଲା। ଏଥିର ଆଇନ୍ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଆଶିଷ ପଣ୍ଡା, କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସଂଯୁକ୍ତା ମହାପାତ୍ର, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ପଧାନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା, ଆଇୟୁସିଏଡବ୍ଲୁ ଝାରସୁଗୁଡ଼ାର ଇନ୍ସପେକ୍ଟର ପାର୍ବତୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାଧିକରଣ ସଚିବ ରାଷ୍ଟ୍ରୀୟ ହେଲ୍ପଲାଇନ ନମ୍ବର ୧୫୧୦୦, ମାଗଣା ଆଇନ୍ ସେବା ଓ ପରାମର୍ଶ, ମାଗଣା ଓକିଲ ଯୋଗାଇବା ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ପାରା ଲେଗାଲ ସ୍ୱେଚ୍ଛାସେବୀ ଓ ପ୍ୟାନେଲ ଓକିଲ ମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ଡମପଡ଼ାବାସୀଙ୍କ ବିକ୍ଷୋଭ




**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ଛୁଆଲିବେର୍ଣ୍ଣା ସ୍ଥିତ ଏଏଲ୍‌ପିଏସ୍ କମ୍ପାନୀ ସମ୍ମୁଖରେ ମଙ୍ଗଳବାର ଛୁଆଲିବେର୍ଣ୍ଣା ଡମପଡ଼ାବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ କିଛିଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଏଏଲ୍‌ପିଏସ୍ କୋଲ ୱାସରୀରୁ ପାଣି ମାଡ଼ି ଆସି ଡମପଡ଼ାରେ ଘରଦ୍ୱାର ଭାଙ୍ଗିବା ସହ ସେମାନେ ବ୍ୟବହାର କରୁଥିବା କୂଅରେ କୋଇଲା ପାଣି ମିଶି ଯାଇଥିଲା। ତେଣୁ କ୍ଷତିପୂରଣ ଏବଂ କୂଅର ମରାମତି ଦାବି କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। କୋଲ ୱାସରୀ ଯୋଗୁଁ ସେମାନେ ପୂର୍ବରୁ ମଧ୍ୟ ଅନେକ ସମସ୍ୟା ଭୋଗି ଆସୁଛନ୍ତି। କିଛି ଦିନ ପୂର୍ବରୁ ହୋଇଥିବା ଲଗାଣ ବର୍ଷାରେ କୋଲ ୱାସରୀର କୋଇଲା ପାଣି ସେମାନଙ୍କ ଘରଦ୍ୱାରା, ପାନୀୟ ଜଳ ପାଇଁ ବ୍ୟବହାର କରୁଥିବା କୂଅ ଏବଂ ଚାଷ ଜମିରେ ମାଡ଼ିଯାଇ ବ୍ୟାପକ କ୍ଷୟକ୍ଷତି କରିଥିବା ଡମପଡ଼ାବାସୀ ପ୍ରକାଶ କରିଛନ୍ତି। ସେମାନଙ୍କ ହୋଇଥିବା କ୍ଷୟକ୍ଷତି ଆକଳନ କରି କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। କୋଲ ୱାସରୀ କର୍ତ୍ତୃପକ୍ଷ ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିବା ସହ ସେମାନଙ୍କ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

# ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ



**ଝାରସୁଗୁଡ଼ା, ୧୫।୭ (ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଇବ ଭ୍ୟାଲି ଜିଏମ୍ ଅଫିସ ରବୀନ୍ଦ୍ର ଭବନ ଠାରେ ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ବିଶାଳ ମୋଟର ସାଇକେଲ ରାଲି କରି ଇବ୍ ଭ୍ୟାଲି ଗେଷ୍ଟ ହାଉସ୍‌ରୁ ରବୀନ୍ଦ୍ର ଭବନକୁ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ବିଏମ୍‌ଏସ୍‌ର କୋଲ ଇଣ୍ଡିଆ ପ୍ରଭାରୀ ଓ ଏପକ୍ସ ଜେସିସି ମେମ୍ବର୍ କେ ଲକ୍ଷ୍ମାରେଡ୍ଡୀ ମଞ୍ଚାସୀନ ଥିଲେ। ଅଖିଳ ଭାରତୀୟ ଖାଦାନ ମଜଦୂର ସଂଘର କାର୍ଯ୍ୟକାରୀ ସଭାପତି ରଞ୍ଜନ ବେହେରା, ଭାରତୀୟ ଖାଦାନ ମଜଦୂର ସଂଘର ସମ୍ପାଦିକା ସସ୍ମିତା ପଟେଲ, ତାଳଚେର କୋଇଲା ଖଣି ସଂଘର ସାଧାରଣ ସମ୍ପାଦକ ବୀରେନ ଖିଲାର୍, ବ୍ରଜରାଜନଗର ଇବ୍ ଖାଦାନ ସଂଘ ସଭାପତି ଗୋବିନ୍ଦ ସିଂ ମଞ୍ଚାସୀନ ଥିଲେ। ବ୍ରଜରାଜନଗର ଇବ୍ ଖାଦାନ ମଜଦୂର ସଂଘର ସାଧାରଣ ସମ୍ପାଦକ ମହେଶ୍ୱର ମହନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ସଭାପତି ଗୋବିନ୍ଦ ସିଂହ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମର ସମାପ୍ତି କରିଥିଲେ। କାର୍ଯ୍ୟକ୍ରମରେ ସୁଜିତ ଝା, ସଞ୍ଜୀବ ସିଂହ, କେସି ପ୍ରଧାନ, ସଞ୍ଜିତ ବଛୋର୍, ଅବନୀ ଦାସ, ପ୍ରଦୀପ ମିତ୍ର, ମିଥିଲେଶ ସିଂ, ପ୍ରଭାକର ସିଂ, ଋଷଭ ଖାରେ, ରବି ରୋହିଦାସ, ପ୍ରଫୁଲ୍ଲ ସାହୁ, ଶିବରାମ ପ୍ରଧାନ, କିରଣ ରାୟକର୍, ଅଂଶୁମାନ ସାହୁ, ଅରିନ୍ଦମ୍ ମଲ୍ଲିକ, ଏକଲବ୍ୟ ସାହୁ, ମନୋଜ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

# ମାସିକ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଧାର୍ଯ୍ୟ ଥିବା ଭୂ-ରାଜସ୍ୱ, ରୟାଲିଟି, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ଅନ୍ୟାନ କର ଆଦାୟ କରିବା ନେଇ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଡେପୁଟି କଲେକ୍ଟର (ରାଜସ୍ୱ) ଲକ୍ଷ୍ମଣ ଅମାତ, ଏସିଏଫ ଅରୁଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ବିଶ୍ୱ ମୋହନ ମିଶ୍ର, ସହକାରୀ ଜିଲ୍ଲାପାଳ ସୁଶ୍ରୀରେଖା ମହନ୍ତ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲିକ, ବାରକୋଟ ଭାରପ୍ରାପ୍ତ ତହସିଲଦାର ଶିବବ୍ରତ ନାୟକ, ରିଆମାଳ ଭାରପ୍ରାପ୍ତ ତହସିଲଦାର ପ୍ରେମ ପ୍ରକାଶ ହରୋ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିଶୁଙ୍କୁ ୟୁନିଫର୍ମ ବଣ୍ଟନ କାର୍ଯ୍ୟାଦେଶରେ ପକ୍ଷପାତିତା ଅଭିଯୋଗ

**ରିଆମାଳ, ୧୫।୭ (ସମିସ):** ରିଆମାଳ ସିଡିପିଓ ଅଫିସ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ବଣ୍ଟନ ପ୍ରକ୍ରିୟା କାର୍ଯ୍ୟାଦେଶରେ ପକ୍ଷପାତିତା କରାଯାଇ ଥିବା ନେଇ ରିଆମାଳ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରାଯାଇଛି। ଦୀର୍ଘ ବର୍ଷ ହେଲା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ରିଆମାଳ ବ୍ଲକରେ ଥିବା ୨୬ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇ ପରିବାର ଭରଣ ପୋଷଣ କରି ଆସୁଥିଲେ। ମାତ୍ର ଚଳିତ ବର୍ଷ ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ କରାଯାଇ ଥିବା ବିଜ୍ଞାପନରେ ପକ୍ଷପାତିତା କରାଯାଇ ଥିବା ଅଭିଯୋଗ କରାଯାଇଛି। ବ୍ଲକର ୨୬ ପଞ୍ଚାୟତର ଶିଶୁ ମାନଙ୍କୁ ୟୁନିଫର୍ମ ଯୋଗାଇବା ପାଇଁ ୮ ଟି ପଞ୍ଚାୟତର ଅଙ୍ଗନବାଡ଼ି କେନ୍ଦ୍ରର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ବାକି ୧୮ ଟି ପଞ୍ଚାୟତ ପାଇଁ ବ୍ଲକ ବାହାରର ଏକ ସଂସ୍ଥା କଳାମାଟି ଗୁଗୁଲି ଏଣ୍ଟରପ୍ରାଇଜେସ୍‌କୁ କେଉଁ ଆଧାରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ କରାଯାଇଛି। ସରକାର ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ସୁଦ୍ଧା ରିଆମାଳରେ ଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି। ଫଳରେ ସେମାନେ ହାତ ବାନ୍ଧି ବସିବାକୁ ବାଧ୍ୟ ହେବା କଥା ଅତ୍ୟନ୍ତ ଦୁଃଖ ପ୍ରକାଶ କରି ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହା ଉପରେ ଆବଶ୍ୟକ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ




**ଦେବଗଡ଼, ୧୫।୭ (ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ତଥା ଜିଲ୍ଲା ନିଯୋଜନ ଅଧିକାରୀ କେ. ରୋଜାଡୋରାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଜିଲ୍ଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି, ଡିପିସି ମିଶନ ଶକ୍ତି ଶିଶିର ଷଡ଼ଙ୍ଗୀ, ପଲିଟେକନିକ ଅଧ୍ୟକ୍ଷ ବସନ୍ତ ସନ୍ୟାସୀ ଯୋଗ ଦେଇଥିଲେ। ଅଧିକାରୀ କେ.ରୋଜାଦୋରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଭବିଷ୍ୟତ ଯୁବପିଢ଼ି ପାଇଁ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କ୍ୱିଭାନ ସ୍କିଲ୍ ଏମ୍ପାୱରମେଣ୍ଟ ଦ୍ୱାରା ଜେନେରାଲ ଡ୍ୟୁଟି ଆସିଷ୍ଟାଣ୍ଟଏବଂ ସ୍ୱୋର୍ଡ ସଂସ୍ଥା ଦ୍ୱାରା ୱେର ହାଉସ୍ ପ୍ୟାକର ତାଲିମ୍ ପାଇଥିବା ଦିବ୍ୟାଙ୍ଗ ଯୁବତୀ, ଯୁବକ ସାମିଲ ହୋଇଥିଲେ। ସେମାନଙ୍କୁ ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା ୩୨ଟି ପ୍ରମାଣପତ୍ର ଏବଂ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ସାଥୀ ଅବିନାଶ ପୁରୀ, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟଳୟର କର୍ମଚାରୀ ମୃତ୍ୟୁଞ୍ଜୟ ବେହେରା, ବିକାଶ ମେହେର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାର ପାଇଁ ଚାଷୀ କଳବଳ

# ସେବା ସମବାୟ ସମିତି କାର୍ଯ୍ୟାଳୟ ସମ୍ପାଦକଙ୍କୁ ଦାବିପତ୍ର



**ଦେବଗଡ଼/କୁଣ୍ଢେଇଗୋଲା, ୧୫।୭ (ସମିସ)**

ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅଧୀନ କୁଣ୍ଢେଇଗୋଲା ସେବା ସମବାୟ ସମିତିରେ ପଞ୍ଜୀକୃତ ଚାଷୀ ସାର ପାଇଁ କଳବଳ ହେବା ପରେ ମଙ୍ଗଳବାର ସେବା ସମବାୟ କାର୍ଯ୍ୟାଳୟରେ ପହଞ୍ଚି ହୋହାଲ୍ଲା କରିଥିବା ଜଣାପଡ଼ିଛି। ଆଜି ଧାନ ଚାଷ ପାଇଁ ସାର ନମିଳିବାରୁ ବହୁ ଚାଷୀ ସମିତି କାର୍ଯ୍ୟାଳୟରେ ଏକତ୍ରିତ ହୋଇଥିଲେ। ସାତ ଦିନ ମଧ୍ୟରେ ଚାଷୀଙ୍କୁ ସାର ନମିଳିଲେ କାର୍ଯ୍ୟାଳୟକୁ ତାଲା ପକାଇ ଦିଆଯିବ ବୋଲି ସମବାୟ ସମିତି ସମ୍ପାଦକ ତ୍ରିଭୁବନ ପ୍ରଧାନଙ୍କୁ ଲିଖିତ ଚେତାବନୀ ଦେଇଥିବା ଜଣାପଡ଼ିଛି। ଅଞ୍ଚଳରେ ଧାନ ଚାଷର ବେଉଷଣ ଓ ଧାନରୋପଣ ଜାରି ରହିଥିବା ବେଳେ ସାରର ଆବଶ୍ୟକତା ପଡୁଛି। କିନ୍ତୁ ସେବା ସମବାୟ ସମିତି କାର୍ଯ୍ୟାଳୟରେ ସାର ମିଳୁ ନଥିବାରୁ କୁଣ୍ଢେଇଗୋଲା, କୁରଡ଼ପଶି, କମାରପାଲ, ପଞ୍ଚମହଲା, ରତନପୁର, ଖଣ୍ଡାଧୁଆଁ, ଅରଖପାଲ, ଢୋଲପଥର ଆଦି ଗ୍ରାମର ଚାଷୀ ସମ୍ପାଦକଙ୍କ ଆଗରେ ନିଜର ଅସନ୍ତୋଷ ଜାହିର କରିଥିଲେ। ସମିତି ସଭ୍ୟ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଶ୍ରୀକର ସାହୁ, ହେମନ୍ତ ସାହୁ, ବୈକୁଣ୍ଠ ପାଇକରାୟ, ରମେଶ ସାହୁ, ସମେତ ଶତାଧିକ ଚାଷୀ ତୁରନ୍ତ ସାର ଯୋଗାଇବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଦେବଗଡ଼, ୧୫।୭ (ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସଭାଗୃହରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜନ୍ମର ବ୍ୟବଧାନ, ପରିବାର ନିୟନ୍ତ୍ରଣ କରିବା ପାଇଁ ଆଲୋକପାତ କରିଥିଲେ। ପରିବାର ନିଯୋଜନ ଓ ବିଭିନ୍ନ ପଦ୍ଧତି, ପୁରୁଷ ଓ ନାରୀ ସ୍ଥାୟୀ ବନ୍ଧ୍ୟାକରଣ, ଅସ୍ଥାୟୀ ଗର୍ଭ ନିରୋଧକ, ଅନ୍ତରା ସେବା ଗୁଡିକ ମାଗଣାରେ ଜିଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓ ମୁଖ୍ୟ ଚିକିତ୍ସାଳୟରେ ଉପଲବ୍ଧ କରାଯାଉଛି ବୋଲି କହିଥିଲେ। ମହିଳା ବନ୍ଧ୍ୟାକରଣ ଅପରେସନ କରାଇଥିବାରୁ ଆଶା ଗୀତାଞ୍ଜଳି ନାଏକ ଓ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପୁରୁଷ ବନ୍ଧ୍ୟାକରଣ ଅପରେସନ ପାଇଁ ବାରକୋଟ, ତିଲେଇବଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅନ୍ତରାରେ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଦପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ଦେଇ ପୁରସ୍କାର ପ୍ରଦାନ କରାହୋଇଥିଲା। ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ଧନଞ୍ଜୟ ମହନ୍ତ, ଡ.ବଂଶୀଧର ପାତ୍ର, ଡ.ବାବୁ ସିଂ, ଡିପିଏମ ସୁଶାନ୍ତ ପ୍ରହରାଜ, ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଆଶା, ଏଏନ୍‌ଏମ୍, ଷ୍ଟାଫ୍ ନର୍ସଉପସ୍ଥିତ ଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୌମ୍ୟାଶ୍ରୀ ଆତ୍ମହତ୍ୟା ଘଟଣା

# ସବୁଠି ଆକ୍ରୋଶର ନିଆଁ

## ବିଭିନ୍ନ ସ୍ଥାନରେ ବିକ୍ଷୋଭ; ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ପୋଡ଼ି







**ସାଲେପୁର,୧୫।୭(ସମିସ):** ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଉଦ୍ୟମ ଓ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ ରାଜ୍ୟରେ ଆଇନ୍‌ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରି ଆଜି ସାଲେପୁର ବ୍ଲକ୍ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଛାତ୍ର କଂଗ୍ରେସ୍ ସଭାପତି ଲିପୁନ୍ ଜେନାଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ସାଲେପୁର କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବାଲେଶ୍ୱର ଫକିରମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ କଲେଜର ଅଧ୍ୟାପକ ଶାରୀରିକ ଓ ମାନସିକ ନିର୍ଯାତନା ଦେବା, ଏ ସଂପର୍କରେ ସ୍ୱର୍ଗତା ବିଶି ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପୁଲିସ ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ ସଂପୃକ୍ତ ଅଧ୍ୟାପକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଶେଷରେ ସଂପୃକ୍ତା ଛାତ୍ରୀ ଜଣକ ଆତ୍ମାହୂତି ଉଦ୍ୟମ କରି ମେଡ଼ିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ ବୋଲି ଅଭିଯୋଗ କରି ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନିର୍ଦ୍ଦେଶରେ ଆଜି ଛାତ୍ର କଂଗ୍ରେସ କମିଟି ପକ୍ଷରୁ ବହୁ ଛାତ୍ରଛାତ୍ରୀ ଏହି ଘଟଣାର ସିବିଆଇ ତଦନ୍ତ ଦାବି କରିବା ସହ କଲେଜ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ସାଲେପୁର ବ୍ଲକ୍ ଛାତ୍ର କଂଗ୍ରେସ ଉପସଭାପତି ସୟଦ ଅହମ୍ମଦ ଅଲ୍ଲି, ଯୁବ କଂଗ୍ରେସ ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ରୂପକ ଭୂୟାଁ, ସଫିଉଲ୍ ଆଲାମ, ସେକ୍ ପୀର ବକ୍ସ, ସରୋଜ କର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ।

### ନିଶ୍ଚିନ୍ତକୋଇଲି ଯୁବ ଛାତ୍ର ବିଜେଡି

ନିଶ୍ଚିନ୍ତକୋଇଲି: ମାହାଙ୍ଗା ନିର୍ବାଚନମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଯୁବ ଛାତ୍ର ବିଜେଡି ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଛି। ମାହାଙ୍ଗାର ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡିର ବରିଷ୍ଠ ଉପସଭାପତି ପ୍ରତାପ ଜେନାଙ୍କ ପରାମର୍ଶକ୍ରମେ ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ସାହୁ ଓ ଯୁବ ବିଜେଡି ସଭାପତି ରୁଦ୍ର ମହାନ୍ତିଙ୍କ ସଂଯୋଜନାରେ ବ୍ଲକର ବହୁ ଛାତ୍ର ଓ ଯୁବ ବିଜେଡି କର୍ମୀ ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ କଲେଜ ନିକଟରେ ଆନ୍ଦୋଳନ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଫଟୋଚିତ୍ରରେ ଅଗ୍ନି ସଂଯୋଗ କରି ଜାଳିଥିଲେ। ସ୍ଥାନୀୟ ତାରିଣୀ ମନ୍ଦିର ପାଖରୁ ଏକ ଶୋଭାଯାତ୍ରାରେ ବାହାରି ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ଶ୍ଳୋଗାନ୍ ଦେଇ କଲେଜ ସମ୍ମୁଖରେ ପହଞ୍ଚିଥିଲେ। ଏକ ପ୍ରତିବାଦ ସଭାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲା ବେଳେ ଏହାର ତଦନ୍ତ ଦାୟିତ୍ୱ କାର୍ଯ୍ୟରତ ହାଇକୋର୍ଟର ଏକ ବିଚାରପତିଙ୍କୁ ଦିଆଯିବାକୁ ମଧ୍ୟ ଦାବି କରିଥିଲେ। ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦେବା ସହିତ ଦୋଷୀକୁ କଠୋର ଦଣ୍ଡବିଧାନ ପାଇଁ ମଧ୍ୟ ଦାବି କରାଯାଇଥିଲା। ଏଭଳି ସମ୍ବେଦନଶୀଳ ଘଟଣାରେ ରାଜ୍ୟବାସୀ ସ୍ତବ୍ଧ ହୋଇଥିଲା ବେଳେ ପୀଡିତାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଯୁବ ଛାତ୍ର ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ସଭାପତି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିକ୍ରମ ସାହୁ, ଜୟପ୍ରକାଶ ନାୟକ, ସତ୍ୟରଞ୍ଜନ ଦାସ, ହୃଷିକେଶ ସାହୁ, ହିତେଶ ରାଉତ, ଆଲୋକ ସେଠୀ, ଚିନ୍ମୟୀ ଜେନା, ପ୍ରମୋଦ ପଣ୍ଡା, ନିତ୍ୟାନନ୍ଦ ସ୍ୱାଇଁ, ପଦ୍ମନାଭ ତ୍ରିପାଠୀ ଯୋଗଦେଇଥିଲେ।

### ମାହାଙ୍ଗା କଂଗ୍ରେସ

ନିଶ୍ଚିନ୍ତକୋଇଲି: ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ ଛାତ୍ର କଂଗ୍ରେସ ସଂଗଠନ ପକ୍ଷରୁ ନିଶ୍ଚିନ୍ତକୋଇଲି ପିପି କଲେଜ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। କଟକ ଜିଲ୍ଲା କଂଗ୍ରେସ କମିଟିର ସଂଯୋଜକ ପ୍ରଦୀପ୍ତ ଦାସଙ୍କ ନିର୍ଦ୍ଦେଶରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ୍ ସଦାମଙ୍କ ନେତୃତ୍ୱରେ ବହୁ ଯୁବ ଛାତ୍ର କଂଗ୍ରେସ କର୍ମୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ପୀଡ଼ିତା ପରିବାରକୁ ନ୍ୟାୟ ଦେବା ପାଇଁ ମଧ୍ୟ ଦାବି କରିଥିଲେ। ପ୍ରତିବାଦ ସଭାରେ ଛାତ୍ର ଓ ଯୁବ କଂଗ୍ରେସ ନେତା ମିଲନ୍ ମଲିକ, ରମେଶ ସାହୁ, ଗୋପାଳ ସେଠୀ, ରାଜକିଶୋର ବାରିକ, ସ୍ମୃତିରଞ୍ଜନ ଦାସ, ଅମରେଶ ସାମନ୍ତରାୟ, ନବକିଶୋର ଦାସ, ସେକ୍ ତୋଫାନୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଫଟୋଚିତ୍ରରେ ନିଆଁ ଲଗାଇଥିଲେ।

### ନିଆଳି ବ୍ଲକ ଯୁବ ଓ ଛାତ୍ର ବିଜେଡି

ନିଆଳି: ନିଆଳି ବ୍ଲକ ଯୁବ ଓ ଛାତ୍ରବିଜେଡି ପକ୍ଷରୁ ବହୁ ଛାତ୍ର ଯୁବ ବିଜେଡି କର୍ମୀ ତହସିଲ କାର୍ଯ୍ୟାଳୟଠାରୁ ହାତରେ ମହମବତି ଧରିବା ସହ ବିଜେପି ସରକାର ବିରୋଧରେ ନାରାବାଜି କରି ବଜାର ପରିକ୍ରମା କରି ଥାନା ଛକ ଠାରେ ପହଞ୍ଚିଥିଲେ। ବ୍ଲକ ଯୁବ ବିଜେଡି ସଭାପତି ବିଷ୍ଣୁଚରଣ ସ୍ୱାଇଁ, ବ୍ଲକ ଛାତ୍ର ବିଜେଡି ସଭାପତି ଅଜୟ ସ୍ୱାଇଁ, କଟକ ଜିଲ୍ଲା ଛାତ୍ର ବିଜେଡି ଉପସଭାପତି ରାକେଶ ରାଉତ, ଜିଲ୍ଲା ଛାତ୍ର ବିଜେଡି ସଂପାଦକ ସୋହେଲ୍ ମିର୍ଜା, ବ୍ଲକ ଡିଜିଟାଲ ସଂପାଦକ ବିଶ୍ୱଜିତ ପ୍ରଧାନ, ଯୁବ ବିଜେଡି ସଂପାଦକ ଅବିନାଶ ପରିଡା, ନିଆଳି ମହାବିଦ୍ୟାଳୟର ଛାତ୍ରନେତା ଓମ୍ ପ୍ରକାଶ ଜେନାଙ୍କ ସମେତ ବିଜୟ ଭୋଇ, ଆଦିତ୍ୟ ନାରାୟଣ ଦାସ, ଶୋଭେନ୍‌ସ ଭୋଇ, ସୁନୀଲ ଭୋଇ ପ୍ରମୁଖ ବହୁ ଛାତ୍ର ଓ ଯୁବ ବିଜେଡି କର୍ମୀ ଯୋଗଦେଇଥିଲେ।







### ଆଠଗଡ଼ ଯୁବ ଛାତ୍ର ବିଜେଡି

ଆଠଗଡ଼: ଆଠଗଡ ବିଜୁ ଯୁବ-ଛାତ୍ର ଦଳ ପକ୍ଷରୁ ଆଠଗଡ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ଫାଟକ ସମ୍ମୁଖ ଛାତ୍ରୀ ଦିବଙ୍ଗତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀମାନେ ରାଜ୍ୟରେ ବଢୁଥିବା ମହିଳାଙ୍କ ଉପରେ ନିର୍ଯାତନା ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ପରେ ସନ୍ଧ୍ୟାରେ ଆଠଗଡ ବ୍ଲକ ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି ଓ ଏନ୍‌ଏସି ସଭାପତି ଖଲିଦ୍ ମହମ୍ମଦ, ଆଠଗଡ ବ୍ଲକ ଯୁବ ବିଜେଡ଼ି ସଭାପତି ବିନୋଦ ମାଝୀଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଆଠଗଡ ସହରସ୍ଥିତ ବାଉତୀ ମନ୍ଦିରରୁ ବାହାରି ଚାନ୍ଦବାଲି ଛକ ହନୁମାନ ମନ୍ଦିର ଠାରେ ପହଞ୍ଚିଥିଲେ। ବିଜେଡି ଜିଲ୍ଲା ସଂପାଦକ ଲଳିତେନ୍ଦୁ ସେନାପତି, ପ୍ରଦୀପ୍ତ ଦାସ, ପ୍ରକାଶ ରାଉତ, ଆଠଗଡ ଏନ୍‌ଏସି ବିଜେଡି ସଭାପତି ଶିଶିର ପ୍ରସାଦ ମାନସିଂହ, ଯୁବ ସମବାୟବିତ୍ ପ୍ରସନ୍ନ କୁମାର ସ୍ୱାଇଁ, ସରପଞ୍ଚ ଅଜିତ ଦାସ, ସରୋଜ ଦାସ, ପ୍ରଭଞ୍ଜନ ସେଠୀ, ବିଭୂତି ଖଟୁଆ, ରାକେଶ ନାୟକ, ସୌମ୍ୟରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।










### ଟିଗିରିଆ ଯୁବ ଛାତ୍ର ବିଜେଡି

ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ପୀଡିତା ଛାତ୍ରୀ ସୌମ୍ୟାଶ୍ରୀଙ୍କର ଆତ୍ମାର ସଦଗତି କାମନା କରି ଆଜି ଟିଗିରିଆ ବିଜୁ ଯୁବ-ଛାତ୍ର ଦଳ ପକ୍ଷରୁ ଟିଗିରିଆ ବ୍ଲକ ସଦର ମହକୁମା ନିଜିଗଡ ଟାଉନ ଅଧୀନ ଗୋହିରିମୁଣ୍ଡା ଛକ ଠାରୁ ଏକ ନିରବ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା ଛାତ୍ର ଜନତା ଦଳ ସଭାପତି ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ୍, ବାଲିପୁଟ ସରପଞ୍ଚ ରଞ୍ଜନ ସୂତାର, ରାଜେଶ ସାହୁ, ସାଗର ଖଟୁଆ, ସ୍ୱପ୍ନଜିତ ମହାନ୍ତି, ବଣ୍ଟି ସାହୁ, କିଷନ ପଟ୍ଟନାୟକ ପ୍ରମୁଖ ଏକ ଶୋଭାଯାତ୍ରାରେ ନିଜିଗଡ ଟାଉନ ପରିକ୍ରମା କରି ରାଜ୍ୟରେ ବଢୁଥିବା ମହିଳାଙ୍କ ଉପରେ ନିର୍ଯାତନା ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

### ବଡମ୍ବା ଯୁବ ଛାତ୍ର ବିଜେଡି

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଉଦବେଗ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ପ୍ରତିବାଦ କରିଛି ବିଜେଡି। ଆଜି ବଡମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ସାମ୍ନାରେ ଏହାର ପ୍ରତିବାଦରେ ଯୁବ ବିଜେଡି ଛାତ୍ର ନେତା ବିରଞ୍ଚି ନାରାୟଣ ରଣା ନେତୃତ୍ୱରେ ବହୁ ଛାତ୍ର, ଛାତ୍ରୀ ଉପସ୍ଥିତ ରହି ସରକାରଙ୍କୁ ବିରୋଧ କରିଥିବା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। କଲେଜ ଛାତ୍ରୀ ପ୍ରତିବାଦରେ ସାମିଲ ରହି ଅଭିଯୁକ୍ତଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିବା ବେଳେ ରାଜ୍ୟରେ କ୍ରମାଗତ ଭାବେ ନାରୀ ନିର୍ଯାତନା, ଦୁଷ୍କର୍ମ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ସୂଚନା ଅନୁଯାୟୀ ଘଟଣାରେ ସମ୍ପୃକ୍ତ ଅଧ୍ୟାପକ ସମୀର ସାହୁଙ୍କ ପୈତୃକ ଘର ବଡମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁର ଗ୍ରାମରେ ବୋଲି ଜଣାପଡ଼ିଛି।

### ନରସିଂହପୁର ବ୍ଲକ ବିଜେଡି

ନରସିଂହପୁର - ନରସିଂହପୁର ବ୍ଲକ ବିଜେଡି ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ବାହାରି ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମତବ୍ୟକ୍ତ କରି ଫକୀରମୋହନ କଲେଜ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଆଜି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବିଜେଡିର ଯୁବ ସଭାପତି ନିର୍ମଳ କୁମାର ଜେନାଙ୍କ ନେତୃତ୍ୱରେ ଜିଲ୍ଲାପରିଷଦ ସଭ୍ୟ ଅଜୟ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ସମିତିସଭ୍ୟ ଶକ୍ତି ମିଶ୍ର, ବୀଣାପାଣି ବେହେରା, କୃପାସିନ୍ଧୁ ଦାଶ, ମେଘନାଦ ପାତ୍ର, ବିନାୟକ ପ୍ରଧାନ, ଗୁଡ୍ଡୁ ପ୍ରଧାନ, ଟିଟୁ ସାହୁଙ୍କ ସମେତ ବହୁ ତୁଙ୍ଗ କର୍ମୀ ଉପସ୍ଥିତ ରହି ସରକାରଙ୍କ ବିରୁଦ୍ଧରେ ନାରାବାଜି କରିବ ସହିତ ଟାୟାର ଜାଳି ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକାରେ ନିଆଁ ଲଗାଇ ରାସ୍ତାରେ ବସି ରହିଥିଲେ ଓ କିଛି ସମୟ ପରେ ଧାରଣରୁ ଓହରିଥିଲେ।

## ଡାଇରିଆ ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ




**ଚୌଦ୍ୱାର,୧୫।୭(ସମିସ):** ଆଗ୍ରାହାଟ ପଞ୍ଚାୟତ ଅନ୍ତର୍ଗତ କୁଜିବର ଗ୍ରାମରେ ହଇଜା ଓ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଓ କୁଜିବର ଆରସିସି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବବର୍ଗ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ଓ ହଇଜା ରୋଗ ବ୍ୟାପିବାର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମରେ ଥିବା କୂଅ ଓ ଜଳ ଉତ୍ସ ଗୁଡ଼ିକରେ ବ୍ଲିଚିଂ ପାଉଡ଼ର ପକାଯିବା ସହିତ ଲୋକଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। ଏଥି ସହିତ ମହାପୁରୁଷ ସାଧୁସୁନ୍ଦର ପୀଠରେ ଚାରାରୋପଣ କରାଯାଇଥିଲା। ରୋଟାରୀ କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ସମ୍ପାଦକ ମନୋରମା ଜେନା, ବିଶ୍ୱନାଥ ପଣ୍ଡା, ଉମାକାନ୍ତ ମହାନ୍ତି, ସୁଧାଂଶୁ ଶେଖର ଜେନା, ବିବେକାନନ୍ଦ ଆରସିସିର ମାନସ ସାହୁ, କୁଜିବର ଆରସିସିର ଉମେଶ ଚନ୍ଦ୍ର ସାହାଣୀ, ସତ୍ୟଭାମା ମହାରଣାଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବାସୁଦେବ ସାହୁ ଧନ୍ୟବାଦ ଦେଇଥିଲେ।

## କେନ୍ଦୁପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

# ପ୍ରଧାନଶିକ୍ଷକଙ୍କୁ ଫେରାଇବାକୁ ଛାତ୍ରଛାତ୍ରୀଙ୍କ ଦାବି

**ନିଶ୍ଚିନ୍ତକୋଇଲି,୧୫।୭(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ କେନ୍ଦୁପାଟଣା ପଞ୍ଚାୟତରେ ଥିବା ଘେଓ୍ୱାରଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ଦେଖାଦେଇଛି। ଗତ ଫେବୃୟାରୀ ମାସରୁ ପ୍ରଧାନଶିକ୍ଷକ ସୁଶିଲ କୁମାର ଚକ୍ରବର୍ତ୍ତୀଙ୍କୁ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଅତିରିକ୍ତ ବିଇଓ ତଥା ବିଆରସିସି ଦାୟିତ୍ୱ ଦିଆଯାଇଥିବାରୁ ବିଦ୍ୟାଳୟଟି ସଠିକ୍ ଭାବେ ପରିଚାଳନା ହୋଇପାରୁ ନାହିଁ। ଏହାଛଡ଼ା ଏହି ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ପଦ ଅଭାବ ସହିତ ପ୍ରଧାନଶିକ୍ଷକ ଅନ୍ୟତ୍ର କାର୍ଯ୍ୟ କରିବାରୁ ଦିନକୁ ଦିନ ବିଦ୍ୟାଳୟ ଅବସ୍ଥା ଖରାପ ହେବାକୁ ଲାଗିଲାଣି। ଏହାକୁ ସୁଧାରିବାକୁ ହେଲେ ତୁରନ୍ତ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଯୋରଦାର ଦାବି ହୋଇଛି। ଏକ ସପ୍ତାହ ମଧ୍ୟରେ ପ୍ରଧାନଶିକ୍ଷକ ଯଦି ବିଦ୍ୟାଳୟରେ ସମ୍ପୂର୍ଣ୍ଣ ସମୟ କାର୍ଯ୍ୟ ନ କରନ୍ତି ତା'ହେଲେ ସ୍ଥାନୀୟ ଗ୍ରାମବାସୀ ଓ ପରିଚାଳନା କମିଟି ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଦେଶ ସ୍ୱାଧୀନ ପୂର୍ବରୁ ୧୯୪୫ ମସିହାରୁ ଏହି ଅଞ୍ଚଳର ଶିକ୍ଷାରେ ବିକାଶ ପାଇଁ ବହୁ ବୁଦ୍ଧିଜୀବି ଏହି ବିଦ୍ୟାଳୟଟିକୁ ସ୍ଥାପନ କରିଥିଲେ। ସ୍ଥାପନ ହେବା ଦିନ ଠାରୁ ଶିକ୍ଷାଦାନ ପ୍ରତି ଗୁରୁତ୍ୱ ଦିଆଯାଇଥିବାରୁ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ କ୍ଷେତ୍ରରେ ବହୁ ସୁନାମ ଅର୍ଜନ କରିବା ସହିତ ବିଦ୍ୟାଳୟର ଏକ ସ୍ୱତନ୍ତ୍ର ସୁନାମ ରହିଛି। ବର୍ତ୍ତମାନ ଏହି ବିଦ୍ୟାଳୟରେ ବାଲବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୮୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଏହି ବିଦ୍ୟାଳୟରେ ୧୦ରୁ ଉଦ୍ଧ୍ୱର୍ ଶିକ୍ଷକ ଆବଶ୍ୟକୀୟ ରହିଛି। ହେଲେ ବର୍ତ୍ତମାନ ଏହି ବିଦ୍ୟାଳୟରେ ମାତ୍ର ୫ ଜଣ ଶିକ୍ଷୟିତ୍ରୀ ପାଠ ପଢାଉଥିବାରୁ ସଠିକ୍ ଭାବ ଶିକ୍ଷାଦାନ ହୋଇପାରୁ ନାହିଁ। ଶିକ୍ଷକ ଅଭାବରୁ ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଗୋଟିଏ ଶ୍ରେଣୀରେ ବସାଇ ପାଠ ପଢାଯିବାକୁ ଶିକ୍ଷକମାନେ ବାଧ ହେଉଛନ୍ତି। ପ୍ରଧାନଶିକ୍ଷକ ନ ଥିବାବେଳେ ଏହି ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ସୁରେନ୍ଦ୍ରମୋହନ ବେହେରାଙ୍କୁ ମଣ୍ଡଳ ଶିକ୍ଷାଧିକାରୀ ଜୋରଜବରଦସ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ନେବାକୁ କହିବାରୁ ସେ ଏକ ମାସ ଛୁଟି ନେଇଥିବା ଜଣାଯାଇଛି। ବିଦ୍ୟାଳୟର ଭିତ୍ତିଭୂମି ଠିକ ଠାକ୍ ରହିଥିବାବେଳେ ପିଲାମାନଙ୍କ ପାଇଁ ସାଇକଲ ଷ୍ଟାଣ୍ଡ ନଥିବାରୁ ଖରା ବର୍ଷାରେ ଶହ ଶହ ସାଇକଲ ରହୁଥିବା ଦେଖାଦେଇଛି। ଏହାଛଡ଼ା ବିଦ୍ୟାଳୟ ପରିସର ଖାଲୁଆ ଥିବାରୁ ବର୍ଷା ଦିନେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଛାତ୍ରଛାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ବିଦ୍ୟାଳୟ ପ୍ରତି ଶିକ୍ଷାଧିକାରୀଙ୍କ ଆନ୍ତରିକତା ଅଭାବରୁ ଏଭଳି ସବୁ ଘଟଣା ଘଟୁଥିବା ସ୍ଥାନୀୟ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ବିଦ୍ୟାଳୟକୁ ପ୍ରଧାନଶିକ୍ଷକଙ୍କୁ ଫେରାଇଦେବା ସହିତ ଆବଶ୍ୟକୀୟ ଶିକ୍ଷକ ପଦ ପୂରଣ କରିବା ପାଇଁ ଦାବି ହୋଇଛି



## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା ନେଇ ରାୟଗଡ଼ା ବିଜେଡିର ବିକ୍ଷୋଭ

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ






ରାୟଗଡ଼ା,୧୫।୭ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଏଡ ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ୩ ଦିନ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧରେ ହାରି ଯାଇଛନ୍ତି। ଏହି ଘଟଣାକୁ ନେଇ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ଯୁବ,ଛାତ୍ର ଓ ମହିଳା ଜନତା ଦଳ ପକ୍ଷରୁ ଆଜି ସ୍ଥାନୀୟ କପିଳାଶ ଛକ ଠାରେ ମଧ୍ୟାହ୍ନରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ମୋହନ ସରକାରଙ୍କ ଅପାରଗତା ଯୋଗୁଁ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ମିଳିପାରିଲା ନାହିଁ, ଫଳରେ ଜଣେ ସାହାସୀ ଝିଅ ସୌମ୍ୟାଶ୍ରୀ ଆତ୍ମାହୁତି ଦେଇଥିଲା। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ନାରୀଜାତି ସୁରକ୍ଷା ମଣୁନାହାନ୍ତି। ମୃତା ସୌମ୍ୟାଶ୍ରୀ ପୂର୍ବରୁ ଟୁଇଟ୍ କରି ଘଟଣା ସମ୍ପର୍କରେ ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କେହି ହେଲେ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ରାୟଗଡ଼ା ବିଜେଡିର ବରିଷ୍ଠ ଯୁବ ନେତା ବିନାୟକ କର କହିଛନ୍ତି। ଓଡିଶା ଆଜି ଅସୁରକ୍ଷିତ ହୋଇପଡିଛି। ଏଠାରେ ନାରୀ ନିର୍ଯ୍ୟାତନା,ନାରୀ ଧର୍ଷଣ, ଯୌନ ନିର୍ଯ୍ୟାତନା ବୃଦ୍ଧି ପାଉଥିବାରୁ ବିଜେପି ସରକାରର ଏଭଳି ଶାସନକୁ ବିରୋଧ କରି ରାୟଗଡ଼ା ଠାରେ ବିଜେଡି ପକ୍ଷରୁ ବିକ୍ଷୋଭ କରାଯାଉଛି ଏବଂ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ପ୍ରଦାନ କରିବା ବିଜେଡିର ଦାବି ରହିଛି ବୋଲି କହିଛନ୍ତି। ସେହିପରି ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ବିଜେଡି କାଉନ୍‌ସିଲର ଶ୍ରୀମତି ଶର୍ମିତା ପାଢୀ ବିଜେପି ସରକାରର ଅପାରଗତା ଓ ବିଫଳ ଶାସନକୁ ନେଇ ମୋହନ ସରକାରଙ୍କ ଉପରେ ବର୍ଷିଥିଲେ। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ହରପ୍ରସାଦ ହେପୃକା, ବାନାଗାଡି ତିରୁପତି, ଗଙ୍ଗାଧର ପୁଆଲା, ତାମାରାଓ ବିଡିକା, ଅବିନାଶ ବିଶୋଇ, ବିନାୟକ ପଲେଇ, ସନ୍ତୋଷ ଦଳେଇ,ଏ ମ.ଗଙ୍ଗାଧରଙ୍କ ସମେତ ଅନ୍ୟ ବିଜେଡି ଜନପ୍ରତିନିଧି, କାଉନ୍‌ସିଲର ଓ ବହୁ ସଂଖ୍ୟାରେ ବିଜେଡି କର୍ମୀମାନେ ଉପସ୍ଥିତ ରହିଥିଲେ।

## ■ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ କଂଗ୍ରେସର ବିକ୍ଷୋଭ

# ମୋହନ ସରକାର ନୁହେଁ, ମୌନ ସରକାର : ବିଧାୟକ ଆପଲାସ୍ୱାମୀ




ରାୟଗଡ଼ା,୧୫।୭ (ସମିସ): ରାଜ୍ୟରେ ମୋହନ ସରକାର ନୁହେଁ, ମୌନ ସରକାର ଚାଲିଛି ବୋଲି ରାୟଗଡ଼ା ବିଧାୟକ କାଦ୍ରକା ଆପଲାସ୍ୱାମୀ କହିଛନ୍ତି। ଆଜି ଅପରାହ୍ନ ୫ଟା ସମୟରେ ରାୟଗଡ଼ାଜିଲ୍ଲା ଓ ଯୁବ କଂଗ୍ରେସ ପକ୍ଷରୁ ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତା ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ କରାଯାଇଥିବା ରାୟଗଡ଼ା ସହରର କପିଳାସ ଛକର ୩୨୬ନମ୍ବର ଜାତୀୟ ରାଜପଥ ଉପରେ ବିକ୍ଷୋଭ ଓ ଆନ୍ଦୋଳନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି। ନିର୍ଯାତନା ବିଷୟରେ କଲେଜ ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ବିଧାୟକ, ସାଂସଦ, ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କୁ ଚିଠି ଲେଖି ଜଣାଇବା ସହ ଟୁଇଟ୍ କରି ଅବଗତ କରି ନ୍ୟାୟ ପାଇବାକୁ ଛାତ୍ରୀ ଆଶା ବାନ୍ଧିଥିଲେ। ହେଲେ ରଙ୍ଗବୋଳା ବିଜେପି ସରକାର ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେଇପାରିଲେ ନାହିଁ। ଏହି ସରକାରକୁ ହଟେଇବାକୁ ପଡିବ ବୋଲି ବିଧାୟକ ଶ୍ରୀ କାଦ୍ରକା କହିଥିଲେ। ଆଜିର ବିକ୍ଷୋଭ ବେଳେ ଜିଲ୍ଲା କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା,ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାୟକ,ଅଶୋକ ପୁଆଲା,ସତ୍ୟବାନ ମାଣ୍ଡାଙ୍ଗି,ଭୂଷଣ ବିଡିକା,ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା,ହରିଶ ପଟ୍ଟନାୟକଙ୍କ ସମେତ ଅନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତଳିକା ଦାହ କରିଥିଲେ।

# ବିଶ୍ୱ ଦକ୍ଷତା ବିକାଶ ଦିବସ

ରାୟଗଡ଼ା,୧୫।୭ (ସମିସ): ରାୟଗଡା ଜିଲ୍ଲା ମେରା ଯୁବ ଭାରତ ତରଫରୁ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସହାୟତାରେ ବିଶ୍ୱ ଦକ୍ଷତା ବିକାଶ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିଳ୍ପ ବିକାଶ କେନ୍ଦ୍ର ଜିଏମ ବିଜୟ




କୁମାର ସାହୁ ଯୋଗ ଦେଇ ଯୁବକ ଏବଂ ଯୁବତୀ ମାନଙ୍କର ଦକ୍ଷତାରେ ବିକାଶ ହେଲେ ଦେଶର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଯିବ ଏବଂ ବେରୋଜଗାରୀ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ନିଜର ଅଭିଭାଷଣରେ କହିଥିଲେ। ସେହିପରି ଉକ୍ତ କାର୍ଯ୍ୟକ୍ରର୍ମରେ ସିଟିଟିସି ପ୍ରିନ୍‌ସିପାଲ ସନ୍ତୋଷ ସ୍ୱାଇଁ, ଏଚଓଡି ପଲିଟିକାଲ ସାଇନ୍ସ ପି. ଅରୁଣ କୁମାର, ବିବିଏ ଅଧ୍ୟାପିକା ମିରଜା ଖାସୀମ ବିବି, ମେରା ଯୁବ ଭାରତ ଏମଟିଏସ ଲକ୍ଷ୍ମୀନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇ କିଭଳି ଭାବରେ ଭବିଷ୍ୟତରେ କର୍ମସଂସ୍ଥାନ ଉପରେ ଯୁବକ ଏବଂ ଯୁବତୀ ମାନଙ୍କର ଦକ୍ଷତାରେ ବିକାଶ ହୋଇପାରିବ ବୋଲି ଆଲୋକପାତ କରିଥିଲେ । କାର୍ଯ୍ୟକ୍ରର୍ମରେ ବହୁତ ସଂଖ୍ୟାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଯୁବକ ଯୁବତୀ ଉପସ୍ଥତ ଥିଲେ। ସଭା କାର୍ଯ୍ୟକ୍ରମଟିକୁ ଏମଟିଏସ ଶ୍ରୀ ସେଠୀ ପରିଚାଳନା କରିଥିଲେ ।

## ■ ୯ ଦିନ ହେଲା ବିଦ୍ୟୁତ୍ ତାର ଛିଡ଼ି ଯାଇଛି

# ଅନ୍ଧାରରେ କଲବଲ ଗ୍ରାମବାସୀ



ପୋଡ଼ାଗଡ଼,୧୫।୭ (ସମିସ): ଦିନେ କି ଦୁଇଦିନ ନୁହେଁ, ଦୀର୍ଘ ୯ ଦିନ ହେଲା ଅନ୍ଧାର ଭିତରେ ଗ୍ରାମବାସୀ। ଏଭଳି ଅଭିଯୋଗ କରିଛନ୍ତି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆ ଗୁଡା ପଞ୍ଚାୟତ ଅଧିନସ୍ଥ ଚକର୍ଲି ପୁଟ ଗ୍ରାମବାସୀ। ଏହି ଗ୍ରାମରେ ୫୦ ପରିବାର ଆଦିବାସୀ ଓ ଅଣ ଆଦିବାସୀ ସଂପ୍ରଦାୟର ଲୋକ ବସବାସ କରନ୍ତି। ସେମାନଙ୍କ ମୁଖ୍ୟ ଜୀବିକା ହେଲା ପୋଡୁ ଚାଷ। ବିଶେଷ କରି ଏହି ଗାଁରେ ଗରିବ ଲୋକ ବସବାସ କରନ୍ତି। ସେମାନେ କହିବା ଅନୁସାରେ ଦୀର୍ଘ ୯ ଦିନ ହେଲା ଗାଁଠାରୁ ଦେଢ଼ କିମି ଦୂର ତାମିଲି ଗାଁ ଛକ ନିକଟରେ ବିଦ୍ୟୁତ୍ ତାର ଛିଣ୍ଡି ଯାଇଛି। ଏହି ତାର ସଂଯୋଗ କରିବା ପାଇଁ ଟାଟା ପାୱାର କର୍ମଚାରୀ ତଥା ଲାଇନ୍ ମ୍ୟାନଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ପର୍ଯ୍ୟନ୍ତ ଗୁହାରି କରି ଆସୁଛନ୍ତି। ହେଲେ କେହି ଗ୍ରାମବାସୀଙ୍କ ଗୁହାରିକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ଗାଁର ହିରଣ୍ୟ ଦରା, ଅର୍ଜୁନ ଦରା, କେଶବ ମୁଦୁଲି, ଦିନବନ୍ଧୁ ସାଉନ୍ତା, ଲୋଚନ ଦରା, ମାଧବ ମୁଦୁଲି ପ୍ରମୁଖ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଗ୍ରାମବାସୀ ଅନ୍ଧାରରେ କଲବଲ ହେଉଛନ୍ତି। ଗାଁକୁ ଯିବା ଲାଗି ଭଲ ରାସ୍ତା ସୁବିଧା ନାହିଁ। ବର୍ଷା ଛାତୁ ନାହିଁ, ଗାଁରେ ଅନେକ ଲୋକ

### ଗୁହାରି ଶୁଣୁନି ଟାଟା ପାୱାର

ବିଭିନ୍ନ ରୋଗର ଶୀକାର ହୋଇଛନ୍ତି। କିଏ ତ ଜ୍ୱରରେ ପଡ଼ିଛି ତ ଆଉ କାହାକୁ ଝାଡ଼ା ହେଉଛି। ଗାଁରେ କେତେକ ମହିଳା ଗର୍ଭବତୀ ରହିଛନ୍ତି। ରାତି ଅଧରେ ଡାକ୍ତରଖାନ ନେବାକୁ ସମସ୍ୟା ହେଉଛି। ମୋବାଇଲ୍ ଫୋନ ସୁଇଚ୍ ଅଫ୍। ପିଲାଙ୍କ ପାଠପଢ଼ାରେ ବାଧାସୃଷ୍ଟି ହୋଇଛି। ଏଭଳି ବିଦ୍ୟୁତ୍ ଆଲୁଅ ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଇଛି। ଗ୍ରାମବାସୀ କହିଛନ୍ତି ଯେ, ଗାଁର ସମସ୍ତ ପଞ୍ଜିକୃତ ଉପଭୋକ୍ତା ନିୟମିତ ଭାବେ ବିଦ୍ୟୁତ ବିଲ୍ ପୈଠ କରିଆସୁଛନ୍ତି। ତଥାପି କାହିଁକି ଟାଟା ପାୱାର କର୍ମଚାରୀ ଗାଁକୁ ବିଦ୍ୟୁତ ତାର ସଂଯୋଗ କରୁନାହାଁନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଲାଇନ୍ ମ୍ୟାନ ମଦନମୋହନ ସ୍ୱାଇଁଙ୍କୁ ତାଙ୍କ ୭୦୦୮୨୩୭୮୦୯ ଏହି ନମ୍ବରରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ ସେ ଫୋନ ଉଠାଇ ନ ଥିଲେ। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଗ୍ରାମବାସୀଙ୍କୁ ବିଦ୍ୟୁତ ଆଲୁଅ ଯୋଗାଇ ଦେବାକୁ ଦାବି ହୋଇଛି। ନ ହେଲେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବିକାଶ କାର୍ଯ୍ୟକ୍ରମ



ଦାମନଯୋଡ଼ି/ସେମିଳିଗୁଡ଼ା, ୧୫।୭ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡ଼ି ସ୍ଥିତ ନବରତ୍ନ ଉଦ୍ୟୋଗ ନାଲ୍‌କୋ ଶିଳ୍ପାଞ୍ଚଳର ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରେକ୍ଷାଳୟରେ ଆଜି ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସହାୟତାରେ ଛାତ୍ରଛାତ୍ରୀଙ୍କ ଏକାଗ୍ରତା ବିକାଶ କରିବା ଉଦ୍ଦେଶ୍ୟରେ ଏକ ୱାର୍କସପ୍ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବ୍ରହ୍ମାକୁମାର ପ୍ରଫେସର ଇ ଭି ସ୍ୱାମୀନାଥନ୍ ଯୋଗଦେଇ ପାୱାର ପଏଣ୍ଟ ମାଧ୍ୟମରେ ତଥା ବିଭିନ୍ନ ଏକ୍ସରସାଇଜ ଦ୍ୱାରା କିପରି ଏକାଗ୍ରତାର ବିକାଶ କରିହେବ ଓ ଏହାଦ୍ୱାରା ଛାତ୍ର ଛାତ୍ରୀଙ୍କ ସ୍ମୃତି ଶକ୍ତି (ମେମୋରୀ) ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ ପରୀକ୍ଷା ମୂଳକ ଭାବେ ଛାତ୍ର ଛାତ୍ରୀଙ୍କଠାରେ ପ୍ରୟୋଗ କରି ଦେଖାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟା ମନ୍ଦିରର ସମ୍ପାଦକ ଡ. ଚିତ୍ତରଂଜନ ମିଶ୍ର ଓ ଅଧ୍ୟକ୍ଷ ଡଃ ଶୁଭ୍ରାଂଶୁ ଶେଖର ବାହିନୀପତି, ବ୍ରହ୍ମକୁମାରୀ ସବିତା ଓ ତାଙ୍କ ସାଥୀ ନମିତା, ଆରତୀ, ବ୍ରହ୍ମା କୁମାର ଗିରିଶ ଭାଇ ଓ ଗୌର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ଓ ଭାରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଦୀପ କୁମାର ଜଗତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଡ.ନରେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୪୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

# ଏରୋନଟିକ୍ସ ମହାବିଦ୍ୟାଳୟରେ ବନମହୋତ୍ସବ



ସୁନାବେଡ଼ା,୧୫।୭ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ୍, ୟୁଥ୍ ରେଡକ୍ରସ ଓ ଶ୍ରୀ ସତ୍ୟସାଇ ସେବା ସଂଗଠନର ମିଳିତ ସହଯୋଗରେ ବନ ମହୋତ୍ସବ ସପ୍ତାହ ଉପଲକ୍ଷେ ଚାରାରୋପଣ କରାଯାଇଛି। ହାଲ୍ କୋରାପୁଟ ପ୍ରଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀଅଙ୍ଗ ଅନିଲରାଓ କୋଠେ, ହାଲ ସୁଖୋଇ ପ୍ରଭାଗର ମହାପ୍ରବନ୍ଧକ ସରୋଜ ପଣ୍ଡା, ଏଇଏସର କୋଷାଧ୍ୟକ୍ଷ ଅନୁଜ ସିଂ ଚୌହାନ, ମହାବିଦ୍ୟାଳୟର ସମ୍ପାଦକ ବିଶ୍ୱେଶ୍ୱର ସେନାପତି, ଅଧ୍ୟକ୍ଷା ଡ. ଅନସୂୟା ନନ୍ଦ ଉପସ୍ଥିତ ରହି ମାଆଙ୍କ ନାମରେ ଗୋଟାଏ ବୃକ୍ଷ ନାରାରେ ଛାତ୍ରଛାତ୍ରୀଙ୍କ ସଙ୍ଗେ ମହାବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ସେମିଳିଗୁଡା ବନବିଭାଗର ବନଅଧିକାରୀ ଦୁଇଶହ ଚାରା ମହାବିଦ୍ୟାଳୟକୁ ଯୋଗାଇ ଦେଇଥିଲେ। ଏହି ବନ ମହୋତ୍ସବରେ ଜାତୀୟ ସେବା ଯୋଜନା ୟୁନିଟର ସଂଯୋଜକ ଡ.ସସ୍ମିତା ମହାପାତ୍ର, ଡ. ସ୍ମୃତି ରଞ୍ଜନ ରାଉତ, ୟୁଥ ରେଡ୍‌କ୍ରସର କାଉନସିଲର ଡ.ଶାନ୍ତନୁ ନାୟକ, ସହଯୋଗୀ କାଉନ୍‌ସିଲର ଚିନ୍ମୟୀ ପଣ୍ଡା, ଶ୍ରୀ ସତ୍ୟସାଇ ସେବା ସଂଗଠନର କର୍ମକର୍ତ୍ତା ତଥା ମହାବିଦ୍ୟାଳୟର ବରିଷ୍ଠ ପ୍ରାଧାପକ ଡ.ସଞ୍ଜୟ ପୁରୋହିତ, ଗୌରୀଶଙ୍କର ରଥ, ହିରନ୍ମୟୀ ତ୍ରିପାଠୀ, ଡ.ସଞ୍ଜୟ ଲେଙ୍କା, ବିଶ୍ୱଜିତା ପାଢ଼ୀ, ଦିଲୀପ ସାହୁ, ଚିନ୍ମୟୀ ସାହୁ, ଉତ୍କର୍ଷା କୁମାରୀ, ସତ୍ୟବ୍ରତ ସାହୁ, ରୁଚିକା ମାଣିଆ, ଦିଲୀପ ସାମଲ, ମଗ୍ନେଶ୍ୱର ନାଗ, ସୁନୀତା ସାହୁ, ଅରୁଣ ବାରିକ, ରଶ୍ମିରେଖା ନାୟକ ଆଦି ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ସଙ୍ଗେ ଏନ୍‌ଏସ୍‌ଏସ, ୱାଇଆର୍‌ସିର ସ୍ୱେଚ୍ଛାସେବୀ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମନରେଗା ସହାୟକଙ୍କ ଚାକିରି ସ୍ଥାୟୀ କରିବାକୁ ଦାବି



କୋଷାଗୁମୁଡା,୧୫।୭ (ସମିସ): ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ ମନରେଗା ସହାୟକ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରର କାର୍ଯାଳୟର ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହେଇଥିଲା। ଏଥିରେ ୩୦ ଗୋଟି ଜିଲ୍ଲାର ସଭାପତି, ସମ୍ପାଦକଙ୍କ ସହ ଅନ୍ୟ କର୍ମଚାରୀ ବୃନ୍ଦ ଉକ୍ତ ବୈଠକରେ ଉପସ୍ଥିତ ରହିଥିଲେ। ସମସ୍ତ କାର୍ଯ୍ୟକର୍ତ୍ତା ଆଜକୁ ୭ ମାସ ହେଲାଣି ଦରମା ପାଇ ନ ଥିବାରୁ ପରିବାର ପ୍ରତି ପୋଷଣରେ ବହୁତ ଅସୁବିଧାର ସମ୍ମୁଖୀନହେଉଛନ୍ତି। ଉକ୍ତ ବୈଠକରେ ନିଷ୍ପତି ହେଲା ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିରୋଧୀ ଦଳରେ ଥିଲା ସମୟରେ ପ୍ରତିଶୃତି ଦେଇଥିଲେ ଯେ ସେମାନଙ୍କୁ ସ୍ଥାୟୀ କରିବା ସହିତ ସମସ୍ତ ସବିଧା ସୁଯୋଗ ଯୋଗାଇ ଦେବେ ବୋଲି। କିନ୍ତୁ ସରକାର ଆସିବାର ୧ ବର୍ଷ ବିତିଯାଇ ଥିଲେ ସୁଦ୍ଧା ସରକାର ମନରେଗା ସହାୟକ ମାନଙ୍କ ପ୍ରତି ଦୃଷ୍ଟି ଦେଇନାହାନ୍ତି। ଏହି ମନରେଗା ଯୋଜନାରେ ଜିପିଟିଏ ଓ ଜିଆର୍‌ଏସ୍ ନିୟମିତ ହୋଇ ସମସ୍ତ ସରକାରୀ ସୁବିଧା ପାଉଛନ୍ତି। ମନରେଗା ସହାୟକ ମାନେ ଦୀର୍ଘ ୧୫ ବର୍ଷ କାମ କରି ସରକାରଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରି ଆସୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସରକାରୀ ସୁବିଧା ପାଇପାରିନାହାନ୍ତି କି ସମାନ କାମ କୁ ସମାନ ଦରମା ପାଇ ନାହାନ୍ତି । ଏଣୁ ଆଗାମୀ ଦିନରେ ସରକାର ମନରେଗା ସହାୟକଙ୍କ ପ୍ରତି ଦୃଷ୍ଟି ଦେଇ ସରକାର ମାନ୍ୟତା ପ୍ରଦାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି।

# ରାୟଗଡ଼ା ସ୍ୱୟଂଶାସିତ ମହାବଦ୍ୟାଳୟରେ ବନ ମହୋତ୍ସବ




ରାୟଗଡ଼ା,୧୫।୭ (ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଭାରତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଶଙ୍କର ପେଦ୍ଦୁରୁ ଓ ମୋନାଲିସା ପାଣିଗ୍ରାହୀଙ୍କ ସଂଯୋଜନାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରଥମେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସରସ୍ୱତୀ ରାୟ ଚାରାରୋପଣ କରି ବନ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ଅଧ୍ୟାପକ ଅଧ୍ୟାପିକା ପି.ଅରୁଣ କୁମାର, ଟି ଜ୍ୟୋତି, ସୁବ୍ରତ ପ୍ରଧାନ, ଏ.ଭି.ବି. ଗୁପ୍ତା, ହେମନ୍ତ ସ୍ୱାଇଁ, ଡ.ରାକେଶ କୁମାର ସ୍ୱାଇଁ ଓ ଅନ୍ୟ ମାନେ ଚାରାରୋପଣ କରିବା ସହ ଭାରତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ସୁମନ୍ତ ବେହେରା, ପ୍ରକାଶ ମାଣ୍ଡାଙ୍ଗି ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ବାଉଁଶ କରଡ଼ି ଦେଉଛି ରୋଜଗାର

ଉମରକୋଟ ୧୫।୭ (ସମିସ): ଆଦିବାସୀଙ୍କ ରୋଜଗାର ମାଧ୍ୟମ ସାଜିଛି ବାଉଁଶ କରଡି। ଜଙ୍ଗଲୀ ଖାଦ୍ୟ ସାମଗ୍ରୀକୁ ବିକ୍ରି କରି ମେଣ୍ଟୁଛି ଗୁଜୁରାଣ। ବଜାରରେ ମଧ୍ୟ କରଡ଼ିର ଢେର ଚାହିଦା ରହିଛି। ବାଉଁଶ ଗଛର କଅଁଳ ଗଜାରୁ ବାହାରିଥାଏ କରଡି। ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ହାଟ ବଜାରରେ ଅଧିକ ପରିମାଣରେ ଦେଖିବାକୁ ମିଳେ ଏହି ବାଉଁଶ କରଡ଼ି। ନବରଙ୍ଗପୁର ଜିଲ୍ଲା ହେଉଛି ଜଙ୍ଗଲ ପାହାଡ ଘେରା ଅଞ୍ଚଳ। ଏହି ଅଞ୍ଚଳରେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ଭରସା କରିଥାନ୍ତି ଅଧିବାସୀ। ଏହି ଅଞ୍ଚଳରେ ଅଧିବାସୀ ମାନେ ସକାଳୁ ଜଙ୍ଗଲକୁ ଯାଇ ବାଉଁଶ କରଡ଼ି ସଂଗ୍ରହ କରି ହାଟ ବଜାର ମାନଙ୍କରେ ବାଉଁଶ କରଡ଼ି ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକେ ଆଗ୍ରହରେ କିଣି ନେଇ ନେଇଥାନ୍ତି। ଏହାକୁ ବିକ୍ରି କରି ପ୍ରତିଦିନ ହାରାହାରି ୪ ଶହରୁ ୫୦୦ ଟଙ୍କା ମିଳିଥାଏ ବୋଲି କହିବା ସହ ଏହା ଏକ କଷ୍ଟସାଧ





ବ୍ୟବସାୟ ବୋଲି ମଧ୍ୟ କହିଛନ୍ତି। ଏହାକୁ ସଂଗ୍ରହ କରିବାକୁ ଭୋର ଭୋରୁ ଉଠି ଜଙ୍ଗଲକୁ ଯାଇ ସଂଗ୍ରହ କରିବା ସହ ତା'ପର ଦିନ ବଜାରକୁ ବିକ୍ରି କରିବାକୁ ଆଣିଥାଉ ବୋଲି କହିଛନ୍ତି। କରଡ଼ିକୁ ନେଇ ଅନେକ ପ୍ରକାର ବ୍ୟଞ୍ଜନ କରାଯାଇ ପାରିବ। ତରକାରୀ, ଭଜା, ଆମଟ ଭାରୀ ସୁଆଦିଆ ଲାଗିଥାଏ । କିନ୍ତୁ ଏହା ଏକ ଗରିଷ୍ଠ ଖାଦ୍ୟ ହୋଇଥିବାରୁ ଅଧିକ ମାତ୍ରାରେ ଖାଇଲେ ଦେହ ପାଇଁ ଅନେକ ସମସ୍ୟା ଆଣିଥାଏ। ବାଉଁଶ କରଡ଼ି ଏକ ସୁସ୍ୱାଦୁ ଖାଦ୍ୟ ସହ ଏଥିରେ ଭରପୁର ରହିଛି ରୋଗ ପ୍ରତିଷେଧକ ଶକ୍ତି ରହିଛି। କରଡି ଖାଇବା ଦ୍ୱାରା ଡାଇବେଟିସ, ବ୍ଲଡପ୍ରେସର, କୋଲେଷ୍ଟଲ ଭଳି ଅନେକ ପ୍ରକାର ରୋଗ ନିୟନ୍ତ୍ରଣ ହୋଇଥାଏ ବୋଲି କୁହାଯାଏ।

# ଆଉ ଦିଶୁନି 'କୋରାପୁଟି ଧାନ ରୋପାନି'

ନନ୍ଦପୁର,୧୫।୭ (ସମିସ): ପାହାଡ, ଜଙ୍ଗଲଘେରା କୋରାପୁଟ ଜିଲ୍ଲା । ଏହି ଜିଲ୍ଲାର ଜନଜୀବନର ସ୍ୱତନ୍ତ୍ରତା ରହିଛି। ତେବେ ନିଆରା ପର୍ବ ପର୍ବାଣୀ ସହ ମଉଜ ମସ୍ତିରେ ଚାଲୁଥିବା ଜୀବନ ଜୀବିକା ଏବେ ବଦଳି ଯାଇଛି। ଗାଁ ଠାରୁ ସହର ମୁହାଁ ହେଉଛନ୍ତି ଲୋକେ। ଗାଁ ପରିବେଶ ସମୟ ଓ ଆଧୁନିକତା ସହ ତାଳ ଦେଇ ପରିବର୍ତ୍ତନ ହେବାରେ ଲାଗିଛି। କୋରାପୁଟ ଗ୍ରାମାଞ୍ଚଳରେ ଧାନ ରୁଆ ସମୟରେ ଯେଉଁ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହେଉଥିଲା ତାହା ଆଉ ଦେଖିବାକୁ ମିଳୁନାହିଁ। ଆଉ ଦିଶୁନି କୋରାପୁଟି ଧାନ ରୋପନି ଦୃଶ୍ୟ। ଧାନ ବିଲରୁ ଆଉ ଶୁଭ ନାହି କିନ୍ଦିରି ଗୀତ। ଆଉ ମିଳୁନି କରଡ଼ି ଆମ୍ବିଲିଆ ଖାଦ୍ୟର ସ୍ୱାଦ। ପୂର୍ବରୁ ଧାନରୁଆ ପାଇଁ ଶ୍ରମିକର ଆବଶ୍ୟକତା ପଡୁ ନଥିଲା। ଭାଗ ବଣ୍ଟା ହୋଇ ଏ ଘର ଲୋକେ ସେ ଘରକୁ, ଆଉ ସେ ଘର ଲୋକ ଏ ଘରକୁ ଯାଇ ଧାନ ରୁଆ କାର୍ଯ୍ୟ ଶେଷ କରୁଥିଲେ। କାହାକୁ ଶ୍ରମିକଙ୍କ ଆବଶ୍ୟକତା ପଡୁ ନଥିଲା। ସେତେବେଳେ ଧାନ ଜମିରେ ବହୁ ଶ୍ରମିକଙ୍କୁ ଏକଜୁଟ ଭାବେ କାମ କରିବା ଦୃଶ୍ୟ ଥିଲା ନିଆରା। ଧାନ ରୁଆ ପଦ୍ଧତି ମଧ୍ୟ ସ୍ୱତନ୍ତ୍ର ଥିଲା। ଦେଖିବା ପାଇଁ ମଧ୍ୟ ଭିନ୍ନ ଲାଗୁଥିଲା। ଧାନ ରୋଇବା ବେଳେ ଶ୍ରମ ଲାଘବ ପାଇଁ ଶ୍ରମିକମାନେ ଯେଉଁ ଗୀତ ଗାଉଥିଲେ ତାହା ମଧ୍ୟ ବେଶ୍ ମନମୁଗ୍ଧକର ଥିଲା। କୋରାପୁଟରେ ଏହି ଗୀତର ମଧ୍ୟ ସ୍ୱତନ୍ତ୍ରତା ରହିଛି। ସେତେବେଳେ ଯେଉଁ ଶ୍ରମିକମାନେ ଜମିରେ ପରସ୍ପର ପାଇଁ ବଦଳ ହୋଇ କାମ କରୁଥିଲେ ସେମାନଙ୍କ ଖାଇବା ପାଇଁ ଯେଉଁ ବ୍ୟବସ୍ଥା ରହୁଥିଲା, ସେଥିରେ ବାଉଁଶ କରଡିର ଖଟାଯୁକ୍ତ ଖାଦ୍ୟ ଅନ୍ୟତମ ଥିଲା। ତାହା ମଧ୍ୟ ଶ୍ରମିକମାନଙ୍କର ବେଶ ପସନ୍ଦ ଥିଲା। ତେବେ ଏବେ କେରାପୁଟରେ ଧାନ ଚାଷରେ ମଧ୍ୟ ଆଧୁନିକତା ପଶି ଗଲାଣି। ଲୋକ ବଳ ଅପେକ୍ଷା ମେସିନ ଉପରେ ଲୋକେ ନିର୍ଭର କରୁଛନ୍ତି। ଧାନ ଚାଷ ପାଇଁ ଏବେ ଅଧିକାଂଶ ସ୍ଥାନରେ ଶ୍ରମିକ ବଦଳ ପରମ୍ପରା ଏକ ପ୍ରକାର ହଜିଗଲାଣି। ଏବେ ଶ୍ରମିକମାନଙ୍କୁ ମଜୁରୀ ବାବଦକୁ ପ୍ରାୟ ଦୁଇ ଶହ ଟଙ୍କା ଦେବାକୁ ପଡୁଥିବା ଜଣାପଡିଛି। ତେବେ ପୂର୍ବ ଭଳି ଯେପରି ଚାଷ କ୍ଷେତରେ ଲୋକେ ଧାନରୁଆ ସହିତ କାମକୁ ଉପଭୋଗ କରୁଥିଲେ ତାହା ଆଉ ଦେଖିବାକୁ ମିଳୁନାହିଁ।



➤ ଶୁଭୁନି 'କିନ୍ଦିର ଗୀତ'
➤ ମିଳୁନି କରଡ଼ି ଆମ୍ବିଲିଆ ତରକାରୀ

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ଜିଲ୍ଲା ବିଜେଡିର ବିକ୍ଷୋଭ




**ପାରଳାଖେମୁଣ୍ଡି,୧୫।୭(ସମିସ):** ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ୍ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଏହି ଘଟଣାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ଆଜି ସଦରମହକୁମା ପାରଳାଖେମୁଣ୍ଡିରେ ବିଜେଡି ଗର୍ଜିଛି। ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଓ ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ସରକାରଙ୍କ ଅପାରଗତାରୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରି ବିଭିନ୍ନ ନାରାବାଜି ଦେଇ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୌମ୍ୟାଶ୍ରୀ ନିଜ ପ୍ରତି ହୋଇଥିବା ଅତ୍ୟାଚାର ସମ୍ପର୍କରେ ବୁଲି ବୁଲି ସ୍ଥାନୀୟ ବିଧାୟକଙ୍କ ଠାରୁ ଆରମ୍ଭ କରି ସାଂସଦ, ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ବି କେହି ଶୁଣିଲେ ନାହିଁ। ତେଣୁ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସରକାର ଦାୟୀ ଓ ମୁଖ୍ୟମନ୍ତ୍ରୀ ଏବଂ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଜିଲ୍ଲା ବିଜେଡି ଦାବି କରିଛି। ଏହା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କୁଶପୁତ୍ତଳିକା ଦାହ କରି ପ୍ରତିବାଦ କରିଛି ଗଜପତି ଜିଲ୍ଲା ବିଜେଡି। ଏହି ଅବସରରେ ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀକାନ୍ତ ପରିଚ୍ଛା, ଯୁବ ଓ ଛାତ୍ର ବିଜେଡିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ସମାଜସେବୀଙ୍କ ଧାରଣା




**ପାରଳାଖେମୁଣ୍ଡି,୧୫।୭(ସମିସ):** ବାଲେଶ୍ୱରର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାର ନ୍ୟାୟିକ ତଦନ୍ତ ଏବଂ ନ୍ୟାୟ ପାଇଁ ପାରଳାଖେମୁଣ୍ଡି ସହରର ସମାଜସେବୀ ସମୁଦାୟ ତରଫରୁ ଧାରଣା ଦିଆଯାଇଥିଲା। ସ୍ଥାନୀୟ ରାଜନହର ଛକରେ ସମାଜସେବୀ ଜସ୍ମିନ ଶେଖ୍‌ଙ୍କ ନେତୃତ୍ୱରେ ପି. ସୁନୀତା, ରଞ୍ଜିତା ପାଣିଗ୍ରାହୀ, ପି. ଗୌତମୀ, ସଙ୍ଗୀତା ମହାନ୍ତି, ଲିନୁ ସୁବୁଦ୍ଧି, ମୋହନ, ରାମପ୍ରସାଦ ସୌମ୍ୟାଶ୍ରୀ ବିଶିଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ନିନ୍ଦା କରାଯାଇଥିଲା। ଘଟଣାରେ ଯିଏ ଦୋଷୀ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରାଯାଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ନାରାବାଜି କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା।

# ଫିରିଙ୍ଗିଆରେ ବିଧାୟକଙ୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା



**ଫିରିଙ୍ଗିଆ,୧୫।୭(ସମିସ):** ଫୁଲବାଣୀ ବିଧାୟକ ଉମାଚରଣ ମଲିକ ସୋମବାର ଫିରିଙ୍ଗିଆ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଧାୟକ ପ୍ରଥମେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଅନୁପ ଅଭିଷେକ ବେହେରାଙ୍କ ସହ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବିଧାୟକ ସ୍ଥାନୀୟ ପଞ୍ଚାୟତ ମହାବିଦ୍ୟାଳୟକୁ ଯାଇ କଲେଜର ଅଧ୍ୟକ୍ଷ ନବଘନ ସାହୁଙ୍କୁ ଭେଟିବା ସହ କଲେଜ ପରିସରରେ ନୂତନ ଭାବରେ ନିର୍ମାଣ ହୋଇଥିବା ଅଡିଟୋରିୟମକୁ ବୁଲି ଦେଖିଥିଲେ। ଫିରିଙ୍ଗିଆରେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଚାଲୁଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଧାୟକଙ୍କ ଏହି ଗସ୍ତ ସମୟରେ ତାଙ୍କ ପ୍ରତିନିଧି ପ୍ରଶାନ୍ତ କମ୍ପଙ୍କ ସହ ବିଜେପିର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜିତ ମଣ୍ଡଳ, ନୂଆପଦର ମଣ୍ଡଳ ସଭାପତି ଦେବେଶ୍ୱର ଦୀପ, ଫିରିଙ୍ଗିଆ ମଣ୍ଡଳ ସଭାପତି ଶ୍ରୀବତ୍ସ କହଁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଫିରିଙ୍ଗିଆ,୧୫।୭(ସମିସ):** ଫିରିଙ୍ଗିଆ ପଞ୍ଚାୟତର ନୂତନ ନିର୍ମାଣାଧୀନ ବସ୍‌ଷ୍ଟାଣ୍ଡ ନିକଟ ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ଆଜି ମଧ୍ୟାହ୍ନ ୧୨ଟା ବେଳେ ଫିରିଙ୍ଗିଆ ହାଟ ଯୋଗୁ ଗହଳି ଚହଳି ଥିବାବେଳେ ରାସ୍ତାର କିଛି ଦୂରରେ ଜଣେ ଲୋକର ମୃତଦେହ ଝୁଲୁଥିବା କିଛି ଲୋକେ ଦେଖିଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିନଥିଲା। ସ୍ଥାନୀୟ ଅଞ୍ଚଳର ଯୁବକ ହୋଇନଥିବାରୁ କେହି ଚିହ୍ନି ପାରିନଥିଲେ। ଯୁବକଙ୍କ ପ୍ୟାଣ୍ଟ ପକେଟରେ ଥିବା ମନିପର୍ସରୁ ପୁଲିସ ଏକ ଆଧାରକାର୍ଡ ପାଇଥିଲା। ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଆୟତପୁର ଅଞ୍ଚଳର ସମୀର କୁମାର ମଲ୍ଲିକ (୩୨) ବୋଲି ପୁଲିସ ଜାଣିବାକୁ ପାଇଥିଲା। ମୃତ ଯୁବକଙ୍କ ଘର ଲୋକଙ୍କୁ ପୁଲିସ ଖବର ଦେଇଥିବା ବେଳେ ରାତି ୭ଟା ସୁଦ୍ଧା ପରିବାର ଲୋକେ ପହଞ୍ଚି ନଥିବାରୁ କେଉଁ କାରଣରୁ ଯୁବକ ଆତ୍ମହତ୍ୟା କଲେ ଜଣା ପଡ଼ିନାହିଁ। ଯୁବକ ଜଣକ ଫିରିଙ୍ଗିଆରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ସୂଚନା ମିଳିଛି।

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ୧୮ ମାସର ଉତ୍ତମ




**ମୋହନା,୧୫।୭(ସମିସ):** ଗଜପତି ଜିଲ୍ଲା ମୋହନାର ଜିତେନ୍ଦ୍ର କୁମାର ବେହେରାଙ୍କ ୧୮ ମାସର ପୁଅ ଉତ୍ତମ କୁମାର ବେହେରା ୧୮ ମାସ ବୟସରେ ନିଜ ଗ୍ରାମ ଠାରୁ ଦେଶ, ନେତାଙ୍କ ନାମ, ଏ ଠାରୁ ଜେଡ୍, ୱାନ୍ ଠାରୁ ଟ୍ୱେଣ୍ଟି, ଅ' ଠାରୁ ଳ, ୧୨ ମାସ ଓଡ଼ିଆ, ବାର ମାସ ଇଂରାଜୀ, ସାତ ବାର ଓଡ଼ିଆ ଓ ଇଂରାଜୀ, ଯାନବାହାନ ନାମ, ଫଳ ଓ ପନିପରିବା, ଶରୀର ଅଙ୍ଗ ପ୍ରତ୍ୟଙ୍ଗ ଓଡ଼ିଆ ଓ ଇଂରାଜୀ, ରଙ୍ଗ, ପଶୁ ପକ୍ଷୀ ଚିହ୍ନିବା, ଗଣେଶ ବନ୍ଦନା, ମୋହା ମନ୍ତ୍ର, ବିଭିନ୍ନ ଶ୍ଳୋକ, ହନୁମାନ ଚାଳିଶା, ବିଭିନ୍ନ ଓଡିଆ ଇଂରାଜୀ ଗୀତ ନିଜ କୁନି ପାଟିରେ ନିଖୁଣ ଭାବେ କହୁଛନ୍ତି। ଏତେ କମ୍ ବୟସରୁ ଏତେ ସବୁ ଜାଣିବା ପଛରେ ଉତ୍ତମ୍‌ଙ୍କ ମା କିରନ, ପିଉସୀ ବର୍ଷା ଓ ଉଷାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ଉତ୍ତମ୍ ୨୦୨୫ ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇ ପ୍ରମାଣପତ୍ର, ଇଣ୍ଡିଆ ବୁକ୍, ଆଇକାର୍ଡ, କଲମ, ବେଚ୍ଚ ଆଦି ପାଇଛନ୍ତି। ଉତ୍ତମ୍ ଏତେ କମ୍ ବୟସରୁ ସବୁ ପାଠ ଜାଣି ଇଣ୍ଡିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇବା ପରେ ଗଜପତି ଜିଲ୍ଲା ସହିତ ମୋହନା ବ୍ଲକରେ ଖୁସିର ଲହରୀ ଖେଳିଯାଇଛି।

## ପେନ୍‌ସନଧାରୀଙ୍କ ମୌନ ଶୋଭାଯାତ୍ରା, ସ୍ମାରକପତ୍ର ପ୍ରଦାନ



**ପାରଳାଖେମୁଣ୍ଡି,୧୫।୭(ସମିସ):** ଅଖିଳ ଭାରତ ରାଜ୍ୟ ସରକାରୀ ପେନ୍‌ସନର ମହାସଂଘର ଆହ୍ୱାନ କ୍ରମେ ଜାତୀୟ ଦାବି ଦିବସ ଅବସରରେ ପେନ୍‌ସନରଙ୍କ ମୌନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲ୍ଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଉପଦେଷ୍ଟା ତଥା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପେନସନର୍ ସଂଘର ସଦସ୍ୟ ଏକତ୍ର ହୋଇ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହାପରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କୁ ଭେଟି ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ଜରିଆରେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ସମ୍ପାଦକ ସୁରେଶ ବେହେରାଙ୍କ ସମେତ ଶ୍ରୀନିବାସ ପଟ୍ଟନାୟକ, ବିନୋଦ ଚନ୍ଦ୍ର ଜେନା ଓ ଅଶୋକ ଦାଶଙ୍କ ସହ ବହୁ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଚାରିମାସ ହେଲା ଅନ୍ଧାରରେ କାନାବାଗିରି ରାସ୍ତା

**ଜି.ଉଦୟଗିରି,୧୫।୭(ସମିସ):** ଜି.ଉଦୟଗିରି କାନାବାଗିରି ରାସ୍ତା ଏବଂ ମୁଖ୍ୟ ରାସ୍ତାରୁ ଗ୍ରୀଡ଼ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତା ଅନ୍ଧାରରେ ରହିଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟରେ ଗାଈଗୋରୁ ଶୋଇବା ଫଳରେ ଦୁର୍ଘଟଣା ଘଟୁଛି। ଏହାସହିତ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାସହିତ ବିଷାକ୍ତ ସରୀସୃପର ଭୟ ବି ଲାଗି ରହୁଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଚାରି ମାସ ହେଲା ଏନ୍‌ଏସିକୁ ଜଣାଇଥିଲେ ମଧ୍ୟ କୌଣସି ଫଳ ମିଳିନାହିଁ ବୋଲି କହିଛନ୍ତି ଲୋକେ। ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ଆଲୋକ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

## କେବି ହିଷ୍ଟ କଲେଜ୍‌ରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ




**ଫୁଲବାଣୀ,୧୫।୭(ସମିସ):** କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ମାଇ ଭାରତ ଫୁଲବାଣୀ ତରଫରୁ କେବି ହିଷ୍ଟ କଲେଜ୍‌ରେ ବିଶ୍ୱ ଯୁବ ଦକ୍ଷତା ଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବରେ କଲେଜ ଅଧ୍ୟକ୍ଷ ଅନୀଲ କୁମାର ଚୌଧୁରୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଶିକ୍ଷାବିତ୍ ନବ କିଶୋର ରଥ, ଅଧ୍ୟାପିକା ସୁରଭିବାଳା ପାଣିଗ୍ରାହୀ, ପ୍ରତିମା କୁମାରୀ ପଣ୍ଡା, ଅକ୍ଷୟ କୁମାର୍ ଦାସ, କମଳ ନାଥ ବେହେରା ଏବଂ ମାଇ ଭାରତ ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ଯୋଗ ଦେଇଥିଲେ। ଏହି ଅବସରରେ ଯୁବକ, ଯୁବତୀଙ୍କ ମଧ୍ୟରେ ଥିବା ଦକ୍ଷତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେମାନଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ବର୍ଷା ରାଣୀ ପ୍ରଧାନ, ରୋଜି ବାରିକ, ଶ୍ରୀତମ ଦିଗାଲ ବିଜୟୀ ହୋଇଥିଲେ। ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତଙ୍କୁ ଅବଗତ କରାଇଥିଲେ। କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ମାଇ ଭାରତ କନ୍ଧମାଳର କର୍ମୀ ସତ୍ୟବାନ୍ ଦଳବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିବା ବେଳେ ଅମ୍ବିକା ପ୍ରାସାଦ ପ୍ରହରାଜ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟିକାବାଲି କଲେଜରେ ଯୌନ ନିର୍ଯାତନା ସଚେତନତା




**ଫୁଲବାଣୀ,୧୫।୭(ସମିସ):** ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ସଚେତନତା କାର୍ଯ୍ୟକ୍ରମ ଅଧକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱ ହୋଇଥିଲା। କଲେଜ ପରିସରରେ କୌଣସି କର୍ମଚାରୀ ଛାତ୍ରଛାତ୍ରୀ ଓ ମହିଳା କର୍ମଚାରୀଙ୍କୁ ମାନସିକ, ଶାରୀରିକ ଯୌନ ନର୍ଯାତନା ଦେବା ଅଭିଯୋଗ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଲେଜ ସ୍ତରରେ କମିଟି ଗଠନ କରାଯାଇଛି।

ଅଧକ୍ଷଙ୍କ ସହ ଅଧ୍ୟାପିକା ସଂଘମିତ୍ରା ଦାସ, ଅଧ୍ୟାପିକା ନିବେଦିତା ଭୋଇ, ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପିକା ସ୍ମୃତିରେଖା ନାୟକ, ଛାତ୍ରୀ ଦୀପ୍ତିମୟୀ ପ୍ରଧାନ, ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା ସସ୍ମିତା ଜେନା ଏନେଇ ଗଠିତ କମିଟିରେ ସଦସ୍ୟା ଭାବରେ କାର୍ଯ୍ୟ କରୁଛନ୍ତି। କୌଣସି ଛାତ୍ରୀ ସମସ୍ୟାର ସମ୍ମୁଖୀନ ହେଲେ କମିଟିକୁ ଜଣାଇବାକୁ ଅବଗତ କରାଯାଇଥିଲା। ଅଧ୍ୟାପିକା ନିବେଦିତା ଭୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିବା ବେଳେ ଅଧ୍ୟାପକ ରତନ ଡିଗାଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଜ୍ଞାନ ରଞ୍ଜନ ଭୋଇ, ଅଧ୍ୟାପକ ଅଭୟ ପ୍ରଧାନ, ଅଧ୍ୟାପିକା ସ୍ମିତା ସାହୁ, ନମିତା ମହାରଣା ସହଯୋଗ କରିଥିଲେ। କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣର ମଧ୍ୟସ୍ଥତା ଅଭିଯାନ

**ପାରଳାଖେମୁଣ୍ଡି,୧୫।୭(ସମିସ):** ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଓ ଗଜପତି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍‌ଙ୍କ ନିର୍ଦ୍ଦେଶ କ୍ରମେ ମାମଲାର ସମାଧାନ ନିମନ୍ତେ ଜୁଲାଇରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱତନ୍ତ୍ର ମଧ୍ୟସ୍ଥତା ମାଧ୍ୟମରେ ପାରିବାରିକ, ରଫା ଯୋଗ୍ୟ, ଦୁର୍ଘଟଣା ଜନିତ, ଘରୋଇ ହିଂସା, ଜମିଜମା ବଣ୍ଟନ, ଜମି ଅଧିକରଣ, ଚାକିରୀ ସଂକ୍ରାନ୍ତୀୟ, ଗ୍ରାହକ ସେବା ଜନିତ, ବ୍ୟାଙ୍କ ସମ୍ବନ୍ଧୀୟ ମାମଲା ଯେପରି ଚେକ୍ ବାଉନ୍ସ, ଋଣ ଆଦାୟ ଇତ୍ୟାଦି ମାମଲା ଗୁଡିକର ବିକଳ୍ପ ସମାଧାନ ପ୍ରକ୍ରିୟା ନିମନ୍ତେ ଶିବିର ଆୟୋଜନ କରାଯାଉଛି। ଅଦାଲତରେ ବିଚାରାଧୀନ ଥିବା ମୋକଦ୍ଦମା ଗୁଡ଼ିକର ବିଚାର ଅପେକ୍ଷା ନିରପେକ୍ଷ ତୃତୀୟ ବ୍ୟକ୍ତିଙ୍କ ସହାୟତାରେ ବିବାଦର ଗ୍ରହଣଯୋଗ୍ୟ ଓ ସୃଜନାତ୍ମକ ଢଙ୍ଗରେ ସମାଧାନ କରିବା, ବିବାଦର ପରିସମାପ୍ତି ନିମନ୍ତେ ସମାଧାନମୂଳକ ଆଲୋଚନା, ବିବାଦ ଲିପ୍ତ ପକ୍ଷଙ୍କ ମଧ୍ୟରେ ଥିବା ମତପାର୍ଥ୍ୟକ ଦୂର କରି ସମାଧାନ ରାସ୍ତା ବାହାର କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଛି। ମଧ୍ୟସ୍ଥତା ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ। ମଧ୍ୟସ୍ଥତା ଦ୍ୱାରା ମାମଲାର ସମାଧାନ ହେବା ଯୋଗୁଁ ପକ୍ଷଙ୍କ ସମୟ ଶ୍ରମ ଓ ଅର୍ଥ ସଞ୍ଚୟ ହୋଇପାରିବ ବୋଲି ଜିଲ୍ଲା ଆଇନସେବା ପ୍ରାକରଣ ପକ୍ଷରୁ ସୂଚନା ଦିଆଯାଇଛି।

## ଘର ଉପରେ ପଡ଼ିଲା ବିରାଟ ଗଛ
### ଅଳ୍ପକେ ବର୍ତ୍ତିଲେ ନାବାଳିକା



**ମୋହନା,୧୫।୭(ସମିସ):** ଘରେ ଶୋଇଥିଲା ଝିଅ। ମା' ଗାଧୋଇବାକୁ ଯାଇଥିଲେ। ଗାଁ ବିଦ୍ୟାଳୟକୁ ଯାଇଥିଲେ ସାନ ପୁଅ ଓ ଝିଅ। ଏହି ସମୟରେ ପାଖରେ ଥିବା ଏକ ବିରାଟ ଗଛ ଉପୁଡ଼ି ଘର ଉପରେ ପଡ଼ିଯାଇଥିଲା। ଗଛ ପଡ଼ିଯିବା ଯୋଗୁ ଘର ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ସେତେବେଳେ ଘରେ ଶୋଇଥିବା ଝିଅ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିବାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଏଭଳି ଘଟଣା ଘଟିଛି ଗଜପତି ଜିଲ୍ଲା ଅଡ଼ବା ଥାନା ବିରିକୋଟ ଦଳିତ ସାହିରେ। ଗାଁର ସନ୍ଧ୍ୟାରାଣୀ ନାୟକଙ୍କ ୧୫ ବର୍ଷୀୟ ଝିଅ ଜହ୍ନ ଘରେ ଶୋଇଥିବା ବେଳେ ଘର ଉପରେ ଗଛ ପଡ଼ିଯାଇଥିଲା। ଶବ୍ଦ ଶୁଣି ହଠାତ୍ ଜହ୍ନ ବାହାରକୁ ଦୌଡ଼ି ପଳାଇ ଆସିଥିଲା। ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ଲୋକେ ଓ ସରପଞ୍ଚଙ୍କ ଜନ ପ୍ରତିନିଧି ପହଞ୍ଚିଥିଲେ। ଭାଙ୍ଗି ଯାଇଥିବା ଘର ସଜାଡ଼ିବାକୁ ସହାୟତା ପ୍ରଦାନ କରାଯିବ ବୋଲି ସରପଞ୍ଚ ଆଶ୍ୱାସନା ଦେଇଛନ୍ତି।

## ଟିକାବାଲିରେ କର୍ମକର୍ତ୍ତା ସମ୍ମିଳନୀ




**ଟିକାବାଲି,୧୫।୭(ସମିସ):** ଟିକାବାଲି ବ୍ଲକ୍ ପଞ୍ଚାୟତ ପାଠାଗାରରେ ତିତିକ୍ଷା ୱେଲଫେୟାର୍ ଫାଉଣ୍ଡେସନ୍‌ର ଖଜୁରିପଡା, ଚକାପାଦ, ଜି. ଉଦୟଗିରି, ରାଇକିଆ ଓ ଟିକାବାଲି ବ୍ଲକ୍‌ର କର୍ମକର୍ତ୍ତାକୁ ନେଇ ଦିନିକିଆ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ଫାଉଣ୍ଡେସନ୍‌ର ଆର୍‌ଏମ୍ ବିମଳ ଦେହୁରୀ ଓ କନ୍ଧମାଳ ଜିଲ୍ଲା ଡିଡିଏମ୍ ଗୋବିନ୍ଦ ଚନ୍ଦ୍ର କହଁର ଉପସ୍ଥିତ ରହିଥିଲେ। ଡିଡିଏମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଫାଉଣ୍ଡେସନ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଆର୍‌ଏମ୍ ସମସ୍ତ କର୍ମକର୍ତ୍ତାଙ୍କୁ ନିଜ ନିଜର ଦାୟିତ୍ୱ କିପରି ତୁଲାଇବେ ସେ ଉପରେ ଅବଗତ କରାଇଥିଲେ। ତତସହିତ କନ୍ଧମାଳ ଜିଲ୍ଲାକୁ ବିକଶିତ ଜିଲ୍ଲାରେ ପରିଣତ କରାଇବା ଦିଗରେ ନିଜର ଅବଦାନ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

### ଗୁଟିଗୁଡ଼ାରେ ହାତୀ ଭୟ
## ବନ କର୍ମଚାରୀଙ୍କ ସହ ଗାଁ ଜଗୁଛନ୍ତି ଲୋକେ



**ଜି.ଉଦୟଗିରି,୧୫।୭(ସମିସ):** ଲାଗିରହିଛି ହାତୀ ଭୟ। ଆଜି ଏ ଗାଁରେ ତ କାଲି ସେ ଗାଁରେ ହାତୀ ଉପଦ୍ରବ ଦେଖିବାକୁ ମିଳୁଛି। ମାସ ମାସ ଧରି ଏମିତି ଭୟ ଲାଗି ରହୁଥିବା ବେଳେ ପ୍ରଭାବିତ ହେଉଛି ଜୀବନ ଜୀବିକା। ଭୟର ଲୋକଙ୍କ ନିଦ ହଜିଯାଇଛି। ଏମିତି ସମସ୍ୟାରେ ସମ୍ମୁଖୀନ ହୋଇଥିବା ଗାଁ ହେଉଛି କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ନିକଟସ୍ଥ ଗୁଟିଗୁଡ଼ା। ସପ୍ତାହ ହେଲା ଗାଁରେ ହାତୀ ଉପଦ୍ରବ କରୁଥିବା ବେଳେ ଅନେକ ଫସଲ ସହିତ ବହୁ ଘର ଭାଙ୍ଗି ଦେଇଛି। ହାତୀ ଉପଦ୍ରବରେ ଗ୍ରାମବାସୀ ଭୟଭୀତ ଥିବାବେଳେ ସଞ୍ଜ ନଇଁଲେ ତାତିକବାଟ ପଡିଯାଉଛି। ସନ୍ଧ୍ୟା ପୂର୍ବରୁ କାମ ଶେଷ କରିବା ସହିତ ନିତ୍ୟକର୍ମ ସାରି ଘରକୁ ଫେରୁଛନ୍ତି ଲୋକେ। ଛୋଟ ପିଲାମାନେ କୁଆଡ଼େ ଗଲେ ଭୟ ଲାଗିରହିଛି। ରାତିରେ ଶୋଇବା ଭୁଲି ବନକର୍ମଚାରୀଙ୍କ ସହିତ ହାତୀ ଜଗୁଛନ୍ତି ଗ୍ରାମବାସୀ। ଗ୍ରାମରେ ଅନେକ କ୍ଷତି ହୋଇଥିବା ବେଳେ ଆଉ ଅଧିକ କ୍ଷତି ନ ହେବାକୁ ଲାଗିଛନ୍ତି ଲୋକେ। ହାତୀ ବହୁ ଦୂରକୁ ଗଲେ ଘଣ୍ଟେ ଦୁଇ ଘଣ୍ଟା ଶୋଉଛୁ ବୋଲି କହିଛନ୍ତି ଗ୍ରାମବାସୀ। ସମସ୍ୟାର ସ୍ଥାୟୀ ସମାଧାନ କରିବା ସହିତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଗ୍ରାମର ରବୀନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ପତି ବିଶି ପ୍ରଧାନ ଓ ଅନ୍ୟମାନେ ଦାବି କରିଛନ୍ତି।

## ବିଦ୍ୟାଳୟରେ ବନମହୋତ୍ସବ




**ରାଇକିଆ,୧୫।୭(ସମିସ):** ରାଇକିଆ କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲରେ ମଙ୍ଗଳବାର ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପାଲ ଜଗଦୀଶ ମହାକୁଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରେଞ୍ଜର ଯୁଧିଷ୍ଠିର ବେହେରା, ଡବ୍ଲୁଇଓ ଉର୍ମିଳା ପ୍ରଧାନ, ଫରେଷ୍ଟର ଉସତ୍ କହଁର ଏବଂ ବନକର୍ମଚାରୀ ଯୋଗଦେଇ ଚାରାରୋପଣର ଆବଶ୍ୟକତା, ପରିବେଶ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଚାରାରୋପଣ ଏବଂ ଚାରାର ଯତ୍ନ କିପରି ନେବେ କହିଥିଲେ। କାର୍ଯ୍ୟକ୍ରମରେ ଇକୋକ୍ଲବ୍ ଇନ୍‌ଚାର୍ଜ ଜିତେନ୍ଦ୍ର ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବିଷପାନ କରି ଯୁବକଙ୍କ ଆତ୍ମହତ୍ୟା

**ଭଦ୍ରେଶ୍ୱର,୧୫।୭(ସମିସ):** ମାହାଙ୍ଗା ଥାନା କୋଳିଅଠା ଗ୍ରାମର ରମେଶ ଚନ୍ଦ୍ର ସେଠୀଙ୍କ ପୁତ୍ର ରାଜେନ୍ଦ୍ର କୁମାର ସେଠୀ(୨୫) ବିଷପାନ କରି ଆତ୍ମହତ୍ୟା କରିଛନ୍ତି। ଆଜି ସକାଳେ ରାଜେନ୍ଦ୍ର ଘରେ ନିଜର ନିତ୍ୟକର୍ମ ସାରି ବାହାରକୁ ଯାଇଥିଲେ। ଏହାର କିଛି ସମୟ ପରେ ମେରିପୁର ବଟ ମହାପୁରୁଷଙ୍କ ନିକଟରେ ରାଜେନ୍ଦ୍ର ମୁର୍ମୁଷ ଅବସ୍ଥାରେ ପଡିଥିବାର ଦେଖି ସ୍ଥାନୀୟ ଲୋକେ ତାଙ୍କ ଘରକୁ ଖବର ଦେଇଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ଶବକୁ ବ୍ୟବଚ୍ଛେଦ କରାଯାଇ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୁଳ ପରିବେଶରେ ଦାହ କରାଯାଇଥିଲା। ତେବେ ଏହି ଆତ୍ମହତ୍ୟା ଘଟଣାକୁ ନେଇ ସାଧାରଣରେ ନା ନା କଥା ଶୁଣିବାକୁ ମିଳୁଛି।

# ଦୁର୍ଘଟଣାରେ ଜଣେ ମୃତ

**ଆଠଗଡ,୧୫।୭(ସମିସ):** ଆଜି ମଙ୍ଗଳବାର ପୂର୍ବାହ୍ନରେ ନରସିଂହପୁର-ଖୁଣ୍ଟୁଣୀ ୬୫ ନମ୍ବର ରାଜ୍ୟ ରାଜପଥରେ ଏକ ଆଇଚର ଟ୍ରକ ନମ୍ବର ଓଡି-୦୫-ବିଆର- ୫୨୩୬ ସହିତ ସ୍କୁଟି ରେଜିଷ୍ଟ୍ରେସନ ନମ୍ବର ଓଡି- ୦୫-ଏପି - ୨୩୮୮ ମୁହାଁମୁହିଁ ଧକ୍କା ହେବା ଯୋଗୁ ସ୍କୁଟି ଚାଳକ ନରେଶ ପାତ୍ର ନାମକ ଜଣେ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଯୁବକଙ୍କ ଘର ଆଠଗଡ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ। ସେ ଆଠଗଡ ଗ୍ରାମ୍ୟ ପାନୀୟ ଜଳଯୋଗାଣ କାର୍ଯ୍ୟାଳୟରେ ଖଲାସୀ ଭାବେ କାର୍ଯ୍ୟ କରୁଥିଲେ। ଆଠଗଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ଗାଡ଼ିକୁ ଜବତ କରି ଆଠଗଡ ଥାନା କେସ ନମ୍ବର ୨୦୦/୨୫ରେ ମାମଲା ରୁଜୁ କରି ଟ୍ରକ ଚାଳକ ବଡ଼ମ୍ବା ଥାନା ଅନ୍ତର୍ଗତ ଦେଉଳି ଗ୍ରାମର ରାଜୀବ ବେହେରା (୩୬) କୁ ଗିରଫ କରିବା ସହିତ ଶବକୁ ବ୍ୟବଚ୍ଛେଦ କରିବାକୁ ଆଠଗଡ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛନ୍ତି।

# ଚୋରି ଘଟଣାରେ ଦୁଇ ଗିରଫ



**ବଡମ୍ବା,୧୫।୭(ସମିସ):** ବଡମ୍ବା ଥାନାରେ ଉପଖଣ୍ଡସ୍ତରୀୟ ଥାନା ଅଧିକାରୀ ବିଶ୍ୱଜିତ ମହାନ୍ତିଙ୍କ ପୌରୋହିତ୍ୟରେ ବଡମ୍ବା ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ଉପସ୍ଥିତରେ ସୋମବାର ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ଦିନକୁ ଦିନ ବଡମ୍ବା ଥାନା ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଥିବା ବେଳେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚୋରୀ ସାମଗ୍ରୀ ଦୁଇଟି ଏଲସିଡି ଟିଭି, ଦୁଇଟି ପାଣି ମଟର, ଏକ ଗ୍ୟାସ ଟାଙ୍କି, ଗ୍ୟାସ ଚୁଲା, ଆକ୍ୱାଗାର୍ଡ଼, ସାଉଣ୍ଡ ବକ୍ସ ଜବତ କରିବା ସହ ଏଥିରେ ବ୍ୟବହୃତ କାତି, ଶାବଳ ଓ ଲୁହା ରଡ଼କୁ ଜବତ କରିଛି ବଡମ୍ବା ପୁଲିସ। ଏହି ଚୋରି ଘଟଣାରେ ସମ୍ପୃକ୍ତ ଶଙ୍ଖାମେରୀ ପଞ୍ଚାୟତ କନ୍ତାପଡ଼ା ଗ୍ରାମର ରାକେଶ ସେଠି (୨୭) ଓ ନିଜିଗଡ଼ ବଡ଼ଦାଣ୍ଡ ସାହିର ସଂଜୀବ ମହାରଣା (୨୮)କୁ ଗିରଫ କରିବା ସହିତ ଘଟଣାରେ ସମ୍ପୃକ୍ତ ଥିବା ଲକ୍ଷ୍ମୀଧର ପଢିଆରୀ ଓରଫ ସୀତୁ (୨୮) ଙ୍କ ଘରୁ ଚୋରି ସାମଗ୍ରୀ ଜବତ କରାଯାଇଥିବା ବେଳେ ସୀତୁ ଫେରାର ଥିବା ଏସଡିପିଓ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଗାଳିଗୁଲଜ ଅଭିଯୋଗରେ ଯୁବକ ଗିରଫ

**ସାଲେପୁର,୧୫।୭(ସମିସ):** କୌଣସି କାରଣ ନ ଥାଇ ଜଣେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବାକୁ ଧମକ ଦେବା ଅଭିଯୋଗରେ ସାଲେପୁର ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ଅଭିଯୋଗରୁ ପ୍ରକାଶ ଯେ, ସାଲେପୁର ଥାନା ଅନ୍ତର୍ଗତ ଫଗୋଳ ଗ୍ରାମର ସସ୍ମିତା ବେହେରାଙ୍କୁ ଉକ୍ତ ଗ୍ରାମର ଜ୍ଞାନ ରଣା ବିଭିନ୍ନ ସମୟରେ କୌଣସି କାରଣ ନ ଥାଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିବାକୁ ଧମକ ଦେଇ ଆସୁଥିଲେ। ଏ ନେଇ ସସ୍ମିତା ବେହେରା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନା କେସ୍ ନଂ-୩୧୯/୨୦୨୫ରେ ଏକ ମାମଲା ରୁଜୁ କରି ସଂପୃକ୍ତ ଜ୍ଞାନ ରଣାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ବିଦ୍ୟୁତ୍ ଆଘାତରେ ଗାଈ ମୃତ

**ଚୌଦ୍ୱାର,୧୫।୭(ସମିସ):** ଚୌଦ୍ୱାର ଥାନା ଅଧୀନ କେଦାରେଶ୍ୱର ମୌଜା ଯାଜଭୈରବ ନୂଆଗାଁ ଗ୍ରାମରେ ମୁକୁଳା ଟ୍ରାନ୍ସଫରମର ଲାଗିଯାଇ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଗାଈ ମୃତ୍ୟୁକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ବିଦ୍ୟୁତ ବିତରଣକାରୀ ସଂସ୍ଥା ଟିପିସିଓଡିଏଲର ଅଧିକାରୀ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରି କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଘଟଣା ସ୍ୱାଭାବିକ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ନୂଆଗାଁର ଅମରେନ୍ଦ୍ର ପ୍ରସାଦ କର ନିଜର ୩ଟି ଗାଈ ଚରାଇବାକୁ ନେଉଥିବା ବେଳେ ଗୋଟିଏ ଗାଈ ରାସ୍ତା କଡରେ ଖୋଲାମେଲାରେ ଥିବା ଟ୍ରାନ୍ସଫରମର ସଂସ୍ପର୍ଶରେ ଆସିଯାଇଥିଲା। ବିଦ୍ୟୁତ୍ ଆଘାତରେ ଘଟଣାସ୍ଥଳରେ ଗାଈଟିର ମୃତ୍ୟୁ ହୋଇଯାଇଥିଲା। ଏଠାରେ ସୂଚନାଯୋଗ୍ୟ ପୂର୍ବରୁ ଉକ୍ତ ଟ୍ରାନ୍ସଫରମର ସଂସ୍ପର୍ଶରେ ଆସି ୩ଟି ଗାଈ ମୃତ୍ୟୁବରଣ କରିଛନ୍ତି। ଟ୍ରାନ୍ସଫରମର ଚାରିପଟେ ତାରବାଡ ବୁଲାଇବା ପାଇଁ ଗ୍ରାମବାସୀଙ୍କ ତରଫରୁ ବହୁବାର ଦାବି କରାଯାଇଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରି ନାହିଁ ବୋଲି ଅଭିଯୋଗ ହେଉଛି।

# ଗ୍ରାମାଞ୍ଚଳରୁ ଷଣ୍ଢ ଆଣି ସହରରେ ଛାଡୁଛନ୍ତି ଚାଷୀ

**କଟକ,୧୫।୭(ସମିସ)**



**ସିଏମସି ବେଫିକର, ବଢୁଛି ଦୁର୍ଘଟଣା**

କଟକ ମହାନଗର ନିଗମ(ସିଏମସି)ଅଞ୍ଚଳରେ ପୂର୍ବରୁ ବୁଲା ଗୋରୁଗାଈଙ୍କ ଉପଦ୍ରବ ଦେଖିବାକୁ ମିଳୁଥିବା ବେଳେ ଏବେ ମାଳମାଳ ଷଣ୍ଢ ସହର ରାଜରାସ୍ତାକୁ ଅବରୋଧ କରି ରଖୁଥିବା ଜଣାପଡିଛି। ବିଶେଷକରି ରାସ୍ତାଘାଟ ଗୁଡିକ ଏହି ଷଣ୍ଢ ଅବରୋଧ କରିରଖୁଥିବାରୁ ଟ୍ରାଫିକ ସମସ୍ୟା ଗୁରୁତର ହେଉଛି। ଏବେ ଖରିଫ ଧାନ ଫସଲ ଚାଷ ସମୟ ହୋଇଥିବାରୁ ଗ୍ରାମାଞ୍ଚଳରେ ଷଣ୍ଢ ଉପଦ୍ରବ ଚିନ୍ତା ବଢାଇଛି। ଏଥିପାଇଁ ବିଗତ କିଛି ଦିନ ଧରି ସହର ଉପକଣ୍ଠ ଅଞ୍ଚଳରେ ଷଣ୍ଢଗୁଡିକୁ ଟ୍ରକରେ ଆଣି ଚାଷୀ ମାନେ ଛାଡିଦେଉଥିବା ଅଭିଯୋଗ ହେଉଛି। ଗଣ୍ଡଗୋଳ ଏଡାଇବାକୁ ରାତି ସମୟରେ ଏହି ଷଣ୍ଢକୁ ଆଣି ଛଡାଯାଉଛି। ବୁଲା ଗୋରୁଙ୍କୁ ରଖିବା ପାଇଁ ସିଏମସି ବ୍ୟବସ୍ଥା କରୁଥିବା ବେଳେ ଷଣ୍ଢ ଗୁଡିକୁ ଖୋଲା ଛାଡିଦେଉଥିବା ଜଣାପଡିଛି। ସିଏମସି ଅଧିନରେ ଏକମାତ୍ର ସତୀଚୋରାସ୍ଥିତ କାଞ୍ଜିଆହୁଦା ରହିଛି। ଏଠାରେ ୭ଦିନର ରହଣି ବ୍ୟବସ୍ଥା ହୋଇଥିଲେ ମଧ୍ୟ ଅନେକ ସମୟରେ ପରିଚାଳନାଗତ ତ୍ରୁଟି ନେଇ ଅଭିଯୋଗ ଉଠୁଛି। ନିର୍ଦ୍ଧାରିତ ସମୟରେ ଧାର୍ଯ୍ୟ ଜରିମାନା ପଇଠ କରି ଯଦି ଗୋରୁଗାଈ ମାଲିକ ସେମାନଙ୍କ ଗୋରୁ ନନେଲେ ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଗୋରୁଗାଈଙ୍କୁ ସହରର ୨୦କିଲୋମିଟର ଦୂରରେ ଛାଡି ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏବେ କିନ୍ତୁ ୨୦ରୁ ୪୦କିଲୋମିଟର ଦୂରରୁ ଷଣ୍ଢ ଆଣି ସହରରେ ଛଡାଯାଉଛି। ଏଥି ପାଇଁ ପୁଲିସର ଚିନ୍ତା ବଢିଛି। ମହାନଗର ନିଗମ ପକ୍ଷରୁ ନିୟମିତ ବୁଲା ଗୋରୁଙ୍କୁ ଧରି କାଞ୍ଜିଆହୁଦାରେ ଛଡାଯାଉଥିଲେ ମଧ୍ୟ ଏହି ଅଭିଯାନ ସେତେଟା ସଫଳ ହୋଇପାରୁନି। ମହାନଗର ନିଗମର ମୋଟ ୫୯ଗୋଟି ୱାର୍ଡ ରହିଥିବା ବେଳେ ଏଥିପାଇଁ ମାତ୍ର ଗୋଟିଏ ଗୋରୁଗାଈ ଧରା ଗାଡି ରହିଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ୫-୭ଟି ୱାର୍ଡ ପାଇଁ ଗୋଟିଏ ଗାଡିର ଆବଶ୍ୟକ ରହିଛି ହେଲେ ମହାନଗର ନିଗମର ବଡ ଗାଡି ସମସ୍ତ ଗଳିକନ୍ଦିକୁ ପଶିପାରୁନାହିଁ। ଫଳରେ ଗୋରୁଗାଈଙ୍କ ଉପଦ୍ରବ କମୁନି। ସୂଚନାନୁସାରେ, ଗତ ବର୍ଷକ ମଧ୍ୟରେ ଗୋରୁ ଗାଈ ମାଲିକଙ୍କ ଠାରୁ ୪ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇ ଗୋରୁଗାଈଙ୍କୁ ଛଡାଯାଉଛି। ଜାତୀୟ ରାଜପଥରେ ଷଣ୍ଢ ଅଧିକ ସଂଖ୍ୟାରେ ରାତ୍ରୀ ସମୟରେ ବୁଲିବା ଦୁର୍ଘଟଣାର କାରଣ ପାଲଟିଛି ବୋଲି ପୁଲିସ ଅଧିକାରୀ କହିଛନ୍ତି।

# ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ତିଗିରିଆ କଂଗ୍ରେସର ପ୍ରସ୍ତୁତି



**ତିଗିରିଆ,୧୫।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ଦିବଙ୍ଗତ ଛାତ୍ରୀ ଓ ତାଙ୍କ ପରିବାରକୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ରାଜ୍ୟ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନକ୍ରମେ ଆସନ୍ତା ୧୭ ତାରିଖରେ କଂଗ୍ରେସ ଦଳ ତରଫରୁ ଓଡିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ବନ୍ଦକୁ ସଫଳ କରିବା ପାଇଁ ଆଜି ତିଗିରିଆ ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ନିଜିଗଡ଼ ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ତଥା ନୂଆପାଟଣା ପଞ୍ଚାୟତ ସରପଞ୍ଚ ସୋମନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ କଂଗ୍ରେସ ନେତା ଗିରିଜା ପ୍ରସାଦ ପଟ୍ଟନାୟକ, ବିନ୍ଧାଣିମା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା, ବରିଷ୍ଠ ସଙ୍ଗଠକ ମୃଣ୍ମୟ ଦାଶ, ଯୁବନେତା ଅଭିଷେକ ପଟ୍ଟନାୟକ ଓ ଶୁଭାଶିଷ ମିଶ୍ର, ସକ୍ରିୟ ସଭ୍ୟ ହିମାଂଶୁ ମହାନ୍ତି, ପ୍ରତାପ ରଣା, ବିଶ୍ୱନାଥ ବେହେରା, ନିରଞ୍ଜନ ସାମଲ, ହୃଷିକେଶ ବାରିକ, ଅମିନ ରଣା, ରମେଶ ରାଉତ, ରମେଶ ଗୋଛି ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ବନ୍ଦର ରୂପରେଖ କିଭଳି ହେବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବ୍ଲକର ସମସ୍ତ ୧୪ଟି ପଞ୍ଚାୟତରେ କଂଗ୍ରେସ ନେତା, ସଦସ୍ୟ ଏହି ବନ୍ଦରେ ସାମିଲ ହୋଇ ଦିବଙ୍ଗତ ଛାତ୍ରୀକୁ ନ୍ୟାୟ ପ୍ରଦାନ ଦାବିରେ ପାଳନ ହେଉଥିବା ଏହି ଓଡ଼ିଶା ବନ୍ଦ ଡାକରାକୁ ସଫଳ କରାଇବା ପାଇଁ ସହଯୋଗ କରିବେ ବୋଲି ସଭାପତି ଶ୍ରୀ ଦାସ ନିବେଦନ କରିଥିଲେ।

# ପ୍ରାଥମିକ ବିଦ୍ୟାଳୟରୁ ଚୋରି



**ତିଗିରିଆ,୧୫।୭(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତର ବ୍ରାହ୍ମଣୀ ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ ମାଧବ ଚନ୍ଦ୍ର ପ୍ରଧାନ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଗତକାଲି ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟର ଅଫିସ ଘର ତାଲା ଭାଙ୍ଗି ଘରେ ଥିବା ନଗଦ ୧୭ ହଜାର ୪୮୦ ଟଙ୍କା, ଚାଉଳ ୨ ବସ୍ତା, ଅଫିସ କାଗଜପତ୍ର, ମଧ୍ୟାହ୍ନ ଭୋଜନରେ ବ୍ୟବହୃତ ଦୋକାନ ସାମଗ୍ରୀ ଚୋରି କରିନେଇଛନ୍ତି। ଆଜି ସକାଳେ ପ୍ରଧାନଶିକ୍ଷକ ଶ୍ରୀ ପ୍ରଧାନ ବିଦ୍ୟାଳୟକୁ ଆସିବା ପରେ ଚୋରି ସମ୍ପର୍କରେ ସୂଚନା ପାଇଥିବା ଅଭିଯୋଗ କରିଛନ୍ତି। ଗତ କିଛିଦିନ ମଧ୍ୟରେ ତିଗିରିଆ ଅଞ୍ଚଳରେ ଚୋରଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ସଫଳ ଚୋରି କରି ଉକ୍ତ ଚୋର ଗ୍ୟାଙ୍ଗ ସ୍ଥାନୀୟ ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଫଳରେ ସ୍ଥାନୀୟ ଜନସାଧାରଣ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ତେଣୁ ଯଥାଶୀଘ୍ର ଉକ୍ତ ଚୋର ଗ୍ୟାଙ୍ଗକୁ ଗିରଫ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଚୋରା ମାଙ୍କଡା ପଥର ବୋଝେଇ ଟ୍ରକ୍ ଜବତ



**ଭଦ୍ରେଶ୍ୱର,୧୫।୭(ସମିସ):** ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ପୁଲିସ ଚୋରା ମାଙ୍କଡା ପଥର ଆଣୁଥିବା ଏକ ଟ୍ରକକୁ ଜବତ କରିଛି। ଆଜି ଭୋରରୁ ଟ୍ରକ ନଂ ଓଡି ୦୫ ଏଜେଡ ୯୭୯୮ ରେ ମାଙ୍କଡା ପଥର ବୋଝେଇ ହୋଇ ଆସୁଥିଲା। ଖବର ପାଇ କୁମୁଡା-ଜୟପୁର ଫାଣ୍ଡି ପୁଲିସ ଏହାର ପିଛା କରି କୋଠପଦା ଠାରେ ଟ୍ରକ୍‌ଟିକୁ ଧରିଥିଲେ। ଘଟଣାକୁ ନେଇ ଥାନାରେ ଏକ ମାମଲା ରୁଜୁ କରିବା ସହ ଚାଳକକୁ ଗିରଫ କରି କୋର୍ଟଚାଲାଣ କରିଥିବାର ଜଣାପଡିଛି।

# ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ବହିଷ୍କାର ପାଇଁ ଦାବି

**ସାଲେପୁର,୧୫।୭(ସମିସ):** ବାଲେଶ୍ୱର ଫକିରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀର ହତ୍ୟା ଘଟଣାରେ ସଂପୃକ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ନିଲମ୍ବନ ଓ ଗିରଫ ଘଟଣାରେ ସାଲେପୁର ବିଜେପି ନେତା ଗଭୀର ଉଦ୍‌ବେଗ ପ୍ରକାଶ କରି ସଂପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଚାକିରୀରୁ ବହିଷ୍କାର ପାଇଁ ଦାବି କରିଛନ୍ତି। ମହାବିଦ୍ୟାଳୟର ଦାୟିତ୍ୱବାନ୍ ଇଣ୍ଟରନାଲ କମିଟିର ସଦସ୍ୟମାନେ ମହାବିଦ୍ୟାଳୟକୁ ତଦନ୍ତ ପାଇଁ ଆସିଥିବା ବରିଷ୍ଠ ପୁଲିସ ଅଧିକାରୀଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ସହ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ ଚାକିରୀରୁ ବହିଷ୍କାର କରାଯିବାକୁ ଶ୍ରୀ ମିଶ୍ର ଦାବି କରିଛନ୍ତି। ରାଜ୍ୟ ସରକାର ତଦନ୍ତକୁ ତ୍ୱରାନ୍ୱିତ କରି ଶୋକସନ୍ତପ୍ତ ପରିବାରକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି।

# କେନ୍ଦ୍ରାପଡ଼ା କେନାଲ ବନ୍ଧରେ ଚାରାରୋପଣ

**ସାଲେପୁର,୧୫।୭(ସମିସ):** ବାଲିସାହି ପଞ୍ଚାୟତର ଗୋଲଡେନ୍ ଆଥଲେଟିକ୍ କ୍ଲବ୍ ପକ୍ଷରୁ ବନ ମହୋତ୍ସବ ଅବସରରେ ସାଲେପୁରଠାରେ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ପ୍ରାୟ ୭ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିବା ଜଣାଯାଇଛି। ସାଲେପୁର ଅଟୋନମସ୍ କଲେଜର ବସନ୍ତ କୁମାର ଲେଙ୍କା, ପ୍ରାଧ୍ୟାପିକା ଜୟନ୍ତୀବାଳା ପରିଜା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ବାହାରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର କ୍ରୀଡ଼ା ଶିକ୍ଷକ ମାନସ ରଞ୍ଜନ ପତିଙ୍କ ନେତୃତ୍ୱରେ ବାଲିସାହି ପଞ୍ଚାୟତ ଗୋଲଡେନ୍ ଆଥ୍‌ଲେଟିକ୍ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ରହି କେନ୍ଦ୍ରାପଡ଼ା କେନାଲ ବନ୍ଧର ସାଲେପୁର କଲେଜ ପୋଲ ଠାରୁ ବିଶେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ କେନାଲବନ୍ଧର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ପ୍ରାୟ ୭ ଶହରୁ ଉଦ୍ଧ୍ୱର୍ ଚାରାରୋପଣ କରିଥିବା ଜଣାଯାଇଛି। ଆଥଲେଟିକ୍ କ୍ଲବ୍‌ର ଏଭଳି କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

# ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ନିଶାମଣିଙ୍କୁ ଶ୍ରଦ୍ଧାଞ୍ଜଳି



**ଟାଙ୍ଗୀ,୧୫।୭(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ଜାକନା ସାହି ନିବାସୀ ତଥା ଧର୍ମପ୍ରାଣା ମହିଳା ସ୍ୱର୍ଗୀୟା ନିଶାମଣୀ ଷଡ଼ଙ୍ଗୀଙ୍କ ପ୍ରଥମ ସୋମବାର ପାଳିତ ହୋଇଯାଇଛି। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ସୁମନପ୍ରଭା ସାହୁ, ସମିତିସଭ୍ୟା ମଧୁସ୍ମିତା ଚାତାର, ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ ସାହୁ, ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ଜିନ୍ଦଲ କମ୍ପାନୀର ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଆଇଏଫଏସ୍ ଅଧିକାରୀ ପ୍ରଫୁଲ୍ଲ ଷଡ଼ଙ୍ଗୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗୀୟା ନିଶାମଣୀଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାର୍ଥସାରଥୀ ଷଡ଼ଙ୍ଗୀ, ଶ୍ରୀକାନ୍ତ ଷଡ଼ଙ୍ଗୀ ଓ ଶ୍ରୀମନ୍ତ ଷଡ଼ଙ୍ଗୀ ତିନିପୁତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରିବାରର ସମସ୍ତ ସଦସ୍ୟ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ସ୍ୱର୍ଗୀୟା ନିଶାମଣୀ ଭାରତର ପ୍ରତିରକ୍ଷା କ୍ଷେତ୍ର ବିଶେଷ କରି ଚୌଦ୍ୱାର ସ୍ଥିତ ଆଭିଏସନ ରିସର୍ଚ୍ଚ ସେଣ୍ଟର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱର୍ଗତଃ ଜଗନ୍ନାଥ ଷଡ଼ଙ୍ଗୀଙ୍କ ଧର୍ମପତ୍ନୀ ଥିଲେ।

# ବରିଷ୍ଠ ଶିକ୍ଷାବିତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



**ଅଡ଼ଶପୁର,୧୫।୭(ସମିସ):** ଦ୍ୱିପାଞ୍ଚଳ କସର୍ଦା ଟାଇଁସଲ ସ୍ଥିତ ବରିଷ୍ଠ ଶିକ୍ଷାବିତ୍ ଦ୍ୱିଜବର ଭୂୟାଁଙ୍କ ଏକାଦଶରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବରିଷ୍ଠ ରାଜନେତା ତଥା ପୂର୍ବତନ ଅର୍ଥରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ ଏବଂ ପୂର୍ବତନ ନିଆଳି ବିଧାୟକ ପ୍ରଫେସର ଡ଼ ପ୍ରମୋଦ କୁମାର ମଲ୍ଲିକ ତାଙ୍କର ଏକାଦଶାହରେ ଯୋଗଦେଇ ସ୍ୱର୍ଗତ ଭୂୟାଁ ଜଣେ ଲୋକପ୍ରିୟ, ଛାତ୍ରପ୍ରିୟ ମେଳାପି ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସେହିପରି ନିଆଳୀ ଅଞ୍ଚଳରେ ତାଙ୍କର ନାମ ଏବଂ ଯଶ ଥିଲା ସେ ଅନେକ ଛାତ୍ରଛାତ୍ରୀଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଇଛନ୍ତି ବୋଲି ସ୍ମୃତିଚାରଣ ଅବସରରେ କହିଛନ୍ତି। ଏଥିରେ ବରିଷ୍ଠ ବିଜେଡି ନେତା ତ୍ରିଲୋଚନ ମହାନ୍ତି, ସ୍ଥାନୀୟ କସର୍ଦା ସରପଞ୍ଚ ସୁରେଶ ପଟ୍ଟନାୟକ, ରାଣୀଓଳା ସରପଞ୍ଚ ତ୍ରିନାଥ ମହାନ୍ତି, ରାଣୀଓଳା ସମବାୟ ସମିତିର ସଭାପତି ଅଭିମନ୍ୟୁ ସ୍ୱାଇଁ, ସମାଜସେବୀ ରମେଶ ଚନ୍ଦ୍ର ମାଝୀ ଉପସ୍ଥିତ ଥିବା ବେଳେ ବଡ଼ ପୁଅ ସୂର୍ଯ୍ୟକାନ୍ତ ଭୂୟାଁ ଏବଂ ସାନପୁଅ ବିଶ୍ୱ ରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଭୂୟାଁଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

# ପକ୍କା ଘର ଅପେକ୍ଷାରେ ଖବରକାଗଜ ବିତରକ ଜୟନ୍ତୀ

**ସାଲେପୁର, ୧୫।୭(ସମିସ)**



ଯେ ସାଲେପୁର ବ୍ଲକ୍ ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ବାଲିସମଳା ଗ୍ରାମର ଜୟନ୍ତ କୁମାର ଦାସଙ୍କର ୨ ମାସ ତଳେ ସର୍ଟସର୍କିଟ୍ ଯୋଗୁ ଏକ ବଖରା ଚାଳ ଘର ପୋଡ଼ି ନଷ୍ଟ ହୋଇଯାଇଥିଲା। ଜୟନ୍ତ ତାଙ୍କର ପତ୍ନୀ ଓ ୧୪ବର୍ଷର ପୁଅକୁ ଧରି ଏହି ଏକମାତ୍ର କୋଠରୀରେ ବହୁ କଷ୍ଟରେ ରହୁଥିବାବେଳେ ଉକ୍ତ ଘରଟି ଅଗ୍ନିକାଣ୍ଡରେ ସଂପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏ ନେଇ ସରକାରଙ୍କ ପକ୍ଷରୁ ଜୟନ୍ତଙ୍କୁ ରେଡକ୍ରସ୍ ପାଣ୍ଠିରୁ ୪ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାବେଳେ ତାଙ୍କୁ ତୁରନ୍ତ ପକ୍କା ଘର ଖଣ୍ଡେ ଯୋଗାଇ ଦିଆଯିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ଘର ପୋଡ଼ିବାର ୨ମାସ ବିତିଯାଇଥିଲେ ମଧ୍ୟ ତାଙ୍କୁ ଅଦ୍ୟାବଧି ଘର ଖଣ୍ଡେ ପ୍ରଦାନ କରାଯାଇନାହିଁ। ଫଳରେ ଜୟନ୍ତଙ୍କ ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ବାଧ ହୋଇ ପୋଡ଼ିଯାଇଥିବା ଓ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ଉକ୍ତ ମାଟି ଘରେ ଜରି ପାଲ ଟାଙ୍ଗି ବହୁ କଷ୍ଟରେ ଏହି ଘରେ ରହୁଛନ୍ତି। ବର୍ଷା ହେଲେ ଘର ମଧ୍ୟରେ ପାଣି ଲହଡ଼ି ମାରୁଛି। ଜୟନ୍ତ ଜଣେ ଖବରକାଗଜ ବିତରକ ହୋଇଥିବାରୁ ଯେତିକି ଅର୍ଥ ଉପାର୍ଜନ କରୁଛନ୍ତି, ସେଥିରେ ନିଜର ପରିବାର ବହୁ କଷ୍ଟରେ ଚଳାଉଛନ୍ତି। ଅର୍ଥ ଅଭାବରୁ ସେ ଘର ନିର୍ମାଣ କରିପାରୁ ନାହାନ୍ତି। ତେଣୁ ସରକାରଙ୍କ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦେଇ ତୁରନ୍ତ ଜୟନ୍ତଙ୍କୁ ଏକ ପକ୍କା ଘର ଯୋଗାଇ ଦେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

ଘର ପୋଡ଼ିଗଲା ପରେ ଉକ୍ତ ଘରେ ପାଲ ପକାଇ ଛୋଟ ପୁଅଟିକୁ ଧରି ବହୁ ଅସୁବିଧାରେ ରହିଛନ୍ତି ଦମ୍ପତି। ଘର ଖଣ୍ଡେ ପାଇଁ ସେ ବ୍ଲକ୍ ଠାରୁ ଆରମ୍ଭ କରି ବହୁ ରାଜନେତାଙ୍କ ନିକଟରେ ପହଞ୍ଚିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ଘର ଖଣ୍ଡେ ନ ମିଳିବାରୁ ସେ ବାଧ ହୋଇ ଉକ୍ତ ଅଧାପୋଡ଼ା ଘର ଉପରେ ପ୍ରଶାସନ ପକ୍ଷରୁ ମିଳିଥିବା ଜରିପାଲ ପକାଇ ରହୁଥିବାର ଦେଖିବାକୁ ମିଳିଛି। ପ୍ରକାଶ

# କାଡା ନାଳୀ ଭାଙ୍ଗିବାରୁ କ୍ଷେତକୁ ଯାଉନି ପାଣି



**ନିଶ୍ଚିନ୍ତକୋଇଲି,୧୫।୭(ସମିସ):** ଚାଷୀମାନଙ୍କର ଚାଷ ଜମିକୁ ଜଳସେଚନର ସୁବିଧା ପାଇଁ କାଡା ନାଳୀ ନିର୍ମାଣ କରାଯାଇଛି। ଏହି କାଡ଼ା ନାଳୀ ଦ୍ୱାରା କ୍ଷେତରେ ସଠିକ୍ ଭାବେ ପାଣି ମାଡ଼ିପାରୁଛି। ହେଲେ ବିଭାଗର ଦାୟିତ୍ୱହୀନତା ପାଇଁ ଅନେକ ସ୍ଥାନରେ କାଡ଼ା କେନାଲର ଦୁଇ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପକ୍କା ବନ୍ଧ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ଏହାକୁ ମରାମତି କରାଯାଉ ନାହିଁ। ଫଳରେ କ୍ଷେତରେ ପାଣି ମାଡ଼ିବା ନେଇ ଚାଷୀମାନେ ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ଦେଖାଯାଇଛି ନିଶ୍ଚିନ୍ତକୋଇଲି ବ୍ଲକ ବନ୍ଧକାଟିଆ ପଞ୍ଚାୟତ ସହଦେବପୁର (ମସ୍ତରାମଠ) ଗ୍ରାମରେ। ଏହି ଗ୍ରାମର ଗହିର ବିଲରେ ଯାଇଥିବା କାଡା ନାଳୀଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ଏହାକୁ ମରାମତି କରାଯାଉ ନାହିଁ। ଏହି କାଡ଼ା ନାଳୀକୁ ମରାମତି କରିବା ପାଇଁ ଚାଷୀମାନେ ବହୁବାର ସ୍ଥାନୀୟ ପାଣି ପଞ୍ଚାୟତ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। କାଡ଼ା ନାଳୀ ଭାଙ୍ଗି ଯାଇଥିବାରୁ ଏ ବର୍ଷ ଖରିଫ ଧାନ ଚାଷ କ୍ଷେତରେ କିପରି ପାଣି ମାଡ଼ିବ ସେ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଏହି କାଡ଼ା ନାଳୀ ଉପରେ ସହଦେବପୁର ଗ୍ରାମର ଶହ ଶହ ଏକର ଚାଷ ଜମି ଜଳସେଚନ ନିମନ୍ତେ ନିର୍ଭର କରିଥାଏ। ଦୀର୍ଘ ଦିନ ହେଲା ଏହି କାଡା କେନାଲ ନିମ୍ନମାନର କାର୍ଯ୍ୟହେତୁ ଭାଙ୍ଗି ଚୂରମାର ହୋଇଯାଇଛି। ଫଳରେ ଏହି କାଡା କେନାଲରେ ପାଣି ଯାଇପାରୁ ନାହିଁ। ଯାହା ଦ୍ୱାରାକି ପ୍ରତିବର୍ଷ ଏହି ଅଞ୍ଚଳର ଶହ ଶହ ଏକର ଜମିରେ ମରୁଡି ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ଉକ୍ତ କାଡ଼ା ନାଳକୁ ମରାମତି କରାଯିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

# ୬ଟି ବସୁଧା ପାଣି ଟାଙ୍କି କାମରେ ଆସୁନି



**ବନ୍ଧୁଗାଁ,୧୫।୭ (ସମିସ):**

ଆନ୍ଧ୍ର ସୀମାନ୍ତକୁ ଲାଗି ଥିବା ବନ୍ଧୁଗାଁ ବ୍ଲକ ପେଦାଅଲଡ଼ା ପଞ୍ଚାୟତର ୬ଟି ଗାଁରେ ନିର୍ମିତ ନବନିର୍ମିତ ବସୁଧା ପାଣି ଟ୍ୟାଙ୍କି ଅଚଳ ପଡ଼ିଛି। ଦୁଇ ଗାଁକୁ ସଂଯୋଗ କରୁଥିବା ପିଚୁ ରାସ୍ତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ଆଜି ସ୍ଥାନୀୟ ପଞ୍ଚାୟତ ସରପଞ୍ଚ ଶେଖର କଣ୍ଡାଗୋରି କହିଛନ୍ତି, ନିଜ ପେଦାଅଲଡ଼ା ପଞ୍ଚାୟତରେ ଥିବା ୧୨ ଗୋଟି ଗାଁରୁ ରାଜ୍ୟ ସରକାରଙ୍କ ତରଫରୁ ୧୦ଟି ଗାଁରେ ପିଇବା ପାଣି

> ଦୁଇ ଗାଁକୁ ଯିବା ରାସ୍ତା ଶୋଚନୀୟ
> ପ୍ରତିକାର ପାଇଁ ଜଣାଇଲେ ସରପଞ୍ଚ

ସମସ୍ୟାକୁ ସମାଧାନ କରିବା ପାଇଁ ବସୁଧା ପାଣି ଟ୍ୟାଙ୍କି ନିର୍ମାଣ ହୋଇଥିଲା। ବସୁଧା ପାଣି ଟ୍ୟାଙ୍କି ନିର୍ମାଣ କାମ ୨ ବର୍ଷ ହେଲା ଶେଷ ହୋଇଛି। ୬ଟି ଗାଁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ନ ହୋଇ ପଡ଼ି ରହିଛି। ୪ଟି ଗାଁରେ ଲୋକେ ବସୁଧା ପାଣି ଟ୍ୟାଙ୍କି ଠିକ୍ ଭାବେ ଚାଲୁ ଥିବା ଦେଖିବାକୁ ପାଇଥିଲେ। ଆଜି ପର୍ଯ୍ୟନ୍ତ ପୁତୁକିବାଲସା, ଲୋକାର୍ଲୀ, ଚିନାଅଲଡ଼ା, ଚେକାବାଲସା, କିନ୍ତାଲଭଦ୍ରା ଓ ବାର୍ଲାମଣ୍ଡା ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ କେତେକ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫରମର ବସି ନାହିଁ। ବୋର ୱେଲ ଖନନ ହୋଇନାହିଁ। ପାଣି ପମ୍ପ ନାହିଁ। କିଛି ବସୁଧା ପାଣି ଟାଙ୍କି ଗୁଡ଼ିକରେ ପାଇପ୍ ଗୁଡିକ ଖସି ପଡିଛି। କିଛି ପମ୍ପ ହାଉସ୍ ଗୁଡ଼ିକରେ ଛେଳି ରହୁଛନ୍ତି । କିଛି ପାଣିଟ୍ୟାଙ୍କି ଭାଙ୍ଗିବାକୁ ବସିଲାଣି । ଗାଁରେ ବସୁଧା ପାଣି ଟାଙ୍କି ହେଲେ ଗାଁରେ ପିଇବା ପାଣି ସମସ୍ୟା ସମାଧାନ ହେବ ଭାବେ ଲୋକେ ଅତ୍ୟନ୍ତ ଖୁସି ହେଇଥିଲେ। ଏହି ପଞ୍ଚାୟତରେ ଠିକାଦାର ପ୍ରଭାକର ପ୍ରଧାନ ୧୦ଟି ବସୁଧା ପାଣି ଟ୍ୟାଙ୍କି ନିର୍ମାଣ କାର୍ଯ୍ୟ କରିବା ପାଇଁ ପ୍ରାୟ ୪ କୋଟି ଟଙ୍କା ଟେଣ୍ଡର ପାଇ ଥିଲେ। ସେଥି ମଧ୍ୟରୁ ୪ ଟି ବସୁଧା ପାଣି ଠିକ ଭାବେ ଚାଲୁଥିବା ବେଳେ ୬ଟି ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଲୋକେ ପାଣି ପାଇ ପାରି ନାହାନ୍ତି। ଫଳରେ ଉପାନ୍ତ ଗାଁ ଗୁଡ଼ିକରେ ପିଇବା ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥି ସହିତ ଲୋକାର୍ଲୀରୁ ଚିଡ଼ିବାଲସା ଗାଁକୁ ଯିବା ରାସ୍ତା ଓ ବିକ୍ରମପୁରରୁ ଝାଙ୍କରକାର୍ଲି ଦେଇ ଚିନାଅଲଡ଼ା ଗାଁକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇ ପାରୁ ନାହିଁ। ସରପଞ୍ଚ ଶେଖର କଣ୍ଡାଗୋରୀ ନିଜ ପଞ୍ଚାୟତର ପିଇବା ପାଣି ସମସ୍ୟା ସମାଧାନ ଓ ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ପଞ୍ଚାୟତିରାଜ ବିଭାଗରେ ଲକ୍ଷ ଲକ୍ଷ ଟଙ୍କା ଚଳୁ

## ଯନ୍ତ୍ରୀ, ଜିଆରଏସ୍, ବିଏଫଟିଙ୍କ ସଂପୃକ୍ତି ନେଇ ଅଭିଯୋଗ

**କାଲିମେଲା,୧୫।୭ (ସମିସ):** ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପୁଷ୍ପୁଗୁଡା ପଞ୍ଚାୟତରେ ପଞ୍ଚାୟତରାଜ ବିଭାଗରେ ବଡ଼ଧରଣର ଦୁର୍ନୀତି ଦେଖିବାକୁ ମିଳିଛି। ପଞ୍ଚାୟତରାଜ ବିଭାଗ ପକ୍ଷ୍ୟରୁ ମନରେଗା ଯୋଜନାରେ ଏଭଳି ଦୁର୍ନୀତି ହୋଇଥିବା ବେଳେ ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ ୨୦୨୨-୨୦୨୩ , ୨୦୨୩-୨୦୨୪ ଆର୍ଥିକ ବର୍ଷରେ ପୁଷ୍ପୁଗୁଡା ପଞ୍ଚାୟତର ଉରୁବେଲି, ଏମଭି ୭୮, ରାମାଭରମ ଓ ଏମପିଭି ୫୫ ଗ୍ରାମରେ ସୋକ୍‌ପିଟ ଓ କମ୍ପୋଟ ପିଟ୍ ନିର୍ମାଣ ଲାଗି ମନରେଗା ଯୋଜନାରେ ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏ ନେଇ ଉକ୍ତ ଗ୍ରାମରେ ପ୍ରାୟ ୫ ଶହ ସୋକ୍‌ପିଟ୍ ଓ କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯିବାକୁ ଥିବା ବେଳେ ମାତ୍ର ୧୦୦ଟି ସୋକ୍‌ପିଟ୍ ଓ କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯାଇ ବଳକା ଟଙ୍କା ଦଲାଲଙ୍କ ସହଯୋଗରେ ହଡ଼ପ କରାଯାଇଛି। ଏ ନେଇ ପୁଷ୍ପୁଗୁଡା ଅଞ୍ଚଳର ଦଳିତ ଆଦିବାସୀ ମଞ୍ଚର ଜିଲ୍ଲା ସଭାପତି ହାରାନ ମଣ୍ଡଲ ସୂଚନା ଅଧିକାର ଆଇନ ବଳରେ ବ୍ଲକ ପ୍ରଶାସନ ନିକଟରୁ ତଥ୍ୟ ହାସଲ ପାଇଁ ଆବେଦନ ସହ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଦୃଷ୍ଟି ଦିଆଯାଉ ନଥିବା ଶ୍ରୀ ମଣ୍ଡଲ ଅଭିଯୋଗ କରିଛନ୍ତି। ଏ ନେଇ ଶ୍ରୀ ମଣ୍ଡଲ ଭିଜିଲାନ୍ସ ବିଭାଗର ବରିଷ୍ଠ ଅଧିକାରୀଙ୍କ ନିକଟରେ ଫେରାଦ ହେବା ନେଇ ମଧ୍ୟ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ପଞ୍ଚାୟତରେ ହୋଇଥିବା ଏହି ଦୁର୍ନୀତିରେ ବିଭାଗୀୟ ଯନ୍ତ୍ରୀ, ଜିଆରଏସ୍, ବିଏଫଟି ସମେତ ଅନ୍ୟାନ୍ୟ ବ୍ଲକ ସ୍ତରୀୟ ଅଧିକାରୀ ମାନେ ସମ୍ପୃକ୍ତ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଶ୍ରୀ ମଣ୍ଡଲ ଆବେଦନ କରିଥିବା ସୂଚନା ଅଧିକାର ଆଇନ ତଥ୍ୟ ଫେରାଇ ନେବାକୁ ବିଏଫଟି ଭଗିରଥ ମିସ୍ତ୍ରୀ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ମଧ୍ୟ ପ୍ରଲୋଭନ ଦେଖାଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏଥିସହ ପଞ୍ଚାୟତିରାଜ ବିଭାଗରେ ଏଭଳି ଦୁର୍ନୀତି ବାବଦରେ ତଥ୍ୟ



ମାଗିବାରୁ ବାରମ୍ବାର ଧମକ ଦିଆଯିବା ସହ ପୁଲିସ କେଶ କରାଯିବା ନେଇ ମଧ୍ୟ ଭୟଭୀତ କରାଯାଉଥିବା ଖୋଦ୍ ଶ୍ରୀ ମଣ୍ଡଲ କହିଛନ୍ତି। ପୁଷ୍ପୁଗୁଡା ଅଞ୍ଚଳରେ ପଞ୍ଚାୟତିରାଜ ବିଭାଗର ଏଭଳି ଦୁର୍ନୀତିକୁ ସେ ଲୋକଲୋଚନକୁ ଆଣି ଆଦିବାସୀ ଅଧ୍ୟୁଷିତ ଇଲାକାରେ ସରକାରୀ ବାବୁଙ୍କ ଦୁର୍ନୀତିର ପେଡ଼ି ଖୋଲିବା ନେଇ ଦୃଢୋକ୍ତିର ସହ ସୂଚାଇ ଦେଇଛନ୍ତି। ଅନ୍ୟପଟେ ପୁଷ୍ପୁଗୁଡା ପଞ୍ଚାୟତରେ ନିର୍ମାଣାଧିନ ସୋକ୍‌ପିଟ୍ ଓ କମ୍ପଷ୍ଟ ପିଟ୍ ବାବଦରେ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ କାହା ଚାପରେ ବ୍ଲକସ୍ତରୀୟ ଅଧିକାରୀ ଏହି ଘଟଣାକୁ ଘଣ୍ଟ ଘୋଡାଉଛନ୍ତି, ତାହା ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଷ୍ପୁଗୁଡା ପଞ୍ଚାୟତରେ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କରାଯାଇଥିବା ଏଭଳି କାମରେ ପ୍ରାୟ ୪୦ ଲକ୍ଷ ଟଙ୍କାରୁ ଅଧିକ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଏପରି ସ୍ଥିତିରେ ପୁଷ୍ପୁଗୁଡା ପଞ୍ଚାୟତର ଏହି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରି ନିରପେକ୍ଷ ତଦନ୍ତ କଲେ ଲକ୍ଷାଧିକ ଟଙ୍କାର କେଳେଙ୍କାରୀ ସାମ୍ନାକୁ ଆସିବ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ କହିଛନ୍ତି। ହୋଇଥିବା ଅଭିଯୋଗ ବାବଦରେ ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କରଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଘଟଣାକୁ ନେଇ ଏପିଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବେ ବୋଲି କହିବା ସହ ତଦନ୍ତ ପରେ ଦୋଷୀଙ୍କ ବିରୁଦ୍ଧରେ ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି

# ସୌମ୍ୟଶ୍ରୀଙ୍କୁ ମାର୍କମା ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି



**ବିଷମକଟକ,୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ରେ ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଆଜି ରାୟଗଡା ଜିଲ୍ଲା ବିଷମ କଟକ ମାଁ ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ.ଅଶ୍ୱିନୀ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱର୍ଗତ ଛାତ୍ରୀଙ୍କ ଉଦେଶ୍ୟରେ ୨ ମିନିଟ୍ ନିରବ ପ୍ରାଥନା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି। ଏ ଅବସରରେ ଅନୁଷ୍ଠାନର ଅଧ୍ୟକ୍ଷ, ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଯେ କୌଣସି ଅସୁବିଧା ଉପୁଜିଲେ ଅଧ୍ୟକ୍ଷ ଦୃଷ୍ଟିକୁ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ



**ରାୟଗଡ଼ା,୧୫।୭ (ସମିସ):** ରାୟଗଡ଼ା ସହରର ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବିଶ୍ୱ ଯୁବ ଦକ୍ଷତା ଦିବସ-୨୦୨୫ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହିତ ଜିଲ୍ଲାର ୧୦ ଗୋଟି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏବଂ ଜିଲ୍ଲା ଶିଳ୍ପ କେନ୍ଦ୍ର ଜିଏମ ବିଜୟ କୁମାର ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ବିନୟ କୁମାର ବସନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନର ଟ୍ରେଡ଼ ଭିତ୍ତିକ ଦକ୍ଷତା ପ୍ରଦର୍ଶନୀକୁ ସମସ୍ତ ଅତିଥି ଏବଂ ଛାତ୍ରଛାତ୍ରୀ ବୁଲି ଦେଖିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ରୋଲ ମଡେଲ ସୁଶ୍ରୀ ରାନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲିମ ଅଧିକାରୀ ନିଶିକାନ୍ତ ଶର୍ମା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସନ୍ତୋଷ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଯୁକ୍ତ ତିନି ଛାତ୍ରଙ୍କ ଆତ୍ମହତ୍ୟା

**ପଡ଼ିଆ,୧୫।୭ (ସମିସ):** ମାଲକାନଗିରି ଜିଲ୍ଲା ଜିଲ୍ଲା ପଡ଼ିଆ ବ୍ଲକ ଶିମିଳିବାଞ୍ଚା ପଞ୍ଚାୟତ ଅନ୍ତର୍ଗତ ଏମପିଭି ୧୧୦ ଗ୍ରାମର ଜଣେ ଯୁକ୍ତ ତିନି ଛାତ୍ର ଆତ୍ମହତ୍ୟା କରିଛି। ପୁଲିସ ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରିରଖିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଏମପିଭି ୧୧୦ ଗ୍ରାମର ମନୋଜ କୁମାର ରାୟ(୨୦)



ଜୟପୁରରେ ଯୁକ୍ତ ତିନି ପାଠ ପଢୁଥିଲେ। କିଛି ଦିନ ଧରି ମନୋଜର ପିତାମାତା ଆନ୍ଧ୍ରପ୍ରଦେଶକୁ କାମ କରିବାକୁ ଯାଇଥିଲା ବେଳେ ସେ ଏକାକୀ ଘରେ ରହୁଥିଲେ। ସୋମବାର ମଧ୍ୟାହ୍ନରେ ମନୋଜ ଏକାକୀ ଘରେ ଥିବା ବେଳେ କବାଟ ବନ୍ଦ କରି ଦୀର୍ଘ ସମୟ ଧରି ରହିଥିଲେ। ମନୋଜର ସାନ ଭାଇ ଖାଇବା ନିମନ୍ତେ ବାରମ୍ବାର ଡାକିବା ସତ୍ତ୍ୱେ ସେ ରୁମରୁ ନ ବାହାରିରୁ ପାଖ ପଡୋଶୀ ଲୋକଙ୍କୁ ଡାକି ରୁମର କବାଟ ଭାଙ୍ଗି ଭିତରେ ମନୋଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ତୁରନ୍ତ ଏମଭି ୭୯ ପୋଲିସକୁ ଅଭିଯୋଗ କରିବାରୁ ପୋଲିସ ଘଟଣାରେ ସ୍ଥଳେ ପହଞ୍ଚି ପିତାମାତା ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଆଜି ମୃତ ମନୋଜର ପିତାମାତା ପହଞ୍ଚିବା ପରେ ତାଙ୍କ ଲିଖିତ ଅଭିଯୋଗ କ୍ରମେ ଏମଭି ୭୯ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ମନୋଜ ପୂର୍ବେ ଭୁବନେଶ୍ୱରରେ ପଢୁଥିଲେ, ପରବର୍ତ୍ତୀ ସମୟରେ ଜୟପୁରରେ ଯୁକ୍ତ ୩ ପଢୁଥିଲେ। ଦୁଇପୁଅଙ୍କୁ ପଢ଼ାଇବା ପାଇଁ ବାପାମା' ଦୁହେଁ ଆନ୍ଧ୍ର ପ୍ରଦେଶରେ ଦାଦନ ଖଟୁଥିଲେ। ତେବେ ମନୋଜ କାହିଁକି ଆତ୍ମହତ୍ୟା କଲେ କାରଣ ଅସ୍ପଷ୍ଟ ରହିଛି ବୋଲି ଏଏସଆଇ ବଳରାମ ଚାଲାଣ, ଦାୟତ୍ୱରେ ଥିବା ଏମଭି ୭୯ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ସୂଚନା ଦେଇଛନ୍ତି। ମାଲକାନଗିରି ଜିଲ୍ଲାରେ ଦିନକୁ ଦିନ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ପଛୁଆ ରହିଥିବାରୁ ଏଭଳି ଘଟଣା ଘଟୁଥିବା ନେଇ ବୁଦ୍ଧଜୀବୀ ମହଲାରେ ଆଲୋଚନା ହେଉଛି। ଏହାକୁ ରୋକିବାକୁ ହେଲେ ଅଧିକରୁ ଅଧିକ ସଚେତନତା ଏବଂ ଶିକ୍ଷା କ୍ଷେତ୍ରରେ ଜିଲ୍ଲାକୁ ଆଗକୁ ନେବାର ଆବଶ୍ୟକତା ରହିଛି ବୋଲି ସାଧରଣରେ ମତ ପ୍ରକାଶ ପାଇଛି।

# ଉତ୍କଳ ଓମଫେଡ୍ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




**ଜୟପୁର, ୧୫।୭ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ରେଳଷ୍ଟେସନ ଛକ ଓମଫେଡ ଦୁଗ୍ଧ ପ୍ରକ୍ରିୟାକରଣ ପ୍ଲାଣ୍ଟ ସମ୍ମୁଖରେ ଉତ୍କଳ ଓମଫେଡ କର୍ମଚାରୀ ସଂଘର ଡାକରାରେ କର୍ମଚାରୀ ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଧାରଣା ଦେଇଛନ୍ତି। ଖାଲି ରହିଥିବା ପଦବୀ ଗୁଡିକକୁ ତୁରନ୍ତ ପୂରଣ ଏବଂ ସମାନ କାର୍ଯ୍ୟକୁ ସମାନ ଦରମା ଦାବି ନେଇ ସଂଘ ପକ୍ଷରୁ ଏହି ଆନ୍ଦୋଳନ ଆହ୍ୱାନ କରାଯାଇଛି। ଏହିପରି ଗତ ଦେଢବର୍ଷ ହେଲାଣି ସଂଘ ପକ୍ଷରୁ ଦାବି ଗୁଡିକର ପୂରଣ ନେଇ ବାରମ୍ବାର ସ୍ମାରକପତ୍ର ପ୍ରଦାନ କରାଯାଉଥିଲେ ସୁଦ୍ଧା ଓମଫେଡ କର୍ତ୍ତୃପକ୍ଷ ଏଥିନେଇ ଅଣଦେଖା କରିଥିଲେ। ସାରା ଓଡିଶାରେ ସମୁଦାୟ ୨୧୭ ଟି ପଦବୀ ଖାଲି ରହିଥିଲେ ସୁଦ୍ଧା ଏହା ପୂରଣ କରାଯାଉନାହିଁ। ଏହିପରି ଗତ ମାର୍ଚ୍ଚ ୨୮ ତାରିଖରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରାଯାଇ ଦାବୀପତ୍ର ପ୍ରଦାନ କରାଯାଇଥିଲା ଏବଂ ଗତ ଜୁନ ୨୪ ତାରିଖରେ ସଂଘର ବୈଠକରେ ଆଜି ଠାରୁ ଦାବି ପୂରଣ ନହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବା ନେଇ ନିଷ୍ପତି ହୋଇଥିଲା। ଏହି ଧାରଣାରେ ଲଇଛନ ହରିଜନ, ବଳିଭଦ୍ର ଫାଲନ, ବିଜୟଲକ୍ଷ୍ମୀ ପାଢୀ, ରାଜେନ୍ଦ୍ର ଟାକ୍ରୀ, ସୋନିଆ ପାଙ୍ଗୀ, ହରିହର ନାୟକ, ବଳଦେବ ଅମନାତ୍ୟ, ଗୁପ୍ତ ବେରୁକ ପ୍ରମୁଖ ଉପସ୍ଥିତ ଥିଲେ।

# ସୋଲାର ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି

**ଜୟପୁର ୧୫।୭ (ସମିସ):** ସୋଲାର ଲାଇଟ୍ ବ୍ୟବସ୍ଥା କରିବା ନେଇ ଗ୍ରାମବାସୀ ଜୟପୁର ଉପ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜୟପୁର ସହରର ଗାନ୍ଧୀ ଛକ କେନାଲ ରାସ୍ତାଠାରୁ ଗଡ଼ପଦର, କଳାଗୁଡ଼ା, ବାଲାପୁଟ, ଜୟନ୍ତିଗିରି କେନାଲ ପିଚୁ ରାସ୍ତା ଉପରେ ଲୋକଙ୍କ ସୁବିଧା ପାଇଁ ସୋଲାର ଲାଇଟ୍‌ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଗାନ୍ଧୀ ଛକ ମୁଖ୍ୟ କେନାଲ ରୋଡଟି ପିଚୁ ହୋଇ ଜୟନ୍ତିଗିରି ଛକକୁ ସଂଯୋଗ କରିଛି। ରାସ୍ତା ଉପରେ ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। କିନ୍ତୁ ରାସ୍ତାଟି ରାତିରେ ଅନ୍ଧାର ରହିଥିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଅନ୍ଧାର ଯୋଗୁଁ ଦୁର୍ବୃତ୍ତମାନଙ୍କ ପ୍ରଭାବ ବୃଦ୍ଧି ପାଉଛି। ତେଣୁ ରାତିରେ ଏହି ରାସ୍ତାରେ ଯାତାୟାତ ପାଇଁ ଭୟଭୀତ ହେଉଛନ୍ତି ଏବଂ ନିଜକୁ ସୁରକ୍ଷିତ ନେଇ ସନ୍ଦେହରେ ରହୁଛନ୍ତି। ତେଣୁ ତୁରନ୍ତ ସୋଲାର ଲାଇଟ୍ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।

# ମକଦ୍ଦମା ସମାଧାନ ପାଇଁ ମଧ୍ୟସ୍ଥତା ଅଭିଯାନ ଆରମ୍ଭ

**ମାଲକାନଗିରି, ୧୫।୭ (ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ମଧ୍ୟସ୍ଥତା ଓ ମିଳାମିଶା ପ୍ରକଳ୍ପ କମିଟି ଏବଂ ଭାରତର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଦେଶ ବ୍ୟାପି ୯୦ ଦିନିଆ ମଧ୍ୟସ୍ଥତା ଅଭିଯାନ ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ଆରମ୍ଭ ହୋଇଛି। ଏହି ଅଭିଯାନ ଅନୁଯାୟୀ ଜିଲ୍ଲା ଓ ଉପଖଣ୍ଡ, ତାଲୁକ୍‌ସ୍ତରୀୟ ବିଭିନ୍ନ ବିଚାର ବିଭାଗୀୟ ଅଦାଲତରେ ବିଚାରାଧୀନ ଥିବା ପ୍ରାୟ ସମସ୍ତ ପ୍ରକାରର ବିଚାରାଧୀନ ଥିବା ମାମଲା ଯଥା ବୈବାହିକ, ଗାଡିମୋଟର ଦୁର୍ଘଟଣା ଜନିତ ମାମଲା, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ ମାମଲା, ନିଯୁକ୍ତି ବା ଚାକିରି, ସାଲିସ ଯୋଗ୍ୟ ଫୌଜଦାରୀ ମାମଲା, ଖାଉଟି ସୁରକ୍ଷା, ବ୍ୟାଙ୍କ୍ ଋଣ ଅନାଦେୟ, ଦେୱାନୀ ମାମଲା, ଜମିବାଡ଼ି ଭାଗ ବଣ୍ଟା, ଉଚ୍ଛେଦ/ବେଦଖଲ ଇତ୍ୟାଦି ଓ ଜମି ଅଧିଗ୍ରହଣ ମାମଲା ଗୁଡ଼ିକ ଚଳିତ ମାସ ଜୁଲାଇ ୩୧ ତାରିଖ ଭିତରେ ଚିହ୍ନଟ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ଏହାର ସମାଧାନ ପାଇଁ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ପଠା ଯିବ। ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ର ମାଲକାନଗିରିଙ୍କ ତରଫରୁ ତାଲିମ ପ୍ରାପ୍ତ ବିଚାର ବିଭାଗୀୟ ଅଧିକାରୀ ଓ ଅଭିଜ୍ଞ ଆଇନଜୀବୀ ମାନଙ୍କୁ ନିୟୋଜିତ କରାଯାଇ ମଧ୍ୟସ୍ଥତା ମାଧ୍ୟମରେ ମାମଲାର ଆପୋଷ ସହମତିରେ ସମାଧାନ କରାଯିବ। ଯାହା ଦ୍ୱାରା ଜନ ସାଧାରଣ ସେମାନଙ୍କର ସମୟ ଓ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇ ପାରିବେ। ସବିଶେଷ ବିବରଣୀ ପାଇଁ ଜିଲ୍ଲା କୋର୍ଟ ମାଲକାନଗିରିଙ୍କ ପରିସରରେ ଥିବା ବିକଳ୍ପ ବିବାଦ ସମାଧାନ କେନ୍ଦ୍ର କିମ୍ବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରିଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି।

# ଡ୍ରେନ୍‌ରୁ ଷଣ୍ଢ ଉଦ୍ଧାର

**ଟିକିରି,୧୫।୭ (ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ସ୍ଥିତ ଟିକିରି ମାର୍କେଟର ବିଭିନ୍ନ ସ୍ଥାନରେ ଡ୍ରେନ୍‌ରେ ପ୍ଲେଟ ପଡି ନଥିବାରୁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରେନ୍‌ରେ ଦୋକାନୀ ମାନେ ଅଳିଆ ଆବର୍ଜନା ପକାଇବା ସହ ଟିଫିନ୍ ଦୋକାନରୁ ଖଲିପତ୍ର, ଅପରିସ୍କାର ପାଣି ପକାଉଥିବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଥିବା ଅଭିଯୋଗ ହେଉଛି। ଟିକିରି ମାର୍କେଟର ବିଭିନ୍ନ ସ୍ଥାନରେ ପ୍ଲେଟ ପଡ଼ିବାର ଟେଣ୍ଡର ହେଇଥିଲେ ମଧ୍ୟ ଏହାର କାମ ଯେଉଁ ସ୍ଥାନରୁ କାମ ଆରମ୍ଭ ହେବାର କଥା ସେହି ସ୍ଥାନରୁ ହୋଇ ନ ଥିବା ଅଭିଯୋଗ କରିଛନ୍ତି ବଣିଜ ସଂଘର ସଭାପତି। ଆଜି ଏହି ମୁକୁଳା ଡ୍ରେନ୍‌ରେ ଏକ ଷଣ୍ଢ ପଡ଼ିଯାଇ ଛଟପଟ ହୋଇଥିଲା। ଘଟଣାକୁ ଦେଖି ବଣିଜ ସଂଘ ପକ୍ଷରୁ କାଶିପୁର ବ୍ଲକ୍ ଅଗ୍ନିଶମ ବିଭାଗକୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା। କିନ୍ତୁ କାଶିପୁର ବ୍ଲକ୍‌ର ଅଗ୍ନିଶମ ବିଭାଗ ଗାଡି ଆସିବା ସମୟରେ ଟାୟାର ଫାଟି ଯିବା ଫଳରେ ଅଧାବାଟରେ ଅଟକି ଯାଇଥିଲା। ଯାହା ଫଳରେ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରର ଦମକଳ ଗାଡି ଆସି ପହଞ୍ଚି ଷଣ୍ଢଟିକୁ ଡ୍ରେନ୍ ଭିତରୁ ଉଦ୍ଧାର କରିଥିବା ଲକ୍ଷ୍ମୀପୁର ଆସିଷ୍ଟାଣ୍ଟ ଫାଏୟାର ଅଫିସର ଜାକିର ଦିଗାଲ କହିଛନ୍ତି। ତୁରନ୍ତ ଡ୍ରେନ୍ ଉପରେ ପ୍ଲେଟ ପକାଇବାକୁ ଟିକିରି ବାସିନ୍ଦା ଦାବି କରିଛନ୍ତି।

## ପଞ୍ଚାୟତ ସମିତି ବୈଠକ

# ମନରେଗା ଦୁର୍ନୀତି ନେଇ ତାତିଲେ ବିଧାୟକ



**ନନ୍ଦାହାଣ୍ଡି,୧୫।୭ (ସମିସ)**

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ବିଭିନ୍ନ ବିଭାଗର ଆଲୋଚନା ହେଇଥିଲା ବେଳେ ମନରେଗାର ଦୁର୍ନୀତି ଓ ଡ୍ରେନ ସଫେଇ ଅବହେଳାକୁ ନେଇ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଉପରେ ରାଗି ଯାଇ ତାଗିଦ କରିବାର ଦେଖିବାକୁ ମିଳିଛି। ନନ୍ଦାହାଣ୍ଡି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ର, ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝୀ, ଉପାଧ୍ୟକ୍ଷ ସଦନ ଗୌଡ଼, ତହସିଲଦାର ଚନ୍ଦ୍ର ଦାସ ମହାନନ୍ଦିଆ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର ବୁଡେକ, ସାଂସଦ ପ୍ରତିନିଧି ଜାନକୀ କାନ୍ତ ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ।ଏହା ବ୍ୟତୀତ ସମସ୍ତ ଏଗାର ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ବିଭିନ୍ନ ବିଭାଗ ଯଥା କୃଷି, କୃଷି ଉଦ୍ୟାନ, ମତ୍ସ୍ୟ,ପ୍ରାଣୀ ସମ୍ପଦ ବିକାଶ, ଶିଶୁ ବିକାଶ ପ୍ରକଳ୍ପ, ଖାଦ୍ୟ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲ, ପୁଲିସ, ଅବକାରୀ, ଗ୍ରାମ୍ୟ ବିଭାଜନ, ଶିଳ୍ପ ତାଲିମ କେନ୍ଦ୍ର ,ବିଦ୍ୟୁତ୍ , ପୂର୍ତ୍ତ ଓ ପାନୀୟ ଜଳ ଯୋଗାଣ ସମୂହର ଅଧିକାରୀମାନେ ସାମିଲ ହୋଇଥିଲେ। ବିଧାୟକ ଓ ପଞ୍ଚାୟତ ରାଜ ସଂସ୍ଥାନର ଜନ ପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନ ଓ ସନ୍ଦେହର ଉତ୍ତର ବିଭାଗୀୟ ଅଧିକାରୀ ମାନେ ତଥ୍ୟ ସହ ରଖିଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ବିଶେଷ କରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗୀୟ ଯନ୍ତ୍ରୀ ଜୟ ପ୍ରକାଶ ମିଶ୍ରଙ୍କ କାର୍ଯ ଶୈଳୀ ଉପରେ ସମସ୍ତ ଜନପ୍ରତିନିଧି ଅସନ୍ତୋଷ ପ୍ରକାଶ କରିଥିଲେ। ଯାହାକି ଅନେକ ସମସ୍ୟା ବିଷୟରେ ବାରମ୍ବାର ଅବଗତ କରାଇଥିଲେ ସୁଦ୍ଧା ସମାଧାନ ପାଇଁ ତତ୍ପରତା ପ୍ରକାଶ କରାଯାଏ ନାହିଁ। ତିନି ଗୋଟି ବିଭାଗ ଯଥା ସ୍ୱଚ୍ଛ ଭାରତ ମିଶନ, ସ୍ୱାସ୍ଥ୍ୟ ଓ ଉଠା ଜଳସେଚନର କୌଣସି ଅଧିକାରୀ ଉପସ୍ଥିତ ରହି ନଥିବା ଯୋଗୁଁ ଉକ୍ତ ଅଧିକାରୀ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ପାଇଁ ବିଡ଼ିଓ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ।

# ରାମନାଗୁଡ଼ା ପଞ୍ଚାୟତ ସମିତି ବୈଠକ




**ରାମନାଗୁଡ଼ା,୧୫।୭ (ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ପଞ୍ଚାୟତ ସମିତି ସଭାଗୃହ ଠାରେ ନବମ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସାଂସଦ ପ୍ରତିନିଧି ଗର୍ଜନା ପ୍ରସାଦ ରାଓ, ଉପାଧ୍ୟକ୍ଷା ଜାନକୀ ନିମାଲା, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ ସାନମୁଖା ପାତ୍ର ଭି ପ୍ରମୁଖ ମଞ୍ଚାସୀନ ରହିଥିଲେ। ସହକାରୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର ସମସ୍ତ ଅଧିକାରୀ ଓ ଲୋକ ପ୍ରତିନିଧି ସ୍ୱାଗତ କରିବା ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହା ପରେ ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ମାନେ ନିଜ ନିଜ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ବୈଠକ ପ୍ରାରମ୍ଭରେ କୁଜେନ୍ଦ୍ରୀ ସରପଞ୍ଚ ରମେଶ ଶବର ରାମନାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଟ୍ରମା କେୟାର ସେଣ୍ଟର ଖୁବଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସହିତ ପେଣକାମ ପଞ୍ଚାୟତରେ ଥିବା ଗଦଗଦା ଜଳ ପ୍ରପାତର ଉନ୍ନତି କରଣ ସମ୍ପର୍କରେ ସାଂସଦ ପ୍ରତିନିଧିଙ୍କୁ ଅବଗତ କରାଇଥିଲେ। ବୈଠକରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟାଙ୍କ ସମେତ ପଞ୍ଚାୟତରାଜ ସହକାରୀ ଯନ୍ତ୍ରୀ ପ୍ରତାପ କୁମାର ମିଶ୍ର, ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡାକ୍ତର କୃଷ୍ଣା ନନ୍ଦ ବେହେରା, ଆୟୁଷ ଡାକ୍ତର ଡା. ଭାଗବତ ପ୍ରସାଦ ପାଢ଼ୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକ, ଜଳ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଦୀପ୍ତିରାଣୀ ମୁନି, ବନ ବିଭାଗ ଫରେଷ୍ଟର ଜୟଦେବ ଶବର, ଉଦ୍ୟାନ ବିଭାଗ ଅଧିକାରୀ ଏମ୍ ସୁଚିତ୍ରା, ଅକ୍ଷୟ ପଣ୍ଡା, ମହିଳା ଓ ଶିଶୁ ବିକାଶ ଯୋଜନା ବିଭାଗ ମଣ୍ଡଳ ପରିଦର୍ଶିକା ଭାଗ୍ୟଲକ୍ଷ୍ମୀ ନାୟକ , ମତ୍ସ୍ୟ ଅଧିକାରୀ ବର୍ଷା ପାଢ଼ୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ମିଶନ ଶକ୍ତି ଗୋଷ୍ଠୀ ପ୍ରୋଗ୍ରାମ ସଂଯୋଜକ ଜୟନ୍ତ କୁମାର ସେଠଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।



ଭୁବନେଶ୍ୱର ସିଟି

# ଆତ୍ମାହୁତି ପରେ ପ୍ରତିବାଦ ନିଆଁ




ଭୁବନେଶ୍ୱର, ୧୫।୭(ସମିସ): ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣାରେ ସାରା ଦେଶରେ ଏବେ ବିକ୍ଷୋଭର ନିଆଁ ଜଳୁଛି। ଏହାକୁ ନେଇ ଭୁବନେଶ୍ୱରରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ, ପ୍ରତିବାଦ ଓ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ରାଜନୈତିକ ବ୍ୟକ୍ତିବିଶେଷ ଆତ୍ମାହୁତି ଘଟଣାର ପ୍ରତିବାଦ କରିଛନ୍ତି। ରାସ୍ତାକୁ ଓହ୍ଲାଇବା ସହ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି।



## ପୋଡ଼ିଗଲେ ପୀଡ଼ିତା; ଏଥିପାଇଁ ଦାୟୀ କିଏ?

ଭୁବନେଶ୍ୱର, ୧୫।୭(ସମିସ): ଲାଞ୍ଛନା, ଅନ୍ୟାୟ ଓ ଅସହଯୋଗର ଉତ୍ପୀଡ଼ନରେ ସୌମ୍ୟାଶ୍ରୀ ନାମ୍ନୀ ଆଉ ଜଣେ ଅବଳା ଆତ୍ମାହୁତି ଦେଇ ମୃତ୍ୟୁବରଣ କରିବା ଭଳି ଦୁଃଖଦ ଘଟଣା ସାରା ରାଜ୍ୟକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ କରିଛି। ବ୍ୟବସ୍ଥାର ବିଷଚକ୍ରରେ ପ୍ରତିଦିନ ଅନେକ ସୌମ୍ୟାଶ୍ରୀ ଜୀବନ ସଂଗ୍ରାମରେ ଝାସ ଦେଉଛନ୍ତି। ସେଥିରୁ କିଛି ଗଣମାଧ୍ୟମରେ ମୁଖର ହେଉଛି। ଅନେକ ଘଟଣା ଲୁହ ଓ ଲହୁର ସ୍ରୋତରେ ନିଶ୍ଚିହ୍ନ ହୋଇଯାଉଛି। ପୁଣି ଯାହା କିଛି ପ୍ରଭାବର ପାଚେରି ଡେଇଁ ଲୋକଲୋଚନକୁ ଆସୁଛି ସେଥିରେ ପୀଡ଼ିତା କିମ୍ବା ତାଙ୍କ ପରିବାର ନ୍ୟାୟ ପାଇବା ଦୂରେ ଥାଉ ରାଜନୀତି ଓ ଆରୋପ-ପ୍ରତ୍ୟାରୋପର ପଶାପାଲିରେ ଅଧିକ ଦହଗଞ୍ଜ ହେବା ସାର ହେଉଛି। ଦୋଷ କାହାର, ଦୋଷୀକୁ କେବେ ଓ କ'ଣ ଦଣ୍ଡ ମିଳିବ ତାହା ନିର୍ଣ୍ଣୟ ହେବା ବେଳକୁ ପ୍ରସଙ୍ଗ ଗୁରୁତ୍ୱ ହରାଉଛି ଏବଂ ପୀଡ଼ିତା କିମ୍ବା ତାଙ୍କ ପରିବାର ଆକ୍ରୋଶ, ପ୍ରତିଶୋଧ, ହତାଶା ଓ ଅପମାନର ନିଆଁରେ ଜଳି ଆତ୍ମପ୍ରତ୍ୟୟ ହରାଇ ବସୁଛନ୍ତି। ଯେତେ ଆଇନ କାନୁନ ହେଲେ ମଧ୍ୟ ନିର୍ଯାତନା ଓ ଉତ୍ପୀଡ଼ନ ଅଭେଦ୍ୟ ବଳୟ ଭିତରେ କାୟାବିସ୍ତାର କରିଚାଲିଛି। ଏହାର ଦୀର୍ଘସ୍ଥାୟୀ ସମାଧାନର ବାଟ ବାହାର କରିବାର ସମୟ ଏବେ ଆସିଛି। ହେଲେ ଏଠାରେ ଏକ ବଡ଼ ପ୍ରଶ୍ନ ସମାହିତ ହୋଇଛି ଯେ, ପ୍ରକୃତରେ ଏଥିପାଇଁ ଦୋଷୀ କିଏ?

### ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ

ଶିକ୍ଷାନୁଷ୍ଠାନରେ ରାଗିଂ କମିଟି, ସେକ୍ସୁଆଲ ହାରାସମେଣ୍ଟ କମିଟି ଆଦି ରହିଛି। ଏବିଷୟରେ ଅନୁଷ୍ଠାନର ମୁଖ୍ୟ ଗୁରୁତ୍ୱ ଦେବା କଥା। ଅନୁଷ୍ଠାନରେ କୌଣସିପ୍ରକାର ଦୋଷଭାବ, ନିର୍ଯାତନା, ପ୍ରତାରଣା ଆଦି ନ ହେଉ। କାରଣ କେଉଁ ପରିସ୍ଥିତିରେ କିଏ ଆତ୍ମହତ୍ୟା କରିଦେବ କାହା କହିହେବ ନାହିଁ। ସୌମ୍ୟାଶ୍ରୀଙ୍କ ବିଷୟରେ ପୂର୍ବରୁ କଲେ ଅଧ୍ୟକ୍ଷ, ରାଜନେତାମାନେ ମଧ୍ୟ ଜାଣିଥିଲେ ହେଲେ କେହି କାର୍ଯ୍ୟାନୁଷ୍ଠାନ ନେଲେନି। ତେଣୁ କେଉଁଠି ନା କେଉଁ ମାନସିକ ଚାପରେ ରହି ସେ ଏଭଳି ନିଷ୍ପତ୍ତି ନେଇଛି। ପ୍ରଥମତଃ ପ୍ରିନ୍ସିପାଲଙ୍କ ଅବହେଳା ରହିଛି। ଦ୍ୱିତୀୟରେ ରାଜନେତାମାନେ ସାଧାରଣ ଲୋକଙ୍କୁ ସାହାଯ୍ୟ କରିବାରେ ସକ୍ଷମ ନୁହଁନ୍ତି। କେବଳ ଭାଷଣ ଦେଲେ କେହି ରାଜନେତା ହୋଇଯାଆନ୍ତି ନାହିଁ ବରଂ ନିଜର ଦାୟିତ୍ୱବୋଧ ରହିବା ଉଚିତ୍। ତେଣୁ ସରକାରଙ୍କ ପାଇଁ ଏହା ଏକ ଉଦାହରଣ। ଯେପରି ଆଗକୁ ଏହାର ପୁନରାବୃତ୍ତି ନ ଘଟୁ ସେଥିପାଇଁ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

-ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର

### ବାରମ୍ବାର ନିରାଶ ପରେ ଚରମ ନିଷ୍ପତ୍ତି

ଏଘଟଣା ସମ୍ପର୍କରେ ମୁଁ ଗଣମାଧ୍ୟମରୁ ଦେଖିବାକୁ ପାଇଥିଲି। ଛାତ୍ରୀ ଜଣକ ଯେଉଁଦିନରୁ ଏ ବାବଦରେ ଅଭିଯୋଗ କରିଥିଲେ, ଯଦି ତୁରନ୍ତ ଗୁରୁତ୍ୱ ଦିଆଯାଇ ଥାନ୍ତା ତେବେ ହୁଏତ ଆଜି ଏଭଳି ପରିସ୍ଥିତି ଉପୁଜି ନ ଥାନ୍ତା। କୌଣସି ଶିକ୍ଷାନୁଷ୍ଠାନ ହେଉ ଅବା କର୍ମକ୍ଷେତ୍ରରେ ସେକ୍ସୁଆଲ ହାରାସମେଣ୍ଟର ଅଭିଯୋଗ ଆସିଛି ତୁରନ୍ତ ଆଇସିସି ଏହାକୁ ଗୁରୁତ୍ୱ ଦେଇ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ଦେବା କଥା। ଉପରିସ୍ଥ ଅଧିକାରୀ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାକଥା। କାରଣ ଏହା ଏକ ସମ୍ବେଦନଶୀଳ ଘଟଣା। ଏହାକୁ କେହି ବି ସହଜରେ ନେବା କଥା ନୁହେଁ। କାରଣ ଏହାଦ୍ୱାରା ପୀଡ଼ିତା ମାନସିକ ଭାବେ ଆଘାତ ପାଇଥାଏ। ବାରମ୍ବାର ନିରାଶ ହେବା ପରେ ସେ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଛି। ତେଣୁ ପ୍ରାଥମିକ ସ୍ତରରେ ଏହାର ସମାଧାନ କରାଯିବା କଥା।

-ମିନତୀ ବେହେରା, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା

### ସରକାରୀ ବ୍ୟବସ୍ଥା ହିଁ ସମ୍ପୂର୍ଣ୍ଣ ଦାୟୀ

ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପାଇଁ ପୂରା ସରକାରୀ ବ୍ୟବସ୍ଥା ଦାୟୀ। ଜଣେ ଛାତ୍ରୀ ନିର୍ଯାତିତ ହୋଇ ସରକାରଙ୍କଠାରୁ ନ୍ୟାୟ ଭିକ୍ଷା କରିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ସରକାରଙ୍କୁ ମଧ୍ୟ ଅବଗତ କରିବା ପରେ ଯଦି ନ୍ୟାୟ ପାଇପାରୁ ନାହାନ୍ତି ତାହାଲେ ଏଭଳି ସରକାରଠାରୁ ଆଉ କ'ଣ ଆଶା କରିପାରିବା। ତେଣୁ ଲୋକେ ବୁଝନ୍ତୁ ଏ ସରକାର ପରିବର୍ତ୍ତନ ପାଇଁ ଲୋକେ ନିଷ୍ପତ୍ତି ନିଅନ୍ତୁ।

-ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ବିଧାୟକ

### ପ୍ରଥମେ କଲେଜ କର୍ତ୍ତୃପକ୍ଷ ଦାୟୀ

ଏହି ଘଟଣା ପାଇଁ ପ୍ରଥମେ କଲେଜ କର୍ତ୍ତୃପକ୍ଷ ଦାୟୀ, କାରଣ ଛାତ୍ରୀ ଜଣକ ପ୍ରଥମେ ଏବିଷୟରେ ତାଙ୍କୁ ଅବଗତ କରିଥିଲେ। ବିଶାଖା ଗାଇଲାଇନ୍ ଅନୁସାରେ ଆସଇସିସି କମିଟିକୁ ଆସୁଥିବା ଅଭିଯୋଗ ୨୪ରୁ ୪୮ ଘଣ୍ଟା ଭିତରେ ସମାଧାନ କରାଯାଏ। ହେଲେ ଏହି ଘଟଣାରେ ସପ୍ତାହେ ପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଦ୍ୱିତୀୟରେ ସାଂସଦଙ୍କୁ ଜଣାଇବା ପରେ ସାଂସଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ପରେ କାହାର ଚାପ ଯୋଗୁଁ କର୍ତ୍ତୃପକ୍ଷ ଚୁପ୍ ବସିଥିଲେ ତାହାର ତଦନ୍ତ ହେଉ। ଏବିବିପି ବିଜେପିର ଏକ ୱିଙ୍ଗ୍। ଏବିଷୟରେ ସଂଗଠନର ସମଦସ୍ୟମାନେ ଭଲ ଭାବେ ଜାଣିଥିଲେ ଏବଂ ସିଏମଓ, ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ମଧ୍ୟ ଛାତ୍ରୀ ଟ୍ୱିଟ ଯୋଗେ ଜଣାଇଥିଲେ। ନ୍ୟାୟ ନମିଳିଲେ ଆତ୍ମାହୁତି ଦେବା କଥା ସେ ଲେଟର ପ୍ୟାଡ୍‌ରେ ଲେଖିଥିଲା। ସବୁଆଡୁ ନିରାଶ ହେବା ପରେ ଶେଷରେ ଜୀବନ ହାରିବାକୁ ବାଧ ହେଲେ। ତେବେ ଘଟଣା ସ୍ଥଳରେ ପେଟ୍ରୋଲ କେଉଁଠୁ ଆସିଲା, ତାଙ୍କ ସାଙ୍ଗରେ କିଏ ଥିଲେ ଆଦି ବିଭିନ୍ନ ଦିଗ ପ୍ରତି ତଦନ୍ତ କରାଯିବା ଉଚିତ୍।

-ଲୋରା ମହାପାତ୍ର, ସାମାଜିକ କର୍ମୀ

### ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

ଏହି ଘଟଣା ସାରା ରାଜ୍ୟରେ ମହିଳା ସୁରକ୍ଷାକୁ ନେଇ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିବାର ଲୋକେ କଲେଜ କର୍ତ୍ତୃପକ୍ଷ ହୁଅନ୍ତୁ ଅବା ଅଧ୍ୟାପଙ୍କ ଭରସାରେ ପିଲାମାନଙ୍କୁ ଶିକ୍ଷାନୁଷ୍ଠାନକୁ ପଠାଉଛନ୍ତି। ଯଦି ଗୁରୁମାନେ ସେମାନଙ୍କ ସୁରକ୍ଷା ଦିଗରେ ପ୍ରତିବନ୍ଧକ ସାଜିବେ ତେବେ ଏହାଠାରୁ ଲଜ୍ଜାଜନକ କିଛି ନାହିଁ। ଯେଉଁମାନେ ଜୀବନର ଗାର୍ମଦର୍ଶନ ଦେବାକଥା ସେମାନଙ୍କ ନର୍ଯାତନା ଏତେ ବଢ଼ିଗଲା ଯେ, ଶେଷରେ ଛାତ୍ରୀ ଶିକ୍ଷାନୁଷ୍ଠାନ ପରିସରରେ ହିଁ ଆତ୍ମାହୁତି ଦେବାକୁ ପଛାଇଲାନାହିଁ। ନ୍ୟାୟ ନପାଇ ସମସ୍ତଙ୍କ ପାଖରେ ନିଜର ଅଭିଯୋଗ କରି ଶେଷରେ ହାରିଗଲା। ଏହି ଘଟଣା କେବଳ ସମାଜକୁ ନୁହେଁ ବରଂ ସରକାର, ଆଇନ ବ୍ୟବସ୍ଥା, ପ୍ରଶାସନକୁ ଯେଉଁ ବଳିଷ୍ଠ ବାର୍ତ୍ତା ଦେଇଗଲା ତାହାକୁ ବୁଝିବା ଆବଶ୍ୟକ। କୌଣସି ଜିନିଷକୁ ଖାମଖିଆଲି ଭାବେ ନେବା ବହୁତ ମହଙ୍ଗା ପଡ଼ିଯାଏ।

-କାଦମ୍ବିନୀ ସାମଲ, ଆଇନଜୀବୀ

### ଖସିଯିବାକୁ ଚେଷ୍ଟା କରୁଛନ୍ତି ସରକାର

ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ସରକାର ସମ୍ପୂର୍ଣ୍ଣ ଭାବେ ଦାୟୀ। କଲେଜରେ ପାଠ ପଢ଼ିବା ବେଳ ଶାରୀରିକ ମାନସିକ କଷ୍ଟ ପାଇ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା। ଏଥିସହ ସାମାଜିକ ଗଣମାଧ୍ୟମ (ଏକ୍ସ) ରେ ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଜଣାଇବା ପରେ ବି କିଛି ସୁଫଳ ପାଇ ନ ଥିଲେ। ଯଦି ରାଜ୍ୟ ସରକାର ସାମାଜିକ ଗଣମାଧରେ ଆସୁଥିବା ଅଭିଯୋଗର ତର୍ଜମା କରି ଆକ୍ସନ ନେଇଥାନ୍ତେ ତେବେ ଆଜି ସୌମ୍ୟାଶ୍ରୀ ଆମ ପାଖରେ ଥାଆନ୍ତା। ସରକାର୍ କେବଳ ଆର୍ଥିକ ସହାୟତା ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଆଶା କରେ କି ଆଗମୀ ଦିନରେ ସାମାଜିକ ଗଣମାଧ୍ୟମ ତଥା 'ଏକ୍ସ' ରେ ଆସୁଥିବା ଅଭିଯୋଗ ପ୍ରତି ସଜାଗ ହେବେ ରାଜ୍ୟ ସରକାର।

-ଦେବରାଜ ଦାସ, ସମାଜ ସେବୀ ଓ ଟ୍ୱିଟର କର୍ମୀ

### ଦାୟିତ୍ୱହୀନତା ଓ ଘୃଣ୍ୟ ମାନସିକତା ଦାୟୀ

ଏଫ୍‌ଏମ୍ ଛାତ୍ରୀ ସୌମ୍ୟଶ୍ରୀଙ୍କ ଅକାଳ ବିୟୋଗ ପାଇଁ ରାଜ୍ୟ ସରକାର, ବିଭାଗୀୟ ମନ୍ତ୍ରୀ, ସ୍ଥାନୀୟ ସାଂସଦ ଓ ବିଧାୟକ ଦାୟୀ। ସମ୍ପୃକ୍ତ କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱହୀନତା ଓ ଅଧ୍ୟାପକଙ୍କ ଘୃଣ୍ୟ ମାନସିକତା ଜଣେ ଛାତ୍ରୀର ଜୀବନ ନେଇଗଲା। ସେମାନଙ୍କ ବିରୋଧରେ କଠୋରରୁ କଠୋର ଦଣ୍ଡ ବିଧାନ କରାଯାଉ। ଘଟଣାର ବିଚାର ବିଭାଗୀୟ ତଦନ୍ତ ସହିତ ଦାୟିତ୍ୱହୀନତା ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛୁ। ଅନ୍ୟପକ୍ଷରେ ଶିକ୍ଷାନୁଷ୍ଠାନ ଭିତରେ ପେଟ୍ରୋଲ ଓ ଦିଆସିଲି କେଉଁଠୁ ଆସିଲା, ସୌମ୍ୟଶ୍ରୀଙ୍କୁ ଆତ୍ମହତ୍ୟା ପାଇଁ କିଏ ପ୍ରବର୍ତ୍ତାଇଥିଲା, ତାହାର ତଦନ୍ତ କରାଯାଇ ଏଭଳି ଘୃଣ୍ୟ କାର୍ଯ୍ୟ ପାଇଁ ସେମାନଙ୍କ ବିରୋଧରେ ବି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ସୌମ୍ୟଶ୍ରୀ ସହ ଜଡ଼ିତ ଥିବା ଶାସକ ଦଳର ଛାତ୍ର ସଂଗଠନ ଏବିଭିପି କର୍ମକର୍ତ୍ତାମାନଙ୍କ କାର୍ଯ୍ୟକଳା ତଦନ୍ତ ପରିସରଭୁକ୍ତ ହେବା ଉଚିତ। ଏହି ଘଟଣାର ନିରପେକ୍ଷ ତଦନ୍ତ କରି ରାଜ୍ୟ ସରକାର ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ।

-ଜ୍ୟୋତି ରଞ୍ଜନ ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ, ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ









## ସୋସିଆଲ ମିଡିଆରେ ଅଭିଯୋଗକୁ ଅଣଦେଖା

# ନ୍ୟାୟ ଅପେକ୍ଷାରେ ଅନେକ ସୌମ୍ୟାଶ୍ରୀ

- ଅନେକ ଅଭିଯୋଗ ପରେ ବି ମିଳୁନି ନ୍ୟାୟ
- ଅଭିଯୋଗ କଲେ ଗାଲେଇ ଯାଉଛି ପୁଲିସ
- 'ଏକ୍ସ'ରେ ବିଭାଗୀୟ ପ୍ରଶଂସା ଓ ପର୍ବପର୍ବାଣୀ ଅଭିନନ୍ଦନ

ଭୁବନେଶ୍ୱର, ୧୫।୭(ସମିସ): ସାରା ଦେଶରେ ଡିଜିଟାଲ ଇଣ୍ଡିଆ'ର ନାରା ଦିଆଯାଉଥିବା ବେଳେ ଏକପ୍ରକାର ପଛରେ ପଡ଼ିଛି ଓଡ଼ିଶା ପୁଲିସ। କାରଣ ଅନ୍ୟ ରାଜ୍ୟ ପୁଲିସର ସୋସିଆଲ ମିଡ଼ିଆ ଟିମ୍ ମଜଭୁତ ରହିଛି। ପ୍ରତିଦିନ ଏଥିରେ ଲୋକଙ୍କୁ ସଚେତନ କରିବା ଏବଂ ଆସୁଥିବା ଅଭିଯୋଗକୁ ଗୁରୁତ୍ୱ ଦିଆଯାଉଛି। ଆହୁରି ମଧ୍ୟ ଅପରାଧର ଶିକାର ହେଲେ ଅଭିଯୋଗ କରିବାକୁ ମଧ୍ୟ କୁଆଯାଉଛି। କିନ୍ତୁ ଆମ କମିଶନରେଟ୍ ପୁଲିସ ସୋସିଆଲ ମିଡ଼ିଆରେ ପଛରେ ପଡ଼ିଛି। କାରଣ ଯଦି କେହି ଠକାମି କିମ୍ବା ଅପରାଧର ଶିକାର ହୁଅନ୍ତି, ସେମାନେ ସୋସିଆଲ ମିଡ଼ିଆରେ ଅଭିଯୋଗ କଲେ ପୁଲିସ ଶୁଣୁ ନ ଥିବା ଅଭିଯୋଗ ହେଉଛି। ବରଂ ଜାଣିଶୁଣି ଏହାକୁ ଦେଖି ଏଡାଇ ଦିଆଯାଉଛି। ବଡ଼କଥା ହେଲା ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେଭଳି ନିଜର ନିର୍ଯାତନାର ଅଭିଯୋଗ କଲେଜ କର୍ତ୍ତୃପକ୍ଷଙ୍କୁ କରିଥିଲେ। ସେମାନେ ନ ଶୁଣିବାରୁ ପ୍ରଶାସନ ଏବଂ ସରକାରୀଙ୍କୁ 'ଏକ୍ସ'(ପୂର୍ବରୁ ଟ୍ୱିଟ୍)ରେ ଲେଖି ଜଣାଇଥିଲେ। ହେଲେ କେହି ତାଙ୍କୁ ଏହି ଅଭିଯୋଗକୁ ଶୁଣିନଥିଲେ। ସମସ୍ତେ ସୋସିଆଲ ମିଡି÷ଆ ଟିମ୍ ରଖିଥିଲେ ମଧ୍ୟ ଜାଣିଶୁଣି ଏହାକୁ ଦେଖି ଗାଲେଇ ଯାଇଥିଲେ। ସେହିପରି କମିସନରେଟ୍ ପୁଲିସର ଏକାଧିକ ସୋସିଆଲ ମିଡ଼ିଆ ଆକାଉଣ୍ଟ ରହିଛି। ଏପରିକି ଏହାକୁ ଚଲାଇବାକୁ ଏକ ଟିମ୍ ମଧ୍ୟ ରହିଛି। କିନ୍ତୁ ଏହି ଟିମ୍ ଏବେ ଠିକ୍ ଢଙ୍ଗରେ କାମ କରୁନି। ଯେଉଁମାନେ ଅପରାଧର ଶିକାର ହୋଇ ଅଭିଯୋଗ କରୁଛନ୍ତି ବା ଏକ୍ସ'ରେ ଟ୍ୟାଗ୍ କରି ଜଣାଉଛନ୍ତି। ସେହି ଅଭିଯୋଗରୁ ଗୁରୁତ୍ୱ ଦିଆଯାଉନି କି ଉପରିସ୍ଥ ଅଧିକାରୀଙ୍କୁ ସେମାନଙ୍କ ଟିମ୍ ଜଣାଉନାହାନ୍ତି। ଫଳରେ ଉକ୍ତ ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ହେଉନି। କି ପୁଲିସ ଅଭିଯୋଗ କରିଥିବା ବ୍ୟକ୍ତି କିମ୍ବା ମହିଳାଙ୍କୁ ଯୋଗାଯୋଗ କରୁନି। ଫଳରେ ସୌମ୍ୟାଶ୍ରୀ ଭଳି ଅନେକ ଛାତ୍ରୀ ଏବଂ ମହିଳାମାନେ ନ୍ୟାୟ ପାଇପାରୁ ନାହାନ୍ତି।

କମିସନରେଟ୍ ପୁଲିସ ଏବଂ ଓଡ଼ିଶା ପୁଲିସର ଏକ୍ସରେ ଆକାଉଣ୍ଟ ରହିଛି। କିନ୍ତୁ ଏଥିରେ କେବଳ ପର୍ବପର୍ବାଣୀରେ ଅଭିନନ୍ଦନ ଜଣାଯାଉଛି। ଲୋକଙ୍କୁ ନା ତଥ୍ୟ ଦିଆଯାଉନି, ନା ଅପରାଧରୁ ବର୍ତ୍ତିବା ପାଇଁ ସଚେତନ କରାଯାଉଛି। ଦୁଇ ମାସରୁ ୩ମାସ ପରେ ଏହାକୁ ଅପଡେଟ୍ କରାଯାଉଛି। ଲୋକେ ନିଜର ଅଭିଯୋଗକୁ ଟ୍ୟାଗ୍ କଲେ ମଧ୍ୟ ଶୁଣାଯାଉନି। ସେହିବାଟରେ ମଧ୍ୟ କମିସନରେଟ୍ ପୁଲିସ ଯାଉଛି। ସେମାନେ ମଧ୍ୟ ଖବର କାଗଜରେ ବାହାରୁ ଥିବା ନିଜ ପ୍ରଶଂସା ପୋଷ୍ଟ କରୁଥିବା ବେଳେ ତଥ୍ୟ ନାହିଁ। ୨ରୁ ୩ମାସରେ ଥରେ ଏହାକୁ ଅପ୍‌ଡେଟ୍ କରାଯାଉଛି। ଓଡ଼ିଶା ଡିଜିପି ଆକାଉଣ୍ଟ ହେଉ ଅବା କମିସନରେଟ୍ ପୁଲିସର ଆକାଉଣ୍ଟ ହେଉ, ଏହାକୁ ଲକ୍ଷାଧିକ ଲୋକ ଫଲୋ କରୁଥିଲେ ମଧ୍ୟ ସେମାନେ କିଛିବି ସୂଚନା ପାଇ ପାରୁନାହାନ୍ତି।

### ୟ୍ୟୁଟ୍ୟୁବ୍‌ରେ ଆକାଉଣ୍ଟରେ ପକାଯାଉନି ଭିଡିଓ

କମିଶନରେଟ୍ ପୁଲିସ ଏବେ ଅନ୍ୟ ବଡ଼ ବଡ଼ ସହର ପୁଲିସ ଅପେକ୍ଷା ଢେର ପଛରେ ପଡ଼ିଛି। କାରଣ ଅନ୍ୟ ରାଜ୍ୟ ପୁଲିସ ସୋସିଆଲ ମିଡ଼ିଆ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏଥିରେ ଲୋକଙ୍କୁ ସୂଚନା ଦେବା ସହ ଅଭିଯୋଗ ହେଲେ ଏହାକୁ ତୁରନ୍ତ ଗ୍ରହଣ କରାଯାଉଛି। ଅଭିଯୋଗ କରିଥିବା ଲୋକଙ୍କ ସହ ଯୋଗାଯୋଗ କରିବା ସହ ଅଭିଯୋଗ ଆଧାରରେ ପଦେକ୍ଷପ ନିଆଯାଉଛି। ଏପରିକି ସବୁ ଥାନାର ସୋସିଆଲ ମିଡ଼ିଆରେ ଆକାଉଣ୍ଟ ରହିଛି। ଏଥିରେ ମଧ୍ୟ ଥାନା ଅଧିକାରୀ ସମସ୍ତ ତଥ୍ୟ ଏବଂ ଥାନା ଅଞ୍ଚଳରେ ହେଉଥିବା ଚୋରିରୁ ବର୍ତ୍ତିବା ଏବଂ ଠକେଇ ବର୍ତ୍ତିବା ସମ୍ପର୍କରେ ସଚେତନ କରନ୍ତି। କିନ୍ତୁ କମିଶନରେଟ୍ ପୁଲିସ ସ୍ମାର୍ଟ ହେଲେ ମଧ୍ୟ ସୋସିଆଲ ମିଡ଼ିଆରେ ପଛରେ। କମିସନରେଟ୍ ପୁଲିସର ୟ୍ୟୁଟ୍ୟୁବ୍ ଆକାଉଣ୍ଟ ଥିଲେ ମଧ୍ୟ ଏଥିରେ ସଚେତନ ଭିଡ଼ିଓ ଛଡ଼ାଯାଉନି। ଝାଡ଼ଖଣ୍ଡ, ଛତିଶଗଡ଼, ଦିଲ୍ଲୀ ଭଳି ବଡ଼ ବଡ଼ ସହର ପୁଲିସର ୟ୍ୟୁଟ୍ୟୁବ୍‌ରେ ଅପରାଧରୁ ବର୍ତ୍ତିବା ଏକାଧିକ ଭିଡ଼ିଓ ପୋଷ୍ଟ କରାଯାଉଥିବା ବେଳେ କମିସନରେଟ୍ ପୁଲିସର ନାହିଁ।

### ସିସିଟିଏନ୍‌ଏସ୍'ରେ ଅଭିଯୋଗ ଜାଣିନାହାନ୍ତି

ସ୍ମାର୍ଟ ଯୁଗରେ ଏବେ ଛୋଟଠୁ ବଡ଼ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ବିଶେଷ କରି ସୋସିଆଲ ମିଡ଼ିଆ ଅଧିକ ବ୍ୟବହାର କରାଯାଉଛି। ଲୋକଙ୍କ ସହିତ କିଛି ଅଘଟଣ କିମ୍ବା ଅପରାଧ ହେଲେ ସେମାନେ ଏଥିରେ ଅଭିଯୋଗ କରୁଛନ୍ତି। ହେଲେ ସେମାନେ ଏହି ସିସିଟିଏନ୍‌ଏସ୍ ବିଷୟରେ କିଭଳି ଜାଣିବେ। ଏହାକୁ ଖୋଲିଲେ କିପରି ଅଭିଯୋଗ କରିବେ। ସେ ବିଷୟରେ କିଛିବି ଜାଣି ନାହାନ୍ତି ସାଧାରଣ ଲୋକ। ତେଣୁ ପୁଲିସ ସୋସିଆଲ ମିଡ଼ିଆ ଟିମ୍‌କୁ ଅଧିକ ସୁଦୃଢ କଲେ ଲୋକ ସଠିକ୍ ସମୟରେ ନ୍ୟାୟ ପାଇବେ ବୋଲି ଏକାଧିକ ଆଇନ୍‌ଜୀବୀ ସୂଚନା ଦେଇଛନ୍ତି।

### ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟଣା

# ଏସ୍‌ୟୁସିଆଇ ପକ୍ଷରୁ ଶୋଭାଯାତ୍ରା, ଶ୍ରଦ୍ଧାଞ୍ଜଳି ସଭା

ଅନୁଗୋଳ, ୧୫।୭ (ସମିସ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନ୍ୟାୟ, ପ୍ରିୟାପ୍ରିତି ଓ ନିର୍ଯାତନା ବିରୁଦ୍ଧରେ ଦୀର୍ଘଦିନ ଧରି ଦୃଢ଼ ପ୍ରତିବାଦ କରିଆସିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇବାରେ ନିରାଶ ହୋଇ ଆତ୍ମାହୁତି ଉଦ୍ୟମ କରି ଗତକାଲି ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଦୁଃଖଦ ମୃତ୍ୟୁ ଘଟିଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗର ଅବ୍ୟବସ୍ଥା ବିରୁଦ୍ଧରେ ପ୍ରତିବାଦ କରି ଦୁଃଖଦ ମୃତ୍ୟୁବରଣ କରିଥିବା ଛାତ୍ରୀ ସୌମ୍ୟାଶ୍ରୀଙ୍କ ବିୟୋଗରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ଆଜି ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୁଳ ଜିଲ୍ଲା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କର୍ମୀଙ୍କ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି ସ୍ଥାନୀୟ ଅମଲାପଡ଼ା ଛକରୁ ଶୋକ ଶୋଭାଯାତ୍ରାରେ ଆସି ଥାନାଛକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ସହରର ବିଶିଷ୍ଟ ବୁଦ୍ଧିଜୀବୀ, ବ୍ୟବସାୟୀ, ସାଧାରଣ ନାଗରିକ,




କଲେଜର ଛାତ୍ରଛାତ୍ରୀ ଯୋଗଦେଇ ମୃତ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ ଛାତ୍ରୀଙ୍କ ପରିବାରକୁ ଅବିଳମ୍ବେ ୧କୋଟି ଟଙ୍କାର ସହାୟତା ଯୋଗାଇଦେବା, ଏହିଭଳି ଅମାନବୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା ଦୀର୍ଘମାସ ଧରି ପୀଡ଼ିତା ଛାତ୍ରୀଙ୍କୁ ଯୌନ ନିର୍ଯାତନା, ମାନସିକ ନିର୍ଯାତନା ଏବଂ ଏକାଡେମିକ ହାରାସମେଣ୍ଟର ଅଭିଯୋଗକୁ କର୍ଣ୍ଣପାତ କରିନଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଏହିଭଳି ସମ୍ବେଦନଶୀଳ ଦୁଃଖଦାୟକ ଘଟଣାର ସମସ୍ତ ନୈତିକ ଦାୟିତ୍ୱ ବହନ କରି ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଅବିଳମ୍ବେ ଇସ୍ତଫା ପ୍ରଦାନ କରିବା, ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟ ଭିତରେ ଏବଂ ବାହାରେ ଛାତ୍ରୀମାନଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ଓ ଏକାଡେମିକ ହାରାସମେଣ୍ଟର ଭୟଭିତି ସଂସ୍କୃତି ବନ୍ଦ କରିବା ଏବଂ ଛାତ୍ରୀମାନଙ୍କୁ ସମସ୍ତ ପ୍ରକାର ନିରାପତ୍ତା ଯୋଗାଇଦେବା ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ୧୭ ଜୁଲାଇରେ ସାରା ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଶୋକ ଶୋଭାଯାତ୍ରା ଏବଂ ଶ୍ରଦ୍ଧାଞ୍ଜଳି ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ବ୍ରଜବନ୍ଧୁ ସାହୁ, କେଦାରନାଥ ସାହୁ, ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ, ସରୋଜିନୀ ନାୟକ, ମାନସୀ ସ୍ୱାଇଁ, କୈଳାସ ସାହୁ, ରଣଜିତ ପ୍ରଧାନ, ସହରର ବିଶିଷ୍ଟ ବୁଦ୍ଧିଜୀବୀ ପ୍ରଦୀପ ପ୍ରଧାନ, ଅକ୍ଷୟ କୁମାର ବାରିକ, କାଳୀଚରଣ ପ୍ରଧାନ ଉପସ୍ଥିତ ଥିଲେ।

## ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ବଇଣ୍ଡା, ୧୫।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଏବେ ଅନେକ ସମସ୍ୟା ଲାଗି ରହିଛି। ସେଗୁଡ଼ିକ ସମାଧାନ କରାଯାଉ ନାହିଁ। ଫଳରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାଗୁଡ଼ିକ ସମାଧାନ କରିବା ପାଇଁ ବିଜେପି ଯୁବନେତା ରାଜେନ୍ଦ୍ର ସାହୁ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟୀ ସ୍ଥଳ ଭାବରେ ପରିଚିତ ଏହି ଅଞ୍ଚଳରେ ଏବେ ଅନେକ ସମସ୍ୟା ଲାଗି ରହିଛି। ବିଶେଷ କରି ବଇଣ୍ଡାରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହେଉନାହିଁ। ଯାହାକି ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରି ରାସ୍ତାକଡ଼ରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହେଉଛନ୍ତି। ସେହିପରି ଅଞ୍ଚଳରେ ଥିବା ବଇଣ୍ଡା ପୂର୍ତ୍ତ ବିଭାଗର ଡାକବଙ୍ଗଳା ନିର୍ମାଣ କରାଯାଉ ନାହିଁ। ଯାହାଫଳରେ ଭିଆଇପିମାନେ ଆସିଲେ ବଇଣ୍ଡା ବଦଳରେ ନାକିଚିରେ ଥିବା ବଙ୍ଗଳା ଉପରେ ଭରସା କରୁଛନ୍ତି। ଅଗ୍ନିଶମ ନିର୍ମାଣ ପାଇଁ ପୂର୍ବରୁ ସରକାର ଘୋଷଣା କରିଥିଲେ ମଧ୍ୟ ନିର୍ମାଣ କରାଯାଇ ନାହିଁ। ଫଳରେ ଏହି ଅଞ୍ଚଳବାସୀ ୩୬ କିମି ଦୂର ବାମୁର ଅଗ୍ନିଶମ ବିଭାଗ ଉପରେ ନିର୍ଭର କରୁଛନ୍ତି। ଅଞ୍ଚଳରେ ଅଏଲ ଲାଇନ ଯାଇଥିବା ବେଳେ କୌଣସି ଦୁର୍ଘଟଣା ଘଟିଲେ ୩୬ କିମି ଉପରେ ଭରସା କରିବାକୁ ପଡ଼ିବ। ସେହିପରି ନୁନୁକାପଶିରେ ଶ୍ମଶାନ ନଥିବା ଯୋଗୁଁ ମୃତଶରୀରକୁ ୪ କିମି କଦଳୀମୁଣ୍ଡା ଶ୍ମଶାନକୁ ପୋଡ଼ିବା ପାଇଁ ନିଆଯାଉଛି। ଯାହାକି ଅଞ୍ଚଳବାସୀ ହଇରାଣ ହେଉଛନ୍ତି। ବଇଣ୍ଡାରେ ଥିବା ସାପ୍ତାହିକ ହାଟକୁ ନିର୍ମାଣ ହୋଇଥିବା କଂକ୍ରିଟ ରାସ୍ତା କାମ ୪ ବର୍ଷ ହେବ ସରିଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହି ବିଲ୍‌କୁ ମଞ୍ଜୁର କରୁ ନାହାନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି।

## ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟିର ବୈଠକ



ନାଲକୋ ନଗର, ୧୫।୭ (ସମିସ): ଅନୁଗୋଳର ନଗର ସରକାରୀ ଭାଷା କାର୍ଯ୍ୟାନ୍ୱୟନ କମିଟିର ୪୬ତମ ବୈଠକ ନାଲକୋ ଏସ୍ ଆଣ୍ଡ ପି କମ୍ପ୍ଲେକ୍ସରେ ନାଲକୋ ଇଡିଏନ ଏନଏସ ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ପ୍ରାୟ ୪୨ଟି ସରକାରୀ ଅନୁଷ୍ଠାନ, ରାଷ୍ଟ୍ରୟତ କମ୍ପାନୀ, ଉପକ୍ରମ, ଆଞ୍ଚଳିକ ଅଫିସ, ବିଭିନ୍ନ ଓ କଲେଜର ଅଧିକାରୀମାନେ ଯୋଗଦେଇଥିଲେ। ବିଚିତ୍ର ସେନ, ଉପନିର୍ଦ୍ଦେଶକ (କାର୍ଯ୍ୟାନ୍ୱୟନ), ପୂର୍ବାଞ୍ଚଳ, ରାଜଭାଷା ବିଭାଗ, ଗୃହ ମନ୍ତ୍ରାଳୟ, ଭାରତ ସରକାରଙ୍କ ତରଫରୁ ବୈଠକରେ ଯୋଗଦେଇ ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାରେ ହିନ୍ଦୀ ଭାଷାର କାର୍ଯ୍ୟକାରିତା ଦିଗରେ ସମୀକ୍ଷା କରିବା ସହ ବିଭିନ୍ନ ଦିଗରେ ପରାମର୍ଶ ଦେଇଥିଲେ। ବୈଠକରେ ଜିଜିଏମ (ମାନବ ସମ୍ବଳ ଓ ପ୍ରଶାସନିକ) ସୁନୀଲ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟାନ୍ୱୟନ କମିଟି ମେମ୍ବର ସେକ୍ରେଟାରୀ ତଥା ନାଲକୋ ଅନଗୁଳର ରାଜଭାଷା ଅଧିକାରୀ ପବନ ତ୍ରିପାଠୀ ମିଟିଂକୁ ପରିଚାଳନା କରିଥିଲେ।

## ଓକିଲ ସଂଘ କାର୍ଯ୍ୟାଳୟର ଶୁଭ ଉନ୍ମୋଚନ

ଅନୁଗୋଳ, ୧୫।୭ (ସମିସ): ଅନୁଗୋଳ ଓକିଲ ସଂଘ କାର୍ଯ୍ୟାଳୟର ରୂପାନ୍ତରୀକରଣ, ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ତଥା ଆଲୋକୀକରଣ ସହ ଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଉନ୍ମୋଚନ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରାଙ୍କ ଦ୍ୱାରା ଉନ୍ମୋଚିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲ, ଉପସଭାପତି ପ୍ରତାପ କୁମାର ନାଏକ, ସାଧାରଣ ସମ୍ପାଦକ ଧ୍ରୁବଚରଣ ସାହୁ, ସହ ସମ୍ପାଦକ ପୁରୁଷୋତ୍ତମ ନାୟକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସେଠୀ, ସାଂସ୍କୃତିକ ସମ୍ପାଦକ ସୁଶ୍ରୀ ଜ୍ୟୋତ୍ସ୍ନାମୟୀ ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀ ସୁବାଷ ଚନ୍ଦ୍ର ମିଶ୍ର, ସୁବାସ ସାହୁ, ଦ୍ୱାରିକା ପ୍ରସାଦ ନନ୍ଦ, ଉଦୟ ଶଙ୍କର ମିଶ୍ର, ଦିଲ୍ଲୀପ ଦାସ, ଭୂପେଶ ଚନ୍ଦ୍ର ପ୍ରଧାନ, ତପନ କୁମାର ଦେହୁରୀ, ସୋମନାଥ ରାଉତ, ରଞ୍ଜନ ପାତ୍ର, ଦିଲ୍ଲୀପ କୁମାର ପ୍ରଧାନ, ହେମନ୍ତ କୁମାର ସାହୁ, ବିନୟ କୁମାର ପ୍ରଧାନ, ଚୌଧୁରୀ ପ୍ରଧାନ, ସୁଦୀପ୍ତ ସ୍ୱାଇଁ, ପାର୍ଥ ସାରଥୀ ପ୍ରଧାନ, ଗଣେଶ୍ୱର ଧଳ, ମମତା ପ୍ରଧାନ, ଆଶୀର୍ବାଦ ସାହୁ ପ୍ରମୁଖ ଆଇନଜୀବୀ ଯୋଗଦାନ କରିଥିଲେ।



## ହାତୀ ଉପଦ୍ରବ ପାଇଁ ଲୋକେ ଆତଙ୍କିତ

ବଇଣ୍ଡା, ୧୫।୭ (ସମିସ): କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜର ବିଡିସିଙ୍ଗ ଗ୍ରାମରେ ମଙ୍ଗଳବାର ଦିନ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ମାନେ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀମାନେ ନିକଟରେ ଥିବା ଜଙ୍ଗଲରୁ ଆସି ଗ୍ରାମର ଅରୁଣ ସାହୁ, ଅଲେଖ ସାହୁ, ଗୋବର୍ଦ୍ଧନ ସାହୁ, ଗିରିଧାରୀ ସାହୁଙ୍କର ବ୍ୟାପକ ଧାନ ତଳିକୁ ପାଦରେ ଦଳି ନଷ୍ଟ କରିଦେଇଛନ୍ତି। ସେହିପରି ଗ୍ରାମର ବିଭିନ୍ନ ପନିପରିବା କ୍ଷେତରେ ପଶି ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ହାତୀପଲ କିଛି ଦିନ ହେବ ନିକଟସ୍ଥ ଗ୍ରାମଗୁଡ଼ିକରେ ରହି ଫସଲ ନଷ୍ଟ କରୁଥିବା ବେଳେ ବନ ବିଭାଗ ପକ୍ଷରୁ ହାତୀକୁ ଘଉଡ଼ାଉ ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀମାନେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ଲକ୍ଷ୍ମୀପୂଜା କମିଟିର ବୈଠକ

ତାଳଚେରସଦର, ୧୫।୭ (ସମିସ): ତାଳଚେର ବ୍ଲକ କଳମଛୁଇଁ ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଦୋଳମଣ୍ଡପ ପଡ଼ିଆରେ ଅନୁଷ୍ଠିତ ହୋଇଛି। ବୈଠକରେ କଳମଛୁଇଁ କେନ୍ଦ୍ରୀୟ ଲକ୍ଷ୍ମୀପୂଜା କମିଟି ସଭାପତି ଗଗନ ବିହାରୀ ସାହୁ ଅଧ୍ୟକ୍ଷତା କରିଥିଲେ। ଗ୍ରାମର ୧୬ଟି ପୂଜା ମଣ୍ଡପର ସଭାପତି, ସମ୍ପାଦକ, ଶାନ୍ତି କମିଟି ସଦସ୍ୟଙ୍କ ସହ ଗ୍ରାମର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଚଳିତବର୍ଷ ଗଜଲକ୍ଷ୍ମୀ ପୂଜାକୁ ଅଧିକ ଆକର୍ଷଣୀୟ ତଥା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ନେଇ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ଆସନ୍ତା ଅକ୍ଟୋବର ୬ ତାରିଖରୁ ୯ ଦିନ ବ୍ୟାପୀ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହେବ। ୧୫ ତାରିଖ ଭସାଣି ଉତ୍ସବ ସମ୍ପନ୍ନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କଳମଛୁଇଁ ଦେଉଳଛକ ମେଳଣପଡ଼ିଆରେ ସମସ୍ତ ମେଢ଼ ୧୫ ତାରିଖ ଏକତ୍ରିତ ହୋଇ ଭସାଣି ନିମନ୍ତେ ପ୍ରସ୍ଥାନ କରିବେ ବୋଲି ସମସ୍ତେ ଏକମତ ହୋଇଥିଲେ। ଶେଷରେ ସମ୍ପାଦକ ହରେଶ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ ଡାକ ଅଧିକାରୀଙ୍କ ପରଲୋକ

କିଶୋରନଗର, ୧୫।୭ (ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମର ଅବସରପ୍ରାପ୍ତ ଡାକ ବିଭାଗ ଅଧିକାରୀ ଭୁବନାନନ୍ଦ ପ୍ରଧାନଙ୍କ ଆଜି ପରଲୋକ ଘଟିଛି। ଶ୍ରୀ ପ୍ରଧାନଙ୍କ ଆଜି ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ଗୁରୁତର ଅବସ୍ଥାରେ ଡାକ୍ତର ତାଙ୍କୁ ରେଢାଖୋଲ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ତାଙ୍କର ଅନ୍ତିମ ଶଯ୍ୟାରେ ବନ୍ଧୁ, ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ।

## ବର୍ଷାଋତୁରେ ଲୋକଙ୍କୁ ଚିନ୍ତାରେ ପକାଉଛି ହୋଟେଲର ବାସିଖାଦ୍ୟ

ତାଳଚେରସଦର, ୧୫।୭ (ସମିସ): ଦୂଷିତ ପାଇପ୍ ପାଣି, ହୋଟେଲ୍ ଫାଷ୍ଟଫୁଡ୍ ଓ ଅଧିକାଂଶ ମିଠା ଦୋକାନଗୁଡ଼ିକରେ ବାସିଖାଦ୍ୟ ଲୋକଙ୍କୁ ଚିନ୍ତାରେ ପକାଉଛି। ଏହାକୁ ଖାଇ ବହୁ ଲୋକ ପେଟରୋଗ ଓ ଚର୍ମରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ମଧ୍ୟ ରହିଛି। ମଶା, ମାଛି, ଡାଉଁଶ ବର୍ଷା ଦିନ ଆସିଲେ ଏମାନଙ୍କ ଦ୍ୱାରା ଝାଡ଼ାବାନ୍ତି ରୋଗ ବ୍ୟାପିଥାଏ। ଲୋକଙ୍କୁ ଯେପରି ବିଶୁଦ୍ଧ ପାଇପ୍ ପାଣି ପହଞ୍ଚି ପାରିବ ସେ ଦିଗରେ ପ୍ରଶାସନ ପକ୍ଷରୁ ତତ୍ପରତା ପାଇବା ଆବଶ୍ୟକ। ସେହିପରି ପ୍ରଶାସନିକସ୍ତରରେ ଏନେଇ ବୈଠକ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଦୋକାନ ବଜାରରେ ଗ୍ରାହକମାନଙ୍କୁ ପରସା ଯାଉଥିବା ବାସି ଖାଦ୍ୟ ଉପରେ କଡ଼ାକଡ଼ି ପଦକ୍ଷେପ ଗ୍ରହଣ କରାଯାଉ ନଚେତ୍ ହଇଜା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଘନଘନ ଚଢ଼ଉ କରାଯାଇ ବାସି ଓ ପଚାସଢ଼ା ଖାଦ୍ୟ, ପାନୀୟଜଳ, ପରିଷ୍କାର ପରିଚ୍ଛନ୍ନତା ଏପରିକି, ମାଛି ବସୁଥିବା ଖାଦ୍ୟ ଉପରେ ରୋକ ଲଗାଇବାର ଆବଶ୍ୟକତା ରହିଛି। କର୍ତ୍ତୃପକ୍ଷ ସେହିଭଳି ଆଖିଦୃଶିଆ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। କେତେକ ସ୍ଥାନରେ ରାସ୍ତା



ପାର୍ଶ୍ୱରେ ଫାଷ୍ଟଫୁଡ୍ ଦୋକାନ ଖୋଲି ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଖାଦ୍ୟକୁ ଆକର୍ଷିତ କରିବାକୁ ବିଭିନ୍ନ ରଙ୍ଗ ମିଶ୍ରଣ କରାଯାଉଥିବା ବେଳେ ବହୁ ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ବାସିଖାଦ୍ୟ ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ସେହିପରି କେତେକ ମିଠା ଦୋକାନରେ ଏହି ଘଟଣାମାନ ଦେଖିବାକୁ ମିଳୁଛି। ଫଳରେ ଲୋକମାନେ ଏହି ଖାଦ୍ୟଖାଇ ରୋଗାକ୍ରାନ୍ତ ହେବାର ଆଶଙ୍କା ଦୃଢ଼ୀଭୂତ କରୁଛି। ସରକାରୀ ନିୟମ ଅନୁଯାୟୀ, ମିଠା ପ୍ରସ୍ତୁତକାରୀ ସଂସ୍ଥା ମିଠାଗୁଡ଼ିକୁ ଯେଉଁ ପ୍ୟାକେଟରେ ରଖାଯାଉଛି ତା ଉପରେ ତାରିଖ ଏବଂ ବ୍ୟବହାରର ଶେଷଦିନ ଲେଖିବାର ନିୟମ ଥିଲେ ମଧ୍ୟ କେହି ନିୟମକୁ ପାଳନ କରୁନାହାନ୍ତି। ସେହିପରି ରାସ୍ତା ପାର୍ଶ୍ୱରେ ଥିବା କିଛି ଜଳଖିଆ ବ୍ୟବସାୟୀ ସକାଳର ଜଳଖିଆ ସନ୍ଧ୍ୟାରେ ଏବଂ ରାତିର ବଳକା ଜଳଖିଆ ସକାଳେ ବିକ୍ରୟ କରୁଥିବା ମଧ୍ୟ ଅଞ୍ଚଳବାସୀଙ୍କ ନିକଟରୁ ଶୁଣିବାକୁ ମିଳେ। ଠେଲାଗାଡ଼ି ଯୋଗେ ଚାର୍ଟ, ଗୁପଚୁପ୍, ଦହିବରା, ତେଲଭାଜି ବିଭିନ୍ନ ମନୋଲୋଭଣିଆ ବାସିଖାଦ୍ୟ ବିକ୍ରି କରାଯାଉଥିବା ମଧ୍ୟ କେତେକ ସମୟରେ ଅଭିଯୋଗ ହେଉଛି। ଖାଦ୍ୟ ସୁରକ୍ଷା ବିଭାଗ ବର୍ଷାଋତୁକୁ ଦୃଷ୍ଟି ଦେଇ ଦୃଢ଼କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାସିଖାଦ୍ୟ ବିକ୍ରୟ କରୁଥିବା ଦୋକାନୀଙ୍କ ଠାରୁ ଜୋରିମାନା ଆଦାୟ କରାଗଲେ ହୁଏତ ଏହାର ବିକ୍ରି କମିଯିବା ସହ ଜନସାଧାରଣ ସତର୍କତା ଅବଲମ୍ବନ ପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ଅନୁଗୋଳ, ୧୫।୭ (ସମିସ): ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅନୁଗୋଳର ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ କନଫରେନ୍ସ ହଲ, ରିଜିଓନାଲ ଜୁଡିସିଆଲ ଏକାଡେମୀ, ସିଭିଲ କୋର୍ଟ ପରିସରରେ 'କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ' (ପ୍ରତିରୋଧ, ନିଷେଧ ଏବ ପ୍ରତିକାର) ଅଧିନିୟମ ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ଅତ୍ୟାଚାର ନିବାରଣ) ଅଧିନିୟମ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମୟୀ ଆଚାର୍ଯ୍ୟ, ରେଜିଷ୍ଟ୍ରାର, ସିଭିଲ୍ କୋର୍ଟ ସୁକୁମାର ମହାପାତ୍ର, ବରିଷ୍ଠ ଦେୱାନୀ ବିଚାରପତି ତଥା ମହିଳା ଅଦାଲତର ବିଚାରପତି ସଙ୍ଗୀତା ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍‌ଆରଏଲ୍‌ଟିଭି) ଲୋପାମୁଦ୍ରା ପଣ୍ଡା, ଉପବିଭାଗୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍



ବନିଲ କୁମାର ଖଟାଇ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଆର୍ଯ୍ୟ ଏଶ୍ୱରିୟା ଆଚାର୍ଯ୍ୟ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସରିତା ମହାରଣା, ଜିଲ୍ଲା ଆଇନସେବା ପ୍ରାଧିକରଣ ସଦସ୍ୟ ପରମାନନ୍ଦ ମିଶ୍ର, ଶିଶୁ ମଙ୍ଗଳ କମିଟିର ସଦସ୍ୟ କଲ୍ୟାଣ କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚାସୀନ ଅତିଥିମାନେ 'କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ' ଅଧିନିୟମ ଓ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଅଧିନିୟମ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାରେ କାର୍ଯ୍ୟରତ ପୁଲିସ, ଜିଲ୍ଲାପାଳ, ଅନୁଗୋଳଙ୍କ ଅଧୀନରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀ ଗଣ, ବିଭିନ୍ନ ବ୍ୟାଙ୍କରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀ ଗଣ ଓ ଅବକାରୀ ବିଭାଗର ମହିଳା କର୍ମଚାରୀ ଗଣ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ ପରିଚାଳନା କରିଥିଲେ।

## ରିମିଟ ମହାବିଦ୍ୟାଳୟରେ 'ବିଶ୍ୱ ଯୁବ ଦକ୍ଷତା ଦିବସ'




ଅନୁଗୋଳ, ୧୫।୭ (ସମିସ): ଅନୁଗୋଳ ଜିଲ୍ଲା ପଞ୍ଚମହଲାସ୍ଥିତ ରିମିଟ ମହାବିଦ୍ୟାଳୟରେ କ୍ରୀଡ଼ା ବ୍ୟାପାର ମନ୍ତ୍ରାଳୟ ଭାରତ ସରକାରଙ୍କ ମୋ ଯୁବା ଭାରତ ତରଫରୁ ଓ ଉତ୍କର୍ଷ ପରିବାରର ମିଳିତ ଆନୁକୂଲ୍ୟରେ ବିଶ୍ୱ ଯୁବା ଦକ୍ଷତା ଦିବସ ପାଳନ କରାଯାଇଛି। ଯୁବପିଢ଼ିଙ୍କ ପାଇଁ ଶିକ୍ଷା ସହିତ ଦକ୍ଷତା ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସ୍କିଲ ଇଣ୍ଡିଆ ଏନଏସ୍‌ଡିସି ମୁଖ୍ୟ ସୀତାଂଶୁ ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। କର୍ମଶାଳାରେ ଅନୁଗୋଳ ଲାଇଟ ହାଉସ ମୁଖ୍ୟ ସଂଯୋଜକ ରାଜେଶ ସ୍ୱାଇଁ, ରିମିଟ କଲେଜ ଚେୟାରମ୍ୟାନ ଅଭୟ କୁମାର ସାହୁ, ମୋ ଯୁବା ଭାରତ କର୍ମ କର୍ତ୍ତା ତପନ କୁମାର ସାମଲ ଓ ଉତ୍କର୍ଷ ପରିବାର ସଭାପତି ଭୀଷ୍ମ ସାହୁ ଉପସ୍ଥିତ ଥିଲେ। ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କର୍ଷ ପରିବାର ତରଫରୁ ମହାବିଦ୍ୟାଳୟ ପରିସରରେ ଫଳ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ମୃତିରେଖା ସାହୁ, ଅନୁପ ପଟ୍ଟନାୟକ ଓ ଶୁଭେନ୍ଦୁ ପ୍ରଧାନ ପରିଚାଳନା କରିଥିଲେ।

### ବାରୁଆଁ ଗାଁକୁ ନାହିଁ ପକ୍କା ରାସ୍ତା

# କାଦୁଅ ରାସ୍ତାରେ ଯାତାୟାତ ବେଳେ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ

କଣିହାଁ, ୧୫।୭ (ସମିସ)

ଭାରତ ସ୍ୱାଧୀନତାର ଅମୃତୋତ୍ସବ ପାଳନ କରୁଥିବା ବେଳେ ଆଜି ମଧ୍ୟ ଗାଁକୁ ପକ୍କା ସଡ଼କ ନାହିଁ। ଫଳରେ ଲୋକମାନେ କାଦୁଅ ରାସ୍ତାରେ ବହୁ କଷ୍ଟରେ ଯିବାଆସିବା

**● ଶୀଘ୍ର ନିର୍ମାଣ ପାଇଁ ଦାବି**

କରୁଛନ୍ତି। ଏହିଭଳି ଘଟଣା ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ କୁଲେଇ ପଞ୍ଚାୟତ ବାରୁଆଁ ଗ୍ରାମରେ ଦେଖିବାକୁ ମିଳିଛି। ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, ବାରୁଆଁ ଗ୍ରାମର ନୂଆସାହିରୁ କଲୋନୀ ଯାଏଁ ୧ କିଲୋମିଟର ରାସ୍ତା ବର୍ଷାଦିନେ ଯମ ଯନ୍ତ୍ରଣା ଦେଉଛି। ବର୍ଷା ହେଲେ ଏହି ରାସ୍ତାରେ ଯିବା ବଡ଼ କଷ୍ଟକର। ଏହି ରାସ୍ତା ଉପରେ ୩୦ରୁ ଅଧିକ ପରିବାର ସହ ବିଦ୍ୟୁତ୍ ସବ୍‌ଷ୍ଟେସନ,



ଜଙ୍ଗଲ ବିଭାଗର ୱାଚ୍‌ଟାୱାର ଓ ବିଟ୍‌ହାଉସ ଆଦିର କର୍ମଚାରୀ ନିର୍ଭର କରୁଛନ୍ତି। ହାତୀର ପ୍ରାଦୁର୍ଭାବ ରହୁଥିବାରୁ ହାତୀ ଘଉଡ଼ାଇବାକୁ କର୍ମଚାରୀ ଏହି ରାସ୍ତାରେ ଆସି ପାରୁନାହାନ୍ତି। ଛୋଟ ଛୋଟ ସ୍କୁଲ ଛାତ୍ରଛାତ୍ରୀ ଏହି ରାସ୍ତାରେ ଏବେ ଯିବା ସମ୍ଭବପର ହେଉନଥିବାରୁ ସ୍କୁଲ ଯାଉନଥିବା ଲୋକ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହା ମାଟି ରାସ୍ତାଥିଲେ ମଧ୍ୟ ଯିବା ଆସିବା ସମ୍ଭବପର ଥିଲା। କିନ୍ତୁ ୪ରୁ ୫ ବର୍ଷ ହେବ ମନରେଗା ଯୋଜନାରେ ପ୍ରତ୍ୟେକ ବର୍ଷ ମାଟି ୪/୫ ଟ୍ରିପ୍ ପକାଉଛନ୍ତି। ଯାହା ବର୍ଷା ଦିନେ ଦାଉ ସାଜୁଛି। ଯେତିକି ଟଙ୍କା ମନରେଗାରେ ଖର୍ଚ୍ଚ ହେଉଛି ସେଥିରେ ପକ୍କା ରାସ୍ତା ନିର୍ମାଣ ହୋଇପାରିବ ବୋଲି ଅତ୍ୟନ୍ତ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏନେଇ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ଫଳ ଶୂନ। ଏଥରର ନୂଆ ସରକାର ଓ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତିଙ୍କ ନିଜ ପଞ୍ଚାୟତ ହୋଇଥିବାରୁ ଅଞ୍ଚଳବାସୀଙ୍କର ଦୁଃଖ ଯଥାଶୀଘ୍ର ଶୁଣି ପକ୍କା ରାସ୍ତା ନିର୍ମାଣ କରିବେ ବୋଲି ଆଶା କରିଛନ୍ତି।

## ଅଠରଫୁଟିଆ ପୋଲ ଅବସ୍ଥା ଶୋଚନୀୟ



କିଶୋରନଗର, ୧୫।୭ (ସମିସ): ବଇଣ୍ଡା-ଆଠମଲ୍ଲିକ ୬୨ନଂ ରାଜ୍ୟ ରାଜପଥର ଠାକୁରଗଡ଼ ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ଅଠରଫୁଟିଆ ପୋଲ ଏବେ ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଫଳରେ ଏହା ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ରାଜ୍ୟ ରାଜପଥରେ ବହୁ ସଂଖ୍ୟାରେ ଦୁଇଚକିଆ ଯାନଠାରୁ ଆରମ୍ଭ କରି ଚାରିଚକିଆ ଯାନ ପର୍ଯ୍ୟନ୍ତ ଚଳାଚଳ କରିଥାନ୍ତି। ହେଲେ ନିମ୍ନମାନର କାମ ତଥା ମରାମତି ଅଭାବରୁ ପୋଲ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପୋଲର ଗୋଟିଏ ପାର୍ଶ୍ୱ କଂକ୍ରିଟ ଉଠି ଲୁହାରଡ୍ ବାହାରକୁ ବାହାରି ପଡ଼ିଲାଣି। କୌଣସି ମୁହୂର୍ତ୍ତରେ ପୋଲ ଭୁଶୁଡ଼ିପଡ଼ିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତୁରନ୍ତ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବିଷପିଇ ଜୀବନ ହାରିଲେ ଯୁବକ

**କଣ୍ଟାବାଞ୍ଜି,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ସିମାନିବାହାଲର ଯୁବରାଜ ମାଝି(୨୦) ବିଷ ପିଇ ଆତ୍ମହତ୍ୟା କରୁଥିବା ବେଳେ ପରିବାର ଲୋକେ ଜାଣିବା ପରେ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନକୁ ଚିକିତ୍ସା ପାଇଁ ଆଣିଥିଲେ । କଣ୍ଟାବାଞ୍ଜି ଡାକ୍ତରଖାନରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ରକ୍ତ ପରିକ୍ଷା କରିବାକୁ ପରାମର୍ଶ ଦେଇଥିଲେ ହେଲେ ଯୁବକ ଜଣକ ସୁସ୍ଥ ମନେ କରିବା ପରେ ଘରକୁ ଚାଲି ଯାଇଛି ଥିଲେ । ମଙ୍ଗଳବାର ଘରେ ତାଙ୍କ ମୁଣ୍ଡ ବୁଲାଇବା ସହ ଅସୁସ୍ଥ ମନେ କରିବା ପରେ ଚିକିତ୍ସା ପାଇଁ ମଙ୍ଗଳବାର ଅପରାହ୍ନରେ ପୁଣି କଣ୍ଟାବାଞ୍ଜି ଡାକ୍ତରଖାନକୁ ଆସିଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ । ସେ କେଉଁ କାରଣ ପାଇଁ ବିଷ ପିଇ ଥିଲେ ବର୍ତ୍ତମାନ ଯାଏ କାରଣ ଅସ୍ପଷ୍ଟ ରହିଛି । କଣ୍ଟାବାଞ୍ଜି ପୁଲିସ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛି । ସେପଟେ ଶବ ବ୍ୟବଚ୍ଛେଦ ପରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି ।

## ଗାଁ ମୁହାଁ ହାତୀପଲ, ଭୟଭୀତ ଗାଁ ଲୋକ



**ବେଲପଡା,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ବେଲପଡା ଥାନା ଅଞ୍ଚଳରେ ଜଙ୍ଗଲୀ ହାତୀ ଲୋକଙ୍କ ନିଦ ହଜାଇ ଦେଇଛନ୍ତି । ହାତୀପଲ ଖାଦ୍ୟ ଅନ୍ୱେଷଣ ପାଇଁ ଜଙ୍ଗଲ ଛାଡି ଗାଁ ମୁହାଁ ହେଉଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଲୋକ ରହୁଛନ୍ତି । ଅନ୍ୟପକ୍ଷରେ ହାତୀ ଘୋଉଡାଇବା ପାଇଁ ବିଫଳ ହୋଇଛି ବନ ବିଭାଗ । ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ୍ ଧୂମାଭଟା ଗାଁ ସହ କଲେଜ ନିକଟରେ ୧୩ ଟିକିଆ ହାତୀପଲ ଘୁରିବୁଲୁ ଥିବାରୁ ସ୍ଥାନୀୟ ଲୋକ ଭୟଭିତ ଅବସ୍ଥାରେ ରହିଛନ୍ତି । ଗତ ଏକ ମାସ ହେବ ହାତୀମାନେ ନିକଟସ୍ଥ କିରିବାଞ୍ଜି ଜଙ୍ଗଲରେ ରହି ଆସୁଛନ୍ତି । ରାତି ହେଲେ ଗାଁ ମୁହାଁ ହୋଇ ଲୋକଙ୍କ ଧାନ ଚାଉଳ ଖାଇବା ସହ ଫସଲ ନଷ୍ଟ କରୁଛନ୍ତି । ଆଜି ଅନେକ ଚାଷୀଙ୍କ କଦଳୀ, ତରବୁଜ, କପା ଆଦି ଫସଲ ନଷ୍ଟ କରିଛନ୍ତି । ହୃଷିକେଶ ବୁଡ଼େକଙ୍କର ୩୦୦ରୁ ୪୦୦ କଦଳୀ ଗଛ ନଷ୍ଟ କରିବା ସହ ସୋଲାର ମଟର ଉପାଡି ଭାଙ୍ଗି ଦେଇଛନ୍ତି । ସେହିପରି ରାଜେଶ ଜୈନଙ୍କ ତରବୁଜ, ବଉଳ ବୁଡ଼େକଙ୍କ ଧାନ ପାଲ୍‌ହାକୁ ମାଡି ନଷ୍ଟ କରିଦେଇଛି । ହାତୀପଲ ମାସ ମାସ ଧରି ହାତୀ ଗାଁମୁହାଁ ହେଉଥିଲେ ହିଁ ବନ ବିଭାଗ କୌଣସି ପଦକ୍ଷେପ ନେଉନ ଥିବା ଅଭିଯୋଗ ହେଉଛି । କ୍ଷତି ଚାଷୀଙ୍କୁ ତୁରନ୍ତ ସହାୟତା ପାଇଁ ଦାବି ହେଉଛି ।

## ବଲାଙ୍ଗିର ଜିଲ୍ଲାରେ ଚାଉଳ ହେରାଫେରୀ

# କାଗଜପତ୍ରରେ ଧାନକିଣା; ଗୋଦାମକୁ ଯାଉଛି ଛତିଶଗଡ଼ ଚାଉଳ

**ବଲାଙ୍ଗିର/ଦେଓଗାଁ,୧୫।୭ (ସମିସ):**

ବଲାଙ୍ଗିର ଜିଲ୍ଲାରେ ଥିବା ରାଇସ ମିଲମାନଙ୍କରେ ଚାଲିଛି ଚାଉଳ ହେରାଫେରୀ କାରବାର। ଧାନ କିଣା ସମୟରେ ଜିଲ୍ଲାର କିଛି ଅସାଧୁ ମିଲର୍ସ ପାକ୍ସ ସମ୍ପାଦକମାନଙ୍କୁ ହାତ କରି କାଗଜପତ୍ରରେ ଧାନକିଣା ଦର୍ଶାଉଥିବା ପୂର୍ବରୁ ମଧ ଅଭିଯୋଗ ହୋଇଆସୁଛି । ଏହାକୁ ଉଭୟ ମିଲର୍ସ ଓ ଯୋଗାଣ ବିଭାଗ ଅଗ୍ରାହ୍ୟ କରୁଥିବା ବେଳେ ତୁଷୁରା ବଡଙ୍ଗୋମୁଣ୍ଡା ନିକଟରେ ଥିବା ଏକ ମିଲର୍ସର ଅସଲ ସତ୍ୟ ପଦାକୁ ଆସିଛି । ସଂପୃକ୍ତ ମିଲର୍ସ ନାମରେ ପୂର୍ବରୁ ଅନେକ ବିବାଦ ରହିଛି । ବର୍ତ୍ତମାନ ଉକ୍ତ ମିଲକୁ ଛତିଶଗଡରୁ ଏକ ଟ୍ରକ୍‌ରେ ଚାଉଳ ଆସୁଥିବା ବେଳେ ଉକ୍ତ ଚାଉଳ ବେଆଇନ ଚାଲାଣ ସନ୍ଦେହରେ ଦେଓଗାଁ ପୁଲିସ ଉକ୍ତ ଟ୍ରକ୍‌କୁ ଅଟକ ରଖିଥିବା ଜଣାପଡିଛି । ତେବେ ପ୍ରାୟ ତିନି ଦିନ ହେଲା ଠିକଣା ବଦଳାଇ ପୁଲିସ ଟ୍ରକ୍‌କୁ ଅଟକ ରଖିବା ଏହି ଘଟଣାକୁ ଆହୁରି ରୋଚକ କରିଛି । ତେବେ ସଂପୃକ୍ତ ମିଲର୍ସ ଖରିଫ ସମୟରେ ଧାନକିଣା ରେ ଅନିୟମିତତା କରି ବର୍ତ୍ତମାନ ଛତିଶଗଡର କିଣା ଚାଉଳ ଗୋଦାମକୁ ହସ୍ତାନ୍ତର କରିବାର ଉଦ୍ୟମ ଚଲାଇଥିବା ଅଭିଯୋଗ ହୋଇଛି । ତେବେ ଟ୍ରକ୍ ଅଟକ ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ମିଲର ସତ୍ୟ ସାମ୍ନାକୁ ଆସିଥିବା ଆଲୋଚନା ହେଉଛି ।

ବଲାଙ୍ଗିର ଜିଲ୍ଲା ଦେଓଗାଁ-ତୁଷୁରା ରାସ୍ତାରେ ବଡଙ୍ଗୋମୁଣ୍ଡା ନିକଟରେ ଥିବା ଏକ ମିଲ ବିଗତ କିଛି ବର୍ଷ ହେଲା ଅନେକ ଅନିୟମିତତା ଘଟଣାରେ ବିବାଦୀୟ ହୋଇଛି । ଏହି ମିଲର ନାମ ପୁଣି ଥରେ ଚର୍ଚ୍ଚାକୁ ଆସିଛି ଯେତେବେଳେ ଦେଓଗାଁ ପୁଲିସ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ଅଟକ ରଖିଛି । ସୂଚନା ଅନୁସାରେ ଏକ ଚାଉଳ ବୋଝେଇ ଟ୍ରକ୍ ନଂ ସିଜି୧୩ ଡବ୍ଲ୍ୟୁ- ୯ ୯୨୫କୁ ଦେଓଗାଁ ପୁଲିସ ବେଆଇନ ଚାଲାଣ ସନ୍ଦେହରେ ଅଟକାଇଥିଲା । ରବିବାର ବିଳମ୍ବିତ ରାତ୍ରୀରେ ଟ୍ରକ୍‌କୁ ପୁଲିସ ଅଟକାଇ ଥିବା ବେଳେ ଉକ୍ତ ଚାଉଳ

■ ଛତିଶଗଡରୁ ମିଲକୁ ଆସୁଥିବା ଚାଉଳ ଭର୍ତ୍ତି ଟ୍ରକ୍ ଅଟକ
■ ଦୁଇ ଦିନ ଲୁଚାଇବା ପରେ ଗାଡ଼ି ଥାନାକୁ ଆଣିଲା ପୁଲିସ

କାହାର? କେଉଁଠାରୁ ଆସିଛି, କେଉଁଠାକୁ ଯାଉଥିଲା ? ତାହା ସ୍ପଷ୍ଟ ହୋଇନଥିବା ବେଳେ ଉକ୍ତ ଟ୍ରକ୍‌କୁ ପୁଲିସ ଉଦ୍ଦେଶ୍ୟମୂଳକ ଭାବେ ଲୁଚାଇ ଭିତିରି ବୁଝାମୁଣା କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଥିଲା । ତେବେ ପ୍ରାୟ ଦୁଇ ଦିନ ଏହି ଟ୍ରକ୍‌କୁ ଲୁଚାଇବା ପରେ ମଙ୍ଗଳବାର ଖବର ପ୍ରଘଟ ହୋଇଥିବାରୁ ଉକ୍ତ ଟ୍ରକ୍‌କୁ ଥାନାକୁ ଅଣାଯାଇଥିବା ଜଣାପଡିଛି । ପ୍ରଥମେ ତୁଷୁରା ଛକ, ପରେ ଚିନିକଳ ନିକଟରେ ଗାଡି କୁ ରଖାଯାଇଥିବା ବେଳେ ପରବର୍ତ୍ତି ସମୟରେ ଏହି ଟ୍ରକ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ସୂଚନା ଅନୁସାରେ ଉକ୍ତ ଚାଉଳ ଯେଉଁ ମିଲକୁ ଯାଉଥିଲା କୁଆଡେ ଉକ୍ତ ମିଲ ମାଲିକ ସହ ପୁଲିସ ସଳାସୁତୁରା କରିବା ଆରମ୍ଭ କରିଥିଲା । କିନ୍ତୁ ନିୟମାନୁସାରେ ଯଦି ଚାଉଳ ଚାଲାଣର କିଛି ବି ସନ୍ଦେହରେ ପୁଲିସ ଖବର ପାଏ ତେବେ ପୁଲିସ ଯୋଗାଣ ବିଭାଗକୁ ଖବର ଦେବା କଥା । ଯାହାକି ବିଳମ୍ବରେ ଦିଆଯାଇଥିବା ଜଣାପଡିଛି । ସେହିପରି ଏତେ ପରିମାଣର ଚାଉଳ ଆସିଲା କେମିତି ? କାହିଁକି ମିଲର୍ସ ଚାଉଳ ଏତେ ପରିମାଣର ଛତିଶଗଡରୁ ଆଣିଛନ୍ତି । ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପ୍ରତିବର୍ଷ ସଂପୃକ୍ତ ମିଲର୍ସ ଜଣକ ଏହିଭଳି କାରବାର ଚଳାଇ ଥାନ୍ତି । ଖରିଫ ସମୟରେ ଯେତିକି ଟାର୍ଗେଟ ତାଙ୍କୁ ମିଳିଥାଏ ସେତିକି ଧାନ ନଉଠାଇ କାଗଜପତ୍ରରେ ଟାର୍ଗେଟ ପୁରାଇ ଦେଇଥାନ୍ତି । ଫଳରେ ଗାଡି ନପଠାଇ, ଚାଷୀଙ୍କ ଧାନ ନଆଣି ସରକାରଙ୍କ ଠାରୁ ପରିବହନ ଟଙ୍କା ଓ ପରେ ମିଲିଂ ଚାର୍ଜ ହଡପ କରିଥାନ୍ତି । ଟାର୍ଗେଟ ମୁତାବକ ପରବର୍ତ୍ତି ସମୟରେ ଗୋଦାମକୁ ଚାଉଳ ଦେବା କଥା । ଏହି ସମୟରେ ସେ ଛତିଶଗଡରୁ କମ ଦରରେ ଚାଉଳ କିଣି ଆଣି ଗୋଦାମକୁ ହସ୍ତାନ୍ତର କରିଥାନ୍ତି । ଅର୍ଥାତ କାଗଜପତ୍ରରେ ତାଙ୍କର ସବୁଠିକ କିନ୍ତୁ ଏହାରି ପଛରେ ଏକ ବଡ କାରବାର ଚଲାଇଥିବା ଅଭିଯୋଗ ହୋଇଛି । ଯେଉଁଥିପାଇଁ ଅଟକ ଥିବା ଚାଉଳ ତାଙ୍କ ମିଲକୁ ଯାଉଥିବା ଅଭିଯୋଗ ହୋଇଛି । ସରକାରଙ୍କ ଆଖିରେ ଧୂଳି ଦେଇ ମିଲର୍ସ ଜଣକ ମାଲେମାଲ ହେଉଛନ୍ତି । ଅନ୍ୟପକ୍ଷରେ ଏହିଭଳି ମିଲର୍ସଙ୍କ କାରସାଦି ଯୋଗୁ ଚାଷୀମାନେ ନିଜ ଧାନ ବିକି ନପାରି ହଇରାଣ ହେଉଥିବା ଜଣାପଡିଛି । ତେବେ ଏହିଭଳି ବଲାଙ୍ଗିର ଜିଲ୍ଲାରେ ଗତ ଖରିଫ ସମୟରେ ଅନେକ ମିଥ୍ୟା ଏଣ୍ଟ୍ରୀ ଅଭିଯୋଗ ହୋଇଥିବା ବେଳେ ପ୍ରଶାସନ ଏହାକୁ ଅଗ୍ରାହ୍ୟ କରିଥିଲା । କିନ୍ତୁ ଏହିଭଳି ଚାଉଳ ଗାଡି ଅଟକ ଘଟଣା ଏହି ଅଭିଯୋଗକୁ ଏବେ ସତ୍ୟ ପ୍ରମାଣିତ କରୁଥିବା ଚର୍ଚ୍ଚା ହେଉଛି । ତେବେ ଆଶ୍ଚର୍ଯ୍ୟ ର ବିଷୟ ହେଉଛି ଟ୍ରକ୍‌କୁ ଅଟକ ରଖିବା ପରେ ତାକୁ ଥାନାକୁ ନଆଣି ବିଭିନ୍ନ ସ୍ଥାନରେ ଲୁଚାଇ ରଖିବା ପୁଲିସର କାର୍ଯ୍ୟ ନେଇ ପ୍ରଶ୍ନ ଉଠିଛି । ଏବିଷୟରେ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ସେ ବାହାରେ ଅଛନ୍ତି ଥାନାର ଅନ୍ୟ ଅଧିକାରୀଙ୍କୁ ବୁଝିବାକୁ କହୁଥିବା ବେଳେ ଏସ୍‌ଡିପିଓ କିଛି ଜାଣିନଥିବା କହିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ପ୍ରତିକ୍ରୀୟା ମିଳିନାହିଁ । ତେବେ ଏହି ଘଟଣାକୁ ନଜରରେ ରଖି ଜିଲ୍ଲା ପ୍ରଶାସନ ସଂପୃକ୍ତ ମିଲ ଯାଞ୍ଚ କରିବାକୁ ଲୋକେ ଦାବି କରିଛନ୍ତି ।

### ଯୋଗାଣ ବିଭାଗର ତଦନ୍ତ ଆରମ୍ଭ

**ଦେଓଗାଁ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ତୁଷୁରା ଛକ ନିକଟରେ ଛତିଶଗଡରୁ .ଉଳ ବୋଝେଇ ହୋଇ ଆସୁଥିବା ଟ୍ରକ୍‌କୁ ସନ୍ଦେହରେ ଅଟକ ରଖିଥିଲା । ଅଟକ ଥିବା ଟ୍ରକ୍ ଦୁଇ ଦିନ ପରେ ଉଭାନ ହୋଇଯାଇଥିଲା । ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ପୁଲିସ ମଧ୍ୟରେ ତତ୍ପରତା ପ୍ରକାଶ ପାଇଥିଲା ଓ ସଇଁନ୍ତଲା ଥାନା ଅନ୍ତର୍ଗତ କରେଲଧୁଆ ପେଟ୍ରୋଲ ପମ୍ପ ନିକଟରୁ ଟ୍ରକ୍‌କୁ ଜବତ କରି ଦେଓଗାଁ ଥାନାକୁ ଆଣିଥିଲା । ପରେ ଯୋଗାଣ ବିଭାଗକୁ ତଦନ୍ତ କରିବାପାଇଁ ପୁଲିସ ଖବର ଦେଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ଯୋଗାଣ ବିଭାଗର ଏସିଏସଓ ପିତବାସ ମଲ୍ଲିକଙ୍କ ସହ ଏକ ଟିମ୍ ପହଞ୍ଚି ଜବତ ଟ୍ରକ୍‌ର ସମସ୍ତ କାଗଜପତ୍ର ଓ .ଉଳକୁ ଯାଞ୍ଚ କରିଥିଲେ । ତଦନ୍ତକାରି ଟିମ୍ ତଦନ୍ତ ପରେ ରିପୋର୍ଟ ଦେଇନଥିବା ସିଏସଓ ପ୍ରକାଶ କରିଛନ୍ତି ।

## ଜନ୍ମ ଦିନରେ ରକ୍ତଦାନ ଶିବିର



**କଣ୍ଟାବାଞ୍ଜି,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ବିଜୁ ଜନତା ଦଳ ଯୁବ ନେତା ତଥା ପୂର୍ବତନ ସୈନିକ ଗିରିରାଜ ସିଂ ମାଝୀଙ୍କ ଜନ୍ମଦିନ ନିଆରା ଢଙ୍ଗରେ ପାଳନ କରିଛନ୍ତି ଦଳୀୟ ନେତା । ବଲାଙ୍ଗିର ଜିଲ୍ଲା ବିଜୁ ଯୁବ ଜନତା ଦଳ ପୂର୍ବତନ ଜିଲ୍ଲା ଯୁବ ସଂପାଦକ ଶାନ୍ତାନୁ ବିଭାରଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନ ପରିସରରରେ ଥିବା ବିଜୁ ପଟ୍ଟନାୟକ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର କରାଯିବା ସହ ରାସ୍ତାକଡରେ ବୁଲୁଥିବା ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ଜନ୍ମ ଦିନ ପାଳନ କରାଯାଇଥିଲା । ମଣ୍ଟୁ ମାହାନନ୍ଦ, ଅଶୋକ କୁମାର, ବାସୁଦେବ ପନିକା, ରେସବ ମାହାନନ୍ଦ ସହ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସିନ୍ଧେକେଲାରେ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବି




**କଣ୍ଟାବାଞ୍ଜି,୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଅତ୍ମାହୁତି ପରେ ମୃତ୍ୟୁ ଘଟିଛି । ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସିନ୍ଧେକେଲା ପଲ୍ଲୀଶ୍ରୀ ମହାବିଦ୍ୟାଳୟରେ ଶତାଧିକ ଛାତ୍ର ଛାତ୍ରୀ ସିନ୍ଧେକେଲା ମହାବିଦ୍ୟାଳୟ ଠାରୁ ପ୍ରତିବାଦ ଶୋଭାଯାତ୍ରା ବାହାର କରି ସିନ୍ଧେକେଲା ଥାନାକୁ ପହଞ୍ଚି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ବାରମ୍ବାର ଓଡ଼ିଶାରେ ଛାତ୍ରୀମାନଙ୍କୁ ବଳାତ୍କାର ଓ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଆସୁଛି । ସେହି ଭଳି ସୌମ୍ୟାଶ୍ରୀ ବିଶି ମଧ ନିର୍ଯାତନାର ଶିକାର ହୋଇଛନ୍ତି । ଆଗାମୀ ଦିନରେ ଆଉ କୌଣସି ଛାତ୍ରୀ ନିର୍ଯାତନ୍‌ର ଶିକାର ନ ହେଉ ଏବଂ ଏହି ଭଳି ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଶୌମ୍ୟାଶ୍ରୀଙ୍କ ଅଭିଯୁକ୍ତଙ୍କୁ ଉଚିତ୍ ଦଣ୍ଡିତ କରିବା ପାଇଁ ଦାବି କରିଛନ୍ତି । ଦାବିପତ୍ର ଦେବା ସମୟରେ ଯୁବ ଆଇନଜୀବୀ ଦିନେଶ ତାଣ୍ଡି ସହ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ ତିଥି ଭୋଜନ



**ବେଲପଡା,୧୫ ।୭ (ସମିସ):** ବେଲପଡା ବ୍ଲକ୍ ମୁଣ୍ଡା ଗାଁରେ ଥିବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିଥି ଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ସୂର୍ଯ୍ୟଭାନ ହୋତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍‌ର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ବିଦ୍ୟାଳୟରେ ଉତ୍ତମମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ନେଇ ସମସ୍ତେ ପ୍ରଶଂସା କରିଥିଲେ । ଏଥିରେ ଗାଁର ନରେନ୍ଦ୍ର ପ୍ରଧାନ, ଗଜମତୀ ତାଣ୍ଡି, ଗୁଣନିଧି ନୀଳମଣି, ଗୋବିନ୍ଦ ବିଶ୍ୱାଳ, ସୁଶୀଲ ଧରୁଆ ପ୍ରମୁଖଙ୍କ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଡାଟା ଅପରେଟର ଦେବାଶିଷ ଗଡ଼ତିଆ, ରାମ ପ୍ରସାଦ ମହାଲିଙ୍ଗ ପ୍ରମୁଖ ସହଯୋଗ କରିଥିଲେ ।

## ଧରା ହେଲେ ୨ ଡକାୟତ, ଜଣେ ଫେରାର



**ଟିଟିଲାଗଡ଼,୧୫ ।୭ (ସମିସ):** ଟିଟିଲାଗଡ଼ ସହରରେ ଏକ ଡକାୟତି ଘଟଣାର ୪୮ ଘଣ୍ଟା ନପୂରୁଣୁ ଟିଟିଲାଗଡ଼ ପୁଲିସ ଦୁଇ ଡକାୟତଙ୍କୁ କାବୁ କରିବାରେ ସଫଳ ହୋଇଛି । ମଙ୍ଗଳବାର ଅପରାହ୍ନରେ ଟିଟିଲାଗଡ଼ ଥାନା ପରିସରରେ ପୁଲିସ ଏସଡ଼ିପିଓ ଯଶୋବନ୍ତ ପ୍ରଧାନୀ ଏବଂ ଆଇଆଇସି କଲ୍ୟାଣୀ ବେହେରା ବିଷଦ ସୂଚନା ଦେଇଛନ୍ତି । ସୂଚନା ମତେ ରାୟଗଡା ଜିଲ୍ଲା ବିଶମକଟକ ଥାନା ଅନ୍ତର୍ଗତ ଖମ୍ବେଶି ଗ୍ରାମର କୈଳାସ କନ୍ଧପାଣି ଏବଂ ବଳରାମ କନ୍ଧପାଣି ଛତିଶଗଡର ବିଳାସପୁରରେ ସପୁରୀ ବିକ୍ରୟ କରି ୫୦ ହଜାର ଟଙ୍କା ନଗଦ ଧରି ଟିଟିଲାଗଡ଼ ରେଳ ଜଙ୍କସନରେ ପହଞ୍ଚିଥିଲେ । ଉଭୟେ ଟିଟିଲାଗଡ଼ ବସଷ୍ଟାଣ୍ଡରୁ କୌଣସି ବସ୍ ଧରି ନିଜ ଗ୍ରାମକୁ ଫେରିବାକୁ ଲୋକଙ୍କୁ ପଚରାଉଚୁରା କରିଥିବା ବେଳେ ଦୁର୍ବୃତ୍ତ ତାଙ୍କୁ ଏକ ନିଛାଟିଆ ରାସ୍ତା ଦେଖାଇ ବାଟରେ ଛୁରି ଦେଖାଇ ସେମାନଙ୍କ ଠାରୁ ସମସ୍ତ ଟଙ୍କା ଏବଂ ମୋବାଇଲ ଫୋନ ଲୁଟି ନେଇଥିଲେ । ଏନେଇ ସେ ଟିଟିଲାଗଡ଼ ଥାନାରେ ଅଭିଯୋଗ ପରେ ପୁଲିସ ସିସିଟିଭି ସହାୟତାରେ ଅଭିଯୁକ୍ତଙ୍କୁ ଟ୍ରାକ୍ କରି ଦୁଇ ଜଣ ଦୁର୍ବୃତ୍ତ ବୋଲହରି ବାଗ, ଅଭିଷେକ ନାଗକୁ ଗିରଫ କରିଛି । ଅଭିଯୁକ୍ତଙ୍କ ଠାରୁ ୧୬ ହଜାର ୨ ଶହ ଟଙ୍କା ନଗଦ ସହ ଏକ ମୋବାଇଲ ଫୋନ ଜବତ ହୋଇଛି । ଜଣେ ଅଭିଯୁକ୍ତ ଫେରାର ଥିବା ପୁଲିସ କହିଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ଆଇଆଇସିଙ୍କ ନେତୃତ୍ୱରେ ଗଠିତ ତଦନ୍ତ କମିଟିରେ ଏସଆଇ କେକେ ଜାନି, କେଏସ ମାଝୀ, ଏଏସ୍‌ଆଇ ଏମକେ ବିଶି, କନଷ୍ଟେବଲ ସୁରଜ ଦୀପ, ନେତ୍ରା ନାଗ ପ୍ରମୁଖ ସାମିଲ ଥିଲେ ।

## ଖପ୍ରାଖୋଲ ବ୍ଲକ୍ ସଭା ଗୃହରେ ନିଶୁଳ୍କ ଚକ୍ଷୁ ଶିବିର

**ଖପ୍ରାଖୋଲ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସଭାଗୃହରେ ୟୁଥ୍ ବ୍ଲଡ଼ ଡୋନର ଗ୍ରୁପ ବଲାଙ୍ଗିର ଓ ମହାନଦୀ ନେତ୍ର ଚିକିତ୍ସାଳୟ ତରଫରୁ ମାଗଣା କମ୍ପ୍ୟୁଟର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଚକ୍ଷୁ ପରୀକ୍ଷା ଶିବିରକୁ ଖପ୍ରାଖୋଲ ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକା ନନ୍ଦ ଷଡ଼ଙ୍ଗୀ ଉଦ୍‌ଘାଟନ କରିଥିବା ବେଳେ ସିଡିପିଓ



ଅମିତା ପଣ୍ଡା, ଖପ୍ରାଖୋଲ ଥାନା ଉପଅଧିକାରୀ ଲିଙ୍ଗରାଜ କିଷାନ, ୟୁଥ ବ୍ଲଡ଼ ଡୋନର ଗ୍ରୁପର ପ୍ରତିଷ୍ଠାତା ଅକ୍ଷୟ ପ୍ରଧାନ, ଗ୍ରୁପର ସ୍ୱାଗତ ସାହୁ, ସୁବୋଧକାନ୍ତ ବାରିକ, ଟିକେଶ୍ୱର ରାଉତ, ଅନିଲ ପଧାନ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ବୀରମହାରାଜପୁର ଡାକ୍ତରଖାନାର ଚକ୍ଷୁ ପରୀକ୍ଷକ ବିକାଶ ମେହେର, ମାନସ ପାତ୍ରୀ ଆଖି ପରୀକ୍ଷା କରିଥିଲେ । ଶିବିରରେ ୧୦୫ ଜଣଙ୍କର ଆଖି ପରୀକ୍ଷା ହୋଇଥିବା ବେଳେ ୧୩ ଜଣ ଆଖି ଅପରେସନ ପାଇଁ ଚିହ୍ନଟ ହୋଇଛନ୍ତି ।

## ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ଶୋକସଭା



**କଣ୍ଟାବାଞ୍ଜି/ମୁରିବାହାଲ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ପରେ ଆଜି ସାରା ରାଜ୍ୟ ମର୍ମାହତ । ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ର ଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀଙ୍କୁ ନେଇ ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ଶୋକସଭା ଆୟୋଜନ କରାଯାଇ ନୀରବ ପ୍ରାର୍ଥନା ପରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସଚେତନତା ସଭା ଆୟୋଜନ କରାଯାଇଥିଲା । ଭବିଷ୍ୟତରେ କୌଣସି ପରିସ୍ଥିତିରେ ବି ଏଭଳି ଘଟଣା ନ ଘଟୁ ବୋଲି ସମସ୍ତେ ମତବ୍ୟକ୍ତ କରିଥିଲେ । ଚଲେଜ ଅଧକ୍ଷଙ୍କ ଅଧକ୍ଷତାରେ ନାରୀ ନିର୍ଯାତନା କମିଟି ଗଠନ କରାଯାଇଛି । ଅଧ୍ୟାପିକା ସୈଳିକା ନାଏକ, ସରିତା ରଣା, କିରାଣୀ ସୁନୀତା ବଘାର ଏବଂ ପିଅନ ପଙ୍କଜିନି ମିଶ୍ର ଉକ୍ତ କମିଟିରେ ସଦସ୍ୟ ଅଛନ୍ତି । ସଚେତନତା ସଭାରେ ଅଧ୍ୟାପକ ଦିଲ୍ଲୀପ ପଶାୟତ, ଭ୍ରୀଙ୍ଗ୍ରରାଜ ରଣା, ଫାଲଗୁନି ଦାସ, ପ୍ରେମଚାନ୍ଦ ତାଣ୍ଡି, ବାବୁଲା ନାୟକ, ଶରତ ଚନ୍ଦ୍ର ପଧାନ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ ।

## ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ

**ଦେଓଗାଁ,୧୫ ।୭ (ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ କୁତୁର୍ଲା ପଞ୍ଚାୟତ ଧ୍ରୁବାଆନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଯୁବ ଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି । ମେରା ଯୁବ ଭାରତ ବଲାଙ୍ଗିର ଶାଖା ଏବଂ କୁତୁର୍ଲାର କୋଶଳୀ ଲୋକନୃତ୍ୟ ଏକାଡେମୀଙ୍କ ମିଳିତ ଆନୁକୂଲ୍ୟରେ




ବିଶ୍ୱ ଯୁବଜ୍ଞାନ କୌଶଳ ଦିବସ ପାଳିତ ହୋଇଯାଇଛି । କଲେଜ ଅଧକ୍ଷ ପ୍ରମୋଦ ବଡପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିପିଏମ ସବ୍ୟାରାଣୀ ମହାଲିଙ୍ଗ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀଙ୍କୁ ଯୁବଶକ୍ତିର ସାମର୍ଥ୍ୟ ଓ ବିକାଶ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ କୋଶଳୀ ଲୋକନୃତ୍ୟ ଏକାଡେମୀର ସଂପାଦକ ଧରଣୀଧର ନାୟକ, ଅଧ୍ୟାପକ ବଳରାମ ପଧାନ, ହେମନ୍ତ କୁମାର ସାହୁ, ମଙ୍ଗଳ ସାହୁ, କ୍ରୀଡା ଶିକ୍ଷକ ସରୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଉଚ୍ଚ ମାଧମିକ ବିଦ୍ୟାଳୟର ସମସ୍ତ କର୍ମ.ରୀ ସହଯୋଗ କରିଥିଲେ । ଶେଷରେ ଇତିହାସ ଅଧ୍ୟାପକ ବିଜୟ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣାଗଡ଼ରେ ଉନ୍ନୟନ କାମ ବ୍ୟାହତ ଘଟଣା

# ପ୍ରଶାସନର ପ୍ରତିଶ୍ରୁତି ପରେ ସମିତି ସଭ୍ୟଙ୍କ ଆମରଣ ଅନଶନ ପ୍ରତ୍ୟାହୃତ

**ପାଟଣାଗଡ଼,୧୫ ।୭ (ସମିସ):**



ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ପାଟଣାଗଡ଼ରେ ଉନ୍ନୟନ କାମ ଠପ ହୋଇପଡିଥିବା ଅଭିଯୋଗ ଆଣି ଜନସାଧାରଣଙ୍କ ସ୍ୱର୍ଥ ତଥା ସାମୂହିକ ଉନ୍ନତି ପ୍ରତି ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ଏବଂ ସରକାରଙ୍କ ଉଦାସୀନତା ପ୍ରତିବାଦରେ ପାଟଣାଗଡ ବ୍ଲକ୍‌ରେ ସମିତି ସଭ୍ୟସଭ୍ୟା ଏବଂ ଏନ୍‌ଏସିରେ କାଉନସିଲରମାନେ ୧୫ ଦିନ ହେଲା ଧାରଣା ଦେଇ ଆସୁଥିଲେ । ତେବେ ପ୍ରଶାସନ କୈଣସି ପଦକ୍ଷେପ ନ ନେବାରୁ ସୋମବାର ଠାରୁ ବ୍ଲକ୍ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ୪ ଜଣ ସମିତି ସଭ୍ୟା ଆମରଣ ଅନସନରେ ବସିଥିଲେ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଆମରଣ ଅନସନସ୍ଥଳକୁ ପିଡି ଡିଆରଡିଏ ପ୍ରଭାତ କୁମାର ଦାସ, ଉପଜିଲ୍ଲାପାଳ ସୁନୀଲ ମେହେର, ବିଡ଼ିଓ ସୁମନ ମିଞ୍ଜ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ତେବେ ପ୍ରଶାସନ ଠାରୁ ଦୃଢ ପ୍ରତିଶ୍ରୁତି ପାଇଲାପରେ ଧାରଣାରତ ସମିତି ସଭ୍ୟ, ସଭ୍ୟା ଆମରଣ ଅନସନକୁ ପ୍ରତ୍ୟାହୃତ କରିଛନ୍ତି । ନିର୍ବାଚିତ ଜନପ୍ରତିନିଧିମାନେ ଏକତା ହୋଇ ନିଜ ହକ ଓ ଜନସାଧାରଣଙ୍କ ସାମୂହିକ ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଅନଶନ ଜାରିରଖିଥିଲେ । ଶେଷରେ ପ୍ରଶାସନର ପ୍ରତିଶ୍ରୁତି ପରେ ନୂଆଇଲା ବୋଲି ସମିତି ସଭ୍ୟ ସଂଘର ସଭାପତି ଗୋବିନ୍ଦ ମେହେର ସୂଚନା ଦେଇଛନ୍ତି । ଅପରପକ୍ଷରେ ଏନ୍‌ଏସିରେ ଧାରଣାରତ କାଉନସିଲରମାନଙ୍କ ପାଖକୁ ଅତିରିକ୍ତ ପିଡି ତରଣୀ ସୁନା ପହଞ୍ଚି ତାଙ୍କ ସହିତ ଆଲୋଚନା କରିବାସହ ସେମାନଙ୍କୁ ଧାରଣାରୁ ଓହରି ଯିବାକୁ ଅନୁରୋଧ କରିଥିଲେ । କିନ୍ତୁ କାଉନସିଲରମାନେ ନିଜ ଜିଦରେ ଅଟଳ ରହି ଲିଖିତ ପ୍ରତିଶ୍ରୁତି ମାଗିଥିଲେ । ତେବେ ଶ୍ରୀ ସୁନା ଏ ବିଷୟରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବିବୋଲି କହି ସହ ଧାରଣାସ୍ଥଳରୁ ଫେରିଯାଇଥିଲେ । ଜିଆଇଏ,କେବିକେ ବିକାଶ ପାଣ୍ଠି, ବିକଶିତ ଗାଁ ବିକଶିତ ଓଡିଶା ପାଇଁ ଆସୁଥିବା ଅନୁଦାନକୁ ନେଇ ଖୁବଶୀଘ୍ର ସମିତି ସଭ୍ୟସଭ୍ୟାଙ୍କୁ ନେଇ ବିଡ଼ିଓ ବ୍ଲକ୍ ସଭା ଗୃହରେ ଏକ ସଭା ଡାକିବେ । ସେହି ସଭାରେ ଉପରୋକ୍ତ ଅନୁଦାନକୁ ନେଇ ଏକ ରେଜ୍ୟୁଲେସନ ପାସ କରାଯିବ । ରେଜୁଲେସନ ଆଧାରରେ ସମିତି ସଭ୍ୟସଭ୍ୟା ମାନେ ନିଜନିଜ ଅଞ୍ଚଳର ଉନ୍ନୟନମୂଳକ କାମ କରିପାରିବେ ବୋଲି ପିଡି ଡିଆରଡିଏ ଶ୍ରୀ ମହାପାତ୍ର ଆମରଣ ଅନସନ ସ୍ଥଳରେ ପ୍ରତିଶ୍ରୁତି ଦେଇଥିଲେ । ଯଦି ଏଥିରେ ଖିଲାପ ହେଲେ ପୁନର୍ବାର ସମିତି ସଭ୍ୟସଭ୍ୟାମାନେ ଆମରଣ ଅନସନରେ ବସିବେ ବୋଲି ସମିତି ସଭ୍ୟ ସଂଘ ସମ୍ପାଦକ ଜୟନ୍ତ କୁମ୍ଭାର ସୂଚନା ଦେଇଛନ୍ତି । ମଙ୍ଗଳବାର ଆମରଣ ଅନସନର ଦ୍ୱିତୀୟ ଦିନର ସନ୍ଧ୍ୟାରେ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ମଧୁମିତା ମେହେର ଓ ଏଏନଏମ ପ୍ରଭାତି ମେହେର ଆମରଣ ଅନସନସ୍ଥଳକୁ ପହଞ୍ଚି ବସିଥିବା ୪ ଜଣ ସଭ୍ୟାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିଥିଲେ । କିଛି ସମୟ ପରେ କେନ୍ଦୁମୁଣ୍ଡି ସମିତି ସଭ୍ୟା ଭୁମିସୁତା ଧରୁଆ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସୁଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି ।

**ସୌମ୍ୟାଶ୍ରୀଙ୍କ ଆତ୍ମାହୁତିଜନିତ ମୃତ୍ୟୁ ଘଟଣାରେ ଗର୍ଜିଲା ବିଜେଡି**

# ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ, ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ




**ସମ୍ବଲପୁର, ୧୫।୭ (ସମିସ):**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଓ ମୃତ୍ୟୁ ଘଟଣାକୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ କ୍ଷମାପ୍ରାର୍ଥନା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ସୋମବାର ରାତିରେ ଏଫ୍‌ଏମ୍ ଛାତ୍ରୀ ସୋମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ଏକ ଆତ୍ମହତ୍ୟା ନୁହେଁ ବରଂ ହତ୍ୟା ବୋଲି ଛାତ୍ର ବିଜେଡି ପକ୍ଷରୁ ପ୍ରକାଶ କରାଯାଇଛି। ଜଣେ ଛାତ୍ରୀ ନିଜ ସହିତ ହେଉଥିବା ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ଡିଜିଟାଲ ଇଣ୍ଡିଆ ନାରା ଦେଉଥିବା ସରକାର ଡିଜିଟାଲ ମାଧ୍ୟମରେ ଅନୁରୋଧକୁ ଅଣଦେଖା କଲେ। ବେଟି ବଚାଓ ବେଟି ପଢ଼ାଓ ନାରା କେବଳ ନାରାରେ ପରିବର୍ତ୍ତିତ ହୋଇଯାଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀଗଣଙ୍କ ଗତକାଲି ଏମ୍ସ ଗସ୍ତ ଛାତ୍ରୀର ଜୀବନ ଫେରେଇ ପାରିବନି। ଏହି ଗସ୍ତ ବା ତତ୍ପରତା ପୂର୍ବରୁ ଦେଖେଇଥାନ୍ତେ ହେଲେ ଆଜିର ଦୁଃଖଦ ଘଟଣାକୁ ରୋକା ଯାଇପାରିଥାନ୍ତା। ଛାତ୍ର ବିଜେଡି ମୁଖ୍ୟମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ପ୍ରତିବାଦ ସଭାରେ ଜୋନ ସଭାପତି ମିଳନ ହୋତା ସଭାପତିତ୍ୱ କରିଥିବାବେଳେ ବିଜେଡି ବରିଷ୍ଠ ନେତା ଗୋକୁଳ ମେହେର, ବିଜେଡି ପୂର୍ବତନ ଜିଲ୍ଲା ସମ୍ପାଦକ ମହମ୍ମଦ ସନୱାଲା, ବିଜେଡି ପୂର୍ବତନ ଜିଲ୍ଲା ଉପସଭାପତି ଦୂର୍ଯ୍ୟ ମହାନ୍ତି, ଧିରେନ ଦେବତା, ଜିଲ୍ଲା ପୂର୍ବତନ ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଯୁବ ବିଜେଡି ଉପସଭାପତି ସୁମିତ ପଟେଲ, ଯୁବ ବିଜେଡି ସମ୍ପାଦକ ବିକାଶ ସାହୁ, ଛାତ୍ର ବିଜେଡି ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ତୁମନ ପ୍ରଧାନ, ଆର୍ଯ୍ୟନ ବହିଦାର, ଶୁଭମ ସାହୁ, ସପନ ହୋତା, ଅର୍ଯ୍ୟମାନ ବେହେରା, ଶିବୁ ସେଠ, ଅଭିନବ ଶୁକ୍ଳା, ଆର୍ଯ୍ୟାନ ନାୟକ, ନେହା ରୋହିଦାସ, ନିପନ ମିଶ୍ର, ଅସିତ ସାହୁ, ସ୍ୱାଗତିକା ମହାନ୍ତି, ପ୍ରୀତି ସାହୁ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ।

### 'ମୃତ୍ୟୁ ଆତ୍ମହତ୍ୟା ନୁହେଁ ; ପ୍ରାୟୋଜିତ ହତ୍ୟା'

ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ ସଭାପତି ସଂଜିତ ମହାନ୍ତି ଫକୀର ମୋହନ ସ୍ୱୟଂଶାସିତ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁ ଘଟଣାରେ ଗଭୀର ଉଦବେଗ ପ୍ରକାଶ କରିବା ସହିତ ତାଙ୍କ ମୃତ୍ୟୁ ପାଇଁ ସରକାରୀ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଦାୟୀ କରିଛନ୍ତି। ସ୍ୱର୍ଗୀୟ ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ନ୍ୟାୟ ନ ପାଇ ହତାଶ ହୋଇ ମୃତ୍ୟୁବରଣ କରିଥିବାରୁ ତାଙ୍କ ମୃତ୍ୟୁ ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସମ୍ପୂର୍ଣ୍ଣ ଭାବେ ଦାୟୀ। ଏହି ଚରମ ଦାୟିତ୍ୱହୀନତାର ଶ୍ରୀ ମହାନ୍ତି ତୀବ୍ର ନିନ୍ଦା କରିଛନ୍ତି ଏବଂ ଏଥିପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ କ୍ଷମା ମାଗିବା ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

### 'ସରକାରଙ୍କ ଦାୟିତ୍ୱହୀନତା ଦାୟୀ'

ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଜନିତ ମୃତ୍ୟୁରେ ସମ୍ବଲପୁର ଉନ୍ନୟନ ପ୍ରାଧିକରଣର ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଉଦବେଗ ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ସୌମ୍ୟାଶ୍ରୀଙ୍କ ଏହି ମୃତ୍ୟୁରେ ଜଣେ ପ୍ରତିଭାବାନ ଛାତ୍ରୀଙ୍କ ଜୀବନର ଅବସାନ ଘଟିଲା। ସେ ତାଙ୍କ ପ୍ରତି ହେଇଥିବା ଅନ୍ୟାୟ ବିରୋଧରେ ସରକାରଙ୍କ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସମେତ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଜଣାଇଥିବା ସତ୍ତ୍ୱେ ନ୍ୟାୟ ନ ପାଇ ନିଜ ଜୀବନକୁ ବଳି ଦେଇଦେଲେ। ଏଥିରୁ ସରକାର ତଥା ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ତଥା ପ୍ରଶାସନିକ ସ୍ଥାଣୁତା ସ୍ପଷ୍ଟ ହୋଇଯାଇଛି। ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ସ୍ତବ୍ଧ କରିବା ସହିତ ଜନସାଧାରଣଙ୍କ ପ୍ରଶାସନ ପ୍ରତି ଆସ୍ଥା ତୁଟି ଯାଉଛି। ଏହି ଦାୟିତ୍ୱହୀନତା ଜନିତ କାରଣରୁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ମୃତ ସୌମ୍ୟାଶ୍ରୀଙ୍କ ପରିବାର ତଥା ଓଡ଼ିଶାବାସୀଙ୍କୁ କ୍ଷମା ମାଗିବା ଏବଂ ସମ୍ପୂର୍ଣ୍ଣ ଭାବରେ ଦାୟୀ ଥିବା ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିବା ଏବଂ ବିଭାଗୀୟ କର୍ତ୍ତୃପକ୍ଷ ମାନଙ୍କୁ ମଧ୍ୟ ଦାୟୀ କରିବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଶ୍ରୀ ମହାନ୍ତି ଦାବୀ ଜଣାଇଛନ୍ତି।

## ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର,୧୫।୭(ସମିସ):** ଧମାସ୍ଥିତ ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫକିର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସ୍ୱର୍ଗତା ସୌମ୍ୟାଶ୍ରୀ ବିଶିଙ୍କୁ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱ ତଥା ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁରଙ୍କ ସଂଯୋଜନାରେ ଆୟୋଜିତ ଶୋକସଭାରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି କାମନାର୍ଥେ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାନୁଷ୍ଠାନରେ କୌଣସି ପ୍ରକାର ଶାରିରୀକ ତଥା ମାନସିକ ଅତ୍ୟାଚାରକୁ ସହ୍ୟ ନକରି ଏହାର ମୁକାବିଲା କରିବା ତଥା କୌଣସି ଶିକ୍ଷାର୍ଥୀଙ୍କ ଜୀବନରେ ଅନୁଷ୍ଠାନ ଭିତରେ ଯଦି ସେଭଳି ଘୃଣ୍ୟ ଘଟଣା ଘଟେ ତେବେ ସେଥିରେ ଭାଙ୍ଗି ନଯାଇ ଦୃଢ ମନୋବଳ ନେଇ ଏହାର ବିରୋଧ କରିବା ସହ ନିଜ ଅଭିଭାବକ ଓ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଯଥାଶିଘ୍ର ଏହା ସମ୍ପର୍କରେ ଅବଗତ କରାଇବାକୁ ସଭାରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଦୁଃଖଦ ଘଟଣାର ସମୁଚିତ ତଦନ୍ତ ସହ ଅଭିଯୁକ୍ତଙ୍କ ବିପକ୍ଷରେ ଅବଶ୍ୟ ନ୍ୟାୟୋଚିତ ଦଣ୍ଡ ବିଧାନ କରିବା ନିମନ୍ତେ ସରକାରଙ୍କଠାରୁ ଆଶାପ୍ରକାଶ କରାଯାଇଥିଲା।

## ଜିଲ୍ଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୧୫।୭ (ସମିସ):**ସମ୍ବଲପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି କଂଗ୍ରେସ ଭବନଠାରେ ଏକ ଶୋକସଭା କରାଯାଇଥିଲା। ଏଥିରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରେ ସାହସୀ ଝିଅ ସୌମ୍ୟାଙ୍କ ପାଇଁ ଜିଲ୍ଲା କଂଗ୍ରେସର ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସମ୍ବଲପୁର କଂଗ୍ରେସ ଭବନରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ବାହାରି ଗୋଲବଜାର ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର, ଦିନବନ୍ଧୁ ପରିଡ଼ା, ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, ବୁର୍ଲା ନେତା ଜିଲ୍ଲା ଓବିସି ସଭାପତି ଶିବବ୍ରତ ପ୍ରଧାନ, ସୁଧୀର ପଣ୍ଡା, ଜିତେନ୍ଦ୍ର ପ୍ରଧାନ, ଏମଡି ମୁକତାର, ବୁର୍ଲା ନେତା ଗିରିଜା ନାୟକ, ହୀରାକୁଦ ନେତା ରବି ରାଉତ, ଜିତେନ ପ୍ରଧାନ, ଜିତେନ ମହାନନ୍ଦ, ଆଦେଶ ରାଓ, ସତ୍ୟ ନାରାୟନ ସେନାପତି, ରଶ୍ମି ସ୍ୱାଇଁ, ତିଲୋତ୍ତମା ଚୌଧୁରୀ, ମହମ୍ମଦ ସଲିମ୍, ହରି ମେହେର, ପିଙ୍କୁ ସିଂ, ଗୋବିନ୍ଦ ଷଣ୍ଢ, କିଶୋର ବାଗ, ନକୁଳ ବେହେରା, ଭିକାରୀ ନାୟକ, କହ୍ନେୟାଲାଲ ପ୍ରମୁଖ ବହୁ କର୍ମୀ ସାମିଲ ହୋଇଥିଲେ।



## ଆଜି ସକାଳ ୮ରୁ ଅପରାହ୍ନ ୨ଟା ବିଦ୍ୟୁତ୍ ଯୋଗାଣ ବନ୍ଦ

**ସମ୍ବଲପୁର, ୧୫।୭(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରକ କମ୍ପାନୀ (ଟିପିଡବ୍ଲ୍ୟୁଓଡିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ସମ୍ବଲପୁର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ସମ୍ବଲପୁର ସହରର କେତେକ ଅଞ୍ଚଳରେ ବୁଧବାର ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସମ୍ବଲପୁର ସହର ଅନ୍ତର୍ଗତ ଚେରୁଆପଡ଼ା, ନନ୍ଦପଡ଼ା, ଝାଡ଼ୁଆପଡ଼ା, ବଡ଼ବଜାର, ବାଲିବନ୍ଧା, କୁଞ୍ଜେଲପଡ଼ା, ଦୁର୍ଗାପାଲି, ଫାର୍ମ ରୋଡ୍, ମୁଦିପଡ଼ା, ଲକ୍ଷ୍ମୀଟକିଜ୍, ପୋଲିସ୍ ଲାଇନ୍, ଗୁଜରାଟୀ କଲୋନୀ, କାଇଁଶୀର ରୋଡ଼, ସମଲେଶ୍ୱରୀ ମନ୍ଦିର ଅଞ୍ଚଳ, କ୍ଷେତରାଜପୁର ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳରେ ଆସନ୍ତାକାଲି ୧୬ ତାରିଖ ବୁଧବାର ସକାଳ ୮ଟା ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ବୋଲି ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ସୂଚନା ଦିଆଯାଇଛି। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖପ୍ରକାଶ କରିବା ସହ ଉକ୍ତ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକ ତଥା ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

## କୋର୍ଟ କର୍ମଚାରୀଙ୍କଠାରୁ ନିବେଶ ନାମରେ ୧୦ଲକ୍ଷ ଠକେଇ

**ସମ୍ବଲପୁର, ୧୫।୭ (ସମିସ) :** ସାଇବର ଠକ ମାନେ ନିୟମିତ ନୂଆ ନୂଆ ତରିକା ଆପଣାଉଛନ୍ତି। ନିବେଶ କରିବା ନାମରେ ଚାଲିଛି ଲକ୍ଷ ଲକ୍ଷ ଟଙ୍କାର ଠକେଇ। ଏଭଳି ଏକ ଘଟଣା ଘଟିଛି ସମ୍ବଲପୁରରେ। ଜଣେ କୋର୍ଟ କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। କଟକ ମାହାଙ୍ଗା ଅଞ୍ଚଳର ଦିଲ୍ଲୀପ ନାୟକ (୨୮) ରେଢ଼ାଖୋଲ ଏଡିଜେ କୋର୍ଟରେ କାମ କରନ୍ତି। ଅଧିକ ସୁଧ ଲୋଭ ଦେଖାଇ ତାଙ୍କଠାରୁ ୯ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଥିବା ସେ ସମ୍ବଲପୁର ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ସାମାଜିକ ଗଣମାଧ୍ୟମରେ ସାନ୍‌ଭି ଗୁପ୍ତା ନାମରେ ଜଣେ ତାଙ୍କ ସହିତ ସମ୍ପର୍କରେ ଆସିଥିଲେ। ଜେମିନି ଏକ୍ସଚେଞ୍ଜ ନାମକ ଏକ କ୍ରିପ୍ଟୋ କରେନ୍ସି କମ୍ପାନୀ ବିଷୟରେ ତାଙ୍କୁ କହିବାରୁ ଦିଲ୍ଲୀପ ଆଗ୍ରହ ଦେଖାଇଥିଲେ। କମ୍ପାନୀ ତରଫରୁ ତାଙ୍କୁ ଏକ ଆଇଡି ଓ ପାସ୍‌ୱାର୍ଡ ଦିଆଯାଇଥିଲା। ପ୍ରଥମେ ତାଙ୍କୁ ୧ ହଜାର ୧୦ ଟଙ୍କା ନିବେଶ କରିବାକୁ କୁହାଯାଇଥିଲା। ଏହାର ସୁଧ ବାବଦରେ ସେ ୩ ଶହ ଟଙ୍କା ଫେରିପାଇଥିଲେ। ଏହାପରେ ଉକ୍ତ କମ୍ପାନୀ ପ୍ରତି ଯୁବକଙ୍କର ଭରସା ହୋଇଥିଲା। ସେ ସେଥିରେ ଟଙ୍କା ନିବେଶ କରି ଚାଲିଲେ। ପରେ ଯେତେବେଳେ କୌଣସି ଟଙ୍କା ଫେରିପାଇଲେ ନାହି ସେ ସାଇବର ଠକେଇର ଶିକାର ହୋଇଛନ୍ତି ବୋଲି ଜାଣିବାକୁ ପାଇଲେ। ସେତେବେଳକୁ ଦିଲ୍ଲୀପ ୯ ଲକ୍ଷ ୮୨ ହଜାର ୭୫୨ ଟଙ୍କା ନିବେଶ କରିସାରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସମ୍ବଲପୁରରେ ଏଭଳି ସାଇବର ଠକେଇ ଘଟଣା ବାରମ୍ବାର ଘଟୁଛି। କିନ୍ତୁ ଲୋକେ ସଚେତନ ହେଉନାହାନ୍ତି। ପୁଲିସ ମଧ୍ୟ ଠକଙ୍କୁ ଧରିବାରେ ସକ୍ଷମ ହେଉନାହଁ।

## ଚୋରି ଅଭିଯୋଗରେ ୪ ଗିରଫ

**କୁଚିଣ୍ଡା,୧୫। ୭(ସମିସ):** କୁଚିଣ୍ଡା ଏନ୍‌ଏସି ଅନ୍ତର୍ଗତ ତଲବନ୍ଧପଡାରେ ଏକ ଘର ତାଲା ଭାଙ୍ଗି ସୁନା ଓ ରୂପା ଅଲଙ୍କାର ଚୋରି ଘଟଣାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରିଛି। ଘଟଣା ଜୁନ ୧୪ ରୁ ୧୬ ତାରିଖ ମଧ୍ୟରେ



ଘଟିଥିଲା। ଯେତେ ବେଳେ ଘର ମାଲିକ ସଞ୍ଜୟ କୁମାର ନାୟକ ତାଙ୍କ ପରିବାର ସହିତ ବରେଇପାଲି, ସମ୍ବଲପୁରରେ ଥିବା ଝିଅ ପାଖକୁ ଯାଇଥିଲେ। ଘରକୁ ଫେରିବା ପରେ ଘରର ତାଲା ଭାଙ୍ଗି ଓ ଶୟନ କକ୍ଷ ଭିତରେ ରଖାଯାଇଥିବା ଲକର ଭିତରୁ ୬୩ ଗ୍ରାମ ସୁନା ଓ ୩୦୦ ଗ୍ରାମ ରୂପା ଅଲଙ୍କାର ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ଘର ମାଲିକ ସଞ୍ଜୟ କୁମାର ନାଏକ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ସମ୍ବଲପୁର ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଟିମ୍‌ର ନେତୃତ୍ୱ ବାମଦେବ ସାଙ୍ଖୁଆଲ, କୁଚିଣ୍ଡା ଥାନା ଆଇଆଇସି ନେଇଥିଲେ ଯାହା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିଲା। ତଦନ୍ତ ପରେ ରାଜଗାଙ୍ଗପୁର ସିନ୍ଧିପଡ଼ା ରୁ କୁନ୍ଦନ ଶା (୨୭) କୁ ଜୁଲାଇ ୧୦ ତାରିଖ ରେ ଗିରଫ କରି ପଚରାଉଚୁରା ପରେ ଝାରଖଣ୍ଡ ରାଞ୍ଚି ଚାତ୍ରାରୁ ମହମ୍ମଦ ଏହେସାନ ଖାନ (୨୩),ଜାମସେଦପୁରରୁ ମନୀଷ କୁମାର ସୋନି (୩୨),ଜାମସେଦପୁର ବାଘବେରା ରୁ ଅମନ କୁମାର (୨୭)କୁ ଗିରଫ କରିଥିଲେ। ଗିରଫ ପରେ କୁନ୍ଦନ ଶାଙ୍କଠାରୁ ୨୭.୭୧ ଗ୍ରାମ ସୁନା ହାର (ରାଣୀ ହାରା) ଓ ୬.୭ ଗ୍ରାମ ସୁନା ଚୁଡ଼ି,ମହମ୍ମଦ। ଏମାନଙ୍କ ଠାରୁ ଗୋଟିଏ ସୁନା ଚେନ୍ ଓ ଗୋଟିଏ ଓପୋ ମୋବାଇଲ,ମନୀଷ ସୋନିଙ୍କଠାରୁ ୨୮.୬୭ ଗ୍ରାମ ସୁନା ଅଲଙ୍କାର (ମୁଦି, କାନମୁଦି),ଅମନ କୁମାରଙ୍କଠାରୁ ୩୦୦ ଗ୍ରାମ ରୂପା ଅଲଙ୍କାର ଓ ଅପରାଧରେ ବ୍ୟବହୃତ ଟିଭିଏସ୍ ଜୁପିଟର ସ୍କୁଟି ନଂ ଓଡି୧୪ଜେଡ୍-୨୩୪୫) ମଧ୍ୟ ଜବତ କରାଯାଇଥିବା କୁଚିଣ୍ଡା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଡାକ ବିଭାଗରେ ଅତ୍ୟାଧୁନିକ ସେବା ଆଇଟି ୨.୦ ଆରମ୍ଭ

**ସମ୍ବଲପୁର,୧୫।୭(ସମିସ):** ଗ୍ରାହକ ମାନଙ୍କୁ ଅଧିକ ସୁବିଧା ଏବଂ ଉତ୍କୃଷ୍ଟ ସେବା ପ୍ରଦାନ କରିବାକୁ ଭାରତୀୟ ଡାକସେବା ପ୍ରତିବଦ୍ଧ। ଏହି କ୍ରମରେ ଆଜି ସମ୍ବଲପୁର ମୁଖ୍ୟ ଡାକଘର ଏବଂ ଏହା ଅଧୀନସ୍ଥ ଉପ ଡାକଘର ଓ ଶାଖା ଡାକଘର ମାନଙ୍କରେ ଆଇଟି ୨.୦ (ଏଡ୍‌ଭାନ୍ସ ପୋଷ୍ଟାଲ ଟେକ୍‌ନୋଲୋଜି) ର ଶୁଭାରମ୍ଭ ସମ୍ବଲପୁର ଡାକ ନିର୍ଦ୍ଦେଶକ ସୁରେଶ କୁମାର ଠାକରେ କରିଛନ୍ତି। ସମ୍ବଲପୁର ଡାକ ଅଧିକ୍ଷକ ବସନ୍ତ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ଏବଂ ଡିଭିଜନର କର୍ମଚାରୀଙ୍କ ସହଯୋଗ ଦ୍ୱାରା ଏହା ସମ୍ପୂର୍ଣ୍ଣ ହୋଇପାରିଛି। ଏହି ନୂତନ ଡିଜିଟାଲ ପ୍ଲାଟଫର୍ମରେ ଗ୍ରାହକମାନେ ଦ୍ରୁତ, ସୁରକ୍ଷିତ ଓ ସହଜ ଡାକସେବା ପାଇପାରିବେ। ଭାରତୀୟ ଡାକ ବିଭାଗ ନିଜକୁ ଆଧୁନିକ ଏବଂ ନବୋନ୍ମେଷୀ ପ୍ରଯୁକ୍ତିରେ ଅନୁକୂଳ କରୁଥିବାରୁ ଗ୍ରାହକ ମହଲରେ ଏହାର ସ୍ୱାଗତ କରାଯାଇଛି।




## ଜିଲ୍ଲାସ୍ତରୀୟ ବିଶ୍ୱ ଯୁବ ଦକ୍ଷତା ଦିବସ

**ସମ୍ବଲପୁର,୧୫।୭(ସମିସ):** ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ପକ୍ଷରୁ ଆଜି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସତୀଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ଯୁଗ୍ମ ସିଇଓ ଓରମାସ ଶ୍ରୀମନ୍ତ ହୋତା, ଜିଲ୍ଲା ସୂଚନା ଓ ପ୍ରସାରଣ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ସମ୍ମାନିତ ଅତିଥି ଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ବିଭାଗ ଉପନିର୍ଦ୍ଦେଶକ ଶଙ୍କର ଚରଣ ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାରେ ବିଶ୍ୱ ଯୁବ ଦକ୍ଷତା ଦିବସର ମହତ୍ତ୍ୱ ଏବଂ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଆୟୋଜିତ କୁଇଜ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତାରେ ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶେଷରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ କନିଷ୍ଠ ନିଯୋଜନ ଅଧିକାରୀ ଲମ୍ବୋଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆତଙ୍କ ସୃଷ୍ଟି କରୁଥିବା ୨ ଯୁବକ ଗିରଫ

**ସମ୍ବଲପୁର, ୧୫।୭ (ସମିସ) :** ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୁଲିସ ସୋମବାର ରାତି ପ୍ରାୟ ୧୧ଟା ୩୯ ମିନିଟ ସମୟରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଜଣ ଯୁବକ ଏକ ଦେଶୀ ବନ୍ଧୁକ ଓ ମାରଣାସ୍ତ୍ର ଧରି ଲୋକମାନଙ୍କୁ ଭୟଭୀତ କରିବାସହ ଅଞ୍ଚଳରେ ଆତଙ୍କ ଖେଳାଉଥିବା ଖବର ପାଇଥିଲା। ଏସ୍‌ଆଇ ଏ.କେ ନାୟକ ତୁରନ୍ତ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ଯୁବକଙ୍କୁ ଧରିଥିଲା। ସେମାନେ ୱାନ୍‌ଆର୍ କଲୋନୀର ଶ୍ୟାମ ପଞ୍ଚବିହାର (୨୬) ଓ ଅଟାଚକିପଡ଼ାର ରାଜକୁମାର ମହାନନ୍ଦ (୨୦) ବୋଲି ଜଣାପଡ଼ିଲା। ସେମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଭୁଜାଲି, ଗୋଟିଏ ଲୁହା ଛୁରୀ, ଗୋଟିଏ ସର୍ଜିକାଲ ଛୁରୀ ସହ ଗୋଟିଏ ହିରୋ ସ୍ପେଲଣ୍ଡର ଗାଡ଼ି ଜବତ କରାଯାଇଛି। ବୁର୍ଲା ଥାନା କେସ ନଂ. ୨୮୬/୨୦୨୫ ଦଫା ୩ (୫) ବିଏନ୍‌ଏସ୍, ୨୫(୧)(କ) / ୨୭(୧) ଆର୍ମସ ଆକ୍ଟରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଶ୍ୟାମ ପଞ୍ଚବିହାର ନାମରେ ପୂର୍ବରୁ ବୁର୍ଲା ଥାନାରେ ଅପରାଧିକ ମାମଲା ରହିଥିବା ପୁଲିସ କହିଛି।



## ଲଇଡ଼ା କଲେଜ ଅଧ୍ୟକ୍ଷଙ୍କ ନାଁରେ ଧମକଚମକ ଅଭିଯୋଗ

**ସମ୍ବଲପୁର, ୧୫।୭ (ସମିସ) :** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଲଇଡ଼ାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ ନାଏକ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପିକା ଓ ଜଣେ କର୍ମଚାରୀଙ୍କୁ ଧମକଚମକ ଦେଇଥିବା ନେଇ ସେମାନେ କତରବଗା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କତରବଗା ଥାନା ଅଧିକାରୀ ଅନନ୍ତ ଚରଣ ସାହୁ ଆଜି ଲଇଡ଼ା କଲେଜକୁ ଯାଇ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନଙ୍କୁ ପଚରାଉଚୁରା କରିଛନ୍ତି। ଆଜି ଅପରାହ୍ଣରେ ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ମଧ୍ୟ କଲେଜକୁ ଯାଇ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ୧୪ ତାରିଖ ଅଧ୍ୟକ୍ଷ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀଙ୍କ ବୈଠକ ଡାକିଥିଲେ। ବୈଠକରେ ବ୍ୟକ୍ତିଗତ ଓ ଅନୁଷ୍ଠାନର ଆର୍ଥିକ କଥାକୁ କେହି ଜଣେ ଦୁଇଜଣ ବାହାରେ ପ୍ରଘଟ କରୁଥିବାର ଆଲୋଚନା କରିଥିଲେ। ଏଥିରେ ସେ ଜଣେ ଦୁଇଜଣଙ୍କୁ ଇଙ୍ଗିତ କରି କହୁଥିଲେ। ମୋର କୋଉପ୍ରକାର ପରିବାରରେ ବାହାଘର ହେଇଛି ଜାଣିଛୁ ମୋ ପାଇଁ ସେମାନେ କୋଟି କୋଟି ଟଙ୍କା ଫିଙ୍ଗିଦେବେ ଓ ସମସ୍ତ କର୍ମଚାରୀଙ୍କୁ ଗିରଫ କରି କୁଆଡ଼େ ଫିଙ୍ଗିଦେବେ କହି ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। କର୍ମଚାରୀ ଜଣକ ଧମକପୂର୍ଣ୍ଣ କଥାକୁ ବିରୋଧ କରିବାରୁ ଯୁକ୍ତିତର୍କ ହୋଇ ତୋତେ ଚାକିରୀରୁ ନିଲମ୍ବନ କରିଦେବି ଓ ଦେଖିନେବି କହି ବୈଠକରୁ ଚାଲିଯାଇଥିଲେ। କର୍ମଚାରୀ ଜଣକ ଭୟଭୀତ ଅବସ୍ଥାରେ ଅଛନ୍ତି ଏବଂ ସୁରକ୍ଷା ଦେବାକୁ ଏତଲାରେ ଅନୁରୋଧ କରିଛନ୍ତି। ସେହିପରି ଅଧ୍ୟାପିକା ଜଣକ ଏତଲାରେ ଲେଖିଛନ୍ତି ଯେ, ସେ ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଜଣେ ଅଧ୍ୟକ୍ଷ ଭାବେ ତିନିରୁ ପାଞ୍ଚ ବର୍ଷ ରହିପାରିବ ବୋଲି ଜଣାଇବାପରେ ତାଙ୍କୁ ନିର୍ଯାତନା ଦେଉଛନ୍ତି। ଅଧ୍ୟାପିକା ମଧ୍ୟ ସେହି ବୈଠକ ବିଷୟରେ ଉଲ୍ଲେଖ କରିଛନ୍ତି। ଅଧ୍ୟାପିକା ଜଣକ ଧମକଚମକ ପରେ ତାଙ୍କ ଜୀବନକୁ ବିପଦ ଥିବା ଉଲ୍ଲେଖ କରି ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। କଲେଜ ଅଧ୍ୟକ୍ଷ ବସନ୍ତ ନାଏକଙ୍କୁ ପଚାରିବାରୁ ଅଭିଯୋଗ ମିଥ୍ୟା ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବାସହ ମୁଁ କାହାରିକୁ କୌଣସି ପ୍ରକାର ଧମକ ଦେଇନାହିଁ ବୋଲି କହିଛନ୍ତି।

# ଗଙ୍ଗାଧର ମେହେର ସମ୍ମାନକୁ ନେଇ ବିବାଦ

**ସମ୍ବଲପୁର, ୧୫।୭(ସମିସ) :**

ସମ୍ବଲପୁର ବିଶ୍ୱବିଦ୍ୟାଳୟର 'ଗଙ୍ଗାଧର ମେହେର ଜାତୀୟ ସମ୍ମାନ - କବିତା'ରେ ଓଡ଼ିଶା ବାହାରର ବହୁସଂଖ୍ୟାରେ ବିଶିଷ୍ଟ କବି ସମ୍ବର୍ଦ୍ଧିତ ହୋଇଛନ୍ତି। ତେବେ ଗତ ଜୁନ ୨୫ ତାରିଖ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ବୈଠକରେ ଏହି ସମ୍ମାନକୁ 'ଗଙ୍ଗାଧର ସାହିତ୍ୟ ସମ୍ମାନ' କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା କେବଳ କବିତା ନୁହେଁ ସାହିତ୍ୟର ସମସ୍ତ ଦିଗ ପ୍ରତି ଉନ୍ମୁକ୍ତ ରହିବ। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ନିଷ୍ପତ୍ତି ଆର୍ନ୍ତଜାତିକ ଖ୍ୟାତିସମ୍ପନ୍ନ ସ୍ୱଭାବ କବି ଗଙ୍ଗାଧରଙ୍କ ପ୍ରତି ସମ୍ମାନ ନା ଅପମାନ ବୋଲି ପ୍ରଶ୍ନ କରାଯାଇଛି।

କବି ଗଙ୍ଗାଧର ମେହେର ଓଡିଆ ଜାତିର ଗର୍ବ ଓ ଗୌରବ ତଥା ଆମ ସଂସ୍କୃତି ର ଆଧାର ଓ ପ୍ରତୀକ। ଏହି ପ୍ରାତଃ ସ୍ମରଣୀୟ ବିଭୂତି, ତାଙ୍କର ବିସ୍ମୟକର ମୌଳିକ ପ୍ରତିଭା ତଥା କୃତି ଏବଂ କିଭିରେ ସମଗ୍ର ବିଶ୍ୱକୁ ଉଦ୍‌ଭାସିତ କରିଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ଏକ ଆଦର୍ଶ ରୂପେ ଗ୍ରହଣ କରିଛି। ଏହି ଅମର କାବ୍ୟ ଶିଳ୍ପୀ, ପ୍ରକୃତିର ଫଂଗାଜୀବ ଗଙ୍ଗାଧରଙ୍କ ସମ୍ମାନରେ ତାଙ୍କର ପୂଜ୍ୟ ପୂଜା, ଜୀବନୀ, ଆଦର୍ଶ ତଥା ତାଙ୍କରି ସାରସ୍ୱତ ସମ୍ଭାର ପ୍ରଚାରପ୍ରସାର ସକାଶେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ୧୯୮୯ ମସିହାରେ 'ଗଙ୍ଗାଧର ଜାତୀୟସମ୍ମାନ-କବିତା' (ଗଙ୍ଗାଧର ନେସ୍‌ନାଲ ଆୱାର୍ଡ ଫର୍ ପଏଟ୍ରୀ) ପ୍ରତିଷ୍ଠା କରାଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ ପ୍ରଶାସକ ରାଜେନ୍ଦ୍ର କିଶୋର ପଣ୍ଡା ଏହି ସମ୍ମାନର ପରିକଳ୍ପନା କରିବା ସଙ୍ଗେ ସଙ୍ଗେ ତାକୁ ପୂର୍ଣ୍ଣାଙ୍ଗ ରୂପ ଦେଇଥିଲେ ଏବଂ ଏହି ସମ୍ମାନ ପାଇଁ ଓଡ଼ିଶା ତଥା ଓଡ଼ିଶା ବାହାରର ସାହିତ୍ୟିକ ଓ କବିଙ୍କ ବିଚାର ବିମର୍ଶରେ ଏହାର ଅନୁମୋଦନ କରିଥିଲେ। ଏହି ଆଇନ ଚନ୍‌ଫର୍ମେଣ୍ଟ ଅଫ୍ ଆୱାର୍ଡ ରୁଲ୍‌ସ' ନାମରେ ନାମିତ। ଉକ୍ତ ନିୟମ ଅନୁସାରେ ସମ୍ମାନର ନାମ "ଗଙ୍ଗାଧର ଜାତୀୟ ସମ୍ମାନ' କବିତା ରଖାଯାଇଥିଲା। ନିୟମ ଅନୁସାରେ ଏହି ସମ୍ମାନର ଚୟନ ନିମନ୍ତେ ଏକ 'ବିଚାରକ ପରିଷଦ' ରହିଛି। ଭାରତବର୍ଷର ବିଭିନ୍ନ ଭାଷାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମି ଦ୍ୱାରା ପୁରସ୍କୃତ କବି ସମୂହ ଏହି ପରିଷଦର ସଭ୍ୟ ରହିଛନ୍ତି। ନିୟମାବଳୀ ଅନୁସାରେ ଏହାର ଚୟନ କେବଳ କବିତା ପାଇଁ ଉଦ୍ଦିଷ୍ଟ। ରୁଲ୍ ନଂ.୪.୧ରେ ଜଣେ ଭାରତୀୟ କବିଙ୍କୁ ଚୟନ କରିବାକୁ ଏଥିରେ ଉଲ୍ଲେଖ ରହିଛି। ତେବେ ଗତ ଜୁନ ୨୫ ତାରିଖ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ସଭା ଦ୍ୱାରା ଏଜେଣ୍ଡା ନଂ.୨୬ରେ ଉକ୍ତ ଜାତୀୟ କବିତା ସମ୍ମାନକୁ ରଦ୍ଦ କରାଯାଇ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' କରାଯାଇଛି। ଏହା ଫଳରେ ଭବିଷ୍ୟତରେ କାବ୍ୟ, କବିତା ସହିତ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, ଶିଶୁସାହିତ୍ୟ, ରମ୍ୟରଚନା, ଅନୁବାଦ ପାଇଁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇପାରିବ। ଏହି ନିୟମାବଳୀ ଗୁଡିକ କୋହଳ କରିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏହି ସମ୍ମାନର ମୂଳ ନିୟମାବଳୀ ଅନୁସାରେ ଭାରତୀୟ କାବ୍ୟଧାରାର ବିଭିନ୍ନ ଭାଷାର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କବି 'ଗଙ୍ଗାଧର ଜାତୀୟ ସମ୍ମାନ - କବିତା'ରେ ସମ୍ମାନିତ ହୋଇଛନ୍ତି, ଯାହା ବିଶ୍ୱବିଦ୍ୟାଳୟକୁ ଜାତୀୟସ୍ତରରେ ଗୌରବ ଆଣିଛି। କିନ୍ତୁ କେଉଁ ପରିସ୍ଥିତିରେ ଉକ୍ତ ନିୟମାବଳୀକୁ ବଦଳାଇବାର ଆବଶ୍ୟକ ପଡ଼ିଲା ବୋଲି ବୁଦ୍ଧିଜୀବୀ, ସାହିତ୍ୟିକ ତଥା ସଚେତନ ମହଲରେ ପ୍ରଶ୍ନ କରିଛନ୍ତି। ଏହା ଅମୃତର କବି, ମଧୁମୟ ଚେତନାର କବି ଗଙ୍ଗାଧର ସମ୍ମାନ ପ୍ରତି ଏକ ପ୍ରଚଣ୍ଡ ଧକ୍କା ଏବଂ ମୂଳ ଚୟନ ନିୟମ ବ୍ୟବସ୍ଥାର ପୁନଃସ୍ଥାପନ ପାଇଁ ଦାବି ଜଣାଇଛନ୍ତି। ସମ୍ବଲପୁର ବିଶ୍ୱବିଶ୍ୱବିଦ୍ୟାଳୟ ପ୍ରଫେସର ବିଧୁଭୂଷଣ ମିଶ୍ର କହିଛନ୍ତି, ଏହି ସମ୍ମାନର ପୁରୁଣା ନିୟମକୁ ବଦଳାଇବା ପାଇଁ ଏକ କମିଟି ଗଠନ ହୋଇଥିଲା। ଏହି କମିଟିର ସୁପାରିଶ କ୍ରମେ 'ଗଙ୍ଗାଧର ଜାତୀୟ ସମ୍ମାନ - କବିତା'କୁ 'ଗଙ୍ଗାଧର ମେହେର ସାହିତ୍ୟ ସମ୍ମାନ' କରାଯାଇଛି। ସାହିତ୍ୟ ସମ୍ମାନ ହେଲେ ତାହା କବିତାକୁ ମଧ୍ୟ ଅନ୍ତର୍ଭୁକ୍ତ କରିବ ଏବଂ ଏହି ସମ୍ମାନଟି ସାହିତ୍ୟରେ ବିସ୍ତାର ରୂପ ନେବ। ଜାତୀୟସ୍ତରରେ ଯେଭଳି ରହିଥିଲା ସେଭଳି ସମ୍ମାନଟି ବ୍ୟାପକ ହୋଇ ରହିବ ବୋଲି ପ୍ରଫେସର ମିଶ୍ର ସୂଚନା ଦେଇଛନ୍ତି।

## କୋଇଡାରେ ସନାତନ ଜାଗରଣ ଶୋଭାଯାତ୍ରା




କୋଇଡା,୧୫।୭(ସମିସ): କୋଇଡା ଅଞ୍ଚଳରେ ସନାତନ ଜାଗରଣ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୩ ଶହ ପୁରୁଷ ,ମହିଳା ସ୍ଥାନୀୟ ବାବା ଲଙ୍ଗଳେଶ୍ୱର ମନ୍ଦିରରୁ ଶୋଭାଯାତ୍ରାରେ ବାହାରି କୋଇଡା ସହର ପରିକ୍ରମା କରି ହିନ୍ଦୁ ଏକତା ପାଇଁ ବାର୍ତ୍ତା ଦେଇଥିଲେ। ସନାତନ ଧର୍ମ ପ୍ରତି ଜାଗରଣ ସୃଷ୍ଟି କରିବା ସହିତ ଧର୍ମାନ୍ତିକରଣ ଓ ଗୋହତ୍ୟା ବନ୍ଦ କରିବାକୁ ଏଥିରେ ଦାବି କରାଯାଇଥିଲା। ପରେ ଲଙ୍ଗଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ କୋଇଡାର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି, କଟକ, ଭୁବନେଶ୍ୱର, କେଉଁଝର, ଯୋଡା, ବଣେଇ, ରାଉରକେଲା ଓ ନବରଙ୍ଗପୁର ଅଞ୍ଚଳର ବିଶିଷ୍ଟ ବକ୍ତାମାନଙ୍କ ସମେତ ଜଗନ୍ନାଥ ସଂସ୍କୃତି ଗବେଷକ ସର୍ବେଶ୍ୱର ତ୍ରିପାଠୀ, ବିଶ୍ୱ ହିନ୍ଦୁ ପରିଷଦ ସର୍ବେଶ୍ୱର ଦାଶ, ଲୋକନାଥ ଗିରି, କୁମାରୀ କଳ୍ପନା କିଶାନ ଯୋଗଦେଇ ସନାତନ ଧର୍ମର ବିଶିଷ୍ଟତା ସମ୍ପର୍କରେ କହିଥିଲେ। ଏଥିସହ କୋଇଡା ଅଞ୍ଚଳରେ ବହୁଳ ମାତ୍ରାରେ ହେଉଥିବା ଧର୍ମାନ୍ତରୀକରଣ ଓ ଗୋ ହତ୍ୟା ବିରୁଦ୍ଧରେ ତୀବ୍ର ପ୍ରତିକ୍ରିୟା ରଖିଥିଲେ। ଏ ସଙ୍କ୍ରାନ୍ତରେ ଦାବିପତ୍ର କୋଇଡା ଥାନା ଅଧିକାରୀ ଓ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୋଇଡାର ଶ୍ରୀରାମ ସେନା, କେଉଁଝର,ବଡ଼ବିଲ, ବଣେଇର ହିନ୍ଦୁ ସଂଗଠନ ସହଯୋଗ କରିଥିଲେ। ସୁନିତା ସାହୁ, ବିରବର ବେହେରା, ସମୀର ରାଠୋର, ସୁଜିତ ଲାକ୍ରା, ପ୍ରଦୀପ ଜୟସ୍ୱାଲ, ପଦ୍ମିନୀ ଜୟଶ୍ୱାଲ, ଆକାଶ ଶର୍ମା, ଦୂର୍ଗା ମାଧବ ପଣ୍ଡା, ବିକାଶ ଜୟସ୍ୱାଲ, ସୁଦୀପ୍ତ ପଟ୍ଟନାୟକ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



ବଣାଇଁ,୧୫।୭(ସମିସ): ବଣାଇଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗତ ପାଞ୍ଚ ଦିନଧରି ଚାଲିଥିବା ପ୍ରଧାନ ଶିକ୍ଷକ ଓ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ ଶିବିର "ସମ୍ଭବ" ଉଦ୍‌ଯାପିତ ହୋଇଯାଇଛି। ଶିବିରର ପଞ୍ଚମ ଦିବସରେ ଆଇଇଡି ସଂଯୋଜକ ଅମାତ୍ୟ କୁମାର ପ୍ରଧାନ ବିଦ୍ୟାଳୟରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନଙ୍କ ସହଭାଗିତା ତଥା ଏକନିଷ୍ଠ ହୋଇ ଦାୟିତ୍ୱ ସମ୍ପାଦନା ସମ୍ବନ୍ଧରେ ଅବଗତ କରାଇଥିଲେ। ଅନ୍ତିମ ଦିବସର ଦ୍ୱିତୀୟ ପର୍ଯ୍ୟାୟରେ ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସକ୍ରିୟ ଶିକ୍ଷଣ ପରିବେଶ ନିମନ୍ତେ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ଭୂମିକା ସମ୍ବନ୍ଧରେ ବିସ୍ତୃତ ଭାବରେ କହିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରଣୟନ ଉପରେ ପର୍ଯ୍ୟବେସିତ ଏହି ପ୍ରଶିକ୍ଷଣ ଶିବିରରେ ବଣାଇଁ ଉପଖଣ୍ଡର ୬୫ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ପ୍ରଶିକ୍ଷକ ସୁଶ୍ରୀ ଗାୟତ୍ରୀ ସେଠୀ, କାଶୀନାଥ ବେହେରା, ତନୁଜା ନନ୍ଦିନୀ ତନ୍ତୀ, ଦଳିନ୍ଦ୍ର ତନ୍ତୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ଓ ସୁନ୍ଦରଗଡ ଜିଲ୍ଲା ବିଜ୍ଞାନ ସଂଯୋଜକ ଚନ୍ଦ୍ର ଶେଖର ସାଙ୍କ ତତ୍ତ୍ୱାବଧାନରେ ଛନ୍ଦା ଚରଣ ଡ଼ଗ୍ରା ଓ ମୁରଲୀଧର ବାଙ୍କ ଶିବିରକୁ ପରିଚାଳନା କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ବିକ୍ଷୋଭ ସମାବେଶ




### ● ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)

ରାଉରକେଲା,୧୫।୭(ସମିସ): ବାଲେଶ୍ୱର ଫକୀରମୋହନ କଲେଜର ଛାତ୍ରୀ ସୋମ୍ୟାଶ୍ରୀଙ୍କ ଆତ୍ମାହୁତି ଉଦ୍ୟମ କରି ମୃତ୍ୟୁ ଘଟଣାର ପ୍ରତିବାଦ କରିବା ସହ ଦୋଷୀଙ୍କୁ କଠୋର ଦଣ୍ଡବିଧାନ ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଉରକେଲା କମିଟି ପକ୍ଷରୁ ସ୍ଥାନୀୟ ବିଶ୍ରା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କମିଟି ସମ୍ପାଦକ ଅଜିତ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ଶ୍ରୀନିବାସ ସେଠୀ, ବିଦ୍ୟୁତ ମହନ୍ତ, ବିଷ୍ଣୁ ପଣ୍ଡା, ବିଜୟ ସାହୁ, ସୁବାସ ଦଣ୍ଡପାଟ, ଧୋବେଇ ବେହେରା, କବିତା ମହାନ୍ତି, ପ୍ରତିଭା ଦଣ୍ଡପାଟ, ଡିଏସ୍‌ଓ ରାଜ୍ୟ ସହ ସମ୍ପାଦକ ନିରୂପମା ବେହେରାଙ୍କ ସମେତ ବହୁ ପାର୍ଟି କର୍ମୀ ନେତା ଓ ଜନସାଧାରଣ ଯୋଗଦେଇ ଘଟଣାର ତୀବ୍ର ନିନ୍ଦା କରିଥିଲେ। ଦୋଷୀଙ୍କୁ କଠୋର ଦଣ୍ଡ ଦେବା ସହିତ ନାରୀ, ଛାତ୍ରୀ, ଶିଶୁକନ୍ୟାମାନଙ୍କର ସୁରକ୍ଷା ପାଇଁ ଦାବି କରିଥିଲେ। ଏହି ଘଟଣାର ଉଚିତ ତଦନ୍ତ, କଲେଜର ଚାଲିଥିବା ଦୁର୍ନୀତି, ପ୍ରିୟାପ୍ରୀତି ଓ ଶିକ୍ଷାର ବ୍ୟବସାୟୀକରଣ ଆଦି ବନ୍ଦ କରିବାକୁ ମଧ୍ୟ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରଶ୍ମିରଞ୍ଜନ ମଲ୍ଲିକ, ସୁଶୀଲ ବାରିକ, କ୍ରିଷ୍ଣ ଶର୍ମା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ● ରାଉରକେଲା ଜିଲ୍ଲା କଂଗ୍ରେସ କମିଟି

ବାଲେଶ୍ୱରର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ମଙ୍ଗଳବାର ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳର ନେତୃମଣ୍ଡଳୀ ରାଉରକେଲା ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେପିର ନିଜ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ସକ୍ରିୟ ସଦସ୍ୟା ଥିଲେ ସୌମ୍ୟାଶ୍ରୀ। ସେ ଯଦି ଏହି ସରକାରରେ ସୁରକ୍ଷା ପାଇଲା ନାହିଁ, ତେବେ ସାଧାରଣ ଛାତ୍ରୀମାନେ ଏହି ସରକାର ଅମଳରେ କେତେ ସୁରକ୍ଷିତ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ପ୍ରଶ୍ନ କରିଥିଲେ। ଏହି ମୃତ୍ୟୁ ପାଇଁ ଦାୟୀ କରି ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଗଣେଶ ପ୍ରଧାନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ସବୀର ହୁସେନ, ଯୁବ କଂଗ୍ରେସ ଉପସଭାପତି ଇସ୍ତେହାର ମହମ୍ମଦ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ବ୍ଲକ୍ ସଭାପତି ପ୍ରଫୁଲ୍ଲ ପ୍ରଧାନ, ରଘୁନାଥ ଦାସ, ବିଶ୍ୱନାଥ ବାରିକ, ସେବାଦଳ ମୁଖ୍ୟ ବିନୋଦ ରାଉତ, ନାରୀନେତ୍ରୀ ସୁଶ୍ରୀ ରଞ୍ଜିତା ମଲ୍ଲିକ, ସୁନିତା ଲାକ୍ରା, ଝୁନୁ ପଟ୍ଟନାୟକ, ମଞ୍ଜୁ ସିଂହ, ରୁକସାନା ବେଗମ, ବରିଷ୍ଠ ନେତା ବିଜୟ ଆପଟ, ସୁଧୀର ନାଥ, ବନମାଳୀ ବିଶୋଇ, ବିଜୟ ପଟ୍ଟନାୟକ, ସିକନ୍ଦର ଅହମଦ, ଜୁଲୁ ରେହମାନ, ସୟଦ ଅମନ, କମଳା କେରକେଟା, ତହିଦ ଅଖତାର, ତ୍ରିଲୋଚନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।




## ସିପିଆଇଏମ୍‌ର ବିକ୍ଷୋଭ ଓ ମହମବତି ଶୋଭାଯାତ୍ରା



ରାଉରକେଲା,୧୫।୭(ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ବୋଲି ସିପିଆଇଏମ୍ ଅଭିଯୋଗ କରିଛି। ଆଜି ରାଉରକେଲା ସାରନଗରୀଠାରେ ପାର୍ଟି ରଘୁନାଥପାଲୀ ଆଞ୍ଚଳିକ କମିଟି ଓ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ମଙ୍ଗଳା ମନ୍ଦିର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂପାଦକ ହୃଦୟାନନ୍ଦ ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବିକ୍ଷୋଭରେ ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ରାଉରକେଲା ଆଞ୍ଚଳିକ କମିଟି ସଂପାଦକ ରାଜ କିଶୋର ପ୍ରଧାନ, ରଘୁନାଥପାଲୀ ଆଞ୍ଚଳିକ ସାଂଗଠନିକ କମିଟି ନେତା ଅରୁ ଦାସ, ବିନୟ ବେହୁରିଆ, ସୁବାସ ବର୍ଦ୍ଧନ,ବିବି ଗିରି, କେଶବ ସାହୁ, ରତ୍ନାକର ଲେଙ୍କା, ଅଜୟ ଶର୍ମା, ଶକୁନ୍ତଳା ମହାକୁଡ଼, ମଞ୍ଜୁ ଓରାମ, ପାରଦନ ଟପ୍ପୋ, ସାବିତ୍ରୀ ଭୂମିଜ ପ୍ରମୁଖ ଯୋଗଦେଇଥିଲେ। ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯିବାକୁ ଦାବି କରାଯାଇଛି। ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକ ଇସ୍ତଫା ଦିଅନ୍ତୁ ବୋଲି ସିପିଆଇଏମ୍ ଦାବି କରିଛି। ଏଥିସହ ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାକୁ ସିପିଆଇଏମ୍ ଦାବି କରିଛି। ଉପରୋକ୍ତ ଦାବି ଉପରେ ଓ ମହିଳାଙ୍କ ସୁରକ୍ଷା ପାଇଁ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବାକୁ ଦଳ ନିବେଦନ କରିଛି। ଏହି ଅବସରରେ ମୃତ ସୌମ୍ୟାଶ୍ରୀ ବିଶିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା।

## ଜଳବନ୍ଦୀ ସମସ୍ୟାର ସମାଧାନ ଦାବି

# ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଶ୍ୱକର୍ମା ବିହାରବାସୀଙ୍କ ସ୍ମାରକପତ୍ର



ରାଉରକେଲା,୧୫।୭(ସମିସ): ଲଗାଣ ବର୍ଷାରେ ବେଦବ୍ୟାସ ସ୍ଥିତ ବିଶ୍ୱକର୍ମା ବିହାର ଅଞ୍ଚଳର ବାସିନ୍ଦା ଜଳବନ୍ଦୀରେ ରହିଛନ୍ତି। ଫଳରେ ଅନେକ ଅସୁବିଧା ଦେଇ ଗତି କରୁଛନ୍ତି। ଏନେଇ ମଙ୍ଗଳବାର ସାହିବାସିନ୍ଦାମାନେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଲଗାଣ ବର୍ଷା ଉକ୍ତ ଅଞ୍ଚଳକୁ ପ୍ରଭାବିତ କରିଛି। ଘରେ ଘରେ ପାଣି ପଶି ଯାଇଛି। ଅଞ୍ଚଳବାସୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ବେଦବ୍ୟାସ ଓ ସିଂଟୋଲା ଅଞ୍ଚଳରୁ କଲଭର୍ଟ ଦେଇ ଆସୁଥିବା ବର୍ଷା ପାଣି ଜେପି ହସ୍ପିଟାଲର ଅପର ପାର୍ଶ୍ୱରେ ରହିଛି। ଫଳରେ ସମସ୍ତ ବର୍ଷା ଜଳ ସିଧାସଳଖ ବିଶ୍ୱକର୍ମା ବିହାର କଲୋନୀ ଭିତରକୁ ପ୍ରବେଶ କରୁଛି। ଗତ ୩ ବର୍ଷ ଧରି ବାସିନ୍ଦାମାନେ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସମାଧାନ ହୋଇପାରୁ ନଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅପରପକ୍ଷେ ଟିସିଆଇ ଛକରୁ ପାନପୋଷ ଛକ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ରାସ୍ତାର କଲଭର୍ଟକୁ ଅବରୋଧ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ଏବଂ କଲୋନୀ ଦେଇ ଏକ ବିକଳ୍ପ ରାସ୍ତା ଦେଇ ଏହି ଜଳକୁ ପ୍ରବାହିତ କରାଯିବାକୁ ସେମାନେ ଦାବି କରିଛନ୍ତି। ଏଥିସହ ସେହି ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା କରାଯିବାକୁ ସାହିବାସୀନ୍ଦା ଦାବି କରିଛନ୍ତି।

ଏହି ଅବସରରେ ମମତା ବାରିକ, ଉତ୍ପଳ ଭକତ, ପଦ୍ମା ଜଗଦଳା, ସୁନୈରା ଦେବୀ, ନୀଲମ ଶର୍ମା, ସୁମନ୍ତ କୁମାର ପ୍ରଧାନ, ଅନୀଲ ଶର୍ମା, ରାଜୁ ବିଶ୍ୱକର୍ମା, ଆନନ୍ଦ ଜଗଦଳା, ପ୍ରଦୀପ ଶର୍ମା, ପ୍ରବୀଣ କୁମାର ଶର୍ମା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଯୁବ ଦକ୍ଷତା ଦିବସରେ ଛାତ୍ରଛାତ୍ରୀଙ୍କ ଶୋଭାଯାତ୍ରା




ରାଉରକେଲା,୧୫।୭(ସମିସ): ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ମଙ୍ଗଳବାର ରାଉରକେଲା ଉଦିତନଗର ସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ପରିସରରୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରା ଉଦିତନଗର ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ଆମ୍ବେଦକର ଛକରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ପୁଣି ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଆଜି ଏହି ଶୋଭାଯାତ୍ରାରେ ଶ୍ରମ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ, ନିୟୋଜନ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ସ୍କୁଲ ଛାତ୍ରଛାତ୍ରୀ, ଆଇଟିଆଇ ଏବଂ ଡିପ୍ଲୋମା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ବିଶ୍ୱ ଯୁବ ଦକ୍ଷତା ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦକ୍ଷତା ବିକାଶ ସମ୍ପର୍କରେ ବିଭିନ୍ନ ପ୍ରକାରର ସ୍ଲୋଗାନ ଦିଆଯାଇଥିଲା। ଏଥିରେ ଶହେରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶୋଭାଯାତ୍ରାରେ ରାଉରକେଲା ଡିଭିଜନ ଶ୍ରମ ଆୟୁକ୍ତ, ଯୁଜିଆଇ ପ୍ରିନ୍ସିପାଲ ପ୍ରଗତୀ ଦାସ, ରାଉରକେଲା ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ରମେଶ ଚନ୍ଦ୍ର କିଷାନ, ଏସ୍‌କେଡିଏଭି ପଲିଟେକନିକ୍ ପ୍ରିନ୍ସିପାଲ ଏସ୍‌କେ ମୁଦୁଲି ପ୍ରମୁଖ ଯୋଗଦେଇଥିଲେ।

# ବର୍ଷାରେ ଭୁଶୁଡ଼ିଲା ବୀରମିତ୍ରପୁର କୋର୍ଟ ପାଚେରି

ରାଉରକେଲା,୧୫।୭(ସମିସ): ଥରକେ ବର୍ଷାରେ ଭୁଶୁଡ଼ିଲା ବୀରମିତ୍ରପୁର ସିଭିଲ କୋର୍ଟର ନବନିର୍ମିତ ପାଚେରୀ। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ମାସେ ତଳେ ଏହି ପାଚେରି ନିର୍ମାଣ ହୋଇଥିବା ବେଳେ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ପାଚେରିଟି ବର୍ଷାରେ ଭୁଶୁଡ଼ି ଯାଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ, ବୀରମିତ୍ରପୁର ସିଭିଲ କୋର୍ଟର ଏହି ନବନିର୍ମିତ ପାଚେରି ପାଇଁ ଗତ ୨୦୨୪ ମାର୍ଚ୍ଚ ୨୦ ତାରିଖରେ ଶିଳାନ୍ୟାସ ହୋଇଥିଲା। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ନବନିର୍ମିତ ପାଚେରିର ଶିଳାନ୍ୟାସ କରିଥିଲେ। ତେବେ ପ୍ରାୟ ମାସେ ପୂର୍ବେ ଏହି ପାଚେରି ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଗତ ୨ ଦିନ ଧରି ହୋଇଥିବା ଲଗାଣ ବର୍ଷାରେ ପାଚେରିର ୧୦୦ ମିଟରରୁ ଊର୍ଦ୍ଧ୍ୱ ଅଂଶ ଭାଙ୍ଗି ଭାସି ଯାଇଥିବା ଦେଖିବାକୁ ମିଳିଛି। ପାଚେରିର ଇଟା ସବୁ ଭାସି ଯିବା ସହ ଫାଉଣ୍ଡେସନ ସମ୍ପୂର୍ଣ୍ଣ ଭୁଶୁଡି ଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।



### ମାସେ ତଳେ ହୋଇଥିଲା ନିର୍ମାଣ

## ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଓ ଓଡ଼ିଆ ପତ୍ରପତ୍ରିକା ଦିବସ

# 'ଓଡ଼ିଆ ଭାଷା, ସାହିତ୍ୟ ବିକାଶରେ ଗୌରୀଶଙ୍କରଙ୍କ ଅବଦାନ ଅତୁଳନୀୟ'



ରାଉରକେଲା,୧୫।୭(ସମିସ): ସ୍ଥାନୀୟ ସେକ୍ଟର - ୩ ସ୍ଥିତ ବାଜିରାଉତ ଶିକ୍ଷାନିକେତନ ଓ ଓଡ଼ିଆ ଭାଷା ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ମୁଦୁଲିଙ୍କ ସଭାପତିତ୍ୱରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ଓ ଓଡ଼ିଆ ପତ୍ର ପତ୍ରିକା ଦିବସ ପାଳିତ ହୋଇଯାଇଛି। ଏହି ସଭାରେ ଓଡ଼ିଆ ଭାଷା ବିକାଶ ମଞ୍ଚର ସାଧାରଣ ସଂପାଦକ ଆର୍ତ୍ତତ୍ରାଣ ମହାପାତ୍ର ଗୌରୀଶଙ୍କର ଓଡ଼ିଶାର ସାମାଜିକ, ସାରସ୍ୱତ ତଥା ସାସ୍କୃତିକ ଜୀବନରେ ଏକ ନୂତନ ଯୁଗର ସୂତ୍ରପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ସେ କେବଳ ଜଣେ ସାହିତ୍ୟ ସ୍ରଷ୍ଟା ନଥିଲେ ସେ ସାହିତ୍ୟ ସ୍ରଷ୍ଟାଙ୍କର ସ୍ରଷ୍ଟାଥିଲେ, ତେଣୁ ତାଙ୍କୁ କର୍ମବୀର ସହିତ ସାହିତ୍ୟ ବୀର କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ବରିଷ୍ଠ ଶିକ୍ଷୟତ୍ରୀ ବିଜୟଲକ୍ଷ୍ମୀ ରାୟ ଚାକିରି ଜୀବନ ବ୍ୟତୀତ ଗୌରୀଶଙ୍କର ବିଶେଷ ଆଗ୍ରହ ଓ ଅନୁରାଗ ଦେଶପ୍ରେମ ଓ ସାହିତ୍ୟ ସେବାରେ ଥିଲା ବୋଲି କହିଥିଲେ। ତାଙ୍କ ସଂପାଦନାରେ ପ୍ରକାଶିତ ଉତ୍କଳ ଦୀପିକା ଓଡ଼ିଆ ଭାଷା ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବୋଲି ସେ କହିଥିଲେ। ସଭାପତି ସୌଦାମିନୀ ମୁଦୁଲି ଓଡ଼ିଆ ଭାଷା ସାହିତ୍ୟର ଶ୍ରୀବୃଦ୍ଧି ସାଧନ ପାଇଁ ସତତ ସେ ଯତ୍ନଶୀଳ ଥିଲେ ଓ ଓଡ଼ିଶାରେ ପ୍ରଥମ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ। ଶେଷରେ ଶିକ୍ଷୟିତ୍ରୀ ସୁଜାତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିପିନ ବିହାରୀ ସାମନ୍ତ ସିଂହାର, ତରୁଣ କୁମାର ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ସଚେତନତା ଶିବିର




ବଣାଇଁ,୧୫।୭(ସମିସ): ବଣାଇଁ ବ୍ଲକ୍ ପିଠାଚୋର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ କିପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ପହଞ୍ଚିବ, ଲୋକମାନେ ଯେପରି ସେ ଯୋଜନାର ଲାଭ ପାଇ ପାରିବେ ସେ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିସହ ତାଙ୍କର ଅଭିଯୋଗ ଗୁଡିକୁ କାର୍ଯ୍ୟକାରୀ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ବଣାଇଁ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ବଣାଇଁଗଡ଼ ବ୍ଲକ୍ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆ, ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ସମସ୍ତ ବିଭଗୀୟ ଅଧିକାରୀ ଓ ସମସ୍ତ ବିଭାଗର ଅଧିକାରୀ, ପିଠାଚୋର ସରପଞ୍ଚ ସୁନିକା ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପିଠାଚୋର ପଞ୍ଚାୟତ ନିର୍ବାହୀ ଅଧିକାରୀ ରୋମିଓ ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକ୍ ଅଧିକାରୀ ସହଯୋଗ କରିଥିଲେ।

## ଏଫଏମ୍ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣା

# ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ଉଦଳା, ୧୫।୭(ସମିସ): ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମାଶ୍ରୀ ବିଶିଙ୍କ ଆତ୍ମାହୁତି ଜନିତ ମୃତ୍ୟୁ ପାଇଁ ରାଜ୍ୟ ବିଜେପି ସରକାର ଦାୟୀକରି ମଙ୍ଗଳବାର ଉଦଳା ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମଧୁସୂଦନ ଛକ ନିକଟରେ ଇସ୍ତଫା ଓ ଗିରଫ ଦାବି କରି ବିଜେଡି ସମର୍ଥକମାନେ କୁଶପୁତ୍ତଳିକାକୁ ଚପଲ ମାଡ କରିଥିଲେ। ବିକ୍ଷୋଭରେ ଉପନଗରପାଳ ଲିଲି ଭୋଳ, ପୂର୍ବତନ ନଗରପାଳ ସୌଭାଗ୍ୟ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ମାକୁ ସିଂ, ଇଂ ସୁଶାନ୍ତି ସିଂ, କାଉନସିଲର ଯମୁନା ହେମ୍ବ୍ରମ, ପଦ୍ମାବତୀ ଦେହୁରୀ, ମମତା ଟୁଡୁ, ବିଜୟା ବାରିକ, ବ୍ଲକ ସଭାପତି ଗୋବିନ୍ଦ ନାୟକ, ନଗର ସଭାପତି ବନମାଳୀ ବେହେରା, ଅମିୟ ବଳ, ପ୍ରଶାନ୍ତ ତ୍ରିପାଠୀ, ରାଜୀବ ଭୋଳ, ପ୍ରଦୀପ ପରିଡ଼ା, ଡିକେନ୍ସ ବେହେରା, ସୁଜିତ ପୋଥାଳ ସମେତ ବହୁ ସମର୍ଥକ ସାମିଲ ହୋଇଥିଲେ।

## ଏବିଭିପିର ବିକ୍ଷୋଭ

ରାଇରଙ୍ଗପୁର, ୧୫।୭(ସମିସ): ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ ବିଇଡିର ଦିତୀୟ ବାର୍ଷିକ ଇଂରାଜୀ ଅନର୍ସର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କଲେଜର ଅଧକ୍ଷ, ଶିକ୍ଷା ବିଭାଗର ମୁଖ୍ୟଙ୍କୁ ଗିରଫ କରାଯିବା, ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଆଭ୍ୟନ୍ତରୀଣ ଶୃଙ୍ଖଳାଅଭିଯୋଗ କମିଟି ଦ୍ୱାରା ତଦନ୍ତ, ନିର୍ଯାତନାରେ ସାମିଲ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଏବିଭିପି ସଂଗଠନ ତରଫରୁ ରାଇରଙ୍ଗପୁର ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀ ଦିବଂଗତ ଭଉଣୀଙ୍କ ମୃତ୍ୟୁରେ ମର୍ମାହତ ହୋଇଥିଲେ। ତାଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତେ ପ୍ରାର୍ଥନା କରିଥିଲେ। ପରେ କଲେଜ ଅଧକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏବିଭିପି ରାଇରଙ୍ଗପୁର କଲେଜ ଶାଖାର ଛାତ୍ରଛାତ୍ରୀ ଇପ୍ସିତ କୁମାର ମହାନ୍ତ, ଓମ୍ ମହାନ୍ତ, ଦେବାଶିଷ ଆଚାର୍ଯ୍ୟ, ହରେକୃଷ୍ଣ ମହାନ୍ତ, ରବିନ କୁମାର ମହାନ୍ତ, ଧନଞ୍ଜୟ ଦଳେଇ, ଜୟନ୍ତୀ ପିଙ୍ଗୁଆ, ସବିତା ହାଁସଦା ପ୍ରମୁଖ ବହୁ ସଦସ୍ୟ/ସଦସ୍ୟା ସାମିଲ ହୋଇଥିଲେ।




## କଂଗ୍ରେସର ବିକ୍ଷୋଭ

କରଞ୍ଜିଆ, ୧୫।୭(ସମିସ): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ଶୌମ୍ୟାଶ୍ରୀଙ୍କ ଆତ୍ମହତ୍ୟା ଘଟଣାର ପ୍ରତିବାଦ ଜଣାଇ ମଙ୍ଗଳବାର କଂଗ୍ରେସ ପକ୍ଷରୁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ (ପଶ୍ଚିମାଞ୍ଚଳ) ଜିଲ୍ଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏକ ଦାବିପତ୍ର ଉପଜିଲ୍ଲାପାଳ ପ୍ରକାଶ ଦାସଙ୍କ ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଭୁବନ ସାହୁଙ୍କ ନେତୃତ୍ୱରେ ଏକ ରାଲି ସଙ୍ଗୀତ ମହାବିଦ୍ୟାଳୟରୁ ବାହାରି ଉପଜିଲ୍ଲାପାଳଙ୍କ କାର୍ଯର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ କର୍ମୀମାନେ ବିକ୍ଷୋଭ କରିଥିଲେ। ମୋହନ ମାଝୀ ସରକାର ବିଫଳ ହୋଇଥିବାରୁ ତୁରନ୍ତ ଇସ୍ତଫା ଦେବାକୁ ଦାବି କରାଯାଇଥିଲା। ଆସନ୍ତା ୧୭ତାରିଖରେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି ବୋଲି ନେତାମାନେ ପ୍ରକାଶ କରିଛନ୍ତି। ବିକ୍ଷୋଭରେ ଲକ୍ଷ୍ମୀଧର ସିଂ, ଜାମାନୀ ଟୁଡୁ, ରାହୁଲ ସିହ୍ନା, ଗୌରାଙ୍ଗ ବାଣ୍ଡିଆ, ଗୋଲାପ ସୋରେନ, ଦେବାଶିଷ ସେଠୀ, ପ୍ରଫୁଲ ବେହେରା, ସୁବାଷ ନାୟକ, ନିର୍ମଳ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।




## ୪ ଚୋରଙ୍କୁ ୩ ମାସ ଲେଖାଏଁ ଜେଲ୍

ମୋରଡା, ୧୫।୭(ସମିସ): ସୋମବାର ମୋରଡା ଜେଏମଏଫସି କୋର୍ଟ ଏକ ଚୋରି ମାମଲାର ବିଚାର କରି ଚାରିଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ମାସ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସରକାରୀ ଓକିଲ ସମ୍ବିତ ଦାସଙ୍କ ସୂଚନା ମୁତାବକ ଗତ ୨୦୧୩ ମସିହା ଜୁଲାଇ ୨୫ ତାରିଖ ରାତିରେ ମୋରଡ଼ା ଥାନା ଅଧୀନ ଚମାରଦାନୀ ଗ୍ରାମର ଡମାନ ଟୁଡୁଙ୍କ ଘରେ କିଛି ଦୁର୍ବୃତ୍ତ ପଶି ରୋଷେଇ ବାସନ, ରୁପା ଗହଣା, ସୁନା ଲକେଟ ସହିତ ୫୭୦୦ ଟଙ୍କା ଚୋରି କରିଥିଲେ। ଏହି ଚୋରିରେ ଟିଆଁସୀ ଗ୍ରାମର ଚିମଲୁ ନାଏକ, ଜିତେନ ନାଏକ, ଧିରେନ ନାଏକ ଏବଂ ଅସିନ ନାଏକ ସମ୍ପୃକ୍ତ ଥିବାର ଜଣାପଡ଼ିବା ପରେ ଗାଁ ମୁଖିଆ, ଭଦ୍ରବ୍ୟକ୍ତି ତଥା ଅନ୍ୟ ଗ୍ରାମବାସୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚୋରି ହୋଇଥିବା ସାମଗ୍ରୀ ଫେରାଇ ଦେବାକୁ ସ୍ବୀକୃତ ହୋଇଥିଲେ ହେଁ ସେମାନେ ଫେରାଇ ନ ଥିଲେ। ଫଳରେ ଡମାନ ମୋରଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାଜିଷ୍ଟ୍ରେଟ ଶ୍ରୁତି ପଟ୍ଟନାୟକ ଉକ୍ତ ମାମଲାର ବିଚାର କରି ସାକ୍ଷ୍ୟ ପ୍ରମାଣ ଆଧାରରେ ଉକ୍ତ ଚାରିଜଣଙ୍କୁ ୩ ମାସ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ ଶହ ଟଙ୍କା ଜରିମାନା କରିଛନ୍ତି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ମହୁଲଡିହା, ୧୫।୭ (ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ନିକଟ ଏଦେଲବେଡା ରାସ୍ତାରେ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ସାଧୁଚରଣ ହୋ (୫୦)। ଆହତଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ୧୪ ତାରିଖ କେନ୍ଦୁଜିଆଣି ସାପ୍ତାହିକ ହାଟରୁ ସାଇକଲ ଯୋଗେ ଭରତ ହୋ (୨୫) ଏଦେଲବେଡା ଘରକୁ ଫେରୁଥିଲେ। ପଛରୁ ଭରତ ହୋ'ଙ୍କ ବାପା ସାଧୁ ଏବଂ ବାଗୁନ ହୋ ଏକ ବାଇକ୍‌ରେ ଆସି ଧକ୍କା ଦେଇଥିଲେ। ଫଳରେ ଭରତ ନଦୀରେ ପଡ଼ିଯାଇଥିଲେ। ବାଗୁନ ସାଇକେଲକୁ ଧକ୍କାରୁ ନଦୀ ନିକଟରେ ଥିବା ବାଡ଼ା ଭାଙ୍ଗି ଯାଇଥିଲା। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସାହାଯ୍ୟରେ ସମସ୍ତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ; ହେଲେ ଡାକ୍ତର ସାଧୁଙ୍କୁ ମୃତ ଘୋଷଣା କରିଥିଲେ। ବାଗୁନଙ୍କ ଅବସ୍ଥା ଗୁରୁତର ରହିଛି।



## କରାଟେରେ ଭାଗ୍ୟଶ୍ରୀଙ୍କ ସଫଳତା

କରଞ୍ଜିଆ, ୧୫।୭(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏସସି ଗଣିତ ସମ୍ମାନର ଛାତ୍ରୀ ଭାଗ୍ୟଶ୍ରୀ ମହାନ୍ତ କରାଟେ ବ୍ରାଉନ ବେଲ୍ଟ ହାସଲ କରିଛନ୍ତି। ସେ ଅଙ୍କୁରା ନୂଆସାହି ୧୪ନଂ. ୱାର୍ଡର ଧନୁର୍ଜୟ ମହାନ୍ତ (ବୁଲୁ)ଙ୍କ ଝିଅ। ସେ କରାଟେରେ ୧୨ଟି ମେଡାଲ ଜିତିଛନ୍ତି। ଶ୍ରୀନଗର, ଚଣ୍ଡିଗଡ଼, ବିଳାସପୁର, ଭୁବନେଶ୍ୱର, ଝାରସୁଗୁଡା, ରାଉରକେଲା ଆଦି ସହରରେ ଅନୁଷ୍ଠିତ କରାଟେ ପ୍ରତିଯୋଗିତାରେ ସେ କୃତିତ୍ୱ ସହ ସଫଳତା ପାଇଛନ୍ତି। କରାଟେ ବ୍ୟତୀତ ସେ ୧୦୦ ମିଟର ୨୦୦ ମିଟର, ୪୦୦ ମିଟର ଦୌଡରେ ବି ବହୁ ମେଡାଲ ଜିତିଛନ୍ତି। ତାଙ୍କର ଏହି କୃତିତ୍ୱ ପାଇଁ ବିଷ୍ଣୁକୁମାର ଅଗ୍ରୱାଲ, ଓକିଲ ସଂଘର ପୂର୍ବତନ ସମ୍ପାଦକ ଦିବ୍ୟପ୍ରସାଦ ସାହୁ, ବିଶିଷ୍ଟ କ୍ରୀଡାବିତ ଗୋରୀ ଶଙ୍କର ସିନା, ଚେତନାର ସଭାପତି ଆଇନଜୀବୀ ସଞ୍ଜୟ କୁମାର ସାହୁ, ଇଟରନୀଟି ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ବରିଷ୍ଠ ନାଗରିକ ସଂଘର ସର୍ବେଶ୍ୱର ମିଶ୍ର, ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଅଭିମନ୍ୟୁ ତ୍ରିପାଠୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବିଡିଓଙ୍କୁ ଦାବିପତ୍ର

ବେତନଟୀ, ୧୫।୭(ସମିସ): ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ବେତନଟୀ ବ୍ଲକ ସଂଘ ୯ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ମିଳିତ ଦସ୍ତଖତରେ ପ୍ରଦତ୍ତ ଦାବିପତ୍ରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ଚିକିତ୍ସା ଭତ୍ତା, କମ୍ୟୁଟେଡର ସମୟ ୧୫ରୁ ୧୦ ବର୍ଷକୁ ହ୍ରାସ, ବସ୍ ଓ ଟ୍ରେନ ଭଡାରେ ରିହାତି, ସ୍ୱାସ୍ଥ୍ୟ ବୀମା ଲାଗୁ ତଥା ବକେୟା ୧୮ ମାସର ମହଙ୍ଗାଭତ୍ତା ପ୍ରଦାନ ଆଦି ଦାବି ରହିଛି। ଦୀର୍ଘ ବର୍ଷ ଧରି ସଂଘର କୌଣସି ଗୋଟିଏ ବି ଦାବି କୌଣସି ସରକାର ନ ଶୁଣିବା କ୍ଷୋଭର ବିଷୟ ବୋଲି ଉପସ୍ଥିତ ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ସଦସ୍ୟ ଚୂଡାମଣି ମହାପାତ୍ର, ବାସୁଦେବ ନାପିତ ହରେନ୍ଦ୍ର ନାଥ ବାରିକ, ଯତୀନ୍ଦ୍ର ନାଥ ସାହୁ, ରାମଚନ୍ଦ୍ର ପଣ୍ଡା, ଅଜୟ କୁମାର କର, ଡଃ ରମାକାନ୍ତ ମହାନ୍ତ, ଦୁର୍ଯ୍ୟୋଧନ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



## ନୂତନ ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କପ୍ତିପଦା, ୧୫।୭(ସମିସ): କପ୍ତିପଦା ବ୍ଲକରେ ୧୫ଜଣ ଶିକ୍ଷକ ବିଭିନ୍ନ କ୍ଲଷ୍ଟରରେ ନୂତନ ସିଆରସିସି ଭାବେ ଯୋଗଦାନ କରିବା ପରେ ସେମାନଙ୍କୁ ସ୍ୱାଗତ କରାଯାଇଛି। ଜିଲ୍ଲା ପ୍ରୋଜେକ୍ଟ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟର ଚିଠି ଅନୁଯାଇ କପ୍ତିପଦା ବ୍ଲକରେ ୧୫ ଜଣ ଶିକ୍ଷକ ବିଭିନ୍ନ କ୍ଲଷ୍ଟରରେ ଯୋଗଦାନ କରିଛନ୍ତି। କପ୍ତିପଦା ବ୍ଲକରେ ୨୩ଟି କ୍ଲଷ୍ଟର ରହିଛି। ପଙ୍କଜ କୁମାର ପୃଷ୍ଟିଙ୍କୁ କୁଅଁରପୁର କ୍ଲଷ୍ଟର, ଆଶୁତୋଷ ସାହୁଙ୍କୁ କପ୍ତିପଦା, କମଳ ରଞ୍ଜନ ପଣ୍ଡାଙ୍କୁ ମହୁଲପଙ୍ଗା, ନନ୍ଦନ କୁମାର ଭଦ୍ରାଙ୍କୁ କଟୁରିଆ, ସନ୍ତୋଷ କୁମାର ସାହୁଙ୍କୁ ଜଡ଼ିଦା, ଅଭିରାମ ଟୁଡୁଙ୍କୁ ବଡ଼ଖଲାଡ଼ି, ଶମ୍ଭୁନାଥ ସୁମୁରାଇଙ୍କୁ ଲାବଣ୍ୟଦେଇପୁର, ପୁରିନାଥ ସୁରେନଙ୍କୁ ପୋଡ଼ାଡିହା, ଦଶରଥ ମୁର୍ମୁଙ୍କୁ ଶାଳଚୁଆ, ଗମ୍ହା ସିଂଙ୍କୁ ରଥିପୁର, ଶରତ ମଲ୍ଲିକଙ୍କୁ ନୁଦଡିହା, ଯତୀନ୍ଦ୍ର କୁମାର ନାୟକଙ୍କୁ ହଳଦିଆ ସାହି, ମୁରଲୀଧର ସାହୁଙ୍କୁ ପଦ୍ମପୋଖରୀ, ବସନ୍ତ କୁମାର ବେହେରାଙ୍କୁ ଶରତ, ପ୍ରଶାନ୍ତ କୁମାର ବେହେରାଙ୍କୁ ସରଡ଼ିହା କ୍ଲଷ୍ଟରରେ ଅବସ୍ଥାପିତ କରାଯାଇଛି। ସେମାନଙ୍କ ସ୍ଥାନରେ ଥିବା ଅଜିତ କୁମାର ବେହେରା, ଗାନସା ମୁର୍ମୁ, ଗଣେଶ ସିଂ, ଲକ୍ଷ୍ମୀଧର ସାହୁ, ନରେନ୍ଦ୍ର ପୃଷ୍ଟି, ସରୋଜ କୁମାର ମହାନ୍ତି, ମୁକ୍ତିକାନ୍ତ ବେହେରା, ସବୁଜ କୁମାର ବେହେରା, ମହେନ୍ଦ୍ର ସାହୁ, ଦୈତାରୀ ସେଠୀ, ମନୋରଞ୍ଜନ ସେଠୀ, ଗଣେଶ୍ୱର ସେଠୀ, କ୍ଷେତ୍ରମୋହନ ସିଂ, ବେଣୁଧର ଦାସ ଓ ସଞ୍ଜୟ କୁମାର ବେହେରା ନିଜ ବିଦ୍ୟାଳୟକୁ ଫେରିଛନ୍ତି। ସୋମବାର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘନଶ୍ୟାମ ସିଂଙ୍କ ଆୟୋଜନ କ୍ରମେ ନୂତନ ସିଆରସିସିଙ୍କୁ ସ୍ୱାଗତ କରାଯାଇଥିଲା।



## ଗିଦିଘାଟୀ ଛକରେ ପ୍ରତୀକ୍ଷାଳୟ ଓ ଶୌଚାଳୟ ନିର୍ମାଣ ଦାବି




ବହଳଦା, ୧୫।୭ (ସମିସ): ବହଳଦା ବ୍ଲକର ବ୍ୟସ୍ତବହୁଳ ଗିଦିଘାଟୀ ଛକରେ ଏକ ଯାତ୍ରୀ ପ୍ରତିକ୍ଷାଳୟ ଓ ଶୌଚାଳୟ ନିର୍ମାଣ ନେଇ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଦାବି କରାଯାଇଛି। ବହଳଦା-ଝରାଡିହି ମୁଖ୍ୟ ରାସ୍ତାରେ ଥିବା ଗିଦିଘାଟୀ ଛକ ଏକ ବ୍ୟସ୍ତ ବହୁଳ ଛକ। ତେଣୁ ଛକରେ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ ଜରୁରୀ। ଏଠାରୁ ବିଭିନ୍ନ ସ୍ଥାନକୁ ଯାତାୟାତ ପାଇଁ ଯାତ୍ରୀ ଅପେକ୍ଷା କରିଥାନ୍ତି। ଯାତ୍ରୀମାନେ ଏଠାରୁ ଟାଟାନଗର, ଭୁବନେଶ୍ୱର, ଯୋଡା, ବଡବିଲ, ଠାକୁରମୁଣ୍ଡା, କରଞ୍ଜିଆ, ଷଢେଇକଳା ଆଦି ସ୍ଥାନକୁ ଯିବା ନିମନ୍ତେ ବସ ଧରିଥାନ୍ତି। ବଡପଳସା, ଭିତରାମଦା, ଅସନା ଓ ଗିଦିଘାଟୀ ଗ୍ରାମପଞ୍ଚାୟତ ଅଞ୍ଚଳର ଶତାଧିକ ଯାତ୍ରୀ ଏବଂ ଛାତ୍ରଛାତ୍ରୀ ମଧ ଏହି ଛକ ବଜାରରୁ ବସ ଓ ହାଲୁକା ଯାନରେ ଯାତାୟାତ କରିଥାନ୍ତି। ଏଠାରେ ଥିବା ପୁରୁଣା ଯାତ୍ରୀ ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ବ୍ୟବହାର ଯୋଗ୍ୟ ହୋଇପାରୁନି। ଫଳରେ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରାଯିବା ଆବଶ୍ୟକ ରହିଛି। ସେହିପରି ଏଠାରେ ଶୌଚାଳୟ କିମ୍ବା ପରିସ୍ରାଗାରର ସୁବିଧା ନଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିଶେଷ ଭାବେ ମହିଳାମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏଠାରେ ଏକ ଶୌଚାଳୟ ସ୍ଥାପିତ କରାଯିବାର ମଧ ଆବଶ୍ୟକତା ରହିଛି। ଏଠାରେ ଶୌଚାଳୟ ନିର୍ମାଣ ପାଇଁ ମଞ୍ଜୁର ହୋଇ ସରିଥିବା ନେଇ ବହଳଦା ବିଡିଓ ସୂଚନା ଦେଇଥିବାବେଳେ ଯାତ୍ରୀ ପ୍ରତୀକ୍ଷାଳୟ ପାଇଁ ପ୍ରକଳ୍ପ ଅନୁମୋଦନ ଆବଶ୍ୟକତା ରହିଛି।

## ସିଆରସିସିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପୁରୁଣିଆ, ୧୫।୭ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ବାଛୁରୀପଡ଼ା କ୍ଲଷ୍ଟର ସିଆରସିସି ଶୈଳେନ୍ଦ୍ର କୁମାର ପଣ୍ଡାଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଏବଂ ଅନ୍ୟତମ ଅତିଥି ଭାବେ ସିଂହଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତନୁ କୁମାର ପଣ୍ଡା, କେଶୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ପଡ଼ିଆରୀ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ମଞ୍ଚାସୀନ ଥିଲେ। ଅତିଥିମାନେ ଶ୍ରୀ ପଣ୍ଡାଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଚିତ୍ତରଞ୍ଜନ ସାହୁ, ମମତା ଦାସ, ଅନ୍ନପୂର୍ଣ୍ଣା ଦାଶବାବୁ, ରବୀନ୍ଦ୍ର ରାଉତ, ସୁବାସ ଜେନା ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଶ୍ରୀ ପଣ୍ଡାଙ୍କ ସଚ୍ଚୋଟପଣିଆ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଉପରେ ମତବ୍ୟକ୍ତ କରିଥିଲେ। ହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ତ୍ତିକ ଚନ୍ଦ୍ର ଦାସ କର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ

# ୪.୦୬ ଲକ୍ଷ ହେକ୍ଟର ଜମିରେ ଖରିଫ ଚାଷ ଲକ୍ଷ୍ୟ

ବାରିପଦା, ୧୫।୭(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଚଳିତବର୍ଷ ଖରିଫ ଫସଲ ଚାଷ ପାଇଁ ମଙ୍ଗଳବାର ଜିଲ୍ଲାସ୍ତରୀୟ କୃଷିନୀତି ନିର୍ଦ୍ଧାରଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଏଏସ ପ୍ରୋବେସନର ମିସ କାଶିଷ ବକ୍ସି, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ମଳୟ କୁମାର ସାହୁ, ଡିଆରସିଏସ ଅଶୋକ କୁମାର ପାଣି, ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ଼. ସଂଘମିତ୍ରା ପଟ୍ଟନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦୀପକ କୁମାର ମହାନ୍ତି, ଡିଡିଏମ୍ ନାବାର୍ଡ ସ୍ମାରକ କୁମାର ମହାନ୍ତି, ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି, ଜିଲ୍ଲାର ସମସ୍ତ କୃଷି ଅଧିକାରୀ, ସମ୍ପୃକ୍ତ ଲାଇନ ବିଭାଗର ପଦାଧିକାରୀ ଯୋଗଦେଇ ଜିଲ୍ଲାର କୃଷିଭିତ୍ତିକ ଚଳିତ ଖରିଫ ଫସଲ ୨୦୨୫ ଏବଂ ରବି ଫସଲ ୨୦୨୪-୨୫ର କାର୍ଯ୍ୟ ଖସଡ଼ା ସମ୍ପର୍କିତ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆଲୋଚନାରେ ଜିଲ୍ଲାରେ ଥିବା ଜଳସେଚନ ପ୍ରକଳ୍ପ ଉତ୍ସର ଉପଯୋଗିତାକୁ ଆଧାର କରି ଆନୁମାନିକ ମୋଟ ୪ଲକ୍ଷ ୬ହଜାର ୬୨୦ ହେକ୍ଟର ଜମିରେ ବିଭିନ୍ନ ଖରିଫ ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଧାନ ୨ଲକ୍ଷ ୯୨ହଜାର ୮୬୦ ହେକ୍ଟର, ମକା ୪ହଜାର ୨୬୦ ହେକ୍ଟର, ମାଣ୍ଡିଆ ୭ହଜାର ୯୦୦ ହେକ୍ଟର, ଅନ୍ୟାନ୍ୟ ମାଣ୍ଡିଆ ଜାତୀୟ ୧ହଜାର ୮୦୦ ହେକ୍ଟର, ଅନ୍ୟାନ୍ୟ ଡାଲି ଜାତୀୟ ୨୪ହଜାର ୯୮୦ ହେକ୍ଟର, ତୈଳବୀଜ ୬ହଜାର ୨୦୦ ହେକ୍ଟର, ତନ୍ତୁ ଜାତୀୟ ୭୪୦ ହେକ୍ଟର, ପନିପରିବା ୫୬ହଜାର ୬୪୦ ହେକ୍ଟର ଓ ମସଲା ଜାତୀୟ ୧୧ହଜାର ୨୪୦ ହେକ୍ଟର ଜମିରେ ଫସଲ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୧୪୦୪୨.୨୫ କୁଇଣ୍ଟାଲ ବିହନ ଓ ୪୫୧୦୦ ମେଟ୍ରିକ ଟନ ସାର ଯୋଗାଇ ଦେବାପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜିଲ୍ଲା କୃଷି ବିଭାଗ ଯୋଜନା କାର୍ଯ୍ୟସୂଚୀ ଉପରେ ପ୍ରଥମେ ଚଳିତ ୨୦୨୫ ଖରିଫ ଫସଲ ଚାଷ ସମ୍ପର୍କିତ ଯଥା ଜିଲ୍ଲାର ବୃଷ୍ଟିପାତ, ବିଭିନ୍ନ ଫଳ ଚାଷ ଓ ଉତ୍ପାଦନର ସ୍ଥିତି, ବିଭିନ୍ନ ପ୍ରକାର ସାରର ପ୍ରୟୋଗ, ବିଭିନ୍ନ କୃଷି ଯନ୍ତ୍ରପାତିର ଉପଯୋଗ, କୃଷି ଋଣ ସହାୟତା, ରାଷ୍ଟ୍ରୀୟ କୃଷିବିକାଶ ଆଦି ଯୋଜନା ଉପରେ ସମୀକ୍ଷା ମୂଳକ ଆଲୋଚନା କରିଥିଲେ। ଜିଲ୍ଲାପାଳ ଶ୍ରୀ ସଏ ଜିଲ୍ଲାର ସମସ୍ତ କୃଷି ଭିତ୍ତିକ କାର୍ଯ୍ୟକ୍ରମରେ ଚାଷୀଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ପାଇଁ କ୍ଷେତ୍ର ପ୍ରଦର୍ଶନୀ ଫସଲ ଚାଷ ଓ କୃଷି ଭିତ୍ତିକ ବିଭିନ୍ନ ଫସଲ ଚାଷ ଦିଗରେ ଦୃଷ୍ଟି ଦେଇ ଆୟୋଜିତ ହେଉଥିବା ସମସ୍ତ କର୍ମଶାଳାରେ ଚାଷୀଙ୍କୁ ସାମିଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜାତୀୟ ଖାଦ୍ୟ ସୁରକ୍ଷା ମିଶନ, ଜାତୀୟଖାଦ୍ୟସୁରକ୍ଷା ଓ ପୋଷଣ ମିଶନ, ଓଡ଼ିଶା ମିଲେଟ ମିଶନ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ରାଷ୍ଟ୍ରୀୟ କୃଷିବିକାଶ ଯୋଜନା, ପିଏମ କିଷାନ/ସିଏମ କିଷାନ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ଓ ଫସଲ ବୀମା ଯୋଜନା ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଧ୍ୟାନ ଦେବା ସହିତ କୃଷି ଓ କୃଷକଙ୍କ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଥିବା ରିହାତିରେ ଗଭୀର ନଳକୂପ ଖନନ, ବିଭିନ୍ନ କୃଷି ଯାନ୍ତ୍ରିକ ଉପକରଣ ଏବଂ କୃଷି ଉଦ୍ୟୋଗ ବିକାଶ ପାଇଁ ଉଦ୍ଦିଷ୍ଟ ଥିବା ସୁବିଧା ସୁଯୋଗ ଆଦି ସମସ୍ତ କାର୍ଯ୍ୟକ୍ରମ ସମ୍ପୃକ୍ତ ବିଭାଗର ସମନ୍ୱୟରେ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଚାଷୀ ଯେମିତି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନରେ ଅନ୍ତର୍ଭୁକ୍ତ ହେବେ ସେଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ। ଏଥିସହିତ ବୈଠକରେ ୩୬ତମ କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା) ଯୋଜନା କାର୍ଯ୍ୟକ୍ରମ ଉପରେ ଉପସ୍ଥାପିତ କାର୍ଯ୍ୟ ଖସଡ଼ା ସମ୍ପର୍କରେ ମଧ ସବିଶେଷ ଆଲୋଚନା କରାଯାଇ ୨୦୨୫-୨୬ ବର୍ଷର ଖରିଫ ଫସଲ କାର୍ଯ୍ୟକ୍ରମରେ ଚାଷୀଙ୍କ କୃଷି ଭିତ୍ତିକ ଦକ୍ଷତା ବିକାଶ ପାଇଁ ପ୍ରସ୍ତାବିତ ଯୋଜନା ଅଟକଳ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟ ରଞ୍ଜନ ମହାନ୍ତ ଓଝ ଅର୍ଚ୍ଚନା ବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବାରିପଦା କୃଷି ଜିଲ୍ଲା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ସରକାରୀ ବ୍ୟବସ୍ଥା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ



ଭବାନୀପାଟଣା,୧୫ ।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆକୁଳ ନିବେଦନ ଠିକ୍ ସମୟରେ କେହି ଶୁଣିଲେନି କି ବୁଝିଲେନି । ଏଣୁ ସରକାରଙ୍କ ବିଫଳ ବ୍ୟବସ୍ଥା ଯୋଗୁ ସେ ନ୍ୟାୟ ପାଇବାରେ ସଫଳ ହୋଇପାରିଲେ ନାହିଁ । ଶେଷରେ ଦେହରେ ନିଆଁ ଲଗାଇ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତିକୁ ଉଚିତ ଭାବିଥିଲେ । ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏହାର ପ୍ରତିବାଦରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଭବାନୀପାଟଣା ସହରର ପିପଲନାଳ ବ୍ରିଜ ଜାତୀୟ ରାଜପଥ ୨୬କୁ ପ୍ରାୟ ୧ଘଣ୍ଟା କାଳ ଅବରୋଧ କରାଯାଇଥିଲା । ପୁଲିସ ହସ୍ତକ୍ଷେପ ପରେ ବିଜେଡି କର୍ମକର୍ତ୍ତା ପୋଲ ଉପରୁ ଉଠିଥିଲେ । ରାଜ୍ୟ ସରକାରଙ୍କ ନିଷ୍କ୍ରିୟତା ଓ ଅପାରଗତା ଯୋଗୁଁ ଜଣେ

- ଭବାନୀପାଟଣାରେ ରାସ୍ତାରୋକ କରି ଗର୍ଜିଲା ବିଜେଡି
- ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳା ଦାହ
- ବିଜେପି ସରକାର ହାଏ ହାଏ ନାରାରେ କମ୍ପିଲା

ନୀରିହ ଛାତ୍ରୀଙ୍କ ପ୍ରାଣ ଗଲା । ସରକାର ତାଙ୍କୁ ନ୍ୟାୟ ଦେଇପାରିଲେ ନାହିଁ ବୋଲି ବିଜେଡି ଗର୍ଜିଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, ତ୍ରିଲୋଚନ ପାଣିଗ୍ରାହୀ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ସୀତାରାମ ନାୟକ, ଯଯାତୀ ନାୟକ, ପୂର୍ବତନ ପୌରାଧକ୍ଷା ସଞ୍ଜୁକ୍ତା ବେହେରା, ସବିତା ପ୍ରଧାନ, ଶିବା ସାହୁ, କ୍ଷିରସିନ୍ଧୁ ନାଏକ, ଅମିତ ଯାଦବ, ମାନସ ସିନ୍ଦୂର, ପିତବାସ ବେହେରା, ଉତ୍ପଳ ଦାସ, ପରମାନନ୍ଦ ମାଝୀ, ସମିତା ନାୟକ, ଜୟଶ୍ରୀ ଅଗ୍ରୱାଲ, ନିଳାମ୍ବର ନାଏକ, ନବୀନ ନାୟକ, ପ୍ରାଣନାଥ ନାଏକ, ରାଜୀବ ଲୋଚନ ଶତପଥୀ, ଗଣେଶ ବାଗ, ଭୋଳାନାଥ ନାଗ, ଶେଖ୍ ମୁନାବର, ରଞ୍ଜୁକ୍ତା ପ୍ରଧାନ, ସମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଜିଲ୍ଲା ସଂଯୋଜକ ଜଳନ୍ଧର ନାୟକଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରୁ ମହମବତି ଶୋଭାଯାତ୍ରା ବାହାରିଥିଲା । ଗାନ୍ଧୀ ଛକଠାରେ ଅପାରଗ ବିଜେପି ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ । ଉଚ୍ଛବ ସାହୁ, ପୂର୍ବତନ ଜିଲ୍ଲା ସଭାପତି ଭାରତ ବେମାଲ, ଯୁବ ନେତା ମହମ୍ମଦ ସାହେବ, ପ୍ରୀତମ ବେହେରା, ସୁବାସ ପ୍ରଧାନ, ବାବା ଖାନ୍, ଶୁଭମ ବାରିକ, ସୁଶାନ୍ତ ପ୍ରଧାନୀ, ସୁକାନ୍ତି ସରାଫ, ନିମାଞ୍ଚଳ ନାଏକ, ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ୍ ମହାକୁଡ, ସନ୍ତୋଷ ପ୍ରଧାନ, ସରୋଜ ବାଗ, ଦ୍ରୌପଦୀ ମାଝୀ, ଗଣପତି ନାୟକ, ସୈଭାଗ୍ୟ ମଲ୍ଲିକ, ସୌରଭ ମିଶ୍ର, ସୌରଭ ଧଙ୍ଗଡାମାଝି, ସତ୍ୟ ସୌରଭ ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

**କେସିଙ୍ଗା:** କେସିଙ୍ଗା ମହାବିଦ୍ୟାଳୟ ପରିସରରେ ମଧ ଏହି ଘଟଣାରେ ବିରୋଧ ପ୍ରଦର୍ଶନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ମାଝି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତିକା ଦାହ କରାଯାଇଛି । କଳାହାଣ୍ଡି ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଛାତ୍ର କଂଗ୍ରେସ କଳାହାଣ୍ଡି ଜିଲ୍ଲା ସଭାପତି ଶୁଭମ ବାରିକ, ଜିଲ୍ଲା ଯୁବ କଂଗ୍ରେସ ଇନଚାର୍ଜ ବିଜୟ ଦୀପ, କଂଗ୍ରେସ ଯୁବନେତା ରୋହିତ ଜୈନ, ରାମଜୀ ମାତଖଣ୍ଡିଆ, ରାମଲାଲ ସୁନାନୀ, ବିଶ୍ୱାସୀ ନାଏକ, ରତନ ଦୀପ, ରାମଚନ୍ଦ୍ର ମାତଖଣ୍ଡିଆ, ମୋତି କୈବର୍ତ୍ତ, ପ୍ରମେ ଦୀପ, ନବୀନ ତାଣ୍ଡି, ବାବୁଲାଲ ସୁନାନୀ, ଶଙ୍କର ବାଗ, ରଞ୍ଜନ ପାଣିଗ୍ରାହୀ, ରିଶି ନାଏକ, ମଳୟ ମହାନନ୍ଦ, ଶେଷ ମାଝୀ, ଗରୁଡ଼ ବନଛୋର, ମୁନ୍ନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ପାଇଁ ଦାବି




ଭବାନୀପାଟଣା,୧୫ ।୭ (ସମିସ): ନୂଆ-ଓ ଛାତ୍ରବୃତ୍ତିକୁ ପୁଣିଥରେ ଆରମ୍ଭ କରିବା ଦାବି ଜୋର୍ ଧରିଲାଣି । ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନ, କଳାହାଣ୍ଡି ଛାତ୍ର ସଂଘ ଏବଂ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଅନୁବନ୍ଧିତ କଲେଜର ସମସ୍ତ ଛାତ୍ରଛାତ୍ରୀ କଲେଜ ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ । ପୂର୍ବ ସରକାର ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷା ରୁପାନ୍ତରଣ, ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ "ନୂଆ -ଓ ଛାତ୍ରବୃତ୍ତି" ଆରମ୍ଭ କରିଥିଲେ । ଏହି ଯୋଜନାରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସମସ୍ତ ସରକାରୀ କଲେଜ, ଅନୁଦାନ ପ୍ରାପ୍ତ କଲେଜ ଏବଂ ବିଶେଷ କରି ସାମ୍ସ ପୋର୍ଟାଲ ମାଧ୍ୟମରେ ପ୍ରବେଶ ନେଇଥିବା ବେସରକାରୀ କଲେଜମାନଙ୍କ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରଛାତ୍ରୀ ଏହି ଯୋଜନାରେ ଛାତ୍ର ବୃତ୍ତି ପାଉଥିଲେ । ଏହି ଯୋଜନାରେ ଓଡ଼ିଶାର ୫ଲକ୍ଷ ୮୦ ହଜାର ଛାତ୍ରଛାତ୍ରୀ ନୂଆ- ଓ ସ୍କୋଲାର୍ସିପ ଜରିଆରେ ଆର୍ଥିକ ସହାୟତା ପାଉଥିଲେ । ଛାତ୍ରମାନେ ୧୦ହଜାର ଏବଂ ଛାତ୍ରୀ ମାନେ ୧୧ ହଜାର ପାଉଥିଲେ । ଗରିବ ଓ ମଧ୍ୟବିତ୍ତ ପରିବାରର ଛାତ୍ରଛାତ୍ରୀ ଉପକୃତ ହୋଇପାରୁଥିଲେ । ଏଣୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଳପତିଙ୍କ ଜରିଆରେ ଏକ ଦାବିପତ୍ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଚ୍ଚଶିକ୍ଷା କ୍ଷେତ୍ରକୁ ଆହୁରି ସଶକ୍ତ କରିବା ପାଇଁ ନୂଆ-ଓ ଛାତ୍ର ବୃତ୍ତି କିମ୍ବା ନୂତନ ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଆମେ ଦାବି ମାଧ୍ୟମରେ ଅନୁରୋଧ କରାଯାଇଛି । ଏହା ସହିତ ଉଚ୍ଚ ଶିକ୍ଷାରେ ଉତ୍କର୍ଷ ଓ ଗୁଣବତ୍ତାର ଅଭିବୃଦ୍ଧି ନିମନ୍ତେ ସରକାର ଯଦି ଛାତ୍ର ବୃତ୍ତି ଦେବା ପାଇଁ ପୁନଃ ନିଷ୍ପତ୍ତି ନେବେ ତାହା ହେଲେ ଛାତ୍ରଛାତ୍ରୀଙ୍କ ଶିକ୍ଷା କ୍ଷେତ୍ରରେ ଆର୍ଥିକ ପ୍ରତିବନ୍ଧକକୁ ଅନେକାଂଶରେ ଏଡାଇବାରେ ସରକାର ସକ୍ଷମ ହୋଇପାରିବେ ବୋଲି ଛାତ୍ର ନେତାମାନେ କହିଛନ୍ତି । ମାସେ ଭିତରେ ଦାବି ପୂରଣ ନ ହେଲେ ଆମରଣ ଅନଶନ କରିବା ପାଇଁ ବାଧ ହେବେ ବୋଲି ଛାତ୍ରଛାତ୍ରୀ ଚେତାବନୀ ଦେଇଛନ୍ତି । ଛାତ୍ର ନେତା ଉମାକାନ୍ତ ନିଆଲ, ପୂର୍ବତନ ଛାତ୍ର ସଂସଦ ସଭାପତି ଅଜିତ ସାହୁ, ଚୈତନ୍ୟ ବାଗ, ଲିଙ୍କନ ବାଗ, ଆଶୁତୋଷ ପୁଜାରୀ, ମାନସ ରଞ୍ଜନ ସିନ୍ଦୂର, ସୌରଭ ମିଶ୍ର, ଲକ୍ଷ୍ମୀ କାନ୍ତ ସରାଫ, ଅଭିନବ ପଟ୍ଟନାୟକ, ଲୋକେଶ ବିଶି, ଆକାଶ ପଟ୍ଟନାୟକ, ରୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କୁରୁମପୁରୀକୁ ପ୍ରବାସୀ ଶ୍ରମିକମୁକ୍ତ କରିବାକୁ ଆହ୍ୱାନ

ନୂଆପଡ଼ା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ କୁରୁମପୁରୀ ପଞ୍ଚାୟତରେ ଆଜି ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି ।



ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ବିଡିଓ ବିନୟ ଭୋଇ, ତହସିଲଦାର ସର୍ବେଶ୍ୱର ଜାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୁରୁମପୁରୀ ପଞ୍ଚାୟତକୁ ପ୍ରବାସୀ ଶ୍ରମିକମୁକ୍ତ କରିବା ପାଇଁ ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ । ଠକ ବେଆଇନ ଶ୍ରମିକ ଦଲାଲଙ୍କ ବିରୋଧରେ ଦୃଢ଼ କର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାଇ ଦେଇଥିଲେ । ବିଭିନ୍ନ ବିଭାଗ ଏବଂ ଯୋଜନା ମାଧ୍ୟମରେ ସରକାର ଯୋଗାଇ ଦେଉଥିବା ସହାୟତା ତଥା ମନରେଗା ଯୋଜନାରେ କାମ କରି ନିଜ ନିଜ ଗାଁରେ ରହିବା ପାଇଁ ଆହ୍ୱାନ ଦେଇଥିଲେ । ପଞ୍ଚାୟତର ଯେଉଁ ପରିବାର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୩୦୦ ଦିନରୁ ଅଧିକ ଶ୍ରମ ଦାନ କରିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ 'ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମ'ରେ ଜିଲ୍ଲାପାଳ ଗୋଟିଏ ନବଜାତକ ଶିଶୁ କନ୍ୟା ଓ ପିତାମାତାଙ୍କୁ ଉପହାର ପ୍ରଦାନ କରିଥିଲେ । ସେମାନଙ୍କ ଦ୍ୱାରା ଗୋଟିଏ ଚାରା ରୋପଣ କରାଇଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିଗଣ ପକ୍ଷୀମାନଙ୍କ ପାଇଁ ଖାଦ୍ୟ, ଜଳ ସହ ବସା ବ୍ୟବସ୍ଥା କରିଥିଲେ ।

## ବଜ୍ରପାତରେ ଚାଷୀ ମୃତ

ନୂଆପଡ଼ା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲା ସଦର ଥାନା ସାଇପଲା ଗାଁ ନିକଟସ୍ଥ ବହଲଡ଼ିହି ଗାଁରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତକ ଚାଷୀଙ୍କ ନାମ ଭରତ ଲୋହାର(୨୫) । ପୁଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି । ମଙ୍ଗଳବାର ସନ୍ଧ୍ୟା ହେତୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ । ପୂର୍ବାହ୍ନରେ ବହଲଡ଼ିହି ଗାଁର ଭରତ ଓ ସ୍ତ୍ରୀ ସୁଶୀଲା ସହ ଦୁଇ ଛୁଆ ଚାଷଜମିକୁ ଯାଇଥିଲେ । ସେଠାରେ ଦିନସାରା କାମ କରିଥିଲେ । ଅପରାହ୍ନରେ ଘଡଘଡି ସହ ବର୍ଷା ହୋଇଥିଲା । ସେଠି ଚାଷଜମିରେ ଭରତ ଚାଷ କାମ କରୁଥିଲେ । ଏହି ସମୟରେ ବଜ୍ରପାତ ହେବାରୁ ଭରତ ଚାଷ ଜମି ପାଣିରେ ଟଳି ପଡ଼ିଥିଲେ । ପରିବାର ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହସ୍ପିଟାଲରେ ଭରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।



କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପ୍ରତିଭା ଅନୁଷ୍ଠାନର କଳାକାରମାନେ ସମ୍ବର୍ଦ୍ଧିତ ହେବା ଅବସରରେ

- ବୁଥ୍‌ସ୍ତରୀୟ ଅଧିକାରୀଙ୍କ ଜାତୀୟ ପ୍ରଶିକ୍ଷଣ ଶିବିର

## ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱ




ଧର୍ମଗଡ଼,୧୫ ।୭ (ସମିସ): ଧର୍ମଗଡ ବ୍ଲକ୍ ସଭାଗୃହରେ ୭ ଦିନ ଧରି ଧର୍ମଗଡ ନିର୍ବାଚନ ମଣ୍ଡଳୀର ଧର୍ମଗଡ, କୋକସରା, କଳମପୁର ଓ ଜୟପାଟଣା ବ୍ଲକ୍‌ର ୪ ଟି ପଞ୍ଚାୟତର ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନେଇ ଆମ ଦେଶରେ ନାଗରିକତା ହେବାର ସମ୍ବିଧାନ ରେ ଥିବା ଧାରା,ଭୋଟର ତାଲିକା ରେ ନୂତନ ନାମ ପଞ୍ଜୀକରଣ ଓ ବାଦର ନିୟମ ନିର୍ବାଚନ ସମ୍ବନ୍ଧୀୟ ଅନୁଷ୍ଠିତ ଜାତୀୟ ପ୍ରଶିକ୍ଷଣ ଶିବିରରେ ଆଗକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଥମ ଦିବସରେ ଭାରପ୍ରାପ୍ତ ଧର୍ମଗଡ ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଦ୍ୱିତୀୟ ଦିବସରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗ ଦେଇ ଏକ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତ କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ ବୋଲି ପ୍ରକାଶ କରି ସମ୍ବିଧାନରେ ଥିବା ବିଭିନ୍ନ ଧାରା,ନିର୍ବାଚନ ସମ୍ବନ୍ଧୀୟ ପ୍ରଶିକ୍ଷଣର ଉଦ୍ଦେଶ୍ୟ ବୁଝିବାକୁ ପରାମର୍ଶ ଦେଇଥିଲେ । ୭ ଦିନ ଧରି ଚାଲିଥିବା ଶିବିର ରେ ଭାରତରେ ନାଗରିକତା ଗ୍ରହଣ ସମ୍ବନ୍ଧୀୟ ସମ୍ବିଧାନ ରେ ଉଲ୍ଲେଖିତ ବିଭିନ୍ନ ଧାରା,ଭାରତୀୟ ନିର୍ବାଚନ ନିୟମ ଅନୁସାରେ ନୂତନ ଭୋଟର ଙ୍କ ନାମ ଯୋଡିବା,ତାଲିକାରୁ ନାମ ବାଦ,ସ୍ଥାନାନ୍ତରିତ, ସଂଶୋଧନ, ବିଏଲଓଙ୍କ ଆଇନଗତ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ବିଏଲଓ ଆପ ଓ ଭୋଟର ହେଲ୍ପ ଲାଇନ ମାଧ୍ୟମରେ ଫର୍ମ ୬, ୭, ୮ର ବ୍ୟବହାର କରି ଭୋଟର ତାଲିକାରେ ନାମ ଯୋଗ, ବାଦ, ସଂଶୋଧନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ପ୍ରଶିକ୍ଷକ ଭାବରେ ଚିଲିଚିଲା ବିଏଲଓ ଟିକେଶ୍ୱର ନାଏକ, ବିଏଲଓ ସୁପରଭାଇଜର ନରେନ୍ଦ୍ର ଜଗତ, ସୂର୍ଯ୍ୟନାରାୟଣ ଯୋଶୀ, ଦେବକିଶନ ନାଏକ, ବେଣୁଧର ନାଏକ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଉଦଯାପନୀ ଉତ୍ସବ ରେ ଧର୍ମଗଡ ସହକାରୀ ଜିଲ୍ଲାପାଳ ଅଜିତ କୁମାର ଶବର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ସମସ୍ତଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରିଥିଲେ ।

## କୋମନାରେ ଅଭିଯୋଗ ଶୁଣାଣି ଶିବିର



**କୋମନା,୧୫ ।୭ (ସମିସ):** ନୂଆପଡା ଜିଲ୍ଲା କୋମନା ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଏସ୍‌ପି ଜିଆର ରାଘବେନ୍ଦ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧାରୁଆ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ବିଡ଼ିଓ ବିନୟ ଭୋଇ, ଅତିରିକ୍ତ ବିଡ଼ିଓ ଭକ୍ତବନ୍ଧୁ ବୁଡେକ ପ୍ରମୁଖ ମଞ୍ଚାସୀନ ଥିଲେ । ୪୮ ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ଅଭିଯୋଗ ଆସିଥିଲା ।

## ବିଶ୍ୱ ଯୁବ କୌଶଳ ଦିବସ

**ଭବାନୀପାଟଣା,୧୫ ।୭ (ସମିସ):** ଭବାନୀପାଟଣା ସମ୍ପ୍ରସାରଣ ତାଲିମ କେନ୍ଦ୍ରରେ ବିଶ୍ୱ ଯୁବ କୌଶଳ ଦିବସ ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ସିଆରପିଫ ୬୪ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ସଚିଦାନନ୍ଦ ପାତ୍ର, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂହ ରାଉତ, ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ସୁବ୍ରତ ତ୍ରିପାଠୀ ଓ ମାଇ ଭାରତର ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ପ୍ରମୁଖ ଏଥିରେ ଅତିଥି ଭାବେ ଯୋଗ ଦେଇଥିଲେ । ଆର୍ଯ୍ୟା ନାୟକ ମଞ୍ଚ ପରିଚାଳନା କରିଥିଲେ । କ୍ଷୀରମଣୀ କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ । ଶମ୍ଭୁ ବିଶି, ଚୁଡାମଣି ମାଝି, ରାଜବୀର ବାଗ୍, ଦୀପକ ବେହେରା, ଅଭିଷେକ ମହାପାତ୍ର, ଅମ୍ବେ ପ୍ରସାଦ ପ୍ରଦାନି, ଲିପାମଣୀ ନାଗ, ଫକଜିନୀ ମାଝି, ଭୀଷ୍ମ ବାଗ ଓ ଶାଶ୍ୱତୀ ରଥ ପ୍ରମୁଖ ସହଯୋଗ କରିଥିଲେ ।



## କପିଳେଶ୍ୱରରେ ଆଇନ ସଚେତନତା ଶିବିର




**କେସିଙ୍ଗା,୧୫ ।୭ (ସମିସ):** କନ୍ତେସିର କପିଳେଶ୍ୱର ଉଚ୍ଚ ବିଦ୍ୟାଳୟରେ କେସିଙ୍ଗା ତାଲୁକ ଆଇନ ସେବା ସମିତି ତରଫରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବିଚାରପତି ଦୀପ୍ତା ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦବେହେରା, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ରଞ୍ଜିତ ଷଡଙ୍ଗୀ, ପ୍ରଧାନ ଶିକ୍ଷକ ସୁନୀଲ ବିଶି ପ୍ରମୁଖ ଉପସ୍ଥିତ ଥିଲେ ।

## ଘାସିରାମ ମାଝୀ ବିଜୁଙ୍କ ସ୍ୱପ୍ନର ଓଡ଼ିଶା ନିର୍ମାଣର କର୍ଣ୍ଣଧାର ଥିଲେ

ନୂଆପଡା,୧୫ ।୭ (ସମିସ): ନୂଆପଡ଼ା ଜିଲ୍ଲାର ପ୍ରତିଷ୍ଠାତା ଘାସିରାମ ମାଝୀଙ୍କ ଶହେ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି । ମଙ୍ଗଳବାର ସଂଧ୍ୟାରେ ସ୍ଥାନୀୟ ନାସନାଲ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଘାସିରାମ ମାଝୀ ବିଜୁଙ୍କ ସ୍ୱପ୍ନର ଓଡ଼ିଶା ନିର୍ମାଣର କର୍ଣ୍ଣଧାର ଥିଲେ ବୋଲି

### ପ୍ରତିମୂର୍ତ୍ତି ଉନ୍ମୋଚିତ

ଏଥିରେ ମତ ପ୍ରକାଶ ପାଇଛି । ଘାସିରାମ ମାଝୀ ମେମୋରିଆଲ ଚେରିଟେବଲ ଟ୍ରଷ୍ଟ ଅଧ୍ୟକ୍ଷା ସରୋଜିନି ମାଝୀ ସଭାପତିତ୍ୱ କରିଥିଲେ । ଜିଲ୍ଲାପାଳ ମଧୁସୂଦନ ଦାଶ



ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରସନ୍ନ ପାଢୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବାବେଳେ ବିଶେଷ ଅତିଥି ଭାବେ ମୁରଲୀ ଧର ପଣ୍ଡା, ଡ. ଶିବ ପ୍ରସାଦ ବେହେରା, କ୍ଷିରୋଦ ନିବାସ ପଣ୍ଡା, ନ୍ୟାସନାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ, ବରିଷ୍ଠ ସମ୍ବାଦିକ ଘନଶ୍ୟାମ ଭୋଇ, ବିଜେଡି ସମ୍ପାଦକ ସୁଧୀର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ନ୍ୟାସନାଲ ହାଇସ୍କୁଲରେ ସ୍ଥାପିତ ପ୍ରତିମୂର୍ତ୍ତିକୁ ଜିଲ୍ଲାପାଳ ଅନାବରଣ କରିଥିଲେ । ଭାନୁପ୍ରତାପ ସିଂ ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ । ବରିଷ୍ଠ ଶିକ୍ଷକ ସୁକାନ୍ତ ସତପଥୀ ମଞ୍ଚ ପରିଚାଳନା କରିଥିଲେ । ନରେନ୍ଦ୍ର ମିଶ୍ର, ଭକ୍ତବନ୍ଧୁ ଧରୁଆ, ଯାଜ୍ଞସେନୀ ମହାପାତ୍ର, ସରସ୍ୱତୀ ଶବର, ପ୍ରତିଭା ହୋତା, କମଳେଶ ଠାକୁର ପ୍ରମୁଖ ଯୋଗ ଦେଇଥିଲେ ।





### ଅବ୍ୟବସ୍ଥା ଘେରରେ ୟୁନିଟ୍-୧ ଅଙ୍ଗନବାଡ଼ି କେନ୍ଦ୍ର

# ସ୍ୱେରେଜ ପାଣିରେ ଗୋଡ଼ ଧୋଉଛନ୍ତି ପିଲା

ଭୁବନେଶ୍ୱର, ୧୫।୭ (ସମିସ)

ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବାକୁ ନାହିଁ ରାସ୍ତା। ଅସରାଏ ବର୍ଷାରେ କେନ୍ଦ୍ର ପରିସରରେ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି ହେଉଛି। ବର୍ଷା ସମୟରେ ପାଣିର ସୁଅ ପ୍ରବାହିତ ହେଉଥିବା ବେଳେ ବର୍ଷା ପରେ କାଦୁଅରେ ଗୋଡ଼ ବୁଡ଼ିଯାଉଛି। ତଥାପି ପାଣି କାଦୁଅରେ ପଶି କେନ୍ଦ୍ରକୁ ଆସୁଛନ୍ତି ଅଙ୍ଗନୱାଡି କୁନି କୁନି ପିଲା। କର୍ମୀ ଓ ସହାୟିକାମାନେ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ନିୟମିତ ଏହି ଅପରିଷ୍କାର ପାଣିରେ ପଶି ଯାଉଥିବାରୁ ସଂକ୍ରମଣର ଶିକାର ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏଭଳି ସମସ୍ୟା ଘେରରେ ରହିଛି ୟୁନିଟ୍-୧, ଉଚ୍ଚବିଦ୍ୟାଳୟ ପରିସରରେ ରହିଥିବା ୨ଟି ଅଙ୍ଗନବାଡ଼ି କେନ୍ଦ୍ର।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ୱାର୍ଡ ନମ୍ବର ୪୦, ସହରାଞ୍ଚଳ -୨ସ୍ଥିତ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଛି ମା' ମଙ୍ଗଳା (ସ୍ୱିପର କଲୋନୀ)ବସ୍ତି ଆମ ଅଙ୍ଗନୱାଡି କେନ୍ଦ୍ର ଏବଂ ତାଟି ବସ୍ତି ଅଙ୍ଗନବାଡ଼ି କେନ୍ଦ୍ର। ଏଠାରେ ଅଙ୍ଗନବାଡ଼ି କର୍ମୀଙ୍କ ସହ ଜଣେ ସହାୟିକା ମଧ୍ୟ ରହିଛନ୍ତି। ରବିବାରକୁ ବାଦ ଦେଇ ପ୍ରତିଦିନ ସକାଳ ସାଢ଼େ ୯ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ କେନ୍ଦ୍ର ଉଭୟ ରହିଥାନ୍ତି। ହେଲେ ଏହି କେନ୍ଦ୍ରରେ ପହଞ୍ଚିବାକୁ ସମସ୍ତଙ୍କୁ ମଧ୍ୟ ନାକେଦମ୍ ହେବାକୁ ପଡୁଛି। କାରଣ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବାକୁ ରାସ୍ତାଟିଏ ନାହିଁ।



ଛୋଟ ପିଲାମାନେ ଖେଳକୁଦ କରିବାକୁ ରହିଥିବା ସ୍ଥାନରେ ପ୍ରବାହିତ ହେଉଛି ସ୍ୱେରେଜ ପାଣି। ସୂଚନା ଅନୁସାରେ, ଏଠାରେ ପ୍ରଥମେ ମା'ମଙ୍ଗଳ ଅଙ୍ଗନାବଡ଼ି କେନ୍ଦ୍ର ରହିଥିବା ବେଳେ ପରବର୍ତ୍ତୀ ସମୟରେ ତାଟିବସ୍ତି କେନ୍ଦ୍ର ନିର୍ମାଣ ହୋଇଛି। ତେବେ ଏଠାରେ ରହିଥିବା ବିଦ୍ୟାଳୟର ହଷ୍ଟେଲର ଶୌଚାଳୟରୁ ନିର୍ଗତ ପାଣି ବର୍ଷ ସାରା ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ପ୍ରବାହିତ ହେଉଛି। ହଷ୍ଟେଲର ପ୍ରାୟ ୫୦ ଜଣ ପିଲାଙ୍କ ନିତ୍ୟ ବ୍ୟବହାରରେ ବ୍ୟବହୃତ ହେଉଥିବା ପାଣି ଠିକ୍ ଭାବେ ନିଷ୍କାସନ ହେଉନାହିଁ। ଫଳରେ ଏଠାରେ ରହିଥିବା ସ୍ୱେରେଜ୍ ଏବଂ ଚାମ୍ବର ଉଛୁଳି ଅପରିଷ୍କାର ପାଣି ଜମି ରହୁଛି। ତେବେ ଏହି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଥିବାରୁ ଏନେଇ ୱାର୍ଡ କର୍ପୋରେଟର, ସ୍ଥାନୀୟ ବିଧାୟକ, ସିଡିପିଓଙ୍କୁ ମଧ୍ୟ ଦୁଇ କେନ୍ଦ୍ର ପକ୍ଷରୁ ଅବଗତ କରାଯାଇଥିଲା। କେବଳ ସେତିକ ନୁହେଁ ସ୍ଥାନୀୟ ଲୋକେ ଏବଂ ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକଟ କରି ବାରମ୍ବାର ଅଭିଯୋଗ କରୁଛନ୍ତି।

ହେଲେ ଏଥିପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ସ୍ଥିତି ବିଗୁଡୁଥିବା କୁହାଯାଇଛି। ଫଳରେ ଶିଶୁମାନେ ସ୍ୱେରେଜ୍ ପାଣିରେ ଗୋଡ଼ ଧୋଇ ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରବେଶ କରୁଛନ୍ତି। କେବଳ ସମସ୍ୟା ଏତିକିରେ ଶେଷ ହୋଇ ନାହିଁ, ଯେଉଁବାଟ ଦେଇ ଯାତାୟତ କରୁଛନ୍ତି ସେହି ବାଟରେ ମଧ୍ୟ ଆଣ୍ଠୁଏ କାଦୁଅ। ମାଟି ରାସ୍ତା ଯୋଗୁଁ ଚାରିକଚିଆ ଯାନ ତ ଦୂରର କଥା ଦୁଇ ଚକିଆ ଯାନ ଯାତାୟତ କରିବା ଅସମ୍ଭବ। ଯେଉଁମାନେ ଅଙ୍ଗନାବଡ଼ି କେନ୍ଦ୍ରକୁ କୌଣସି କାମରେ ଆସିଥାନ୍ତି ଦୂରରେ ଗାଡ଼ି ରଖିବାକୁ ପଡ଼ିଥାଏ। ବିଶେଷ କରି ଗର୍ଭବତୀ ମହିଳା ଅବା ଛୋଟ ପିଲାଙ୍କୁ ନେଇ ଆସୁଥିବା ପ୍ରସୂତୀ, ବରିଷ୍ଠ ନାଗରିକମାନେ ଅଧିକ ସମସମ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଏନେଇ ୱାର୍ଡର କର୍ପୋରେଟର ଆସିଆ ବେଗମ୍ କହିଛନ୍ତି ଯେ, ରାସ୍ତା ସମସ୍ୟା ବିଷୟରେ ବିଧାୟକଙ୍କୁ ଅବଗତ କରିବା ସହ ଏମଏଲଏ ଲ୍ୟାଡ୍‌ରୁ ରାସ୍ତା ନିର୍ମାଣ ପାଇଁ କରିବାକୁ ନିବେଦନ କରିଛି।

## ଇନ୍‌ଷ୍ଟା ରିଲ୍‌କୁ ନେଇ ଆକ୍ରମଣ; ୩ ଗିରଫ

ଭୁବନେଶ୍ୱର, ୧୫।୭ (ସମିସ): ଇନ୍‌ଷ୍ଟା ରିଲ୍ କରିବାକୁ କେନ୍ଦ୍ରକରି ଆକ୍ରମଣ କରିବା ଘଟଣାରେ ସହିଦନଗର ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଶଙ୍କାରୁ ଓରଫ୍ ଶଙ୍କର ପାତ୍ର, ବିଶ୍ୱନାଥ ଓରଫ୍ ବିଶ୍ୱନାଥ ରାଉତ ଏବଂ କାହ୍ନୁ କିଶୋର କୁମାର ନାୟକ। ଅଭିଯୋଗକାରୀ ଗୀତାରାଣୀ ଜେନାଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ, ଚନ୍ଦନ କୁମାର ଜେନା ଭୁବନେଶ୍ୱରର ସହିଦନଗରରେ ଥିବା ଏଞ୍ଜେଲ ସ୍ପାରେ ଚାକିରି କରୁଥିଲେ। ସେ ତାଙ୍କ ବନ୍ଧୁ ନିଲୟ ଏବଂ କେ. ଅଜୟଙ୍କ ସହିତ ପ୍ରାୟତଃ ଇନଷ୍ଟାଗ୍ରାମ ରିଲ୍ ତିଆରି କରୁଥିଲେ। ଗତ ୨୦୨୨ ମେ ୨୫ ସକାଳ ସମୟରେ, ତିନି ବନ୍ଧୁ ମହର୍ଷି କଲେଜ ପଛରେ ଇନଷ୍ଟାଗ୍ରାମ ରିଲ୍ ସୁଟିଂ କରୁଥିଲେ। ସେହି ସମୟରେ, ଅଜୁ, ମିଟୁ (ଉଭୟ ଶାନ୍ତିପାଲି ବସ୍ତିର ବାସିନ୍ଦା) ଏବଂ ବିଶ୍ୱନାଥ (ସହିଦନଗରର ବାସିନ୍ଦା) ଭାବରେ ପରିଚିତ ବ୍ୟକ୍ତିମାନେ ଚନ୍ଦନଙ୍କ ପାଖକୁ ଆସି ତାଙ୍କୁ ହତ୍ୟା ଧମକ ଦେଇଥିଲେ ଏବଂ ତାଙ୍କୁ ଇନଷ୍ଟାଗ୍ରାମ ରିଲ୍ ତିଆରି ନକରିବାକୁ ଚେତାବନୀ ଦେଇଥିଲେ। ଧମକ ସତ୍ତ୍ୱେ, ଚନ୍ଦନ ସେମାନଙ୍କ ଚେତାବନୀକୁ ଅଣଦେଖା କରି ରିଲ୍ ତିଆରି ଜାରି ରଖିଥିଲେ। ଘଟଣା ଦିନ ଅଜୁ, ମିଟୁ ଏବଂ ବିଶ୍ୱନାଥ ଆହତ ଚନ୍ଦନଙ୍କୁ ଖୋଜିବା ପାଇଁ ଆଞ୍ଜେଲ ସ୍ପାରେ ପହଞ୍ଚିଥିଲେ କିନ୍ତୁ ତାଙ୍କୁ ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ, ସେହି ଦିନ ରାତି ପ୍ରାୟ ୮:୩୦ ରେ, ସେମାନେ ଚନ୍ଦନଙ୍କୁ ମହର୍ଷି କଲେଜ ଛକକୁ ଆସିବାକୁ କହିଥିଲେ। ଅନୁରୋଧ ରଖି, ଚନ୍ଦନ, ତାଙ୍କ ବନ୍ଧୁ ନିଲୟ ଏବଂ କେ. ଅଜୟଙ୍କ ସହିତ ମହର୍ଷି କଲେଜ ଛକରେ ପହଞ୍ଚିବା ପରେ, ଅଭିଯୁକ୍ତ ଅଜୁ, ମିଟୁ, ଶଙ୍କରୁ, କାରୁ, ବିଶ୍ୱନାଥ ଏବଂ କାହ୍ନୁ ମିଳିତ ଭାବେ ବାଉଁଶ ବାଡ଼ି ଏବଂ ଖଣ୍ଡା ଧରି ଘଟଣାସ୍ଥଳରେ ପହଞ୍ଚିଲେ। ଅସ୍ତ୍ରଶସ୍ତ୍ର ଦେଖି, ନିଲୟ ଏବଂ କେ. ଅଜୟ ସହିଦନଗର ଆଡକୁ ପଳାଇଯିବା ବେଳେ ଚନ୍ଦନ ମହର୍ଷି କଲେଜ ପଛ ପାର୍ଶ୍ୱକୁ ଖସିଯିବାକୁ ଚେଷ୍ଟା କରିଥିଲେ। ଅଭିଯୁକ୍ତମାନେ ଚନ୍ଦନଙ୍କୁ ପିଛା କରିଥିଲେ ଏବଂ ଶେଷରେ ଗୌରାଙ୍ଗ ଆଶ୍ରମ ପଛରେ ତାଙ୍କୁ କାବୁ କରିଥିଲେ। ସେହି ସ୍ଥାନରେ, ଅଜୁ ଓରଫ ଅଜୟ କୁମାର ସେଠି ଚନ୍ଦନଙ୍କୁ ହତ୍ୟା କରିବାକୁ ଚେଷ୍ଟା କରି ତାଙ୍କ ମୁଣ୍ଡରେ ଖଣ୍ଡା ଆଘାତ କରିଥିବା ବେଳେ ଅନ୍ୟ ଜଣେ ଆକ୍ରମଣକାରୀ ଚନ୍ଦନଙ୍କ ହାତକୁ ଖଣ୍ଡାରେ ଆକ୍ରମଣ କରିଥିଲେ, ଯାହା ଫଳରେ ମୁଣ୍ଡରେ ଗୁରୁତର ଭାବରେ ଆଘାତ ବାଜିଥିଲା।

## ଫୁଲ ଓ ପତ୍ରରୁ ତେଲ ପ୍ରସ୍ତୁତ



ଭୁବନେଶ୍ୱର,୧୫।୭ (ସମିସ): ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ୍ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ। ଆମର ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ ବୋଲି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ଡ. ବ୍ଲୋସୋମ କୋଚର କହିଛନ୍ତି। ଗଛର ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ। ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଞ୍ଚ୍ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

## ଲିଙ୍ଗରାଜ ବିହାର ପାଠାଗାର ଓ ସୂଚନା କେନ୍ଦ୍ରର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୫।୭ (ସମିସ): ଲିଙ୍ଗରାଜ ବିହାର, ପାଠାଗାର ଓ ସୂଚନା କେନ୍ଦ୍ରର ୮ମ ବାର୍ଷିକ ଉତ୍ସବ ପାଠାଗାର କକ୍ଷରେ ଆୟୋଜିତ ହୋଇଯାଇଛି। ପ୍ରଥମେ ବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ପାଠାଗାର ସଭାପତି ଡ଼. ଶିଶିର କୁମାର ମହାପାତ୍ର ନୂତନ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ସଭାପତି ମହାପାତ୍ର ତାଙ୍କ ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନକରିଥିଲେ। ଏହିଅବସରରେ ଚଳିତମାସ ଗତ ୬ ତାରିଖରେ ଏକ ବକ୍ତୃତା ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବରେ ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ସୁଧାଂଶୁ ଭୂଷଣ ମିଶ୍ର ସଭା ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।






ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ନିର୍ଯାତନା ଓ ଆତ୍ମାହୁତି ଘଟଣାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜୁ ଛାତ୍ର ଜନତାଦଳ ପକ୍ଷରୁ ବାଣୀବିହାର ଫାଟକ ସମ୍ମୁଖରେ ଧାରଣା ଓ ବିକ୍ଷୋଭ।

### ବିଏମ୍‌ସି ଅତିରିକ୍ତ କମିସନଙ୍କୁ ମାଡ଼ ଘଟଣା

## ପାଞ୍ଚ ଅଭିଯୁକ୍ତଙ୍କୁ ମିଳିଲା ଜାମିନ୍

ଭୁବନେଶ୍ୱର, ୧୫।୭ (ସମିସ): ବିଏମ୍‌ସିର ଅତିରିକ୍ତ କମିଶନରଙ୍କୁ ରତ୍ନାକର ସାହୁଙ୍କୁ ଘୋଷାଡ଼ି ଘୋଷାଡ଼ି ମାଡ଼ ଘଟଣାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍। ଏଥିରେ ୨୯ ନଂ ୱାର୍ଡ କର୍ପୋରେଟର ଅପରୂପ ନାରାୟଣ ରାଉତ, ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ରଙ୍କୁ ଜାମିନ ମିଳିଛି। ପୂର୍ବରୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ସମାନ ମାମଲାରେ ଜାମିନ ମିଳିସାରିଛି।

ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୩୦ ତାରିଖରେ ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ବିଏମ୍‌ସି ଅଫିସ ଭିତରେ ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଅଭିଯୋଗ ପ୍ରକୋଷ୍ଠରୁ ଘୋଷାଡ଼ି ବିଧା, ଗୋଇଠା ମାଡ଼ ସହ ଅପହରଣ ଉଦ୍ୟମ ହୋଇଥିଲା। ଘଟଣାରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ହିଁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିବା ନେଇ ଆରମ୍ଭରୁ ଅଭିଯୋଗ ଉଠିଥିଲା। ପୁଲିସ ଏହି ମାମଲାରେ ବିଜେପି କର୍ପୋରେଟର ଜୀବନ ରାଉତଙ୍କ ସମେତ ୫ ଜଣଙ୍କୁ ଗିରଫ କରିଥିଲା। ପରେ ଜଗା ପ୍ରଧାନଙ୍କୁ ଗିରଫ ଦାବିରେ ଓଏଏସ୍ ସଂଘ କାର୍ଯ୍ୟଛାଡ଼ ଆନ୍ଦୋଳନ କରିବାରୁ ପୁଲିସ ସମାନ ମାମଲାରେ ଜଗନ୍ନାଥ ପ୍ରଧାନଙ୍କୁ ଗିରଫ ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜରକୁ ପଠାଯାଇଥିଲା। ଜୁଲାଇ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଜଣେ ଜାମିନଦାର ଓ ୩୦ ହଜାର ଟଙ୍କା ବଦଳରେ ଜଗନ୍ନାଥଙ୍କୁ ଜାମିନ ମିଳିଥିଲା।

## ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ବିଶ୍ୱ ଯୁବ କୌଶଳ ଦିବସ

ଭୁବନେଶ୍ୱର, ୧୫।୭ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଶ୍ୱ ଯୁବ କୌଶଳ ଦିବସ ଅନୁଷ୍ଠିତ ହୋଇଛି। ଏହି ଦିବସ ଅବସରରେ ଦୁଇଟି ବିଷୟବସ୍ତୁ ଉପରେ ଆଧରିତ ଦୁଇଟି ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ବସ୍‌କୁ କେନ୍ଦୁଝର ଏବଂ ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗ୍ରାମୀଣ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ପ୍ରଦର୍ଶନୀ ଆୟୋଜନ କରିବା ପାଇଁ ଶୁଭାରମ୍ଭ କରାଯାଇଥିଲା। ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ଟିଇ ଆଣ୍ଡ ଏସସିଇଆରଟି ବିଭାଗର ସହାୟକ ନିର୍ଦ୍ଦେଶିକା ପ୍ରଲିପ୍ତା ମିଶ୍ରଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରଫେସର ଡ. ଏସ୍‌କେଏସ୍ ପରାଶରଙ୍କ ଦ୍ୱାରା 'ନାନୋ ୱାର୍ଲ୍ଡ' ବିଷୟ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଆୟୋଜିତ ହୋଇଥିଲା। ଡ. ପରାଶର ଉପକରଣ ମାଧ୍ୟମରେ ନାନୋ ସାମଗ୍ରୀର କିଛି ଆକର୍ଷଣୀୟ ଗୁଣ ଏବଂ ଆଚରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ବିଶ୍ୱ ଯୁବ କୌଶଳ ଦିବସ ପାଳନର ଗୁରୁତ୍ୱ ଏବଂ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ।

## ଓଡ଼ିଶା ବ୍ରାହ୍ମଣ ମହାସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୧୫।୭ (ସମିସ): ଇତି ମଧ୍ୟରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଓଡ଼ିଶା ବ୍ରାହ୍ମଣ ମହାସଂଘର ୨୪ ତମ କାର୍ଯ୍ୟକାରିଣୀ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ରାଜ୍ୟ ସଭପତି ଡକ୍ଟର ସଦାନନ୍ଦ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ଦାସ ଯୋଗଦେଇ ବ୍ରାହ୍ମଣମାନଙ୍କୁ ସନାତନ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମ୍ ହସ୍ପିଟାଲର ନିର୍ଦ୍ଦେଶକ ତଥା ପ୍ରସିଦ୍ଧ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ମହାସଂଘ ତରଫରୁ ପୁରୀରେ ମାଳତିପାଟପୁର ବସଷ୍ଟାଣ୍ଡ ନିକଟରେ ବିଶାଳ ବ୍ରାହ୍ମଣ ଭବନ ନିର୍ମାଣ ପାଇଁ କିଣା ଯାଇଥିବା ଜମିରେ ନୂତନ ଭାବେ ନିର୍ମାଣ ହେବାକୁଥିବା ବ୍ରାହ୍ମଣ ଭବନର ଶୁଭାରମ୍ଭ କରି ବ୍ରାହ୍ମଣ ମାନଙ୍କୁ ଧାର୍ମିକ ଓ ସାମାଜିକ କାର୍ଯକ୍ରମର ନେତୃତ୍ୱ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥିଭାବେ ଆକାଶବାଣୀ ଓ ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶାନ୍ତନୁ କୁମାର ରଥ ଶ୍ରୀକ୍ଷେତ୍ର ବ୍ରାହ୍ମଣ ଭବନ ଏକ ଧର୍ମଶାଳା ନ ହୋଇ ବ୍ରାହ୍ମଣ ସଂସ୍କୃତି, ପରମ୍ପରା, ଓ କର୍ମକାଣ୍ଡର ଏକ ଜ୍ଞାନ ପୀଠ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଇଞ୍ଜିନିୟର ଜଗନ୍ନାଥ ପାଢ଼ୀ, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ପଣ୍ଡା, ଆୟୋଜକ ସୁବ୍ରତ ଦାସ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## ହିନ୍ଦୁଜା ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ



ଭୁବନେଶ୍ୱର,୧୫।୭ (ସମିସ): ୧୧୦ ବର୍ଷ ପୁରୁଣା ହିନ୍ଦୁଜା ଗ୍ରୁପ୍‌ର ସେବା ଶାଖା ହିନ୍ଦୁଜା ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସରେ ହିନ୍ଦୁଜା ଗ୍ରୁପ୍‌ର କମ୍ପାନୀଗୁଡ଼ିକ ସହଯୋଗିତାରେ ଭାରତର ଯୁବବର୍ଗଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ ଦକ୍ଷତା ପ୍ରଦାନ କରିବା ଲାଗି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ଶିକ୍ଷା ଓ ଜୀବିକା କାର୍ଯ୍ୟକ୍ରମ ଉପରେ ଫାଉଣ୍ଡେସନର ଗୁରୁତ୍ୱ ଭାରତର ଯୁବପିଢ଼ିଙ୍କୁ ଉଦ୍ଦେଶ୍ୟ ଓ ବିଶ୍ୱାସ ସହ ସଫଳ ହେବାରେ ସକ୍ଷମ କରିଛି। ଦକ୍ଷତା ବିକାଶରେ ରୋଡ୍ ଟୁ ଲାଇଭ୍‌ଲିହୁଡ୍ (ଆର୍‌ଟିଏଲ୍) କାର୍ଯ୍ୟକ୍ରମ ଅଧୀନରେ ୧ ଲକ୍ଷ ଯୁବବର୍ଗଙ୍କୁ ସଶକ୍ତ କରାଯାଇଛି ଏବଂ ଅନ୍ୟାନ୍ୟ ଧନ୍ଦାମୂଳକ କାର୍ଯ୍ୟକ୍ରମ ଡିଜିଟାଲ ପ୍ରବିଣତା, ଯୋଗାଯୋଗ ଓ କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତିରେ ଉନ୍ନତି ଆଣିପାରିଛି। ଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୫ଟି ରାଜ୍ୟର ୭.୪ ଲକ୍ଷରୁ ଅଧିକ ଯୁବକଯୁବତୀ ରୋଡ୍ ଟୁ ସ୍କୁଲ୍ (ଆର୍‌ଟିଏସ୍), ରୋଡ୍ ଟୁ ଲାଇଭ୍‌ଲିହୁଡ୍ (ଆର୍‌ଟିଏଲ୍) କାର୍ଯ୍ୟକ୍ରମରେ ଉପକୃତ ହୋଇଥିବା ହିନ୍ଦୁଜା ଫାଉଣ୍ଡେସନର ଷ୍ଟିୟରିଂ କମିଟିର ସଦସ୍ୟ ନମ୍ରତା ହିନ୍ଦୁଜା କହିଛନ୍ତି।

## ଛାତ୍ରୀ ନିର୍ଯାତନା ଘଟଣାରେ ସିପିଆଇ ପକ୍ଷରୁ ବିକ୍ଷୋଭ




ଭୁବନେଶ୍ୱର, ୧୫।୭ (ସମିସ): ଫକୀର ମୋହନ କଲେଜ ଛାତ୍ରୀଙ୍କୁ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ଘଟଣାରେ ବିଚାର ବିଭାଗୀୟ ତଦନ୍ତ ଦାବିରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବିରେ ମଙ୍ଗଳବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ସଫଳତା ପାଇଁ ଆହ୍ୱାନ ଦିଆଯାଇଛି। ଫକୀର ମୋହନ କଲେଜ ଛାତ୍ରୀଙ୍କ ପ୍ରତି ବିଭାଗୀୟ ମୁଖ୍ୟ ଅଧ୍ୟାପକଙ୍କ ଯୌନ ଉତ୍ପିଡ଼ନ ଘଟଣା ସମ୍ପର୍କରେ ପୀଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଥାଇ ତାଙ୍କ ସଂଗଠନର ସମସ୍ତଙ୍କୁ, ବିଜେପିର ସ୍ଥାନୀୟ ବିଧାୟକ, ବାଲେଶ୍ୱର ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ନ୍ୟାୟ ପ୍ରଦାନ ପାଇଁ ହାରି ଗୁହାରି କରି ମଧ୍ୟ ସୁରକ୍ଷାର ନିର୍ଭର ଯୋଗ୍ୟ ପ୍ରତିଶ୍ରୁତି ନମିଳିବାରୁ ପୁଣି ସାମାଜିକ ଗଣମାଧ୍ୟମ ଏକ୍ସ୍ ହ୍ୟାଣ୍ଡଲ୍‌ରେ ଉପରୋକ୍ତ ସମସ୍ତଙ୍କୁ ଜୁଲାଇ ପହିଲାରେ ଜଣାଇଥିଲେ ବି ସୁଫଳ ମିଳିନଥିଲା। ପରିଶେଷରେ ଜୁଲାଇ ୧୨ ତାରିଖରେ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ନିରାଶ ହୋଇ ଆତ୍ମାହୁତିର ରାସ୍ତା ଆପଣାଇଲେ ପୀଡ଼ିତା ଛାତ୍ରୀ। ଏହା ମନୁବାଦୀ ବିଜେପି ଓ ସଂଘ ପରିବାରର ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ ଅଟେ। ଯେହେତୁ ପିଡ଼ିତା ଛାତ୍ରୀ ଏବିଭିପିର ସଦସ୍ୟ ଯୌନ ଉତ୍ପିଡ଼ନକାରୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବିଭିପିର ସଦସ୍ୟ ଥିବାରୁ ଏବିଭିପି, ବିଜେପି ଓ ସଂଘ ପରିବାର ମନୁବାଦୀ ବିଚାରଧାରାରେ ଯୌନ ଉତ୍ପିଡ଼ନରେ ପୀଡ଼ିତା ଛାତ୍ରୀ ସମ୍ପୃକ୍ତ ଅଧ୍ୟାପକଙ୍କ ସହ ବୁଝାମଣା କରିବା ପାଇଁ ବାଧ କରାଇ ଏକ ବ୍ୟବସ୍ଥାକୃତ ହତ୍ୟାକାଣ୍ଡ କରିଛନ୍ତି ଏବିଭିପି ଓ ବିଜେପିର ଡବଲ ଇଞ୍ଜିନ ସରକାର। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ସହ ଯୌନ ଉତ୍ପିଡ଼ନର ଶିକାର ଛାତ୍ରୀଙ୍କୁ ସୁରକ୍ଷା ଦେବାରେ ବିଫଳ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ବିଧାୟକଙ୍କ ଇସ୍ତଫା ଦାବି କରାଯାଇଛି। ଏହି ବିକ୍ଷୋଭରେ ସିପିଆଇ ରାଜ୍ୟ ସହ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ବିଜୟ ଜେନା, କୈଳାସ ପୁହାଣ, ନମିତା ସାହୁ, ଡାକ ହେମ୍ବ୍ରମ୍, ଶଙ୍କର ବାରିକ, ଶଙ୍କର ବେହେରା, ଲେନୀନ ଜେନା, ସାଇରାମ ପ୍ରମୁଖ ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ରାଜ୍ୟବ୍ୟାପୀ ଶୋକଦିବସ ପାଳିବ ଏସ୍‌ୟୁସିଆଇ

ଭୁବନେଶ୍ୱର, ୧୫।୭ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଛି। ମୃତ ଛାତ୍ରୀର ସ୍ମୃତିରେ ମଙ୍ଗଳବାର ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରାଜ୍ୟବ୍ୟାପୀ ଶୋକ ଦିବସ ପାଳନ, କଳାବ୍ୟାଜ୍ ପରିଧାନ, ବିଭିନ୍ନ ସ୍ଥାନରେ ମୃତ ଛାତ୍ରୀଙ୍କ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ, କ୍ୟାଣ୍ଡଲ ଶୋଭାଯାତ୍ରା ଆଦି କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ରାଜ୍ୟର ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି। ଯୌନ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ଜଣକ ଏଭଳି ଚରମ ନିଷ୍ପତ୍ତି ନେବାକୁ ବାଧ ହେବା ପୂର୍ବରୁ ନ୍ୟାୟ ପାଇବା ଆଶାରେ ଚେଷ୍ଟାକରି ବିଫଳ ହେବା ଓ ଅପମାନିତ ହେବା ଘଟଣା ମଧ୍ୟ ରାଜ୍ୟରେ ଗଭୀର ଆଲୋଡନ ସୃଷ୍ଟି କରିଛି। ମଙ୍ଗଳବାର ଲୋହିଆ ଭବନଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଉକ୍ତ ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ମର୍ମାନ୍ତିକ ଘଟଣାର ପ୍ରତିବାଦରେ ଦଳ ପକ୍ଷରୁ ସ୍ତରେ ସ୍ତରେ ଶକ୍ତିଶାଳୀ ଆନ୍ଦୋଳନ ଗଢ଼ି ତୋଳିବାକୁ ନିଷ୍ପତ୍ତି ନିଆଯାଇଛି। ଦଳର ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ ସାମ୍ବାଦିକ ସମ୍ମିଳନୀ



ମାଧ୍ୟମରେ କ୍ଷୋଭର ସହ କହିଛନ୍ତି, ଅଭିଯୁକ୍ତ ଅଧ୍ୟାପକଙ୍କୁ ଗିରଫ ଓ ପରେ ସସ୍‌ପେଣ୍ଡ ହୋଇଥିବା ଅଧ୍ୟକ୍ଷକଙ୍କୁ ଗିରଫ କରାଯାଇଥିଲେ ବି ଏହି ଜଘନ୍ୟ ଘଟଣାରେ ଦାୟୀ ଶାସକ ଦଳର ନେତା, ମନ୍ତ୍ରୀ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀମାନଙ୍କୁ ଖସାଇ ଦେବାପାଇଁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି। ଏହି ପରିସ୍ଥିତିରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୧କୋଟି ଟଙ୍କା ସହାୟତା, ଏକ ଉଚ୍ଚସ୍ତରୀୟ ତଦନ୍ତ କରି ଏହାର ରିପୋର୍ଟ ୭ଦିନ ମଧ୍ୟରେ ସର୍ବସାଧାରଣରେ ପ୍ରକାଶ କରିବା, ସମ୍ପୃକ୍ତ ସମସ୍ତ ଅପରାଧୀ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି।ବିନେଇ ଶକ୍ତିଶାଳୀ ଗଣ ଆନ୍ଦୋଳନ ଗଢ଼ି ତୋଳିବାକୁ ରାଜ୍ୟବାସୀଙ୍କୁ ସଂଘ ଆହ୍ୱାନ କରିଛି।

ସକାଳ THE SAKALA



# ବନ୍ୟା ପାଣିରେ ବୁଡ଼ିଲା ଯୋଗାଣ ବିଭାଗ ଚାଉଳ



ମାଳିପୁର, ୧୫ା୭ (ସମିସ): ବ୍ରାହ୍ମଣୀରେ ପ୍ରଥମ ବନ୍ୟା ଜଳ ଆସିବାର କିଛିଦିନ ବିତିଯାଇଥିଲେ ବି ବନ୍ୟାଜଳ ପତନ ବୃଦ୍ଧି ନ ପାଇ ସ୍ଥିର ରହିଥିଲା। ଆଜି ସକାଳୁ ପୁଣି ବନ୍ୟା ଜଳ ପତନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ପ୍ରଭୃତି ପଞ୍ଚାୟତରେ ବନ୍ୟାଜଳ ବୃଦ୍ଧି ପାଇଁ ରାସ୍ତା ଉପରେ ବୁଡି ପ୍ରବାହିତ ହେଉଛି। ବନ୍ୟାଞ୍ଚଳ ରାସନ କାର୍ଡଧାରୀଙ୍କୁ ବନ୍ୟା ସମୟରେ ଖୁବଶୀଘ୍ର ରାସନ ଚାଉଳ ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ପରେ ବନ୍ୟା ପ୍ରଭାବିତ ବିଭିନ୍ନ ପଞ୍ଚାୟତକୁ ଯୋଗାଣ ବିଭାଗ ଚାଉଳ ଟ୍ରକ୍ ଯୋଗେ ବିଭିନ୍ନ ରିଟେଲର ସେଣ୍ଟରକୁ ପଠାଉଛନ୍ତି। ଏଥିପାଇଁ ଲକ୍ଷ୍ମୀନାରାୟଣପୁରରୁ ଏକ ଚାଉଳ ବୋଝେଇ ମିନି ଟ୍ରକ ୧୨୦ ବସ୍ତା ଚାଉଳ ବୋଝେଇ କରି ବଳଭଦ୍ରପୁର ପଞ୍ଚାୟତର ଡିଲର ସୁରେନ୍ଦ୍ର ପରିଡାଙ୍କ ଗୋଦାମ ଅଭିମୁଖେ ଯାଉଥିଲା। ମାଳିପୁର ଛକରୁ ଗଡ଼ାଣି ରାସ୍ତାରେ ଗଡି ବାଲିପାଟଣା ଅଭିମୁଖେ ଯାଉଥିବାବେଳେ ଡ୍ରାଇଭର ବେପରୁଆ ଭାବେ ପାଣି ବୁଡି ଚାଲୁଥିବା ରାସ୍ତାରେ ଗାଡ଼ି ପୂରାଇ ଚଳାଇ ନେଉଥିଲେ। ତେବେ ପାଣିରେ ବୁଡି ରହିଥିବା ରାସ୍ତା ଠିକ ଭାବେ ଦେଖାଯାଉ ନ ଥିବାରୁ ମିନି ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ଧାରରୁ ଖସିଯାଇଥିଲା। ଅଧିକ ଓଜନ ଥିବାରୁ ଧୀରେ ଧୀରେ ଟ୍ରକଟି ପାଣି ଭିତରେ ବୁଡି ଯାଇଥିଲା। ସେଥିରେ ବୋଝେଇ ହୋଇଆସିଥିବା ସମସ୍ତ ୧୨୦ ବସ୍ତା ଚାଉଳ ପାଣିରେ ବୁଡି ଓଦା ହୋଇଯାଇଥିଲା। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ଟ୍ରକ୍‌କୁ ହେପାଜତକୁ ନେଇଛି। ପରେ ବୁଡିଯାଇଥିବା ଟ୍ରକରୁ ଚାଉଳ ବସ୍ତା ଖାଲି କରି ଶୁଖିଲା ସ୍ଥାନକୁ ଆଣି ଅନ୍ୟଏକ ଗାଡି ଯୋଗେ ଲକ୍ଷ୍ମୀନାରାୟଣପୁରକୁ ଫେରସ୍ତ ଯାଇଥିବା ଜଣାପଡିଛି।

# ନାଇଟ୍ ୱାଚମ୍ୟାନ ଓ ହାଉସ୍‌କିପିଂ କର୍ମଚାରୀ ସଙ୍ଘର ଜିଲ୍ଲାପାଳଙ୍କୁ ଦାବିପତ୍ର




କେନ୍ଦ୍ରାପଡ଼ା,୧୫ା୭ (ସମିସ): ନିଖିଳ ଓଡିଶା ନାଇଟ୍ ୱାଚମ୍ୟାନ ଓ ହାଉସକିପିଂ କର୍ମଚାରୀ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି। "ମୋ ସ୍କୁଲ ଅଭିଯାନ'ରେ ପିଅନ ଓ ରାତ୍ର ଜଗୁଆଳ ନ ଥିବା ଉଚ୍ଚବିଦ୍ୟାଳୟରେ ସରକାରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବେକାରୀ ଯୁବକ ଓ ଯୁବତୀଙ୍କୁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ମାଧ୍ୟମରେ ନାଇଟ୍ ୱାଚମ୍ୟାନ ଓ ହାଉସ୍‌କିପିଂ କର୍ମଚାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ନାଇଟ୍ ୱାଚମ୍ୟାନଙ୍କୁ ମାସିକ ପାରିଶ୍ରମିକ ଭାବେ ୧୦ ହଜାର ୯୮୦ ଟଙ୍କା ଓ ସୁଇପର କିମ୍ବା ହାଉସକିପିଂ କର୍ମଚାରୀଙ୍କୁ ମାସିକ ପାରିଶ୍ରମିକ ଭାବେ ୪୨୪୩ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଗଲା। ଦୁଃଖର କଥା ଏହି କର୍ମଚାରୀ ଦିନରାତି ନିଷ୍ଠାର ସହ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସେମାନଙ୍କୁ ଦୀର୍ଘ ୧୭ ମାସ ଧରି ପାରିଶ୍ରମିକ ପ୍ରଦାନ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଥିଲେ। ସ୍ଥାୟୀ କର୍ମଚାରୀଙ୍କ ଭଳି ଏହି କର୍ମଚାରୀ ନିଜ ଦାୟିତ୍ୱ ନିର୍ବାହ କରିଆସୁଥିଲେ ମଧ୍ୟ ସେମାନଙ୍କୁ ପ୍ରତ୍ୟେକ ମାସରେ ପାରିଶ୍ରମିକ ପ୍ରଦାନ କରାଯାଉନାହିଁ। ଏଣୁ ସେମାନଙ୍କ ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରାଯିବା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ଦରମା ପ୍ରଦାନ, ଅସୁସ୍ଥତା ପାଇଁ ଛୁଟି ପ୍ରଦାନର ବ୍ୟବସ୍ଥା ସମେତ ସେମାନଙ୍କ ପ୍ରାପ୍ୟ ବୃଦ୍ଧି କରାଯିବାକୁ ସଙ୍ଘ ପକ୍ଷରୁ ଦାବି କରାଯାଇଛି। ଆଇଏନଟିୟୁସି ନେତା ବରିଷ୍ଠ ଆଇନଜୀବୀ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସୁଶାନ୍ତ ନାୟକ, ସୁମିତ୍ରା ସାହୁ, ବସନ୍ତ ସାହୁ, ଗିନୁ ଦାସ, କ୍ଷୀରୋଦ ମଲ୍ଲିକ, ଅମୂଲ୍ୟ ଲେଙ୍କା, ଅମୀୟ ରଣା, ହରପ୍ରିୟା ବେହେରା, ରଶ୍ମିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ମହିଳା ଗୁରୁତର



ଆଳି,୧୫ା୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ପଞ୍ଚାୟତ ଅଧୀନ ପଦନପୁର ଗ୍ରାମର ଜଣେ ମହିଳା ବାଡ଼ିକୁ ଯାଇଥିବାବେଳେ ତାଙ୍କୁ ସେଠାରେ ଏକ ସାପ କାମୁଡ଼ି ଦେବା ଫଳରେ ସେ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଏସକେ ନାସିରଉଦ୍ଦିନଙ୍କ ପତ୍ନୀ ଫିରୋଜା ବିବି (୫୫) ଆଜି ଅପରାହ୍ନରେ ନିଜସ୍ୱ କାର୍ଯ୍ୟ ପାଇଁ ଘର ବାଡ଼ି ପଟକୁ ଯାଇଥିଲେ। ସେଠାରେ ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଦୁର୍ଘଟଣାରେ ୩ ଗୁରୁତର ଆହତ

ଆଳି,୧୫ା୭ (ସମିସ): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ବାଳକାଟି ହନୁମାନ ଛକ ନିକଟରେ ସନ୍ଧ୍ୟା ସମୟରେ ଏକ ବାଇକ ସାମ୍ନାକୁ ଗାଈ ଆସିଯିବାରୁ ଭାରସାମ୍ୟ ହରାଇ ତଳେ ପଡିଯିବାରୁ ବାଇକ୍‌ରେ ଥିବା ୩ ଜଣ ଆହତ ହୋଇଛନ୍ତି। ରସୁଲପୁରର ଗ୍ରାମର ସେକ ଆଲ୍ଲାଦ୍ଦିନ (୩୨), ରିଜୱାନ ବିବି (୨୩) ଓ ଜସ୍ମିନ ବେଗମ (୭) ଆହତ ହୋଇଥିବା ଜଣାପଡ଼ିଛି। ସେମାନେ ରାଜକନିକାରୁ କାମ ସାରି ବାଇକ୍‌ରେ ନିଜ ଘର ଆଳିକୁ ଫେରୁଥିବା ସମୟରେ ବାଳକାଟି ହନୁମାନ ଛକ ନିକଟରେ ଏକ ଗାଈ ଆଗକୁ ଆସିଯିବା ଫଳରେ ବାଇକଟି ଭାରସାମ୍ୟ ହରାଇ ପଡ଼ିଯାଇଥିଲା। ଫଳରେ ଉପରୋକ୍ତ ତିନିଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଡାକ୍ତର ଆଶୁ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

# ଜଙ୍ଗଲ ଓ ଗୋଚାରଣ ଭୂମି ପାଲଟିଲାଣି ଗ୍ରାମୀଣ ପାର୍କ

ଡେରାବିଶ,୧୫ା୭ (ସମିସ)



ରକ୍ଷଣାବେକ୍ଷଣ ଅଭାବ

ସରକାର ଗ୍ରାମାଞ୍ଚଳର ଲୋକଙ୍କ ମନୋରଞ୍ଜନ କରିବା ଉଦ୍ଦେଶ୍ୟରେ ଡେରାବିଶ ବ୍ଲକ୍‌ର ପ୍ରତ୍ୟେକ ପଞ୍ଚାୟତ ଗୋଟିଏ ଲେଖାଏଁ ପାର୍କ ନିର୍ମାଣ କରିଛନ୍ତି। ଏହି ପାର୍କ ନିର୍ମାଣ ପାଇଁ ସେତେବେଳେ ରାଜକୋଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏବେ ଏହି ପାର୍କର ରକ୍ଷଣାବେକ୍ଷଣ ଅଭାବରୁ ଏହା ଜଙ୍ଗଲର ଭ୍ରମ ସୃଷ୍ଟି କଲାଣି। ବହୁ ପଞ୍ଚାୟତରେ ଏହି ପାର୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ କେତେକ ପଞ୍ଚାୟତରେ ଏହା ଲୋକଙ୍କ ମନୋରଞ୍ଜନ କରିବା ବଦଳରେ ସରିସୃପଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଆଉ କେତେକ ପଞ୍ଚାୟତରେ ଗ୍ରାମୀଣ ପାର୍କରେ ସ୍ଥାନୀୟ ଗ୍ରାମବାସୀ ନିଜ ନିଜର ଗାଈଗୋରୁଙ୍କୁ ଛାଡ଼ିଦେଇ ଗେଟ୍ ଲକ୍ କରିଦେଉଛନ୍ତି। ଏ ସମ୍ପର୍କରେ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ପଚାରିଲେ କହୁଛନ୍ତି, ସରକାରୀ ଭାବେ ଏହି ପାର୍କର ରକ୍ଷଣାବେକ୍ଷଣ କରିବା ପାଇଁ ଅର୍ଥ ବ୍ୟବସ୍ଥା ହେଉ ନ ଥିବାରୁ ପାର୍କର ଅବସ୍ଥା ଏପରି ହୋଇଛି। ବ୍ଲକ୍ ଅନ୍ତର୍ଗତ ରତାଦିଆ ପଞ୍ଚାୟତରେ ଥିବା ପାର୍କ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ନିକଟସ୍ଥ ଖମୋଳ ପଞ୍ଚାୟତରେ ବହୁ ଅର୍ଥ ବ୍ୟୟ କରାଯାଇ ବ୍ଲକ୍‌ର ସବୁଠାରୁ ସୁନ୍ଦର ଭାବେ ନିର୍ମାଣ କରାଯାଇଥିବା ପାର୍କର ଅବସ୍ଥା ମଧ୍ୟ ତଦ୍ରୂପ। ଏହି ପାର୍କର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ ଏଥିରେ ରହିଥିବା ଘାସ ବଢ଼ି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଗୋଲରାହାଟ ପଞ୍ଚାୟତର ତିଳକପୁରଠାରେ ଥିବା ପାର୍କର ଅବସ୍ଥା ମଧ୍ୟ ସମାନ। ସେହିପରି ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ତବେଲାରପୁର ଗ୍ରାମରେ ଥିବା ପାର୍କରେ ସ୍ଥାନୀୟ ଗ୍ରାମବାସୀ ଗାଈଗୋରୁଙ୍କୁ ଛାଡ଼ି ଏହାକୁ ଗୋଚରଣ ଭୂମି ଭାବେ ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ସରକାରଙ୍କ ପକ୍ଷରୁ ବ୍ଲକ ଅନ୍ତର୍ଗତ ସମସ୍ତ ପାର୍କର ରକ୍ଷଣାବେକ୍ଷଣ ନିମନ୍ତେ ଅନୁଦାନ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବ୍ରାହ୍ମଣୀରେ ପୁଣି କୁମ୍ଭୀର ଆତଙ୍କ; ଲୋକେ ଛାନିଆଁ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୫ା୭ (ସମିସ): ବ୍ରାହ୍ମଣୀରେ ପୁଣି କୁମ୍ଭୀର ଆତଙ୍କ ସୃଷ୍ଟି କରିଛି। ଧୋୟାଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ଦିନ କାଟୁଛନ୍ତି। ଉପର ମୁଣ୍ଡରେ ଲଗାଣ ବର୍ଷା ହେବା କାରଣରୁ ବ୍ରାହ୍ମଣୀରେ ବନ୍ୟା ଜଳ ପ୍ରବେଶ କରିଛି। ବ୍ରାହ୍ମଣୀରେ ପ୍ରବାହିତ ବନ୍ୟା ଜଳ କୂଳ ଲଘିଂ ତଳିଆ ଅଞ୍ଚଳରେ ପ୍ରବାହିତ ହେବା କାରଣରୁ ଧୋୟାଞ୍ଚଳର ଚାଷଜମି ସମେତ କେତେକ ଗ୍ରାମ ଓ ପଡ଼ା ଗ୍ରାମ ପାଣି ଘେରରେ ରହିଛି। ଏପରି ସ୍ଥଳେ ଧୋୟାଞ୍ଚଳରେ କୁମ୍ଭୀରର ଆବିର୍ଭାବ ଅଳପୁଆ, ତରଡିପାଳ, ପେଣ୍ଠପାଳ, ଅଣ୍ଡରା, ଅମୃତମଣୋହି, ବଲୁରିଆ, ସିଂହଗାଁ ଆଦି ୭ଟି ପଞ୍ଚାୟତରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଧୋୟାଞ୍ଚଳରେ ପୂର୍ବରୁ କୁମ୍ଭୀର ଆକ୍ରମଣରେ ୩ଟି ମୂଲ୍ୟବାନ ଜୀବନ ଯାଇସାରିଛି। କିଛିଦିନ ପୂର୍ବରୁ ଏକ ବିରାଟକାୟ କୁମ୍ଭୀରର ବ୍ରାହ୍ମଣୀ ନଦୀରେ ଆବିର୍ଭାବ ଆତଙ୍କର ବାତାବରଣ ସୃଷ୍ଟି କରିଥିବାବେଳେ ଆଜି ଧୋୟାଞ୍ଚଳର ଅଳପୁଆ ଦାମୋଦରପାଟଣାଠାରେ ୨୦ ଫୁଟ ଲମ୍ବର କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। କୁମ୍ଭୀରକୁ ଦେଖି ନଦୀକୂଳିଆ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ମୁଖ୍ୟତଃ ଅଳପୁଆ, ଦାମୋଦରପାଟଣା, ସୁବଳପୁର, ରାମନାୟକଡିଆ, ଘାଗରାଡ଼ିଆ, ତୁଳସୀଡ଼ିଆ, କୂଳସାହି, ନାହିଆଡିଆ, ପଥୁରିଆଡ଼ିଆ, ଅଳିଆଡିଆ ଓ ଜଗନ୍ନାଥପୁର ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ବ୍ରାହ୍ମଣୀ ନଦୀ ଉପରେ ଏସବୁ ଗ୍ରାମର ଲୋକେ ନିର୍ଭରଶୀଳ। ପାନୀୟଜଳ ବ୍ୟବସ୍ଥା ଏହି ଅଞ୍ଚଳରେ ପହଞ୍ଚି ପାରି ନ ଥିବାରୁ ଲୋକେ ମୁଖ୍ୟତଃ ଶୌଚ ହେବା ପାଇଁ ନଦୀ ଉପରେ ନିର୍ଭର କରୁଛନ୍ତି। ନଦୀ ତୁଠରେ ଯେଉଁ ବ୍ୟାରିକେଡ୍ ହୋଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି। ସଚେତନତା ପାଇଁ ବନ ବିଭାଗ କେବଳ ପ୍ରଚାର କରି କାମ ସାରିଦେଇଛି। ସରକାର ଏଥିପ୍ରତି ଧ୍ୟାନ ଦେଇ ବ୍ୟାରିକେଡ୍ ମରାମତି କରିବା ପାଇଁ ଅଳପୁଆ ସରପଞ୍ଚ ପଦ୍ମିନୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ସେଠୀ, ପୂର୍ବତନ ସମିତିସଭ୍ୟ ଚନ୍ଦନ ସାହୁ, ସମାଜସେବୀ ଗଗନ ମହାଳିକ, ସୁବାସ ସାହୁ, କିଶୋର ରାଉତ, ସୁକାନ୍ତ ରାଉତ, ରବୀନ୍ଦ୍ର ପରିଡା, କୈଳାସ ଦାସ, ରବୀନ୍ଦ୍ର ଧଳ ପ୍ରମୁଖ ଦାବି କରିଛନ୍ତି।



# କାଟଣା ମେଡିକାଲ ଆବର୍ଜନା କକ୍ଷ ପାଲଟିଛି କର୍ମଚାରୀଙ୍କ ଆଶ୍ରୟସ୍ଥଳ




ରାଜକନିକା, ୧୫ା୭ (ସମିସ): କୋଟି କୋଟି ଟଙ୍କା ବ୍ୟୟରେ ମେଡିକାଲ ଭିତ୍ତିଭୂମିର ବିକାଶ ହୋଇଥିବାବେଳେ କାଟଣା ମେଡିକାଲ ଆବର୍ଜନା କକ୍ଷକୁ ଜଣେ ଫାର୍ମାସିଷ୍ଟ ଦଖଲ କରିଥିବା ଘଟଣା ଏବେ ସାମ୍ନାକୁ ଆସିଛି। ସେ ଏହି କକ୍ଷରେ ଖଟ, ଚୌକି, ଆଲମିରା, ଏସି ଲଗାଇ କ୍ୱାଟର ଭଳି ବ୍ୟବହାର କରିଛନ୍ତି। ଏ ସମ୍ପର୍କରେ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିବାବେଳେ ମେଡିକାଲ ଅଫିସରଙ୍କ ମତାମତ ନେବାକୁ ଚେଷ୍ଟା କଲେ ବି ଆଜି କିଏ ମେଡିକାଲ ଇନଚାର୍ଜ ତାହା ଜାଣିବା ମୁସ୍କିଲ ହୋଇଛି। ଆଜି ଯିଏ ମେଡିକାଲ ଅଫିସର ଅଛନ୍ତି ବୋଲି କୁହାଯାଉଛି ତାଙ୍କର ଦର୍ଶନ ମିଳି ନ ଥିବାବେଳେ ସେ ଫୋନ ଉଠାଉନାହାନ୍ତି। ଏମିତି ଅବସ୍ଥାରେ ଥିବା କାଟଣା ପିଏଚସିରେ ବହୁ ଅନିୟମିତତା ମଧ୍ୟ ଦେଖିବାକୁ ମିଳିଛି।

ଡ୍ରେସିଂ ରୁମରେ ବାଇକ ଷ୍ଟାଣ୍ଡ, ବାରଣ୍ଡାରେ ଗାଡ଼ି ପାର୍କିଂ। ରୋଗୀଙ୍କ ସେବା ନାଁରେ ଏଠାରେ କର୍ମଚାରୀ ମଉଜ କରୁଛନ୍ତି। ମେଡିକାଲ ପରିସରରେ ଆବର୍ଜନା, ଅଳିଆ, ଜଙ୍ଗଲ ହୋଇଥିବାବେଳେ ଡାକ୍ତରଙ୍କ ଅନୁପସ୍ଥିତିରେ ଫାର୍ମାସିଷ୍ଟ ଏଠାରେ ରୋଗୀ ଦେଖି ଡାକ୍ତର ସାଜୁଛନ୍ତି। ନା ଅଛି ରୋଗୀ କଲ୍ୟାଣ ସମିତିର ତଦାରଖଳ, ନା ହେଲଥ ସୁପରଭାଇଜରଙ୍କ ଏଥିପ୍ରତି ନଜର। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ରାଜକନିକା ମେଡିକାଲର ହେଲଥ ସୁପରଭାଇଜର ଜଣକ ରାଜକନିକା ସିଏଚସିର ଏସି ରୁମରେ ଅୟସ କରୁଥିବାବେଳେ ଏପଟେ ଗ୍ରାମାଞ୍ଚଳର ପିଏଚସିରେ ଦିନକୁ ଦିନ ଅସ୍ୱାସ୍ଥ୍ୟକର ପରିବେଶ ରୋଗୀଙ୍କୁ ଡରାଉଛି। ଏମିତି ଅନିୟମିତତା ମଧ୍ୟରେ ଚାଲୁଥିବା ଏହି ମେଡିକାଲର କର୍ମଚାରୀ ବେଆଇନ କାମ କରି ନିୟମିତ ସେବା ଦେଉଥିବା ଗୋଲାପୀ ଚିତ୍ର ଦେଖାଉଛନ୍ତି। ସିଡିଏମଓ ନଜର ଦେଲେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ ସେବା ପ୍ରତି ଲୋକେ ଭରସା କରିବେ ବୋଲି କୁହାଯାଉଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ରାଜନଗର,୧୫ା୭ (ସମିସ): ରାଜନଗର ବ୍ଲକ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ୮ ଦଫା ଦାବିପତ୍ର ରାଜନଗର ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସଭାପତି କୃପାସିନ୍ଧୁ ସାମଲଙ୍କ ନେତୃତ୍ୱରେ ସମ୍ପାଦକ ବିଜୟ ଜେନା, ସତ୍ୟବାଦୀ ଜେନା, ଅନୀଲ ବଳ, ବୀରକିଶୋର ଜେନା, ବିଜୟ ବେହେରା, ଘନଶ୍ୟାମ ବଳ, ଦାଶରଥି ଲେଙ୍କା, ଅର୍ଜ୍ଜୁନ ଚରଣ ସ୍ୱାଇଁ, ସୁରେନ୍ଦ୍ରନାଥ ପ୍ରଧାନ, ନନ୍ଦକିଶୋର ସ୍ୱାଇଁ, ନାରାୟଣ ଦାସ, ଅଭିରାମ ପତି, ବେଣୁଧର ସେଠୀ, ପ୍ରଫୁଲ ପ୍ରଧାନ, ଭାସ୍କର ପ୍ରଧାନ, ଦୋଳଗୋବିନ୍ଦ ସେଠୀ, କ୍ଷୀରୋଦ ମଲ୍ଲିକ, ମହେଶ୍ୱର ରାଉତ ପ୍ରମୁଖ ଅବସରପ୍ରାପ୍ତ କର୍ମଚାରୀ ବ୍ଲକକୁ ଯାଇ ବିଡିଓ ନ ଥିବାରୁ ଜିପିଓ ଧର୍ମେନ୍ଦ୍ର ଦାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମହାକାଳପଡ଼ାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା




ମାର୍ଶାଘାଇ,୧୫ା୭ (ସମିସ): ମାର୍ଶାଘାଇ ବ୍ଲକ ସଭାଗୃହରେ ବିଧାୟକ ଦୁର୍ଗାପ୍ରସନ ନାୟକଙ୍କ ଅଧ୍ୟକ୍ଷତାରେ ମହାକାଳପଡ଼ା ସାମ୍ବିଧାନିକ କ୍ଷେତ୍ର ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଏଡିଏମ ନବକୃଷ୍ଣ ନାୟକ, ଉପଜିଲ୍ଲାପାଳ ଅରୁଣ ନାୟକ, ମଧୁସ୍ମିତା ସାମଲ, ଅଜାମ୍ବର ମହାନ୍ତି, ମୀରାରାଣୀ ମହାନ୍ତି, ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ଆଦର୍ଶ ବିଦ୍ୟାଳୟ ଛାତ୍ରବାସ ନିର୍ମାଣ କାର୍ଯ୍ୟକ୍ରମ ୩ ମାସରେ ସମ୍ପୂର୍ଣ୍ଣ କରାଯିବ। ଶ୍ରେଣୀଗୃହ ଅଭାବ ଥିବା ବିଦ୍ୟାଳୟରେ ବିପଦସଂକୁଳ ପୁରୁଣା ଶ୍ରେଣୀ ଗୃହକୁ ଭାଙ୍ଗିବା ଓ ନୂଆ ଶ୍ରେଣୀ ଗୃହ ନିର୍ମାଣ, ମହାକାଳପଡ଼ା ବ୍ଲକ ବଟୀଘର ପଞ୍ଚାୟତରେ ବୋଟ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଏକ ଗାଡି ବ୍ୟବସ୍ଥା କରିବା, ପାନୀୟଜଳ ବ୍ୟବସ୍ଥା କରିବା, ମହାକାଳପଡ଼ାର ୧୭ ହଜାର ଓ ମାର୍ଶାଘାଇର ୭ ହଜାର ମତ୍ସ୍ୟଜୀବୀଙ୍କ ଉନ୍ନତି, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଉନ୍ନତିକରଣ ହୋଇ ପାରୁ ନ ଥିବା ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା, ମେଗା ପାନୀୟଜଳ ପ୍ରକଳ୍ପ କାମ ତ୍ୱରାନ୍ୱିତ କରାଯିବାକୁ କୁହାଯାଇଥିଲା। ମାର୍ଶାଘାଇ ଟାଟା ପାୱାର ଡିଭିଜନ ମ୍ୟାନେଜର ବସନ୍ତ ଦାସ, କେନ୍ଦ୍ରାପଡ଼ା ଜଳସମ୍ପଦ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଳ, ଜଳ ନିକାସ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବିଜୟ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ ରାଉତ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବୋଟ୍ ସହ ୧୦ କ୍ୱିଣ୍ଟାଲ ବାତରା ଚେର ଜବତ




ରାଜନଗର, ୧୫ା୭ (ସମିସ): ଭିତରକନିକା ଜାତୀୟ ଉଦ୍ୟାନର କାକରାନାସୀ ଫରେଷ୍ଟ ବ୍ଲକ ଅଞ୍ଚଳରେ ମଫିଆ ଜଳପଥରେ ଆସି ଶିକାର କରିବା ସହ ବାତରା ଗଛର ଚେର କଟିନେଉଥିବା ଖବର ମିଳିଥିଲା। ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ ମାନସ ଦାସ, ଗଗନ ମଲ୍ଲିକ ଓ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା ନେତୃତ୍ୱରେ ଦୁଇଟି ଟିମ ଗଠନ କରାଯାଇଥିଲା। ବନ କର୍ମଚାରୀ ଏହା ଉପରେ ନଜର ରଖିଥିଲେ। ବାଉଁଶଗଡ ନଦୀରେ ବନ ବିଭାଗର ଦୁଇଟି ବୋଟ ଅଡା ପକାଇ ଦେଇଥିଲା। ମାଫିଆମାନେ ବାତରା ଚେର ନେଉଥିବା ବୋଟକୁ ବୁଲାଇ ନ ପାରି କୂଳରେ ଲଗାଇ ଘଞ୍ଚ ଜଙ୍ଗଲ ଭିତରକୁ ପଳାଇଥିଲେ। ୨୦ରୁ ଅଧିକ ବନ କର୍ମଚାରୀ ଏହି ଚଢ଼ଉରେ ସାମିଲ ଥିଲେବି ଜଣେ ବି ମାଫିଆକୁ ଧରିପାରି ନ ଥିଲେ। ବନ ବିଭାଗ ଟିମ ମାଫିଆ ବ୍ୟବହାର କରୁଥିବା ବୋଟ ସହିତ ବୋଟରେ ଥିବା ୧୦ କ୍ୱିଣ୍ଟାଲ ବାତରା ଚେର ଜବତ କରିଛନ୍ତି।

# ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦାବି

ପଟ୍ଟାମୁଣ୍ଡାଇ,୧୫ା୭ (ସମିସ)

ସମ୍ପ୍ରତି ବ୍ରାହ୍ମଣୀ ଓ ଗୋବରୀ ନଦୀ ଅବବାହିକା ପଟ୍ଟାମୁଣ୍ଡାଇ ସହରାଞ୍ଚଳ ଓ ଆଖପାଖ ଅଞ୍ଚଳରେ ପର୍ଯ୍ୟାପ୍ତ ସବୁଜ ପନିପରିବା ବର୍ଷ ସାରା ଚାଷ ହୋଇଥାଏ। ବାଇଗଣ, ଟମାଟୋ, ଭେଣ୍ଡି, ଜହ୍ନି, ପୋଟଳ, ଛଚିନ୍ଦ୍ରା, ବିନ, କଖାରୁ, ପୋଇ, ଝୁଡଙ୍ଗ, କୋବି, ମୂଳା, ବିଟ୍, ଗାଜର, କନ୍ଦ କଲରା, କୁନ୍ଦୁରୀ, ସିମ୍ବ, ଲାଉ, କାଙ୍କଣ, କ୍ୟାପ୍ସିକମ, ଲଙ୍କା ପ୍ରଭୃତି ଚାଷ ହେଉଥିବାବେଳେ କାକୁଡି, ତରଭୁଜ, ଅମୃତଭଣ୍ଡା, କଦଳୀ ଆଦି ବ୍ୟାପକ ଭାବେ ଚାଷ କରାଯାଇଥାଏ। ସେହିପରି ସାରୁ, ଆଳୁ, ମାଟିଆଳୁ, ପିଆଜ, ରସୁଣ, ଅଦା ଆଦି ଅର୍ଥକରି ଫସଲ ଚାଷ ହୁଏ। ଚିନାବାଦାମ, ମୁଗ, ବିରି, କୋଳଥ, ମାଣ୍ଡିଆ, ସୋରିଷ, ଧଣିଆ, ଫେସି, ଯଅ, ଧାନ ଆଦି ମଧ୍ୟ ବହୁଳ ଭାବେ ଚାଷ ହୋଇଥାଏ। ଚାଷୀ ଏହାକୁ ପଟ୍ଟାମୁଣ୍ଡାଇ ବଜାର ସମେତ ଆଖପାଖ ଗ୍ରାମାଞ୍ଚଳ ବଜାର ଓ ଜିଲ୍ଲାର ଅନ୍ୟ ବ୍ଲକ୍‌ରେ ଥିବା ହାଟରେ ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି। ପନିପରିବା ଓ କୃଷିଜାତ ଦ୍ରବ୍ୟ ବିକ୍ରି କରି କୃଷିଜୀବୀ ସେମାନଙ୍କ ପରିବାରର ଗୁଜରାଣ ମେଣ୍ଟାଇଥା'ନ୍ତି। କିନ୍ତୁ ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ନ ଥିବାରୁ ବଳକା ପନିପରିବା ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ସାଇତି ରଖିବା ସମ୍ଭବ ହେଉନାହିଁ। ଫଳରେ ବଳକା ପନିପରିବା ପଚି ନଷ୍ଟ ହୋଇଯିବା ସହିତ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ଅଳ୍ପଦିନ ମଧ୍ୟରେ ନଷ୍ଟ ହୋଇଯାଏ। ଚାଷୀ କ୍ଷତି ସହିବାକୁ ବାଧ୍ୟ ହେଉଛନ୍ତି। ତେଣୁ ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବାକୁ ଚାଷୀ ଦାବି କରୁଛନ୍ତି।

ଚାଷୀ ଚଢ଼ା ମୂଲ୍ୟରେ ମଞ୍ଜି, ବିହନ, ସାର, ଔଷଧ କିଣି ଫସଲ ଫଳାଉଥିଲେ ମଧ୍ୟ ଶୀତଳଭଣ୍ଡାର ନ ଥିବାରୁ ବହୁ ସମୟରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟ ନଷ୍ଟ ହୋଇଯିବା ଭୟରେ ଚାଷୀ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଶୀତଳଭଣ୍ଡାର ନ ଥିବାରୁ ଦୈବୀ ଦୁର୍ବିପାକ ସମୟରେ କ୍ଷେତରୁ ଫସଲ ଆଣି ସାଇତି ରଖିବା ମଧ୍ୟ ସମ୍ଭବ ହେଉନାହିଁ। ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ବ୍ରାହ୍ମଣୀ ଅବବାହିକାରେ ଥିବା ଅଳପୁଆ, ତରଡ଼ିପାଳ, ପେଣ୍ଠପାଳ, ଅମୃତମଣୋହି, ଅଣ୍ଡରା, ସିଂହଗାଁ, ବଲୁରିଆ, ନୀଳକଣ୍ଠପୁର, ବାଲିପାଟଣା, ବାଛରା-ମଣ୍ଡପଡ଼ା, ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର ପ୍ରଭୃତି ପଞ୍ଚାୟତରେ ଧୋୟାଞ୍ଚଳର ପଟୁମାଟିରେ ପ୍ରଚୁର ଭାବେ ପନିପରିବା ଚାଷ ହୋଇଥାଏ। ସେହିପରି ପୌରାଞ୍ଚଳ ତନୁପୁର, ନନ୍ଦିନଗର, ଷଣ୍ଢପଲ୍ଲୀ, କଷଣଅଣ୍ଟା, ବାଲିପଡ଼ା, ତଳବାଲିପଡ଼ା, ସିଦ୍ଧପାଟଣା, ବଳଦେବନଗର, ନୂଆଗାଁ, କାକୁଡିପଲ୍ଲୀ ଓ ଅଳଭା ଆଦି ଅଞ୍ଚଳରେ ସବୁଜ ପନିପରିବା ସମେତ ଉନ୍ନତମାନର କୃଷି ଜାତ ଦ୍ରବ୍ୟ ଉତ୍ପାଦନ ହୋଇଥାଏ। ଭେଡା ଅଞ୍ଚଳର ଗୋବରୀ ନଦୀ ଅବବାହିକାରେ ଥିବା ଅଥରବାଟିଆ, ନରସିଂହପୁର, ଦିହାପଡ଼ା, ଗଙ୍ଗାରାମପୁର, ଗୁଣ୍ଡୁପୁର, ପଦ୍ମନାଭପୁର, ତେଲଙ୍ଗାବସନ୍ତ, ସେକପୁର ଆଦି ଭେଡା ଅଞ୍ଚଳରେ ମଧ୍ୟ ବ୍ୟାପକ ଭାବେ ପନିପରିବା ଚାଷ କରାଯାଉଥିବାବେଳେ ଉତ୍ପାଦିତ ସବୁଜ ପନିପରିବା ଚାହିଦା ଅଧିକ ରହିଥାଏ। ଦୀର୍ଘବର୍ଷ ଧରି ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବାକୁ ଦାବି ହୋଇଆସୁଥିଲେ ହେଁ ସରକାରୀ ସ୍ତରରେ କୌଣସି ଉଦ୍ୟମ କରାଯାଇନାହିଁ। ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପଟ୍ଟାମୁଣ୍ଡାଇଠାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗରେ ତଥ୍ୟ ବାରମ୍ବାର ସରକାରଙ୍କୁ ପ୍ରଦାନ କରାଯାଉଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଉଛି। ସରକାର ପଟ୍ଟାମୁଣ୍ଡାଇରେ ଶୀତଳଭଣ୍ଡାର ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ସାପ କାମୁଡ଼ାରେ ଶ୍ରମିକଙ୍କ ମୃତ୍ୟୁ

ରାଜନଗର, ୧୫ା୭ (ସମିସ): ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ନୋଧାବସନ୍ତ ଶିରିଗଡ ଗ୍ରାମର ନାଥୁରାମ ପ୍ରଧାନଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଆଜି ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ସେ କୌଣସି ଜବାବ ନ ଦେବାରୁ ତାଙ୍କୁ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସେ ଶ୍ରମିକ ଭାବେ କାମ କରୁଥିଲେ।

# ପାଣି ଘେରରେ ସାତଭାୟାବାସୀଙ୍କ ଥଇଥାନ ସ୍ଥଳୀ

ରାଜନଗର,୧୫ା୭ (ସମିସ): ବଙ୍ଗୋପସାଗର ଦ୍ୱାରା ପ୍ରଭାବିତ ସାତଭାୟାର ୭୧୯ ପରିବାରକୁ ବଗପାଟିଆଠାରେ ଥଇଥାନ କରାଯାଇଛି। ତେବେ ବିପନ୍ନ ଅଧିବାସୀ ବଗପାଟିଆରେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ବଗପାଟିଆ ଥଇଥାନ ସ୍ଥଳୀ କନେକ୍ଟିଭ



ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ସାମାନ୍ୟ ବର୍ଷାରେ ଥଇଥାନ ସ୍ଥଳୀ ରାସ୍ତାରେ ଯାତାୟାତ କରିହେଉନି। ଥଇଥାନ ସ୍ଥଳୀରେ ଥିବା ୧୮ଟି କନେକ୍ଟିଭ ରାସ୍ତା ମଧ୍ୟରୁ ୨ ନମ୍ବର, ୩ ନମ୍ବର, ୪ ନମ୍ବର, ୫ ନମ୍ବର, ୬ ନମ୍ବର, ୭ ଓ ୮ ନମ୍ବର ରାସ୍ତାରେ ଏବେ ଆଣ୍ଠୁଏ ପାଣି। ରାସ୍ତା ଉପରେ ୨ ଫୁଟ ଉଚ୍ଚର ବର୍ଷାଜଳ ଜମି ରହିଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଏକପ୍ରକାର ଜଳବନ୍ଦୀ ଜୀବନ ବିତାଉଛନ୍ତି। ରାସ୍ତାରେ ୨ ଫୁଟ ପାଣି ଓ କାଦୁଅ ଯୋଗୁଁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ଏପରିକି ରାସନ ସାମଗ୍ରୀ ପାଇଁ ଯାଇପାରୁନାହାନ୍ତି। ଥଇଥାନ ସ୍ଥଳୀରେ ମାଟି ଫିଲିଙ୍ଗ କାମ ଅଧାପନ୍ତରିଆ କରି ଛାଡିଦିଆଯିବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଖାଲୁଆ ସ୍ଥାନରେ ପାଣି ଜମି ରହିବା ସହ ପାଣି ନିଷ୍କାସନ ହୋଇ ନ ପାରିବାରୁ ବର୍ଷାଜଳ ଏବେ ଘରେ ପଶିଲାଣି। ଯେଉଁ ପରିବାର କୋଠାଘର ନିର୍ମାଣ ଶେଷ କରି ନ ପାରି ମାଟିଘରେ ରହୁଛନ୍ତି, ସେମାନଙ୍କ ଘରର ଚଟାଣ ସନ୍ତସନ୍ତିଆ ହୋଇପଡିଛି। ୧୦ ମାସ ତଳେ କେନ୍ଦ୍ରପଡ଼ା ଜିଲ୍ଲାପାଳ ଘନଘନ ବୈଠକ କରି ସାତଭାୟାକୁ ଆଦର୍ଶ କଲୋନୀ କରାଯିବ ଓ ସବୁ ସମସ୍ୟା ସମାଧାନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଥିଲେ। ଆଜିଯାଏଁ କୌଣସି କାମ କରାଗଲା ନାହିଁ। ଏପଟେ ସାତଭାୟାର ଲୋକେ ଏକପ୍ରକାର ଗୃହବନ୍ଦୀ ଜୀବନ ବିତାଉଥିବା ସରପଞ୍ଚ ପ୍ରସନ୍ନ ପରିଡା ଓ ସୁଦର୍ଶନ ରାଉତ କହିଛନ୍ତି।

## ରୋଗୀ ସେବାରେ ବ୍ୟାହତ ନୟାଗଡ଼ ପୌର ପରିଷଦ ରାଜନୀତି

# କିଏ ସେ ଡାହାଣୀ, କିଏ ଗୁଣିଆ

ନୟାଗଡ଼, ୧୫।୭ (ସମିସ)

ନୟାଗଡ଼ ପୌର ପରିଷଦରେ ରାଜନୈତିକ ଅସ୍ଥିରତା ନେଇ କିଛିଦିନ ହେବ ଚର୍ଚ୍ଚା ହୋଇ ଆସୁଥିଲା। ଅଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ କାଉନସିଲରମାନେ ମେଳି କରିବା ଭଳି ଆଲୋଚନା ହେଉଥିଲା। ଯେଉଁ ଆଲୋଚନା ରାଜନୈତିକ ଦୃଷ୍ଟି କୋଣରୁ ଭିନ୍ନ ବାର୍ତ୍ତା

- ସାମ୍ନାକୁ ଆସିଲା ଏକ ଭିଡିଓ ବାର୍ତ୍ତା
- 'ନୟାଗଡ଼ ବିକାଶ ପାଇଁ ଆମେ ଏକ'

ଦେଉଥିଲା। ବିଜୁ ଜନତା ଦଳ ଟିକେଟରେ ଗତ ପୌର ନିର୍ବାଚନରେ ବିପୁଳ ଭୋଟରେ ଅଧକ୍ଷା ଭାବେ ନିରୂପମା ଖଟେଇ ନିର୍ବାଚିତ ହୋଇଥିଲେ। ବିଜୁ ଜନତା ଦଳର ସମସ୍ତ କାଉନସିଲର ପ୍ରାର୍ଥୀ ବିଜୟୀ ହୋଇଥିଲେ। ବିଜେଡି କବଜାରେ ରହିଥିବା ପୌର ପରିଷଦରେ ରାଜନୈତିକ ଅସ୍ଥିରତା ନେଇ ସରକାରୀ ଭାବେ ଦୃଷ୍ଟିଗୋଚର ହୋଇନଥିଲେ ମଧ କାନକୁହା କଥା ଛୁଞ୍ଚି ଭଳି ପଶି ଶାବଳରେ ପରିଣତ ହୋଇଗଲାଣି। ଏହି କଥା



କିଏ ଆରମ୍ଭ କଲା ତାହାକୁ ନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଜି ପୌର ପରିଷଦ କାର୍ଯ୍ୟାଳୟରେ ଅଧକ୍ଷା ଶ୍ରୀମତି ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା, ସମସ୍ତ କାଉନସିଲର ଏବଂ ନିର୍ବାହୀ ଅଧିକାରୀ ଉପସ୍ଥିତ ରହି ଏକ ଭିଡିଓ ବାର୍ତ୍ତା ସାମ୍ନାକୁ ଆସିଛି। ଆମେ ସମସ୍ତେ ଏକ ଏବଂ ନୟାଗଡ଼ ବିକାଶ ପାଇଁ ମିଳିମିଶି କାମ କରୁଛୁ ବୋଲି ଉକ୍ତ ଭିଡିଓରେ ଉପାଧକ୍ଷ ଶ୍ରୀଯୁକ୍ତ ଜେନା କହୁଛନ୍ତି। ଆମ ଭିତରେ ମନାନ୍ତର ଓ ମତାନ୍ତର ନାହିଁ ବୋଲି ଉପାଧକ୍ଷ କହିଛନ୍ତି। ଏହା ସହିତ 'ଆମ ପାଇଁ ବଡ଼, ଆମ ନୟାଗଡ଼' ସ୍ଲୋଗାନ ଦିଆଯାଇଛି। ଏହି ଭିଡିଓ ପୌର ପରିଷଦକୁ ନେଇ ସୃଷ୍ଟି ହୋଇଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଥିବା ବେଳେ ଏହି ଚର୍ଚ୍ଚା ସୃଷ୍ଟିକାରୀ କିଏ ବୋଲି ଏବେ ପ୍ରଶ୍ନ ସବୁଠାରେ ଉଙ୍କି ପାରୁଛି। କିଏ ଡାହାଣୀ ହୋଇ ଏଭଳି କାହାଣୀ ରଚନା କରୁଛି ଏବଂ କିଏ ଗୁଣିଆ ହୋଇ ଏହାକୁ ବନ୍ଦ କରୁଛି ବୋଲି ବଡ଼ ପ୍ରଶ୍ନ ମନରେ ଉଙ୍କି ମାରୁଛି। ଏହି ଭିଡିଓରେ ଉପାଧକ୍ଷ ଶ୍ରୀଯୁକ୍ତ ଜେନା ବିଭିନ୍ନ ଗଣମାଧମରେ ପ୍ରକାଶିତ ଖବର ମିଥ୍ୟା ବୋଲି କହିଛନ୍ତି। ଗଣମାଧମକୁ କିଏ ଏହି ମିଥ୍ୟା ଖବର କରିବାକୁ ତଥ୍ୟ ତଥା ସୂଚନା ପ୍ରଦାନ କରିଥିଲା ବୋଲି ପ୍ରଶ୍ନ ଉଠିଛି। ଚା' ଖଟିରେ ବାହାସ୍ଫୋଟ ମାରୁଥିବା କିଛି କୁହାଳିଆ ରାଜନେତା ପୌର ପରିଷଦ ରାଜନୀତିକୁ ନେଇ ଭୁଲ ତଥ୍ୟ ପ୍ରଚାର କରୁଛନ୍ତି କି ବୋଲି ପ୍ରଶ୍ନ ଉଠିଛି। ମୁହଁରେ ଗୋଟେ ଓ ପଛରେ ଗୋଟେ କଥା କହୁଥିବା ବ୍ୟକ୍ତି ଦଳୀୟ ଶୃଙ୍ଖଳାକୁ ଭିତରେ ଭିତରେ ଚୂନ ମାରି ଛାରଖାର କରିବାକୁ ଚେଷ୍ଟା ଚଳାଇଥିବା ମଧ ଆଲୋଚନା ହେଉଛି। ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ବଳି ପକାଇ ଦେବାକୁ ସେମାନେ କଦାପି ପଛାନ୍ତି ନାହିଁ ବୋଲି ଅନେକ ରାଜନୈତିକ ବ୍ୟକ୍ତି ମତ ଦେଇଛନ୍ତି। ପୌର ପରିଷଦରେ ରାଜନୈତିକ ଅସ୍ଥିରତା ପ୍ରସଙ୍ଗକୁ ପ୍ରଚାର କରି ଅଧକ୍ଷା ଓ ନିର୍ବାହୀ ଅଧିକାରୀଙ୍କୁ ବ୍ଲାକମେଲ୍ କରିବାକୁ ଷଡ଼ଯନ୍ତ୍ରୀ ରଚା ଯାଇଥିଲା ବୋଲି ଆଲୋଚନା ହେଉଛି। ନିଜ ଲୋକଙ୍କ ପାଇଁ କାମ ହାତେଇବା ଏବଂ ନିଜସ୍ୱ ସ୍ୱାର୍ଥକୁ ପ୍ରତିପାଦିତ କରିବାକୁ ଏଭଳି କରାଯାଇଥିଲା ବୋଲି ଶୁଣାଯାଉଛି। ଅନ୍ୟପକ୍ଷେ, ଅଧକ୍ଷା ରାଜନୈତିକ ସ୍ଥିତି ଓ ଅଭିସନ୍ଧିକୁ ନେଇ ଅନେକ ରକ୍ତ ଚାଉଳ ଚୋବାଉଛନ୍ତି। କାହିଁକି ଏଭଳି ହେଉଛି, ତାହା ବୁଝି ପଡୁନାହିଁ। ଏହା ପଛରେ ଅନେକ କାରଣ ରହିଥିବା ଅନୁମାନ କରାଯାଉଛି। ୨୦୦୮ ମସିହାରେ ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ଥିଲେ ଏବେକାର ଅଧକ୍ଷା ନିରୂପମା ଖଟେଇ। ସେ ୨୦୦୮ ରୁ ୨୦୧୨ ମସିହା ସେ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସେତେବେଳେ ଏଭଳି ରାଜନୈତିକ ଅସ୍ଥିରତା ପାଇଁ ତାଙ୍କୁ କାଉନସିଲରମାନେ ଅନାସ୍ଥାରେ ବିତାଡ଼ିତ କରିଥିଲେ। ଉକ୍ତ ଘଟଣାର ପୁନାରୁବୃତ୍ତି ନ ହେବା ପାଇଁ ସମସ୍ତ ସଜାଗ ରହିବା ଆବଶ୍ୟକ। ମୁଖ୍ୟତଃ ଦଳୀୟ ଫୋରମରେ ଏହି ଘଟଣାକୁ ଆଲୋଚନା କରାଯିବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଅବ୍ୟବହୃତ ପଶୁ ସହାୟକ କେନ୍ଦ୍ର

# ମରାମତି ନାଁରେ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ



ଗଣିଆ, ୧୫।୭ (ସମିସ): ଗ୍ରାମାଞ୍ଚଳରେ ଗୃହପାଳିତ ଜୀବ ଜନ୍ତୁଙ୍କର ହିତ ସାଧନ ପାଇଁ ପଶୁ ସହାୟକ କେନ୍ଦ୍ର ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ସରକାରଙ୍କର ଏହି ଯୋଜନା ପ୍ରକୃତରେ କେତେ କାର୍ଯ୍ୟକାରୀ ହେଉଛି ସେ କଥା କେହି ଚିନ୍ତା କରୁନାହାନ୍ତି। ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ କିଶୋର ପ୍ରସାଦ ପଞ୍ଚାୟତରେ ନିର୍ମାଣ କରାଯାଇଛି ପଶୁ ସହାୟକ କେନ୍ଦ୍ର। ନିର୍ମାଣ ଦିନ ଠାରୁ ଆଜି ପର୍ଯ୍ୟନ୍ତ ଉକ୍ତ କେନ୍ଦ୍ରଟି ଅଦରକାରୀ ତଥା ଅବ୍ୟବହୃତ ହୋଇ ପଡ଼ିରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଶୁ ସହାୟକ କେନ୍ଦ୍ର ସହିତ କ୍ୱାଟର ମଧ ନିର୍ମାଣ କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀ ଏହି ପଶୁ ସହାୟକ କେନ୍ଦ୍ରକୁ ଆଡ ଆଖିରେ ଚାହୁଁ ନାହାନ୍ତି। ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ କେନ୍ଦ୍ର ଏବେ ଭୂତକୋଠି ପାଲଟିଛି। ଅନାବନା ଗଛଲତାରେ ପରିପୂର୍ଣ୍ଣ ହୋଇ ସରିସୃପଙ୍କ ଆଶ୍ରୟ ସ୍ଥଳୀରେ ପରିଣତ ହୋଇଛି। ଆଉ ଗୋଟିଏ କଥା ଗ୍ରାମ ଠାରୁ ପ୍ରାୟ ୨ କିଲୋମିଟର ଦୂର ଜଙ୍ଗଲ ଭିତରେ ଅପାନ୍ତର ସ୍ଥାନରେ ଏହା ନିର୍ମାଣ କରାଯାଇଛି ଯେଉଁଠିକି ସ୍ଥାୟୀ ରାସ୍ତା କି ପାଦଚଲା ରାସ୍ତା ମଧ ନାହିଁ। ଯାହା ଫଳରେ ଏହା କୌଣସି କାମରେ ଆସୁନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହି କେନ୍ଦ୍ରଟି ଆରମ୍ଭରୁ ବ୍ୟବହାର ହୋଇନଥିଲେ ମଧ ପ୍ରତିବର୍ଷ ଏହାର ମରାମତି ଏବଂ ଉନ୍ନତିକରଣ ପାଇଁ ଖର୍ଚ୍ଚ ହେଉଛି ଲକ୍ଷ ଲକ୍ଷ ଟଙ୍କା। ତେବେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କୋମଣ୍ଡରେ ବୃକ୍ଷରୋପଣ



ଓଡ଼ଗାଁ, ୧୫।୭ (ସମିସ): ଓଡ଼ଗାଁ ବ୍ଲକ କୋମଣ୍ଡ ଆନନ୍ଦ ସାହୁ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ସୁରେଶ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପିକା ଅଧକ୍ଷଙ୍କ ସହିତ ଅନ୍ୟ କର୍ମଚାରୀ ଓ ଛାତ୍ରୀଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟ ସମାପନ ହୋଇଥିଲା। ଅଧାପକ ପୀତବାସ ସେନାପତି, ସନ୍ଧ୍ୟା ପଟ୍ଟନାୟକ, ପୁଷ୍ପଲତା ସାହୁ, ସ୍ୱର୍ଣ୍ଣ ଲତା ରଥଙ୍କ ସହିତ ନିରାକାର ନାୟକ ପ୍ରମୁଖ ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇକ ବାଙ୍କତରା, ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀ ଏବଂ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆ ଓଡ଼ଗାଁ ଶାଖାର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ଗାଁ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ସାଧନା କେନ୍ଦ୍ର ସମ୍ପାଦକ ଯଶୋବନ୍ତ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲା ବେଳେ ଗାୟତ୍ରୀ ବିଦ୍ୟାମନ୍ଦିରର ଛାତ୍ରୀଙ୍କ ଦ୍ୱାରା ଗଛଟିଏ ମୁଁ ଗଛଟିଏ ନୃତ୍ୟ ସଙ୍ଗୀତ ସମସ୍ତଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏସମିସି ସଭାପତି କମିଟି ସଭ୍ୟ ସଭ୍ୟା ଏବଂ ମାତୃ ମଞ୍ଚର ସଭ୍ୟମାନେ ଯୋଗ ଦେଇଥିବା ବେଳେ ସାଧନ କେନ୍ଦ୍ର ସଂଯୋଜକ ସଂଯୋଜନା କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପିତୃମାତୃ ହୀନ ଶିଶୁଙ୍କ ସର୍ଭେ ଆରମ୍ଭ

ଖଣ୍ଡପଡ଼ା, ୧୫।୭ (ସମିସ): ନୟାଗଡ଼ ଜିଲ୍ଲା ଶିଶୁ ସମାଜ ମଙ୍ଗଳ ଓ ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାରେ ପିତୃମାତୃ ହୀନ ଓ ଏକକ ଅଭିଭାବକ ଶିଶୁଙ୍କ ସର୍ବେକ୍ଷଣ ଶନିବାର ଆରମ୍ଭ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗ ମାର୍ଗଦର୍ଶିକା ଅନୁଯାଇ ଅନୁଯାଇ ଜୁଲାଇ ୧୧ ରୁ ୨୧ ତାରିଖ ମଧରେ ଅଙ୍ଗନବାଡି କର୍ମୀମାନେ ଘରକୁ ଘର ଯାଇ ଏହି ସର୍ବେକ୍ଷଣ କାର୍ଯ୍ୟ କରିବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ସର୍ବେକ୍ଷଣ ମାଧମରେ ଜିଲ୍ଲାର ପ୍ରତ୍ୟେକ ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁମାନଙ୍କୁ ଚିହ୍ନଟ ସହ ସେମାନଙ୍କ ସ୍ଥିତିକୁ ବିଶ୍ଳେଷଣ କରି ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବ ସହିତ ସେମାନଙ୍କୁ ଥଇଥାନ କରାଯିବ। ଏକଲ ଅଭିଭାବକ ଶିଶୁଙ୍କ କ୍ଷେତ୍ରରେ ଯଦି ପିତାଙ୍କ ମୃତ୍ୟୁ ହୋଇଥିବ କିମ୍ବା ମାଙ୍କ ମୃତ୍ୟୁକ୍ଷେତ୍ରରେ ଜୀବିତ ଥିବା ପିତା ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ହୋଇଥିବେ ନତୁବା କୌଣସି ମାରାସକ ରୋଗର ଶିକାର ହୋଇଥିବେ ସେହି ଶିଶୁମାନଙ୍କୁ ଏହି ଚିହ୍ନଟିକରଣରେ ପରିଷରଭୁକ୍ତ କରାଯିବା ପାଇଁ ପିତୃମାତୃ ହୀନ ଓ ଏକକ ଅଭିଭାବକ ଶିଶୁଙ୍କ ସର୍ବେକ୍ଷଣ କରାଯାଉଥିବା ଜଣାଯାଇଛି। ସେହିପରି ଖଣ୍ଡପଡ଼ା ସହରାଞ୍ଚଳରେ କିପରି ସଠିକି ଭାବରେ ତଥ୍ୟ ମିଳି ପାରିବ ସେଠି ପ୍ରତି ବିଭାଗୀୟ କର୍ତ୍ତୃ ପକ୍ଷ ତଦାରଖ କରୁଛନ୍ତି। ତେବେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶରେ ଏହି ସର୍ବେକ୍ଷଣ କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶିବିୟନ ପ୍ରଧାନ, ନୋଡାଲ ଅଫିସର ତଥା ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପୁଷ୍ପଲତା ପାତ୍ରଙ୍କୁ ପରିଚାଳନ ଦାୟିତ୍ୱ ପ୍ରଦାନ କରାଯାଇଛି।

# ବାଲୁଙ୍କେଶ୍ୱରଦେବ କଲେଜରେ ଆଇନ ସଚେତନତା

ଭାପୁର, ୧୫।୭ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଟିକିରିପଡ଼ା ଗ୍ରାମ ଠାରେ ଥିବା ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ଭାପୁର ବିଚାର ବିଭାଗୀୟ ବିଚାରପତି ବାଳିକାମାନଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡ଼ନ ନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଏହି ସଚେତନତା ଶିବିର ରେ ଦେଢ ଶହ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଭାପୁର ତାଲୁକ ସେବା ପ୍ରାଧିକରଣର ଅଧକ୍ଷ ତଥା ବିଚାର ବିଭାଗୀୟ ବିଚାରପତି ଦିପ୍ତିମୟୀ ସାହୁଙ୍କ ସଭାପତିତ୍ୱରେ ଓ ଆଡଭୋକେଟ ପ୍ରଶାନ୍ତ ବାରିକଙ୍କ ସମ୍ବଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସରକାରୀ ଓକିଲ କେଦାର ନାଥ ସାହୁ, ଓକିଲ ବସନ୍ତ କୁମାର ସ୍ୱାଇ, ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଅଧାପକ ସତ୍ୟସୁନ୍ଦ ଦାସ ଓ ଅଧାପିକା ବିଜୟଲକ୍ଷ୍ମୀ ମଙ୍ଗରାଜ ମହିଳାଙ୍କ ପ୍ରତି ଯୌନ ଉତ୍ପିଡନ ନେଇ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବିଚାରପତି ଶ୍ରୀମତୀ ସାହୁ କହିଥିଲେ ଯେ ଭଗବାନ ନାରୀଙ୍କୁ ଏପରି ଅନ୍ତନିହିତ ଶକ୍ତି ଦେଇଛନ୍ତି ଯେ ସେମାନେ ଅଶ୍ଳୀଳ ଇଙ୍ଗିତ ପିଲାବେଳୁ ବୁଝିପାରନ୍ତି। ତେଣୁ ବାଳିକାମାନେ ସଚେତନ ହୋଇ ଏହାକୁ ଦୃଢ ବିରୋଧ କରିବା ଦରକାର। ଥାନା ଅଧିକାରୀ ଆଇନର ବିଭିନ୍ନ ଦଫା ଓ ଦିଗ ଉପରେ ଆଲୋକପାତ କରିଥିଲେ। ଅଧାପକ ପ୍ରସନ୍ନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ବାହାଡ଼ାଝୋଲା ଫାଣ୍ଡିକୁ ଥାନାର ମାନ୍ୟତା ଦାବି




ଓଡ଼ଗାଁ, ୧୫।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ନୂଆଗାଁ ବ୍ଲକ ଅନ୍ତର୍ଗତ ଆଦିବାସୀ ବହୁଳ ବାହାଡ଼ାଝୋଲାଠାରେ ଥିବା ବ୍ରିଟିସ ଅମଳର ବହୁ ପୁରାତନ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ନିମନ୍ତେ ଦାବି ହୋଇଛି। ଏ ନେଇ ଅଞ୍ଚଳର ସାମ୍ବାଦିକ ଓ ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ବାହାଡ଼ାଝୋଲା ଫାଣ୍ଡି ୧୯୪୦ ମସିହା ବ୍ରିଟିସ ଅମଳର ହୋଇଥିବା ବେଳେ ସେହି ସମୟର ଅନେକ ଫାଣ୍ଡି ଥାନାର ମାନ୍ୟତା ପାଇ ସାରିଲାଣି। ହେଲେ ବାହାଡ଼ାଝୋଲା ସେଇ ଫାଣ୍ଡି ହୋଇ ରହିଯାଇଛି। ଏହି ଫାଣ୍ଡି ଉପରେ ୬ ଗୋଟି ଆଦିବାସୀ ବହୁଳ ପଞ୍ଚାୟତ ଯଥା-କାପ୍ତାପଲ୍ଲୀ, ଗୁମି, ହରିପୁର, ବେରୁହାଁବାରୀ, ସିଙ୍ଗାରପଲ୍ଲୀ ଭଳି ପଞ୍ଚାୟତ ଅର୍ଥାତ୍ ୯୭ଟି ରାଜସ୍ୱ ଗାଁ ରହିଛି। ଏଥିସହିତ ବାହାଡ଼ାଝୋଲା ଡେଲି ମାର୍କେଟ, ସାପ୍ତାହିକ ହାଟ, ଦୁଇଟି କଲେଜ, ଦୁଇ ସରକାରୀ ମଦ ଦୋକାନ ସହିତ ବିଭିନ୍ନ ଅଫିସ୍ ରହିଛି। ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉକ୍ତ ଫାଣ୍ଡି ଉପରେ ନିର୍ଭର କରିଥାନ୍ତି। ଏ ସମ୍ପର୍କରେ ପୂର୍ବରୁ ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇଥିଲା। ଏହି ଦାବିକୁ ଅଧିକ ଦୃଢିଭୁତ କରିବା ପାଇଁ ସାମ୍ବାଦିକ ନିରଞ୍ଜନ ସାହୁଙ୍କ ଆବାହକତ୍ୱରେ ଫାଣ୍ଡି ପରିସର ଶ୍ରୀନାଥ ମନ୍ଦିର ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରହଲ୍ଲାଦ ସାହୁ, ବଂଶୀଧର ସାହୁ, ଭିଖ୍ୟାକାରୀ ବକ୍ସି, ମହେନ୍ଦ୍ର କୁମାର ସାହୁ, ସତ୍ୟ ନାରାୟଣ ସାହୁ, ସୁରେଶ କୁମାର ସାହୁଙ୍କ ସହିତ ଅଞ୍ଚଳ ବିଜେପି ମଣ୍ଡଳ ସଭାପତି ଦିଲ୍ଲିପ କୁମାର ନାୟକ ଉପସ୍ଥିତ ରହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ୱାଗତ କରିବା ସହିତ ସମ୍ପୁର୍ଣ୍ଣ ସହଯୋଗ କରିବାକୁ ସହମତି ଜଣାଇଥିଲେ। ଅଞ୍ଚଳର ସାମ୍ବାଦିକ ପ୍ରଦିପ କୁମାର ସାହୁ, ବିରଞ୍ଚି ନାରାୟଣ ବେହେରା, ଦୟା ସାହୁ, ଲୋକନାଥ ମହାପାତ୍ର, ପ୍ରମୋଦ କୁମାର ନାୟକ ନେତୃତ ନେଉଥିଲେ। ଆଗାମୀ ଦିନରେ ଜିଲ୍ଲାପାଳ, ଏସ୍‌ପି, ଡିଜି, ବିଧାୟକ, ସାଂସଦଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଠାରେ ଉକ୍ତ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ଦାବି ରଖାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା।

# ବିଶ୍ୱ ଯୁବ ଦକ୍ଷତା ଦିବସ ପାଳିତ

ଶରଣକୁଳ, ୧୫।୭ (ସମିସ): ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଆନୁକୂଲ୍ୟରେ ଶରଣକୁଳ ସ୍ଥିତ ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୫ ମଙ୍ଗଳବାର ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଶ୍ୱ ଯୁବ ଦକ୍ଷତା ଦିବସ, କୃତ୍ରିମ ବୁଦ୍ଧିମତା ଏବଂ ଡିଜିଟାଲ ଦକ୍ଷତା ଦ୍ୱାରା ଯୁବ ସଶକ୍ତିକରଣ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ଏହି ଦିବସ ପାଳନ ଅବସରରେ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ମନସ୍ୱୀ ସେଠୀ, ରାଷ୍ଟ୍ରୀୟ ବୃତ୍ତି ସେବାର ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ, ମୁଖ୍ୟମନ୍ତ୍ରୀ ଦକ୍ଷତା ବିକାଶ ଗବେଷଣା ଫେଲୋ ରବି କୁମାର, ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଗୁଡ଼ିକର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଧନ୍ଦାମୂଳକ ଶିକ୍ଷାର ପ୍ରଚାର ଓ ପ୍ରସାର ଦିଗରେ କରିଥିବା ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ରୋଜାଲିନ ମିଶ୍ର ଏବଂ ଗୌରାଙ୍ଗ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଦକ୍ଷତା ରୋଡ ସୋ ପରେ ନାରାୟଣ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଚେତନତା ମୂଳକ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ହସ୍ତଶିଳ୍ପ ସାମଗ୍ରୀ ଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଉକ୍ତ ସଭାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋଦାବରୀ ବାସନ୍ତିଆ, ଜନାର୍ଦ୍ଦନ ପରିଡ଼ା, ପ୍ରଶାନ୍ତ ଦାଶ, ଦାମୋଦର ସାହୁ, ପ୍ରଜ୍ଞା ପାରମିତା ସାହୁ, ରଶ୍ମିତା ବେହେରା, ସସ୍ମିତା ସାହୁ, ଚନ୍ଦନ ମଲିକ, ନିରୁପମା ସାହୁ, ଶୁଭସ୍ମିତା ସାହୁ, ରଶ୍ମିତା ବେହେରା, ରାଜେଶ୍ୱରୀ ଡାକୁଆ, ମମତା ମିଶ୍ର, ସଚ୍ଚିଦାନନ୍ଦ ପାତ୍ର, ସୁନିତା ସାହୁ, ପ୍ରତିଭା ମଞ୍ଜରୀ ସ୍ୱାଇଁଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



# ଦିଲ୍ଲୀପ ଏନ୍‌ଏସ୍‌ୟୁଆଇ ସାଧାରଣ ସମ୍ପାଦକ



ଓଡ଼ଗାଁ, ୧୫।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ମାଟିର ପୁଅ ତଥା ଛାତ୍ର ନେତା ଦିଲ୍ଲୀପ କୁମାର ବିଶୋଇ ରାଜ୍ୟ ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ) ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ପୂର୍ବରୁ ଦିଲ୍ଲୀପ ଓଡ଼ଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ରାଜ୍ୟରେ ଛାତ୍ର କଂଗ୍ରେସ ସଂଗଠନକୁ ମଜବୁତ ଓ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ କୁମାର ପ୍ରଧାନ ବହୁ ଅନୁଭବୀ ଓ ଦକ୍ଷ ଛାତ୍ରନେତାଙ୍କୁ ନିଯୁକ୍ତି କରି ରାଜ୍ୟ କମିଟି ଗଠନ କରିଛନ୍ତି। ଏହି କମିଟିରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ସୁପାରିସକ୍ରମେ ଅଖିଳ ଭାରତୀୟ ଛାତ୍ର କଂଗ୍ରେସ (ଏନ୍‌ଏସ୍‌ୟୁଆଇ)ର ସଭାପତି ବରୁଣ ଚୌଧୁରୀଙ୍କ ଅନୁମୋଦନ କ୍ରମେ ଦିଲ୍ଲୀପଙ୍କୁ ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ପଦବୀରେ ନିଯୁକ୍ତ କରିଛନ୍ତି।

# ଲଗାଣ ବର୍ଷାରେ ପଚି ଗଲାଣି ଧାନ ତଳି

ଗଣିଆ, ୧୫।୭ (ସମିସ): ଗଣିଆରେ ପ୍ରାୟ ୭୦ ପ୍ରତିଶତ ଲୋକେ ଚାଷବାସ କରି ନିଜର ଗୁଜୁରାଣ ମଣ୍ଡାଉଛନ୍ତି। ତେବେ ଦୀର୍ଘ ଦିନ ଧରି ଲଗାଣ ବର୍ଷା ଫଳରେ ବିଲରେ ଜମି ରହିଛି ବର୍ଷା ପାଣି। ଧାନ ତଳି ସବୁ ବର୍ଷା ପାଣିରେ ନଷ୍ଟ ହେବାକୁ ବସିଲାଣି। ମୌସୁମୀ ଆଗୁଆ ଆସିଥିବାରୁ ଚଳିତବର୍ଷ ଚାଷୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ବିଲରେ ଧାନ ଫସଲ କରି ଅଧିକ ଅର୍ଥ ଉପାର୍ଜନ ଆଶା କରି ଚାଷୀମାନେ ବିହନ ସଂଗ୍ରହ କରି ତଳି ପକାଇବା କାମ ସାରିଥିଲେ। ହେଲେ ଦାଉ ସାଧିଲା ଲଗାଣ ବର୍ଷା। ତୁହାକୁ ତୁହା ବର୍ଷା ଫଳରେ କେଉଁଠି ଧାନ ତଳି ପାଣିରେ ବୁଡି ରହି ଗଜା ବାହାରିଲାଣି ତ ଆଉ କେଉଁଠି ଅଳ୍ପ ଅଳ୍ପ ତଳି ବଢ଼ି ଅଧିକ ପାଣିରେ ନଷ୍ଟ ହୋଇଯାଇଛି। ଗଣିଆ ବ୍ଲକର ୮ଟି ପଞ୍ଚାୟତରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଏବେ ବିଲରେ ପାଣି ଭର୍ତ୍ତି ହୋଇ ରହିଥିବାରୁ ଚାଷୀ ଚିନ୍ତାରେ ପଡ଼ିଛି। ଲଗାଣ ବର୍ଷା ଯୋଗୁଁ ଅଧିକ ଦିନ ପାଣି ଭିତରେ ରହି ଧାନ ଗଛ ପଚି ନଷ୍ଟ ହେବାକୁ ବସିଲାଣି। ଏଭଳି ପରିସ୍ଥିତିରେ ଆଶା ଓ ଆଶଙ୍କାରେ ଚାତକ ଭଳି ଭଗବାନଙ୍କୁ ଭରସା କରି ଚାହିଁ ରହିଛନ୍ତି ଚାଷୀକୂଳ।



## ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ

ନୟାଗଡ଼, ୧୫।୭ (ସମିସ)

ବାଲେଶ୍ୱର ଏଫ୍‌ଏମ୍ ବିଶ୍ୱ ବିଦ୍ୟାଳୟରେ ଘଟିଥିବା ଅଘଟଣରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ନୟାଗଡ଼ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପଦର୍ଶନ କରାଯାଇଛି। ବିଜୁ ଛାତ୍ର ଜନତା ଦଳ ଜିଲ୍ଲା ସଭାପତି ନୀଳମାଧବ ପଣ୍ଡାଙ୍କ ଆହ୍ୱାନ କ୍ରମେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ଅନୁଷ୍ଠିତ ବିକ୍ଷୋଭ କାର୍ଯ୍ୟକ୍ରମରେ ଶହ ଶହ ଛାତ୍ରଛାତ୍ରୀ ସାମିଲ ହୋଇ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଫଟୋ ଥିବା ବ୍ୟାନରରେ ନିଆଁ ଲଗାଇ ଦିଆଯାଇଛି। ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଜୀବନ ଚାଲି ଯାଇଥିବା ଛାତ୍ରନେତାମାନେ ଅଭିଯୋଗ କରିଛନ୍ତି। ଛାତ୍ର ବିଜେଡି ନେତା ଅମୂଲ୍ୟ ସାହୁ, ସଞ୍ଜୀବ କୁମାର ମିଶ୍ର, ପ୍ରମୋଦ କୁମାର ସାହୁ ପ୍ରମୂଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସନ୍ଧ୍ୟାରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନାରାୟଣୀ ମନ୍ଦିରଠାରୁ ଗୋଲେଇ ଛକ ପର୍ଯ୍ୟନ୍ତ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୃତ ସୌମାଶ୍ରୀଙ୍କ ଅମରଆ।।ର ସଦଗତି କାମନା କରିଯିବା ସହ ତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଥିଲା।

## ରଣପୁରରେ ମହମବତି ଶୋଭାଯାତ୍ରା




ରଣପୁର: ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଏକ ମହମବତି ଶୋଭାଯାତ୍ରା ରଣପୁର ସହିଦ ରଘୁ ଦିବାକର ମଣ୍ଡପ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ, ସିପିଏମ୍ ଓ ବିଜେଡିର କର୍ମୀ ଭାଗନେଇଥିଲେ। ବିଜେଡିରୁ ପ୍ରଫୁଲ କୁମାର ନାୟକ, କଂଗ୍ରେସରୁ ବିଭୁ ପ୍ରସାଦ ମିଶ୍ର, ସିପିଏମ୍‌ରୁ ସୁରେଶ ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଅନେକ ଯୁବକ ସାମିଲ ହୋଇ ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଦୋଷୀ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେବାକୁ ଦାବି କରିଛନ୍ତି।



# ବିଦେଶୀଙ୍କ ପସନ୍ଦ ଓଡ଼ିଆଙ୍କ ମଡର୍ଣ୍ଣ ଆର୍ଟ

ଭୁବନେଶ୍ୱର, ୧୫।୭ (ସମିସ)

ଆଧୁନିକତାର ଛାପ କେବଳ ପୋଷାକ, ଖାଦ୍ୟ ଏବଂ ଜୀବନଶୈଳୀରେ ସୀମିତ ହୋଇ ରହି ନାହିଁ ବରଂ ଚିତ୍ରରେ ମଧ୍ୟ ଦେଖିବାକୁ ମିଳୁଛି। ମଡର୍ଣ୍ଣ ଆର୍ଟ ପ୍ରତି ଲୋକଙ୍କ ଚାହିଦା ବଢ଼ିବା ସହ ସେହି ଆର୍ଟକୁ ଶିଖିବାକୁ ପିଲାଙ୍କ ମଧ୍ୟରେ ଆଗ୍ରହ ମଧ୍ୟ ବଢ଼ିଛି। ପୂର୍ବାପେକ୍ଷା ଏବେ ଓଡ଼ିଆଙ୍କ ଦ୍ୱାରା ପ୍ରସ୍ତୁତ ମଡର୍ଣ୍ଣ ଆର୍ଟର ଚାହିଦା ବିଦେଶରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ବିକ୍ରି କରି ଭଲ ରୋଜଗାର କରୁଛନ୍ତି ଓଡ଼ିଆ ଚିତ୍ରଶିଳ୍ପୀ।

ବରିଷ୍ଠ ଚିତ୍ରଶିଳ୍ପୀଙ୍କ ମତରେ ଐତିହାସିକତା ଦୃଷ୍ଟିକୋଣରୁ ଚିତ୍ରର ରୂପରେ ପରିବର୍ତ୍ତନ ଆସିବା ସହ ତାର ପ୍ରକାର ଭାଗ ହୋଇଯାଇଛି। ଯେଉଁଥିରେ ପ୍ରାକ, ମଧ୍ୟମ ଏବଂ ଆଧୁନିକ ସମୟର ଚିତ୍ରଶୈଳୀ ସ୍ଥାନ ପାଇଛି। ପୂର୍ବରୁ ଭାରତରେ ଯେଉଁ ପାରମ୍ପରିକ ଚିତ୍ର ଏବ ତା'ର ଶୈଳୀ ଦେଖିବାକୁ ମିଳୁଥିଲା ସେଥିରେ ଆଧୁନିକ ଚିତ୍ର ବା ମଡର୍ଣ୍ଣ ଆର୍ଟ ଯୋଡି ହୋଇଯାଇଛି। ଏପରି ଚିତ୍ରରେ ନିଜର ଏକ ସ୍ୱତନ୍ତ୍ର ଭାବ ଓ ଅର୍ଥକୁ ବୁଝାଉଥାଏ। ଦୈନନ୍ଦିନ ଜୀବନର ଯେକୌଣସି ସମୟ, ଦୃଶ୍ୟ, ଉପକରଣ ଓ ବସ୍ତୁକୁ ନେଇ ଏହି ଆର୍ଟ କରାଯାଇଥାଏ। ସମୟ ସହ ତା'ର ଚାହିଦା ମଧ୍ୟ ଉଭୟ ଚିତ୍ରଶିଳ୍ପୀ ଏବଂ ତାକୁ କିଣୁଥିବା ଚିତ୍ର ପ୍ରେମୀଙ୍କ ସଂଖ୍ୟା ଆଗ ଅପେକ୍ଷା ବଢ଼ିଥିବା ପରିଲକ୍ଷିତ ହେଉଛି। କେବଳ ରାଜ୍ୟ କିମ୍ବା ଦେଶରେ ନୁହଁ, ଏବେ ବିଦେଶରେ ମଧ୍ୟ ମଡର୍ଣ୍ଣ ଆର୍ଟ କରୁଥିବା ଶିଳ୍ପୀଙ୍କ ଚିତ୍ର ବିକ୍ରି ପାଇଁ ଯାଉଛି। ପୂର୍ବାପେକ୍ଷା ଗତ ୨୫ ବର୍ଷ ଭିତରେ ବିଦେଶରେ ମଡର୍ଣ୍ଣ

- ୨୫ ବର୍ଷରେ ବିଦେଶରେ ବିକ୍ରି ବଢ଼ିଛି ୪୦ ପ୍ରତିଶତ
- ଏବେ ରାଜ୍ୟରେ ମଡର୍ଣ୍ଣ ଆର୍ଟ କରୁଛନ୍ତି ୨୦୦ ଚିତ୍ରଶିଳ୍ପୀ

ଆର୍ଟର ଚାହିଦା ପ୍ରାୟ ୪୦ରୁ ୫୦ ପ୍ରତିଶତ ବୃଦ୍ଧି ପାଇଛି ବୋଲି କହିଛନ୍ତି ବରିଷ୍ଠ ଚିତ୍ରଶିଳ୍ପୀ ସାରଦା ପ୍ରସନ୍ନ ବେହେରା। ସେହି ପରିପେକ୍ଷୀରେ ବିଭିନ୍ନ ଆର୍ଟ କଲେଜ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଧଉଳି ଚାରୁକଳା ମହାବିଦ୍ୟାଳୟ, ବିକେ ଆର୍ଟ କଲେଜ ସମେତ ୧୦ରୁ ଅଧିକ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱରରେ ରହିଛି।



(ଫାଇଲ ଫଟୋ)

ଯେଉଁଠି ଚିତ୍ରକଳାରେ ମର୍ଡନ ଆର୍ଟକୁ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ବର୍ଷକୁ ପାଖାପାଖି ୨୫୦ରୁ ଅଧିକ ପିଲା ନାମ ଲେଖାଉଛନ୍ତି। ତେବେ ଏବେ ରାଜ୍ୟରେ ପ୍ରାୟ ୨ ଶହ ଜଣ ଚିତ୍ରଶିଳ୍ପୀ ମଡର୍ଣ୍ଣ ଆର୍ଟ କରୁଥିବା କହିଛନ୍ତି ଶ୍ରୀ ବେହେରା।

ଏ ସମ୍ପର୍କରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଚିତ୍ରକଳା ବିଭାଗ (ପେଣ୍ଟିଙ୍ଗ)ର ପ୍ରଫେସର ପ୍ରବୀର ଦଳେଇ କହିଛନ୍ତି, ଓଡ଼ିଶାର ଚିତ୍ରର ପରମ୍ପରା କାହିଁ କେଉ ସମୟରୁ ରହିଆସିଛି। ବର୍ତ୍ତମାନ ସମୟରେ କଳାତ୍ମକ ବିବରଣୀ ବଦଳିଛି। ଏଥିରେ କୈଣସି ଅସୁବିଧା ନାହିଁ ବରଂ ପିଲାଙ୍କ ପାଇଁ ଆଗ ଅପେକ୍ଷା ସୁଯୋଗ ଓ ଚାହିଦା ବଢ଼ିଛି। ବର୍ତ୍ତମାନର ଆଧୁନିକ ସମାଜରେ ମର୍ଡନ ଆର୍ଟର ଚାହିଦା ଥିବାରୁ ଏଥିରେ ନାମ ଲେଖାଇବା ସହ ତାକୁ ନେଇ କ୍ୟାରିଅର କରିବାକୁ ଯୁବପିଢି ଅଧିକ ଆଗ୍ରହୀ ହେଉଛନ୍ତି। କେବଳ ସେତିକି ନୁହଁ ଏଥିରେ ଶିଳ୍ପୀଙ୍କୁ ଭଲ ପାରିଶ୍ରମିକ ମିଳୁଛି।

ସେହିପରି ବରିଷ୍ଠ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ଓଝାଙ୍କ ମତରେ ବର୍ତ୍ତମାନ ପୋଷ୍ଟ ମଡର୍ଣ୍ଣ ଆର୍ଟର ଯୁଗ ଚାଲିଛି। ଯାହା ସମୟର ଧାରା ସହ ପରିବର୍ତ୍ତନ ହେଉଥାଏ। ସେହିଭଳି ଭାବରେ ଶିଳ୍ପୀ ନିଜର ଏକ ସ୍ୱତନ୍ତ୍ର ଶୈଳୀରେ ଏହି ଆର୍ଟ କରୁଛନ୍ତି। ବର୍ତ୍ତମାନ ସମୟରେ ଆଗ ଅପେକ୍ଷା ଏହାର ଚାହିଦା ଢେର ବଢ଼ିଲାଣି। ଶିଳ୍ପୀଙ୍କୁ ଏ ଦିଗରେ ପ୍ରାପ୍ୟ ଭଲ ମିଳୁଛି।

## ପୁଣିଥରେ ଓଡ଼ିଶା ପାଇଁ ଗର୍ବ ଆଣିଲେ ଡ. ସାଇପ୍ରସନ୍ନା



ଭୁବନେଶ୍ୱର, ୧୫।୭ (ସମିସ): ଡ. ସାଇପ୍ରସନ୍ନା ବେହେରା ପୁଣି ଥରେ ଓଡ଼ିଶା ପାଇଁ ଇତିହାସ ସୃଷ୍ଟି କରିଛନ୍ତି। ମିସେସ୍ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୩-୨୪ ର ଜଣେ ପ୍ରତିଯୋଗୀ ଏବଂ ବିଜେତା ହେବା ପରେ ପୁଣି ଥରେ ଓଡ଼ିଶାକୁ ଗର୍ବିତ କରିଛନ୍ତି। ପ୍ରଥମ ଥର ପାଇଁ ଡ. ସାଇପ୍ରସନ୍ନା ବେହେରା ଶ୍ରୀମତୀ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲ ୨୦୨୪-୨୫ ରେ ବିଜୟ ମୁକୁଟ ପିନ୍ଧିଛନ୍ତି। ଏହି ଅବସରରେ ତାଙ୍କୁ ତାଙ୍କୁ ୨୦୨୫-୨୭ ବର୍ଷ ପାଇଁ ମିସେସ ଗ୍ରାଣ୍ଡ ଇଣ୍ଟରନ୍ୟାସନାଲର ମୁଖ୍ୟ ପ୍ରତିନିଧି ଏବଂ ବ୍ରାଣ୍ଡ ଆମ୍ବାସଡର ଭାବରେ ନିଯୁକ୍ତ କରାଯାଇଛି। ଏହି ସମ୍ମାନ ଲାଭ କରିବା ସହିତ ପ୍ରତିଯୋଗୀରୁ ବିଜେତା ହୋଇ ପ୍ରତିନିଧିତ୍ୱ କରିବାରେ ସେ ପ୍ରଥମ ବ୍ୟକ୍ତିତ୍ୱ ଏବଂ ଏହି ସମ୍ମାନଜନକ ଉପାଧିରେ ସମ୍ମାନିତ ହୋଇଥିବା ପ୍ରଥମ ଭାରତୀୟ। ତାଙ୍କର ସଫଳତା ବିଶ୍ୱ ସ୍ତରରେ ପ୍ରତିନିଧିତ୍ୱ, ଦୃଢ଼ତା ଏବଂ ଉତ୍କର୍ଷତାର ଏକ ଶକ୍ତିଶାଳୀ ପ୍ରତୀକ ସହ ସଶକ୍ତିକରଣ ଏକ ଉଦାହାରଣ।

## ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଜାତୀୟ ପ୍ରତିବାଦ ଦିବସ

ଭୁବନେଶ୍ୱର, ୧୫।୭ (ସମିସ): ଅଖିଳ ଭାରତ ପେନସନର୍ସ ମହାସଂଘର ଆହ୍ୱାନରେ ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସମସ୍ତଙ୍କୁ ପୁରୁଣା ପେନସନ ଦେବା, ୪ ଗୋଟି ଶ୍ରମକୋଡ଼ ବାତିଲ୍ କରିବା ଆଦି ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମାନ୍ୟବର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ରାଜ୍ୟର ଅବହେଳିତ ପେନସନର୍ସମାନଙ୍କୁ ଚିକିତ୍ସା ଭତ୍ତା ସମେତ ସ୍ୱାସ୍ଥ୍ୟବୀମା ଦେବା,




କମ୍ୟୁଟେସନ ପେନସନକୁ ୧୦ବର୍ଷ ଆଠମାସରେ କାଟିବା ପାଇଁ ଆଦେଶ ଦେବା ଆଦି ୭ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ କ୍ଷେତ୍ରମୋହନ ଦାସ, ଉପାଧ୍ୟକ୍ଷ ସଦାନନ୍ଦ ବେହେରା, ମହାସଚିବ ନରୋତ୍ତମ ପାର୍ଥସାରଥୀ, କାହ୍ନୁଚରଣ ମଲ୍ଲିକ, ବିଜୟ କୁମାର ନାୟକ ଓ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସମେତ ଶତାଧିକ ପେନସନର୍ସ ଯୋଗ ଦେଇଥିଲେ ବୋଲି ଅଖିଳ ଭାରତ ରାଜ୍ୟ ସରକାରୀ ମହାସଂଘର କାର୍ଯ୍ୟକାରୀ ସଭ୍ୟ କାହ୍ନୁଚରଣ ମଲ୍ଲିକ ଜଣାଇଛନ୍ତି।

## ହାଇଟେକ୍‌ରେ କଷ୍ଟବାଧିତ ପ୍ରସୂତି ବିଭାଗ ଉଦ୍‌ଘାଟିତ



ଭୁବନେଶ୍ୱର, ୧୫।୭ (ସମିସ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ୍ ପରିସରରେ ନୂତନ ଭାବେ ବିଶ୍ୱରାଜ୍ ଫାର୍ମାସ୍ୟୁଟିକାଲ ଏଲଏଲପି ସହ ପ୍ରସୂତି ବିଭାଗ ଏବଂ ଚର୍ମ, କେଶ ଓ ସ୍କାଲ୍ପ ଡିଟେକ୍ଟର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣିଗ୍ରାହୀ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଶୁରେଶ କୁମାର ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ଡ. ରାକେଶ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ ବିଶ୍ୱରାଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ। ନୂତନ ଜ୍ଞାନ କୌଶଳରେ ନିର୍ମିତ ପ୍ରସୂତି ବିଭାଗରେ ମୁଖ୍ୟତଃ ବର୍ତ୍ତମାନ ସମୟରେ ବଢୁଥିବା ସିଜେରିଆନ ଡେଲିଭେରିକୁ ହ୍ରାସ କରାଯାଇ ନର୍ମାଲ ଡେଲିଭେରି ସହ ପେନ୍‌ଲେସ୍ ଡେଲିଭେରିକୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଷ୍ଠାତା ଡ. ପାଣିଗ୍ରାହୀ କହିଛନ୍ତି। ସେହିପରି ପ୍ରସୂତିଙ୍କୁ ଗୁରୁତ୍ୱ ଦିଆଯିବା ସହ ଶିଶୁମାନଙ୍କ ନିମନ୍ତେ ଉନ୍ନତମାନର ଏନ୍‌ଆଇସିୟୁ ଓ ପିଆଇସିୟୁର ସୁବିଧା ରହିଥିବା ମ୍ୟାନେଜିଙ୍ଗ୍ ଡାଇରେକ୍ଟର ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି।

**ନର୍ମାଲ ସହ ପେନ୍‌ଲେସ୍ ଡେଲିଭରିକୁ ଗୁରୁତ୍ୱ**

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ରବୀନ୍ଦ୍ରନାଥ ବେହେରା, ସାଧାରଣ ପ୍ରଶାସକ ଡ. ବାସୁଦେବ ବେହେରା, ଡେପୁଟି ମେଡିକାଲ ସୁପରିଟେଣ୍ଡେଣ୍ଟ ଡ. ଚନ୍ଦନ ସାମନ୍ତରାୟ, ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରିନ୍ସିପାଲ ପ୍ରଫେସର୍ ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀଙ୍କ ସହ ବିଭିନ୍ନ ବିଭାଗର ଡାକ୍ତର ଓ ନର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

## ସବୁଜ ଗୀତରେ ଝୁମିଲେ ଦର୍ଶକ



ଭୁବନେଶ୍ୱର, ୧୫।୭ (ସମିସ): ମଧୁର ସଙ୍ଗୀତ କଲଚରାଲ ଟ୍ରଷ୍ଟ ପକ୍ଷରୁ ଏକ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଚିର ସବୁଜ ଗୀତ ଜୟଦେବ ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୟୁନିଟି ଇଜ ଷ୍ଟ୍ରେଙ୍ଗର୍ଥ କ୍ୟାନ୍ସର ଫାଉଣ୍ଡେସନର ଅଧ୍ୟକ୍ଷ ଗୋପାଳ ଦାସ ଯୋଗଦେଇଥିଲା ବେଳେ ସମ୍ମାନ ଅତିଥି ଭାବେ କଣ୍ଠ ଶିଳ୍ପୀ ଡ଼ ଅନିନ୍ଦିତା ଦାସ ଯୋଗଦେଇଥିଲେ। ଏହିପରି ମଧ୍ୟ ଅତିଥି କଣ୍ଠଶିଳ୍ପୀ ଭାବେ ଲୋଭା ବିଶ୍ୱାଳ, କଣ୍ଠଶିଳ୍ପୀ କୁମାର ବିଷ୍ଣୁ, ଅନୁଷ୍ଠାନ ଅଧ୍ୟକ୍ଷା ଯୋଗିତା ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ନିଦ ଭରା ରାତି, ମୁ ଯିବି ମୁ ଯିବି, ଚକା ଚକା ଭଉଁରି, ତୁମ ଦିଲ କି ଧଡକନ ହୋ, ସପନ ରେ ପଥେ ପଥେ, ମେରି ମେହବୂବା, ଭିଗି ଭିଗି ରାତୋ ମେ, ତୋ ଆଖି ମୋ ଆଇନା., ଛୟୀ ଛବେଲି ରଙ୍ଗ ରଙ୍ଗେଲି, ପ୍ୟାର ହମରା ଅମର ରହେ ଗା, ତୁମ୍ ସେ ମିଲକେ ଏସା ଲଗା, ଲଗ ଯା ଗଲେ, ଆଜା ତୁଝକୋ ପୁକାରେ ମେରେ ଦିଲ ଆଦି ପୁରୁଣା ଗୀତକୁ କଣ୍ଠଶିଳ୍ପୀ ଚିତ୍ତରଞ୍ଜନ ଶତପଥୀ, ଗିରିଜା, ଶଶୀକାନ୍ତ, ଡ଼ ସଞ୍ଜୟ, ବିଷ୍ଣୁ, ଅସ୍ମିତା, ଯୋଗିତା, ଗାୟତ୍ରୀ, ସୁଜାତା, ମମତା, ରାଜ, ଲୋଭା, ଅନେକ ସୋଲ ଓ ଡୁଏଟ୍ ଗୀତ ପରିବେଷଣ କରିଥିଲେ। ଗୁଲସନ ନଦୀମ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଗୁରୁ ଦେବପ୍ରସାଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ହଜାରେ କଳାକାର

ଭୁବନେଶ୍ୱର, ୧୫।୭ (ସମିସ): ଗୁରୁ ଦେବପ୍ରସାଦ ଦାସଙ୍କ ୩୯ ତମ ପୂଣ୍ୟତିଥି ଅବସରରେ ତ୍ରିଧାରା ଓ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ସହଯୋଗରେ ଶ୍ରଦ୍ଧାଞ୍ଜଳି ସମାରୋହ ରବୀନ୍ଦ୍ର ମଣ୍ଡପରେ ଉଦଘାଟିତ ହୋଇଯାଇଛି। ଦୁଇଦିନଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ହଜାରେରୁ ଅଧିକ କଳାକାର ଓ ୭୦ରୁ ଅଧିକ ଅନୁଷ୍ଠାନ ଅଂଶ ଗ୍ରହଣ କରିଛନ୍ତି। ଉଦଘାଟନୀ ଅଧିବେଶନରେ ଅନୁଷ୍ଠାନଗୁଡିକ ହେଲା ତ୍ରିଧାରା, ନୃତ୍ୟାୟନ, ସରଞ୍ଜନା, ତ୍ରିଶକ୍ତି ଡ୍ୟାନ୍ସ ଏକାଡେମୀ, ଉତ୍କଳିକା ସଙ୍ଗୀତ ଏକାଡେମୀ, ନୃତ୍ୟପ୍ରଣାମ ଡାନ୍ସ ଏକାଡେମୀ, ଓଡିଶୀ ବିଦ୍ୟା ଅନୁଷ୍ଠାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଅରୁଣା ମହାନ୍ତି, ଓଡିଶୀ ନୃତ୍ୟାଙ୍ଗନା ଗୁରୁ ଇଲିଆନା ଚିତାରିଷ୍ଟି ଓ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳି ସମାରୋହରେ ଅଂଶଗ୍ରହଣ କରିଥିବା ନୃତ୍ୟ ଅନୁଷ୍ଠାନର ଗୁରୁ ତଥା କଳାକାରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା। କାର୍ଯ୍ୟକ୍ରମଟିକୁ ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଡ. ଗଜେନ୍ଦ୍ର କୁମାର ପଣ୍ଡା ଓ ସହକାରୀ ନିର୍ଦ୍ଦେଶକ ପ୍ରଭୁତୋଷ ପଣ୍ଡା ସଂଯୋଜନା କରିଥିଲେ।



## ଇନ୍ଦୁଲତା ମହାନ୍ତି ଓ କୋଦଣ୍ଡଧର ସାହୁଙ୍କୁ 'ସାଧନା ସମ୍ମାନ'



ଭୁବନେଶ୍ୱର, ୧୫।୭ (ସମିସ): ଶିକ୍ଷା ଓ ସାହିତ୍ୟ ହିଁ ମାନବ ଜୀବନର ମୂଳଭିତ୍ତି ବୋଲି ବୁଦ୍ଧ ମନ୍ଦିର ସଭାକକ୍ଷରେ ସୀତା-ଶିବ ସ୍ମୃତିନ୍ୟାସ ତରଫରୁ ସାଧନା ସମ୍ମାନ ପ୍ରଦାନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ବିଶିଷ୍ଟ ଲେଖିକା ଇନ୍ଦୁଲତା ମହାନ୍ତିଙ୍କୁ ସାହିତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ସମ୍ମାନ ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ କୋଦଣ୍ଡଧର ସାହୁଙ୍କୁ ଶିକ୍ଷାକ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ମାନପତ୍ର ସହ ଏକଲକ୍ଷ ଟଙ୍କା ଲେଖାଁଏ ସମ୍ମାନ ରାଶି ପ୍ରଦାନ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଲେଖକ ପୀତବାସ ରାଉତରାୟ ପୂଜ୍ୟପୂଜା ପରମ୍ପରାରେ ପିତାମାତାଙ୍କୁ ସମ୍ମାନ ଦେବା ସନ୍ତାନର ପ୍ରଥମ କର୍ତ୍ତବ୍ୟ ବୋଲି କହିବା ସହ ସୀତା-ଶିବ-ସ୍ମୃତିନ୍ୟାସ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରୁଥିବାରୁ ଅନୁଷ୍ଠାନକୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଶିକ୍ଷାବିତ୍ ସଂଯୁକ୍ତା ମହାନ୍ତି ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ହେଉଥିବା ଅଧୋଗତି ପାଇଁ ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଶିଳ୍ପଦ୍ୟୋଗୀ ପଦ୍ମଲୋଚନ ମହାନ୍ତି, ସେମିଳିଗୁଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଝାନ୍‌ସୀ ସିଂହ, ବରିଷ୍ଠ କବି ବନଜ ଦେବୀ ପ୍ରମୁଖ ଯୋଗଦେଇ ନ୍ୟାସର ଅଧ୍ୟକ୍ଷ କୃପାସାଗର ସାହୁଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସ୍ୱନାମଧନ୍ୟ କଥାକାର ଓ ଔପନ୍ୟାସିକ କୃପାସାଗର ସାହୁଙ୍କ ଗଳ୍ପ ପୁସ୍ତକ 'ଶ୍ରୀରାମ' ଉନ୍ମୋଚିତ ହୋଇଥିଲା। ପୁସ୍ତକକୁ ଗାଳ୍ପିକ ଶାନ୍ତନୁ ବେଜ ସମୀକ୍ଷା କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଲେଖିକା କଳ୍ପଲତା ପାତ୍ର, ପ୍ରବୀଣା ମହାନ୍ତି, ଅନୁବାଦିକା କନକମଞ୍ଜରୀ ସାହୁ, ପ୍ରାବନ୍ଧିକା ଡ. ବାସନ୍ତୀ ମହାନ୍ତି, ପ୍ରିୟବ୍ରତ ପାତ୍ର, ମାଳତୀ ପଟେଲ, ବରିଷ୍ଠ ଲେଖକ ନୃସିଂହ ସାହୁ, ରାଧାମୋହନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଗାଳ୍ପିକା ଆଭାଞ୍ଜଳୀ ଶତପଥୀ ସଂଯୋଜନା କରିଥିଲେ।

## ରୋଷଘର ତାଲା ଭାଙ୍ଗି ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୫।୭ (ସମିସ): ରୋଷ ଘର ତାଲା ତାଡ଼ି ସାମଗ୍ରୀ ଚୋରି କରିବା ଘଟଣାରେ ଲିଙ୍ଗରାଜ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଶ୍ମି ରଞ୍ଜନ ସ୍ୱାଇଁ ଓରଫ ଜଗୁ। ଅଭିଯୋଗକାରୀ ବିଷ୍ଣୁ ଚନ୍ଦ୍ର ପଣ୍ଡାଙ୍କ ଲିଖିତ ରିପୋର୍ଟ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିଲା। ସୂଚନାଯୋଗ୍ୟ ଯେ, ରଶ୍ମି ରଞ୍ଜନ ସ୍ୱାଇଁ ଓରଫ୍ ଜାଗୁ ଅଭିଯୋଗକାରୀଙ୍କ ଘରର ତାଲା ଲୁହା 'ଆରି କଟର' ବ୍ୟବହାର କରି କାଟି ରୋଷେଇ ଉପକରଣ ଏବଂ ଟଙ୍କା ସମେତ ଘରର ଜିନିଷପତ୍ର ଚୋରି କରିଥିଲେ। ଏହି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ମୋବାଇଲ୍ ଭିଡିଓ ଫୁଟେଜରେ କଏଦ କରିଥିଲେ। ବିଷ୍ଣୁ ଚନ୍ଦ୍ରଙ୍କ ଶ୍ୱଶୁର ଅନନ୍ତ କୁମାର ମହାପାତ୍ର ପହଞ୍ଚି ଅଭିଯୁକ୍ତଙ୍କୁ ପଚରା ଉଚରା କରିବା ସମୟରେ, ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ ଏବଂ ଉକ୍ତ କଟରରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ସୂଚନା ପାଇ, ଅଭିଯୋଗକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଅଭିଯୁକ୍ତ ତାଙ୍କୁ ମଧ୍ୟ ସମାନ ଭାବରେ ଗାଳି ଦେଇଥିଲେ।

ଡୁମୁଡୁମା ରାସ୍ତା ନା ମରଣଯନ୍ତା

# ଖୋଲି ହୋଇଗଲାଣି ରାସ୍ତା; ବାହାରିଗଲାଣି ଗୋଡ଼ି

ଭୁବନେଶ୍ୱର, ୧୫।୭ (ସମିସ)

ବର୍ଷା ଆସୁ ଆସୁ ସହରର ବିଭିନ୍ନ ରାସ୍ତାର ଅବସ୍ଥା ଖରାପ ହେବାରେ ଲାଗିଛି। ରାସ୍ତା ଉପରେ ଖାଲ ତ ନୁହେଁ ମରଣଯନ୍ତା ମୁଣ୍ଡ ଉଠେଇ ଉପରକୁ ଅନେଇ ରହିଛି। ଟିକିଏ ଅସାବଧାନତା ହେଲେ ଦୁର୍ଘଟଣା ଘଟିବା ସୁନିଶ୍ଚିତ। ଏଥିରେ ପୁଣି ବର୍ଷା ହେଲେ ପାଣି ଜମିବା ସହିତ ଖାଲ ବୋଲି ଜଣା ପଡୁନାହିଁ। ରାସ୍ତାରେ ଖାଲ ହୋଇଯିବାରୁ ଗୋଡ଼ି ବି ଉପରକୁ ଉଠି ରହିଛି। ଯାହାଫଳରେ ଲୋକମାନେ ରାସ୍ତାରେ ବି ଚାଲିକି ଯିବାକୁ ଭୟ କରୁଛନ୍ତି।

**ବର୍ଷାଦିନେ ଜମୁଛି ପାଣି**

ରାଜଧାନୀର ବିଭିନ୍ନ ଛକ ଓ କଲୋନୀ ରାସ୍ତା ଏବେ ଅତି ଶୋଚନୀୟ ହୋଇପଡ଼ିଛି। ଏହା ମଧ୍ୟରୁ ଅନ୍ୟତମ ହେଉଛି ଡୁମୁଡୁମା ରାସ୍ତା। ଫେଜ୍ ୨ କଲୋନୀ ଠାରୁ ପାଲାମଣ୍ଡପ ଆଡ଼କୁ ଆସିଥିବା ରାସ୍ତା ଏବେ ଖାଲ ଖମାରେ ଭର୍ତ୍ତି ହୋଇପଡ଼ିଛି। ରାସ୍ତାରେ ଗାତ ସୃଷ୍ଟି ହେବା ସହ ଗୋଡ଼ି ମଧ୍ୟ ବାହାରି ପଡ଼ିଛି। ଯେଉଥିପାଇଁ ଯିବା ଆସିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ବାସିନ୍ଦା। ଏହି ରାସ୍ତାରେ ବିବେକାନନ୍ଦ ସ୍କୁଲ, ଆମ୍ବେଦକର କଲେଜ ଏବଂ କିଡ୍ସ ହସ୍ପିଟାଲ ସହିତ ଆଇଆଇଟିଏମ୍ କଲେଜ ରହିଛି। ପ୍ରତିଦିନ ଶହ ଶହ ଗାଡ଼ି ଏହି ରାସ୍ତା ଦେଇ ଯିବା ଆସିବା କରୁଛନ୍ତି। କିନ୍ତୁ ଏହି ରାସ୍ତା ଖରାପ ପାଇଁ ଲୋକମାନେ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଯେଉଁଥିପାଇଁ ଏହି ରାସ୍ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି।





ରାସ୍ତାରେ ଗାଡ଼ି ମଝିରେ ଆଉ ଯାଉନି। ଏପଟୁ ସେପଟୁ ଆସୁଥିବା ଗାଡ଼ି କେବଳ ରାସ୍ତା କଡ଼ ଦେଇ ଯାଉଛି। ଯେଉଁଥିପାଇଁ ରାସ୍ତା କଡ଼ରେ ଦୋକାନ କରିବାକୁ ଭୟ ଲାଗିଲାଣି ବୋଲି ଡୁମୁଡୁମା ଅଞ୍ଚଳର ଜଣେ ଦୋକାନୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଆଗରେ ସ୍କୁଲ୍ ରହିଛି ଛୋଟ ପିଲାମାନେ ଯିବା ଆସିବା ବେଳେ ଅନେକ ଥର ଏହି ରାସ୍ତାରେ ପଡ଼ି ଖଣ୍ଡିଆ ଘାବରା ହେଉଛନ୍ତି ବୋଲି ସେ କହିଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳିପାରିନାହିଁ।

■ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆନ୍ଦୋଳନ

## ଏଆଇଡିଏସ୍ଓର ଛାତ୍ରନେତାଙ୍କ ଗିରଫଦାରିକୁ ନିନ୍ଦା

ଢେଙ୍କାନାଳ, ୧୫।୭(ସମିସ): ଏଫ୍ଏମ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ରେଭେନ୍ସା ସମାବର୍ତ୍ତନ ସଭାଆଳରେ ଏଆଇଡିଏସ୍ଓର କଟକ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକଙ୍କୁ ପୁଲିସ ଜିଲ୍ଲା ଅଫିସରୁ ଗିରଫ କରିବା ସହ ଅନ୍ୟ ଛାତ୍ରନେତାଙ୍କୁ ଗିରଫ ପାଇଁ ତନାଘନା ଆରମ୍ଭ କରିଛି। ଗିରଫଦାରୀକୁ ଏଆଇଡିଏସ୍ଓର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ସଂଗଠନର ଢେଙ୍କାନାଳ ଜିଲ୍ଲା ସଂଯୋଜକ ବିନୋଦ ସେଠୀ ତୀବ୍ର ନିନ୍ଦା କରିଛନ୍ତି। ସଙ୍ଗଠନ ତରଫରୁ କୁହାଯାଇଛି ଯେ ଦୀର୍ଘ ୮ ମାସ ଧରି ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ଲଢେଇ କରି ଆସୁଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ପୁଲିସ, ରାଜ୍ୟ ସରକାର ତଥା ବାଲେଶ୍ୱରର ସାଂସଦ, ବିଧାୟକ ସମସ୍ତଙ୍କୁ ଜଣାଇବା ପରେ ନ୍ୟାୟ ପାଇବାରୁ ବଞ୍ଚିତ ହେବାରୁ ଗତ ୧୨ ଜୁଲାଇ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ଘଟଣାର ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ କରି ସମ୍ପୃକ୍ତ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦାବିରେ ଏଆଇଡିଏସ୍ଓ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଜାରିରହିଛି। ଗତକାଲି ରାତିରେ ପୀଡ଼ିତାଙ୍କ ମୃତ୍ୟୁ ପରେ ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ରାଜ୍ୟ ସରକାର ଆଶଙ୍କା କରି ଆଜି ରେଭେନ୍ସା ସମାବର୍ତ୍ତନ ସଭାଆଳରେ ଛାତ୍ରନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଛି। ପୀଡ଼ିତାଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ପରେ କୌଣସି ପଦକ୍ଷେପ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ଓ ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କର ନିରାପତ୍ତା ସୁନିଶ୍ଚିନ୍ତ କରିବା ଦାବି କରାଯାଇଛି।

## ବାଜିରାଉତ କଲେଜ ଆଗରେ ଛାତ୍ର କଂଗ୍ରେସର ପ୍ରତିବାଦ

ଭୁବନ, ୧୫।୭(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ପରେ ସାରା ରାଜ୍ୟରେ ତେଜୁଛି ଛାତ୍ର ଆନ୍ଦୋଳନ। ଭୁବନ ଛାତ୍ର କଂଗ୍ରେସ ନେତା ପଞ୍ଚାନନ ରାଉତଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, ସାଂସଦ ବାଲେଶ୍ୱରଙ୍କ ଇସ୍ତଫା ଦାବି କରିଥିଲେ। ମୁଖ୍ୟ ଅଭିଯୁକ୍ତ ପ୍ରାଧ୍ୟାପକ ସମୀର ସାହୁ ତାଙ୍କର ଚାକିରି ଜୀବନ ଭୁବନ ବାଜିରାଉତ କଲେଜରୁ ଆରମ୍ଭ ହୋଇଥିଲା। ତାଙ୍କର ଏଠାକାର ଚାକିରି କାଳରେ ମଧ୍ୟ ଅନୁରୂପ ଅଭିଯୋଗ ଥିଲା। ସମୀର ସାହୁଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଗୁଲସନ ସାହୁ, ଚିନ୍ମୟ ମହାରଣା, ବିଶ୍ୱରଞ୍ଜନ ଚିନରା, ଓମ୍‌ଜିତ ମହାନ୍ତି ନେତୃତ୍ୱ ନେଇଥିଲେ।

# ଏଫ୍ଏମ୍ ଛାତ୍ରୀଙ୍କ ମୃତ୍ୟୁକୁ ନେଇ ବିଜେଡିର ପ୍ରତିବାଦ

● ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




କାମାକ୍ଷାନଗର, ୧୫।୭(ସମିସ): ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ସାରା ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିବା ବେଳେ ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ପ୍ରତିବାଦ କରିଛି ବିଜେଡି। ଆଜି କାମାକ୍ଷାନଗର ମହାବିଦ୍ୟାଳୟ ସାମ୍ନାରେ ଏହାର ପ୍ରତିବାଦରେ ଶତାଧିକ ବିଜେଡି ନେତା ଓ କର୍ମୀ ଉପସ୍ଥିତ ରହି ସରକାରଙ୍କୁ ବିରୋଧ କରିଥିବା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ସୌମ୍ୟଶ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜେଡିର ପ୍ରତିବାଦକୁ ସମର୍ଥନ ଜଣାଇଛନ୍ତି କଲେଜ ଛାତ୍ରୀ। ବହୁ ସଂଖ୍ୟାରେ କଲେଜ ଛାତ୍ରୀ ପ୍ରତିବାଦରେ ସାମିଲ ରହି ଅଭିଯୁକ୍ତମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିବା ବେଳେ ରାଜ୍ୟରେ କ୍ରମାଗତ ଭାବେ ନାରୀ ନିର୍ଯାତନା, ଦୁଷ୍କର୍ମ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଗାଦି ଛାଡ଼ିବା ସହ ଇସ୍ତଫା ଦାବି କରିଛନ୍ତି ବିଜେଡି ନେତା, କର୍ମୀ ଓ କଲେଜ ଛାତ୍ରୀ। କାର୍ଯ୍ୟକ୍ରମରେ ବିଜେଡିର ବହୁ ନେତା ସାମିଲ ହୋଇଥିଲେ। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାମାକ୍ଷାନଗର ଏନ୍ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ସମସ୍ତ କାଉନସିଲର, ବହୁ ବରିଷ୍ଠ ବିଜେଡି ନେତା ଓ କର୍ମୀ ଯୋଗଦେଇଥିଲେ।

## ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

ପରଜଙ୍ଗ: ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଜୀବନ ଯୁଦ୍ଧରେ ହାରିଯାଇଥିବା ସୌମ୍ୟାଙ୍କ ପାଇଁ ଆଜି ସାରା ରାଜ୍ୟ ମର୍ମାହତ। ଏହି ଘଟଣା ପ୍ରତିବାଦରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଛାତ୍ର ବିଜେଡି କର୍ମୀମାନେ ରାଜରାସ୍ତାକୁ ଓହ୍ଲାଇ ରଣହୁଙ୍କାର ଦେଇଛନ୍ତି। ଛାତ୍ର ବିଜେଡି କର୍ମୀମାନେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ପରଜଙ୍ଗ ମହାବିଦ୍ୟାଳୟର ପ୍ରବେଶ ପଥ ମୁଖ୍ୟ ଫାଟକ ସମ୍ମୁଖରେ ଶୋଇ ବିଜେପି ସରକାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରି ନାରାବାଜି କରିଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଛାତ୍ର ବିଜେଡି ସଦସ୍ୟ ଅଜିତ କୁମାର ସାମଲ, ଜିତେନ୍ଦ୍ର ବେହେରା, କ୍ରିଶ ସାମଲଙ୍କ ନେତୃତ୍ୱରେ କର୍ମୀମାନେ କଲେଜ ପ୍ରବେଶ ପଥ ମୁଖ୍ୟଫାଟକ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ହାଏ ହାଏ, ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ତୁମେ ଇସ୍ତଫା ଦିଅ ଏବଂ ବିଜେପି ସରକାର ଡାଉନ ଡାଉନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରି ଉଭୟଙ୍କ ଫଟୋଚିତ୍ର ରଖି କୁଶପୁତ୍ତଳିକା ଦାହ କରିଥିଲେ।



## ଝାଡ଼ାବାନ୍ତିରେ ବୃଦ୍ଧା ମୃତ

ଗଁଦିଆ, ୧୫।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅଧୀନ ପିଙ୍ଗୁଆ ଗ୍ରାମରେ ଝାଡ଼ା ପ୍ରକୋପରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପିଙ୍ଗୁଆ ଗ୍ରାମର ଉପେନ୍ଦ୍ର ସାହୁଙ୍କ ସ୍ତ୍ରୀ ଜଡନୀ ସାହୁ(୭୭)। ଗତ ଶନିବାର ସେ ଝାଡାବାନ୍ତିରେ ଅକ୍ରାନ୍ତ ହେବାରୁ ତାଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରବିବାର ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅପରାହ୍ଣ ୩ଟାବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ତାଙ୍କ ପୁଅ ଅନ୍ତର୍ଯ୍ୟାମୀ ସାହୁ ପ୍ରକାଶ କରିଛନ୍ତି। ଉକ୍ତ ଗ୍ରାମର ୱାର୍ଡ ୧ରେ ଦୂଷିତ ପାଣି ପିଇବା ଫଳରେ ଏଠାରେ ଏହି ଝାଡ଼ାବାନ୍ତି ରୋଗ ବ୍ୟାପିଥିଲା। ଏଥିରେ ସମୁଦାୟ ୨୩ ଜଣ ଆକ୍ରାନ୍ତ ହୋଇ ଆକ୍ରାନ୍ତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ।

## ଆଇନଶୃଙ୍ଖଳାକୁ ନେଇ ଜିଲ୍ଲା ଓକିଲ ସଂଘ ପକ୍ଷରୁ ଏସ୍‌ପିଙ୍କ ସହ ଆଲୋଚନା

ଢେଙ୍କାନାଳ, ୧୫।୭(ସମିସ): ଢେଙ୍କାନାଳ ଜିଲ୍ଲା ଓକିଲ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାର ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତି ବିଷୟରେ ଆଲୋଚନା କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଆଲୋଚନା ସମୟରେ ଜିଲ୍ଲାର ବିଭିନ୍ନ ପ୍ରକାର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ମୁଖତଃ ଜିଲ୍ଲାରେ ବର୍ତ୍ତମାନର ଟ୍ରାଫିକ୍ ସମସ୍ୟା, ରାହାଜାନୀ, ଚୋରୀ, ଅଜ୍ଞାତ ଲୋକମାନଙ୍କର ଜିଲ୍ଲାରେ ବସବାସ, ଜିଲ୍ଲାରେ ବର୍ଦ୍ଧିତ ମଦ୍ୟପ ଓ ଡ୍ରଗ୍ସ ନିଶାସକ୍ତଙ୍କର ପାଦୁର୍ଭାବ, ଦାଦାବଟୀ, ସମୟେ ସମୟେ ପୁଲିସ୍‌ର ନିଷ୍କ୍ରିୟତା ଆଲୋଚନା କରାଯାଇଥିଲା। ଅଭିଯୋଗ ଶୁଣିଲା ପରେ ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର ସମସ୍ତ ବିଷୟରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲ୍ଲାକୁ ସମ୍ପୂର୍ଣ୍ଣ ଅପରାଧ ମୁକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପ୍ରତିନିଧି ଦଳରେ ଜିଲ୍ଲା ଓକିଲ ସଂଘର ଉପସଭାପତି ଟଙ୍କଧର ବେହେରା, ସମ୍ପାଦକ ତାପସ କୁମାର କବିଶତପଥି, ପୂର୍ବତନ ସଭାପତି ପଙ୍କଜ ଲୋଚନ ସାହୁ, ପ୍ରତାପ ନାରାୟଣ ତ୍ରିପାଠୀ, ଶିବସାଇ ମହାପାତ୍ର, ବରିଷ୍ଠ ସଭ୍ୟ ସୁଶ୍ରୀଭାସୀନ ମହାଖୁଡ, ନିର୍ମଳ ମିଶ୍ର, କିସାନ ବିଶ୍ୱାଳ, ପ୍ରକାଶ ରାଉତ, ଦୀପ୍ତିମୟ ପଟ୍ଟନାୟକ, ରାଜେନ୍ଦ୍ର ନାରାୟଣ ରାଉତ ଓ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ ସମୀକ୍ଷା

## ଶିକ୍ଷା ସହିତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ନିର୍ଦ୍ଦେଶ




ଢେଙ୍କାନାଳ, ୧୫।୭(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମଗ୍ର ଶିକ୍ଷା ଅଭିଯାନ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ପିଲାମାନଙ୍କୁ ଯୋଗାଇ ଦିଆଯାଉଥିବା ପୋଷାକ, ଜୋତା, ମୋଜା, ପୁସ୍ତକ ଆଦି ତୁରନ୍ତ ପିଲାଙ୍କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବିଭାଗୀୟ ଅଧିକାରୀ ମାନଙ୍କୁ ତାଗିଦ କରିଥିଲେ। ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଖେଳ ଉପକରଣ, ବିଜ୍ଞାନଗାର ଉପକରଣ ବ୍ୟବହାରକୁ ନିୟମିତ କରିବାକୁ କହିଥିଲେ। ବିଇଓମାନେ ନିୟମିତ ଭାବେ ବିଭିନ୍ନ ବିଦ୍ୟାଳୟ ଗସ୍ତକରି କାର୍ଯ୍ୟ ଖସଡା ଅନୁସାରେ ବିଦ୍ୟାଳୟରେ ନିୟମିତ ଶିକ୍ଷାଦାନ ଓ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ଫିଟ୍‌ଫାଟ୍ ରଖି ସେମାନଙ୍କର ସାମଗ୍ରୀକ ବିକାଶରେ ସମସ୍ତେ ଉଦ୍ୟମ କରନ୍ତୁ ବୋଲି କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷାର ପ୍ରକଳ୍ପ ନିର୍ଦ୍ଦେଶିକା ବିନିତା ସେନାପତି ବିଦ୍ୟାଳୟରେ ପିଲାମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା, ଆଦର୍ଶ ବିଦ୍ୟାଳୟ ମାନଙ୍କରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ୮ଟି ବିଦ୍ୟାଳୟରେ ସକ୍ଷମ କେନ୍ଦ୍ର ଓ ୫ଟି ବିଦ୍ୟାଳୟରେ ପ୍ରତିବନ୍ଧମୁକ୍ତ କେନ୍ଦ୍ର ଖୋଲାଯାଇ ପିଲାମାନଙ୍କୁ ଶିକ୍ଷା ସହିତ ଅନ୍ୟ ସମସ୍ତ ପ୍ରକାର ସହାୟତା ଯୋଗାଣ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଶିକ୍ଷାଦାନ, ଦିବ୍ୟାଙ୍ଗ ପିଲାମାନଙ୍କ ନିମନ୍ତେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ, ସେଥିପାଇଁ ବିଭିନ୍ନ ହେଉଥିବା ସ୍ତରରେ ଟ୍ରେନିଂ, ପ୍ରତ୍ୟେକ ବିଦ୍ୟାଳୟର ଇଣ୍ଟରନାଲ କମିଟି ଗଠନ ଆଦି ସମ୍ପର୍କରେ ସେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା।। ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଶିଶୁ ବାଟିକାର କାର୍ଯ୍ୟକାରିତା ସମ୍ପର୍କରେ ବର୍ଣ୍ଣନା କରି ପିଲାମାନଙ୍କୁ କିଭଳି ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଦାନ କରାଯାଉଛି ବୋଲି ଅବଗତ କରାଇଥିଲେ।

## ଅଭ୍ୟାସ ବିଦ୍ୟାଳୟ ଓ ଡାଏଟ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା

■ ୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭ୍ୟାସ ପାଠଦାନ ହେବ



ଢେଙ୍କାନାଳ, ୧୫।୭(ସମିସ): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅଧ୍ୟାୟନରତ ପ୍ରଥମ ବାର୍ଷିକ ଗୁରୁଛାତ୍ରଛାତ୍ରୀଙ୍କ ଅଭ୍ୟାସ ପଠାଦାନ ବା ଇର୍ଣ୍ଣନସିପ ଆସନ୍ତା ୧୭ ତାରିଖରୁ ସହର ମଧ୍ୟସ୍ଥ ୬ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଅଭ୍ୟାସ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଡାଏଟର ଶିକ୍ଷକ ପ୍ରଶିକ୍ଷକମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଲକ୍ଷ୍ମଣ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ନେହଲତା ରାଜ ଇର୍ଣ୍ଣନସିପର ଆଧାର ଓ ନୀତି ନିୟମ ଆଲୋଚନା କରିଥିଲେ। ବିଦ୍ୟାଳୟର ଶୈକ୍ଷିକକାର୍ଯ୍ୟ ବ୍ୟତୀତ ସହ ଶୈକ୍ଷିକ କାର୍ଯ୍ୟରେ ଗୁରୁଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଯେପରି ସୁନିଶ୍ଚିତ କରାଯିବ ସେଥିଲାଗି ପ୍ରଧାନ ଶିକ୍ଷକମାନେ ଯତ୍ନବାନ ହେବେ ବୋଲି ନିଷ୍ପତି ହୋଇଥିଲା। ଅଭ୍ୟାସ ପାଠଦାନ ସମୟ ଅବଧି ଭିତରେ ୫ଟି ବିଦ୍ୟାଳୟଭିତ୍ତିକ କାର୍ଯ୍ୟକୁ ସମ୍ପର୍ଣ୍ଣ ଜାରିବା ଦିଗରେ ବିଦ୍ୟାଳୟଗୁଡ଼ିକ ସହାୟତା ଯୋଗାଇ ଦେବାକୁ ସହମତ ହୋଇଥିଲେ। ସଭା ପ୍ରାରମ୍ଭରେ ପ୍ରାକସେବା ଶିକ୍ଷକ, ଶିକ୍ଷାବିଭାଗର ମୁଖ୍ୟ ତଥା ପ୍ରଶିକ୍ଷିକା ପ୍ରଭାତୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନ୍ୟତମ ପ୍ରଶିକ୍ଷିକା ସୌମ୍ୟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ବୈଠକରେ ସଦର ଅତିରିକ୍ତ ଗୋଷ୍ଠୀ ଶିକ୍ଷାକ୍ଷ ଅଧିକାରୀ ଦେବବ୍ରତ ନାଥ ଯୋଗଦେଇଥିବା ବେଳେ କଲେଜପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଞ୍ଜକାନ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୋଲିସ ଲାଇନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକ୍ତାଦେଇପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମସ୍ତ ଅଧାପିକା ଯୋଗଦେଇଥିଲେ।

## ବିଶ୍ୱଭୂଷଣ ପ୍ରଦେଶ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ



ଢେଙ୍କାନାଳ, ୧୫।୭(ସମିସ): ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ଏବଂ ଓଡ଼ିଶା ପ୍ରଭାରୀ ଚୁନୁସିଂଙ୍କ ପ୍ରସ୍ତାବ କ୍ରମେ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ବରୁଣ ଚୌଧୁରୀ ବିଶ୍ୱଭୂଷଣ ନାୟକଙ୍କୁ ପ୍ରଦେଶ ଛାତ୍ର କଂଗ୍ରେସର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେ ତାଙ୍କର ଦାୟିତ୍ୱ ନିଷ୍ଠାର ସହ ପାଳନ କରିବା ପାଇଁ ସଂକଳ୍ପବଦ୍ଧ ହେବା ସହ ଛାତ୍ର କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ପ୍ରକାଶ କରିଛନ୍ତି। ସେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଥିଲେ। ଜିଲ୍ଲାରେ ଛାତ୍ର ସଂଗଠନରେ କାର୍ଯ୍ୟ କରିଥିଲେ। ତାଙ୍କର ନବନିଯୁକ୍ତି ପାଇଁ ସେ ପିସିସି ସଭାପତି ଭକ୍ତଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ପ୍ରଭାରୀ ଚୁନୁସିଂ ଏବଂ ପ୍ରଦେଶ କଂଗ୍ରେସ ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ଓ ବରିଷ୍ଠ କଂଗ୍ରେସ ନେତା ବନମାଳି ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜନନାୟକ ରାହୁଲ ଗାନ୍ଧୀଙ୍କର ବିଚାର ଧାରା, ସଂଗ୍ରାମ ଏବଂ ଆଦର୍ଶକୁ ପାଥେୟ କରି ସେ ତାଙ୍କ କର୍ତ୍ତବ୍ୟ ପାଳନ କରିବେ।

## ରୋଗୀ ସେବାକୁ ନେଇ ହିନ୍ଦୋଳବାସୀଙ୍କୁ ଭଗବାନ ଭରସା

# ୨୮ ଡାକ୍ତର ସହ ୫୭ ପଦବୀ ଖାଲି; ନାହିଁ ଜରୁରୀକାଳୀନ ସେବା

ହିନ୍ଦୋଳ, ୧୫।୭(ସମିସ)




ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଅଭାବରୁ ଏଠାରେ ଚିକିତ୍ସା ସେବା ବ୍ୟାହତ ହେଉଥିବାର ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର କରାଯାଉଥିବାର ଡିଣ୍ଡିମ ପିଟାଯାଉଥିବା ବେଳେ ବାସ୍ତବରେ ଏଠାରେ ଆବଶ୍ୟକ

● ସମାଧାନ ନ ହେଲେ ଆନ୍ଦୋଳନ

ଡାକ୍ତର ଅଭାବ ଯୋଗୁଁ ଉପଖଣ୍ଡର ରୋଗୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ରହିଥିବା ୧୦ଶଯ୍ୟା ବିଶିଷ୍ଟ ଚକ୍ଷୁ ଚିକିତ୍ସାଳୟଟି ପ୍ରାୟ ୨ ବର୍ଷହେବ ସମ୍ପୂର୍ଣ୍ଣଭାବେ ବନ୍ଦ ହୋଇଯାଇଛି। ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନାରେ ବହୁସମସ୍ୟା ଦୀର୍ଘବର୍ଷ ଧରି ରହିଆସିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହେଉଛି। ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ବିଶେଷଜ୍ଞର ସ୍ତ୍ରୀ ଓ ପ୍ରସୂତି ବିଭାଗ ୨ ପଦବୀ, ସର୍ଜରୀ ୧, ଶିଶୁବିଭାଗ ୨, ମେଡିସିନ ୧, ଚକ୍ଷୁ ୧, ଅନାସ୍ଥେସିଆ ୧, ଓର୍ଥୋପେଡ଼ିକ ୧, ପାଥୋଲୋଜି ୧, ସିନିୟର କ୍ଲାସ ୧ ଏମଓ ୨ ପଦବୀ, ଜୁନିୟର କ୍ଲାସ ଏମଓ ୬, ଫାର୍ମାସିଷ୍ଟ ୬, ନର୍ସ ୨୮, ଏଲଟି ୪, ରେଡିଓଗ୍ରାଫର ୪, ଚକ୍ଷୁ ବିଭାଗ ସହାୟକ ୧, ଆଟେଣ୍ଡାଣ୍ଟ ୮, ଝାଡୁଦାର ୪, ସେକ୍ସନ ଅଫିସର ୧, ସିନିୟର ଆସିଷ୍ଟାଣ୍ଟ ୧, ଜୁନିୟର ଆସିଷ୍ଟାଣ୍ଟ ୧ ଓ ପିଅନ ୧ ପୋଷ୍ଟ ଓ ଏସଡିଏମଓଙ୍କ ସହ ୧୯ ଡାକ୍ତର ପଦବୀ ଏବଂ ଅନ୍ୟାନ୍ୟ ୫୮ ପଦବୀ ରହିଅଛି। ଏଥିସହ ସାଧାରଣ ରୋଗୀ ଶଯ୍ୟା ୬୦, ଚକ୍ଷୁ ବିଭାଗର ୧୦, ପିପିସିର ୬ଶଯ୍ୟା ରହିଅଛି। ମାତ୍ର ହିନ୍ଦୋଳ ଜନସାଧାରଣଙ୍କ ପାଇଁ ଦୁଃଖର ବିଷୟ ବର୍ତ୍ତମାନ ଏସଡିଏମଓଙ୍କୁ ମିଶାଇ କେବଳ ୪ ଜଣ ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର, ୩ଜଣ ଷ୍ଟାଫ ନର୍ସ, ଦୁଇଜଣ ଲାବ୍‌ରୋଟାରି ଟେକ୍ନିସିଆନ, ଜଣେ ରେଡିଓଗ୍ରାଫର, ୨ଜଣ ଏଲଟି କର୍ମଚାରୀ, ଜଣେ ଆଟେଣ୍ଡାଣ୍ଟ, ୨ ଫାର୍ମାସିଷ୍ଟଙ୍କୁ ନେଇ ଚାଲିଛି ୪ ଲକ୍ଷ ନିର୍ଭରଶୀଳ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା। ଏଥିସହ ଆବଶ୍ୟକ ଆମ୍ବୁଲାନ୍ସ ଡ୍ରାଇଭର ଅଭାବରୁ ଗୁରୁତର ରୋଗୀ ସେବାରୁ ବଞ୍ଚିତ ହୋଇଛନ୍ତି। ସମସ୍ତଙ୍କ ଆନ୍ତରିକତା ଅଭାବରୁ ନାହିଁନାହିଁରେ ଚାଲୁଥିବା ସେହିପରି ନେତୃତ୍ୱମାନେ ଗରିବଲୋକଙ୍କୁ ମୃତ୍ୟୁମୁଖକୁ ଠେଲିଦେଇ ବିଭିନ୍ନ ଆଳ ଦେଖାଇ ଏହି ମୁଖ୍ୟ ସମସ୍ୟାକୁ ବାରମ୍ବାର ଟାଳିଦେବା ଏକ ଚିରାଚରିତ ପ୍ରଥାରେ ପରିଣତ ହୋଇଯାଇଛି। ସ୍ୱାସ୍ଥ୍ୟ ସହ ସମସ୍ତ କ୍ଷେତ୍ରରେ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ଜନସାଧାରଣ ସବୁବେଳେ ପ୍ରତାରିତ ହେଉଥିବା ବେଳେ ଏବେ ରୋଗହେଲେ ଭଗବାନଙ୍କ ଉପରେ ଭରସା କରି ହାତଟେକି ଦେଇଛନ୍ତି। ତେବେ ହିନ୍ଦୋଳ ଉପଖଣ୍ଡ ଡାକ୍ତରଖାନା ସମେତ ଏହା ଅଧୀନରେ ଥିବା ସମସ୍ତ ୬/୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଅବସ୍ଥା ମଧ୍ୟ ସମାନ। ଡାକ୍ତର ପଦବୀସହ ଅନ୍ୟାନ୍ୟ ପଦବୀ ପୂରଣ ପାଇଁ ଦୃଷ୍ଟି ଦେବାସହ ଦାବିପୂରଣ ନହେଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ନିର୍ବାଚନ ମଣ୍ଡଳୀ ବୁଦ୍ଧିଜିବିଙ୍କ ସହ ଜନସାଧାରଣ ଚେତାବନୀ ଦେଇଛନ୍ତି।

## ଜୟପୁର ବନ୍ୟାଞ୍ଚଳ ପରିଦର୍ଶନ କଲେ ଜିଲ୍ଲାପାଳ



ଭୁବନ, ୧୫।୭(ସମିସ): ବ୍ରାହ୍ମଣୀରେ ବନ୍ୟାଜଳ ଆସିଲେ ଜୟପୁରବାସୀଙ୍କ ଚିନ୍ତା ବଢ଼େ। ଭୁବନ ଥାନା ଭୁଷଳ ପଞ୍ଚାୟତର ଜୟପୁର ଗ୍ରାମରେ ୧୫୦୦ରୁ ଅଧିକ ଲୋକ ବାସ କରନ୍ତି। ବାଘମାରି ସାହିର ଗୋହିରା ପୋଲ ନିକଟରୁ ଗ୍ରାମର ଶୈବପିଠ ପର୍ଯ୍ୟନ୍ତ ରାସ୍ତା ବନ୍ୟାଜଳରେ ବୁଡି ରହେ। ଯାହାକୁ ନେଇ ଗ୍ରାମବାସୀ ଯାତାୟାତ ପାଇଁ ସମସ୍ୟା ସୃଷ୍ଟି ହେଉଛି। ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ବନ୍ୟାଞ୍ଚଳ ପରିଦର୍ଶନ କରି ଗ୍ରାମବାସୀଙ୍କ ଅଭାବ ଅସୁବିଧା, ପନିପରିବା ଚାଷ ନଷ୍ଟ, ଗୋମହିଷାଦିଙ୍କ ଦୁରାବସ୍ଥା ସମ୍ପର୍କରେ ବୁଝିଥିଲେ। ଅଗ୍ନିଶମ ବାହିନୀକୁ ସଜାଗ ରହିବାକୁ କହିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକୁ ଉଚ୍ଚତା କରିବା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି।

### ସୌମ୍ୟାଶ୍ରୀ ମୃତ୍ୟୁକୁ ନେଇ ବିଭିନ୍ନ ସ୍ଥାନରେ ପ୍ରତିବାଦ

# ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ







ଛତ୍ରପୁର,୧୫ ।୭ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ଘଟଣା ପାଇଁ ସମଗ୍ର ବ୍ୟବସ୍ଥା ଦାୟୀ। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଛାତ୍ରୀ ଜଣକ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ସମ୍ପର୍କରେ ଜଣାଇଥିଲେ, କିନ୍ତୁ ନ୍ୟାୟ ପାଇଲେ ନାହିଁ, ଏଣୁ ଚରମ ନିଷ୍ପତ୍ତି ନେଲେ ଓ ଶେଷରେ ମୃତ୍ୟୁବରଣ କଲେ। ଏନେଇ ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ବିକାଶ ନାୟକଙ୍କ ନେତୃତ୍ୱରେ ଯୁବକ ମାନେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବା ସହିତ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ଏହା ସହ ଦୋଷୀଙ୍କ ବିରୁଦ୍ଧରେ କୋଠରୀରୁ କୋଠର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ମଧ୍ୟ ସେମାନେ ଦାବି କରିଥିଲେ। ଏହା ସହ ଓଡିଶାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ଅଶୋକ ପଟ୍ଟନାୟକ, ଇଜୁ ଆମିନ ଖାନ, ସଞ୍ଜୟ କୁମାର ମଣ୍ଡଳ, ଛାତ୍ର ଜିଲ୍ଲା ନେତା ମହେଶ କୁମାର ଗୌଡ଼, ନରେଶ ଘଡ଼େଇ, ଆଶିଷ ଦଳାଇ, ଜିତେନ୍ଦ୍ର ଘଡ଼ାଇ ଓ ଜଗନ୍ନାଥ ନାୟକଙ୍କ ସମେତ ବହୁ ଯୁବକ ମାନେ ଉପସ୍ଥିତ ଥିଲେ।

**ଶେରଗଡ଼:** ସେହିପରି ଛାତ୍ର କଂଗ୍ରେସ ପକ୍ଷରୁ ଶେରଗଡ ଉଦୟ ପ୍ରତାପ ଡିଗ୍ରୀ ମହାବିଦ୍ୟାଳୟରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ମହାବିଦ୍ୟାଳୟର ଛାତ୍ର ଶ୍ରୀତମ ଗୌଡଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ବିଭିନ୍ନ ପ୍ଲାକାର୍ଡ, ବ୍ୟାନର ନେଇ ରାଜରାସ୍ତାକୁ ଓହ୍ଲାଇଥିଲେ। ସେମାନଙ୍କର ଦାବି ହେଲା, ଯେ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ଏବଂ ଉକ୍ତ ଘଟଣାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ତୁରନ୍ତ ତାଙ୍କ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ନାରା ଦେଇଥିଲେ।

**ଧରାକୋଟ:** ସୌମ୍ୟଶ୍ରୀଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ ଓ ମୁଣ୍ଡମରେଇ ସୋମନାଥ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ କଲେଜର ମୁଖ୍ୟ ଫାଟକ ସାମ୍ନାରେ ପ୍ରତିବାଦ କରିବା ସହ ସରକାର ଦୋଷୀ ମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବି କରିଛନ୍ତି। ଛାତ୍ର କଂଗ୍ରେସ ଓ କଲେଜ ଛାତ୍ରଛାତ୍ରୀ ମାନେ ମୁଣ୍ଡମରେଇ କଲେଜ ଠାରୁ ମୁଣ୍ଡମରେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ପଦଯାତ୍ରା କରିଛନ୍ତି। ଛାତ୍ରଛାତ୍ରୀଙ୍କ ପକ୍ଷରୁ କରାଯାଇଥିବା ଏହି ପ୍ରତିବାଦ ଓ ଆନ୍ଦୋଳନକୁ ସ୍ଥାନୀୟ ସମିତି ସଭ୍ୟା ମାନିନୀ ପାତ୍ର ମଧ୍ୟ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ।

**ସାନଖେମୁଣ୍ଡି:** ସେହିପରି ସାନଖେମୁଣ୍ଡି ବ୍ଲକ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ସାନଖେମୁଣ୍ଡି କଂଗ୍ରେସ ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ପାଟପୁର ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଉଦ୍ଦେଶ୍ୟରେ କଲେଜ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଚରଣ ପାତ୍ର, ବ୍ଲକ କଂଗ୍ରେସ ସଭାପତି ବାବୁଲା ଦୋରା, ପାଟପୁର ସରପଞ୍ଚ ପ୍ରତିନିଧି ମୁକୁନ୍ଦ ଚନ୍ଦ୍ର ବରାଡ, ପୂର୍ବତନ ସରପଞ୍ଚ ନିରାକାର ପ୍ରଧାନ ସମେତ ବହୁ କର୍ମୀ ଓ ଛାତ୍ରଛାତ୍ରୀ ମାନେ ସାମିଲ ହୋଇଥିଲେ।







## ଦୁର୍ଘଟଣାରେ ୨ ଆହତ

ଛତ୍ରପୁର,୧୫ ।୭ (ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ପାଲିଆ ଛତ୍ରପୁର ଗ୍ରାମ ଛକ ନିକଟ ଜାତୀୟ ରାଜପଥରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କାରେ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ଆହତ ମାନେ ଅରୁଣ କୁମାର ବେହେରା ଓ ବଳଭଦ୍ର କଳସ। ଅରୁଣ ଏକ ବାଇକ୍ ଯୋଗେ ବ୍ରହ୍ମପୁରଠାରୁ କେଶପୁର ଅଭିମୁଖେ ଯାଉଥିବା ବେଳେ ବଳଭଦ୍ର ଏକ ମୋଟର ସାଇକେଲ ଯୋଗେ ବ୍ରହ୍ମପୁର ରାସ୍ତା ଅଭିମୁଖେ ଯାଉଥିଲେ। କୌଣସି କାରଣ ଯୋଗୁ ପାଲିଆ ଛତ୍ରପୁର ଗ୍ରାମ ଛକ ନିକଟରେ ଉଭୟଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଆହତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେମାନଙ୍କୁ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

## ବିନା ସୂଚନା ଫଳକରେ କଂକ୍ରିଟ ରାସ୍ତା ନିର୍ମାଣ ଅଭିଯୋଗ

ଆସିକା,୧୫ ।୭ (ସମିସ): ନୂଆ ସରକାର ଆସିବାର ତେର ମାସ ବିତି ଗଲା ତଥାପି ପ୍ରତ୍ୟେକ ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇଯାଇଛି। ସରକାରଙ୍କ ଯୋଜନା ବାଟବଣା ହୋଇଛି। ଯାହାର ଅଭିଯୋଗ ଆସିଛି ଆସିକା ବ୍ଲକର ହରିଡ଼ାପଦର ପଞ୍ଚାୟତର ମଣ୍ଟା ପଡା ଗାଁରୁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କାର ବ୍ରହ୍ମେଶ୍ୱର ମନ୍ଦିର ଠାରୁ ନୂଆସାହି ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରିବା ପାଇଁ ଯେଉଁ ଗାଇଡ଼ ଲାଇନ ରହିଛି। ସେହି ଗାଇଡ଼ ଲାଇନକୁ ଠିକାଦାର ବେଖାତିର କରି ତରବରିଆ ଭାବେ ରାସ୍ତା ନିର୍ମାଣ କାମ ସରି ଯାଇଛି। କେତେ ଟଙ୍କାର କାମ, କେତେ ମିଟର କାମ, ଠିକାଦାର ନାମ, ଏଭଳି ଅନେକ ଗାଇଡ଼ ଲାଇନ ରହିଥିବାବେଳେ ଏଠାରେ ତାର ଉଲ୍ଲଂଘନ କରାଯାଇଛି। ତେଣୁ ଏହାର ସଠିକ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡ୍ରୋନ ଆଧାରିତ ସର୍ବେକ୍ଷଣ କାର୍ଯ୍ୟକ୍ରମ

ଛତ୍ରପୁର,୧୫ ।୭ (ସମିସ): ଗୋପାଳପୁର ସାମରିକ ବାହିନୀ (ମିଲିଟାରୀ ଷ୍ଟେସନ୍) ଅଧିନରେ ଥିବା ସମସ୍ତ ମିଲିଟାରୀ ବ୍ୟବସ୍ଥା କେନ୍ଦ୍ରରୁ ଛତ୍ରପୁର ସୀତାରାମ ପଲ୍ଲୀ କ୍ୟାମ୍ପିଂ ଗ୍ରାଉଣ୍ଡ, ସୋରଡା କ୍ୟାମ୍ପିଂ ଗ୍ରାଉଣ୍ଡ, ପିପଲ ପଙ୍କା ଫାୟାରିଂ ରେଞ୍ଜ, ଆମ୍ବଗୁଡା ଫାୟାରିଂ ରେଞ୍ଜ, ବ୍ରହ୍ମପୁର ଷ୍ଟାଡିୟମ୍, କନିଷି ତହସିଲ ଅନ୍ତର୍ଗତ ନାରାୟଣପୁର ଇଭିଏଲ୍ ଏବଂ ଗୋପାଳପୁର ମିଲିଟାରୀ ଷ୍ଟେସନ ଠାରେ ଜୁଲାଇ ୧୪ ତାରିଖ ଠାରୁ ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଡ୍ରୋନ୍ ସର୍ବେକ୍ଷଣ କାର୍ଯ୍ୟ ଚାଲୁ ରହିବ। ଡ୍ରୋନ୍ ଗୁଡିକ ୧୨୦ ମିଟର ଉଚ୍ଚତାରେ ଉଡିବାର ସମ୍ଭାବନା ରହିଛି। ଏହା ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଥିବା ଜଣାପଡ଼ିଛି।

## ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପରଷିଲେ ଶିକ୍ଷାଧିକାରୀ



ବେଲଗୁଣ୍ଠା,୧୫ ।୭ (ସମିସ): ଆଜି ଗଞ୍ଜାମ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ଏବଂ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ରଥ ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଆସି ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଏବଂ ଶୈକ୍ଷିକ ବ୍ୟବସ୍ଥାର ତଦାରଖ କରିଛନ୍ତି। ସେହିପରି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରିଥିଲେ।

ଏହା ସହିତ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍ ଧନଞ୍ଜୟ ଏବଂ ବିଇଓ ଶ୍ରୀମତୀ ରଥ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ପରଷି ଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ଶିକ୍ଷକ ସୀମାଞ୍ଚଳ ଦାସ, ସୀମାଞ୍ଚଳ ଶତପଥି, ନିରଞ୍ଜନ ତ୍ରିପାଠୀ, ଅବନୀ କୁମାର ଷଡ଼ଙ୍ଗୀ, ଆଶୁତୋଷ ସ୍ୱାଇଁ, ଶିକ୍ଷୟିତ୍ରୀ ସୁଜାତା ପଣ୍ଡା, କର୍ମଚାରୀ ସୁକାନ୍ତ କୁମାର ବିଷୋୟୀ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଏବଂ ଶ୍ରୀନିବାସ ବିଷୋୟୀ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟ ଉଦଘାଟନ କଲେ ସାଂସଦ




ଧରାକୋଟ,୧୫ ।୭ (ସମିସ): ଧରାକୋଟ ବ୍ଲକର ଆଦିବାସୀ ଅଧ୍ୟୁଷିତ ସାବା ପଞ୍ଚାୟତର ପଟାସାଳ ଗ୍ରାମରେ ନୂତନ ଭାବରେ ଆରମ୍ଭ ହୋଇଥିବା ସାପ୍ତାହିକ ହାଟ ଆସିକା ସାଂସଦ ଅନିତା ଶୁଭଦର୍ଶନିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆସିକା ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁ, ଆସିକା ଜିଲ୍ଲା ସାଂଗଠନିକ ସମ୍ପାଦକ ଯଜ୍ଞ ନାରାୟଣ ଦାସ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ସାବା ସରପଞ୍ଚ ସୁଲେମାନ ମଣ୍ଡଳ, ସମିତି ସଭ୍ୟା ବି ବିଜୟଲକ୍ଷ୍ମୀ ପାତ୍ର, ଯୁବ ମୋର୍ଚ୍ଚା ଉପ ସଭାପତି ଚିନ୍ମୟ ରେ‡ୀ, ପୂର୍ବତନ ମଣ୍ଡଳ ସଭାପତି ଯୁ ପାପା ରାଓ, ଅଶୋକ ନାୟକ, କାହ୍ନୁଚରଣ ପ୍ରଧାନ, ଜିତେନ୍ଦ୍ର ବିଶୋଇ, ବବିନା ବେହେରା, ଗଗନ ବିହାରୀ ସ୍ୱାଇଁ, ବରିଷ୍ଠ ସଂଗଠକ କେଶବ ସ୍ୱାଇଁ, ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ହାଟ ସପ୍ତାହର ପ୍ରତି ମଙ୍ଗଳବାର ଦିନ ବସିବ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ଭଞ୍ଜନଗର,୧୫ ।୭ (ସମିସ): ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ଗୃହ ଠାରେ ଭଞ୍ଜନଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବୈଠକ ଉପସଭାପତି ପର୍ଶୁରାମ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ ସମ୍ପାଦକୀୟ ବିବରଣୀ ପାଠ କରିବାପରେ ସଦସ୍ୟ ଅମରବିଳାସ ବେହେରା ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କେନ୍ଦ୍ର ସରକାର ପେନସନ ଭୋଗୀଙ୍କ ପାଇଁ ନିୟମରେ ପରିବର୍ତ୍ତନ ଆଣି ଆର୍ଥିକ ଅସୁବିଧା କରିବା ଲକ୍ଷ୍ୟରେ ପାର୍ଲିଆମେଣ୍ଟରେ ଚିଠା ପ୍ରସ୍ତାବ ଆଗତ ଉପରେ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଥିସହ ଭଞ୍ଜନଗରକୁ ମ୍ୟୁନିସିପାଲିଟି ଘୋଷଣା, ଘୁମୁସର ଜିଲ୍ଲା ଗଠନ, ରେଳପଥ, ଉପରେ ଗୁରୁତ୍ୱ ଦେବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ଭଞ୍ଜନଗରର ବହୁବିଧ ଉର୍ନ୍ନତି ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସଂଘ ପାଇଁ ଏକ ସ୍ଥାୟୀଗୃହର ଆବଶ୍ୟକତା ଉପରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଅନିଲ ପଣ୍ଡା, ସନ୍ତୋଷ ଜେନା, ସୁବାସ ତାରିଣୀ, ଜଗବନ୍ଧୁ ଜେନାଙ୍କୁ ଦାୟିତ୍ୱ ଦିଆଗଲା। ନେତାଜୀ ବିଷୋୟୀ, ରାଜକୁମାର ସାହୁ ଓ ବୃନ୍ଦାବନ ନାୟକ ନୂତନଭାବେ ସଂଘରେ ଯୋଗଦେଇଥିଲେ। ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ପାଳିବନ୍ଧ ପଞ୍ଚାୟତରେ ବିଶ୍ୱ ଯୁବ କୌଶଳ ଦିବସ




ରମ୍ଭା/ଗଞ୍ଜାମ,୧୫ ।୭ (ସମିସ): କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ମେରା ଯୁବ ଭାରତ ପକ୍ଷରୁ ବିଶ୍ୱ ଯୁବ କୌଶଳ ଦିବସ ପାଳିତ ହୋଇଯାଇଛି।

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ପୋଡ଼ମପେଟା ଓଡ଼ିଆରପି କଲୋନୀ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଡ଼ି. ବିଷ୍ଣୁପ୍ରିୟା ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଯୁବ ସମାଜସେବୀ ସିଏଚ ପଦ୍ମିନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦକ୍ଷତା ବିକାଶ ସମ୍ପର୍କରେ ଅବଗତ କରିଥିଲେ। ଓଡିଶା ସମ୍ବାଦିକ ସଙ୍ଘ ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବ ସମାଜ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରି ଦକ୍ଷତା ବୃଦ୍ଧି ଘଟିଲେ ଦେଶ ବିକାଶଶୀଳ ରାଷ୍ଟ୍ରରେ ପରିଗଣିତ ହୋଇପାରିବ ବୋଲି କହିଥିଲେ। ୱାର୍ଡ ମେମ୍ବର ଏନ. ଲକ୍ଷ୍ମୀ, ପୂର୍ବତନ ୱାର୍ଡ ମେମ୍ବର ବି. ହାଡ଼ି ସମ୍ମାନିତ ଅତିଥିଭାବେ ମଞ୍ଚାସିନ ରହିଥିଲେ। ଭିୟୁଷ ଅନୁଷ୍ଠାନର କୋଡିନେଟର ଜେ. ଟିଟୁ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ।

## ଘୋଡ଼ାଦେଇ ପୀଠରେ ବିଜେପିର କର୍ମୀ ସମ୍ମିଳନୀ

ଧରାକୋଟ,୧୫ ।୭ (ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ ମା'ଘୋଡାଦେଇ ପୀଠରେ ବିଜେପିର ବୁଥସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆସିକା ଜିଲ୍ଲା ବିଜେପି ସଭାପତି ବିଜୟ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ସାଂସଦ ଅନିତା ଶୁଭଦର୍ଶିନି, ଆସିକା ଜିଲ୍ଲା ସଙ୍ଗଠନ ସମ୍ପାଦକ ଯଜ୍ଞ ନାରାୟଣ ଦାସ, ସାଂସଦ ପ୍ରତିନିଧି ଶରତ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ମଣ୍ଡଳ ସଭାପତି ଯୁ ପାପା ରାଓ, ଅଶୋକ ନାୟକ, କାହ୍ନୁଚରଣ ପ୍ରଧାନ, ଜିତେନ୍ଦ୍ର ବିଶୋଇ, ଯୁବ ମୋର୍ଚ୍ଚା ଉପ ସଭାପତି ଚିନ୍ମୟ ରେ‡ୀ, ବରିଷ୍ଠ ସଂଗଠକ ମୁନା ପ୍ରଧାନ, କେଶବ ସ୍ୱାଇଁ, ବବିନା ବେହେରା, ବୁଦ୍ଧିଆ ନାୟକ, ଗଗନ ବିହାରୀ ସ୍ୱାଇଁ, ଅଶୋକ ବରାଡଙ୍କ ସମେତ ପାଞ୍ଚଶହରୁ ଅଧିକ କର୍ମୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ସାଂସଦ ଚାଷୀ ମାନଙ୍କ ସହ ଆଲୋଚନା କରି ଜଳସେଚନ ବ୍ୟବସ୍ଥାର ଉନ୍ନତିକରଣ ପାଇଁ ପ୍ରୟାସ କରିବେ ବୋଲି ପ୍ରକାଶ କରିଥିଲେ। ଶେଷରେ ସାଂସଦ ଅନିତା ସୁବଦର୍ଶନି ଅଚାନକ ଧରାକୋଟ ଥାନା, ମେଡିକାଲ ଓ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ର ଗୃହ ଉଦ୍‌ଘାଟିତ



ସାନଖେମୁଣ୍ଡି,୧୫ ।୭ (ସମିସ): ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତରେ ଏକ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦଘାଟିତ ହୋଇଛି। ଏହାକୁ ସାନଖେମୁଣ୍ଡି ସିଡିପିଓ ଭବାନୀ ବେହେରା ଉଦଘାଟନ କରିଛନ୍ତି। କିଛି ଦିନ ପୂର୍ବେ ଉକ୍ତ କେନ୍ଦ୍ର ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କୁ ହସ୍ତାନ୍ତର ହୋଇଥିଲା। ସୋମବାର ସିଡିପିଓ ଶ୍ରୀମତୀ ବେହେରା ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସାନଖେମୁଣ୍ଡି ଶିଶୁ ବିକାଶ ପ୍ରକଳ୍ପ ସୁପରଭାଇଜର ମମତା ଦେବୀ, ଅଙ୍ଗନବାଡ଼ି କର୍ମୀ ବେଦମତି ରଥ, ସରୋଜିନି ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କ ହାକିମାତି; ସ୍ଥାଣୁ ପାଲଟିଲାଣି ସ୍କୁଲ ଶିକ୍ଷା ବ୍ୟବସ୍ଥା

### ହାତ ଟେକିଦେଲେ ଏବିଇଓ




ସୋରଡ଼ା,୧୫ ।୭ (ସମିସ): ସୋରଡ଼ା ବ୍ଲକ ବେରରୋସିଙ୍ଗି ପଞ୍ଚାୟତର ବୋରୋସିଙ୍ଗି ଠାରେ ୧୯୮୧ ମସିହାରୁ ସ୍ଥାପିତ ଶ୍ରୀଧର ଉଚ୍ଚ ବିଦ୍ୟାଳୟରେ ଏବେ ଶିକ୍ଷା ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ଉକ୍ତ ବିଦ୍ୟାଳୟ ଏହି ପଞ୍ଚାୟତ ଛଡ଼ା ଆଖପାଖ ଅଞ୍ଚଳର ତିନିଟି ପଞ୍ଚାୟତର ପ୍ରଥମ ଏବଂ ଏକ ମାତ୍ର ଉଚ୍ଚ ବିଦ୍ୟାଳୟ ଯାହାକି ଗଞ୍ଜାମ ଜିଲ୍ଲାରେ ନିଜର ନିଆରା ପରିଚୟ ସହିତ ପାଠପଢ଼ା ଓ ସଫଳତା ହାର ଭଲ ରହିଥିବା ରେକର୍ଡ ଜଣାପଡେ। ଏହାକୁ ଲକ୍ଷ କରି ୧୯୯୭ ମସିହାରେ ବିଦ୍ୟାଳୟକୁ ସରକାରୀ ସ୍ୱୀକୃତି ମିଳିଛି। ବର୍ତ୍ତମାନ ମଧ୍ୟ ଉଚ୍ଚ ମାଧ୍ୟମିକ ବା ଯୁକ୍ତ ଦୁଇ ସମ୍ମିଶ୍ରଣ ହୋଇଛି। କିନ୍ତୁ ଗତ କିଛିବର୍ଷ ହେବ ଏଠାରେ ନିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ମନମାନି ଓ ପରିଚାଳନାଗତ ତ୍ରୁଟି ହେତୁ ନାନା ସମସ୍ୟାରେ ବିଦ୍ୟାଳୟ ଗତି କରୁଛି। ଏଠାରେ ନିଯୁକ୍ତ ପ୍ରଧାନ ଶିକ୍ଷକ ନିହାର ରଞ୍ଜନ ବେହେରାଙ୍କ ସମୟରେ ଗତ ବର୍ଷ ମାନଙ୍କରେ ମାଟ୍ରିକ ବୋର୍ଡ ପରୀକ୍ଷା ଦେଉଛନ୍ତି ସତ କିନ୍ତୁ ଫଳାଫଳ ଶୂନ। ସରକାରଙ୍କ କୌଣସି ସୁବିଧା ମିଳୁନି, ଶିକ୍ଷା ଦାନ ଅବ୍ୟବସ୍ଥା ହେତୁ ପିଲାଙ୍କ ବିଦ୍ୟାଳୟ ସମ୍ମୁଖରେ ଧାରଣା, ବିଗତ ଦିନ ମାନଙ୍କରେ ବିଦ୍ୟାଳୟର ପାସ୍‌ହାର କମିବା ସହ ଶିକ୍ଷାଦାନ ଏବଂ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ଅନୁସାଙ୍ଗିକ ଗୃହକୁ ବନ୍ଦ କରି ରଖିବା ସରକାରଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଯାନ୍ତ୍ରିକ ଉପକରଣକୁ ବାରମ୍ବାର ବିଲ କରି ଅର୍ଥ ଲୁଟ କରିବା, ସପ୍ତାହରେ ଦିନେ ଦୁଇ ଦିନ ଉପସ୍ଥିତ ରହି ଉପସ୍ଥାନ ବଜାୟ ରଖିବା, ସରକାରଙ୍କ ତହବିଲରୁ ନିଜେ ଗୃହାଦି ପାଇଁ ଭତ୍ତା ନେଇ ବିଦ୍ୟାଳୟ ହତାକୁ ନିଜର କରି ରଖିବା, ଶିକ୍ଷକତା ପାଇଁ ଉଚ୍ଚ ଦରମା ପାଇ ମଧ୍ୟ ବିଦ୍ୟାଳୟର ଶ୍ରେଣୀ ଶିକ୍ଷାରେ ଭାଗ ନ ନେବା ଏବଂ ସହକର୍ମୀ, ବୁଦ୍ଧିଜୀବୀ ଓ ବଦାନ୍ୟ ବ୍ୟକ୍ତିମାନଙ୍କୁ ଦୁର୍ବ୍ୟବହାର ଅନେକଙ୍କ ବ୍ୟଥିତ କରିଛି। ଏନେଇ ଏବିଇଓଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ଆମ କଥା ଶୁଣୁନାହାନ୍ତି ତଥା ଏବିଇଓ କ୍ଷମତା ଯାହା ପ୍ରଧାନ ଶିକ୍ଷକଙ୍କ କ୍ଷମତା ମଧ୍ୟ ସେୟା। ତେଣୁ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି କହିଛନ୍ତି।

## ଦୂର୍ଗାଚରଣ ଡିଗ୍ରୀ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ଟାଙ୍ଗୀ,୧୫।୭(ସମିସ): ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ ହୋଇଥିବା ଜଣାପଡ଼ିଛି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣା ପରେ ଓଡ଼ିଶାର କୌଣସି ମହାବିଦ୍ୟାଳୟରେ ଏହି ଘଟଣାର ପୁନରାବୃତ୍ତି ନ ହେବାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ସ୍ୱୀକୃତି ତଥା ଅଣସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟରେ ଜରୁରୀକାଳୀନ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ଦୂର୍ଗାଚରଣ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ଶତପଥି ଏକ ପାଞ୍ଚଜଣିଆ କମିଟି ଗଠନ କରି ପତ୍ରାଙ୍କ ସଂଖ୍ୟା ୧୫୪ ତା. ୧୫.୭.୨୫ରେ ଆଞ୍ଚଳିକ ନିର୍ଦ୍ଦେଶକ ଶିକ୍ଷା ବିଭାଗଙ୍କ ଅବଗତି ନିମନ୍ତେ ଜରୁରୀ ବାର୍ତ୍ତାରେ ପଠାଯାଇଥିବା ଜଣାପଡ଼ିଛି। ଏହି ଆଇସିସି କମିଟିରେ କଲେଜର ଅଧ୍ୟକ୍ଷ ଶ୍ରୀ ଶତପଥି, ଇତିହାସ ଅଧ୍ୟାପକ ସଞ୍ଜୀବ କୁମାର ପରିଡ଼ା, ରାଜନୀତି ବିଭାଗ ଅଧ୍ୟାପିକା ଶର୍ମିଷ୍ଠା ଦାସ, ଶିକ୍ଷା ବିଭାଗ ଅଧ୍ୟାପିକା ରିଙ୍କିନା ପ୍ରଧାନ ଓ ବରିଷ୍ଠ ସାମ୍ବାଦିକ ମନୋଜ ପଟ୍ଟନାୟକଙ୍କ ଧର୍ମପତ୍ନୀ ସମାଜସେବୀ ସସ୍ମିତା ପଟ୍ଟନାୟକଙ୍କୁ ନେଇ ଗଠିତ ହୋଇଥିବା ଜଣାପଡ଼ିଛି।

## ମାଆଙ୍କ ନାମରେ ଗଛଟିଏ

ଟାଙ୍ଗୀ,୧୫।୭(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ 'ମାଆଙ୍କ ନାମରେ ଗଛଟିଏ' କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର ମାଆ ଶୈଳବାଳା ମହାପାତ୍ରଙ୍କ ନାମରେ ଚାରାଟିଏ ରୋପଣ କରି କହିଥିଲେ ମାଆ ବଞ୍ଚିରହିବା ପାଇଁ ଆମେ ଯେମିତି ତାଙ୍କର ଯତ୍ନ ନେଉଛେ ସେହିପରି ଗଛର ଯତ୍ନ ନେଇ ବଞ୍ଚାଇବାକୁ ହେବ। ଏ ହେଉଛି ଆଜିର ସଂକଳ୍ପ। ଏହି ଅବସରରେ ଏକ ଜନସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ଅଁଳା, ପିଜୁଳି, ଆତ, ଲେମ୍ବୁ, ଡାଳିମ୍ବ ଆଦି ଚାରାରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ, ମନୋରମା ସାହୁ, ରୁପାଲୀ ପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶ୍ରୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସୋମବାର ୩୦୦ରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯିବ। ଏଥିରେ ଅଭିଭାବକ, ଜନପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ପରିଚାଳନା କମିଟି ସଦସ୍ୟ, ବନ କର୍ମଚାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହେବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

### ସଚେତନତା ଅଭାବରୁ ବଢ଼ୁଛି ସାପ କାମୁଡ଼ା ମୃତ୍ୟୁ

# ୫ ବର୍ଷରେ ଗଲାଣି ୧୦୫ ଜଣଙ୍କ ଜୀବନ

ଖୋର୍ଦ୍ଧା,୧୫।୭(ସମିସ)

ବେଳକୁ ବେଳ ସାପ କାମୁଡ଼ାଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିପାଇଁ ସରକାର ସଚେତନ କରିବା ସହ ବିଭିନ୍ନ ପଦକ୍ଷେପ ନେଉଥିବା ନେଇ ଡିଣ୍ଡିମ ପିଟୁଥିଲେ ସୁଦ୍ଧା ଏହି ଘଟଣାରେ ବ୍ରେକ୍ ଲାଗୁ ନାହିଁ। ସଚେତନତା ଅଭାବରୁ ବର୍ଷା ଦିନରେ ଏହି ସଂଖ୍ୟା ଅହେତୁକ ବୃଦ୍ଧି ପାଉଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ଅଭାବରୁ ଲୋକଙ୍କ ଜୀବନ ଯାଉଥିବା କୁହାଯାଉଛି। ବିଷାକ୍ତ ସାପ କାମୁଡ଼ିଲେ ଲୋକେ ପ୍ରଥମେ ନିଜେ ଉପଚାର କରିବା ଓ ତା' ସାଙ୍ଗକୁ ଝଡ଼ାଫୁଙ୍କା କରୁଥିବା ଦେଖିବାକୁ ମିଳୁଛି। ଏହାସହ ବିଳମ୍ବରେ ସାପ କାମୁଡ଼ାର ଶିକାର ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବାରୁ ମୃତ୍ୟୁ ଘଟୁଛି। ସାପ କାମୁଡ଼ିବା ପରେ କାଳବିଳମ୍ବ ନ କରି ଗୋଲ୍‌ଡେନ ଆୱାର ଭିତରେ ତୁରନ୍ତ ଚିକିତ୍ସା କରାଯାଇପାରିଲେ ଜୀବନ ବଞ୍ଚିଯାଇ ପାରନ୍ତା। ଜିଲ୍ଲାରେ ବିଷାକ୍ତ ସାପ କାମୁଡ଼ାରେ ୫ବର୍ଷରେ ୧୦୫ ଜଣଙ୍କର ମୃତ୍ୟୁ ହେଲାଣି। ତନ୍ମଧ୍ୟରେ ଚଳିତ ବର୍ଷ ଆଜି ସୁଦ୍ଧା ୨ ଜଣଙ୍କର ମୃତ୍ୟୁ ହୋଇଛି।

ସୂଚନା ଅନୁସାରେ, ବର୍ଷା ଦିନେ ଅଧିକ ସଂଖ୍ୟାରେ ସାପ ଦେଖାଦିଅନ୍ତି। ବାଡ଼ିବଗିଚା ଓ



**ବର୍ଷା ସମୟରେ ସ୍ଥିତି ସଙ୍ଗିନ**

**ଆଜି ବିଶ୍ୱ ସର୍ପ ଦିବସ**

ଗାତରେ ବର୍ଷାଜଳ ପଶି ଆବାସ ନଷ୍ଟ ହେବା ଦ୍ୱାରା ବାହାରକୁ ଆସନ୍ତି ଏବଂ ଘରେ ପଶିଥା'ନ୍ତି। ଏହାଛଡ଼ା ବନ୍ୟା ଓ ବାତ୍ୟା ସମୟରେ ଅଧିକ ସଂଖ୍ୟାରେ ସାପ ବାହାରିଥା'ନ୍ତି। ଯେଉଁଠି ମଣିଷ ସାଧାରଣତଃ ତାଙ୍କ ସଂସ୍ପର୍ଶରେ ଆସିଥାଏ। ସେହିପରି ଏହି ସମୟ ସାପଙ୍କ ମିଳନ ସମୟ ହୋଇଥିବାରୁ ସାପଙ୍କ ଗତିବିଧି ବଢ଼ିଥାଏ ବୋଲି କୁହାଯାଉଛି। ଖାଦ୍ୟ ଓ ଆବାସ ପାଇଁ ସାପ ଜନବସତିମୁହାଁ ହେଉଥିବାବେଳେ ଉକ୍ତ ସମୟରେ ଆଘାତ ପାଇବା ପରେ ସାପ କାମୁଡ଼ିଥାଆନ୍ତି। ସେହିପରି ଅଧିକାଂଶ କ୍ଷେତ୍ରରେ ଶୋଇଥିବା ସମୟରେ ସାପ କାମୁଡୁଥିବା ଘଟଣା ନଜରକୁ ଆସୁଛି।

ରାଜ୍ୟରେ ପ୍ରାୟ ୮୦ ପ୍ରଜାତିର ସାପ ଦେଖାଦେଇଥା'ନ୍ତି। ସେଥିମଧ୍ୟରୁ ପ୍ରାୟ ୮ରୁ ୧୦ ପ୍ରକାର ବିଷଧର ରହିଥା'ନ୍ତି। ଯେଉଁଥିରେ ନାଗ, ଚିତି, ରଣା, ଧୂଳିଆ ବୋଡ଼ା, ଚନ୍ଦନ ବୋଡ଼ା ପ୍ରଭୃତି ସାପ ରହିଛନ୍ତି। ଏହି ସାପ କାମୁଡ଼ିବା ଦ୍ୱାରା ମୃତ୍ୟୁ ଘଟିବାର ବହୁ ସମ୍ଭାବନା ଥାଏ। ତଥ୍ୟ ଅନୁସାରେ ୨୦୨୧ରେ ଏହା ୨୮ ଥିଲା। ସେହିପରି ୨୦୨୨ରେ ଏହି ମୃତ୍ୟୁ ସଂଖ୍ୟା ୩୨, ୨୦୨୩ରେ ୨୨ ଏବଂ ୨୦୨୪ରେ ୧୫ ଜଣଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଏହି ସଂଖ୍ୟା ୨ରେ ପହଞ୍ଚି ସାରିଥିବା ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ମାସ ସୁଦ୍ଧା ୫୬ ଜଣ ସାପ କାମୁଡ଼ାରେ ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସା ହୋଇଥିବା ଜଣାପଡ଼ିଛି। କିନ୍ତୁ ବାସ୍ତବରେ ସାପ କାମୁଡ଼ା ମୃତ୍ୟୁ ସଂଖ୍ୟା ଢେର୍ ଅଧିକ ହେବା କୁହାଯାଉଛି। ଯାହା ଅତ୍ୟନ୍ତ ଚିନ୍ତାଜନକ ଅଟେ। ସାପ କାମୁଡ଼ିବା ପରେ ତୁରନ୍ତ ସେହି ସ୍ଥାନକୁ ସଫା କରି ଶୀଘ୍ର ଡାକ୍ତରଖାନା ନେବା ଆବଶ୍ୟକ। ଡାକ୍ତରଖାନାରେ ମଧ୍ୟ ବିଷଧର ସାପ କି ନାହିଁ ଏହାର ଚିହ୍ନଟ ପ୍ରକ୍ରିୟା ପାଇଁ ପ୍ରାୟ ୨୦ ମିନିଟ୍ ଲାଗିଥାଏ। ତେଣୁ ଅବହେଳା ନ କରି ତୁରନ୍ତ ଡାକ୍ତରଖାନା ଯିବା ଆବଶ୍ୟକ। ସରକାରଙ୍କ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା ମାଗଣା କରାଯାଇଥିବାବେଳେ ପରୀକ୍ଷାରୁ ନେଇ ଆଣ୍ଟିଭେନମ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି।

ଅନ୍ୟପକ୍ଷରେ ଖୋର୍ଦ୍ଧା ସହର ଓ ଉପକଣ୍ଠରେ ଥିବା ଅନେକ ଡାକ୍ତରଖାନାରେ ଆଇସିୟୁ ଅଭାବ ଥିବାରୁ ଡିଏଚ୍‌ଏଚ୍‌କୁ ଆସୁଥିବା ସାପ କାମୁଡ଼ା ରୋଗୀଙ୍କୁ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରୁଛନ୍ତି। ଏହି ସମୟରେ ରାସ୍ତାରେ କିଛି ରୋଗୀଙ୍କ ମୃତ୍ୟୁ ହେଉଛି। ମେଡିକାଲରେ ଆଇସିୟୁ ବ୍ୟବସ୍ଥା କରାଯାଇ ଗୋଲ୍‌ଡେନ ଆୱାର ଭିତରେ ଚିକିତ୍ସା କରାଗଲେ ସାପ କାମୁଡ଼ା ରୋଗୀ ଉପକୃତ ହୋଇପାରନ୍ତେ। ସ୍ନେକ୍ ହେଲ୍‌ପଲାଇନ୍ ସଦସ୍ୟଙ୍କ କହିବା ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ମୁଖ୍ୟତଃ ନାଗ, ତମ୍ପ, ଚିତି, ରଣା, ଚନ୍ଦନବୋଡ଼ା, ଡାଳୁଆ ବୋଡ଼ା ପ୍ରଭୃତି ବିଷାକ୍ତ ସାପ ଦେଖାଯାଉଛନ୍ତି। ଜିଲ୍ଲାରେ ଅହିରାଜ ସାପ ମଧ୍ୟ ରହିଛନ୍ତି। ମାତ୍ର ଆଜି ପର୍ଯ୍ୟନ୍ତ କାହାକୁ କାମୁଡ଼ିଥିବା ନଜରକୁ ଆସିନି। ଜିଲ୍ଲାରେ ଏଯାବତ୍ ଧୂଳିଆ ବୋଡ଼ା ଭଳି ବିଷାକ୍ତ ସାପ ମଧ୍ୟ ଠାବ ହୋଇନାହିଁ। ସାପ କାମୁଡ଼ିବା ପରେ ପ୍ରଥମ ଘଣ୍ଟା (ସୁବର୍ଣ୍ଣ ଘଣ୍ଟା) ଅତି ଗୁରୁତ୍ୱପୂର୍ଣ୍ଣ। ଉକ୍ତ ସମୟ ମଧ୍ୟରେ ଚିକିତ୍ସା କରାଇବା ଜରୁରୀ। ଗୁଣିଗାରେଡ଼ିରେ ସମୟ ନଷ୍ଟ ନ କରି ଚିକିତ୍ସା କଲେ ଜୀବନ ବଞ୍ଚିବାର ସମ୍ଭାବନା ବଢ଼ିବ।

## ସୌମ୍ୟାଶ୍ରୀ ମୃତ୍ୟୁ ଘଟଣା; ଏଆଇଡିଏସ୍‌ଓ ପକ୍ଷରୁ ବିକ୍ଷୋଭ




ଖୋର୍ଦ୍ଧା,୧୫।୭(ସମିସ): ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୋ÷ମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପାଇଁ ଦାୟୀ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା କରିବା ପାଇଁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଲୋକାଲ କମିଟି ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ଅବିନାଶ ପ୍ରଧାନ, ଜୟନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ଜେନା, ଶ୍ରୀଦେବୀ ନାୟକ ପ୍ରମୁଖ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୋଷୀମାନଙ୍କୁ ଫାଶୀଦଣ୍ଡ, ସୌମ୍ୟାଶ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଓ ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରିଛି ସଂଗଠନ। ଏହି ବିକ୍ଷୋଭରେ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ସମସ୍ତ ସ୍କୁଲ, କଲେଜ ଓ ବ୍ୟବସାୟୀ ପ୍ରତିଷ୍ଠାନ ବନ୍ଦ ରଖିବା ପାଇଁ ଆହ୍ୱାନ ଦେଇଥିଲେ।

## ବିଜୁ ଜନତା ଦଳ ପକ୍ଷରୁ ମହମବତି ଶୋଭାଯାତ୍ରା




ବେଗୁନିଆ,୧୫।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ ବେଗୁନିଆ ବିଜୁ ଜନତା ଦଳ ପକ୍ଷରୁ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ କର୍ମୀମାନେ ଏକତ୍ରିତ ହୋଇ ବେଗୁନିଆ ସଦର ମହକୁମାର ବଜାର ଉପରେ ସୌମ୍ୟଶ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ● ମହିଳା ମାଛ ବେପାରୀଙ୍କୁ ମାଡ଼ ଓ ଅସଦାଚରଣ ଘଟଣା

## ଏସ୍‌ପିଙ୍କୁ ଭେଟି ନ୍ୟାୟଭିକ୍ଷା କଲା ମତ୍ସ୍ୟଜୀବୀ ସଂଘ

ବାଲୁଗାଁ,୧୫।୭(ସମିସ): ବାଲୁଗାଁ ଚିଲିକାକୂଳ ମାଛ ବଜାରରେ ଜନୈକ ମହିଳା ମାଛ ବେପାରୀ କୁମାରୀ ବେହେରାଙ୍କୁ ପୂର୍ବ ବକେୟା ଅର୍ଥ ମାଗି ମାଛ ଗୋଦାମ ମାଲିକ ମାଡ଼ ମାରିବା ସହ ଅସଦାଚରଣ କରିବା ଘଟଣାକୁ ମତ୍ସ୍ୟଜୀବୀ



ସଂଘ ନିନ୍ଦା କରିଛି। ଏହା ସହ ଉକ୍ତ ଘଟଣାରେ ପୁଲିସ ନ୍ୟାୟ ଦେବାରେ ବିଳମ୍ବ କରୁଥିବାରୁ ଏହାକୁ ପ୍ରତିବାଦ ସ୍ୱରୂପ ନ୍ୟାୟ ପାଇବା ପାଇଁ ମଙ୍ଗଳବାର ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଛି ସଂଘ।

ସୂଚନା ଯେ, ଗତ ଜୁନ୍ ୩୦ ତାରିଖରେ ରମ୍ଭା ଅଞ୍ଚଳର ବିଧବା ମତ୍ସ୍ୟଜୀବୀ କୁମାରୀ ବେହେରାଙ୍କୁ ବାଲୁଗାଁ ଚିଲିକାକୂଳ ଜେଟିସ୍ଥିତ ମାଛ ବଜାରରେ ବକେୟା ଅର୍ଥ ମାଗି ମାଛ ଗୋଦାମ ମାଲିକ ସିନ୍ଧୁ ସେଠୀ ଓ ତାଙ୍କ ଭାଇ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରି ମାଡ଼ ମାରିବା ସହ ଅସଦାଚରଣ କରିଥିଲେ। ଏନେଇ କୁମାରୀ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ବାଲୁଗାଁ ଥାନା କେସ୍ ନଂ୧୭୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହାର ପ୍ରତିବାଦ କରି ନ୍ୟାୟ ପାଇଁ ମତ୍ସ୍ୟଜୀବୀ ସଂଘ ସହ କୁମାରୀ ମଙ୍ଗଳବାର ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥଙ୍କୁ ସାକ୍ଷାତ୍ କରିବାକୁ ଯାଇଥିବାବେଳେ ତାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ ଡିଏସ୍‌ପି ଜ୍ୟୋତ୍ସ୍ନା କଅଁରଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହା ପୂର୍ବରୁ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗପତ୍ର ମଧ୍ୟ ପ୍ରଦାନ କରିଥିଲେ। ତେବେ ଯଥାଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ସଂଘ ପକ୍ଷରୁ ଆଗାମୀ ଦିନରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପ୍ରଦାନ କରିବା ସହ ଥାନା ଘେରାଉ କରିବେ ବୋଲି ସଂଘ ନେତା ଭୀମସେନ ବେହେରା ପ୍ରକାଶ କରିଛନ୍ତି।

## ଗଳ୍ପ ସଂକଳନ 'ମତେ ନାୟିକା କରିନିଅ' ଲୋକାର୍ପିତ



ଖୋର୍ଦ୍ଧା,୧୫।୭(ସମିସ): ଗପର କିଛି ଭାଗମାପ ନ ଥାଏ। ଅବଧୂତଙ୍କ ୨୪ ଗୁରୁ ଭଳି ସାଧାରଣ କଥାରୁ ବି ଗପର ପ୍ଲଟ୍ ମିଳିଥାଏ। ଏଥିରେ ଦୃଷ୍ଟିକୋଣ ହେଉଛି ଗୁରୁତ୍ୱପୂର୍ଣ୍ଣ। ପୁଣି ବର୍ତ୍ତମାନର ପାଠକ ବା ନୂଆପିଢ଼ିଙ୍କୁ ଆକର୍ଷିତ କରିବା ପାଇଁ ସେହିଭଳି ଉପାଦାନ ଦେବାକୁ ପଡ଼ିବ। ଜଣାଶୁଣା ଗାଳ୍ପିକ ତଥା ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହଙ୍କ ଗଳ୍ପ ସଂକଳନ 'ମତେ ନାୟିକା କରିନିଅ'ର ଲୋକାର୍ପଣ ଉତ୍ସବରେ ଅତିଥିଭାବେ ଯୋଗଦେଇ ଏହିଭଳି ମତବ୍ୟକ୍ତ କରିଛନ୍ତି।

ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଶ୍ୟାମ ମାଧବ-ବାସନ୍ତୀ ଦେବୀ ପାଠାଗାର ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ଅନୁବାଦକ ସୁଭାଷ ଶତପଥୀ ଯୋଗଦେଇ ଭଲ ବହି ଜନ୍ମ ହେଲେ ଅମର ହେଇଯାଏ। ସମରେନ୍ଦ୍ର ବଳିଆରସିଂହଙ୍କ ଗଳ୍ପ ସଂକଳନରେ ସେହିଭଳି ଉପାଦାନ ରହିଛି। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ତଥା ସାମ୍ବାଦିକ ଏ.ଆର୍.ଦୀପଙ୍କର ଦାସ ନିଜ ବକ୍ତବ୍ୟରେ ଗପର ବିଭିନ୍ନ ପରୀକ୍ଷା ନିରୀକ୍ଷା ସମ୍ବନ୍ଧରେ ବିଶ୍ଳେଷଣ କରିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀ ଜୀବନକୁ ନିରେଖି ଦେଖି ତାହାର ମନସ୍ତାତ୍ତ୍ୱିକ ବିଶ୍ଳେଷଣ କରିବାରେ ଗାଳ୍ପିକ ସିଦ୍ଧହସ୍ତ ବୋଲି କହିଥିଲେ। ୨୦୧୯ରେ ସମରେନ୍ଦ୍ରଙ୍କ ପ୍ରଥମ ଗଳ୍ପ ସଂକଳନ 'ମନେଅଛି ତ' ପ୍ରକାଶ ପାଇଥିଲାବେଳେ ଏହା ଦ୍ୱିତୀୟ ଗଳ୍ପ ସଂକଳନ। ବିଶିଷ୍ଟ ଗାଳ୍ପିକ ଅଧ୍ୟାପକ କୈଳାସ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବହିର ବିସ୍ତୃତ ସମୀକ୍ଷା କରିଥିଲେ ଖୋର୍ଦ୍ଧା ମହିଳା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡ. ସସ୍ମିତା ପଟ୍ଟନାୟକ। କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଗାଳ୍ପିକ ତପନ ମହାପାତ୍ର, ସାହିତ୍ୟିକ ଗୋପାଳକୃଷ୍ଣ ଦାସ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଉମାଶଙ୍କର ପ୍ରସାଦ, ସମାଜସେବୀ କୃଷ୍ଣଚନ୍ଦ୍ର ହରିଚନ୍ଦନ, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଗୋପାଳ ଚନ୍ଦ୍ର ସାମନ୍ତରାୟ, ସାମ୍ବାଦିକ ଲୋହିତ ମହାପାତ୍ର, ଅନୁବାଦକ ଆଶିଷ କୁମାର ରାୟ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଫ୍ଲାଇଟ୍ ଲେଫ୍ଟନାଣ୍ଟ ବିଦ୍ୟାଧର ଲେଙ୍କା, ଜ୍ୟୋତିରଞ୍ଜନ ସାହୁ, ଧର୍ମେନ୍ଦ୍ର ସାମନ୍ତରାୟ, ସମ୍ଭବ ବଳିଆରସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ, ମିଳୁନି ପାଠ୍ୟପୁସ୍ତକ

କଣାସ,୧୫।୭(ସମିସ): ରାଜ୍ୟ ସରକାର ଶିକ୍ଷାର ମାନ ବୃଦ୍ଧି ପାଇଁ ପ୍ରତ୍ୟେକ ବ୍ଲକ୍‌ରେ ଆଦର୍ଶ ବିଦ୍ୟାଳୟମାନ ଖୋଲିଥିବାବେଳେ ପୁରୀ ଜିଲ୍ଲା କଣାସ ବ୍ଲକ୍‌ର ଯାମଳଗୋଦାଠାରେ ଖୋଲାଯାଇଛି ଏକ ଆଦର୍ଶ ବିଦ୍ୟାଳୟ। ସେହି ବିଦ୍ୟାଳୟରେ ଅନେକ ଶିକ୍ଷକ ନ ଥିବାବେଳେ ପାଠ୍ୟ ପୁସ୍ତକ ଛାତ୍ରଛାତ୍ରୀଙ୍କୁ ମିଳି ନ ଥିବା ଜଣାପଡ଼ିଛି। ଏଠାରେ ପାନୀୟଜଳ ମୁଖ୍ୟ ସମସ୍ୟା ସୃଷ୍ଟି କରିଛି।



**ପାନୀୟଜଳ ପାଲଟିଛି ମୁଖ୍ୟ ସମସ୍ୟା**

ପ୍ରକାଶ ଯେ, ଯାମଳଗୋଦାଠାରେ ଖୋଲାଯାଇଥିବା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ୮୦ ଜଣ ଅଧ୍ୟୟନ କରୁଥିବାବେଳେ ସପ୍ତମ ଶ୍ରେଣୀରେ ୮୦, ଅଷ୍ଟମରେ ୮୦, ନବମରେ ୮୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ, ଇଂରାଜୀ, ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକ ପଦ ଖାଲି ପଡ଼ିଥିବାବେଳେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ସଂସ୍କୃତ, ହିନ୍ଦୀ ପାଠ୍ୟ ପୁସ୍ତକ ଆଜି ପର୍ଯ୍ୟନ୍ତ ମିଳି ନ ଥିବାରୁ ଛାତ୍ରଛାତ୍ରୀ ଉକ୍ତ ପୁସ୍ତକର ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ବିଦ୍ୟାଳୟ ପରିସରରେ ଏକ ନଳକୂଅ ନିର୍ମାଣ କରାଯାଇଥିବା ବେଳେ ସେଥିରୁ ଅତ୍ୟଧିକ ଲୁଣିପାଣି ବାହାରୁଥିବାରୁ ପାନୀୟ ଉପଯୋଗୀ ହୋଇପାରୁ ନ ଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ ଭାରପ୍ରାପ୍ତ ଅଧ୍ୟକ୍ଷ ସରୋଜ ନାୟକ ୩ଶହ ଟଙ୍କା ଦେଇ ୧୦ ବ୍ୟାରିଏଲ(୨୦ଲିଟିରିଆ) ପାନୀୟଜଳ କିଣି ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରୁଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀ ନାୟକ ବାରମ୍ବାର ପାନୀୟଜଳ ପାଇଁ ଗ୍ରାମ୍ୟ ଜଳଯୋଗାଣ ଅଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ପ୍ରତିକାର ହୋଇପାରି ନାହିଁ। ଚଳିତ ଶିକ୍ଷାବର୍ଷ ୧୦୦ ଦିନରୁ ଊର୍ଦ୍ଧ୍ୱ ଗତ ହୋଇଯାଇଥିଲେ ମଧ୍ୟ ଛାତ୍ରଛାତ୍ରୀ ପାଠ୍ୟପୁସ୍ତକ ପାଇବାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଓ ପାନୀୟଜଳ ଯୋଗାଣ କରିବା ପାଇଁ ଛାତ୍ର ଅଭିଭାବକ ଦାବି କରିଛନ୍ତି।

### ଅବକାରୀ ବିଭାଗ ଓ ପୁଲିସର ମିଳିତ ଚଢ଼ଉ; ୫ ହଜାର ଲିଟର ପୋଚ ନଷ୍ଟ

# ବିପୁଳ ମହୁଲି ସହ ଜିଞ୍ଜର ସ୍ପିରିଟ୍ ଜବତ, ଜଣେ ଗିରଫ

ବାଲୁଗାଁ,୧୫।୭(ସମିସ)

ସମଗ୍ର ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ମଙ୍ଗଳବାର ପୂର୍ବାହ୍ଣରେ ବାଣପୁର ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ମାଳ ଅଞ୍ଚଳର କାନ୍ଦୁଲ ସାହିରେ ବେଆଇନ ଭାବେ ମଦ ପ୍ରସ୍ତୁତ କରି ଉଭୟ ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାକୁ ଚୋରା ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲେ ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧୀକ୍ଷକ ସୁମତି ତ୍ରିପାଠୀ। ତାଙ୍କ ନିର୍ଦ୍ଦେଶ କ୍ରମେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ୍ ଓ ବାଣପୁର ପୁଲିସ ମିଳିତ ଭାବେ ଚଢ଼ଉ କରି ୬୨୦ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି।



ଏହା ସହ ମଦ ପ୍ରସ୍ତୁତି ନିମନ୍ତେ ଝାଡ଼ଖଣ୍ଡରୁ ଆସିଥିବା ପ୍ରାୟ ୯୦ ପ୍ରତିଶତ ଇଥାନଲ୍ ଆଲ୍‌କୋହଲ ଯାହା ଓଡ଼ିଶାରେ ବିକ୍ରୟ ପାଇଁ ସମ୍ପୂର୍ଣ୍ଣ ନିଷେଧ ଥିବା ୪୫୦ ମିଲିଲିଟର ବିଶିଷ୍ଟ ୧୮୦ ବୋତଲ ବା ୮୧ ଲିଟର ଜିଞ୍ଜର ସ୍ପିରିଟ୍ ଜବତ କରାଯାଇଛି। ଏହି ବେଆଇନ ମଦ କାରବାରରେ ସମ୍ପୃକ୍ତ କାନ୍ଦୁଲ ସାହିର ବେପାରୀ ଶ୍ରୀଧର ଶବରକୁ ଗିରଫ କରିବାରେ ସଫଳ ହୋଇଥିଲେ। ସେହିପରି କାନ୍ଦୁଲ ସାହିର ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ସେଠାରୁ ୮୦୦ ଲିଟର ଦେଶୀ ମହୁଲି ମଦ ଜବତ କରିବା ସହ ୫ହଜାର ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି। ଅଭିଯୁକ୍ତମାନେ ଖବର ପାଇ ଜଙ୍ଗଲ ଅଞ୍ଚଳର ସୁଯୋଗ ନେଇ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲେ। ଅବକାରୀ ବିଭାଗ ଓ ବାଣପୁର ପୁଲିସ ସମୁଦାୟ ୧୪୨୦ ଲିଟର ଦେଶୀ ମହୁଲି ମଦ ସହ ୧୮୦ ବୋତଲ ଜିଞ୍ଜର ସ୍ପିରିଟ୍ ଜବତ କରି ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ୮୬/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ରୀଧରକୁ ବୁଧବାର କୋର୍ଟ ଚାଲାଣ କରିବେ ବୋଲି ସୂଚନା ମିଳିଛି। ଉକ୍ତ ଚଢ଼ଉରେ ବାଣପୁର ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ସହ ବାଲୁଗାଁ ଅବକାରୀ ଏସ୍‌ଆଇ ମୀନକେତନ ମାହାଲିକ, ରାମଚନ୍ଦ୍ର ଜେନା, ମନୋଜ କୁମାର ଜୟସିଂ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀ ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖଙ୍କ ସମେତ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

## ଶ୍ରୀବ୍ୟାସ-ଗୁରୁପୂର୍ଣ୍ଣିମା ଆଲୋଚନାଚକ୍ର



ଖୋର୍ଦ୍ଧା,୧୫।୭(ସମିସ): ଗୁରୁବାର ଶ୍ରୀଚୈତନ୍ୟ ରିସର୍ଚ୍ଚ ଆସୋସିଏସନ୍ ତରଫରୁ ଚୈତନ୍ୟ ବିହାର ପରିସରରେ ସମସ୍ତଙ୍କର ମୂଳ ଗୁରୁ ବ୍ୟାସଦେବଙ୍କ ଜନ୍ମ ଉତ୍ସବ ଗୁରୁ ପୂର୍ଣ୍ଣିମା ଓ ସନାତନ ଗୋସ୍ୱାମୀଙ୍କ ତିରୋଭାବ ପାଳନ ଅବସରରେ ଶ୍ରୀକୃଷ୍ଣଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ଗୁରୁଙ୍କ ପର୍ଯ୍ୟନ୍ତ ଆଲେଖ୍ୟରେ ପୂଜା ଆଳତି କରାଯାଇ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ପଣ୍ଡିତ ଗୋପବନ୍ଧୁ ପଣ୍ଡା ଓ ଜାନକୀ ବଲ୍ଲଭ ପଟ୍ଟନାୟକ ବ୍ୟାସଦେବଙ୍କ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ ବୋଧାୟନ ମହାରାଜ, ବ୍ରଜ ବାବା, ଅନନ୍ତ ହରି ବାବା, ଜଗଦୀଶ ପ୍ରସାଦ ପଟ୍ଟନାୟକ, ବନ୍ଦିତା ପଟ୍ଟନାୟକ, କାଦମ୍ବିନୀ ସାମନ୍ତରାୟ, ଶକ୍ତି ରଞ୍ଜନ ମତଗଜ, ପ୍ରଭୁପଦ ପଟ୍ଟନାୟକ, ଯୋଗେଶ୍ୱର ସିଂହ, ଗଗନ ବିହାରୀ ପୃଷ୍ଟି, ପୁଷ୍ପଲତା ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଦୁର୍ଗା ଚରଣ ନାୟକଙ୍କ ଇଂରାଜୀରେ ଅନୁଦିତ ଶ୍ରୀ ରାୟ ରାମାନନ୍ଦଙ୍କ ବୀରଚିତ ଗୌର ଜନ୍ମ "ଆଡ୍‌ଭେଣ୍ଟ ଅଫ୍ ଶ୍ରୀଗୌର ହରି' ପୁସ୍ତିକା ଉନ୍ମୋଚନ ଓ ଲୋକାର୍ପିତ ହୋଇଥିଲା।

## ଗୋବା ତୋଫାନ ସ୍ୱାଇଁ ହତ୍ୟା ମାମଲା
# ଦ୍ୱିତୀୟ ପର୍ଯ୍ୟାୟରେ ୩ ଅଭିଯୁକ୍ତ ଗିରଫ

ଛତ୍ରପୁର,୧୫ ।୭ (ସମିସ)



ଗୋବା ଗ୍ରାମର ତୋଫାନ ସ୍ୱାଇଁ ହତ୍ୟା ଘଟଣାରେ ଛତ୍ରପୁର ଥାନା ପୁଲିସ ଦ୍ୱିତୀୟ ପର୍ଯ୍ୟାୟରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ମାନେ ହେଲେ ଗୋବା ଗ୍ରାମର ବିଭୁତି ସ୍ୱାଇଁ (୩୭), କେଦାର ସ୍ୱାଇଁ (୨୪) ଓ ସମୀର ସାହୁ ଓରଫ ଦୀପକ (୨୨) । ସେମାନଙ୍କ ଠାରୁ ଦୁଇଟି ବାଉଁଶ ଠେଙ୍ଗା ଜବତ କରାଯାଇଛି । ଏନେଇ ଛତ୍ରପୁର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି କହିଛନ୍ତି । ଏହାକୁ ମିଶାଇ ଏହି ଘଟଣାରେ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ ଗାଁ କୋଠ ସମ୍ପତ୍ତି ଓ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗତ ୧ ତାରିଖ ଦିନ ଏହି ଘଟଣାର ଘଟିଥିଲା । ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଜଣଙ୍କ ଜୀବନ ଚାଲି ଯାଇଥିବା ବେଳେ ୪ ଜଣ ଆହାତ ହୋଇଥିଲେ । ଏଥିରେ ତୋଫାନ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବା ବେଳେ ସୁଧିର ସ୍ୱାଇଁ, ରାହୁଲ ସ୍ୱାଇଁ, ନନ୍ଦ ବାରିକ ଓ ଆଦିତ୍ୟ ସାହୁ ଆହତ ହୋଇଥିଲେ । ଥାନା ପରିସରରେ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୃଷ୍ଟି, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ କୁମାର ଘଡେଇ, ଥାନା ଅଧିକାରୀ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୁଧୀର କୁମାର ସ୍ୱାଇଁଙ୍କ ଏତଲା ଅନୁସାରେ ଛତ୍ରପୁର ଥାନା ପକ୍ଷରୁ ୪୦୫/୨୦୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ୍ କରାଯାଇଥିବା ଅତିରିକ୍ତ ଏସପି ଶ୍ରୀ ପୃଷ୍ଟି କହିଛନ୍ତି ।

## ସାଂସଦଙ୍କ ବ୍ରହ୍ମେଶ୍ୱର ମନ୍ଦିର ପରିଦର୍ଶନ

କୁକୁଡ଼ାଖଣ୍ଡି,୧୫ ।୭ (ସମିସ): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀସ୍ଥିତ ବ୍ରହେଶ୍ୱର ମନ୍ଦିର ପରିଦର୍ଶନ କରିଛନ୍ତି ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ । ମହୁରୀ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଅଷ୍ଟଶମ୍ଭୁ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି । ତେଣୁ ଏହାର ଉନ୍ନତି ଲାଗି ଗ୍ରାମବାସୀ ତଥା ମନ୍ଦିର ପରିଚାଳନା କମିଟି ପକ୍ଷରୁ ପଦକ୍ଷେପ ନିଆଯାଉଛି । ମନ୍ଦିରର ପଶ୍ଚିମଭାଗରେ ପାଚେରୀ ନିର୍ମାଣ, ଆବର୍ଜନା କୁଣ୍ଡ ନିର୍ମାଣ, ଅଭିଷେକ ମଣ୍ଡପ ନିର୍ମାଣ, ଭକ୍ତଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ସାଂସଦ ଆଲୋଚନା କରିଥିଲେ । ଏହି ଅବସରରେ ଗାଁରେ ଥିବା ଉତ୍କଳ ବିଦ୍ୟାପୀଠ ହାଇସ୍କୁଲର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ଏକ ଦାବିପତ୍ର ସାଂସଦଙ୍କୁ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ପୂର୍ବତନ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ, ଯତିନ୍ଦ୍ର ପାତ୍ର, ମନ୍ଦିର ଟ୍ରଷ୍ଟ ସଭାପତି ନବୀନ ଚନ୍ଦ୍ର ପାଢ଼ୀ, ସିଦ୍ଧାର୍ଥ ଶେଖର ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଅଂଶୁମାନ ପଣ୍ଡା, ଅରୁଣ କୁମାର ଗୌଡ଼, ଶ୍ୟାମସୁନ୍ଦର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

## ଓମଫେଡ୍ କର୍ମଚାରୀଙ୍କ ଧର୍ମଘଟ




କୁକୁଡାଖଣ୍ଡି,୧୫ ।୭ (ସମିସ): କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଅଙ୍କୁଶପୁର ଓମଫେଡ୍ ଡେରିରେ କାର୍ଯ୍ୟରତ କର୍ମଚାରୀ ସ୍ଥାୟୀ ନିଯୁକ୍ତି ଦାବି ନେଇ ଧାରଣାରେ ବସିଛନ୍ତି । ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ଓମଫେଡ୍ ସଭାପତି ଦାଶରଥି ସେଠି କହିଛନ୍ତି । ଦୀର୍ଘ ୨୫ ବର୍ଷ ହେଲାଣି କର୍ମଚାରୀ ମାନେ ନିଜର କାର୍ଯ୍ୟ ଓ କୌଶଳ ଦକ୍ଷତାରେ ଓମଫେଡ୍ ଡେରିରେ କାର୍ଯ୍ୟ କରୁଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତି ସ୍ଥାୟୀ ନିଯୁକ୍ତି ହୋଇନ, ଅଣକୁଶଳୀ ଶ୍ରମିକଙ୍କ ପରି ମଜୁରୀ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି କର୍ମଚାରୀ । ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ପ୍ରଦାନ କରୁନି ଓମଫେଡ୍ ବୋଲି କହିଛନ୍ତି କର୍ମଚାରୀ । ସାରା ଓଡ଼ିଶାରେ ପ୍ରାୟ ୨୦୦ରୁ ଅଧିକ ନିଯୁକ୍ତି ଓମଫେଡ୍‌ରେ ଖାଲି ଅଛି । କିନ୍ତୁ ତାହା ପୂରଣ ହେଉନି । ଶ୍ରମିକଙ୍କ କାର୍ଯ୍ୟ ଦକ୍ଷତା ଅନୁଯାଇ ତାଙ୍କୁ ସ୍ଥାୟୀ ନିଯୁକ୍ତିରେ ସାମିଲ କରି ଖାଲି ପଦବୀକୁ ପୂରଣ କରାଗଲେ କିଛି କର୍ମଚାରୀ ଉପକୃତ ହୋଇପାରିବେ । ବାରମ୍ବାର କାର୍ଯ୍ୟ ବନ୍ଦ କରି ଦାବି କରିଆସୁଛନ୍ତି କର୍ମଚାରୀ କିନ୍ତୁ ଫଳ ଶୂନ । ତେଣୁ ଆଜିଠୁ ସାରା ଓଡିଶାରେ ଓମଫେଡ କର୍ମଚାରୀ ସଂଘ ନିଜର ଦାବି ଜଣାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଡାକରା ଦେଇଥିବା ବେଳେ ଆଙ୍କୁଶପୁର ଓମଫେଡ ଅଫିସ ଆଗର ଧର୍ମଘଟ କରିଥିଲେ କର୍ମଚାରୀ । ଏ ଅବସରରେ ସମ୍ପାଦକ ସତୀଶ ମିଶ୍ର, କୋଷାଧ୍ୟକ୍ଷ କାହ୍ନୁ ମହାରଣା, ଉପସଭାପତି ସନ୍ତୋଷ ପାଣିଗ୍ରାହୀ, ସହ ସମ୍ପାଦକ ଗୁରୁ ନାଥ ରାଉଳଙ୍କ ସମେତ ଅରୁଣ ସାହୁ, ନିଲୁ ସେଠି, ହେମନ୍ତ ମହାରଣା, ବବିତା ଗୌଡ଼, ନାଗଭୂଷଣ ଶତପଥି ଉପସ୍ଥିତ ଥିଲେ ।

## ଅସହାୟ ବୃଦ୍ଧାଙ୍କୁ ସହାୟତା ପ୍ରଦାନ

ପାତ୍ରପୁର,୧୫ ।୭ (ସମିସ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଘ ଗୋପବନ୍ଧୁ ସେବା ସମିତି, ଚିକିଟି ଅନେକ ମହତ କାର୍ଯ୍ୟ ସବୁ କରିଆସୁଛି । ସମିତି ସଭାପତି ଦେବେନ୍ଦ୍ର ରଣାଙ୍କ ନେତୃତ୍ୱରେ ପାତ୍ରପୁର ବ୍ଲକ ସୁରଙ୍ଗୀ ପଞ୍ଚାୟତ ଅଧିନସ୍ଥ ତିତିଗାଁ ଗ୍ରାମର ଅସହାୟ ଭାବରେ ଜୀବନ ଅତିବାହିତ କରୁଥିବା ଦିବ୍ୟାଙ୍ଗ ପାର୍ବତୀ ନାଇକଙ୍କ ତାଙ୍କ ଝାଟିମାଟି ଘରେ ପହଂଚି ଗୋଟେ ଚାଉଳ ବସ୍ତା, ଦୁଇଟି ଲୁଗା, ପଟି, ତକିଆ, ଏକ ମାସର ରାସନ, ଏକ ପାଲ ସହ ଏକ ହଜାର ଟଙ୍କା ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସମିତିର ଏମ ଭୁଭୁନି, ହେମନ୍ତ ସାହୁ, ଅଜିତ ସାହୁ, ଅରୁଣ କୁମାର ପ୍ରଧାନ, ଶିକ୍ଷକ ପ୍ରଫୁଲ ପ୍ରମୁଖ ସାମିଲ ଥିଲେ । ସମିତି ତରଫରୁ ଏହି ଅସହାୟ ମା'ଙ୍କୁ ଏକ ପକ୍କା ଘର ଯୋଗେଇ ଦେବା ପାଇଁ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ସିଙ୍ଗାବାଡ଼ି ଦିଲୀପ ପାତ୍ର ହତ୍ୟା ମାମଲା
# ଫେରାର ମାନସ ଚେନ୍ନାଇରୁ ଗିରଫ




ରଙ୍ଗେଇଲୁଣ୍ଡା, ୧୫ ।୭ (ସମିସ): ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ି ଗାଁରେ ଗତ ୬ ତାରିଖ ରାତିରେ ଦିଲୀପ ପାତ୍ରଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ତଥା ସେହି ଗାଁର ପୀତବାସ ସାହୁଙ୍କୁ ପୁଲିସ ଗିରଫ କରିଥିବାବେଳେ ମଙ୍ଗଳବାର ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ସିଙ୍ଗାବାଡ଼ି ଗାଁର ମାନସ ଓରଫ କାମନା ଗୌଡ଼ଙ୍କୁ ଚେନ୍ନାଇରୁ ଗିରଫ କରି କୋର୍ଟଚାଲାଣ କରିଛି । ଏଥିସହ ହତ୍ୟାରେ ବ୍ୟବହୃତ ଖଣ୍ଡା, ରକ୍ତଭିଜା କପଡ଼ା ଓ ଗୋଟିଏ ମୋବାଇଲ୍ ଜବତ କରିଛି । ସୂଚନାଯୋଗ୍ୟ ମୃତ ଦିଲୀପ ପାତ୍ର ସିଙ୍ଗାବାଡି ଗ୍ରାମରେ ହାର୍ଡୱାର୍ ବ୍ୟବସାୟ କରୁଥିବା ବେଳେ ଏକାକୀ ରହି ଆସୁଥିଲେ । ଗତ କିଛି ଦିନ ପୂର୍ବେ କନିଷି ହାଟରେ ଦିଲୀପଙ୍କ ବାଇକ୍ ସହ ପୀତବାସଙ୍କ ବାଇକ୍ ଧକ୍କା ହୋଇଥିଲା । ଏଥିର ପୀତବାସଙ୍କ ଗାଡି ଭାଙ୍ଗି ଯିବା ସହ ଆଘାତ ଲାଗିଥିଲା । ପୀତବାସ କ୍ଷତି ପୂରଣ ଦାବି କରିଥିବା ବେଳେ ଦିଲୀପ ମଧ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ପୀତବାସ କ୍ଷତି ପୂରଣ ମାଗିବାରୁ ଦିଲୀପ କୁଆଡେ ମନା କରିବାରୁ ଏଭଳି କାଣ୍ଡ ଘଟିଥିଲା ବୋଲି ପୁଲିସ କହିଛି ।

## ଅପହୃତା ନାବାଳିକା ଚେନ୍ନାଇରୁ ଉଦ୍ଧାର : ଯୁବକ ଗିରଫ



ଦିଗପହଣ୍ଡି,୧୫ ।୭ (ସମିସ): ଦିଗପହଣ୍ଡି ଥାନା ଅଧିନ ଏକ ଗାଁରୁ ଅପହରଣ କରାଯାଇଥିବା ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ପୁଲିସ ଚେନ୍ନାଇରୁ ଉଦ୍ଧାର କରିଛି । ଗତ ମେ' ୧୮ ରାତିରେ ନାବାଳିକାକୁ ଗ୍ରାମର ଯୁବକ ସନିଆ ନାୟକ ଅପହରଣ କରି ନେଇଥିଲା । ନାବାଳିକାଙ୍କ ବାପା ଏନେଇ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ । ଅଭିଯୁକ୍ତ ଜଣକ ନାବାଳିକାକୁ ଚେନ୍ନାଇ ନେଇଯାଇଥିବା ଜଣାପଡିଥିଲା । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଜ୍ୟୋତି ରଞ୍ଜନ ବେହେରା ସଦଳବଳ ଚେନ୍ନାଇରେ ପହଞ୍ଚି ତାଙ୍କ ମୋବାଇଲ ଟ୍ରାକିଂ କରି ସେଠାକାର ପୁଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରିବାସହ ଅଭିଯୁକ୍ତ ସନିଆକୁ କାବୁ କରିବାରେ ସଫଳ ହୋଇଥିଲେ । ପୀଡ଼ିତା ଓ ଅଭିଯୁକ୍ତକୁ ବ୍ରହ୍ମପୁର ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା । ଗିରଫ ଅଭିଯୁକ୍ତକୁ ମଙ୍ଗଳବାର ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା । ସେଠାରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ।

## ଏଟିଏମ ବନ୍ଦ; ଗ୍ରାହକ ହନ୍ତସନ୍ତ

ବୁଗୁଡ଼ା,୧୫ ।୭ (ସମିସ): ଗ୍ରାହକଙ୍କ ସୁବିଧା ପାଇଁ ବୁଗୁଡ଼ାର ଦୁଇଟି ସ୍ଥାନରେ ଷ୍ଟେଟ ବ୍ୟାଙ୍କ ତରଫରୁ ଏଟିଏମ ସ୍ଥାପନ ହୋଇଥିଲା । ଗୋଟିଏ ଏଟିଏମ ଷ୍ଟେଟ ବ୍ୟାଙ୍କ କଡ଼ରେ ଥିବା ବେଳେ ଦ୍ୱିତୀୟଟି ନୂଆ ବସଷ୍ଟାଣ୍ଡ ନିକଟରେ ଥିଲା । ବର୍ତ୍ତମାନ ଷ୍ଟେଟ ବ୍ୟାଙ୍କ ସହର ଠାରୁ ଦୂର କଲେଜ ରୋଡ଼ ଆଡକୁ ଘୁଞ୍ଚି ଯାଇଥିବା ବେଳେ ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏଟିଏମ ଦୀର୍ଘ ୬ମାସ ହେଲା ବନ୍ଦ ହୋଇ ରହିଛି । ସହର ମଧ୍ୟ ଭାଗରେ ନୁଆଁ ବସ ଷ୍ଟାଣ୍ଡ ଓ ବିଇଓ ଅଫିସ ସାମ୍ନାରେ ଥିବା ଏହି ଏଟିଏମ ଉପରେ ସର୍ବାଧିକ ଗ୍ରାହକ ନିର୍ଭର କରୁଥିବା ବେଳେ ଏହି ଏଟିଏମଟି ବନ୍ଦ ହୋଇ ରହିବା ଫଳରେ ଗ୍ରାହକ ମାନଙ୍କୁ ହନ୍ତସନ୍ତ ହେବାକୁ ପଡୁଛି । ଜନସାଧାରଣଙ୍କ ସୁବିଧା ପାଇଁ ଏହି ଏଟିଏମ୍‌ଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି । ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପଚାରିବାରେ ଏହି ଏଟିଏମ ଖୋଲିବା ପାଇଁ ନୂଆ ଏଜେନ୍ସି ଦାୟିତ୍ୱ ନେଇଛି ତେବେ ଉକ୍ତ ଏଜେନ୍ସି କମ୍ପାନୀ ଏଟିଏମ ଖୋଲିବାରେ ଅବହେଳା କରୁଥିବା କହିଛନ୍ତି ।

## ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ଛତ୍ରପୁର,୧୫ ।୭ (ସମିସ): ଛତ୍ରପୁର ଠାରେ ଖଲ୍ଲିକୋଟ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଦାବି ହୋଇଛି । ଏନେଇ ଖଲିକୋଟ ସ୍ଥିତ ଡ଼ .ଏପିଜେ ଅବଦୁଲ କଲାମ୍ ଜନକଲ୍ୟାଣ ଚାରିଟେବୁଲ୍ ଟ୍ରଷ୍ଟର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବେହେରା ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କୁ ଭେଟି ଅନୁରୋଧ କରିଛନ୍ତି । ଏନେଇ ପୂର୍ବରୁ ଗତ ମାର୍ଚ୍ଚ ୨୫ରେ ଗଞ୍ଜାମ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ମଧ୍ୟ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି । ଓଡ଼ିଶାର ଅନ୍ୟତମ ବରପୁତ୍ର ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର ହେଉଛନ୍ତି ଖଲ୍ଲିକୋଟ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ । ସେ ବହୁବାର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଭାବରେ ସଫଳତାର ସହ ଦାୟିତ୍'' ବହନ କରିଥିଲ, ଏହିଭଳି ଜଣେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଗଂଜାମ ଜିଲ୍ଲାର ସଦରମହକୁମା ଛତ୍ରପୁର ଠାରେ ସ୍ଥାପନ କରାଯିବା ପୂଜ୍ୟପୂଜାର ସାର୍ଥକ ଉଦାହରଣ ହେବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।

## ବଜ୍ରାଘାତରେ ଟଳି ପଡିଲେ ମହିଳା

ରଙ୍ଗେଇଲୁଣ୍ଡା,୧୫ ।୭ (ସମିସ): ଚିକିଟି ବ୍ଲକ ଅଧିନସ୍ଥ ଗିରିଶୋଲା ଗ୍ରାମର ବଜ୍ରଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବି. ମହାଲକ୍ଷ୍ମୀ (୫୫) । ଗିରି ସୋଲା ଗ୍ରାମର ମହାଲକ୍ଷ୍ମୀ ମଙ୍ଗଳବାର ନିଜ ଜମିକୁ ଯାଇ କାମ କରୁଥିଲେ । ବର୍ଷାପବନ ସହ ବଜ୍ରାଘାତ ହେବାରୁ ମହାଲକ୍ଷ୍ମୀ ଟଳି ପଡ଼ିଥିଲେ । ପରିବାର ଲୋକ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱା ।ସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତେବେ ଅପରାହ୍ନରେ ତାଙ୍କ ମୃତ୍ୟୁ ଘଟିଥିଲା । ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର ଗିରିଶୋଲା ଗ୍ରାମରେ ପହଞ୍ଚି ପରବର୍ତ୍ତୀ ସମୟରେ ପରିବାର ଲୋକଙ୍କ ସାହାଯ୍ୟ କରାଯିବ ବୋଲି କହିଥିଲେ ।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୋଦଳା,୧୫ ।୭ (ସମିସ): କୋଦଳା ଥାନା ଅନ୍ତର୍ଗତ ଭାଟପଡା ଗ୍ରାମର ଏକ ପୋଖରୀରୁ ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଖଣ୍ଡିଆନଇ ଗ୍ରାମର ବୀଣା ଦାସ (୬୫) ଙ୍କ ମୃତଦେହ ଉଦ୍ଧାର ହୋଇଛି । ଗତ କିଛି ଦିନ ହେଲା ବୀଣା ନିଖୋଜ ଥିଲେ । ମଙ୍ଗଳବାର ତାଙ୍କ ମୃତଦେହ ପୋଖରୀରେ ଭାସୁଥିବାର ଦେଖି ଗ୍ରାମବାସୀ ପୁଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ କର୍ମଚାରୀ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ପୁଲିସକୁ ହସ୍ତାନ୍ତର କରଥିଲେ । ପୁଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆସିକା ମେଡିକାଲକୁ ପଠାଇଥିଲେ । ମୃତକଙ୍କ ପୁଅ ଶିବ ଦାସଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ମୃତକଙ୍କ ପରିବାର ବର୍ଗଙ୍କୁ ଖଣ୍ଡିଆନଇ ପଞ୍ଚାୟତ ସରପଞ୍ଚ ପଙ୍କଜ କୁମାର ସେଠୀ ସମବେଦନା ଜଣାଇଛନ୍ତି ।

## ଶସ୍ୟ ଅମଳ କେନ୍ଦ୍ରରୁ ଲୁହା ଛଡ଼ ଚୋରି

ଦିଗପହଣ୍ଡି,୧୫ ।୭ (ସମିସ): ଦିଗପହଣ୍ଡି ଥାନା କାର୍ଯ୍ୟାଳୟ ଠାରୁ ପ୍ରାୟ ୫୦ ମିଟର ଦୂରରେ ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ଶସ୍ୟ ଅମଳ କୋଠା ପରିସରରୁ କିଛି ଦୁର୍ବୃତ୍ତ ୪ ଶହ କ୍ୱିଣ୍ଟାଲ ଓଜନର ଲୁହା ଛଡ଼ ଚୋରି କରିଥିବା ଅଭିଯୋଗ ହୋଇଛି । ସୋମବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି । କୋଠା ନିର୍ମାଣ ଠିକା କାମ ତଦାରଖ କରୁଥିବା ଦିଗପହଣ୍ଡିର ଆଶିଷ କୁମାର ସ୍ୱାଇଁ ଏନେଇ ମଙ୍ଗଳବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି ।

## ଗାଧୁଆ ଘରେ ପଡ଼ି ମହିଳା ମୃତ

ଧରାକୋଟ,୧୫ ।୭ (ସମିସ): ଧରାକୋଟ ବ୍ଲକ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ବାଡୁଲା ଗାଁରେ ଗାଧୁଆ ଘରେ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସୁନିତା ଗୌଡ(୩୭) । ସୁନିତାଙ୍କ ତିନି ଦିନ ହେଲା ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲା । ସେ ମଙ୍ଗଳବାର ଗାଧୁଆ ଘରକୁ ଗାଧେଇବାକୁ ଯାଇଥିବା ସମୟରେ ମୁଣ୍ଡ ବୁଲେଇ ପାଣି ବ୍ୟାରଲ ଭିତରେ ପଡ଼ି ଯାଇଥିଲେ । ଏକଥା କେହି ଘର ଲୋକ ଜାଣିପାରି ନଥିଲେ । ବିଳମ୍ବ ହେବାରୁ କିଛି ସମୟ ପରେ ତାଙ୍କ ଝିଅ ଗାଧୁଆ ଘରକୁ ଯାଇ ଦେଖିଲା ବେଳକୁ ତାଙ୍କ ମା' ପାଣି ବେରଲ ଭିତରେ ମୁଣ୍ଡ ତଳକୁ କରି ପଡିଛି । ଝିଅ ଚିତ୍କାର କରିବା ପରେ ସ୍ୱାମୀ ଏବଂ ଶଶୁର ଆସି ସୁନୀତାଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ମୃତ ଚାଷୀଙ୍କ ଚକ୍ଷୁଦାନ କଲେ ପରିବାର

ଗଞ୍ଜାମ,୧୫ ।୭ (ସମିସ): ରମ୍ଭା ଥାନା ଅନ୍ତର୍ଗତ ଧର୍ମଶରଣପୁର ଗ୍ରାମର ଚାଷୀ ସୁଧିର ନାହାକ ବିଲକୁ ଭେଣ୍ଡି ତୋଳିବାକୁ ଯାଇ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି । ଗତ ସୋମବାର ସକାଳେ ସେ ଗ୍ରାମ ନିକଟରେ ରହିଥିବା ବିଲକୁ ଭେଣ୍ଡି ତୋଳିବାକୁ ଯାଇ ୧୦ ବେଳେ ଘରକୁ ଫେରିଥିଲେ । ଘରେ ମୁଣ୍ଡ ବୁଲାଉଛି କହି ଅସୁସ୍ଥ ଅନୁଭବ କରିଥିବା କହିଥିଲେ । ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲେ । ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହାପରେ ପରିବାର ବର୍ଗ ତାଙ୍କ ଚକ୍ଷୁ ଦାନ କରିବା ପାଇଁ ଇଚ୍ଛା କରିଥିଲେ । ମେଡ଼ିକାଲ ଚକ୍ଷୁ ବିଭାଗ କର୍ତ୍ତୃପକ୍ଷ ପହଞ୍ଚି ମୃତ ଚାଷୀଙ୍କ ଚକ୍ଷୁ ସଂଗ୍ରହ କରିଥିଲେ ।

## ବିଦ୍ୟାଳୟରେ ବନମହୋତ୍ସବ



ରମ୍ଭା,୧୪ ।୭ (ସମିସ): ରମ୍ଭା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଣସଡିହରେ ୭୬ ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ମନ୍ମଥ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦିବ୍ୟ ଶଙ୍କର ବେହେରା (ଏସଇଏଫ) ବ୍ରହ୍ମପୁର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ବିଶ୍ୱାଳ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା ସମ୍ମାନିତ ଅତିଥି , ପ୍ରଶାନ୍ତ କୁମାର ରାଓ (ବନ ପାଳ), ଭାଗ୍ୟବତୀ ବେହେରା (ସହକାରୀ ଶିକ୍ଷୟତ୍ରୀ ), ସୁଜିତ କୁମାର ବେହେରା, ନୀଳାଞ୍ଚଳ ସେନାପତି (ଗଣମାଧ୍ୟମ ପ୍ରତିନିଧି )ପ୍ରମୁଖ ମଞ୍ଚାସିନ ରହିଥିଲେ । ବକ୍ତା ମାନେ ବୃକ୍ଷରୋପଣ ଉପରେ ବିଭିନ୍ନ ମନ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ରବୀନ୍ଦ୍ର କୁମାର ପ୍ରଧାନ ସଂଯୋଜନା କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ମୌନ ଶୋଭାଯାତ୍ରା




ବ୍ରହ୍ମପୁର,୧୪।୭ (ସମିସ)

କେନ୍ଦ୍ର ଓ ଓଡିଶା ସରକାର ପେନ୍ସନରମାନଙ୍କ ଦାବି ପୂରଣରେ ଅବହେଳା କରୁଥିବା ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ମହାସଂଘ ଆନୁକୂଲ୍ୟରେ ଏକ ମୌନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସ୍ଥାନୀୟ ଆରଡ଼ିସି ଅଫିସ ସମ୍ମୁଖରେ ପହଞ୍ଚିଥିଲା । ଏଠାରେ ଅବସର କର୍ମଚାରୀମାନେ ବିକ୍ଷୋଭ କରିଥିଲେ । ପରେ କେନ୍ଦ୍ର ସଂଗଠନର ୮ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓ ଓଡ଼ିଶାର ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗଠନର ଉପଦେଷ୍ଟା କେ.ନନ୍ଦେଷୁ ସେନାପତି, ସମ୍ପାଦକ ସଂକର୍ଷଣ ପାତ୍ର, ଉପସଭାପତି ଇ.ସତ୍ୟନାରାୟଣ ଗୁପ୍ତା, ଯୁଗ୍ମ ସମ୍ପାଦକ ମହର୍ଷି ସିଂ, ସହ ସମ୍ପାଦକ ଡି.ଗୁରୁମୂର୍ତ୍ତୀ ପାତ୍ର, ନଳିନୀ କାନ୍ତ ମିଶ୍ର, କେ.କୃଷ୍ଣ ମୂର୍ତି , ନାରାୟଣ ପଣିଗ୍ରାହୀ, ବିଜୟ କୁମାର ବେହେରା, ପଞ୍ଚାନନ ଗନ୍ତାୟତ ,ନାରାୟଣ ପାଣିଗ୍ରାହୀ, ଶ୍ରୀବତ୍ସ ପ୍ରଧାନ କମିଶନରଙ୍କ ଅନୁପସ୍ଥିତି ଯୋଗୁଁ ବ୍ୟକ୍ତିଗତ ସଚିବଙ୍କୁ ପ୍ରଦାନ କରିଥିଲେ ।

## ବ୍ରହ୍ମପୁରର ବିଜୁଳି ଭିତ୍ତିଭୂମି ସୁଦୃଢ଼ କରୁଛି ଟିପିଏସ୍‌ଓଡ଼ିଏଲ୍
# ସବ୍‌ଷ୍ଟେସନ କ୍ଷମତା ୧୦ରୁ ୧୩ ଏମ୍‌ଭିଏକୁ ବୃଦ୍ଧି

ବ୍ରହ୍ମପୁର,୧୪।୭ (ସମିସ): ବିଜୁଳି ଭିତ୍ତିଭୂମିକୁ ସୁଦୃଢ କରିବା ସହ ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବା ସକାଶେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ବ୍ରହ୍ମପୁର ସ୍ଥିତ ବିଦ୍ୟୁତପୁରୀ ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍)ର ଉନ୍ନତିକରଣ କରାଯାଇଛି । ଏହି ପଦକ୍ଷେପ ଯୋଗୁଁ ନୀଳାଚଳ ନଗର, ଖୋଡାସିଙ୍ଗି, ବିଦ୍ୟୁତପୁରୀ ଅଞ୍ଚଳର ପ୍ରାୟ ୩ ହଜାର ଉପଭୋକ୍ତା ଉପକୃତ ହେଉଛନ୍ତି । ପୂର୍ବରୁ ଏହି ସବଷ୍ଟେସନରେ ୫ଏମଭିଏ ବିଶିଷ୍ଟ ଦୁଇଟି ଟ୍ରାନ୍ସଫର୍ମର ଥିଲା । ବର୍ତ୍ତମାନ ଗୋଟିଏ ଟ୍ରାନ୍ସଫର୍ମରର କ୍ଷମତା ୮ଏମଭିଏକୁ ବୃଦ୍ଧି କରାଯିବା ପରେ ସବଷ୍ଟେସନର ମୋଟ କ୍ଷମତା ୧୩ଏମଭିଏ ହୋଇଛି । ବିଶେଷ କରି ବିଜୁଳି ଚାହିଦା ଅଧିକ ଥିବା ସମୟରେ ଏହି ଉନ୍ନତିକରଣ ପଦକ୍ଷେପ ସହାୟକ ହେବ । ଏହାସହ ସବଷ୍ଟେସନକୁ ଏକ ଅତିରିକ୍ତ ସୋର୍ସ ଫିଡ୍ ସଂଯୋଗ କରାଯାଇଛି । ଯାହାଫଳରେ ବିଜୁଳି ଯୋଗାଣ ଉନ୍ନତ ହେବା ସହ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଆବାସିକ ଅଞ୍ଚଳକୁ ଗୁଣାତ୍ମକ ବିଜୁଳି ସେବା ମିଳିପାରୁଛି । ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ଉପଭୋକ୍ତାଙ୍କୁ ଏକ ସ୍ଥାୟୀ ଏବଂ ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବା ଦିଗରେ ଏହା ଆମ ପ୍ରତିବଦ୍ଧତାକୁ ଦର୍ଶାଏ । ବ୍ରହ୍ମପୁର ସହରର କ୍ରମ ବର୍ଦ୍ଧିଷ୍ଣୁ ବିଜୁଳି ଚାହିଦାକୁ ପୂରଣ କରିବା ପାଇଁ ବିଦ୍ୟୁତ ବିତରଣ ନେଟୱାର୍କ ସୁଦୃଢ଼ କରିବାରେ ଆମ ଟିମ୍ ନିରନ୍ତର ପ୍ରୟାସ କରୁଅଛି । ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷିତ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ଉପରେ ଟିପିଏସ୍‌ଓଡିଏଲ୍ ଗୁରୁତ୍ୱ ଦେଇ ଆସୁଛି, ଯାହା ସ୍ଥାନୀୟ ଅଞ୍ଚଳର ବିକାଶ ସହ ଗୋଷ୍ଠୀ ସଶକ୍ତିକରଣରେ ସହାୟକ ହେଉଅଛି ।

**ନୀଳାଚଳନଗର, ଖୋଡାସିଙ୍ଗ, ବିଦ୍ୟୁତପୁରୀ ଅଞ୍ଚଳର ଉପଭୋକ୍ତା ଉପକୃତ**



## ଦୁର୍ଘଟଣାରେ ଦୁଇ ବାଇକ୍ ଚାଳକ ଗୁରୁତର

ହୁମ୍ମା,୧୫ ।୭ (ସମିସ): ଓଭର ବ୍ରିଜ ବିଳମ୍ବ ଯୋଗୁଁ ହୁମ୍ମା ଫାଣ୍ଡି ସାମ୍ନା ଜାତୀୟ ୧୬ ନମ୍ବର ରାଜପଥରେ ପୁଣି ଏକ ଦୁଘଟଣା ଘଟିଛି ।ଏସଭିଆର (ଏଏସ ୧୬ଏ ସି ୫୨୫୨) ବସ୍ ପଛପଟୁ ଧକ୍କା ଦେଲା ବାଇକ । ଏହି ଦୁର୍ଘଟଣାରେ ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି । ସେମାନେ କଳାଯମୁନା ଗ୍ରାମର ବୋଲି ଜଣାପଡିଛି । ଜାତୀୟ ରାଜପଥ ହୁମ୍ମା ଫାଣ୍ଡି ନିକଟରେ ଆଜି ସକାଳ ୧୦ ଘଣ୍ଟା ସମୟରେ ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଏସଭିଆର ନାମକ ଏକ ଯାତ୍ରୀବାହୀ ବସ୍ କୌଣସି କାରଣରୁ ହଠାତ ବ୍ରେକ ମାରିବା ଫଳରେ ପଛପଟୁ ଆସୁଥିବା ଏକ ବାଇକ ବସ୍ ପଛପଟକୁ ଧକ୍କା ମାରିଥିଲା । ଘଟଣା ସ୍ଥଳରେ କଳାଯମୁନା ଗ୍ରାମର ବାଇକ ଆରୋହି ସହ ଅନ୍ୟ ଏକ ଯୁବକ ଗୁରୁତର ଆହତ ହୋଇଥିଲେ । ହୁମ୍ମା ଫାଣ୍ଡି ଅଧିକାରୀ ସୁବ୍ରଜିତ ସାମନ୍ତରାୟ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ଗୁରୁତର ଯୁବକଙ୍କ ପରିଚୟ ମିଳି ପାରି ନଥିବା ପୁଲିସ କହିଛି । ବସ୍‌ଟି ଓଡିଶାରୁ ଆନ୍ଧ୍ରପ୍ରଦେଶକୁ ଯାଉଥିବାରୁ ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରୁ ପୁଲିସ ଛାଡ଼ି ଦେଇଥିବା ଜଣାପଡିଛି ।

# ବିଜେଡି ପକ୍ଷରୁ ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଆଜି



**ବାଲେଶ୍ୱର,୧୫।୭(ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ପକ୍ଷରୁ ବୁଧବାର ୮ ଘଣ୍ଟିଆ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ସ୍ଥାନୀୟ ଏକ ହୋଟେଲରେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଏହି ବନ୍ଦ ସକାଳ ୬ଟାରୁ ଆରମ୍ଭ ହୋଇ ଦିନ ୨ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଅପରପକ୍ଷେ, ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଆସନ୍ତାକାଲି ଦଳ ପକ୍ଷରୁ ଲୋକସେବା ଭବନ ଘେରାଉ କରାଯିବ। ଏହି ଘେରାଉ କାର୍ଯ୍ୟକ୍ରମ ସକାଳ ୧୦ଟାରୁ ଆରମ୍ଭ ହେବ ବୋଲି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

**ବୁଧବାର ସକାଳ ୬ରୁ ଅପରାହ୍ଣ୨ଟା ପର୍ଯ୍ୟନ୍ତ ହେବ ବନ୍ଦ**

**ଲୋକସଭା ଭବନ ବି ଘେରିବ ଦଳ**

ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଜେନା କହିଥିଲେ, ସରକାରଙ୍କ ନିଷ୍କ୍ରିୟତା ପାଇଁ ନ୍ୟାୟରୁ ବଂଚିତ ସୌମ୍ୟାଶ୍ରୀ ଏପରି ଚରମ ପଦକ୍ଷେପ ନେଇଛନ୍ତି। କିନ୍ତୁ ତାଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ। ତାଙ୍କ ବିୟୋଗରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି କ୍ରମରେ ୧୬ ତାରିଖ, ବୁଧବାର ଦିନ ବିଜୁ ଜନତା ଦଳ ପକ୍ଷରୁ ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ଶାନ୍ତିପୂର୍ଣ୍ଣ ଭାବରେ ଅନୁଷ୍ଠିତ ହେବ। ବନ୍ଦ ପାଳନ ସମୟରେ ଜରୁରୀକାଳୀନ ସେବା ଜାରି ରହିବ। କିନ୍ତୁ ଦୋକାନ ବଜାର, ଗାଡି ମୋଟର, ବସ, ଟ୍ରେନ, ସ୍କୁଲ ଓ କଲେଜ ସବୁ ବନ୍ଦ ରହିବ। ଏହି ବନ୍ଦ ପାଳନକୁ ଜିଲ୍ଲାବାସୀ ସହଯୋଗ କରିବାକୁ ଶ୍ରୀ ଜେନା ନିବେଦନ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସୋର ବିଧାୟକ ମାଧବ ଧଡ଼ା, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ଜଳେଶ୍ୱର ଏନଏସି ଅଧ୍ୟକ୍ଷ ପ୍ରତୀକ ପ୍ରଧାନ, ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଳିକ, ଯୁବସଭାପତି ତାପସ ପରିଡ଼ା, ଛାତ୍ର ସଭାପତି ସୀମନ ଦାସମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ସେଠୀ, ଗିରୀଶ ଦତ୍ତ ଓ ଜୟୀରାମ ଦାସ, ବରଦା ପ୍ରସନ୍ନ ପଟ୍ଟନାୟକ, ଗୌରାଙ୍ଗ ପାଢ଼ୀ, ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ଶାନ୍ତନୁ ଦାସ, ଭାଗବତ ସାହୁ, ସଞ୍ଜୀବ ଦାସ, ଅସୀତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ସୌମ୍ୟାଶ୍ରୀଙ୍କ ପରିବାରକୁ ଭେଟିଲେ ବିଜେଡି ନେତୃମଣ୍ଡଳୀ



**ଭୋଗରାଇ,୧୫।୭(ସମିସ):** ଦୀର୍ଘ୪ଦିନ ଧରି ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ର ଛାତ୍ରୀ ସୌମ୍ୟାଶ୍ରୀ ଗତ ସୋମବାର ରାତିରେ ମୃତ୍ୟୁ ହୋଇଛି। ଆଜି ମୃତ ଦେହ ଜନ୍ମମାଟି ଭୋଗରାଇ ରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଆଜି ସନ୍ଧ୍ୟାରେ ବିଜୁ ଜନତା ଦଳର ନେତୃମଣ୍ଡଳୀ ମୃତା ସୌମ୍ୟାଶ୍ରୀଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ରାଜ୍ୟ ମହିଳା ବିଜୁ ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସଂଜୀବ ମଲ୍ଲିକ, ବସ୍ତା ବିଧାୟିକା ସୁବସିନୀ ଜେନା, ବାଲେଶ୍ୱର ସାଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ତାଙ୍କ ଚକ ପଳାସିଆ ଗ୍ରାମ ସ୍ଥିତ ବାସ ଭବନରେ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ସକାଳେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁଧାଂଶୁ ପରିଡ଼ା, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ପ୍ରମୁଖ ବିଜେଡିର ବହୁ ନେତା ମାନେ ମୃତା ଛାତ୍ରୀଙ୍କ ପିତାମାତା ଓ ପରିବାର ବର୍ଗ ଙ୍କୁ ଭେଟି ସମବେଦନା ଜଣାଇବା ସହିତ ବିଜୁ ଜନତା ଦଳ ସବୁବେଳେ ଆପଣଙ୍କ ପରିବାର ସହ ରହିଛି, ଆଗକୁ ରହିବ ଏବଂ ସୌମ୍ୟାଶ୍ରୀଙ୍କ ପ୍ରତି ଯେଉଁ ଅନ୍ୟାୟ ହୋଇଛି ଦଳ ନ୍ୟାୟ ଦେବା ପର୍ଯ୍ୟନ୍ତ ଲଢେଇ ଜାରି ରଖିବ ବୋଲି କହିଥିଲେ।

# ଦ୍ୱନ୍ଦ୍ୱ ବଢ଼ାଇଲା ଆଇସିସି କମିଟି ରିପୋର୍ଟ

**ବାଲେଶ୍ୱର, ୧୫।୭ (ସମିସ)**

ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ(ଏଚ୍‌ଓଡି) ସମୀର କୁମାର ସାହୁଙ୍କ ନାମରେ ଉଭୟ ମାନସିକ ଓ ଯୌନ ନିର୍ଯାତନାର ଅଭିଯୋଗ ଆଣିଥିଲେ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଏନେଇ ଛାତ୍ରୀଜଣଙ୍କ ଅଭିଯୋଗ କରିବା ପରେ କଲେଜ ପକ୍ଷରୁ ଆଇସିସି (ଇଣ୍ଟରନାଲ କମ୍ପ୍ଲେନ୍ କମିଟି) ଗଠନ କରାଯାଇ ତଦନ୍ତ ପାଇଁ କୁହାଗଲା। ତଦନ୍ତ ରିପୋର୍ଟ ଚଳିତ ମାସ ୯ତାରିଖ ସୁଦ୍ଧା ଆସିଥିଲେ ବି ଏ ଦିଗରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେବା ନେଇ ଜଣାପଡ଼ିଛି। କଲେଜର ପୂର୍ବତନ ଅଧ୍ୟକ୍ଷ ଆଇସିସି ରିପୋର୍ଟ ପାଇବା ପରେ ବି ଅଭିଯୁକ୍ତ ଏଚ୍‌ଓଡିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲେ। ଫଳରେ ମାନସିକ ଚାପ ଏବଂ ଅସହାୟ ହୋଇ ସୌମ୍ୟାଶ୍ରୀ ଏପରି ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। କିନ୍ତୁ ଗତ ୧୨ତାରିଖ ଦିନ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଥିଲେ, ଆଇସିସି କମିଟି ସମୀର ଚାଳିଶା ରଚନା କରିଛି। ଏଚ୍‌ଓଡି ସମୀରଙ୍କୁ ସୁହାଇଲା ଭଳି ଏକତରଫା ରିପୋର୍ଟ ହୋଇଛି। ଏବେ ଆଇସିସି କମିଟି କହୁଛି ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମେ ସୁପାରିସ କରିଥିଲୁ। ଅଧ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିଛନ୍ତି। ତେଣୁ, ଏଠାରେ ସାଂସଦ ଓ ଆଇସିସି କମିଟିର ଭିନ୍ନ ବୟାନରୁ କିଏ ଠିକ୍ କହୁଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିଏ ସତ, ଆଉ କିଏ ମିଛ କହୁଛି ତାହା ତଦନ୍ତସାପେକ୍ଷ ହୋଇଥିବା ବେଳେ ଘଟଣା ଦିନ ବାଲେଶ୍ୱର ସାଂସଦ କଲେଜ ପରିସରରେ ଆଇସିସି କମିଟି ଓ ଅଧ୍ୟକ୍ଷଙ୍କ ସାଙ୍ଗରେ ଆଲୋଚନା ପରେ ଏପରି ମନ୍ତବ୍ୟ ଦେଇଥିଲେ। ମାତ୍ର ଏବେ କମିଟି କହୁଛି ସେମାନେ ଅଧ୍ୟାପକ ସପକ୍ଷରେ ନୁହେଁ, ବରଂ ବିପକ୍ଷରେ ମନ୍ତବ୍ୟ ଦେଇଥିଲେ। ଏଠି ପ୍ରଶ୍ନ ଉଠୁଛି, କେବଳ କମିଟି ଉପରେ ଦୋଷ ଲଦି ଦେଇ ଖସିଯିବାକୁ ବସିଛନ୍ତି କି ଅନ୍ୟମାନେ। ନିଜ ଦୋଷ ଓ ଅବହେଳାକୁ ଲୁଚେଇବା ପାଇଁ କମିଟି ଉପରେ ଦୋଷ ଠେଲି ଦେଉଥିଲେ କି ସାଂସଦ? ଏଭଳି ତଦନ୍ତ ରିପୋର୍ଟକୁ ନେଇ ଭିନ୍ନ ଭିନ୍ନ ମତ ଆସୁଥିବା ବେଳେ ଘଟଣା ଆହୁରି ଜଟିଳ ହେବାରେ ଲାଗିଛି।

- **ଏଚ୍‌ଓଡିଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲା କମିଟି**
- **ସୁପାରିସ୍ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ନେଇନଥିଲେ ଅଧ୍ୟକ୍ଷ**
- **ସାଂସଦଙ୍କ ବୟାନଠାରୁ ଭିନ୍ନ ଆଇସିସି କମିଟି ରିପୋର୍ଟ**
- **କମିଟି ଉପରେ ଦୋଷ ଲଦି ଖସିଯିବାକୁ ଚକ୍ରାନ୍ତ!**

## ଝିଅକୁ କଲେଜ କର୍ତ୍ତୃପକ୍ଷ ମିଳିମିଶି ମାରିଦେଲେ: ସୌମ୍ୟାଶ୍ରୀଙ୍କ ବାପା

ଝିଅର ମୃତ୍ୟୁ ପାଇଁ ଯେଉଁମାନେ ପ୍ରତ୍ୟକ୍ଷ ଭାବେ ଦାୟୀ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ସୌମ୍ୟାଶ୍ରୀଙ୍କ ବାପା। ମୋ ଝିଅକୁ ମିଳିମିଶି ମାରିଦେଲେ କଲେଜ କର୍ତ୍ତୃପକ୍ଷ। କେବଳ ବିଭାଗୀୟ ମୁଖ୍ୟ ଅଧ୍ୟାପକ ନୁହନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ମଧ୍ୟ ଏଥିରେ ମୁଖ୍ୟ ଭୂମିକା ଥିଲା। ସବୁଠାରୁ ପ୍ରତ୍ୟକ୍ଷ ଭାବେ ଦାୟୀ ହେଉଛନ୍ତି କଲେଜରେ ଗଠିତ ହୋଇଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି। ଯେଉଁମାନେ ମୋ ଝିଅର ଅଭିଯୋଗ କୁ ତଦନ୍ତ କରିବା ସହ ବିଚାର କରି ନ୍ୟାୟ ଦେବା କଥା। ମାତ୍ର ସେମାନେ ତାହା ନ କରି ଅଭିଯୁକ୍ତ ଅଧ୍ୟାପକଙ୍କ ସହ ମିଶି ମୋ ଝିଅକୁ ମିଥ୍ୟାରେ ବଦନାମ କରିବାକୁ ପଛାଇଲେ ନାହିଁ। ତେଣୁ ମୋ ଝିଅ ଚାପରେ ମାନସିକ ଭାରସାମ୍ୟ ହରାଇ ଶେଷରେ ନିଜକୁ ଆତ୍ମାହୁତି ଦେଲା। ଝିଅ ମୋର ଏ କଥା ନେତା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ସମସ୍ତଙ୍କୁ ଜଣାଇଲା ପରେ ବି କୌଣସି ପ୍ରକାର ନ୍ୟାୟ ପାଇପାରିଲା ନାହିଁ। ଆଜି ଝିଅ ମୋର ଚାଲିଗଲା, ମାତ୍ର ତା ପ୍ରତି ଯେଉଁମାନେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଦାୟୀ ସେମାନଙ୍କୁ ଉଚିତ ଦଣ୍ଡ ମିଳୁ ବୋଲି ଆଜି କୋହଭରା କଣ୍ଠରେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି ମୃତ ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି।

## କ'ଣ କହୁଛନ୍ତି କମିଟିର ସଦସ୍ୟା

› ଏହି ଘଟଣାରେ ଆମେ ବହୁତ ମର୍ମାହତ। ଆମେ ତାକୁ ବୁଝାଇଥିଲୁ। କାଉନସେଲିଂ ବି କରିଥିଲୁ। ଏହାବ୍ୟତୀତ ଆମେ ସଙ୍ଗେ ସଙ୍ଗେ ଏଚଓଡି ସମୀର ସାହୁଙ୍କୁ ତାଙ୍କ ପଦବୀରୁ ହଟାଇବା ପାଇଁ ପୂର୍ବତନ ଅଧ୍ୟକ୍ଷଙ୍କୁ କହିଥିଲୁ। ତାପର କାମ ତାଙ୍କର ଥିଲା। ଆମର ଆଉ ନୁହେଁ। ୧ ତାରିଖରେ ଆଇସିସିରେ ଅଭିଯୋଗ ଆସିଲା। କମିଟି ବି ଗଠନ ହେଲା ଏବଂ ପରେ ଏହି କମିଟିର ସଦସ୍ୟ ପରିବର୍ତ୍ତନ ହୋଇ ନୂଆ ଛାତ୍ରୀ ଆଡ୍ ହୋଇ ପୁନର୍ଗଗଠନ ହେଲା। ଆମେ ୩ ତାରିଖ ସକାଳୁ କାମ ଆରମ୍ଭ କରିଲୁ ଏବଂ ୯ ତାରିଖ ରାତି ୯.୧୫ ମିନିଟ୍ ବେଳକୁ ରିପୋର୍ଟ ପ୍ରଦାନ କଲୁ। ପୂରା କମିଟି ହେଡ୍ ସିପ୍ ପରିବର୍ତ୍ତନ ପାଇଁ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ପରାମର୍ଶ ଦେଇଥିଲା ଏବଂ ସଙ୍ଗେ ସଙ୍ଗେ ଏହାର ପଦକ୍ଷେପ ନେବାକୁ ରିପୋର୍ଟରେ କୁହାଯାଇଥିଲା।



ଡ. ଜୟଶ୍ରୀ ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର୍ ତଥା ଆଇସିସିର ପ୍ରିଜାଇଡିଂ ଅଫିସର

› ମାନସିକ ଓ ଯୌନ ନିର୍ଯାତନା ହେଉଥିବା ନେଇ ଝିଅ ଅଭିଯୋଗ କରିଥିଲା

ଗତ ମାସ ୩୦ତାରିଖ ଦିନ ସେମିଷ୍ଟର ପରୀକ୍ଷାରୁ ଯେତେବେଳେ ସେ ବଞ୍ଚିତ ହେବା ପରେ ପୂର୍ବତନ ଅଧ୍ୟକ୍ଷଙ୍କୁ ଭେଟିବାକୁ ଆସିଥିଲା। ୩୦ ତାରିଖ ଅଭିଯୋଗ ପରେ ଜୁନ୍ ୧ରେ କମିଟି ଗଠନ କଲେ ପୂର୍ବତନ ଅଧ୍ୟକ୍ଷ। ଲେଟ୍ ହୋଇଗଲେ ସାର୍ ତାଙ୍କୁ ୪୫ ମିନିଟ୍ ବାହାରେ ଛିଡ଼ା କରାନ୍ତି। ଏ ବାବଦରେ ଆମେ ବିଏଡ୍ ପିଲାମାନଙ୍କୁ ଡାକି ବୁଝିବାରୁ ଏହା ସତ ଥିଲା। ସମସ୍ତଙ୍କୁ ସାର୍ ବାହାରେ ଛିଡ଼ା କରାନ୍ତି। ଏଥିସହ ୪ର୍ଥ ମିଡ୍‌ସେମ୍ ପରୀକ୍ଷା ଦେବାରୁ ତାକୁ ବଞ୍ଚିତ କରିବାରୁ ତାକୁ ତାହା ଅଧିକ ବାଧିଛି। କ୍ଲାସ ବାହାରେ ଛିଡ଼ା କରାଇବା ଏବଂ ପରୀକ୍ଷା ପାଇଁ ଅନୁମତି ନଦେବା ଛାତ୍ରୀ ପାଇଁ ନିର୍ଯାତନା ହୋଇଛି। କିନ୍ତୁ ଏଚଓଡି ହିସାବରେ ସବୁ ପିଲାମାନଙ୍କ ଉପରେ ଏହି ନିୟମ ଲାଗୁ କରିଥିଲେ। ଏହାବ୍ୟତୀତ ଏଚ୍‌ଓଡି ସମୀର ବାବୁ ଛାତ୍ରୀଙ୍କୁ ଫେବର୍ ମଧ୍ୟ ମାଗିଥିଲେ। ଯାହା ସେକ୍ସୁଆଲ ଆଡ଼କୁ ଇଙ୍ଗିତ କରୁଛି। ତେବେ ଏହାକୁ ନେଇ ଆମକୁ କିଛି ପ୍ରମାଣ ମିଳିଲା ନାହିଁ। ତେଣୁ ଆମେ ବିଏଡ୍‌ର ୬୦ ଜଣ ପିଲାଙ୍କୁ ଡାକି ପଚାରିଥିଲୁ। ସେତେବେଳେ ସମସ୍ତେ ସମୀର ସାହୁଙ୍କର ସେମିତି କିଛି ଚରିତ୍ରଗତ ସମସ୍ୟା ନାହିଁ ବୋଲି କହିଥିଲେ। ତେବେ ସୌମ୍ୟାଶ୍ରୀ ଅଭିଯୋଗ କରୁଥିବା ବେଳେ ଅନ୍ୟ ପିଲାମାନେ ଏନେଇ କିଛି ଅଭିଯୋଗ ନଥିଲା। ସେଥିପାଇଁ ଆମେ କିଛି ସତ୍ୟତା ପାଇଲୁ ନାହିଁ। କିନ୍ତୁ କ୍ଲାସ ବାହାରେ ଛିଡ଼ା କରାଇବା, ପରୀକ୍ଷା ଦେବାକୁ ନଦେବା ଆଦି ଏକ ନିର୍ଯ୍ୟାତନା। ଯାହାଦ୍ୱାରା ସୌମ୍ୟଶ୍ରୀ ପ୍ରଭାବିତ ହୋଇଥିଲା। ସବୁ ତଦନ୍ତ ପରେ ଆମେ ଜାଣିଲୁ ଯେ ସାର୍‌ଙ୍କ ବ୍ୟବହାର ଭଲ ନୁହେଁ। ସେଥିପାଇଁ ଆମେ ରିପୋର୍ଟରେ ଏବାବଦରେ ଲେଖିଥିଲୁ। ଏଥିସହ ହେଡ୍ ସିପ୍ ତୁରନ୍ତ ପରିବର୍ତ୍ତନ ପାଇଁ ଆମେ ରିପୋର୍ଟରେ ଲେଖିଥିଲୁ। ଏଥିସହ ପୂର୍ବତନ ଅଧ୍ୟକ୍ଷଙ୍କୁ ଏନେଇ ବାରମ୍ବାର ଆମେ କହିଛୁ। ଯଦି ସେତେବେଳେ ହେଡ୍ ସିପ୍ ପରିବର୍ତ୍ତନ ପଦକ୍ଷେପ ନିଆଯାଇଥାନ୍ତା ତାହେଲେ ହୁଏତ ଛାତ୍ରୀ ଜଣକ ଖୁସି ହୋଇଥାନ୍ତା। ନ୍ୟାୟ ମିଳିବ ବୋଲି ଆଶା ବାନ୍ଧିଥାନ୍ତା ଏବଂ ଆଗକୁ ସେ ଧୈର୍ଯ୍ୟ ମଧ୍ୟ ଧରିଥାନ୍ତା। ସେ କେବଳ ଆମକୁ ଜଣାଇ ନାହାନ୍ତି ସେ ତ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସମସ୍ତଙ୍କୁ ଟୁଇଟ୍ କରିଛି। ସେମାନେ ବି ଏକକାଳୀନ ଆସି ଏହାର ତଦନ୍ତ କରିପାରିଥାନ୍ତେ। କିଛି ପଦକ୍ଷେପ ନେଲେ ନାହିଁ। ଆମ ସ୍ତରରେ ଆମେ ତଦନ୍ତ କରି ପାଇଲୁ ଯେ ଯୌନ ନିର୍ଯାତନା ହୋଇନି, କିନ୍ତୁ ମାନସିକ ନିର୍ଯ୍ୟାତନା ପାଇ ଆତ୍ମହତ୍ୟା କରିଛି।



ଡ. ମିନତି ସେଠୀ, ଆସିଷ୍ଟାଣ୍ଟ ପ୍ରଫେସର ତଥା ଆଇସିସି ସଦସ୍ୟା

# କାଣ୍ଡଗରଡ଼ି ପଞ୍ଚାୟତରେ ଶ୍ରଦ୍ଧାଞ୍ଜଳି ସଭା

**ପଞ୍ଚଲିଙ୍ଗେଶ୍ୱର,୧୫।୭(ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅନ୍ତର୍ଗତ କାଣ୍ଡଗରଡି ପଞ୍ଚାୟତରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ ଆତ୍ମାର ସଦଗତି ନିମିତ୍ତ ନୀରବ ମହମବତୀ ଶୋଭାଯାତ୍ରା କାଣ୍ଡଗରଡି ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ନିକଟସ୍ଥ ବଜାର ପର୍ଯ୍ୟନ୍ତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର ରାଉତ, ପଞ୍ଚଲିଙ୍ଗେଶ୍ୱର ମଣ୍ଡଳ ସଭାପତି ଅନନ୍ତ ଗିରି, ବାବା ପଞ୍ଚଲିଙ୍ଗେଶ୍ୱର ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ବେହେରା, ବିଶ୍ୱରାମ ମିଶ୍ର, ବଳରାମ ବିଶ୍ୱାଳ, ଜୟଦେବ ବେହେରା, ପ୍ରଭାକର ରାଜ, ବିଭୁ ମହାପାତ୍ର ସମେତ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟା ଏବଂ ୫୦ରୁ ଅଧିକ ଗ୍ରାମବାସୀ ଯୋଗଦାନ କରିଥିଲେ।



# ଭୋଗରାଇରେ ବିଜେଡିର ମହମବତି ଶୋଭାଯାତ୍ରା




**ଭୋଗରାଇ, ୧୫।୭ (ସମିସ) :** ଫକୀରମୋହନ କଲେଜର ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା କରିଥିବା ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭୋଗରାଇ ବିଜୁ ଜନତାଦଳ ପକ୍ଷରୁ ଏକ ମହମବତୀ ଶୋଭା ଯାତ୍ରାରେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ପାଖରୁ ଏକ ବିରାଟ ପଟୁଆର ବାହାରୀ ଥାନାଛକ ଅମ୍ବିକେଶରୀ ମନ୍ଦିରରେ ପହଞ୍ଚି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଅମର ଆତ୍ମାର ସତଗତି କାମନା କରିଥିଲେ। ଏଥିରେ ରାଜ୍ୟ ବିଜୁ ଜନତା ଦଳର ରାଜ୍ୟ ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ବସ୍ତା ବିଧାୟକ ସୁବାସିନୀ ଜେନା, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ପୂର୍ବତନ ମନ୍ତ୍ରୀ ରାଜଶ୍ରୀ ମଲ୍ଲିକ ମା' ଅମ୍ବିକେଶ୍ୱରୀ ପାଖରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଶ୍ରଦ୍ଧାଞ୍ଜଳି ପଦଯାତ୍ରାରେ ଛାତ୍ର ବିଜୁ ଜନତାଦଳର ସଭାପତି ଚିନ୍ମୟ କୁମାର ପାତ୍ର, ମିଳନ ଦାସ, ସଞ୍ଜୟ ମଣ୍ଡଳ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସାମ୍ବାଦିକାଙ୍କୁ ଦୁର୍ବ୍ୟବହାର ଘଟଣାରେ ବନ୍ଧାହେଲେ ଅଭିଯୁକ୍ତ

**ବାଲିଆପାଳ, ୧୫।୭ (ସମିସ):** ଖବର ପ୍ରସାରଣକୁ ନେଇ ବାଲିଆପାଳ ବ୍ଲକରେ କାର୍ଯ୍ୟରତ ଜଣେ ସାମ୍ବାଦିକା ରାଜଶ୍ରୀ ପାଣିଗ୍ରାହୀଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରେ ବାଲିଆପାଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ଦୁର୍ବ୍ୟବହାର କରିଥିଲେ। ଏ ନେଇ ଶ୍ରୀମତୀ ପାଣିଗ୍ରାହୀ ବାଲିଆପାଳ ଥାନାରେ ଗତ ୧୧ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାଲିଆପାଳ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିଲେ। ଏ ସଂକ୍ରାନ୍ତରେ ସାମ୍ବାଦିକା ଶ୍ରୀମତୀ ପାଣିଗ୍ରାହୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସ୍ଥାନୀୟ ବିଧାୟିକା ସୁବାସିନି ଜେନା, ବସ୍ତା ଏସଡିପିଓ ଙ୍କ ସମେତ ଜିଲ୍ଲା ଏସପିଙ୍କୁ ମଧ୍ୟ ଜଣାଇଥିଲେ। ମାତ୍ର କୌଣସି ସୁଫଳ ନମିଳିବାରୁ ଆଜି ବାଲିଆପାଳ ଥାନା ସମ୍ମୁଖରେ ଉତ୍ତର ବାଲେଶ୍ୱରର ସାମ୍ବାଦିକମାନେ ଗଣଧାରଣା ଦେଇଥିଲେ। ସାମ୍ବାଦିକ ମାନଙ୍କ ଗଣଧାରଣା ପରେ ବାଲିଆପାଳ ପୁଲିସ ଅଭିଯୁକ୍ତ ହେମନ୍ତ ଦାସଙ୍କୁ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଗିରଫ ହେବାର ଖବର ବସ୍ତା ଏସଡିପିଓ ଦେବା ପରେ ସାମ୍ବାଦିକ ମାନେ ଧାରଣାରୁ ଉଠିଥିଲେ। ଏହି ଧାରଣାରେ ଶ୍ରୀମତୀ ପାଣିଗ୍ରାହୀଙ୍କୁ ସମର୍ଥନ ଜଣାଇ ସାମ୍ବାଦିକ ଅଜୟ ସାହୁ, ଗୋପାଳ ଚନ୍ଦ୍ର ସାହୁ, ପ୍ରକାଶ ପ୍ରଧାନ, ଉମାକାନ୍ତ ନାୟକ, ହରେକୃଷ୍ଣ ଦାସ, ପ୍ରଫୁଲ୍ଲ ପାତ୍ର,ସୁବଳ ଚନ୍ଦ୍ର ଦାସ, ପ୍ରଦୀପ ଜେନା ଦୀନବନ୍ଧୁ ପ୍ରଧାନଙ୍କ ସମେତ ବହୁ ସାମ୍ବାଦିକ ଧାରଣାରେ ବସିଥିଲେ। ଧାରଣାକୁ ସମର୍ଥନ ଜଣାଇ ମା ଘର ସ୍ୱେଚ୍ଛାସେବୀ ସଂଗଠନର ଏକାଧିକ ମା' ମାନେ ଧାରଣାରେ ବସିଥିଲେ।

# ଛାତ୍ର କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ସୋର,୧୫।୭(ସମିସ) :** ଛାତ୍ରୀ ସୌମ୍ୟଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ସୋର ଛାତ୍ର କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସମ୍ମୁଖରେ କରାଯାଇଛି। ସୋର ଛାତ୍ର କଂଗ୍ରେସର ଆଶିଷ କୁମାର ଜେନା,ସତ୍ୟରଞ୍ଜନ ବେହେରା, ଚିନ୍ତନ କୁମାର ବେହେରା, ପପୁନା ମହାଳିକଙ୍କ ସମେତ ଶତାଧିକ ଛାତ୍ର କଂଗ୍ରେସର କର୍ମୀ ଉପସ୍ଥିତ ରହି ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହି ଶୋଭାଯାତ୍ରା ସୋର ଉପେନ୍ଦ୍ରନାଥ କଲେଜ ଫାଟକରୁ ବାହାରି କଲେଜ ଛକ ପରିଭ୍ରମଣ କରି କଲେଜ ପରିସରରେ ଥିବା ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା।

# ଜୀବିତ ଅବସ୍ଥାରେ ନଦେଇ ଶବକୁ ସୁରକ୍ଷା ଦେଉଛି ବିଜେପି ସରକାର

**ବାଲେଶ୍ୱର(ଉତ୍ତର),୧୫।୭(ସମିସ):** ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମହତ୍ୟାକୁ ନେଇ ବିରୋଧୀ ଦଳ ମାନେ ସରକାରଙ୍କୁ ଘେରିଥିଲା ବେଳେ ସାଧାରଣ ଜନତା ମଧ୍ୟ ଏହାକୁ ନେଇ ସରକାରଙ୍କ ଆଭିମୁଖ୍ୟକୁ ନେଇ ସମାଲୋଚନା ଆରମ୍ଭ କଲେଣି। ଛାତ୍ରୀ ଜଣକ କଲେଜର ଅଧ୍ୟାପକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହେଲା ପରେ ନିଜର କ୍ୟାରିଅର ତଥା ସୁରକ୍ଷାକୁ ନେଇ କଲେଜର ଅଧ୍ୟକ୍ଷ, ବାଲେଶ୍ୱର ଏସ ପି, ଜିଲ୍ଲାପାଳ, ସ୍ଥାନୀୟ ବିଧାୟକ, ବାଲେଶ୍ୱର ସାଂସଦ ଏପରିକି ଉଚ୍ଚ ଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ସର୍ବୋପରି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ ଜରିଆରେ ନ୍ୟାୟ ଭିକ୍ଷା କରିଥିଲା।ମାତ୍ର କେହି ତା କଥା ଶୁଣିଲେ ନାହିଁ। ପରନ୍ତୁ କଲେଜ ଆଭ୍ୟନ୍ତରୀଣ କମିଟିରେ ତାଙ୍କୁ ଭର୍ତ୍ସନା କରାଗଲା। ଶେଷରେ ସହି ପାରିଲା ନାହିଁ, ନିଜ ଦେହକୁ ଜାଳି ଦେବାର ପ୍ରୟାସ କଲା।ସେତେବେଳେ ମଧ୍ୟ ସମସ୍ତେ ଉପସ୍ଥିତ ରହିଥଲେ ମାତ୍ର ତାଙ୍କୁ କେହି ରୋକିଲେ ନାହିଁ।ଶେଷରେ ଶରୀର ସମ୍ପୂର୍ଣ୍ଣ ଜଳିଗଲା। ମିଛରେ କୁହାଗଲା ଉତ୍ତମ ଚିକିତ୍ସା କରାଯାଉଛି। ଶେଷରେ ଗତ ସୋମବାର ସେ ଆଖି ବୁଜିଲା ବୋଲି ଘୋଷଣା କରାଗଲା। ମାତ୍ର ତାର ଶବ କୁ ରାତି ଅଧିଆ ବ୍ୟବଚ୍ଛେଦ କରାଯିବା ଏବଂ କଡ଼ା ସୁରକ୍ଷା ମଧ୍ୟରେ ଶବକୁ ନିଜ ପୈତୃକ ବାସ ଭବନକୁ ଆଣି ଶବ ସତ୍କାର କରାଗଲା। ଏହି ପ୍ରକ୍ରିୟାରେ ସାଂସଦ ସମେତ ବିଜେପିର ବହୁ ବିଧାୟକ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକାରୀ ସମେତ ପ୍ରାୟ ୧୦ପ୍ଲାଟୁନ ସଶସ୍ତ୍ର ପୋଲିସ ବାହିନୀ ମୁତୟନ କରିବାକୁ ନେଇ ସାଧାରଣ ଜନତା ଙ୍କ ମଧ୍ୟରେ ଆଲୋଚନା ହେଉଛି ଯେ ଯେତେବେଳେ କୋମଳମତି ଝିଅଟେ ବଞ୍ଚିଥିବା ଅବସ୍ଥାରେ ସମସ୍ତଙ୍କ ଠାରେ ନ୍ୟାୟ ଭିକ୍ଷା କରୁଥିଲା ସେତେବେଳେ ତାକୁ କିଞ୍ଚିତ ଭାବେ ନ୍ୟାୟ ଦେବାକୁ ସମ୍ପୂର୍ଣ୍ଣ ଅକ୍ଷମ ହୋଇଥିବା ପ୍ରଶାସନିକ ଅଧିକାରୀ, ସରକାରୀ ଦଳର ନେତା ମାନେ ଆଜି ତାର ଶବକୁ ଯେଉଁଭଳି ସୁରକ୍ଷା ଦେଲେ ତାହା ହାସ୍ୟାସ୍ପଦ।

# ବିସ୍କୁଟ ବ୍ୟବସାୟୀଙ୍କଠୁ ଲୁଟ୍

**ସୋର,୧୫।୭(ସମିସ):** ଦିନକୁ ଦିନ ସୋରରେ ଚୋରି ଓ ଡକାୟତି ବୃଦ୍ଧି ପାଉଛି। ଆଜି ଦିନ ଦ୍ୱିପ୍ରହରେ ଉତ୍ତରେଶ୍ୱରରୁ ଜଣେ ବିସ୍କୁଟ ବ୍ୟବସାୟୀଙ୍କ ଗାଡିରୁ ୪୨ ହଜାର ଟଙ୍କା ଚୋରୀ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସୋର ଥାନା କୁଡେଇ ଗ୍ରାମର ତିମିର ତପନ ଦାସ ବିସ୍କଫାର୍ମ ବିସ୍କୁଟ କମ୍ପାନୀର ଡିଲର ଭାବେ ସୋରର ବିଭିନ୍ନ ଦୋକାନକୁ ବିସ୍କୁଟ ଯୋଗାନ୍ତି। ଆଜି ମଧ୍ୟାହ୍ନରେ ଉତ୍ତରେଶ୍ୱର କସମୋ ବଜାର ନିକଟରେ ଏକ ଦୋକାନରେ ବିସ୍କୁଟ ପେଟି ଦେଉଥିବା ବେଳେ ଦୁଇଜଣ ଯୁବକ ଏକ ପଲସର ବାଇକରେ ଆସି ତାଙ୍କ ଗାଡି ଆଗରେ ଥିବା ବ୍ୟାଗରୁ ୪୨ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ।

# ଶିକାରୀଙ୍କଠାରୁ ୩ ହାତୀଦାନ୍ତ ଜବତ

**ନୀଳଗିରି, ୧୫।୭ (ସମିସ)**



ମାସେ ପରେ ନୀଳଗିରି ବନ ବିଭାଗକୁ ସଫଳତା ମିଳିଛି। ଗତ ଜୁନ୍ ୧୫ ତାରିଖରେ କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ଜବତ ହୋଇଥିବା ଗଳିତ ଦନ୍ତା ହାତୀର ଦୁଇଟି ଦାନ୍ତ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କେସିପୁର ପଞ୍ଚାୟତ ବେତକଟା ଗ୍ରାମର ସୁଶାନ୍ତ ନାୟକ ଓରଫ୍ ଟୁଟୁ ଓ ଅନ୍ୟ ଜଣେ ବାପି। ବିଶେଷସୂତ୍ରରୁ ଖବର ପାଇ ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ ଏବଂ କୁଲଡ଼ିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ପୁଲିସ ସହାୟତାରେ ଆଜି ସୁଶାନ୍ତର ଘର ଉପରେ ଚଢ଼ଉ କରି ଦାନ୍ତ ଦୁଇଟିକୁ ଜବତ କରିଛି। ସେହିପରି, ଏହି ଟିମ୍ ତେଲିପାଳ ପଞ୍ଚାୟତ ଭଗାବନ୍ଧ ଗ୍ରାମର ଦିନା ମୁର୍ମୁଙ୍କ ଘର ଉପରେ ଚଢ଼ଉ କରି ଏକ ପୁରୁଣା ହାତୀଦାନ୍ତ ଜବତ କରିବା ସହ ତାଙ୍କୁ ହେପାଜତକୁ ନେଇ ଅଧିକ ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କୁଲଡ଼ିହା ଅଭୟାରଣ୍ୟ ପୁଟିବନ୍ଧ ହୁଡ଼ିସାହି ନିକଟରୁ ବନ ବିଭାଗ ଗତ ଜୁନ୍ ୧୫ତାରିଖରେ ଏକ ଗଳିତ ହାତୀର ମୃତଦେହ ଜବତ କରିଥିଲା। ପରେ ଏହି ଘଟଣାର ତଦନ୍ତ କରି ବନ ବିଭାଗ ୫ ଶିକାରୀଙ୍କୁ ବିଭାଗ ଗିରଫ କରିଥିଲେ ହେଁ ମୁଖ୍ୟ ଆସାମୀ ସୁଶାନ୍ତ ଏବଂ ହାତୀର ଦାନ୍ତଦ୍ୱୟକୁ ଠାବ କରିବାରେ ବିଫଳ ହୋଇଥିଲା।

# ଶ୍ରେଣୀ ଗୃହରେ ଛାତ୍ରୀ, ତାଲା ପକାଇ ଚାଲିଗଲେ ଶିକ୍ଷୟିତ୍ରୀ

**ମହାକାଳପଡ଼ା,୧୫।୭ (ସମିସ):** ମହାକାଳପଡ଼ା ବ୍ଲକ ବଉଳକାଣି ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ତୃତୀୟ ଶ୍ରେଣୀର ଜଣେ ଛାତ୍ରୀ ଶ୍ରେଣୀଗୃହରେ ଥିବାବେଳେ ଶିକ୍ଷୟିତ୍ରୀ ଚିନ୍ମୟୀ ମଲିକ ବିଦ୍ୟାଳୟ ଶ୍ରେଣୀଗୃହ ଓ ଫାଟକରେ ତାଲା ପକାଇ



ଘରକୁ ଚାଲିଯାଇଥିଲେ। ଛାତ୍ରୀ ଜଣକ ପ୍ରାୟ ସାଢ଼େ ପାଞ୍ଚଟା ବେଳେ ଶ୍ରେଣୀ ଗୃହ ଝରକା ବାଟେ କାନ୍ଦୁଥିବା ଦେଖି ବିଦ୍ୟାଳୟ ନିକଟରେ ଖେଳୁଥିବା କିଛି ପିଲା ହାଲ୍ଲା କରିଥିଲେ। ଗ୍ରାମବାସୀ ଓ କମିଟି ସଦସ୍ୟ ସରପଞ୍ଚ ସାଲବେଗ ମାହାଲିଙ୍କୁ ଖବର ଦେଇଥିଲେ। ସରପଞ୍ଚ ପହଞ୍ଚି ଛାତ୍ରୀଙ୍କୁ ପାଣି ପିଇବାକୁ ଦେଇ ଆଶ୍ୱାସନା ଦେଇଥିଲେ ଓ ଶିକ୍ଷିୟତ୍ରୀଙ୍କୁ ଯୋଗାଯୋଗ କରିଥିଲେ। ବିଦ୍ୟାଳୟରୁ ପ୍ରାୟ ଚାରି କିଲୋମିଟର ଦୂର ବାହାରସୁବଳା ଗ୍ରାମରୁ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଫେରି ଶ୍ରେଣୀ ଗୃହ କବାଟ ଖୋଲି ଛାତ୍ରୀଙ୍କୁ ବାହାର କରିଥିଲେ। ଛୁଟି ହେଲା ବେଳକୁ ପିଲାଟି ଶ୍ରେଣୀଗୃହରେ ଶୋଇ ପଡିଥିଲା। ତଦାରଖ ନ କରି ଶିକ୍ଷୟିତ୍ରୀ ଗୃହ କବାଟ ଦେଇ ଦେଇଥିବା ଜଣାପଡିଛି। ଏ ନେଇ ସମ୍ପୃକ୍ତ ସର୍କଲର ସିଆରସିସି ଅଶୋକ ମହାରାଜଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ। ମହାକାଳପଡ଼ା ବ୍ଲକ ଶିକ୍ଷାଧିକାରୀ କୈଳାସ ଦଳେଇ ଘଟଣା ବିଷୟରେ ଅବଗତ ଅଛନ୍ତି ବୋଲି କହିବା ସହିତ ଆସନ୍ତାକାଲି ବିଦ୍ୟାଳୟ ଖୋଲିବା ପରେ ଘଟଣା ବିଷୟରେ ତଦନ୍ତ କରିବେ ବୋଲି କହିଛନ୍ତି।

● ବାଲ୍ୟ ବିବାହକୁ ବିରୋଧ

# ଅଭିଯୁକ୍ତ ବରକୁ କୋର୍ଟ ଚାଲାଣ କଲା ପୁଲିସ

**ପଟ୍ଟାମୁଣ୍ଡାଇ,୧୫।୭ (ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ବାଲ୍ୟ ବିବାହକୁ ବନ୍ଦ କରିବା ପାଇଁ କଠୋର ଆଇନ ପ୍ରଣୟନ କରିଥିଲେ ମଧ୍ୟ କିଛି ଲୋକ ଆଇନ ଆଖିରେ ଧୂଳି ଦେଇ ବାଲ୍ୟ ବିବାହ କରିବା ଦେଖାଯାଉଛି। ସେହିଭଳି ଏକ ଅଭାବନୀୟ ଘଟଣା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଘଟିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦୋଷିଆ ପଞ୍ଚାୟତରେ ୧୪ ବର୍ଷ



ବୟସ୍କା ଜଣେ ନାବାଳିକା ଝିଅକୁ ବାଦଲ ତରାଇ ନାମକ ଏକ ବୟସ୍କ ଯୁବକ ସ୍ଥାନୀୟ ମନ୍ଦିରରେ ବିବାହ କରୁଥିବା ଖବର ପାଇ ଗ୍ରାମବାସୀ ନାବାଳିକାଙ୍କ ଘରକୁ ଯାଇ ଝିଅର ମାଆକୁ ବିବାହ ବନ୍ଦ ପାଇଁ ବହୁତ ବୁଝାଇ ବିଫଳ ହେବା ପରେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ଝିଅର ମାଆ ଏହି ବିବାହ ସମ୍ପର୍କରେ କିଛି ଜାଣି ନ ଥିବା ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଧୀରଜ ଲେଙ୍କା ଥାନା କେସ ନଂ ୨୫୩ରେ ବାଲ୍ୟ ବିବାହ ନିରୋଧ ଆଇନ ବଳରେ ମୋକଦ୍ଦମା ରୁଜୁ କରି ଅଭିଯୁକ୍ତ ବର ବାଦଲ ତରାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହା ଏକ ପ୍ରେମ ବିବାହ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବାବେଳେ ଟଙ୍କା ଲୋଭରେ ବିବାହ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନାବାଳିକା ଝିଅର ବାପା ଓଡିଶା ବାହାରେ ଥିବାରୁ ବାଲ୍ୟ ବିବାହ ନେଇ ତାଙ୍କର ଭୂମିକା ସ୍ପଷ୍ଟ ହୋଇନାହିଁ। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଏହି ବାଲ୍ୟ ବିବାହକୁ ଘୋର ବିରୋଧ କରାଯିବା ସହିତ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

# ରାଧାନଗର ଗ୍ରାମରେ ଚାରାରୋପଣ

**ଆଳି,୧୫।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ନିଆଳ ପଞ୍ଚାୟତ ରାଧାନଗର ଗ୍ରାମ ମା' କାଳୀଙ୍କ ମନ୍ଦିର ଓ ରାଧାନଗର ଖେଳ ପଡିଆରେ ଆଜି ଅପରାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମା' କାଳୀ କ୍ରିକେଟ ରାଧାନଗର ଓ ପଲ୍ଲୀ ଆଲୋକ




କ୍ରିକେଟ କ୍ଲବ, ରାଧାନଗରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବକ ସଙ୍ଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମୋଟ ୨୧ଟି ବୃକ୍ଷରୋପଣ କରିଥିଲେ। ରାଧାନଗର ଗ୍ରାମର ରତ୍ନାକର ବେହେରାଙ୍କ ପୁଅ ଆଶିଷ (୩୧) ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କ ସ୍ମୃତିରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ତାଙ୍କ ଏକାଦଶାହରେ ସେ ଖେଳୁଥିବା ପଡିଆ ପାର୍ଶ୍ୱରେ ୨୧ଟି ବୃକ୍ଷରୋପଣ କରାଯିବା ସହ ଆଗାମୀ ଦିନରେ ବୃକ୍ଷରୋପଣ କରିବେ ବୋଲି ଅଧର କୁମାର ସାହୁ, ସୌରଭ ଲେଙ୍କା, ରାଜେଶ ବିଶ୍ୱାଳ, ସୁଧୀର ରାଉତ, ସନ୍ତୋଷ ଲେଙ୍କା, ଅଭିଜିତ ପାତ୍ର, ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସଚିନ ଲେଙ୍କା, ପ୍ରଶାନ୍ତ ପରିଡ଼ା, ପ୍ରତାପ ପରିଡ଼ା, ସତ୍ୟପ୍ରକାଶ ନାୟକ, ଦୀପକ ନାୟକ ପ୍ରମୁଖ କହିଛନ୍ତି।

# ଯାଦବ ସେବା ସଂଗଠନ ପକ୍ଷରୁ ସେତୁ ସଫେଇ



**ଆଳି,୧୫।୭ (ସମିସ):** ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ଖରସ୍ରୋତା ନଦୀର ଗୋବିନ୍ଦପୁରଠାରେ ନିର୍ମାଣ ହୋଇଥିବା ସେତୁର ରକ୍ଷଣାବେକ୍ଷଣ ଅଭାବରୁ ବହୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଯାଦବ ସେବା ସଂଗଠନ ପକ୍ଷରୁ ସେତୁ ଉପରେ ବହୁଦିନ ଧରି ରହିଥିବା କାଦୁଅ, ଅଳିଆ ଆବର୍ଜନା, ଅନାବନା ଗଛ ସଫା କରଥିଲେ। ସଂଗଠନର କର୍ମକର୍ତ୍ତା ସମୀର ବେହେରା, ଦିନେଶ ଦାସ, ସୁଶାନ୍ତ ଦାସ, ଯଶୋବନ୍ତ ଦାସ, ମହେଶ୍ୱର ପରିଡ଼ା ପ୍ରମୁଖ ସଫେଇ କାର୍ଯ୍ୟ କରିଥିଲେ। ଏଭଳି କାର୍ଯ୍ୟ ପାଇଁ ଅଞ୍ଚଳବାସୀ ସଂଗଠନକୁ ପ୍ରଶଂସା କରିଛନ୍ତି।

## ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

# ମିଳିତ ବିରୋଧୀ ଦଳ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**କେନ୍ଦ୍ରାପଡ଼ା,୧୫।୭ (ସମିସ):** ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି। ଏହି ଦୁଃଖଦ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯାଉ । ନୈତିକତା ଦୃଷ୍ଟିରୁ ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବାଲେଶ୍ୱର ବିଧାୟକ ଇସ୍ତଫା ଦିଅନ୍ତୁ। ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ। ଛାତ୍ରୀଙ୍କ ସ୍ମୃତିରେ ୧୭ ତାରିଖ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବା ପାଇଁ ବିରୋଧୀ ଦଳମାନେ ନିବେଦନ କରିଛନ୍ତି। ବିଜେପିର କୁଶାସନ ରାଜ୍ୟର ସମସ୍ତ ସମଭାବାପର୍ଣ୍ଣ ଦଳ ଓ ସଂଗଠନ ଏକାଠି ହୋଇ ଏହି ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଛି। ତିନିଦିନ ଧରି ତମାମ କ୍ୟାଣ୍ଡେଲ୍ ଶୋଭାଯାତ୍ରା




ଓ ଶ୍ରଦ୍ଧାଞ୍ଜଳି ସଭା ଅୟୋଜନ କରାଯିବ। ଛାତ୍ରଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ରଛାତ୍ରୀଙ୍କ ନିରାପତ୍ତା ନାହିଁ। ସରକାରୀ ଶିକ୍ଷାନୁଷ୍ଠାନଠାରୁ ଘରୋଇ ଶିକ୍ଷାନୁଷ୍ଠାନର ସ୍ଥିତି ଆହୁରି ଭୟଙ୍କର। ବ୍ୟବସାୟିକ ଶିକ୍ଷାନୁଷ୍ଠାନ ପ୍ରାଇଭେଟ୍ ଗୁଣ୍ଡା ବାହିନୀ ରଖିଛନ୍ତି। ଫକୀରମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ ମାତ୍ର ବୋଲି ବିରୋଧୀ ଦଳ କହିଛନ୍ତି। ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନାଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣ ଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ ଓ ଡିଟେନସନ, ବିଏମସି ଅଧିକାରୀଙ୍କ ଉପରେ ବିଜେପି କର୍ମୀ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ୧୭ ଜୁଲାଇରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଆଜି ସନ୍ଧ୍ୟାରେ ମିଳିତ ବିରୋଧୀ ଦଳ ଓ ବିଭିନ୍ନ ଗଣସଂଗଠନ ପକ୍ଷରୁ କେନ୍ଦ୍ରାପଡା ପୁରୁଣା ବସଷ୍ଟାଣ୍ଡସ୍ଥ ଗାନ୍ଧୀ ମୂର୍ତ୍ତି ନିକଟରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବା ପରେ ନୂଆବସଷ୍ଟାଣ୍ଡସ୍ଥ ଜାତୀୟ ପତାକା ପୋଷ୍ଟ ନିକଟରେ ସମାପନ ହୋଇଥିଲା। ଏହି ଶୋଭାଯାତ୍ରାରେ ପୂର୍ବତନ ବିଧାୟିକା ସିପ୍ରା ମଲିକ, ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ଜିଲ୍ଲା ସଭାପତି ପ୍ରଫୁଲ୍ଲ ଦାସ, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜିଲ୍ଲା ନେତା ଜଗତଜୀବନ ଦାଶ, ସିପିଆଇ ରାଜ୍ୟ ପରିଷଦ ସଭ୍ୟ ରମଣିରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦକ ବିକାଶଚନ୍ଦ୍ର ବେଉରା, ଆଦିକନ୍ଦ ରାଉଳ, ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦିକା ଏଲିନା ସାମନ୍ତରାୟ, ଯୁବକଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଛାତ୍ର କଂଗ୍ରେସ ସଭାପତି ଦିବ୍ୟରଞ୍ଜନ ରାଉତ, ରାଜମୋହନ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବିଜେଡି, କଂଗ୍ରେସ ଓ ଏବିଭିପିର ବିକ୍ଷୋଭ




**ରାଜନଗର, ୧୫।୭ (ସମିସ):** ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନ୍ୟାୟ ପାଇଁ ଲଢ଼େଇ କରି ଆତ୍ମାହୁତି ଦେଇ ଗତକାଲି ରାତିରେ ଜୀବନ ଯୁଦ୍ଧରେ ହାରିଯିବା ପରେ ସାରା ରାଜ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପୀଡ଼ିତା ଛାତ୍ରୀଙ୍କୁ ନ୍ୟାୟ ଦାବିରେ ରାଜନଗରସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକ୍ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର ବିଜେଡି ସଭାପତି ମନୋଜ ମଲ୍ଲିକଙ୍କ ନେତୃତ୍ୱରେ ଛାତ୍ର ନେତା ପରମେଶ୍ୱର ଦାସ, ମୁନା ପୁହାଣ, ରବୀନ୍ଦ୍ର ସିଂ, ଉମେଶ ନାୟକ, ସାଗର ବଳ, ଅଂଶୁମାନ ସେଠୀ, ସୌଭାଗ୍ୟ ନାୟକ, ରାକ୍ଷୀ ରାଉତ, ମନୀଷା ପ୍ରଧାନ, ଜାସ୍ମିନ ରାଉତ, ସୁଶାନ୍ତ ରାଉତ, ସୁଭସ୍ମିତା ବଳ, ରିଙ୍କୁ ସେଠୀ, ବ୍ରଜେଶ୍ୱର ପ୍ରଧାନ, ରମେଶ ବିଶ୍ୱାଳ, ପୀତବାସ ବିଶାଳ, ନିରଞ୍ଜନ ରାଉତ, ଆକାଶ ପ୍ରଧାନ, ଗୌରଭ ନାୟକ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝି, ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ କୁଶ ପୁତ୍ତଳିକା ଦାହ କରିଥଲେ। ଛାତ୍ରୀଙ୍କୁ ନ୍ୟାୟ ନ ମିଳିଲେ ଆଗକୁ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି। ସେହିପରି ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ରାଜନଗର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପୂର୍ବତନ ଛାତ୍ର ସଂସଦ ସଭାପତି ସୌରଭ ଜେନା ଓ ସୁଶୀଲ ପ୍ରଧାନଙ୍କ ନେତୃତ୍ୱରେ ମହାବିଦ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପ୍ରିୟରଞ୍ଜନ ରାଉତ, ସ୍ନେହାଶିଷ ଜେନା, ଅଭିରାମ ରାଉତ, ଜୟପ୍ରକାଶ ରାଉତ, ବାଦଲ ଜେନା, ଶୈଳେଶ ସ୍ୱାଇଁ, ସଂଜୟ ସାହୁ, ମନୀଷା ପ୍ରଧାନ, ମୋନାଲିସା ମଲ୍ଲିକ, ସ୍ୱାଗତିକା ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏବିଭିପି ପକ୍ଷରୁ ପୀଡିତ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଓ ଛାତ୍ରୀ ଆତ୍ମାହୁତି ଓ ମୃତ୍ୟୁବରଣ ପାଇଁ ଦାୟୀ ସମସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଶ୍ରୀଜଗନ୍ନାଥ






ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର ନେତା ସୁକୁମାର ମାନ୍ନାଙ୍କ ନେତୃତ୍ୱରେ ସଂଗୀତା ପ୍ରଧାନ, ଆକାଂକ୍ଷା ରାଉତ, ଶୁଭଶ୍ରୀ ବାଗ, ସ୍ୱାଗତିକା ପରିଡା, ଆୟୁସି ଦାସ, ସୁମିତ୍ରା ଦାସ, ଅକ୍ଳାନ୍ତ ରାଉତ, ଲକ୍ଷ୍ମୀପ୍ରିୟା ସେଠୀ, ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡା, ଅନ୍ନପୂର୍ଣ୍ଣା ବାରିକ, ଶ୍ରାବଣୀ ବେହେରା, ଓମପ୍ରକାଶ ଦାସ ପ୍ରମୁଖ ସାମିଲ ହୋଇଥିଲେ।

# ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ




**ପଟ୍ଟାମୁଣ୍ଡାଇ,୧୫।୭ (ସମିସ):** ସବୁ ଦିଗରୁ ନ୍ୟାୟଭିକ୍ଷା କରି ବିଫଳ ହୋଇ ଜୀବନ ହାରିଥିବା ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମାଶ୍ରୀ ବିଶିଙ୍କ ମାମଲାରେ ସରକାରଙ୍କ ଚରମ ବିଫଳତାର ପ୍ରତିବାଦ ଓ ମାମଲାର ନ୍ୟାୟିକ ତଦନ୍ତ, ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଯୁବ ବିଜେଡି ନେତା ବାବନ ସାହୁ, ଦିଲ୍ଲୀପ ସେଠୀ, ଅଭିରାମ ସ୍ୱାଇଁ, ଏମଡି ପପୁଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜରେ ଛାତ୍ର ଆନ୍ଦୋଳନ କରାଯାଇଛି। ପଟ୍ଟାମୁଣ୍ଡାଇ ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ, କ୍ୟାମ୍ପସ ପ୍ରେସିଡେଣ୍ଟ ଅନମୋଲ ରାଉତ, ସ୍ମୃତିରଞ୍ଜନ ପାଢ଼ୀ, ଶାରଦା ପ୍ରସନ୍ନ ରାଉତ, ସ୍ନେହାଶିଷ ମଲ୍ଲିକ, ଓମ ପ୍ରକାଶ ଦାଶ, କୁନା ବିଶ୍ୱାଳ, ଜଗଦୀଶ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଛାତ୍ରଛାତ୍ରୀ ପଟ୍ଟାମୁଣ୍ଡାଇ କଲେଜରେ ଛାତ୍ର ଆନ୍ଦୋଳନ କରି କଲେଜ ବନ୍ଦ କରିବା ସହ ଶୋଭାଯାତ୍ରାରେ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକ ମଦନପୁର ଯୁକ୍ତ ମହାବୀର କଲେଜରେ ଛାତ୍ର ଆନ୍ଦୋଳନ କରାଯାଇଛି।

# କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା



**ରାଜକନିକା, ୧୫।୭ (ସମିସ):** ଆଜି କାଟଣାବଣିଆ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ସାରା ଓଡିଶାକୁ ସ୍ତବ୍ଧ କରି ଗତକାଲି ରାତିରେ ମୃତ୍ୟୁବରଣ କରିଥିବା ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ ତମାମ ରାଜ୍ୟରେ ପ୍ରତିବାଦ ଓ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ନ୍ୟାୟ ଦାବି କରାଯାଇଛି। ଆଜି ସନ୍ଧ୍ୟାରେ ଶତାଧିକ କଂଗ୍ରେସ କର୍ମୀ ଧନୁର୍ଜୟ ଦାସଙ୍କ ନେତୃତ୍ୱରେ ଶୋଭାଯାତ୍ରା କରିଥିଲେ। ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମଙ୍ଗୁଳି ଚରଣ ବେହେରା, ପଞ୍ଚାୟତ କମିଟିର ଜନ୍ମେଜୟ ଜେନା, ପ୍ରଦୀପ୍ତ ବେହେରା, ଜୟନ୍ତ ମହାନ୍ତି, ମନୋଜ ରାଉତ, ପ୍ରସନ୍ନ ବିଶ୍ୱାଳ, ନିରଞ୍ଜନ ବିଶ୍ୱାଳ, ଗିରିଜା ଦାସ, ମଧୁସୂଦନ ସ୍ୱାଇଁ, ହେମନ୍ତ ରାଉତ, ଅଜୟ ବଳ, ରବିନ ବେହେରା, ପ୍ରହଲ୍ଲାଦ ବାରିକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# ଝରକା ଗ୍ରୀଲ ତାଡ଼ି ଟଙ୍କା, ସୁନା ଲୁଟିନେଲେ ଦୁର୍ବୃତ୍ତ

**ପଟ୍ଟାମୁଣ୍ଡାଇ,୧୫।୭ (ସମିସ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ତଥା ପୌର ପରିଷଦର ୧୮ ନଂ ୱାର୍ଡ ପଟ୍ଟାମୁଣ୍ଡାଇ/ତାତନା କେନାଲ ପାର୍ଶ୍ୱରେ ଥିବା ସମାଜସେବୀ ପ୍ରତାପ କେଶରୀ ରାଉତଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ଟଙ୍କା, ସୁନା ଲୁଟି ନେଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତକଲି ରାତିରେ ସମାଜସେବୀ ଶ୍ରୀ ରାଉତ ରାତ୍ରଭୋଜନ ସାରି ଶୋଇଥିଲେ। ତେବେ ବେଡ଼ ରୁମ୍‌କୁ ଲାଗି ରହିଥିବା ଅନ୍ୟଏକ ଘରେ ଆସବାବପତ୍ର ସହିତ ଲୁହା ଆଲମିରା, ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରଖାଯାଇଛି। ଏହି ଘରରେ ପ୍ରାୟତଃ ତାଲା ପଡିଥାଏ। ଦୁର୍ବୃତ୍ତ ଘରର ଝରକା ଓ ଲୁହା ଗ୍ରିଲ୍ ତାଡି ଭିତରେ ପ୍ରବେଶ କରି ବାକ୍ସ ଓ ଆଲମିରା ତାଡି ସେଥିରେ ଥିବା ନଗଦ ୩୦ ହଜାର ଟଙ୍କା, ତିନି ହଳ ସୁନା କାନଫୁଲ, ସୁନା ଚୁଡି, ବାହୁଟି ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରାଇ ନେଇଥିବା ପୁଲିସ ସୂତ୍ରରୁ ଜଣାପଡିଛି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ପୁଲିସ ଚୋରଙ୍କୁ ଧରିବା ପାଇଁ ଅନୁସନ୍ଧାନ ଚଳାଇ ଥିବାବେଳେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

## ବ୍ରାହ୍ମଣୀ ନଦୀ ବନ୍ୟାଜଳ କୂଳ ଲଂଘିଲା

# ପାଣି ଘେରରେ କୋଳିଡ଼ିହ ଓ ପତ୍ରପୁର ପଞ୍ଚାୟତ

**ଆଳି,୧୫।୭ (ସମିସ)**

ରେଙ୍ଗାଲି ବ୍ୟାରେଜ୍ ଗେଟ ଖୋଲା ହେଲା ପରେ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ରିଙ୍ଗବନ୍ଧ ବାହାରେ ଥିବା ପତ୍ରପୁରର ୨ଟି ୱାର୍ଡ ଓ ଗୋପାଳପୁରର ଗୋଟିଏ ୱାର୍ଡରେ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଉକ୍ତ ଅଞ୍ଚଳ ସମେତ ପ୍ରସିଦ୍ଧ ଦରଘା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ସେହିଭଳି କୋଳିଡିହ ପଞ୍ଚାୟତର ୭ଟି ଗ୍ରାମର ୧୧ଟି ୱାର୍ଡର ଦିନିଆରି, ଚନ୍ଦନନଗର, ବିଜୟନଗର, ଜାମୁଦଣ୍ଡା, ଇଛାପୁର, ତଅଁଳାଡିହା ଗ୍ରାମ ବନ୍ୟା ଜଳରେ ଉବୁଟୁବୁ ହେଉଛି। ବଡାମ୍ବିଳା ପଞ୍ଚାୟତର ଦଶିପୁର ଓ ସାହୁପଡ଼ା ତଳିଆ



ଅଞ୍ଚଳ ବୁଡିଯିବା ସହ ଚାଷଜମି ସମ୍ପୂର୍ଣ୍ଣ ବୁଡିଯିବା ଯୋଗୁ ଧାନଫସଲ ନଷ୍ଟ ହେବା ସମ୍ଭାବନା ସୃଷ୍ଟି ହୋଇଛି। ନରେନ୍ଦ୍ରପୁର, ମାଣିକପାଟଣା, ପଦିନୀପାଳ ଓ ନୂଆପଡ଼ା ପଞ୍ଚାୟତର କିଛି ଅଞ୍ଚଳ ମଧ୍ୟ ବନ୍ୟା ଘେରରେ ରହିଛି। ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀ ବିପଦ ସଂକେତ ୧୬ ଫୁଟ ଥିବାବେଳେ ବର୍ତ୍ତମାନ ଏହା ସେହି ସଂକେତ ଅତିକ୍ରମ କରି ନ ଥିବା ତଟବନ୍ଧ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏହାକୁ ଆଖି ଆଗରେ ରଖି ଆଳି ପ୍ରଶାସନ ସଜାଗ ଥିବାବେଳେ ବନ୍ୟା ପରିସ୍ଥିତି ମୁକାବିଲା କରିବା ନିମନ୍ତେ ଆଳିର ଧୋୟାଞ୍ଚଳ ସହ ଉପରୋକ୍ତ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠୀ କହିଛନ୍ତି।

# ଆଜିଠୁ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

**କେନ୍ଦ୍ରାପଡ଼ା,୧୫।୭ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାଠାରେ ଆସନ୍ତାକାଲିଠୁ ରାଜ୍ୟସ୍ତରୀୟ ବରିଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟ ସାହାଣୀ କପ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ୨୩ ତାରିଖ ପର୍ଯ୍ୟନ୍ତ ରାଜକନିକା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଜୋନ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ-ଏରେ କଟକ, ପାରାଦୀପ ପୋର୍ଟ ଟ୍ରଷ୍ଟ, ଖୋର୍ଦ୍ଧା ଓ ପୁରୀ ଥିବାବେଳେ ଗ୍ରୁପ-ବିରେ କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ଝାରସୁଗୁଡା ରହିଛି। ପ୍ରତ୍ୟେକ ଦିନ ସକାଳ ୮ ଘଟିକା ଓ ଅପରାହ୍ନ ୩.୩୦ ମିନିଟରେ ଏହି ମ୍ୟାଚ୍ ଖେଳାଯିବ।

# ଭାଇବୋହୂ ପାଇଁ ବନ୍ଧାପଡ଼ିଲା ଦେଢ଼ଶୁର

**କେନ୍ଦ୍ରାପଡ଼ା,୧୫।୭ (ସମିସ):** ଏସଏଚଜି ଗ୍ରୁପରୁ ଋଣ ନେଇ ଚମ୍ପଟ ମାରିଥିବା ମହିଳାଙ୍କ ପାଇଁ ମଧ୍ୟସ୍ଥତା କରିବାକୁ ଆସି ଦେଢଶୁର ବନ୍ଧା ପଡିଲେ। କେନ୍ଦ୍ରାପଡ଼ା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗାଁରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଏହି ଗାଁର ବୋହୂ କବିତା ମଲ୍ଲିକ ନିଜ ସ୍ୱାମୀ ବନମାଳୀ ମଲ୍ଲିକଙ୍କୁ ଛାଡି ସ୍ଥାନୀୟ ବାରୋ ଗ୍ରାମର ଜଗା ମଣ୍ଡଳଙ୍କୁ ବିବାହ କରିଛନ୍ତି। ତେବେ ପାଳକଣା ଗାଁର ମହାବୀର ସ୍ୱୟଂସହାୟକ ଗୋଷ୍ଠୀରୁ କବିତା ୪୦ହଜାର ଟଙ୍କା ଋଣ ନେଇଥିଲେ। ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରି ଚାଲିଯିବା ପରେ କବିତା ଗ୍ରୁପର ଋଣ ସୁଝି ନ ଥିଲେ। ଏ ନେଇ ଗୋଷ୍ଠୀର ମହିଳା ବାରମ୍ବାର କବିତାଙ୍କୁ ଭେଟି ନିରାଶ ହୋଇଥିଲେ। ଆଜି କବିତା ସ୍ୱାମୀ ଜଗା ମଣ୍ଡଳ ଓ ଦେଢଶୁର ବଳରାମ ମଣ୍ଡଳଙ୍କ ସହ କୌଣସି କାମରେ ପାଳକଣା ଗାଁକୁ ଆସିଥିବାବେଳେ ଗୋଷ୍ଠୀର ମହିଳା ତାଙ୍କୁ ଅଟକାଇ ଋଣ ଟଙ୍କା



ମାଗିଥିଲେ। ଏ ସମୟରେ କବିତାଙ୍କ ଦେଢଶୁର ବଳରାମ କବିତା ଓ ତାଙ୍କ ସ୍ୱାମୀ ଜଗାଙ୍କୁ ଖସିଯିବାକୁ କହିଥିଲେ। ଉତ୍ତ୍ୟକ୍ତ ମହିଳା ବଳରାମଙ୍କୁ କାବୁ କରି ଏକ ଘରେ ତାଲା ପକାଇ ଦେଇଥିଲେ। ଋଣ ଟଙ୍କା ଫେରାଇଲେ ବଳରାମଙ୍କୁ ଛାଡାଯିବ ବୋଲି ମହିଳାମାନେ ସର୍ତ୍ତ ରଖିଥିଲେ। ନିକିରାଇ ପୁଲିସ ପହଞ୍ଚି ବଳରାମଙ୍କୁ ଉଦ୍ଧାର କରି ଥାନାକୁ ନେଇଯାଉଥିବାବେଳେ ମହିଳାମାନେ ତାଙ୍କୁ ପୁଲିସ ହାତରୁ ଜୋରଜବରଦସ୍ତ ଭିଡି ଆଣି ପୁନର୍ବାର ଘରେ ପୂରାଇ ତାଲା ପକାଇ ଦେଇଥିଲେ। ଖବର ଲେଖା ହେବା ବେଳକୁ ବଳରାମ ମହିଳାଙ୍କ କବଜାରୁ ମୁକ୍ତ ହୋଇ ନ ଥିବା ସୂଚନା ମିଳିଛି।

# କଲେଜରେ ଶୃଙ୍ଖଳା ବଜାୟ ରହିବା ଉପରେ ଗୁରୁତ୍ୱ ଦିଆଯିବ: ଅଧ୍ୟକ୍ଷ

ବାଲେଶ୍ୱର,୧୫।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଅଭିଯୁକ୍ତ ସମୀର ସାହୁ ଏବଂ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷଙ୍କୁ ନିଲମ୍ବନ ସହ ଗିରଫ କରାଯାଇଛି। ତେବେ ଏହି ସମୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ପ୍ରଫେସର ଫିରୋଜ ପାଢୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଫେସର ଫିରୋଜ ପାଢ଼ୀ ପ୍ରାଣୀ ବିଜ୍ଞାନ ବିଭାଗର ଏଚ୍.ଓ. ଡି ଭାବେ କାର୍ଯ୍ୟ କରୁଥିଲେ। ତେବେ ଆଜି ଫିରୋଜ ପାଢୀଙ୍କୁ ଆଜି ସାକ୍ଷାତକାର କରି କଲେଜର ପରିସ୍ଥିତି, ଘଟଣାର ତଦନ୍ତ ଏବଂ ଆଗାମୀ ପଦକ୍ଷେପ ନେଇ ଆଲୋଚନା କରାଯାଇଥିଲା। କିଛି ପ୍ରଶ୍ନର ପ୍ରତିକ୍ରିୟାରେ ସେ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଘଟଣା। ଯାହା ଘଟିବା କଥା ନୁହେଁ। କାହିଁକି ଘଟିଲା ତାହାକୁ ନେଇ ତଦନ୍ତ ଚାଲିଛି। ମୁଁ ଏବେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛି। ଯେତିକି ଦିନ ଦାୟିତ୍ୱରେ ରହିବେ ସେହି ସମୟ ଭିତରେ ମୁଁ ଅଧିକ ଶୃଙ୍ଖଳା ଉପରେ ଗୁରୁତ୍ୱ ଦେବି। ଗୋଟେ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବା ସମସ୍ତଙ୍କ ଉପରେ ନିର୍ଭର କରେ। ଯେଉଁମାନେ ଶିକ୍ଷାନୁଷ୍ଠାନ



ବା କଲେଜର ଅଂଶବିଶେଷ ସେମାନଙ୍କ ଭିତରେ ଶୃଙ୍ଖଳା ରହିବା ଦରକାର। କର୍ମଚାରୀ ଯଦି ଦାୟିତ୍ୱ ଠିକ୍ ଭାବେ ତୁଲାଇବେ ତାହେଲେ ପିଲା ବି ସନ୍ତୁଷ୍ଟ ରହିବେ। ସମସ୍ତଙ୍କ ସହଯୋଗରେ ଗୋଟେ ସଂସ୍ଥା ଚାଲିପାରିବ। ଏହା ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟ। ତେଣୁ ଏହି କଲେଜରେ ପଢ଼ିବା ପାଇଁ ଏହି ଘଟଣା ବିଶେଷ ପ୍ରଭାବିତ କରିବ ନାହିଁ ବୋଲି ମୁଁ ଭାବୁଛି। ଯଦିଓ ଏହା ଅତ୍ୟନ୍ତ ଦୁଃଖଦ ଘଟଣା ବା ସେପରି ହେବା କଥା ନୁହେଁ, ତଥାପି ଗୋଟିଏ ଘଟଣା ଯେପରି କଲେଜ ସୁନାମର ଆଞ୍ଚ ନ ଆସୁ ସେଦିଗରେ ସମସ୍ତେ ଚେଷ୍ଟା କରିବା। ଏହାବ୍ୟତୀତ ଏହି ଘଟଣା ପରେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ସମସ୍ତେ ପ୍ରଭାବିତ ହୋଇଛନ୍ତି। ତେଣୁ ଛାତ୍ରଛାତ୍ରୀ ଓ ଅଧ୍ୟାପକ/ଅଧ୍ୟାପିକାଙ୍କ ଭିତରେ ସମ୍ପର୍କ ଭଲ କେମିତି ରହିବ ତାହା ଉଭୟଙ୍କ ଉପରେ ନିର୍ଭର କରେ। ଉଭୟଙ୍କ ଭିତରେ ବିଶ୍ୱାସ ରହିବା ଦରକାର। ଏଦିଗରେ ଉଦ୍ୟମ କରାଯିବ। ସିସିଟିଭିର ସବୁଆଡ଼େ କଭରେଜ୍ ନଥାଏ। ନିଆଁ ଲଗାଇବା ଜାଗାରେ ସିସିଟିଭି ନାହିଁ। କଲେଜରେ ସମୁଦାୟ ୧୩ ଟି ସିସିଟିଭି ରହିଛି। ସେଦିନର ଫୁଟେଜ୍ ତଦନ୍ତ ପାଇଁ ନିଆଯାଇଛି। ଏ ନେଇ ଅଧିକ ତଦନ୍ତ ପୁଲିସ କରୁଛି। ଏହାବ୍ୟତୀତ ଆଇସିସି କମିଟି ତୁରନ୍ତ ଗଠନ ଏବଂ ସଦସ୍ୟ ସଦସ୍ୟାଙ୍କ ନାମ ଡିସପ୍ଲେ ପାଇଁ ନିର୍ଦ୍ଦେଶ ଆସିଛି। ଏକ ଉପଯୁକ୍ତ ସ୍ଥାନରେ କମିଟି ସଦସ୍ୟ ନାମ ଲେଖାଯିବ। ଏହା କଲେଜ ଖୋଲିବା ପରେ ଆମେ ଅନୁପାଳନ କରିବୁ। ଏଥିସହ କର୍ମଶାଳା ମାଧ୍ୟମରେ ସଚେତନତା ପାଇଁ ମଧ୍ୟ ଚିଠିରେ ଲେଖାଯାଇଛି।

# ସୌମ୍ୟାଶ୍ରୀଙ୍କୁ ଏଆଇଡିଏସଓରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୫।୭(ସମିସ): ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପୀଡିତା ଛାତ୍ରୀ ସୌମ୍ୟାଶ୍ରୀ ମୃତ୍ୟୁ ସହିତ ସଂଗ୍ରାମ କରି ଶେଷରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ବାଲେଶ୍ୱର ତଥା ରାଜ୍ୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଶୁଭ ବୁଦ୍ଧିସମ୍ପନ୍ନ ମଣିଷ ଅତ୍ୟନ୍ତ ମର୍ମାହତ। ଏଆଇଡିଏସଓ ପୀଡିତା ପାଇଁ ଆରମ୍ଭରୁ ନ୍ୟାୟ ଦାବିରେ ଲଢେଇ କରି ଆସିଛି। ଆଜି ତାଙ୍କ




ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପାଇଁ ଫକୀର ମୋହନ କଲେଜ ଗେଟ ସମ୍ମୁଖରେ ଏକ ସ୍ମୃତି ସ୍ତମ୍ଭ ସ୍ଥାପନ କରି ଫୋଟୋ ଚିତ୍ରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏଆଇଡିଏସ ଓ ରାଜ୍ୟ ସଭାପତି ସୋମନାଥ ବେହେରା ପୁଷ୍ପମାଲ୍ୟ ଅର୍ପଣ କରବା ପରେ ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଜିଲ୍ଲା କମିଟି ସଦସ୍ୟ ମନୋଜ ପତ୍ର, ବଳରାମ ସାହୁଙ୍କ ସମେତ ଏସୟୁସିଆଇ ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ଓ ସଦସ୍ୟ ଉମାକାନ୍ତ ଦାସ ମଧ୍ୟ ପୁଷ୍ପ ଅର୍ପଣ କରିଥିଲେ।

# ସୌମ୍ୟାଶ୍ରୀଙ୍କ ଘରେ ପିସିସି ସଭାପତି



ଭୋଗରାଇ/ଭୂଷଣ୍ଡେଶ୍ୱର,୧୫।୭(ସମିସ): ନିର୍ଯ୍ୟାତନା ସହି ନପାରି ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଘରେ ଆଜି ସନ୍ଧ୍ୟାରେ ପହଞ୍ଚିଛନ୍ତି ପିସିସି ସଭାପତି ଭକ୍ତ ଦାସଙ୍କ ସମେତ କଂଗ୍ରେସ ବିଧାୟକ ଦଳରନେତା ରାମଚନ୍ଦ୍ର କାଡାମ ଏବଂ କଂଗ୍ରେସ ବିଧାୟକ ପରିବାର ଲୋକଙ୍କୁ ଭେଟିଛନ୍ତି। ମୃତ ସୌମ୍ୟାଶ୍ରୀଙ୍କ ବାପା ଙ୍କ ସହିତ ପିସିସି ସଭାପତି ଭକ୍ତ ଦାସ ସମସ୍ତ ଆଲୋଚନା କରିବା ସହିତ ନ୍ୟାୟନ ପାଇବା ପର୍ଯ୍ୟନ୍ତ କଂଗ୍ରେସ ଦଳ ଦୃଢ଼ ପ୍ରତିବାଦ କରିବ ବୋଲି କହିଛନ୍ତି। ୧୭ ତାରିଖ ଦିନ ଓଡ଼ିଶା ବନ୍ଦ ଡାକରା ଦେଇଛି କଂଗ୍ରେସ।

# ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ମହମବତି ଶୋଭାଯାତ୍ରା






ବାଲେଶ୍ୱର,୧୫।୭(ସମିସ)

ଫକୀରମୋହନ ମହାବିଦ୍ୟାଳୟରେ ଆତ୍ମହତ୍ୟା କରିଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ବିଜୁ ଛାତ୍ର ଜନତା ଦଳ ତରଫରୁ ଏକ ବିଶାଳ ମହମବତୀ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଶୋଭାଯାତ୍ରା ସିନେମା ଛକଠାରୁ କଲେଜ ମୁଖ୍ୟ ଫାଟକ ପର୍ଯ୍ୟନ୍ତ ଆସିଥିଲା। ଜିଲ୍ଲା ଛାତ୍ର ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ ଏବଂ ବିଜୁ ଯୁବ ମହିଳା ଏବଂ ବରିଷ୍ଠ ଜନତା ଦଳର ନେତୃବୃନ୍ଦ ମାନେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ଶହ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ମ୍ୟୁନିସିପାଲିଟି ଅଧ୍ୟକ୍ଷ ସବିତା ସାହୁ, ବ୍ଲକ ଅଧ୍ୟକ୍ଷ ସୁନିତା ବେହେରା, ସୂର୍ଯ୍ୟକାନ୍ତ କର, ଅସିତ ଦାସ, ଶାନ୍ତନୁ ଦାସ, ସଂଜୀବ ଦାସ, ରୋଜି ପଟ୍ଟନାୟକ, ଆଶ୍ରିତା ତରେଇ, ଜୟନ୍ତୀ ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସଭାପତି ତାପସ ପରିଡା, ଜୋନ ସଭାପତି ଜୟୀରାମ ଦାସ, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତାପସ ପାଣିଗ୍ରାହୀ, ରାଜ୍ୟ ଛାତ୍ର ସାଧାରଣ ସମ୍ପାଦକ ଓମପ୍ରକାଶ ମହାପାତ୍ର, ସାଧାରଣ ସମ୍ପାଦକ ଶୁଭମସାଇ ମହାପାତ୍ର, ସିମନ ସାମଲ, ଟାଉନ ସଭାପତି ଭବାନୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ରାହୁଲ ନାୟକ, ଚିନ୍ମୟ ମହାନ୍ତି ଛାତ୍ର ନେତା ସୁଶୀଲ ପଣ୍ଡା, ବିଜୟ ଜେନା, କିରଣ ନାଥ, ନରୋତ୍ତମ ଦାସ, ଗଜେନ୍ଦ୍ର ନାୟକ, ଅମିତ ମହାନ୍ତି, ଅଭିଜିତ ବିଶ୍ୱାଳ, ଜୀବନ ସଂଗ୍ରାମ ମିଶ୍ର, ସୁଶାନ୍ତ ବେହେରା, ଅନୁପମ ମହାନ୍ତି, ଜାକବ ସିଂ, ହର୍ଷ ଖଣ୍ଡେଲୱାଲ, ୱାଲୟତ କ୍ୱାଡରି, ସ୍ୱସ୍ତିକ ସାମନ୍ତ ସରୋଜ ମିଶ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ।

**ମୁସଲିମ୍ କମ୍ୟୁନିଟି:** ମୁସଲିମ୍ କମ୍ୟୁନିଟି ପକ୍ଷରୁ ମ୍ୟୁନିସିପାଲିଟି ସାମ୍ନାରେ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହମବତୀ ଜଳାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ମୁସଲିମ୍ କମ୍ୟୁନିଟିର ସଦସ୍ୟମାନେ ଏହି ମାମଲାରେ ଯଥାଯଥ ତଦନ୍ତ ହେବା ଓ ଦୋଷୀଙ୍କୁ ଦଣ୍ଡ ମିଳିବାକୁ ଦାବି କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ମହମ୍ମଦ ମୁକ୍ତାର ଅହମଦ, ମହମ୍ମଦ ଇକବାଲ, ଶେଖ ଅସଗର ଅଲି, ଇନ୍ତେଖାବ ଅଲି ଖାନ୍, ଅଜିମ୍ ବାଲେଶ୍ୱରୀ, ମହମ୍ମଦ ଫିରୋଜ୍ ଖାନ୍, ଶେଖ ନୌସାଦ, ଉମର ଫାରୁକ୍, ମହମ୍ମଦ ହାଇଦର ଖାନ୍ ଓ ଶେଖ ନଜିମ୍ ଉପସ୍ଥିତ ଥିଲେ।

**ଇଣ୍ଡିମେଣ୍ଟ:** ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁକୁ ନେଇ ଇଣ୍ଡିମେଂଟ ପକ୍ଷରୁ ଫକୀରମୋହନ ଗୋଲେଇ ଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୋନାଲିସା ସାମଲ, ସରୋଜ କୁମାର ଲେଙ୍କା, ସୁଦର୍ଶନ ଜେନା, ଜୟକୃଷ୍ଣ ବେହେରା, ଦେବୀପ୍ରସନ୍ନ ଚଣ୍ଡ, ଗୋପୀନାଥ ପାଢ଼ୀ, ଜୀବନ କୁମାର ମହାପାତ୍ର, ଜ୍ୟୋତ୍ସ୍ନା ସେନାପତି, ଉର୍ମିଳା ମାଝୀ, କନକ ବେହେରା, ଶ୍ରୀକାନ୍ତ ବୁଗୁଡାଇ, ଅକ୍ଷୟ ମଲିକ, ନିଶିତ ବାରିକ, ଜଗବନ୍ଧୁ ଜେନା, ଲୋକନାଥ ରାଉଳ, ସୁଷମା ରାଉଳ, ଗୌରାଙ୍ଗ ପାଣିଗ୍ରାହୀ, କହ୍ନେଇଚରଣ ବେହେରା, କୁମୁଦିନି ଦାସ, କେଶବ ଚନ୍ଦ୍ର ନାୟକ, ନିରଞ୍ଜନ ଦାସ, ଅଜୟ ଜେନା, ପ୍ରେମରଞ୍ଜନ ପାତ୍ର, ସନ୍ତୋଷ କୁମାର ଦାଶ, ସନ୍ତୋଷ ପଣ୍ଡା, ଅଞ୍ଜନ ଦାସ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ସିଭିଲ ସୋସାଇଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି




# କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା




ଭୋଗରାଇ, ୧୫।୭ (ସମିସ) : ବିଜେପି ସରକାରରେ ଆଜି ନାରୀ ସୁରକ୍ଷିତ ନାହିଁ। ପ୍ରତିଦିନ ଶିଶୁ କନ୍ୟାଠାରୁ ଛାତ୍ରୀ, ମହିଳା ମାନେ ଦୁଷ୍କର୍ମ ର ଶିକାର ହେଉଛନ୍ତି। ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ନିର୍ଯ୍ୟାତନାର ଶୀକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଦେବା ପୂର୍ବରୁ କଲେଜ ଅଧ୍ୟକ୍ଷ, ଏସ ପି, ଜିଲ୍ଲା ପାଳ, ବାଲେଶ୍ୱର ସାଂସଦ ଙ୍କ ଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷାମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ନ୍ୟାୟ ମାଗି ଲା ପରେ ନ୍ୟାୟ ନ ମିଳିବାରୁ ମାନସିକ ଭାରସାମ୍ୟ ହରାଇ ଶେଷରେ ନିଜକୁ ଜାଳି ଦେବା ଭଳି କଠିନ ନିଷ୍ପତ୍ତି ନେଲା। ଏହାକୁ କଂଗ୍ରେସ ତୀବ୍ର ନିନ୍ଦା କରିଛି। ଯେତେବେଳେ ପର୍ଯ୍ୟନ୍ତ ମୃତା ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ଦାୟୀ ରହିଥିବା ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ପ୍ରଶାସନର ଅଧିକାରୀ ମାନଙ୍କୁ ଦଣ୍ଡ ନମିଳିଛି ସେତେବେଳେ ପର୍ଯ୍ୟନ୍ତ ତାର ଆତ୍ମା ଶାନ୍ତି ପାଇବ ନାହିଁ। ତେଣୁ କଂଗ୍ରେସ ଦଳ ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଉଛି। ଯେପର୍ଯ୍ୟନ୍ତ ନ୍ୟାୟ ନ ମିଳିବ ସେତେବେଳେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଆଜି ଭୋଗରାଇ ଥାନାଛକ ଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଆହ୍ୱାନ ଦେଇଛନ୍ତି। ପ୍ରଥମେ ଭୋଗରାଇ କଂଗ୍ରେସ ନେତା ସତ୍ୟ ଶିବ ଦାସଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସ ସହିତ କଂଗ୍ରେସର ଏକ ଟିମ୍ ମୃତକଙ୍କ ପରିବାରକୁ ଯାଇ ସମବେଦନା ଦେଇଥିଲେ। ପରେ ଭୋଗରାଇ କଂଗ୍ରେସ ଭବନରୁ ଏକ ବିରାଟ ପଟୁଆରରେ ମହମବତୀ ସଭା ଯାତ୍ରାରେ ବାହାରି ଥାନା ଛକ ଅମ୍ବିକେଶ୍ୱରୀ ମନ୍ଦିରେ ପହଞ୍ଚି ଥିଲେ। ସେଠାରେ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ ସଭାପତିତ୍ୱ କରିଥିଲେ। ଏହି ସଭାରେ ପିସିସି ସଭାପତି ଶ୍ରୀ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସଂଜୀବ ଗିରି, କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ ଦାସ, ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ, ରାଜ୍ୟ ସେବା ଦଳର ସଭାପତି ଶୁଭେନ୍ଦୁ ମହାନ୍ତି, ଭଦ୍ରକ କଂଗ୍ରେସ ଦଳର ସଂଯୋଜକ ତଥା ବହୁ ନେତା ଉପସ୍ଥିତ ରହି ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ନାରୀ ନେତ୍ରୀ ମମତା ସାହୁ, ମିନାରାଣୀ ସୁର, ସୁଦର୍ଶନ ଜେନା, ରବିନ୍ଦ୍ର ଜେନା, ସୁମନ୍ତ ବେହେରା, ରାଜେନ୍ଦ୍ର ଦଳାଇ, ସମ୍ଭୁ ମାଝୀ, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ଦୀପେଶ ରାୟ ପରିଚାଳନା କରିଥିଲେ।

# ଏଆଇଡିଏସ୍‌ଓ ଛାତ୍ରନେତାଙ୍କ ଗିରଫଦାରୀକୁ ନିନ୍ଦା

ବାଲେଶ୍ୱର,୧୫।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଚାଲିଥିବା ଆନ୍ଦୋଳନକୁ ଦମନ କରିବା ଉଦ୍ଦେଶ୍ୟରେ ରେଭେନସା ସମାବର୍ତ୍ତନ ସଭା ଆଳରେ ଏଆଇଡିଏସଓର କଟକ ଜିଲ୍ଲା ସମ୍ପାଦକ ତରୁଣସେନ ନାୟକଙ୍କୁ ପୁଲିସ ଜିଲ୍ଲା ଅଫିସରୁ ଗିରଫ କରିବା ସହ ଅନ୍ୟ ଛାତ୍ରନେତାଙ୍କୁ ଗିରଫ ପାଇଁ ତନାଘନା ଆରମ୍ଭ କରିଛି। ଏହି ଗିରଫଦାରୀକୁ ଏଆଇଡିଏସଓର ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ତୀବ୍ର ନିନ୍ଦା କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘ ଆଠ ମାସ ଧରି ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ନ୍ୟାୟ ପାଇଁ ଲଢେଇ କରି ଆସୁଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ, ରାଜ୍ୟ ସରକାର ତଥା ସାଂସଦ, ସଦର ବିଧାୟକ ସମସ୍ତଙ୍କୁ ଜଣାଇବା ପରେ ନ୍ୟାୟ ପାଇବାରୁ ବଞ୍ଚିତ ହେବାରୁ ଗତ ଶନିବାର ଅର୍ଥାତ୧୨ତାରିଖରେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ବିଚାରବିଭାଗୀୟ ତଦନ୍ତ କରି ସଂପୃକ୍ତ ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦାବିରେ ଏଆଇଡିଏସଓ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଜାରି ରହିଛି। ଗତକାଲି ରାତିରେ ପୀଡ଼ିତଙ୍କ ମୃତ୍ୟୁ ପରେ ଏହି ଆନ୍ଦୋଳନ ବ୍ୟାପକ ରୂପ ନେବ ବୋଲି ରାଜ୍ୟ ସରକାର ଆଶଙ୍କା କରି ଆଜି ରେଭେନସା ସମାବର୍ତ୍ତନ ସଭା ଆଳରେ ଛାତ୍ରନେତାମାନଙ୍କୁ ଗିରଫ କରିବା ଆରମ୍ଭ କରିଛି। ଏହିଭଳି ଏକ ବେଦନାଦାୟକ ଓ ସମ୍ବେଦନଶୀଳ ପରିସ୍ଥିତିରେ ସମାବର୍ତ୍ତନ ସଭା ବାତିଲ ନକରି ଛାତ୍ରନେତାଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ। ଏହାକୁ ସଙ୍ଗଠନ ତରଫରୁ ତୀବ୍ର ନିନ୍ଦା କରିବା ସହ ପୀଡ଼ିତାଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ପରେ କୌଣସି ପଦକ୍ଷେ ନେଇନଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ଓ ଶିକ୍ଷାନୁଷ୍ଠାନ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କର ନିରାପତ୍ତା ସୁନିଶ୍ଚିନ୍ତ କରିବା ଦାବି କରାଯାଇଛି।

## ଅଗ୍ନି ସୁରକ୍ଷା ମାନଦଣ୍ଡ ଅନୁସରଣ କରୁନାହାନ୍ତି ସବୁ ଶିକ୍ଷାନୁଷ୍ଠାନ

# ଅଗ୍ନି ନିର୍ବାପକ ଯନ୍ତ୍ର ଥାଇ ବି ବ୍ୟବହାର କରାଯାଉନି

ବାଲେଶ୍ୱର,୧୫।୭(ସମିସ)

ଶିକ୍ଷାନୁଷ୍ଠାନଗୁଡିକ ଅଗ୍ନି ସୁରକ୍ଷା ମାନଦଣ୍ଡ ଅନୁସରଣ କରୁନାହାନ୍ତି। ସବୁ ଶିକ୍ଷାନୁଷ୍ଠାନ ଯଥା ବିଦ୍ୟାଳୟଠୁ ଆରମ୍ଭ କରି କଲେଜ ସବୁଠି ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ପାଇଁ ନିୟମ ରହିଛି। ସରକାରୀ ହେଉ କି ଘରୋଇ ଶିକ୍ଷାନୁଷ୍ଠାନ ସବୁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବା ଉଚିତ। ସବୁ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ ବୋଲି ଗୃହ ବିଭାଗ ନିଷ୍ପତ୍ତି ନେଇଥିଲା। ହେଲେ ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉନାହିଁ। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଘଟଣା। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ପରେ ଜୀବନ ମରଣ ସହ ସଂଗ୍ରାମ କରି ଶେଷରେ ମୃତ୍ୟୁବରଣ କରିଛନ୍ତି। ନ୍ୟାୟ ନ ପାଇବାରୁ ଛାତ୍ରୀ ଜଣକ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ନିଆଁ ଲଗାଇ ଦେଇଥିଲେ। ସବୁଠୁ ବଡ଼ କଥା ହେଉଛି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ନିକଟରେ ଏକ ଅଗ୍ନି ନିର୍ବାପକ ଯନ୍ତ୍ର ରହିଛି। ହେଲେ ନିଆଁ ଲିଭାଇବା ପାଇଁ ଯନ୍ତ୍ର କେହି ବ୍ୟବହାର କରିଲେ ନାହିଁ। ହୁଦ୍ ହୁଦ୍ ହୋଇ ଜଳୁଥିବା ନିଆଁକୁ ଆୟତ୍ତ ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚୟ କାମରେ ଆସିଥାନ୍ତା। ହେଲେ ଏପରି ଏକ ବିପତ୍ତି ସମୟରେ ଏହାକୁ ବ୍ୟବହାର ନକରିବା ନେଇ ଅନେକ ପ୍ରଶ୍ନ ଉଠିଛି। ନାଁକୁ ମାତ୍ର ଯନ୍ତ୍ର ରହିଛି। କଲେଜ ପରିସରରେ ଯେତେବେଳେ ଛାତ୍ରୀ ଜଣକ ପେଟ୍ରୋଲ ଢ଼ାଳି ନିଆଁ ଲଗାଉଥିଲେ ସେହି ସମୟରେ କାହିଁକି କଲେଜର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସକ୍ରିୟ କରାଯାଇ ନ ଥିଲା। ଯଦି ସେହି ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବଦରେ କେହି ବି ଚିନ୍ତା କରିଥାନ୍ତେ ତାହେଲେ ଛାତ୍ରୀ ଜଣକ ଏତେ ମାତ୍ରାରେ ପୋଡିଯାଇନଥାନ୍ତେ। ଏଭଳି ଅନେକ ପ୍ରଶ୍ନ ବିଭିନ୍ନ ମହଲରୁ ଉଠୁଛି।

ସୂଚନାଯୋଗ୍ୟ, ସହରରେ ଘରୋଇ ଶିକ୍ଷାନୁଷ୍ଠାନ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବାର ନିୟମ ରହିଛି। ହେଲେ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନାହିଁ। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା



ନଥିବାରୁ ଅଗ୍ନିକାଣ୍ଡ ଘଟିଲେ ଛାତ୍ରଛାତ୍ରୀଙ୍କୁ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ବହୁ ସରକାରୀ ବିଦ୍ୟାଳୟଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଉ ନାହିଁ। ସେଭଳି ଆକସ୍ମିକ ଅଘଟଣ ବେଳେ ଅଗ୍ନି ନିର୍ବାପକ ଯନ୍ତ୍ର ହିଁ ବହୁ କାମରେ ଲାଗିବା କଥା। ହେଲେ ଏଗୁଡ଼ିକର ସ୍ଥିତି ପରଖିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କରାଯାଉନାହିଁ। ହାତଗଣତି କେତୋଟି ଉଚ୍ଚ ଶିକ୍ଷାନୁଷ୍ଠାନକୁ ଛାଡ଼ି ଦେଲେ ବାକି ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ। ଏ ନେଇ ଅଗ୍ନିଶମ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିଛି କି ନାହିଁ ଯାଞ୍ଚ କରାଯାଇନି। ନିକଟରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିଜକୁ ଜଳାଇ ଆତ୍ମହତ୍ୟା କରିଥିବା ଘଟଣା ସବୁଠି ଚହଳ ପକାଇଛି। କାରଣ କଲେଜ ପରିସରରେ ନିଜକୁ ନିଆଁ ଲଗାଇ ଜାଳିବାକୁ ଉଦ୍ୟମ କରୁଥିବାବେଳେ ଠିକ ସମୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଗୁଡ଼ିକ କାମରେ ଲାଗୁ ନାହିଁ। ଏସବୁ କେବଳ ଦେଖିବା ପାଇଁ ରଖାଯାଇଛି। ଅଗ୍ନି ନିର୍ବାପକ ପାଇପ୍‌ରେ ପାଣି ରହୁନାହିଁ କିମ୍ବା ଅଙ୍ଗାରକାମ୍ଳ ଗ୍ୟାସ୍ ପାଇପ୍ଲାଇନ୍ ନାମକୁ ମାତ୍ର ରହିଛି। ଅଚଳ ଅଗ୍ନି ନିର୍ବାପକ ଯନ୍ତ୍ର କେବଳ ନିଜକୁ ନିଜେ ଠକିବା ପାଇଁ ବ୍ୟବହାର କରାଯାଉଛି। ନିୟମ ଅନୁସାରେ ଏକ ନୂତନ ଶିକ୍ଷାନୁଷ୍ଠାନ ଖୋଲିବା ପୂର୍ବରୁ ଅଗ୍ନିଶମ ବିଭାଗ ନିକଟରୁ ପ୍ରମାଣପତ୍ର ଆଣିବାକୁ ପଡ଼ିଥାଏ। କିନ୍ତୁ ହାତଗଣତି କେତୋଟି ଶିକ୍ଷାନୁଷ୍ଠାନକୁ ଛାଡ଼ିଦେଲେ ବାକି ଗୁଡ଼ିକ ବିନା ଅଗ୍ନି ନିର୍ବାପକ ପ୍ରମାଣପତ୍ରରେ ଚାଲିଥିବା ଅଭିଯୋଗ ହେଉଛି। ଯେଉଁଠି ଅଗ୍ନି ନିର୍ବାପକ ଯନ୍ତ୍ର ଲାଗିଛି ସେଠାରେ ତାହାର ବ୍ୟବହାର ବାବଦରେ କୌଣସି ସ୍ୱତନ୍ତ୍ର ତାଲିମ ଦିଆଯାଇନାହିଁ। ଅଧିକାଂଶ ଶିକ୍ଷାନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବାରୁ ଅଗ୍ନିକାଣ୍ଡ ଘଟିଲେ ଛାତ୍ରଛାତ୍ରୀଙ୍କୁ କିପରି ଉଦ୍ଧାର କରାଯିବ ତାକୁ ନେଇ ପ୍ରଶ୍ନ ଉଠିଛି। ତେବେ କେବେ ଶତପ୍ରତିଶତ ଶିକ୍ଷାନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ହେବ ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ବାବଦରେ ଫକୀରମୋହନ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢୀ କହିଛନ୍ତି, କଲେଜରେ ସବୁଠି ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି। ଯେଉଁଠି ଛାତ୍ରୀଜଣକ ନିଜକୁ ନିଆଁ ଲଗାଇଲେ ସେଠାରେ ମଧ୍ୟ ଅଛି। ହେଲେ ଘଟଣାଟି ହଠାତ୍ ଏମିତି ଘଟିଲା ଯେ ଆଉ କିଛି ଜାଣି ହେଲା ନାହିଁ। ଦୌଡା ଦୌଡ଼ି ଭିତରେ ଏ ବିଷୟରେ ଆଉ କାହା ମୁଣ୍ଡରେ କିଛି ପଡ଼ିନାହିଁ। ସେହିପରି କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ ଅଧ୍ୟକ୍ଷା ଝାନସୀ ଜେନା କହିଛନ୍ତି, କଲେଜର ବିଭିନ୍ନ ସ୍ଥାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି। ରେଡକ୍ରସ୍ ତରଫରୁ ତାଲିମ ଦିଆଯାଏ।

# ୧୭ରେ ଓଡ଼ିଶା ବନ୍ଦକୁ ସଫଳ ପାଇଁ ବୈଠକ

ବାଲେଶ୍ୱର,୧୫।୭(ସମିସ): ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଏକ ସୁପରିକଳ୍ପିତ ଷଡଯନ୍ତ୍ର। ଘଟଣା ଦିନ କି ପ୍ରକାର ପରିସ୍ଥିତି ସୃଷ୍ଟି ହେଲା ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କଲେ। ସେଠାକୁ ପେଟ୍ରୋଲ କେଉଁଠି ଆସିଲା ଏବଂ ତାଙ୍କୁ ଆତ୍ମହତ୍ୟା କରିବାକୁ କେହି ପ୍ରବତାଇ ଥିଲେ କି ନାହିଁ ଆଦି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବା ପାଇଁ ଏକ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି। ସ୍ଥାନୀୟ ପୁଲିସ କିମ୍ବା କ୍ରାଇମବ୍ରାଞ୍ଚ ତଦନ୍ତକୁ ବିଶ୍ୱାସ କରାଯାଇପାରିବ ନାହିଁ। ତେଣୁ ଉଚ୍ଚ ନ୍ୟାୟଳୟର ତତ୍ତ୍ୱାବଧାନରେ ତଦନ୍ତ କରିବା ପାଇଁ କଂଗ୍ରେସ ଓ ବାମପନ୍ଥୀ ଦଳ ସମେତ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳ ପକ୍ଷରୁ ଦାବି କରାଯାଇଛି। ଏଥିସହିତ ନୈତିକତା ଦୃଷ୍ଟିରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକ ତାଙ୍କ ପଦବୀରୁ ଇସ୍ତଫା ଦେବାକୁ ଦାବି କରାଯାଉଛି। ଜିଲ୍ଲାପାଳ ଓ ଏସପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ମଧ୍ୟ ଦାବି କରାଯାଇଛି। ସୌମ୍ୟଶ୍ରୀଙ୍କ ଆତ୍ମହତ୍ୟା ଘଟଣାର ବିଚାର ବିଭଗୀୟ ତଦନ୍ତ ଦାବୀରେ ଇଣ୍ଡିଆ ବ୍ଲକ ପକ୍ଷରୁ ଓଡିଶା ବନ୍ଦର ଡାକରାକୁ




ସଫଳ କରିବା ପାଇଁ ଆଜି ସିପି ଆଇଏମ ବାଲେଶ୍ୱର ଜିଲ୍ଲା ସମ୍ପାଦକ ମଣ୍ଡଳୀ ବୈଠକରେ ବାଲେଶ୍ୱର ଜିଲ୍ଲାର ସମସ୍ତ ସଚେତନ ନାଗରିକମାନଙ୍କୁ ନିବେଦନ କରାଯାଇଛି। ଉକ୍ତ ବୈଠକରେ ନିର୍ମଳ ନାୟକ, ସୀତାଂଶୁ ସେନାପତି, ପ୍ରେମରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଏଫଏମ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା ବିଜେଡି






ଧାମନଗର



ବାସୁଦେବପୁର

ଧାମନଗର,୧୫ ।୭ (ସମିସ)

ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ନିର୍ଯାତନାର ଶିକାର ହୋଇ ବିଭିନ୍ନ ସ୍ଥାନରେ ଅଭିଯୋଗ ସହ ଏବେ ୩ ତିନି ଦିନ ପୂର୍ବରୁ ଅଧ୍ୟକ୍ଷଙ୍କୁ ଶେଷ ଦେଖା କରି ନ୍ୟାୟ ନ ପାଇବାରୁ ଶେଷରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ଘଟିଛି । ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ କିପରି ମିଳିବ ଏବଂ ଏଥିରେ ଯେଉଁମାନେ ସେମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହି ଅବସରରେ ଧାମନଗର ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡି ତରଫରୁ ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରଙ୍କୁ ନ୍ୟାୟ ଦାବିରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ସମିତି ଏବଂ ନଗର ସଭାପତି ବିଜୟକେତନ ସାହୁ, ପ୍ରାକ୍ତନ ବ୍ଲକ ସଭାପତି ଉମେଶ ମହାନ୍ତି, ସଭାପତି ସୁଶାନ୍ତ ରାଉତ, ମୀର ମୁରତୁଜା, ସେକ ମକଦୁମ୍, କାଉନସିଲରଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ପ୍ରମୁଖ ଉପସ୍ଥିତ ରହି ମୃତ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଶେଷରେ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ୨ ଜଣଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଧାମନଗର ଥାନା ଆଇଆଇସି ଗୋପାଳ କୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଏସ ଆଇ ରାଜେଶ ସେଠୀ, ପ୍ରଦୀପ ନାୟକ ଓ ଅନ୍ୟ ସହଯୋଗୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।



ଭଦ୍ରକ

**ଭଦ୍ରକ:** ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଓ ପ୍ରତିବାଦ ବଢିବାରେ ଲାଗିଛି । ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀ ଘେରିବା ସହ ପ୍ରଶ୍ନ ବାଣରେ ଘାଇଲା କରିଛନ୍ତି। ମଙ୍ଗଳବାର ଏହାର ପ୍ରତିବାଦ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭଦ୍ରକ ଜିଲ୍ଲା ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ କଲେଜ ମୁଖ୍ୟ ଫାଟକ ଆଗରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଛାତ୍ର ବିଜେଡି ନେତା ଭାସ୍କର ମହାଲିକଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଏହି ଘଟଣା ନାରୀଜାତି ପାଇଁ ଅସମ୍ମାନ। ସାରା ଛାତ୍ରୀ ସମାଜ ପାଇଁ ଅସମ୍ମାନ। ଏହାକୁ କେବେ ବି କ୍ଷମା କରାଯିବ ନାହିଁ। ସବୁ ଦୋଷୀଙ୍କୁ ଦଣ୍ଡ ମିଳିବା ଦରକାର। ହେଲେ ସରକାର କାହାକୁ ଦଣ୍ଡ ଦେବେ, ତାଙ୍କୁ ନିଜେ ମୃତା ସୌମ୍ୟାଶ୍ରୀ ଟୁଇଟ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ହେଲେ ସରକାରଙ୍କ ଅପାରଗତା ଯୋଗୁ ନ୍ୟାୟ ମିଳିପାରିଲା ନାହିଁ ବୋଲି ଅଭିଯୋଗ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ବିକ୍ଷୋଭରେ ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ଯୁବନେତା ସେକ ସାହାଜାନଙ୍କ ସହ ଛାତ୍ର ବିଜେଡିନେତା-ଲଭ୍‌ଲି ମହାପାତ୍ର, ଶକ୍ତିପ୍ରସାଦ ମଲ୍ଲିକ ଓ ଅମ୍ବିକା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

**ଭଣ୍ଡାରିପୋଖରୀ/ବାରିକପୁର:** ରାଜ୍ୟର କୋଣ ଅନୁକୋଣରେ ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ନିଆଁ ଜଳୁଛି। ଏ ନେଇ ମଙ୍ଗଳବାର ଛାତ୍ର ଓ ଯୁବ ବିଜେଡ଼ି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ଯୁକ୍ତ ଦୁଇ କଲେଜ ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଜିଲ୍ଲା ଛାତ୍ର ବିଜେଡି ସଭାପତି ଦୀପ୍ତି ସୂର୍ଯ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି। ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଆହ୍ୱାନ କ୍ରମେ ଏହି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିବା ବେଳେ ଏଥିରେ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବ୍ଲକ ଯୁବ ବିଜେଡ଼ି ସଭାପତି ଲଳିତ କୁମାର ରାଉତ, ଛାତ୍ର ବିଜେଡି ସଭାପତି ଜଗତ ଜୀବନ ବାରିକ, ସରପଞ୍ଚ ସତ୍ୟବ୍ରତ ପାଲ, ସୁଶାନ୍ତ କୁମାର ରାଉତ, ଅବିନାଶ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ, କଲେଜ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅବହେଳା ଯୋଗୁଁ କଲେଜ ଛାତ୍ରୀ ଜଣଙ୍କ ମୃତ୍ୟୁ ବରଣ କରିଥିବା ଛାତ୍ରନେତାମାନେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନେଙ୍କୁ କଠୋର ଦଣ୍ଡ ଦେବାପାଇଁ ଦାବି ହୋଇଥିଲା। ଏହାଛଡା ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ବାଲେଶ୍ୱର ସାଂସଦ ତୁରନ୍ତ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି।ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତଳିକା ମଧ ଦାହ କରାଯାଇଥିଲା। ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେଡି ନେତା ବିରେନ୍ଦ୍ର କୁମାର ନାୟକ, ବିଷ୍ଣୁ ଚରଣ ଦାସ, ସତ୍ୟାନନ୍ଦ ମହାପାତ୍ର,ଦ୍ୱେ ପ୍ରସନ୍ନ ମହାପାତ୍ର, ଜୟନ୍ତ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ନାଗେଶ୍ୱର ବେହେରା, ବିନୋଦ ରାଉତ, ଦୁର୍ଯ୍ୟୋଧନ ଜେନା, ମନୋରଞ୍ଜନ ସାହୁ, କାର୍ତ୍ତିକ ଚନ୍ଦ୍ର ଜେନା, ରାଧାକାନ୍ତ ଦାସ,ଦେବ ଧନେଶ୍ୱର ବିଶ୍ୱାଳ, ପ୍ରଭାକର ରାଉତ, ଚିତ୍ତରଞ୍ଜନ ପତି, ରାଜେଶ କୁମାର ବାରିକ, ପ୍ରଭାକର ପାତ୍ର ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ବନ୍ତ/ଆଗରପଡ଼ା:** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ମୃତ୍ୟୁକୁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରି ଆଗରପଡ଼ା କଲେଜଛକରେ ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବିଧାୟକ ସଂଜୀବ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କୁ ଅପାରଗ ସରକାର ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ବୋଲି କହିଥିଲେ। ବରିଷ୍ଠ ଯୁବନେତା ସତ୍ୟସାଧନ ବେଜ ଏହି ସରକାରଙ୍କ ସମୟରେ ଝିଅ ବୋହୂମାନେ ଆଉ ନିଜକୁ ନିରାପଦ ମଣୁନାହାଁନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ସେ ଦାବି କରିଥିଲେ। ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ଚିନ୍ମୟ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସଂପାଦକ ଲାଲା ସ୍ୱାଇଁ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଭବେନ୍ଦ୍ର ନାଥ ସାହୁ, ବସନ୍ତ ପତି, ଦୀପକ ମହାନ୍ତି, କିଶୋର ରାଉତ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ ସମେତ ବହୁ ଯୁବ ଓ ଛାତ୍ର ନେତା ଏବଂ ବିଜେଡ଼ି କର୍ମୀ ସାମିଲ ହୋଇଥିଲେ।

**ବାସୁଦେବପୁର:** ଅନ୍ୟାୟକୁ ବିରୋଧରେ ପ୍ରତିବାଦ କରି ଚାଲିଗଲା ଏକ ଅମୂଲ୍ୟ ଜୀବନ। ସରିଗଲା ସାହସୀ ଝିଅର ଖେଳ। ହଜିଗଲା କଲେଜରୁ ସୌମ୍ୟାଶ୍ରୀଙ୍କ ନାମ। ସମସ୍ତଙ୍କ ପାଖରେ କରିଥିଲା ଆକୁଳ ନିବେଦନ। କେହି ବୁଝିଲେ ନାହିଁ । କେହି ଦେଖାଇଲେ ନାହିଁ ଆନ୍ତରିକତା । ଟୁଇଟରରେ ଅଟକି ଗଲା ଅଭିଯୋଗର ନାଟକ। ସବୁ ନାଟକର ପଡିଲା ଯବନିକା । ସାହସୀ ଝିଅକୁ ହରାଇ ଝୁରୁଛି ସାରା ଓଡିଶା। ସ୍ତବ୍ଧ ଛାତ୍ରଛାତ୍ରୀ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ଯ୍ୟାତିତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଯେପରି କଲେଜ କର୍ତ୍ତୃପକ୍ଷ ମାରିଦେଲେ ତାହାର ପ୍ରତିବାଦରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓହ୍ଲାଇଛନ୍ତି ରାଜରାସ୍ତାକୁ । ଏକ ଶୋଭାଯାତ୍ରାରେ ବାହାରି ଏ.ବି. କଲେଜ ଛକରେ ପହଂଚି ବିକ୍ଷୋଭ କରିଥିଲେ । କିଛି ସମୟ ଧରି ଗାଡି ମୋଟର ଚଳାଚଳ ବନ୍ଦ ହୋଇ ଯାଇଥିଲା । ସରକାରୀ ବିରୋଧୀ ସ୍ଲୋଗାନରେ କଲେଜ ଛକ ଫାଟି ପଡୁଥିଲା । ଜୀବନ ଯୁଦ୍ଧରେ ପରାଜିତ ସୈନିକ ନିରବରେ ଶୋଇଗଲେ। ପଞ୍ଚଭୂତରେ ଲୀନ ହୋଇଗଲେ ସୌମ୍ୟାଶ୍ରୀ। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଦାବୀରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଥିଲେ। ନ୍ୟାୟିକ ତଦନ୍ତ ଦାବିରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବିଜୁ ଛାତ୍ର ଜନତାଦଳର ସଭାପତି କାଳୀଚରଣ ସାହୁ, ମାନସ ରଞ୍ଜନ ସାହୁ, ବିଦ୍ୟାଧର ମୁଦୁଲି, ଶଶିଭୂଷଣ ବାରିକ ଓ ବହୁ ଛାତ୍ର ଛାତ୍ରୀ ବିକ୍ଷୋଭରେ ସାମିଲ ଥିଲେ।

**ଭଦ୍ରକ:** ବାଲେଶ୍ୱରର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସବୁଠି ଚାଲିଛି ଆନ୍ଦୋଳନ। ଆଜି ଚାନ୍ଦବାଲିରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କଲେଜ ପରିସରରେ ଛାତ୍ରୀ ଜଣକ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗେଇବା ଭଳି ପରିସ୍ଥିତି ସୃଷ୍ଟି ହେବା ଏବଂ ପରବର୍ତ୍ତୀ ସମୟରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହେବା ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିଜୁ ଯୁବ ଜନତା ଦଳ। ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାଜେଶ ନାୟକ ଓ ମହିଳାନେତ୍ରୀ ଲିପିକା ଦାସ।



ଚାନ୍ଦବାଲି



ବାରିକପୁର

## ଭଦ୍ରକରେ ବିଶ୍ୱ ଦକ୍ଷତା ଦିବସ ପାଳିତ



ଭଦ୍ରକ,୧୫ ।୭ (ସମିସ): ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ଭଦ୍ରକ ହାଇଟେକ୍ ଇଞ୍ଜିନିୟରିଂ କଲେଜ୍ ସ୍ଥିତ ସ୍କିଲ କନେକ୍ଟ ଦକ୍ଷତା ବିକାଶ କେନ୍ଦ୍ରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟଅତିଥି ଭାବରେ ଯୋଗଦେଇ ଯୁବପିଢ଼ିଙ୍କୁ ଦକ୍ଷତା ଅଧିଗ୍ରହଣର ଆବଶ୍ୟକତା ବିଷୟରେ ଆଲୋକପାତ କଲେ। ସେ ନିଯୁକ୍ତି ପାଇବା ପାଇଁ ଆମେ ଦକ୍ଷ ହେବା ଆବଶ୍ୟକ, ବିଶେଷକରି ଡିଜିଟାଲ୍ ଦକ୍ଷତା ଅଧିଗ୍ରହଣ କଲେ ଆମେ ଉଦୟମାନ ବିଶ୍ୱରେ ସ୍ଥାନ ବନାଇପାରିବା। ଆମେ ଦକ୍ଷ ହେବା ଓ ଦେଶ ଗଢିବାରେ ସହଭାଗିତା ରଖିବା ନେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଅନିତା ନାୟକ ମଧ ତାଙ୍କ ବକ୍ତବ୍ୟ ରେ ଓଡ଼ିଶା ସରକାର ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ଦ୍ୱାରା ଯୁବକଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉଦ୍ୟମ ବିଷୟରେ ଅନେକ ଉପଯୁକ୍ତ ତଥ୍ୟ ଉପସ୍ଥାପନ କଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କୌଶଳ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବା ଅଂଶଗ୍ରହଣକାରୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଶେଷରେ ସ୍କିଲ୍ କନେକ୍ଟର ସଂଯୋଜକ ବିଶ୍ୱରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ନେତା ରାଜେନ୍ଦ୍ରପ୍ରସାଦ ଜେନାଙ୍କୁ କେଉଁଝର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ



ଭଦ୍ରକ,୧୫ ।୭ (ସମିସ): ଭଦ୍ରକ ଜିଲ୍ଲା ବରିଷ୍ଠ ସାମ୍ବାଦିକ, ଦଳିତ ନେତା ତଥା ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନାଙ୍କୁ ଅନୁସୂଚିତ ଜାତି ବିଭାଗ କମିଟି ପକ୍ଷରୁ କେଉଁଝର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ତାଙ୍କ ନିଯୁକ୍ତିକୁ ଭଦ୍ରକ ଜିଲ୍ଲାର ବିଭିନ୍ନ ମହଲରୁ ସ୍ୱାଗତ କରାଯାଇ ଥିବା ବେଳେ ଶ୍ରୀ ଜେନାଙ୍କ ସମର୍ଥକ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏ ନେଇ ଶ୍ରୀ ଜେନା ଓଡିଶା ପିସିସି ସଭାପତି ଭକ୍ତ ଚରଣ ଦାସ, ପିସିସି ଅନୁସୂଚିତ ଜାତି ବିଭାଗ ର ରାଜ୍ୟ ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳ ମୋ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି, ତାହାକୁ ସୁଚାରୁ ରୂପେ ପାଳନ କରିବି ଏବଂ ଦଳକୁ ଶକ୍ତିଶାଳୀ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ଜେନା ଜେନା ଏକ ପ୍ରେସ ବିବୃତ୍ତିରେ କହିଛନ୍ତି।

## ତହସିଲରୁ ପ୍ରମାଣପତ୍ର ନ ପାଇ ଛାତ୍ରଛାତ୍ରୀ ହନ୍ତସନ୍ତ

ଭଦ୍ରକ,୧୫ ।୭ (ସମିସ): ରାଜ୍ୟ ସରକାର ୧ ନମ୍ବର ମାନ୍ୟତା ହାସଲ କରିଥିବା ଭଦ୍ରକ ତହସିଲରେ ଛାତ୍ରଛାତ୍ରୀ ନାମଲେଖା ପାଇଁ ବିଭିନ୍ନ ଜାତିଗତ, ବାସସ୍ଥାନ ଓ ଆୟ ଆଦି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏବେ ନାମଲେଖା ଋତୁ ଚାଲିଥିବା ବେଳେ ସ୍କୁଲ ଓ କଲେଜ ପାଇଁ ଆବଶ୍ୟକ ଥିବା ଜାତିଗତ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର ଏବଂ ଇନକମ୍ ପ୍ରମାଣପତ୍ର ଯାହା ସରକାରୀ ଧାର୍ଯ୍ୟ ସମୟ ୧୫ରୁ ୨୦ ଦିନ ଥିବା ବେଳେ ତାହା ମାସ ମାସ ଧରି ତହସିଲ କାର୍ଯ୍ୟାଳୟରେ ପଡି ରହୁଥିବା ଅଭିଯୋଗ ଫର୍ଦ୍ଦ ଗୁଡିକ ବଢିବାରେ ଲାଗିଛି। ଏନେଇ ପିଲାମାନେ ଆର.ଆଇଙ୍କ ଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ସୁଦ୍ଧା ମିଳିପାରୁନି ପ୍ରମାଣପତ୍ର। ତହସିଲରେ ପହଞ୍ଚିଲେ କିଏ କହୁଛି ତହସିଲଦାର ଛୁଟିରେ ତ ଆଉ କିଏ କହୁଛି ଆଜି କର୍ମଚାରୀ ନାହାନ୍ତି। ଏପରିକି କେହି କେହି ହାତ ଗୁଞ୍ଜା ଦେଲେ କାମ ହେଇ ଯାଉଥିବାବେଳେ ଆଉ କେହି କେହି ସରକାରୀ ଦଳର ଧମକ ଦେଇ କାମ କରିନେଉଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରୁ ତହସିଲ ଅଫିସକୁ ଡିଜିଟାଲ ବ୍ୟବସ୍ଥାରେ ଗଣତି କରାଯାଇଥିଲେ ସୁଦ୍ଧା ଆଜି ବି ବାରମ୍ବାର ତହସିଲ ଅଫିସକୁ ଦୌଡ଼ିବାକୁ ପଡୁଥିବାରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବହୁ ଅଭିଭାବକ ତଥା ଛାତ୍ରଛାତ୍ରୀ। କେବଳ ଜାତିଗତ ପ୍ରମାଣ ପତ୍ର ନୁହେଁ ଜମି ପଟ୍ଟାର ନକଲ ପାଇଁ ସରକାରୀ ଧାର୍ଯ୍ୟ ସମୟ ତିନି ଦିନ ଥିବା ବେଳେ ୩୦ ଦିନରୁ ଅଧିକ ସମୟ ହେବା ପରେ ବି ମିଳିପାରୁନି ପଟାର୍ ନକଲ। ଏ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ୧୭ରେ ଓଡିଶା ବନ୍ଦ ସଫଳ ପାଇଁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ନିବେଦନ

ଭଦ୍ରକ,୧୫ ।୭ (ସମିସ): ବାଲେଶ୍ୱର ଏଫଏମ୍ କଲେଜର ଛାତ୍ରୀଙ୍କ ବ୍ୟବସ୍ଥାକୃତ ହତ୍ୟାରେ ଅଭିଯୁକ୍ତଙ୍କୁ ଦଣ୍ଡ ଓ ବିଚାର ବିଭାଗୀୟ ତଦନ୍ତ ଦାବିରେ ଆସନ୍ତା ୧୭ ତାରିଖରେ ଓଡିଶା ବନ୍ଦକୁ ସଫଳ କରିବାକୁ ଓଡିଶା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯିବା ସହିତ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରାଯାଇଛି । ଏଥିସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଏହା ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟବସ୍ଥାକୃତ ହତ୍ୟା ଓ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ହତ୍ୟା ଦଫା ଲଗାଇ ତୁରନ୍ତ ଶାସ୍ତିପ୍ରଦାନ ସହିତ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଗଣତାନ୍ତ୍ରିକ ମହିଳା ସମିତି ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଜିଲ୍ଲା ସଭାନେତ୍ରୀ ସୁଶୀଳା ମୁଣ୍ଡା ଓ ସମ୍ପାଦିକା ସୁରଜିତା ନାୟକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ସହିଦ୍ ପୀଠରେ ମଦ, ଗଞ୍ଜେଇ, ଡ୍ରଗ୍ସ କାରବାର

ଅସୁରାଳି, ୧୫ ।୭ (ସମିସ)

**କେବେ ପଡ଼ିବ ପ୍ରଶାସନର ଦୃଷ୍ଟି?**

ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଭାରତ ବର୍ଷରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଆଜି ବି ଜୀବନ୍ତ। ଇତିହାସର ବୀରତ୍ୱ ଗାଥା ବହନ କରୁଥିବା ସ୍ମୃତିପୀଠ ପାଲଟିଛି ଏବେ ଅସାମାଜିକ ଲୋକଙ୍କ ଆଡ୍ଡା। ସହିଦ୍ ସ୍ମୃତି ପୀଠ ପାଖରେ ମଦୁଆଙ୍କ ଆଶ୍ରୟ ପାଲଟିଲାଣି। ଦିନ ରାତି କିଛି ନ ମାନି ମଦ ପିଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି। ଏଥିପାଇଁ ଛାତ୍ରଛାତ୍ରୀ ତଥା ସାଧାରଣ ଜନତାଙ୍କ ନିମନ୍ତେ ଗମନାଗମନ ଅସହ୍ୟ ହୋଇ ପଡୁଛି। କେବଳ ସେତିକି ନୁହ; ଧଳା ଜହରର ମଧ ସପ୍ଲାଏ ଚାଲିଛି। ସହିଦ୍ ମାନଙ୍କୁ ସମ୍ମାନ ଦେବା ପ୍ରତି ବଦଳରେ ସହିଦ୍ ପୀଠରେ ଗଞ୍ଜେଇ ଡ୍ରଗସର ଚାଲିଛି ଚୋରା ବେପାର। ସେହି ପାଖାପାଖି ୨୦୦ ମିଟର ପରିଧି ଭିତରେ ସହିଦ୍ ସ୍ମୃତି ଉଚ୍ଚ ମାଧମିକ ବିଦ୍ୟାଳୟ ରହିଛି ପୁଣି ସହିଦ୍ ସ୍ମୃତି ପୀଠ ତା ସାଙ୍ଗକୁ ସହିଦ୍ ନଗରର ମୁଖ୍ୟ ବଜାର ମଧ ରହୁଛି କିନ୍ତୁ ଏହି ଅସାମାଜିକ ମନୋମୁଖୀ କାର୍ଯ୍ୟକୁ ପ୍ରଶାସନର ଦୃଷ୍ଟି ନାହିଁ।

ସୂଚନାଯୋଗ୍ୟ, ଦେଶ ମାତୃକାର ମୁକ୍ତି ପାଇଁ ଅନେକ ସଂଘର୍ଷ ମଧ୍ୟରୁ ଭଦ୍ରକର (ଅବିଭକ୍ତ ବାଲେଶ୍ୱର ଜିଲ୍ଲାର) ଲୁଣିଆଠାରେ ୮୩ବର୍ଷ ତଳେ ଘଟିଥିବା ଗୁଳିକାଣ୍ଡର ସ୍ମୃତି ଏବେବି ତାଜା ହୋଇରହିଛି। ଘଟଣା ବହୁଳ ସ୍ୱାଧୀନତା ସଂଗ୍ରାମରେ ସଂଘଟିତ ଲୋମଟାଙ୍କୁରା ଲୁଣିଆ ଗୁଳିକାଣ୍ଡର ପୃଷ୍ଠଭୂମି ଆଜି ବି ଉଜ୍ଜୀବିତ ହୋଇରହିଛି। ପୁଲିସ ଗୁଳିରେ ଚାହୁଁ ଚାହୁଁ ସେହିଠାରେ ଟଳି ପଡ଼ିଥିଲେ ୯ ଜଣ ସଂଗ୍ରାମୀ। କ୍ଷତାକ୍ତ ହୋଇଥିଲେ ଅନେକ। ଗିରଫ ହେଲେ ସର୍ଦ୍ଦାର ମୁରଲୀ ପଣ୍ଡା। ରାଜୁଆଳିର ନିଧି ମହାଳିକ (୫୫), କୃଷ୍ଣ ମହାଳିକ (୨୮), ଶ୍ୟାମ ମହାଳିକ (୩୫), ଲୁଣିଆର ଅଗଣି ସାହୁ (୫୨), କଟସାହିର ଗୋପୀନାଥ ଯେନା (୨୫), କାଶିମପୁରର ନବକିଶୋର ନାୟକ (୩୨), ଶୁଶୁଆର ଗୌରୀ ଯେନା (୫୦), ପଥରଡ଼ିହର ଚିନ୍ତାମଣି ଦାସ (୫୫) ଓ ଖପରପଦାର ଶଙ୍କର ବେହେରା (୫୦)। ସଂଗ୍ରାମୀଙ୍କ ରକ୍ତରେ ଲେଖା ହେଲା ସ୍ୱାଧୀନତା ଆନ୍ଦୋଳନ। ହେଲେ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ସ୍ଥାନୀୟ ବାସିନ୍ଦା ଏହା ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କର୍ଣ୍ଣପାତ କରାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ଦିନକୁଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଆନ୍ଦୋଳନ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

